# ଦୁଃସାହସିକ ଅଭିଯାନ

କେତେକ ଲୋକ ଅଛନ୍ତି ଯେଉଁମାନେ ଦୁଃସାହସିକ ଜୀବନଯାତ୍ରାକୁ ଭଲ ପାଆନ୍ତି । ସେଇମାନଙ୍କୁହିଁ ମୁଁ ଡାକୁଛି ଏବଂ କହୁଛି – ''ଦେଖ ! ଏହି ଦୁଃସାହସିକ ଜୀବନଯାତ୍ରା ପାଇଁ ମୁଁ ତୁମ୍ଭମାନଙ୍କୁ ନିମନ୍ତ୍ରଣ କଲି'' ।

ଆମ ପୂର୍ବରୁ ଅନ୍ୟମାନେ ଯାହାସବୁ ଆଧାତ୍ମିକ କାର୍ଯ୍ୟ କରି ଯାଇଛନ୍ତି ତାହାକୁ ପୁନରାବୃତ୍ତି କରିବାର ପ୍ରଶ୍ନ ଏଠି ଉଠୁ ନାହିଁ, କାରଣ ଆମର ଆଧାତ୍ମିକ ଅଭିଯାନ ତା'ପରଠାରୁ ଆରମ୍ଭ । ଏହା ଏକ ନୂତନ ସର୍ଜନାର ପ୍ରଶ୍ନ, ସଂପୂର୍ଣ୍ଣ ନୂତନ । ଏଥିରେ ଅନେକ ଅଦୃଷ୍ଟପୂର୍ବ ଘଟନା ଆସିପାରେ, ଅନେକ ଆପଦ ବିପଦ ଆସିପାରେ, ବହୁକଷ୍ଟ ଭୋଗିବାକୁ ପଡ଼ିପାରେ – ଯାହାକୁ କୁହାଯାଏ **ବାସ୍ତବ ଦୁଃସାହସିକ ଅଭିଯାନ,** ଯାହାର ଲକ୍ଷ୍ୟ ହେଉଛି ନିଶ୍ଚିତ ବିଜୟ । କିନ୍ତୁ ସେଠାକୁ ଯିବାକୁ ବାଟ ଆମକୁ ଜଣା ନାହିଁ । ସେହି ଅଜଣା ରାଜ୍ୟକୁ ବାଟ ଖୋଜି ଖୋଜି ସୋପାନ ପରେ ସୋପାନ ଅଗ୍ରସର ହେବାକୁ ହେବ । ଆମେ ଏପରି କିଛି କରିବାକୁ ଚାହୁଁଛୁ, ଯାହା ଏହି ଉପସ୍ଥିତ ବିଶ୍ୱରେ ଆଗରୁ କେବେ କରାଯାଇ ନାହିଁ ଏବଂ ଏହାପରେ ମଧ୍ୟ ଏହି ଭାବରେ ହେବ ନାହିଁ । ଯଦି ଏହା ତୁମକୁ ଭଲ ଲାଗେ ... ତେବେ ଠିକ୍ ଅଛି, ଆମ ସଙ୍ଗେ ଏକାଠି ଚାଲ । ଆସନ୍ତା କାଲି ତୁମର କ'ଣ ହେବ – ମୋର କିଛି ଧାରଣା ନାହିଁ ।

ଆଗରୁ ଯାହାସବୁ ଦେଖା ଯାଇଛି, ଆଗରୁ ଯେଉଁସବୁ ଉପାୟ ବାହାର କରାଯାଇଛି, ଆଗରୁ ଯାହାସବୁ ଗଠନ କରାଯାଇଛି, ସେସବୁକୁ ପଛକୁ ପକାଇଦିଅ, ତା'ପରେ... ସେଇ ଅଜଣା ରାଜ୍ୟକୁ ଯାତ୍ରା ଆରମ୍ଭ କରିଦିଅ ଏବଂ– ଯାହାକିଛି ଘଟିବାର ଘଟୁ ! ବାସ୍ – ଏହାହିଁ ।

# ସବୁଠାରୁ ବଳି ମହତ୍ତମ ଦୁଃସାହସିକ ଅଭିଯାନ

ଜୀବନରେ ଏପରି ମୁହୂର୍ତ୍ତ ଆସେ, ଯେତେବେଳେ ଜୀବନ ଯେଉଁ ଅବସ୍ଥାରେ ଅଛି ମାନବୀୟ ଚେତନା ଯେଉଁ ସ୍ତରରେ ଅଛି, ତାକୁ ଆଉ ସହ୍ୟ କରିବା ଏକାନ୍ତ ଅସମ୍ଭବ ହୋଇପଡ଼େ । ଏହା ଏକପ୍ରକାର ବିରକ୍ତି ଓ ଅସ୍ୱସ୍ତି ସୃଷ୍ଟିକରେ; ଭିତରେ କିଏ କହେ ''ନା, ଏହା ତାହା ନୁହେଁ, ଏହା ତାହା ନୁହେଁ, ଏହା ସେଇୟା ହୋଇ ପାରିବ ନାହିଁ, ଏହା ଆଉ ଚଳିବ ନାହିଁ ।'' ବାସ୍, ଯେତେବେଳେ ତୁମେ ଏହି ଅବସ୍ଥାକୁ ଆସ ସେତେବେଳେ ତୁମ ଆଗରେ ରହିଛି ଗୋଟିଏ ମାତ୍ର କାର୍ଯ୍ୟ, ତା' ହେଲା, ଯଦି ଚାହଁ ତୁମର **ସବୁକିଛିକୁ** , ତୁମର ସମସ୍ତ ପ୍ରଚେଷ୍ଟା,ତୁମର ସକଳ ଶକ୍ତି, ତୁମର ସମଗ୍ର ଜୀବନ ଓ ତୁମର ସଂପୂର୍ଣ୍ଣ ସତ୍ତାକୁ ଏହି ସମ୍ଭାବନା ଭିତରକୁ ନିକ୍ଷେପ କରିଦିଅ, ଏହି ଅସାମାନ୍ୟ ପରିସ୍ଥିତିର ସୁଯୋଗ ନିଅ ଯାହାକି ତୁମକୁ ଦିଆଯାଇଛି ଜୀବନର ଗତାନୁଗତିକ ଏହି ପାର୍ଶ୍ୱ ଅତିକ୍ରମକରି ଅପର ପାର୍ଶ୍ୱରେ ପହଞ୍ଚିବା ପାଇଁ । ଜୀବନର ନୂତନ ପଥରେ ପାଦ ଦେବା ମାତ୍ରେ ତୁମେ ନିଜକୁ କେତେ ଭାରମୁକ୍ତ ମନେ ନ କରିବ, ତୁମର ମନେ ହେବ ଏଇ ନୂତନ ରାସ୍ତା ମୋତେ ନିଶ୍ଚୟ ଆଉ କେଉଁଠିକି ନେଇଯିବ ! ଏଇ ବାଟରେ ଗଲାବେଳେ ତୁମକୁ ଅନେକ ବୋଝ ପଛରେ ଫିଙ୍ଗିଦେଇ ଆସିବାକୁ ହେବ ଏବଂ ନୂତନ ଜୀବନର ସମ୍ମୁଖୀନ ହେବା ଲାଗି ତୁମକୁ ଅନେକ ଜିନିଷରୁ ମୁକ୍ତ ହେବାକୁ ହେବ ଏବଂ ଏଥିପାଇଁ ଯେଉଁ କଷ୍ଟ ଆସିବ ତାକୁ ତୁମେ ଆଗ୍ରହର ସହିତ ବରଣ କରିନେଇ ପାରିବ । ମୁଁ ସମସ୍ୟାଟିକୁ ଏହିପରି ଭାବେ ଦେଖେ ।

ପ୍ରକୃତରେ ସବୁ ଦୁଃସାହସିକ ଅଭିଯାନ ଭିତରେ ଏହାହିଁ ସବୁଠାରୁ ସମୁନ୍ନତ ଅଭିଯାନ । ଯଦି ତୁମ ଭିତରେ ଏଇଭଳି ଅଭିଯାନ ଲାଗି ସାମାନ୍ୟତମ ଯଥାର୍ଥ ଉତ୍ସାହ ରହିଛି, ତାହାହେଲେ ତୁମେ ଏହି ଅଭିଯାନର ସମସ୍ତ ଆପଦ-ବିପଦକୁ ଗ୍ରହଣ କରି ଅଗ୍ରସର ହୁଅ ।

# ଚରମ ସିଦ୍ଧାନ୍ତ ପାଇଁ ଏକ ଛକ ଜାଗା

ଆଉଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ, ନିଷ୍ପତ୍ତିମୂଳକ ଏକ ନୂତନ ମୋଡ଼ରେ ଆସି ପହଞ୍ଚିଛୁ । ଏହା ହେଉଛି ଏକ ସିଦ୍ଧାନ୍ତ ନେବାର ସମୟ । ଚାରିଆଡୁ ମୋତେ ପ୍ରଶ୍ନ କରାଯାଉଛି, ''ଏହାପରେ କ'ଣ ଘଟିବ'' । ଚାରିଆଡ଼େ ଦୁଃସହ କ୍ଷୋଭ, ନାନା ଅସ୍ଥିର ପ୍ରତ୍ୟାଶା ଓ ଆଶଙ୍କା । ସବୁଆଡ଼େ ସେଇ ଗୋଟିଏ ପ୍ରଶ୍ନ – ''କ'ଣ ଘଟିବାକୁ ଯାଉଛି''...? ସେଥିପାଇଁ କେବଳ ଗୋଟିଏ ଉତ୍ତର – ''ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତି ଦେଇପାରନ୍ତା ।''

ମୋର ମନେ ହୁଏ ଏହି ସମୟରେ ଯଦି କେତେକ ବ୍ୟକ୍ତି ଖାଣ୍ଟି ସୁନା ହୋଇପାରନ୍ତେ, କାରଣ, ଏହାହିଁ ଘଟନାଗୁଡ଼ିକର ଗତିପରିବର୍ତ୍ତନ କରିବାରେ ଯଥେଷ୍ଟ ହୁଅନ୍ତା ... ଖୁବ୍ ଜରୁରୀ ଭାବେ ଆମେ ଏହି ଆବଶ୍ୟକତାର ସମ୍ମୁଖୀନ ହୋଇ ପଡ଼ିଛୁ ।

ଏଇ ସାହସ, ଏଇ ବୀରତ୍ୱ ପ୍ରଭୁ ଆମଠାରୁ ଆଶା କରନ୍ତି । ନିଜର ଅସୁବିଧାଗୁଡ଼ିକ ସହିତ ସଂଗ୍ରାମ କରିବା ପାଇଁ, ନିଜର ଅସଂପୂର୍ଣ୍ଣତା ଓ ଅସ୍ୱଚ୍ଛତା ସହିତ ସଂଗ୍ରାମ କରିବା ପାଇଁ ତୁମେ କାହିଁକି ଏହାକୁ ବ୍ୟବହାର ନ କରିବ ? ତୁମେ କାହିଁକି ବୀରତ୍ୱର ସହ ଆନ୍ତର ଶୁଦ୍ଧି ରୂପକ ଅଗ୍ନିକୁଣ୍ଡର ସମ୍ମୁଖୀନ ହେଉ ନାହଁ, ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ, ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି, ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ, ପୁଣିଥରେ ସେଇ ଭୟଙ୍କର ଧ୍ୱଂସ ମଧ୍ୟଦେଇ ଯିବାର ଆବଶ୍ୟକତା ରହନ୍ତା ନାହିଁ ।

ଆମ ଆଗରେ ଏହାହିଁ ସମସ୍ୟା । ପ୍ରତ୍ୟେକଙ୍କୁ ନିଜ ନିଜ ବାଟରେ ଏହି ସମସ୍ୟାର ସମାଧାନ କରିବାକୁ ହେବ ।

# ଏକ ଅସାଧାରଣ ମୁହୂର୍ତ୍ତ

ଲୋକମାନେ ଶୋଇଥା'ନ୍ତି, ସେମାନେ ଭୁଲିଯାଇଥା'ନ୍ତି, ସେମାନେ ଜୀବନକୁ ନିଅନ୍ତି ଖୁବ୍ ସହଜ ଭାବରେ – ଅସଲ କଥାଟିକୁ କିନ୍ତୁ ଭୁଲିଯାଇଥା'ନ୍ତି, ସବୁବେଳେହିଁ ଭୁଲିଯାଇଥା'ନ୍ତି ... କିନ୍ତୁ ଆମେ ଯଦି ମନେ ରଖନ୍ତେ ... ଯେ ଆମେ ଏକ ଅସାଧାରଣ ମୁହୂର୍ତ୍ତରେ ରହିଛେ, ଏକ **ଅଦ୍ୱିତୀୟ** ମୁହୂର୍ତ୍ତ ବୋଲି କହିପାର, ତାହାହେଲେ – ଆମର ଏଇଟା ପରମ ସୌଭାଗ୍ୟ ଯେ, ପୃଥିବୀର ନବଜନ୍ମ ହେବା ମୁହୂର୍ତ୍ତରେହିଁ ଉପସ୍ଥିତ ରହିବାର ଏହି ଅମୂଲ୍ୟ ସୁଯୋଗ ଆମ୍ଭମାନଙ୍କୁ ମିଳିଛି, ଆମ ଅଗ୍ରଗତିରେ ଯାହାକିଛି ବାଧା ଦେଉଛି ବା ରୋକୁଛି, ସେସବୁକୁ ଆମେ ଦୂର କରିବା ପାଇଁ ନିଶ୍ଚୟ ଚେଷ୍ଟା କରନ୍ତେ ।

ତେଣୁ, ମନେହୁଏ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, **ଏଇ** କଥାଟିକୁ ମନେ ରଖିବା; ଏହା ଉପରେ ନିଶ୍ଚିତ ହେବା ପାଇଁ ତଥା ଏହା ବିଶ୍ୱାସ କରିବା ପାଇଁ ଏପରିକି ଯେତେବେଳେ ଏ ସଂପର୍କରେ ତୁମର କିଛି ବାସ୍ତବ ଅନୁଭୂତି ଆସି ନାହିଁ ସେତେବେଳେ ମଧ୍ୟ ତୁମକୁ ଏହାର ନିଶ୍ଚିତତା ସଂପର୍କରେ ନିଃସନ୍ଦେହ ହେବାକୁ ହେବ, ଏହା ଉପରେ ନିର୍ଭର ବିଶ୍ୱାସ ରଖିବାକୁ ହେବ । ତଥାପି ତୁମେ ଏଇ କଥାଟି ସବୁବେଳେ ସ୍ମରଣରେ ରଖିପାର, ନିରନ୍ତର ତୁମ ମନ ଭିତରକୁ ଏହା ଆହ୍ୱାନ କରିପାର, ଏଇ ଧାରଣାକୁ ନେଇ ଶୋଇବାକୁ ଯାଇପାର ଏବଂ ଏଇ ଅବବୋଧକୁ ନେଇ ନିଦରୁ ଉଠିପାର । ଆଉ ମଧ୍ୟ ଏଇ ମହାନ୍ ସତ୍ୟକୁ ପୃଷ୍ଠଭୂମିରେ ରଖି, ଏବଂ ଏହାରି ଉପରେହିଁ ପୂର୍ଣ୍ଣ ନିର୍ଭର କରି ତୁମେ ସବୁକିଛି କାର୍ଯ୍ୟ କରିପାର । ତୁମ ଚିତ୍ତରେ ଏହି ମହାନ୍ ସତ୍ୟଟି ନିରନ୍ତର ଉଦ୍‌ଭାସିତ ରହୁ ଯେ, ଏକ ନୂତନ ବିଶ୍ୱର ଜନ୍ମ ଘଟନାଟିକୁ ତୁମେ ପ୍ରତ୍ୟକ୍ଷ କରୁଛ ।

ଆମେ ଏଥିରେ ଅଂଶଗ୍ରହଣ କରିପାରୁ, ଏବଂ ଆମେ ନିଜେହିଁ ଏହି ନୂତନ ବିଶ୍ୱ ହୋଇପାରୁ । ସତକଥା କହିବାକୁ ଗଲେ, ତୁମେ ଯେତେବେଳେ ଏଇ ଚମତ୍କାର ସୁଯୋଗଟି ପାଇଛ, ଏଇ ସୁଯୋଗର ସଦ୍‌ବ୍ୟବହାର କରିବାକୁ ତୁମେ ସବୁକିଛି ତ୍ୟାଗ କରିବା ପାଇଁ ପ୍ରସ୍ତୁତ ରହିବା ଉଚିତ ।

# ଆମେ ଏଠାରେ ଶିଖିବାକୁ ଅଛୁ

ମୁଖ୍ୟତଃ ଆମର ବଞ୍ଚିବାର ଗୋଟିଏ ମାତ୍ର କାରଣ ହେଲା— ଆମେ ନିଜକୁ ଜାଣିବା । ଆମେ କ'ଣ, ତାହାହିଁ ଆମକୁ ଜାଣିବାକୁ ହେବ, ଆଉ ମଧ୍ୟ ଆମେ କାହିଁକି ଏଠାକୁ ଆସିଛୁ, ଓ ଆମର କ'ଣ କରିବାର ଅଛି ତାହା ମଧ୍ୟ ଜାଣିବା ଉଚିତ । ଏବଂ ଆମେ ଯଦି ତାହା ଜାଣି ନାହୁଁ, ତାହାହେଲେ ଆମ ଜୀବନ ଆମ ପାଇଁ ଓ ଅନ୍ୟମାନଙ୍କ ପାଇଁ ସଂପୂର୍ଣ୍ଣ ନିରର୍ଥକ ।

ତେଣୁ ସାଧାରଣତଃ ଏ ଶିଖିବା କାମ ଆମକୁ ମୂଳରୁ ଆରମ୍ଭ କରିଦେବାକୁ ହେବ, କାରଣ ବହୁତ କଥା ଶିଖିବାର ଅଛି । ଯଦି ଜଣେ ଜୀବନ କ'ଣ, ଏ ବିଶ୍ୱ କ'ଣ, ଏବଂ ଏ ସମ୍ବନ୍ଧରେ କାହିଁକି ଓ କିପରି ସବୁକଥା ଜାଣିବାକୁ ଚାହେଁ, ତେବେ ଜଣକୁ ଜୀବନର ଆରମ୍ଭରୁହିଁ ସେସବୁ କଥା ଆରମ୍ଭ କରିଦେବାକୁ ହେବ । ଏପରିକି ଗୋଟିଏ ପିଲାକୁ ପାଞ୍ଚବର୍ଷ ହେବା ପୂର୍ବରୁ ଏସବୁ ଶିକ୍ଷା ଆରମ୍ଭ କରିଦେବାକୁ ପଡ଼ିବ, ଏବଂ ଜଣକୁ ଯେତେବେଳେ ଶହେବର୍ଷ ହେବ ସେତେବେଳେ ମଧ୍ୟ ତାକୁ ଏସବୁ କଥା ଶିଖିବାକୁ ପଡ଼ିବ । ତେଣୁ ଏ ବ୍ୟାପାରଟି ବଡ଼ ଆଗ୍ରହଦାୟକ । ଏହା ଫଳରେ ତୁମେ ତୁମ ଜୀବନଯାକ ଜୀବନର ଆଶ୍ଚର୍ଯ୍ୟ ବିଷୟଗୁଡ଼ିକୁ ଭେଟି ଚାଲୁଥିବ – ବହୁତ ଅଜଣାକଥା ଜାଣି ଚାଲିଥିବ, ବହୁ ଅଜଣା ଅଭିଜ୍ଞତା ଲାଭ କରି ଚାଲିଥିବ ଏବଂ ଏପରି କିଛି ଲାଭ କରିବ ଯାହା ବିଷୟରେ ତୁମେ ପୂର୍ବେ ଅଜ୍ଞ ଥିଲ । ପ୍ରକୃତରେ ଏହା ଖୁବ୍ ଆମୋଦ-ଦାୟକ। ତୁମେ ଯେତିକି ଯେତିକି ଜାଣୁଥିବ, ସେତିକି ତୁମର ମନେ ହେଉଥିବ ଯେ, ତୁମ ପାଇଁ ସବୁକଥା ଜାଣିବାକୁ ରହିଛି। ସତକଥା କହିବାକୁ ଗଲେ, କେବଳ ବୋକାମାନେହିଁ ବିଶ୍ୱାସ କରନ୍ତି ଯେ, ସେମାନେ ସବୁ ଜାଣନ୍ତି । ଜଣକୁ ନିର୍ବୋଧ ବୋଲି ତୁମେ କେତେବେଳେ କହିବ ନା ଯେତେବେଳେ ସେ ତୁମକୁ ଆସି କହିବ ଯେ, ''ଆଃ, ସେସବୁ କଥା ମୋତେ ସଂପୂର୍ଣ୍ଣ ଜଣାଅଛି, ଆଃ – ସେସବୁ ମୁଁ ସଂପୂର୍ଣ୍ଣ ଭାବେ ଜାଣେ ।''

ଏ ଲୋକଟିକୁ ଦେଖି ତୁମେ ଜାଣିବ ଯେ, ତା'ର ଆଉ ବଢ଼ିବାର ଆଶା ନାହିଁ ।

# ଅଲୌକିକତାର ସ୍ୱପ୍ନ

ଜଣେ ଯେତେବେଳେ ପିଲାଥାଏ, ସେତେବେଳେ ସେ ଅଲୌକିକତାର ସ୍ୱପ୍ନ ଦେଖୁଥାଏ । ସେତେବେଳେ ସେ ଇଚ୍ଛା କରୁଥାଏ ଯେ ସବୁ ଖରାପ କଥା କିପରି ଲୋପ ପାଇବ, ସବୁ ଜିନିଷ କିପରି ଆଲୁଅ ଝଲମଲ ସୁନ୍ଦର ଆଉ ସୁଖକର ହେବ । ପିଲାଟିଏ ଏପରି ଗପ ଶୁଣିବାକୁ ଚାହେଁ, ଯାହାର ଶେଷ ପରିଣତି ବେଶ୍ ସୁଖକର ହୋଇଥାଏ ... । ପିଲାଙ୍କୁ ଏଇ କଥା ଶିକ୍ଷା ଦିଆଯିବା ଉଚିତ – ''ହଁ, ଏଇ କଥାହିଁ ତୁମେମାନେ ଜୀବନରେ ଉପଲବ୍ଧି ପାଇଁ ଚେଷ୍ଟାକର । ସବୁକଥା ସମ୍ଭବ । ଏହା ଖାଲି ସମ୍ଭବ ନୁହେଁ, **ନିଶ୍ଚିତ** ବି, ଯଦି ତୁମେ ତୁମ ଭିତରେ ଥିବା ସେହି ଅଂଶଟି ସହ ସଂପର୍କରେ ଆସ ଯାହା ଏସବୁ କରିବା ପାଇଁ ସମର୍ଥ । ଏହାହିଁ ତୁମ ଜୀବନର ପଥପ୍ରଦର୍ଶକ ହେବା ଉଚିତ । ଏହାକୁହିଁ ତୁମେ ସଂଗଠିତ କର । ସେହି ସତ୍ୟମୟ ବାସ୍ତବତା ଦିଗରେ ନିଜକୁ ବିକଶିତ କରାଅ ସାଧାରଣ ପୃଥିବୀ ଯାହାକୁ ଭ୍ରମମୟ ପ୍ରହେଳିକା ବୋଲି କହେ ।

ପିଲାଟିଏ ଯେତେବେଳେ ଉତ୍ସାହରେ ଉତୁରି ଉଠୁଛି, ତା' ଉପରେ ଆଦୌ ଥଣ୍ଡାପାଣି ପକାଅ ନାହିଁ । କେବେ ତାକୁ କୁହ ନାହିଁ,– ''ହେ ପିଲା ! ତୁମେ ଜାଣ, ପ୍ରକୃତ-ଜୀବନ ସେପରି ନୁହେଁ !'' ତୁମେ ତାକୁ ଉତ୍ସାହ ଦିଅ, ତାକୁ କୁହ ''ହଁରେ ବାବୁ ! ବର୍ତ୍ତମାନ ଅବଶ୍ୟ ସବୁକଥା ସେଇ ବାଗରେ ଚାଲୁ ନାହିଁ । ସବୁକଥା ମନେ ହେଉଛି କୁତ୍ସିତ । କିନ୍ତୁ ଏହି କୁତ୍ସିତ ଓ ଖରାପ କଥା ପଛରେ ଗୋଟିଏ ସୌନ୍ଦର୍ଯ୍ୟ ଲୁଚି ରହିଛି ଏବଂ ତାହା ପ୍ରକାଶିତ ହେବାକୁ ଚେଷ୍ଟା କରୁଛି, ତୁମକୁ ଏକଥା ଭଲ ଲାଗିବା ଉଚିତ । ଏହି କଥାକୁହିଁ ତୁମେ ତୁମ ଆଡ଼କୁ ଆକର୍ଷଣ କରିବା ଉଚିତ । ଏହାହିଁ ତୁମ ସ୍ୱପ୍ନ ଓ ଆକାଙ୍‌କ୍ଷାର ବିଷୟବସ୍ତୁ ହେବା ଉଚିତ ।

## ବହୁ କଷ୍ଟକର କଳା

ତୁମେ ଯେତେବେଳେ ପିଲା ହୋଇଥିଲ, ସେତେବେଳେ ତୁମ ବାପା, ମା କିଂବା ତୁମ ଅଭିଭାବକମାନେ, ତୁମେ ଗୋଟିଏ କାର୍ଯ୍ୟ କଲାବେଳେ ତାହା କିପରି କରିବାକୁ ହେବ ଏବଂ କିପରି ସୁଚାରୁରୂପେ କରିବାକୁ ହେବ, କିପରି ଠିକ୍ ବାଟରେ କରିବାକୁ ହେବ, ସେକଥା ସେମାନେ କଷ୍ଟ ସ୍ୱୀକାର କରି ଶିଖାଉ ଥିଲେ । ସେମାନେ ମଧ୍ୟ ତୁମେ କିପରି ଭୁଲଭାଲ୍ ନ କରିବ, ସେକଥା ଶିଖାଉ ଥିଲେ । ଏବଂ ଅଧିକାଂଶ କ୍ଷେତ୍ରରେ ତୁମେ ଯେ କେବଳ ଭୁଲସବୁ କର ତା' ନୁହେଁ, କିନ୍ତୁ ତୁମର ଭୁଲ କଥାଟି କେହି କହି ଦିଏ ନାହିଁ । ତେଣୁ ତୁମେ ରୋଗରେ ପଡ଼ିଗଲେ ବା କ୍ଳାନ୍ତ ହୋଇ ପଡ଼ିଲେ ଆଶ୍ଚର୍ଯ୍ୟ ହୋଇଯାଅ । ତୁମର କ'ଣ କରିବାକୁ ହେବ, ତାହା ତୁମେ ଜାଣ ନାହିଁ । ସେକଥା ମଧ୍ୟ ତୁମକୁ ଶିଖାଯାଇ ନ ଥାଏ । କେତେକ ପିଲାଙ୍କୁ ଜମା କିଛି ଶିଖାଯାଇ ନ ଥାଏ, ତେଣୁ ସେମାନେ ଅତି ସରଳ ଓ ସହଜ କଥା ଶିଖିବା ପାଇଁ ବର୍ଷ ବର୍ଷ ସମୟ ନେଇଥା'ନ୍ତି, ଏପରିକି ସବୁଠାରୁ ମୌଳିକ କଥାଟିଏ – କିପରି ପରିଷ୍କାର ରହିବାକୁ ହେବ... ।

ଠିକ୍ ବାଟରେ ବଞ୍ଚିବା ଗୋଟିଏ କଷ୍ଟକର କଳା । ପିଲାବେଳୁ ଏହି କଥାଟିକୁ ଶିଖିବାକୁ ଆରମ୍ଭ ନ କଲେ କିଂବା ଏଥିପାଇଁ ପ୍ରୟାସ ନ କଲେ, ଜଣେ ଏହାକୁ ଭଲଭାବେ କେବେ ଜାଣିପାରିବ ନାହିଁ । ଅତିସରଳ କଥା କେତୋଟି – ନିଜ ସ୍ୱାସ୍ଥ୍ୟଟିକୁ ଭଲରେ ରଖିବା ଏବଂ ହୃଦୟଟିକୁ ସଦିଚ୍ଛାପୂର୍ଣ୍ଣ କରି ରଖିବା – ଏହି କେତୋଟି କଥା, ଯାହାକି ସୁନ୍ଦର ଭାବେ ଜୀବନ ବଞ୍ଚିବାକୁ ସାହାଯ୍ୟ କରେ । ମୁଁ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଭାବେ ବଞ୍ଚିବା କଥା କହୁ ନାହିଁ, କି ଉଲ୍ଲେଖଯୋଗ୍ୟ ଭାବେ ବଞ୍ଚିବା କଥା କହୁ ନାହିଁ, ମୁଁ କେବଳ ସୁନ୍ଦର ଭାବେ ବଞ୍ଚିବା କଥାହିଁ କହୁଛି ।

## ଶିକ୍ଷା-ଆବଶ୍ୟକ

ଯଦି ଗୋଟିଏ ପିଲାକୁ କିପରି ବଞ୍ଚିବାକୁ ହେବ, ଶିଖାଇ ଦିଆ ନ ଯାଏ, ତାହାହେଲେ ସେ ବଞ୍ଚିପାରିବ ନାହିଁ ଏବଂ ସେ ମଧ୍ୟ କିଛି ବୋଲି କାର୍ଯ୍ୟ କିପରି କରିବାକୁ ହୁଏ ଜାଣି ପାରିବ ନାହିଁ ... ଏପରିକି ଅତି ସାଧାରଣ ଜିନିଷସବୁକୁ ସେ ଠିକ୍ ଭାବେ କରିପାରିବ ନାହିଁ, ଯଦି ତାହାକୁ ତାହା ଠିକ୍ ଭାବରେ ଶିଖାଇ ଦିଆ ନ ଯାଏ ... । ଯଦି ପ୍ରତ୍ୟେକ ଲୋକକୁ ତା'ର ବ୍ୟକ୍ତିତ୍ୱ ତିଆରି ହେବା ପାଇଁ ଯେତେ ଅଭିଜ୍ଞତା ଆବଶ୍ୟକ, ସେହିସବୁ ଅଭିଜ୍ଞତା ଭିତର ଦେଇ ଯିବାକୁ ପଡ଼େ ତାହାହେଲେ – ସେ ବଞ୍ଚିବାକୁ ଆରମ୍ଭ କରିବା ପୂର୍ବରୁ ମରି ସାରିଥିବ । ମଣିଷଜାତିର ଏହି ସୁବିଧା ଅଛି ଯେ, ତା' ଆଗରେ ଶତାବ୍ଦୀ ଶତାବ୍ଦୀ ଧରି ଅର୍ଜିତ ହୋଇଥିବା ମାନବୀୟ ଅଭିଜ୍ଞତାମାନ ରହିଛି, ସେହିସବୁ ଅଭିଜ୍ଞତାକୁ ଆଣି ଆମେ ପିଲାଙ୍କୁ କହିବା – ''ଦେଖ, ତୁମେ ଯଦି ଶୀଘ୍ର ଗତି କରିବାକୁ ଚାହଁ ଏବଂ ଶତାବ୍ଦୀ ଶତାବ୍ଦୀର ଜ୍ଞାନକୁ ଯଦି କେତୋଟି ବର୍ଷ ଭିତରେ ପାଇବାକୁ ଚାହଁ, ତେବେ ଏହାହିଁ କର !'' ପଢ଼, ଶିକ୍ଷାକର, ଅନୁଶୀଳନ କର, ତା'ପରେ ବାସ୍ତବ କ୍ଷେତ୍ରରେ ତୁମକୁ ଶିକ୍ଷା ଦିଆଯିବ କେଉଁ କାର୍ଯ୍ୟକୁ କେଉଁ ବାଟରେ କରିବାକୁ ହେବ । ଏହି କାର୍ଯ୍ୟଟିକୁ ତୁମେ ଏହି ବାଟରେ କରିବ, ଆଉ ମଧ୍ୟ ସେଇଟାକୁ ସେଇ ବାଟରେ କରିବ (ମା ଅଙ୍ଗଭଙ୍ଗୀ କରି ବୁଝାଇଲେ) । ତୁମେ ଯେତେବେଳେ କିଛି ଜାଣିବ, ସେତେବେଳେ ତୁମେ ତୁମ ନିଜ ବାଟଟି ମଧ୍ୟ ପାଇପାରିବ, ଅବଶ୍ୟ ସେଥିପାଇଁ ଯଦି ତୁମର ପ୍ରତିଭା ଥାଏ ! କିନ୍ତୁ ପ୍ରଥମେ ଜଣକୁ ଆଗ ନିଜ ଗୋଡ଼ରେ ଠିଆ ହେବାକୁ ହେବ, ଏବଂ କିପରି ଚାଲିବାକୁ ହେବ ଜାଣିବାକୁ ପଡ଼ିବ । ସବୁକଥା ଏକୁଟିଆ ଏକା ଏକା ଜାଣିବା କଷ୍ଟକର । ମୁଁ ଯାହା କହୁଛି ଏହା ସମସ୍ତଙ୍କ ପାଇଁ । ତୁମର ଆଗ ନିଜକୁ ଗଠନ କରିବା ଉଚିତ । ସେଥିପାଇଁ ସବୁକଥା ଶିଖିବା ଦରକାର ।

# ଶିକ୍ଷା

ସାଧାରଣତଃ ସବୁ ପ୍ରକାର ଶିକ୍ଷା, ସବୁ ପ୍ରକାର ସଂସ୍କୃତି ଏବଂ ସତ୍ତାର ଓ ଇନ୍ଦ୍ରିୟମାନଙ୍କର ସବୁ ପ୍ରକାର ସୁରୁଚିସଂପନ୍ନତା ପ୍ରଭୃତି ମଣିଷର ପ୍ରବୃତ୍ତି, କାମନା ଓ ପ୍ରବେଗଗୁଡ଼ିକୁ ନିରାମୟ କରିବା ଦିଗରେ ସବୁଠାରୁ ବେଶୀ ସାହାଯ୍ୟ କରିଥାଏ । ଏହିସବୁ ବିଷୟକୁ ପରିହାର କଲେ ଆମେ ସେମାନଙ୍କୁ ନିରାମୟ କରିପାରିବା ନାହିଁ । ତା' ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ପରିଶୀଳିତ କରୁ, ବୁଦ୍ଧି ଓ ବିବେକ ଦ୍ୱାରା ସେଗୁଡ଼ିକୁ ବୁଦ୍ଧିମନ୍ତ କରୁ ଏବଂ ସେଗୁଡ଼ିକୁ ମାର୍ଜିତ କରୁ, ତାହାହେଲେ ତାହାହିଁ ହେବ ସେମାନଙ୍କ ଉପଦ୍ରବରୁ ରକ୍ଷା ପାଇବାର ନିଶ୍ଚିତ ଉପାୟ । ପ୍ରଗତି ଓ ବିକାଶ କ୍ଷେତ୍ରରେ ସମ୍ଭାବନାମୟ ସୁଯୋଗ ସୃଷ୍ଟି କରିପାରିବା, ଏକ ସଂଗତିପୂର୍ଣ୍ଣ ଭାବନା ଅର୍ଜନ କରିବା ଓ ଦୃଷ୍ଟି ଓ ଦର୍ଶନରେ ସଠିକତା ଆଣିବା ହେଲା ବ୍ୟକ୍ତିଗତ ଶିକ୍ଷା ଓ ସଂସ୍କୃତିର ଅଂଶ ... ।

ଏକ ଉଚ୍ଚତର ବିକାଶ ଲାଗି ଶିକ୍ଷା ହେଉଛି ଆମ ଚେତନାକୁ ପ୍ରସ୍ତୁତ କରିବାରେ ଅନ୍ୟତମ ଶ୍ରେଷ୍ଠ ଉପାୟ । ଏପରି ଲୋକ ଅଛନ୍ତି, ଯେଉଁମାନେ ଖୁବ୍ ଅମାର୍ଜିତ ଏବଂ ବୁଦ୍ଧିହୀନ ସରଳ ପ୍ରକୃତିର, ସେମାନଙ୍କ ଭିତରେ ଖୁବ୍ ମହାନ୍ ଅଭୀପ୍ସା ଥାଇପାରେ, ସେମାନଙ୍କର ମଧ୍ୟ କିଛି ଆଧ୍ୟାତ୍ମିକ ଉତ୍ଥାନ ଘଟି ଯାଇପାରେ, କିନ୍ତୁ ସେମାନଙ୍କର ଭିତ୍ତି-ଭୂମିଟି ସବୁବେଳେ ନିମ୍ନମାନର ହୋଇ ରହିଥିବ ଏବଂ ସେମାନେ ଯେତେବେଳେ ସେମାନଙ୍କର ସାଧାରଣ ଚେତନା ଭିତରକୁ ଫେରିଆସନ୍ତି, ସେତିକିବେଳେହିଁ ସେମାନେ ବାଧାବିଘ୍ନର ସମ୍ମୁଖୀନ ହୁଅନ୍ତି କାରଣ ଉପାଦାନଟି ଭାରି ଦୁର୍ବଳ ଥାଏ, ସେମାନଙ୍କର ଦେହ ଓ ପ୍ରାଣର ଚେତନାରେ ଯଥେଷ୍ଟ ଉପାଦାନ ନ ଥାଏ, ଯାହା ଦ୍ୱାରାକି ସେମାନେ ସେମାନଙ୍କ ଭିତରେ ଏକ ଉଚ୍ଚତର ଶକ୍ତିର ଅବତରଣ କରିବାଟାକୁ ସହ୍ୟ କରିପାରିବେ ।

# ବିଚାର ବୁଦ୍ଧିର ସାହାଯ୍ୟରେ ନିଜକୁ ସଂଗଠିତ କର

ଉଚ୍ଚତର ଉପଲବ୍ଧି ଆଡ଼କୁ ଅଗ୍ରସର ହେବା ପଥରେ ଯଦି ତୁମେ ନିରାପଦରେ, ନିର୍ଭୟରେ ଗତି କରିବାକୁ ଚାହଁ, ତାହାହେଲେ ତୁମକୁ ବିଚାର-ଶକ୍ତି (ବିବେକ) ଦ୍ୱାରା ପରିଚାଳିତ ହୋଇ ନିଜର ସତ୍ତାକୁ ତୁମ ଭିତରେ ସଚେତନ ଭାବେ ରହିଥିବା ଉଚ୍ଚତମ କେନ୍ଦ୍ର ଚାରିପଟେ ସଂଗଠିତ କରିବାକୁ ହେବ । ତୁମେ ନିଜକୁ ଏପରି ଭାବେ ସଂଗଠିତ କରିବ ଯେ, ଯେପରି ତୁମ ଭିତରେ ଗୋଟାଏ ଆଭ୍ୟନ୍ତରୀଣ ସଂଯମ ରହିଥିବ, ତାହାହେଲେ ପ୍ରତି ମୁହୂର୍ତ୍ତରେ ତୁମେ ଏପରି କହିବ ନାହିଁ ଯେ,– ''ଆହାଃ, ମୁଁ ଏକଥାଟା କରିଦେଲି, କାହିଁକି କଲି ଜାଣି ନାହିଁ । ଆଃ, ସେକଥାଟା ମୋ ପାଇଁ ଘଟିଲା, କାହିଁକି ଘଟିଲା ମୁଁ ଜାଣିପାରୁ ନାହିଁ ।'' ଏବଂ ତୁମର ସବୁବେଳେ ଏମିତି ଚାଲିଥିବ – ''ମୁଁ ଜାଣିନି, ମୁଁ ଜାଣିନି, ମୁଁ ଜାଣିନି ।'' ଏବଂ ଯେତେଦିନ ଯାଏ ଏମିତି ଚାଲିଥିବ, ତାହାହେଲେ ତୁମ ବାଟଟି ଏକପ୍ରକାର ବିପତ୍‌ପୂର୍ଣ୍ଣ ହୋଇ ରହିଥିବ । ଯେତେବେଳେ ତୁମେ ଯାହା ଚାହଁ ତାହା କରିପାରୁଥିବ, ଯାହା ଚାହଁ ତାହା ଜାଣିପାରୁଥିବ ଏବଂ ଯେତେବେଳେ ତୁମେ ନିଜକୁ ଦୃଢ଼ତାର ସହିତ ପରିଚାଳିତ କରିପାରୁଥିବ ଏବଂ ଯେତେବେଳେ ଜୀବନର ବିଘଟଣ ଗୁଡ଼ିକ ଦ୍ୱାରା ଉଠପଡ଼ ହେଉ ନ ଥିବ, ତାହାହେଲେ ଯାଇ ତୁମେ ବିଚାରଶକ୍ତିର ଊର୍ଦ୍ଧ୍ୱରେ ରହିଥିବା ପଥରେ ନିର୍ଭୀକ ଭାବରେ ଇତସ୍ତତଃ ନ ହୋଇ ନିରାପଦରେ ଗତି କରିପାରିବ । କେବେ ଭାବ ନାହିଁ ଯେ, ଏହି ସଂଯମ ଆସିବା ପାଇଁ ତୁମକୁ ବେଶୀ ବୟସ ଯାଏ ଅପେକ୍ଷା କରିବାକୁ ପଡ଼ିବ... ।

କିନ୍ତୁ କେହି ଏହି ବାଟରେ ଯିବାକୁ ଆରମ୍ଭ କଲାବେଳେ ନିଜ ଉପରେ ନାନାପ୍ରକାର ପ୍ରବେଗ ଓ କାମନାର ବୋଝ ନେଇ ଚାଲିବା ଉଚିତ ନୁହେଁ । କାରଣ, ସେଗୁଡ଼ିକହିଁ ସବୁପ୍ରକାର ଭୟଙ୍କର ଗଣ୍ଡଗୋଳ ସୃଷ୍ଟି କରିଥା'ନ୍ତି ।

# ବିବେକହିଁ ପ୍ରଭୁ

ଏକ ସାମର୍ଥ୍ୟପୂର୍ଣ୍ଣ ବା ପାରଦର୍ଶିତାପୂର୍ଣ୍ଣ ଜୀବନଯାପନ କରିବାକୁ ହେଲେ, ଖୁବ୍ କମ୍ ବୟସରୁ ସେ ସମ୍ବନ୍ଧେ ଶିକ୍ଷା ପାଇବା ଉଚିତ । ଆମ ଶରୀର ଆମକୁ ଯେତେକିଛି ଦେଇପାରେ, ତାହା ତା'ଠାରୁ ସେତିକିବେଳୁହିଁ ଆଦାୟ କରିବା ଉଚିତ ଏବଂ ଆମ ବିବେକହିଁ ଆମ ଭିତରେ ପ୍ରଭୁ ହେବା ଉଚିତ । ଯୋଗ ବା କିଛି ଉଚ୍ଚତର ଉପଲବ୍ଧି ଦୃଷ୍ଟିରୁ ମୁଁ ଏକଥା କହୁ ନାହିଁ, ଏହା କିନ୍ତୁ ଏପରି ଏକ ବିଷୟ, ଯାହା ସବୁଠାରେ ଶିକ୍ଷା ଦିଆଯିବା ଉଚିତ, ପ୍ରତିଟି ସ୍କୁଲ, ପ୍ରତିଟି ପରିବାର, ପ୍ରତିଟି ଗୃହରେ ଏଇଥିରୁହିଁ ଶିକ୍ଷା ଆରମ୍ଭହେବା ଉଚିତ : ମଣିଷ ଗୋଟିଏ ମାନସିକ ସତ୍ତା ଭାବରେ ତିଆରି ହୋଇଥିଲା ..., ଜୀବନ ଉପରେ ବିବେକରହିଁ ପ୍ରଭୁତ୍ୱ ରହିବା ଉଚିତ, ପ୍ରାଣିକ ପ୍ରବୃତ୍ତିର ପ୍ରବେଗଗୁଡ଼ିକ ଦ୍ୱାରା କେବେହେଲେ ପରିଚାଳିତ ହେବା ଉଚିତ ନୁହେଁ । ବାଲ୍ୟକାଳରୁ ପ୍ରତି ଶିଶୁକୁ ଏହି ଶିକ୍ଷା ଦିଆଯିବା ଉଚିତ ।... ଚିନ୍ତା କରିବା ବୃତ୍ତି ଆରମ୍ଭ ହେବାଠାରୁ ପ୍ରତ୍ୟେକ ମନୁଷ୍ୟକୁ ଏହି ଶିକ୍ଷା ଦିଆଯିବା ଉଚିତ ଯେ, ସେ ତା'ର ବିବେକ ଓ ବିଚାରବୁଦ୍ଧି ଦ୍ୱାରା ନିଜକୁ ପରିଚାଳିତ କରୁ । କାରଣ ମଣିଷଜାତିର ଏହାହିଁ ଉଚ୍ଚତର ପ୍ରବୃତ୍ତି । ମଣିଷ ଜାତିର ପ୍ରକୃତି ପାଇଁ ବିବେକକୁ ଦିଆଯାଇଛି ପ୍ରଭୁର ଆସନ । ମନୁଷ୍ୟ ତା'ର ବିବେକର ବାଣୀକୁ ମାନିବା ଉଚିତ । କେବେହେଲେ ବି ତା' ପ୍ରାଣିକ ପ୍ରବୃତ୍ତିଗୁଡ଼ିକର ଦାସ ହେବା ଉଚିତ ନୁହେଁ ।... ମନୁଷ୍ୟ ଜୀବନର ଏହାହିଁ ମୌଳିକ ଜ୍ଞାନ । ଯଥାର୍ଥ ମାନବିକ ଜୀବନହିଁ ବିବେକ-ପରିଚାଳିତ । ଯେଉଁ ମଣିଷ ବିବେକ ଦ୍ୱାରା ପରିଚାଳିତ ନ ହୋଇ ଆଉ କିଛି ଦ୍ୱାରା ପରିଚାଳିତ ହୁଏ, ସେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଏକ ନିକୃଷ୍ଟ ଜନ୍ତୁରେ ପରିଣତ ହୁଏ । ବାସ୍ ସେତିକି ।

## ପ୍ରବେଗମାନଙ୍କୁ ସଂଯତ କର

ତୁମେ ଖୁବ୍ ପିଲା ଥିଲାବେଳେ ତୁମ ଶିକ୍ଷକମାନଙ୍କ କାମ ହେଲା କିପରି ପ୍ରବେଗଗୁଡ଼ିକୁ ସଂଯତ କରିବାକୁ ହୁଏ ତାହା ଶିଖାଇବା । ବଞ୍ଚିବା ଲାଗି ଯେଉଁସବୁ ନୀତିଗୁଡ଼ିକର ପାଳନ ଆବଶ୍ୟକ କିଂବା ଯେଉଁ ବୃହତ୍ତର ଆଦର୍ଶକୁ ତୁମେ ପାଳନ କରିବାକୁ ଚାହଁ କିଂବା ଯେଉଁ ପରିବେଶରେ ତୁମେ ରହିଛ, ତା'ର ରୀତିନୀତିସବୁକୁ କିପରି ପାଳନ କରିବାକୁ ହେବ, ତାହା ମଧ୍ୟ ଶିକ୍ଷକ ଶିଖାଇବେ । ଏହି ମାନସିକ ସଂଗଠନର ମୂଲ୍ୟ ଯାହାକି ତୁମର ପ୍ରବେଗଗୁଡ଼ିକୁ ଶାସନ କରିବାରେ ସାହାଯ୍ୟ କରିଥାଏ, ତାହା ନିର୍ଭର କରେ, ତୁମେ ଯେଉଁ ପରିବେଶରେ ବାସ କରୁଛ ତା' ଉପରେ ଏବଂ ତୁମର ପିତାମାତା ଓ ଶିକ୍ଷକମାନଙ୍କ ଚରିତ୍ର ଉପରେ । କିନ୍ତୁ ତାହା ଭଲ ହେଉ କି ମନ୍ଦ ହେଉ, ମଧ୍ୟମ ହେଉ କି ଉତ୍ତମ ହେଉ, ଏହି ମାନସିକ ସଂଯମ ଦ୍ୱାରାହିଁ ପ୍ରବୃତ୍ତି ଓ ପ୍ରବେଗଗୁଡ଼ିକ ଶାସିତ ହୋଇ ଥାଆନ୍ତି । ଯେତେବେଳେ ତୁମର ପିତାମାତା କହନ୍ତି, ''ଏହା ତୁମର କରିବା ଉଚିତ ନୁହେଁ '' କିଂବା ''ତାହା ତୁମର କରିବା ଉଚିତ'' ସେତିକିବେଳେହିଁ ତୁମର ପ୍ରବୃତ୍ତି-ପ୍ରବେଗଗୁଡ଼ିକ ଉପରେ ମନର ଶାସନ କ୍ରିୟା ଆରମ୍ଭ ହୋଇଯାଇଥାଏ ...

ତେଣୁ ପ୍ରକୃତ ଗୁଣବାନ୍ ଓ ବୁଦ୍ଧିମାନ୍ ମଣିଷଟିଏ, ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା' ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ଆଦର୍ଶ ସଙ୍ଗେ ନିଜର ସଂଗତି ରକ୍ଷାକରି ସେ ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ ।

# ଅସ୍ୱସ୍ତିର ଅନୁଭବ

ଆଉ ଗୋଟିଏ ଗୁଣ ଅଛି ଯାହା ଅତି ପିଲାଦିନୁ ଗଢ଼ିଉଠିବା ଉଚିତ । ତାହା ହେଉଛି ଏକ ଅସ୍ୱସ୍ତିର ଅନୁଭୂତି, ଯାହାକି ଏକ ନୈତିକ ଅସଂଗତିରୁ ଜାତ ହୁଏ । ଜଣେ ଏହା ଅନୁଭବ କରେ ଯେତେବେଳେ କିଛି ଗୋଟିଏ କାର୍ଯ୍ୟ କରି ପକାଏ । କଥାଟିକୁ ତାକୁ ବାରଣ କରାଯାଇଛି ବୋଲି, ସେ ଦଣ୍ଡିତ ହେବ ବୋଲି ଭୟ ହେତୁରୁ ଯେ ସେ ଏହା ଅନୁଭବ କରିବ ତାହା ନୁହେଁ, ବରଂ ସ୍ୱତଃସ୍ଫୂର୍ତ୍ତରୂପେ ! ଉଦାହରଣସ୍ୱରୂପ – ଗୋଟିଏ ପିଲା ଯେତେବେଳେ ତା'ର ସାଙ୍ଗକୁ ଆଘାତ କରି ଦୁଷ୍ଟାମି କରେ, ଯଦି ସେ ତା'ର ସ୍ୱାଭାବିକ ଓ ସାଧାରଣ ମାନସିକ ଅବସ୍ଥାରେ ଥାଏ ତେବେ ସେ ଅସ୍ୱସ୍ତି ଅନୁଭବ କରିବ, ସତ୍ତାର ଗଭୀରରେ ଏକ ଦୁଃଖ ମଧ୍ୟ ଅନୁଭବ କରିବ । କାରଣ ସେ ଯାହା କଲା, ତାହା ତା'ର ଆଭ୍ୟନ୍ତର ସତ୍ୟର ବିରୁଦ୍ଧାଚରଣ କରୁଛି ।

କାରଣ, ସବୁକିଛି ଶିକ୍ଷା ସତ୍ତ୍ୱେ ଏବଂ ଆମର ମନ ଯେତେ ଯାହା ଚିନ୍ତା କରିବା ସତ୍ତ୍ୱେ, ଆମର ଅନ୍ତରର ଗଭୀରତାରେ ଏପରି କିଛି ଅଛି, ଯାହାର ରହିଛି ପରିପୂର୍ଣ୍ଣତାର, ମହାନତାର ଏବଂ ସତ୍ୟର ଏକ ଅନୁଭବ ଯାହାକି ଏହି ସତ୍ୟକୁ ବିରୋଧ କରୁଥିବା ସକଳ ଗତିବୃତ୍ତି ଦ୍ୱାରା ଅତି ନିର୍ଦ୍ଦୟଭାବେ ବିରୋଧର ସମ୍ମୁଖୀନ ହୋଇଥାଏ । ଯଦି ପିଲାଟିଏ ତା'ର ଶିକ୍ଷକ, ଅଭିଭାବକଙ୍କ ଦ୍ୱାରା ନଷ୍ଟ ହୋଇ ନ ଥାଏ, ଯଦି ତା' ଚାରିପଟେ ଅସୁନ୍ଦର କଥାମାନ ଘଟୁ ନ ଥାଏ, ତା'ମାନେ ପିଲାଟି ଯଦି ସହଜ ଓ ସ୍ୱାଭାବିକ ଅବସ୍ଥାରେ ଥାଏ, ତେବେ ସେଇ ପିଲାଟି ଯଦି ଦୈବାତ୍ ତା' ମୂଳସତ୍ତାର ରୁଚି ବା ନୀତିବିରୁଦ୍ଧ କିଛି କାମ କରିଦିଏ ତେବେ, ତାକୁ କିଛି କୁହା ନ ଗଲେ ମଧ୍ୟ ସ୍ୱତଃ ସେ ଏକପ୍ରକାର ଅସ୍ୱସ୍ତି ଭୋଗ କରିବ, ଏବଂ ଠିକ୍ ଏହି ଭାବରେହିଁ ଏହାରି ଉପରେ ପରବର୍ତ୍ତୀ କାଳରେ ଅଗ୍ରଗତି ପାଇଁ ତା'ର ପ୍ରୟାସ ନିର୍ଭର କରିବ ।

# ସବୁଠାରୁ ବଡ଼ ବାଧା 'ଛଳନା'

ମୁଁ ବର୍ତ୍ତମାନ ପିତାମାତା ଓ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏକଥାଟି କହୁଛି, ସେମାନେ ପିଲାମାନଙ୍କୁ ଏହା ଶିକ୍ଷାଦେବା ଅତି ଗୁରୁତ୍ୱପୂର୍ଣ୍ଣ ଯେ ଭଲବୋଲି ଦେଖାଇ ହେବାଟା ସଂପୂର୍ଣ୍ଣ ନିରର୍ଥକ । ପିଲାମାନେ ଯେତେବେଳେ ଦେଖାଇହୁଅନ୍ତି ଯେ ସତେ ଯେପରି ସେମାନେ ଖୁବ୍ ଭଲପିଲା, ସତେ ଯେପରି ସେମାନେ ଖୁବ୍ ବାଧ୍ୟ ପିଲା, ସତେ ଯେପରି ସେମାନେ ଖୁବ୍ ଭଲ ପଢୁଛନ୍ତି, ସେତେବେଳେ ତହିଁରେ ଯେ କୌଣସି ମୂଲ୍ୟ ନଥାଏ, ଏହା ସେମାନଙ୍କୁ ବୁଝାଇଦେବା ଉଚିତ । ଅନେକ ସମୟରେ ଦେଖାଯାଏ ଯେ ପିତାମାତା ଓ ଶିକ୍ଷକମାନେ ପିଲାଙ୍କୁ ଯେପରି ଶିକ୍ଷା ଦିଅନ୍ତି, ସେଥିରେ ପିଲା ଏହି ଦେଖାଇ ହେବା ଗୁଣଟିକୁହିଁ ଶିଖିବାକୁ ଉତ୍ସାହିତ ହୋଇଥାଏ । ଏପରି ଦେଖାଯାଏ ଯେ, ପିଲା ଯଦି କେବେ ସ୍ୱତଃ ନିଜର ଭୁଲ୍ ସ୍ୱୀକାର କରିଥାଏ, ତେବେ ସେ ଗାଳିଖାଏ । ପିତାମାତାଙ୍କର ଏହା ଏକ ମସ୍ତବଡ଼ ଭୁଲ୍ । ପିଲାମାନଙ୍କୁ କେବେହେଲେ ଗାଳି ଭର୍ତ୍ସନା କରିବ ନାହିଁ । ଏଥିପାଇଁ ତୁମ ନିଜର ଯଥେଷ୍ଟ ସଂଯମ ରହିବା ଆବଶ୍ୟକ । ଏପରିକି ସେମାନେ ତୁମର ଅତି ମୂଲ୍ୟବାନ୍ ଓ ପ୍ରୟୋଜନୀୟ ଜିନିଷଟିଏ ଭାଙ୍ଗିଦେବା ସତ୍ତ୍ୱେ ବି ସେମାନଙ୍କ ଉପରେ ଖୁବ୍ ବିରକ୍ତ ହେବ ନାହିଁ । ତୁମେ ତାକୁ ସରଳ ସହଜ ଭାବେ ପଚାରିବ – ''ଏଇଟା କେମିତି ତୁ କଲୁ ?'' ''କ'ଣ ହେଲା କହିଲୁ ?'' କାରଣ ପିଲାଟି ନିଜେ ଜାଣୁ ଯେ କାହିଁକି ଏପରି ଘଟିଲା, ତେଣୁ ପରବର୍ତ୍ତୀ ସମୟରେ ସେ ନିଜେ ସାବଧାନ ହେବ । କିନ୍ତୁ ସେତିକି ମାତ୍ର । ଏହି ଭାବରେ ତୁମ ପିଲାଟି ସଚ୍ଚୋଟ ଓ ନିଷ୍କପଟ ହେବ । କେବେ ବି ଆଉ ତୁମକୁ ଠକେଇବାକୁ ଚେଷ୍ଟା କରିବ ନାହିଁ ।

ନିଜ ଚରିତ୍ରର ରୂପାନ୍ତର ଦିଗରେ ପ୍ରଧାନ ପ୍ରତିବନ୍ଧକ ହେଲା – ପ୍ରତାରଣା । ଯଦି ଗୋଟିଏ ପିଲା ସହିତ କାରବାର କଲାବେଳେ ତୁମେ ଏହି ବିଷୟଟି ମନରେ ରଖିପାର, ତେବେ ତୁମେ ତା'ର ବହୁ କଲ୍ୟାଣ ସାଧନ କରିପାରିବ ।

# ଏକ ଉଚ୍ଚଧରଣର କାମନା

ଯେତେବେଳେ ଗୋଟିଏ ପିଲାର ମନରେ ନାନା ପ୍ରକାର ଆଶା, ଆକାଙ୍‌କ୍ଷା ଓ କାମନାଦି ଥାଏ, ସେତିକିବେଳେ ଯଦି ତା’ ଭିତରେ ଏକ ଉଚ୍ଚତର ଆକାଙ୍‌କ୍ଷା ଜାଗ୍ରତ୍ କରି ଦିଆଯାଏ ... ଯଦି ତା’ଭିତରେ ସବୁ କିଛି ଜାଣିବାର ବାସନା ଜାଗ୍ରତ କରି ଦିଆଯାଏ, ସବୁକିଛି ଶିଖିବାର ଆଗ୍ରହ ଜାଗ୍ରତ୍ କରି ଦିଆଯାଏ, ଜଣେ ଉଲ୍ଲେଖନୀୟ ବ୍ୟକ୍ତି ହୋଇଉଠିବାର ଅଭିଳାଷ ଜାଗ୍ରତ୍ କରି ଦିଆଯାଏ ... ଏହି ପ୍ରକାରେ ଆରମ୍ଭ କରାଯାଇ ପାରିବ । ଯେହେତୁ ଏହିସବୁ କଥାଗୁଡ଼ିକ କରିବା କଷ୍ଟକର, ଏଣୁ ଆସ୍ତେ ଆସ୍ତେ ପିଲାଟି ଏହିକଥା ଆୟତ୍ତ କରିବା ଲାଗି ସଂକଳ୍ପ କରି କରି ଚାଲିବ । କିଂବା ଏପରିକି ବସ୍ତୁବାଦୀ ଦୃଷ୍ଟିକୋଣରୁ ଦେଖିଲେ ବି କିଛି ଗୋଟେ କଷ୍ଟକର କର୍ମ କରିବା ଲାଗି କାମନା, ଉଦାହରଣସ୍ୱରୂପ – ଗୋଟିଏ ଖେଳନା ତିଆରି କରିବା, ଯାହାକି ପ୍ରକୃତରେ କରିବା କଷ୍ଟକର, କିଂବା ତାକୁ ଏପରି ଗୋଟିଏ ଖେଳରେ ଲଗାଇବା ଯେଉଁ ଖେଳରେ ଖୁବ୍ ଧୈର୍ଯ୍ୟ ଓ ଖୁବ୍ ଅଧ୍ୟବସାୟ ଆବଶ୍ୟକ ପଡ଼େ ।

ଯଦି ପିଲାମାନଙ୍କୁ ଆମେ ଏହିପରି ଭାବେ ପରିଚାଳିତ କରିପାରୁ – ଅବଶ୍ୟ ଏହା ବହୁତ ଧୈର୍ଯ୍ୟ ଓ ମନୋଯୋଗ ଆବଶ୍ୟକ କରେ, କିନ୍ତୁ ଏହା ହୋଇପାରିବ – ଏବଂ ଯଦି ପିଲାର ମନକୁ ପ୍ରକୃତରେ ଏହିପରି କିଛିଦିଗରେ ପରିଚାଳିତ କରୁ, ଯଥା – ଭାରିକଷ୍ଟକର କୌଣସି ଖେଳରେ ସଫଳ ହେବା ଦିଗରେ କିଂବା ଏପରି କିଛି କାମ ଦେଉଁ ଯାହାକି ବହୁତ ପ୍ରଯତ୍ନ ଓ ଏକାଗ୍ରତା ଆବଶ୍ୟକ କରେ, ଏବଂ ପିଲାମାନଙ୍କୁ ଯଦି ଆମେ ଏହିପରି କିଛି ଧାରାରେ ପକାଉ, ଯାହା ଫଳରେ କି ସେମାନେ, ସେମାନଙ୍କର ସଂକଳ୍ପଶକ୍ତି ଓ ଅଧ୍ୟବସାୟକୁ ନିୟୋଜିତ କରିପାରିବେ, ତାହାହେଲେ ଏହାର ନିଶ୍ଚୟ ସୁଫଳ ମିଳିବ : ଆମେ କେତେଗୁଡ଼ିଏ କଥାରୁ ସେମାନଙ୍କର ମନକୁ ନିବୃତ୍ତ କରିପାରିବୁ ଏବଂ ଅନ୍ୟକେତେକ କଥା ପ୍ରତି ମନୋଯୋଗ ବୃଦ୍ଧି କରିପାରିବୁ ।

# କୌଣସି କାମନା ନ ରଖି କାର୍ଯ୍ୟ କର

ସତ୍-ଚେତନା ଓ ଆତ୍ମ ସଂଯମର ବିକାଶ କରିବାକୁ ହେଲେ, କୌଣସି କାମନା ନ ଥାଇ କାର୍ଯ୍ୟକରିବା ଉଚିତ ଏବଂ ନିଜର ପସନ୍ଦ ଅପସନ୍ଦ ଉପରେ ଜୋର ନ ଦେଇ ଯେଉଁ କାର୍ଯ୍ୟଟି ତୁମ ପାଇଁ ଆସିବ ତାହା ସାଧନ କରିବା ଉଚିତ, ଅବଶ୍ୟ ଏହା କଷ୍ଟକର । କୌଣସି ବିଷୟ ନିର୍ବାଚନ କରିବା ଅର୍ଥ – କ'ଣ ସତ୍ୟ ତାହା ଦେଖିବା ଏବଂ ସେହି ସତ୍ୟଟିକୁ ପ୍ରତିଷ୍ଠା କରିବା । ତୁମେ ଯେତେବେଳେ କିଛି ନିର୍ବାଚନ କରୁଛ, ସେତେବେଳେ ସେହି ବିଷୟ ବା ବିଷୟଗୁଡ଼ିକ ପ୍ରତି କୌଣସି ବ୍ୟକ୍ତିଗତ ଧାରଣାକୁ ଦୃଢ଼ ଭାବେ ଧରିବ ନାହିଁ । କିନ୍ତୁ ଏହାହିଁ କର୍ତ୍ତବ୍ୟ ଯେ, କୌଣସି ବ୍ୟକ୍ତି, କର୍ମ ବା ପରିସ୍ଥିତିକୁ କେବେହେଲେ ବି କେବଳ ତୁମ ନିଜର ମତଲବ ବା ଧାରଣା ଦୃଷ୍ଟିରୁ ବିଚାର କରିବ ନାହିଁ ଯାହାକି ଗୋଟିଏ ସାଧାରଣ ଲୋକପକ୍ଷେ ଏହା ସବୁଠାରୁ କଠିନ କାର୍ଯ୍ୟ । ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି, ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳମାତ୍ର ସତ୍ୟ ଉପରେ ନିର୍ଭର କରି କିପରି କର୍ମ କରାଯାଇପାରେ ତାହା ତୁମେ ଶିକ୍ଷାକରିବା ଉଚିତ । ସତ୍ୟର ପରିପ୍ରେକ୍ଷୀରେ ଆବଶ୍ୟକ କାର୍ଯ୍ୟ ନିର୍ବାଚନ କରି ନିଷ୍କାମଭାବେ ସେହି କର୍ମକୁ ସମ୍ପାଦନ କରିବା ଉଚିତ ।

ତୁମେ ଯଦି ମନୋଯୋଗ ଦେଇ ନିଜକୁ ନିରୀକ୍ଷଣ କରିବ, ତାହାହେଲେ ତୁମେ ଦେଖିବ ଯେ, କୌଣସି କାର୍ଯ୍ୟ କରିବା ପୂର୍ବରୁ ଏକ ଆନ୍ତରିକ ପ୍ରଚୋଦନା ଆବଶ୍ୟକ ପଡୁଥାଏ । କାରଣ ଏହି ପ୍ରଚୋଦନାହିଁ ତୁମକୁ କର୍ମ ଭିତରକୁ ଠେଲିଦିଏ । ସାଧାରଣ ଲୋକଟି ଭିତରେ ଏହି ପ୍ରଚୋଦନାର ମୂଳରେ ଥାଏ ବ୍ୟକ୍ତିଗତ କାମନା ପୂରଣର ଇଚ୍ଛା । କିନ୍ତୁ ଏହି କାମନାର ସ୍ଥାନକୁ 'ସତ୍ୟ'ର ଏକ ସ୍ପଷ୍ଟ, ନିର୍ଦ୍ଦିଷ୍ଟ ଓ ନିରବଚ୍ଛିନ୍ନ ଦୃଷ୍ଟିହିଁ ଆସି ଅଧିକାର କରିବା ଉଚିତ ।

# ଆବଶ୍ୟକତା ଓ କାମନା

ତୁମେ କିପରି ଜାଣିବ ଯେ କୌଣସି ଜିନିଷ ତୁମର ଆବଶ୍ୟକ – କାମନା ପାଇଁ ନୁହଁ ?... ତାହା ଜାଣିବା ଲାଗି, ତୁମେ ନିଜକୁ ଖୁବ୍ ଏକାଗ୍ରଭାବେ ନିରୀକ୍ଷଣ କରୁଥିବ । ଯଦି ତୁମକୁ ଜଣା ପଡ଼ିବ ଯେ ତୁମ ଭିତରେ ଏମିତି କିଛି ରହୁଛି, ଯାହାକି ତୁମ ଭିତରେ ଖୁବ୍ ଛୋଟିଆ ଅଥଚ ଖୁବ୍ ତୀବ୍ର ସ୍ପନ୍ଦନଟିଏ କେଉଁଠାରେ ସୃଷ୍ଟି କରୁଛି – ତା'ହେଲେ ତୁମେ ନିଶ୍ଚିତଭାବେ ବୁଝିପାରିବ ତୁମ ଭିତରେ କାମନା ବା ବାସନାଟିଏ କେଉଁଠି ଲୁଚି ରହିଛି । ଉଦାହରଣସ୍ୱରୂପ, ''ତୁମେ କହୁଛ ଯେ ଅମୁକ ଖାଦ୍ୟଟି ମୋ ପାଇଁ ଆବଶ୍ୟକ''– ଏକଥା ତୁମେ ବିଶ୍ୱାସ କର, ତୁମେ ମଧ୍ୟ ଏହା କଳ୍ପନା କର, ତୁମେ ମଧ୍ୟ ଭାବ ଯେ, ତୁମେ ଅମୁକ ସମୁକ ଜିନିଷ ବି ଦରକାର କର – ଏବଂ ତାହା ହାସଲ କରିବା ପାଇଁ ମଧ୍ୟ ତୁମେ ଉପଯୁକ୍ତ ଉପାୟମାନ ଖଟାଇଥାଅ । କିନ୍ତୁ ତାହା ତୁମର କାମନା କି ଆବଶ୍ୟକତା, ଏହା ଜାଣିବା ଲାଗି ତୁମେ ନିଜକୁ ଖୁବ୍ ନିକଟେଇ କରି ଦେଖିବ ଏବଂ ନିଜକୁ ପଚାରିବ – ''ଆଚ୍ଛା ! ମୁଁ ଯଦି ଏ ଜିନିଷଟି ନ ପାଏ, ତେବେ ମୋର ଭଲା କ'ଣ କ୍ଷତି ହୋଇଯିବ ?'' ଯଦି ସଙ୍ଗେ ସଙ୍ଗେ ତୁମ ଭିତରୁ ଉତ୍ତରଟିଏ ଆସିଲା ଯେ – ''ଆଃ; ତା'ହେଲେ ତ ବହୁତ ଖରାପ ହୋଇଯିବ ।''– ଏ କ୍ଷେତ୍ରରେ ତୁମେ ନିଶ୍ଚିତ ଜାଣିରଖ ଯେ, ଏହା ତୁମର ଏକ କାମନା ମାତ୍ର । ସବୁକଥା ଲାଗି ଏହି ଗୋଟିଏ ଉପାୟ । ଯେକୌଣସି ସମସ୍ୟା ଆସିଲେ, ପ୍ରଥମେ ତୁମେ କିଛି ଦୂର ତା'ଠାରୁ ପଛକୁ ହଟିଯାଅ, ନିଜ ଭିତରକୁ ଚାହଁ ଏବଂ ନିଜକୁ ପଚାର – ''ଦେଖାଯାଉ, ମୁଁ କ'ଣ ଏ ଜିନିଷଟିକୁ ପାଇବା ପାଇଁ ଯାଉଛି ?'' ଯଦି ସେହି ମୁହୂର୍ତ୍ତରେ ତୁମ ଭିତରେ କେହିଜଣେ ହଠାତ୍ ଆନନ୍ଦମତ୍ତତାରେ କୁଦାଟିଏ ମାରେ, ତେବେ ତୁମେ ନିଶ୍ଚିତ ଜାଣ ଯେ, ତାହାପ୍ରତି ତୁମର କୌଣସି ଏକ କାମନା ରହିଛି । ଅନ୍ୟପକ୍ଷରେ, ଯଦି ତୁମ ଭିତରେ କିଏ କହିଦିଏ – ''ଆଃ ! ମୋତେ ଏ ଜିନିଷଟା ମିଳିବ ନାହିଁ ।''– ଏବଂ ଏହା ଶୁଣିଲା ମାତ୍ରେ ତୁମକୁ ହଠାତ୍ ଅବସାଦ ବା ବ୍ୟର୍ଥତା ଘାରିଯାଏ, ତା' ହେଲେ ବି ଜାଣିବ ଯେ, ସେ ବିଷୟ ପ୍ରତି ତୁମ ଭିତରେ କାମନା ରହିଛି ।

# କାମନା ତ୍ୟାଗ କର

ବୁଦ୍ଧଦେବ କହିଛନ୍ତି – କାମନାକୁ ବିନାଶ କଲେ ତୁମେ ଯେଉଁ ଆନନ୍ଦ ପାଇବ, ତାହା କାମନାଟିକୁ ଚରିତାର୍ଥ କରିବାଠାରୁ ବହୁତ ବେଶୀ । ସମସ୍ତେ ଇଚ୍ଛାକଲେ ଏହି ଅନୁଭୂତିଟି ମଧ୍ୟ ପାଇ ପାରନ୍ତି ଏବଂ ପ୍ରକୃତରେ ଏହା ବଡ଼ ଚମତ୍କାର, ବଡ଼ ଚମତ୍କାର ଅଭିଜ୍ଞତା ।...

ଜଣେ ଯେତେବେଳେ ସ୍ୱେଚ୍ଛା ପୂର୍ବକ କାମନା ତ୍ୟାଗ କରେ, ସେତେବେଳେ ତା'ର ଚୈତ୍ୟସତ୍ତା ସହିତ ଏକ ଅନ୍ତର୍ମିଳନ ଘଟିଥାଏ । ଏବଂ ଏହା ଫଳରେ ସେ ଏପରି ଏକ ଅନନୁଭୂତ ଆନନ୍ଦ ପାଏ, ଯାହା କି ସେ ତା'ର କାମନାର ଚରିତାର୍ଥତା ଦ୍ୱାରା ପାଇ ନ ଥା'ନ୍ତା । ଏହାଛଡ଼ା, ସବୁ କ୍ଷେତ୍ରରେ, ଅନିବାର୍ଯ୍ୟ ଭାବରେ ଏକଥା ମଧ୍ୟ ଘଟିଥାଏ ଯେ, ଜଣେ ଯେତେବେଳେ ତା'ର କାମନାଟିଏ ପୂରଣ କରେ, ସେତେବେଳେ ଆମ ସତ୍ତା ଭିତରେ ତାହା କେଉଁଠି ଏକ ତିକ୍ତ ସ୍ୱାଦ ମଧ୍ୟ ଛାଡ଼ି ଦେଇଯାଏ ।

ଏପରି ଗୋଟିଏ ବି କାମନାଜନିତ ତୃପ୍ତି ନାହିଁ, ଯାହାକି କୌଣସି ପ୍ରକାର ତିକ୍ତତା ନ ଦିଏ । ତୁମେ ଯଦି ଅତ୍ୟଧିକ ମିଠା ଜିନିଷଗୁଡ଼ିଏ ଖାଇବ – ପରେ ପରେ ତୁମ ପାଟିରେ ଏକ ବିସ୍ୱାଦର ଅନୁଭବ ମଧ୍ୟ ଲାଗି ରହିବ । ଏହା ସେହିପରି କଥା । ତୁମକୁ ଖୁବ୍ ନିଷ୍ଠାପର ଭାବେ ଚେଷ୍ଟା କରିବାକୁ ହେବ । ହଁ – ଏକଥା ବି ମନେରଖ ଯେ ତୁମେ କେବେ ବି ଯେମିତି କାମନା ତ୍ୟାଗ କରିଛ ବୋଲି ଛଳନା ନ କର । ମନ ଭିତରେ କାମନା ରଖି ବାହାରେ କାମନାତ୍ୟାଗୀ ବୋଲି ଦେଖେଇ ହେଲେ ଜାଣିରଖ, ତୁମେ ଆହୁରି ଦୁଃଖ କଷ୍ଟ ପାଇବ । ତୁମକୁ ନିଷ୍ଠାପର ଭାବେ ଏକଥା କରିବାକୁ ହେବ ।

# ତୁମର ଛୋଟ ଛୋଟ ବିଜୟଗୁଡ଼ିକୁ ହାସଲ କର

ଯଦି ତୁମ ଭିତରର ଚେତନା ଓ ଜ୍ଞାନ ଦ୍ୱାରା ସତକୁ ସତ ତୁମେ ଗୋଟିଏ କାମନାକୁ ଅତିକ୍ରମ କରିପାର, ତା'ମାନେ, କାମନାଟିକୁ ବିନଷ୍ଟ କରି ଦେଇପାର, ଦୂରକରି ଦେଇପାର, ଏବଂ ଯଦି ତୁମ ଭିତରର ସଦିଚ୍ଛା ଦ୍ୱାରା, ଚେତନା ଦ୍ୱାରା, ଆଲୋକ ଦ୍ୱାରା ଏବଂ ପ୍ରଜ୍ଞା ଦ୍ୱାରା ସତକୁ ସତ ତୁମେ ଗୋଟିଏ କାମନାକୁ ବିନଷ୍ଟ କରି ଦେଇପାରିଛ, ତାହାହେଲେ ପ୍ରଥମେ ତୁମେ ବ୍ୟକ୍ତିଗତ ଭାବରେ ଏତେ ଆନନ୍ଦ ପାଇବ ଯେ, ତାହା ତୁମେ ସେହି କାମନାଟିର ପରିପୂରଣରେ ଯେଉଁ ଆନନ୍ଦ ପାଇଥା'ନ୍ତ ତା' ଠାରୁ ଶହ ଶହ ଗୁଣ ଅଧିକ । ଏହା ଫଳରେ ତୁମର ଖୁବ୍ ଚମତ୍କାର ଲାଭ ହେବ । ଯେଉଁ ବିଶ୍ୱ ସମ୍ବନ୍ଧେ ତୁମର କିଛି ଧାରଣା ନାହିଁ, ତା'ଉପରେ ବି ତୁମେ କିଛି ପ୍ରଭାବ ପକାଇ ପାରିବ । ତୁମର ଏହି କ୍ଷୁଦ୍ର ବିଜୟଟି ଆସ୍ତେ ଆସ୍ତେ ବ୍ୟାପିଯିବ । କାରଣ ତଦ୍ୱାରା ତୁମେ ଯେଉଁ ସ୍ପନ୍ଦନଟିଏ ସୃଷ୍ଟି କରିଛ, ସେଇ ସ୍ପନ୍ଦନଟି ନିଶ୍ଚୟ ବିସ୍ତାରିତ ହୋଇ ଚାଲିବ । ବରଫର ପେଣ୍ଡୁ ପରି ତାହା କ୍ରମେ କ୍ରମେ ବଡ଼ ହୋଇ ହୋଇ ଯିବ । ଯେଉଁ କ୍ଷୁଦ୍ର ବିଜୟଟି ତୁମେ ତୁମ ଚରିତ୍ରରେ ହାସଲ କରିଛ, ଏହା ଯେତେ କ୍ଷୁଦ୍ର ହେଲେ ବି ତାହା ସମଗ୍ର ପୃଥିବୀ ଦ୍ୱାରା ଲବ୍ଧ ହୋଇପାରିବ... ।

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ, ତାହାହେଲେ, ସବୁଠାରୁ ବଡ଼ କାମ ହେବ, ତୁମ ନିଜ ଭିତରେ ନିଷ୍ଠାପର ଭାବେ ଛୋଟ ଛୋଟ ବିଜୟଗୁଡ଼ିଏ ହାସଲ କରିବା, ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା, ଏହାଦ୍ୱାରାହିଁ ତୁମେ ପୃଥିବୀର ସବୁଠାରୁ ବଡ଼ ଉପକାର କରିପାରିବ ।

# ନିଜକୁ ପ୍ରଥମେ ପରିବର୍ତ୍ତନ କର

ନିଜ କ୍ଷେତ୍ରରେ ତୁମେ ଯଦି କିଛି କରିବାକୁ ସମର୍ଥ ନୁହଁ ତେବେ ତୁମେ ଅନ୍ୟ ପାଇଁ କିଛି ବି କରିପାରିବ ନାହିଁ । ଯେପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ, ସେପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ । ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ, ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ । ଯେତେବେଳେ ତୁମେ କୌଣସି ଜାଗାରେ ଅସୁବିଧାଟିଏ ଦେଖ, ସେଇ ଅସୁବିଧାଟିକୁ ଦୂର କରିବାର ପ୍ରଥମ ସର୍ତ୍ତ ହେଲା,— ଆଗ ତୁମ ନିଜ ଭିତରୁ ସେଇଟିକୁ ଦୂର କରିବା । କାହା ଭିତରେ ଯଦି ଦୋଷଟିଏ ଦେଖିଲ; ତୁମେ ନିଶ୍ଚିତ ଜାଣିଥାଅ ଯେ, ସେ ଦୋଷଟି ତୁମ ନିଜ ଭିତରେ ଅଛି । ତୁମେ ଆଗ ତୁମ ନିଜ ଭିତରୁ ସେ ଦୋଷଟିକୁ ଦୂର କରିବାର ଚେଷ୍ଟା ଆରମ୍ଭ କରିଦିଅ । ଯେତେବେଳେ ତୁମ ଭିତରୁ ସେ ଦୋଷଟି ଦୂର ହୋଇଗଲା ବୋଲି ଜାଣିବ, ସେତେବେଳେ ଅନ୍ୟ ଭିତରୁ ସେ ଦୋଷଟିକୁ ଦୂର କରିବା ପାଇଁ ତୁମେ ଅଧିକ ଦୃଢ଼ ଓ ସମର୍ଥ ହୋଇପାରିବ ଏବଂ ଏହାହିଁ ବଡ଼ ଆଶ୍ଚର୍ଯ୍ୟର କଥା ! ଲୋକେ ବୁଝିପାରନ୍ତି ନାହିଁ ଯେ କେଉଁ ଅସୀମ କୃପା ଫଳରେ ଏହି ବିଶ୍ୱ ଏପରି ଭାବେ ସଜଡ଼ା ହୋଇଛି ଯେ, ସତ୍ତାର ସମସ୍ତ ଉପାଦାନକୁ ସଂଗ୍ରହ କରି, ସବୁଠୁ ଜଡ଼ ବସ୍ତୁଠାରୁ ଆରମ୍ଭ କରି ସର୍ବୋଚ୍ଚ ଅଧ୍ୟାତ୍ମ ବସ୍ତୁ ପର୍ଯ୍ୟନ୍ତ ଏକତ୍ର ସଂଗୃହୀତ କରି ଗଠିତ ହୋଇଛି ଏକ କ୍ଷୁଦ୍ର ବ୍ୟକ୍ତିସତ୍ତା କିନ୍ତୁ ସବୁକିଛି ଚାଲିଛି ଏକ କେନ୍ଦ୍ରୀୟ ସଂକଳ୍ପର ଅଧୀନରେ । ସେହି ବ୍ୟକ୍ତିସତ୍ତାଟି ତୁମର, ତାହାହିଁ ତୁମର କାର୍ଯ୍ୟକ୍ଷେତ୍ର । କେହି ତାକୁ ତୁମଠାରୁ ଛଡ଼ାଇ ନେଇପାରିବେ ନାହିଁ । ତାହାହିଁ ତୁମର ନିଜସ୍ୱ ସମ୍ପତ୍ତି ।

# ଯୋଗ ଓ ଧର୍ମ

ଜଣକର କଥା କଳ୍ପନା କର — ଯେ'କି କୌଣସି ପ୍ରକାରେ ଈଶ୍ୱରଙ୍କ ନାମଟି ଶୁଣିଛି, କିଂବା ଈଶ୍ୱରଙ୍କ ଭଳି କେହି ଜଣେ ଅଛନ୍ତି ବୋଲି ତା'ର ବ୍ୟକ୍ତିଗତ ଅନୁଭବ କିଛି ରହିଛି ଏବଂ ସେ ନାନା ପ୍ରକାର ଚେଷ୍ଟା କରୁଛି; ସଂକଳ୍ପ କରୁଛି, ଜୀବନକୁ ଶୃଙ୍ଖଳିତ କରିବାକୁ ଚେଷ୍ଟା କରୁଛି, ଏକାଗ୍ର ହେବାକୁ ପ୍ରୟାସ କରୁଛି । ଏହି ଈଶ୍ୱରଙ୍କୁ ପାଇବା ପାଇଁ ସେ ଏହିଭଳି ନାନାଦି ପ୍ରୟାସ କରିଚାଲିଛି । ସେ ଈଶ୍ୱରଙ୍କ ସ୍ୱରୂପ ଆବିଷ୍କାର କରିବାକୁ ଚାହେଁ — ତାଙ୍କ ସହିତ ପରିଚିତ ହେବାକୁ ଚାହେଁ ଏବଂ ମିଳିତ ହେବାକୁ ଚାହେଁ । ତା'ହେଲେ ଜାଣିବ ଯେ, ଏହି ଲୋକଟି ଯୋଗ କରୁଛି ।

ବର୍ତ୍ତମାନ ଯଦି ଏହି ଲୋକଟି, ଯେଉଁସବୁ ପଦ୍ଧତିରେ ତା'ର ସାଧନା କରୁଥିଲା, ସେସବୁକୁ ଲିପିବଦ୍ଧ ବା ସୂତ୍ରବଦ୍ଧ କରିଦିଏ, ଏବଂ ତାକୁ ଏକ ନିର୍ଦ୍ଧାରିତ ପଦ୍ଧତି ରୂପେ ସାବ୍ୟସ୍ତ କରେ ଏବଂ ଜାହିର କରେ ଯେ, ଈଶ୍ୱରଙ୍କୁ ପାଇବା ଲାଗି ସେ ଯେଉଁ ସୂତ୍ର ଆବିଷ୍କାର କରିଛି, ସେଗୁଡ଼ିକହିଁ ପରମ ବିଧାନ — ଉଦାହରଣ ସ୍ୱରୂପ, ସେ ଯଦି କହେ — ଈଶ୍ୱର ଏହିପରି ଏବଂ ତାଙ୍କୁ ପାଇବାକୁ ହେଲେ ତୁମକୁ ଏଇ ମୋର ପ୍ରଦର୍ଶିତ ମାର୍ଗହିଁ ଅବଲମ୍ବନ କରିବାକୁ ପଡ଼ିବ ଏବଂ ଏହିସବୁ ଧାରା ଅବଲମ୍ବନ କରିବାକୁ ପଡ଼ିବ — ଏହି ମନୋଭାବ ରଖିବାକୁ ପଡ଼ିବ, ଏହିସବୁ ପୂଜା ପଦ୍ଧତି କରିବାକୁ ପଡ଼ିବ ଏବଂ ତୁମକୁ ଅବଶ୍ୟ ମାନିବାକୁ ପଡ଼ିବ ଯେ, ଏହାହିଁ ଏକମାତ୍ର ସତ୍ୟ ଏବଂ ତୁମକୁ ନିଶ୍ଚୟ କରିବାକୁ ପଡ଼ିବ ଯେ, ''ମୁଁ ଏହାକୁହିଁ ଏକମାତ୍ର ସତ୍ୟ ବୋଲି ଗ୍ରହଣ କରୁଛି ଏବଂ ମୁଁ ସଂପୂର୍ଣ୍ଣ ଭାବେ ଏହି ସତ୍ୟ ଓ ପଦ୍ଧତି ପାଖେ ନିଜକୁ ସମର୍ପଣ କରୁଛି । ଏହି ପଦ୍ଧତିଟିହିଁ ଏକମାତ୍ର ଠିକ୍ — ଏବଂ ଏହାହିଁ ଏକମାତ୍ର ସନାତନ ପଦ୍ଧତି''— ଯଦି ଏହିସବୁ ବିଷୟ ଲିପିବଦ୍ଧ କରାଯାଏ, ସଂଗଠିତ କରାଯାଏ ଏବଂ ଏହାକୁ କେତେକ ନିର୍ଦ୍ଧାରିତ ରୀତି ଭିତରେ, ପୂଜାପାର୍ବଣ ଭିତରେ ସଜାଡ଼ି ଦିଆଯାଏ, ସେତେବେଳେ ଏହା ଏକ ଆନୁଷ୍ଠାନିକ ଧର୍ମ ହୋଇଉଠେ ।

# ଧର୍ମ ଈଶ୍ୱରୀୟ ନୁହେଁ, ମାନବୀୟ

ଧର୍ମ ହେଲା ମଣିଷର ଊର୍ଦ୍ଧ୍ୱମାନସର ବ୍ୟାପାର । ମଣିଷର ଊର୍ଦ୍ଧ୍ୱମନ ତା'ର କ୍ଷମତାର ଯେତିକି ସୀମା, ସେତିକି ଭିତରେ ତା'ର ଊର୍ଦ୍ଧ୍ୱଭୂମିକୁ ଯିବା ଲାଗି ପ୍ରୟାସ କରୁଥାଏ । ତାକୁଇ ମଣିଷ ନାଁ ଦେଇଥାଏ ଈଶ୍ୱର, ଆତ୍ମା, ସତ୍ୟ, ବିଶ୍ୱାସ, ଜ୍ଞାନ ଅଥବା ଅସୀମ, ଏକ ପ୍ରକାର ପରମ – ଯାହାକୁ ମଣିଷର ମନ ପହଞ୍ଚିପାରେ ନାହିଁ, କିନ୍ତୁ ପହଞ୍ଚିବାକୁ ଚେଷ୍ଟା କରୁଥାଏ । ଅବଶ୍ୟ ଧର୍ମ ତା'ର ଆଦ୍ୟ ଉତ୍ପତ୍ତି ସ୍ଥଳରେ ଈଶ୍ୱରୀୟ ହୋଇଥାଇପାରେ, କିନ୍ତୁ ବାସ୍ତବ କ୍ଷେତ୍ରରେ ଯେତେବେଳେ ତାହା ପ୍ରକାଶିତ ହୁଏ, ସେତେବେଳେ ତାହା ଈଶ୍ୱରୀୟ ନ ହୋଇ ମାନବୀୟ ହୋଇଉଠେ ...

ପ୍ରତି ଧର୍ମରେ ଯେଉଁସବୁ ଦୃଢ଼ ନୀତି ବା ଅନୁଶାସନ ପ୍ରଭୃତି ରହିଛି, ସେଗୁଡ଼ିକ ହେଲା ମାନବୀୟ ମନପ୍ରସ୍ତୁତ କଥାସବୁ । ତୁମେ ଯଦି ସେଗୁଡ଼ିକୁ ଧରି ରୁହ ଏବଂ ଧର୍ମର ଅନୁଶାସନଭରା ଗଣ୍ଡି ଭିତରେ ତୁମର ଜୀବନକୁ ଆବଦ୍ଧ କରି ରଖ, ତା'ହେଲେ ତୁମେ ଆତ୍ମାର ଯଥାର୍ଥ ସତ୍ୟକୁ ଜାଣ ନାହିଁ କି ଜାଣି ମଧ୍ୟ ପାରିବ ନାହିଁ । ସେହି ପାରମାର୍ଥିକ ସତ୍ୟ, ଏହିସବୁ ନୀତିସଂହିତା, ଅନୁଶାସନାଦିର ଯଥେଷ୍ଟ ଊର୍ଦ୍ଧ୍ୱରେ ରହିଛି, ତାହା ବିଶାଳ, ବିସ୍ତୃତ ଓ ମୁକ୍ତ । ଯେତେବେଳେ ତୁମେ ଏକ ଧାର୍ମିକ ଗଣ୍ଡି ବା ସମ୍ପ୍ରଦାୟ ଠାରେ ଅଟକି ଯାଅ ଓ ନିଜକୁ ସେଥିରେ ବାନ୍ଧିରଖ, ଓ ଭାବ ଯେ, ସେତିକିହିଁ ବିଶ୍ୱରେ ଏକମାତ୍ର ସତ୍ୟ, ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ ।

## ଧର୍ମ ଓ ଯଥାର୍ଥ ଅଧ୍ୟାତ୍ମ ଜୀବନ

ଧର୍ମ ତିଷ୍ଠି ରହିଥାଏ ପ୍ରାୟ ପୂରାପୂରି ତା'ର ବାହ୍ୟ ରୂପ ଓ ଆଙ୍ଗିକ ଗୁଡ଼ିକ ଭିତରେ, ଉପରେ ତା'ର ନିର୍ଦ୍ଦିଷ୍ଟ ଧର୍ମମତ ଭିତରେ, କେତେଗୁଡ଼ିଏ ଭାବାଦର୍ଶ ଭିତରେ । ମାତ୍ର ଅଳ୍ପ କେଇଜଣ ଅସାଧାରଣ ବ୍ୟକ୍ତିଙ୍କ ଆଧ୍ୟାତ୍ମିକ ଉପଲବ୍ଧି ଜରିଆରେହିଁ କୌଣସି ଧର୍ମ ତା'ର ମହାନତା ଲାଭ କରିଥାଏ । କିନ୍ତୁ ଅପର ପକ୍ଷରେ ଯଥାର୍ଥ ଅଧ୍ୟାତ୍ମ ଜୀବନ, ଏବଂ ସର୍ବୋପରି ଅତିମାନସ ଉପଲବ୍ଧି ଯେଉଁ ସତ୍ୟ ଅଭିବ୍ୟକ୍ତ କରିବ ତାହା ସମସ୍ତ ପ୍ରକାର ଧରାବନ୍ଧା ନିର୍ଦ୍ଦିଷ୍ଟ ବୌଦ୍ଧିକ ରୂପ ବା ଆଙ୍ଗିକଠାରୁ, ଜୀବନର ସମସ୍ତ ପ୍ରକାର ସୀମିତ ରୂପାୟନ ଠାରୁ ପୃଥକ୍ । ଏହା ସବୁକିଛିର ସମ୍ଭାବନାକୁ ଆଲିଙ୍ଗନ କରେ – ସବୁକିଛି ଅଭିବ୍ୟକ୍ତିକୁ ଗ୍ରହଣ କରେ ଏବଂ ଏକ ଉଚ୍ଚତର ଏବଂ ଅଧିକତର ବିଶ୍ୱାୟିତ ସତ୍ୟର ପ୍ରକାଶ ଓ ବାହନରୂପେ ସେଗୁଡ଼ିକୁ ବ୍ୟବହାର କରେ ।

ଆଉ ଗୋଟେ ନୂଆ ଧର୍ମ ପ୍ରଚଳନ କରିବା କେବଳ ଅନାବଶ୍ୟକ ନୁହଁ, ବରଂ ବହୁତ କ୍ଷତିକର । ଆମକୁ ଏକ ନୂତନ ଜୀବନ ସୃଷ୍ଟି କରିବାକୁ ହେବ । ଏକ ନୂତନ ଚେତନାକୁ ଅବଶ୍ୟ ପ୍ରକାଶ କରିବାକୁ ହେବ । ଏହା ବୌଦ୍ଧିକ ସୀମାସବୁର ଉର୍ଦ୍ଧ୍ୱରେ ଏବଂ ମାନସିକ ସୂତ୍ରାବଳୀ ଭିତରେ ସେଗୁଡ଼ିକୁ ଧରି ରଖିବାକୁ ହେବ ନାହିଁ । ଏହା ଏକ ଜୀବନ୍ତ ସତ୍ୟ ଯାହାର ଅଭିବ୍ୟକ୍ତି ସୁନିଶ୍ଚିତ ।

ଏହି ଉପଲବ୍ଧିରେ ପ୍ରତିଟି ବିଷୟର ମର୍ମଟିକୁ ଏବଂ ତାହାର ସତ୍ୟକୁ ଅନ୍ତର୍ଭୁକ୍ତ କରିବାକୁ ହେବ । ଏହି ଉପଲବ୍ଧିଟି ଯେତେଦୂର ସମ୍ଭବ ଯେପରି ଦିବ୍ୟ ସତ୍ୟର ସାମଗ୍ରିକ ସଂପୂର୍ଣ୍ଣ ବିଶ୍ୱାୟିତ ଅଭିବ୍ୟକ୍ତି ହେବ । କେବଳ ଏହାହିଁ ମନୁଷ୍ୟଜାତିକୁ ଓ ପୃଥିବୀକୁ ରକ୍ଷା କରିପାରିବ ।

# ଶ୍ରୀଅରବିନ୍ଦ ଏବଂ ଧର୍ମ

ଶ୍ରୀଅରବିନ୍ଦଙ୍କର ସମସ୍ତ ଲେଖା ପଢ଼ି ତୁମେ ବୁଝିପାରିବ ଯେ, ତାଙ୍କର ଲେଖାକୁ ଭିତ୍ତିକରି ତୁମେ କେବେ ଗୋଟିଏ ନୂତନ ଧର୍ମ ଠିଆ କରାଇପାରିବ ନାହିଁ । କାରଣ, ସେ ପ୍ରତିଟି ସମସ୍ୟାକୁ ଏବଂ ପ୍ରତିଟି ଜିଜ୍ଞାସାକୁ ତା'ର ସମସ୍ତ ବିଭାବରେ ଉପସ୍ଥାପନ କରିଛନ୍ତି । ବିଷୟଗୁଡ଼ିକୁ ଦେଖିବାରେ ଯେତେସବୁ ଉପାୟ ରହିଛି, ସେଇ ଉପାୟଗୁଡ଼ିକ ଭିତରେ ଥିବା ସତ୍ୟକୁ ସେ ଆବିଷ୍କାର କରିଛନ୍ତି । ସେ ବୁଝାଇଛନ୍ତି ଯେ, ପରମ ସତ୍ୟକୁ ପାଇବାକୁ ହେଲେ, ତୁମକୁ ସବୁକଥାର ଏପରିଏକ ସମନ୍ୱୟ ଉପଲବ୍ଧି କରିବାକୁ ହେବ ଯାହାକି ସମସ୍ତ ପ୍ରକାର ମାନସିକ ଧାରଣାକୁ ଅତିକ୍ରମ କରି ଉପନୀତ ହୋଇଥାଏ ଚିନ୍ତାର ଅତୀତ ଏକ ବିଶ୍ୱୋତ୍ତୀର୍ଣ୍ଣ ସତ୍ୟରେ ।

... ଯେତେବେଳେ ଆମେ ଶ୍ରୀଅରବିନ୍ଦଙ୍କ କଥା କହୁ, ସେତେବେଳେ ଆମେ ବୁଝିବା ଯେ, ସେ ଆମକୁ କିଛି ଶିକ୍ଷା ଦେବାକୁ ଆସିନାହାନ୍ତି, କିଂବା କିଛି ବିଶେଷ ଜ୍ଞାନ ଦେବାକୁ ଆସି ନାହାନ୍ତି । କିନ୍ତୁ ପରମଙ୍କଠାରୁ ପ୍ରେରିତ ଏକ କର୍ମରୂପେ ସେ ଆମ ପାଖକୁ ଆସିଛନ୍ତି । ତେଣୁ ତାଙ୍କର କାର୍ଯ୍ୟକୁ ନେଇ କୌଣସି ପ୍ରକାର ଧର୍ମ ସ୍ଥାପିତ ହୋଇ ପାରେନା ।

କିନ୍ତୁ ଲୋକମାନେ ଏଡ଼େ ନିର୍ବୋଧ ଯେ, ସେମାନେ ଯେକୌଣସି ବିଷୟକୁ ଧର୍ମରେ ପରିଣତ କରିଦେଇ ପାରନ୍ତି । କାରଣ, ସେମାନଙ୍କର ସଂକୀର୍ଣ୍ଣ ଚିନ୍ତା ଏବଂ ସୀମିତ କାର୍ଯ୍ୟ ଲାଗି, ସେମାନେ ସବୁବେଳେ ଏକ ନିର୍ଦ୍ଧାରିତ ଛାଞ୍ଚର ଆବଶ୍ୟକତା ଅନୁଭବ କରୁଥା'ନ୍ତି । ସେମାନେ କେବେ ନିଶ୍ଚିନ୍ତ ହୋଇପାରନ୍ତି ନାହିଁ ଯେତେବେଳ ପର୍ଯ୍ୟନ୍ତ ସେମାନେ ଏଇଟାକୁ ସତ ଓ ସେଇଟାକୁ ମିଛ ବୋଲି ପୂରା ସାବ୍ୟସ୍ତ କରି ନ ଦେଇଛନ୍ତି । କିନ୍ତୁ ଶ୍ରୀଅରବିନ୍ଦ ଯାହାସବୁ ଲେଖିଛନ୍ତି, ତାକୁ ଜଣେ ଯଦି ପଢ଼ିଥିବ ଓ ବୁଝିଥିବ, ତାହାହେଲେ ତା' ପକ୍ଷେ କୌଣସି କିଛିକୁ ଚରମ ସତ୍ୟରୂପେ ଏଇ ଧରଣର ସାବ୍ୟସ୍ତ କରିବା ଅସମ୍ଭବ ହେବ ।

# ତୁମର ବିଶ୍ୱାସ ଓ ଅନ୍ୟମାନଙ୍କ ବିଶ୍ୱାସ

ତୁମେ ଯାହା ଜାଣିଛ, ତାହାହିଁ ଯେ ଏକମାତ୍ର ସତ୍ୟ, ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କର ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ – ତୁମେ ଯଦି ଏହିପରି ଭାବୁଥାଅ, ତାହାହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକମାନେ ଯାହା କରୁଥିଲେ, ତୁମେ ତାହାହିଁ କରୁଛ ... । ଯେଉଁସବୁ ସତ୍ୟଗୁଡ଼ିକ ସହିତ ତୁମେ ସଂଯୁକ୍ତ ହେଲଣି, ସେଗୁଡ଼ିକ ତୁମ ବ୍ୟକ୍ତିଗତ ସଂଯୋଗ – ଏହି ସଂଯୋଗ ତୁମ ପାଇଁ ହୁଏତ ଊଣାଧିକେ ସ୍ୱଚ୍ଛ, ଗଭୀର, ବିଶାଳ ଏବଂ ଶୁଦ୍ଧ ହୋଇପାରେ ଏବଂ ଏହା ମଧ୍ୟ ହୋଇପାରେ ଯେ, ଏହି ବ୍ୟକ୍ତିଗତ ଅଭିଜ୍ଞତା ବ୍ୟକ୍ତିଗତ ଭାବେ ତୁମକୁ ତୃପ୍ତି ଦେଇଥାଇପାରେ ଏବଂ ଏପରିକି ଏହା ତୁମକୁ ଏକ ସିଦ୍ଧାନ୍ତମୂଳକ ଅଭିଜ୍ଞତା ବି ଦେଇଥାଇପାରେ; କିନ୍ତୁ ସେହି ଅଭିଜ୍ଞତା ବା ଉପଲବ୍ଧିଟି ତୁମ ଲାଗି ଯେତେ ସିଦ୍ଧାନ୍ତମୂଳକ ଗୁରୁତ୍ୱପୂର୍ଣ୍ଣ ଅଭିଜ୍ଞତା ହୋଇଥାଉ ନା କାହିଁକି, ତୁମେ କେବେ ବି ଯେପରି କଳ୍ପନା ନ କର ଯେ, ଏହା ଏକ ସାର୍ବଜନୀନ ଅଭିଜ୍ଞତା ଏବଂ କେବେ ଭାବିବ ନାହିଁ ଯେ, ସେହି ସତ୍ୟ ସହିତ ଅନ୍ୟ ଜଣକର ସଂଯୋଗହେଲେ ତା'ର ସେଇ ଏକାପ୍ରକାର ଅଭିଜ୍ଞତା ହେବ । ଯଦି ତୁମେ ଏତକ ବୁଝିପାରିବ ଯେ, ଯାହାକିଛି ତୁମେ ପାଇଛ ଓ ଅନୁଭବ କରୁଛ, ତାହା ତୁମର ସଂପୂର୍ଣ୍ଣ ଭାବେ ବ୍ୟକ୍ତିଗତ ଓ ସ୍ୱଗତ, ଏବଂ ଏହା ଆଦୌ ସାର୍ବଜନୀନ ଓ ପରମନୀତି ନୁହେଁ, ସେତେବେଳେ ଯାଇ ଅନ୍ୟ ଲୋକର ଜ୍ଞାନ ଓ ଅଭିଜ୍ଞତାକୁ ତୁମେ ହତାଦର କରିବ ନାହିଁ ଏବଂ ତୁମ ନିଜର ମତ ଓ ଅଭିଜ୍ଞତାକୁ ଅନ୍ୟ ଉପରେ ଲଦିଦେବ ନାହିଁ । ଏତିକି ବୁଝାମଣା ହେଲେ ତୁମ୍ଭମାନଙ୍କ ଭିତରେ ଯେଉଁ ମାନସିକ କଳହ ରହେ, ତାହା ଆଉ ରହିବ ନାହିଁ, ଏବଂ ସେଗୁଡ଼ିକ ସଂପୂର୍ଣ୍ଣ ଭାବେ ନିରର୍ଥକ ବୋଲି ଜାଣିବ ।

# ପ୍ରଚାର ଧର୍ମୀ ମନୋଭାବ

ଯଦି ତୁମେ ଏଇ ଧାରଣାରେ ଉପନୀତ ହୁଅ ଯେ, ଏହି ବିଶ୍ୱ ହେଉଛି ଈଶ୍ୱରଙ୍କର ଅନନ୍ତ ଜଟିଳତାର ଅଭିବ୍ୟକ୍ତି, ତାହାହେଲେ ତୁମେ ବୁଝିପାରିବ ଯେ ଏହି ବିଶ୍ୱରେ ଜଟିଳତା ଏବଂ ବହୁମୁଖିତାର ପ୍ରୟୋଜନ ନିଶ୍ଚୟ ରହିଛି । ତାହାହେଲେ ତୁମେ ଅନ୍ୟମାନେ ଠିକ୍ ତୁମରି ଭଳି ଭାବନ୍ତୁ ଓ ଅନୁଭବ କରନ୍ତୁ ବୋଲି କେବେହେଲେ ବି ଦାବି କରିବା ତୁମ ପାଇଁ ଅସମ୍ଭବ ହୋଇପଡ଼ିବ ।

ପ୍ରତ୍ୟେକ ଲୋକର ନିଜ ବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ଅଛି । କାହିଁକି ତୁମେ ଭାବିବ ଯେ, ତୁମେ ଯାହା କରୁଛ, ଅନ୍ୟମାନେ ତାହା କରନ୍ତୁ ଓ ତୁମଭଳି ହୁଅନ୍ତୁ ? ଧରାଯାଉ ଯେ, ସେମାନଙ୍କ ସତ୍ୟଠାରୁ ତୁମ ସତ୍ୟ ମହତ୍ତର... କିନ୍ତୁ ଯେଉଁ ମୁହୂର୍ତ୍ତରେ ତୁମେ ଭାବିବାକୁ ଆରମ୍ଭ କରିବ ଯେ, ଅନ୍ୟର ସତ୍ୟଠାରୁ ତୁମର ସତ୍ୟ ମହତ୍ତର ବୋଲି, ସେଇ ମୁହୂର୍ତ୍ତରୁହିଁ ତୁମେ ଯଥାର୍ଥ ସତ୍ୟଠାରୁ ଦୂରେଇ ଯାଅ ।

ଅନ୍ୟକୁ ତୁମରି ଧାରାରେ ଚିନ୍ତା କରିବାକୁ ବାଧ୍ୟ କରିବାର ଅଭ୍ୟାସ ମୁଁ ଯେତେବେଳେ ଯାହାଠାରେ ଦେଖେ, ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗେ । ଏହାକୁ ମୁଁ କହେ – ''ପ୍ରଚାରଧର୍ମୀ ମନୋଭାବ'', ଏବଂ ଏଇ ମନୋଭାବ ବହୁତ ଦୂର ଯାଇପାରେ । ଏହି ମନୋଭାବ ଆଉ ଟିକେ ବଢ଼ିଗଲେ ତୁମେ ଇଚ୍ଛା କରିବ : ତୁମେ ଯାହା କରୁଛ ଅନ୍ୟମାନେ ସେଇଆ କରନ୍ତୁ, ତୁମେ ଯାହା ଅନୁଭବ କରୁଛ ଅନ୍ୟମାନେ ସେଇଆ ଅନୁଭବ କରନ୍ତୁ – ତାହା ହେଲେ ତ ଏହା ଏକ ଭୟଙ୍କର ସମାନତାର ବ୍ୟାପାର ହୋଇଉଠିବ !

# ଆଧ୍ୟାତ୍ମିକ ଜୀବନ ଓ ନୈତିକତା

ଆଧ୍ୟାତ୍ମିକ ଜୀବନ କିଂବା ଯୋଗ ଜୀବନର ଲକ୍ଷ୍ୟହେଲା – ଦିବ୍ୟଚେତନା ଭିତରେ ବିକଶିତ ହେବା ଏବଂ ତା' ଫଳରେ ତୁମ ଭିତରେ ଯାହାସବୁ ଅଛି, ସେଗୁଡ଼ିକୁ ପବିତ୍ର, ଗଭୀର, ମହିମା-ମଣ୍ଡିତ ଏବଂ ପରିପୂର୍ଣ୍ଣ କରିବା । ଈଶ୍ୱରଙ୍କୁ ପ୍ରକାଶ କରିବା ଲାଗି ଏହା ତୁମକୁ ଏକ ଶକ୍ତିଶାଳୀ ମାଧ୍ୟମ କରିଦିଏ । ଯେଉଁମାନେ ଏହି ଜୀବନ ବଞ୍ଚିବାରେ ଚେଷ୍ଟା କରୁଥା'ନ୍ତି, ସେମାନଙ୍କର ପ୍ରତ୍ୟେକଙ୍କର ବ୍ୟକ୍ତିତ୍ୱ ଏହା ଦ୍ୱାରା କ୍ରମଶଃ ଊର୍ଦ୍ଧ୍ୱତନ ସ୍ତରକୁ ବିକଶିତ ହୋଇ ଚାଲିଥାଏ ଏବଂ ସେଥିରେ ଦିବ୍ୟତାର ସର୍ବୋତ୍ତମ ଅଭିବ୍ୟକ୍ତି ଘଟିଥାଏ । କାରଣ ଏହାହିଁ ଦିବ୍ୟ ଯୋଜନାର ଅଂଶବିଶେଷ । ଅନ୍ୟପକ୍ଷରେ ନୈତିକତା ଏକ ମାନସିକ ଗଠନରୁ ଆରମ୍ଭ ହୁଏ, ଏହା ''କ'ଣ ଭଲ ! କ'ଣ ଭଲ ନୁହଁ,'' ଏହିପରି କେତେକ ମାନସିକ ଧାରଣା ଉପରେ ଚାଲେ । ଏହା କେତେକ ଆଦର୍ଶ ଛାଞ୍ଚ ତିଆରି କରେ ଏବଂ ସେହି ଛାଞ୍ଚରେ ସମସ୍ତଙ୍କୁ ପକାଇବାକୁ ବାଧ୍ୟ କରେ... । କିନ୍ତୁ ଆଧ୍ୟାତ୍ମିକ ଜୀବନ ସମସ୍ତଙ୍କ ଭିତରେ ସେହି ଏକା ଦିବ୍ୟ ସାରସତ୍ତ୍ୱକୁ ପ୍ରକାଶ କରେ, କିନ୍ତୁ ସେଥିରେ ସେହି ଅସୀମ ପ୍ରଭୁଙ୍କର ଅସୀମ ବିଭିନ୍ନତା ମଧ୍ୟ ପ୍ରକାଶିତ ହେଉଥାଏ । ଏକତ୍ୱ ଭିତରେ ଏହା ବିଭିନ୍ନତାକୁ ପ୍ରଦର୍ଶନ କରାଉଥାଏ ଏବଂ ଏହି ବୈଚିତ୍ର୍ୟ ଭିତରେ ପୂର୍ଣ୍ଣତା ଆଣିବା ପାଇଁ ଚେଷ୍ଟା କରୁଥାଏ । ନୈତିକତା ଏକ କୃତ୍ରିମ ମାନଦଣ୍ଡରେ ସମସ୍ତଙ୍କୁ ଠିଆ କରାଇବାକୁ ଚାହୁଁଥିଲାବେଳେ, ଆଧ୍ୟାତ୍ମିକତା ଜୀବନର ବହୁ ବୈଚିତ୍ର୍ୟ ଭିତରେ ଲୀଳାୟିତ ହୁଏ । ଏହା ମଧ୍ୟ ଆତ୍ମାର ସ୍ୱାଧୀନତାକୁ ସାବ୍ୟସ୍ତ କରେ । ନୈତିକତା କିନ୍ତୁ ଏପରି ଏକ ମାନସିକ ଅଚଳ ସ୍ଥିରତାର ସୀମିତ ବୃତ୍ତ ତିଆରି କରେ, ଯାହା ଭିତରେକି ସମସ୍ତଙ୍କୁ ଭର୍ତ୍ତି ହୋବା ପାଇଁ ବାଧ୍ୟ କରିଥାଏ । ଏହା ସମସ୍ତଙ୍କୁ ଗୋଟିଏ ପ୍ରକାର ଗୁଣ ଅର୍ଜନ କରିବାକୁ ଏବଂ ଏକ ପ୍ରକାର ଆଦର୍ଶ ପ୍ରକୃତି ଗଠନ କରିବାକୁ ମଧ୍ୟ ବାଧ୍ୟ କରିଥାଏ । ନୈତିକତା କେବେ ଦିବ୍ୟ ହୋଇପାରେନା, କି ଦିବ୍ୟତାର ଭାବ ମଧ୍ୟ ହୋଇପାରେ ନା । ଏହା ପୂରାପୂରି ମାନବୀୟ ଓ ମନୁଷ୍ୟକୃତ ।

# ନିଜ ପାଇଁ କେତୋଟି ନିୟମ ରଖ

ନୈତିକତା ହେଲା ସଂପୂର୍ଣ୍ଣ ଭାବେ କୃତ୍ରିମ ଓ ମନମୁଖି ବ୍ୟାପାର । ଏବଂ ଅଧିକାଂଶ କ୍ଷେତ୍ରରେ, ଯେଉଁମାନେ ସତକୁ ସତ ନୀତିବାଦୀ, ସେମାନଙ୍କ ଭିତରେ ଏହା ଯଥାର୍ଥ ଆଧ୍ୟାତ୍ମିକ ପ୍ରୟାସକୁ ବାଧାଦିଏ । କାରଣ ନୀତିବାଦୀମାନେ ଏକ ନୈତିକ ସନ୍ତୋଷରେ ମଗ୍ନ ଥାଆନ୍ତି । ସେମାନେ ଭାବନ୍ତି ଯେ, ସେମାନେ ଠିକ୍ ବାଟରେ ଅଛନ୍ତି ... ।

କିନ୍ତୁ ପ୍ରକୃତରେ ଯାହା ଆମକୁ ସାହାଯ୍ୟ କରିବ ତାହା ହେଲା – ନିଜ ଭିତରର ଆଲୋକକୁ ପ୍ରାପ୍ତହେବା ପର୍ଯ୍ୟନ୍ତ, ତୁମେ ତୁମ ନିଜ ପାଇଁ କେତେକ ନୀତି ସ୍ଥିର କରିନିଅ । ସେହି ନୀତିଗୁଡ଼ିକ ଯେପରି ଖୁବ୍ କଠୋର ଓ ଧରାବନ୍ଧା ନ ହୁଏ । କିନ୍ତୁ ତଥାପି ସେଗୁଡ଼ିକ ଏପରି ନିର୍ଦ୍ଦିଷ୍ଟ ହେବା ଉଚିତ ଯେ, ଯାହାଫଳରେ କି ତୁମେ ସତ୍‌ପଥରୁ ସଂପୂର୍ଣ୍ଣଭାବେ ବିଚ୍ୟୁତ ହୋଇଯିବ ନାହିଁ, କିଂବା ଏପରି ଭୁଲ୍ କରି ବସିବ ନାହିଁ ଯାହାକି ଆଉ ସଂଶୋଧିତ ହୋଇ ପାରିବ ନାହିଁ – ସାରା ଜୀବନ ତୁମେ ସେଇ ପ୍ରମାଦର କୁଫଳ ଭୋଗି ଚାଲିଥିବ ।

ଏହିସବୁ ଦୃଷ୍ଟିରୁ ତୁମ ଜୀବନ ଲାଗି ତୁମେ କେତୋଟି ନୀତି ନିର୍ଦ୍ଧାରଣ କରିନିଅ, ତେବେ ଏକଥା ସତ ଯେ, ପ୍ରତ୍ୟେକ ବ୍ୟକ୍ତି ତା' ନିଜ ପ୍ରକୃତିର ଧର୍ମ ଅନୁଯାୟୀ ଏହି ନୀତିଗୁଡ଼ିକୁ ନିର୍ଦ୍ଧାରଣ କରିବ । କିନ୍ତୁ ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ, ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେଇସବୁ ନିୟମର କ୍ରୀତଦାସ ହୋଇ ରହିବ ଏବଂ ତାହାହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ ।

# ନିଜର ପଥ ଅନୁସରଣ କର

ପ୍ରଶ୍ନ : ''ତୁମ ନିଜ ଶୀର୍ଷଦେଶରେ ତୁମେ ପହଞ୍ଚିବା ଉଚିତ,'' ଶ୍ରୀଅରବିନ୍ଦ ଏହାହିଁ କହିଛନ୍ତି । ବର୍ତ୍ତମାନ ପ୍ରଶ୍ନ ହେଲା – ଏହି ଶୀର୍ଷ ଦେଶଟି ସମସ୍ତଙ୍କ ପାଇଁ ସମାନ ନା, ପ୍ରତ୍ୟେକଙ୍କ ପାଇଁ ସ୍ୱତନ୍ତ୍ର ଶୀର୍ଷଦେଶ ରହିଛି ?

ଉତ୍ତର : ସର୍ବଶେଷ ବିଶ୍ଲେଷଣରେ ଯଦି କଥାଟି ବୁଝିବ, ତାହାହେଲେ ଜାଣିବ ଯେ, ସେଇ ଶୀର୍ଷ ସ୍ଥାନଟି ସମସ୍ତଙ୍କ ପାଇଁ ଏକା । ତାହାହେଲା – ସବୁକିଛି ପଛରେ ରହିଛି ଦିବ୍ୟ ଏକତ୍ୱ । କିନ୍ତୁ ପ୍ରତ୍ୟେକ ଲୋକ ତା'ନିଜ ଶୀର୍ଷରେ ପହଞ୍ଚିବା ଉଚିତ ବୋଲି ଯାହା କୁହାଯାଇଛି, ତା'ର ଅର୍ଥ ହେଲା – ପ୍ରତ୍ୟେକ ଲୋକ ତା' ନିଜସ୍ୱ ପ୍ରକୃତି ଭିତର ଦେଇ ଯିବ ଏବଂ ତା' ନିଜ ମାର୍ଗରେ ସେଇ ଦିବ୍ୟ ଏକତ୍ୱକୁ ପ୍ରକାଶ କରିବ । ସେହିଦିନ ଆମେ ଏହି କଥାଟି  କହୁଥିଲେ : ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧାରାରେ ସଂପର୍କିତ ହୁଏ ଏବଂ ଏକ ସ୍ୱତନ୍ତ୍ର ଧାରାରେ ଈଶ୍ୱରଙ୍କୁ ପ୍ରକାଶ କରେ । ତୁମେ ଅନ୍ୟର ପନ୍ଥା ଗ୍ରହଣ କରିବା ଆବଶ୍ୟକ ନାହିଁ ! ତୁମେ ତୁମ ବାଟକୁ ଅନୁସରଣ କରି ଚାଲ ଏବଂ ତୁମ ବାଟରେ ଗଲେହିଁ ତୁମେ ସେଇ ଶୀର୍ଷରେ ପହଞ୍ଚି ପାରିବ । ଏଇ ଶୀର୍ଷ ସ୍ଥାନଟି ''ଏକ'', କିନ୍ତୁ ତୁମ ବାଟରେ ତୁମେ ଯାଇ ସେଠି ପହଞ୍ଚୁଛ । ଲକ୍ଷ୍ୟଟି ରହିଛି ଏହି ଶୀର୍ଷକୁ ଅତିକ୍ରମ କରି ତା'ର ଆହୁରି ଊର୍ଦ୍ଧ୍ୱରେ । ସେଇ ଲକ୍ଷ୍ୟଟି ''ଏକ'' ଏବଂ ସବୁ ଶୀର୍ଷର ଅତୀତ ଓ ଊର୍ଦ୍ଧ୍ୱରେ । କିନ୍ତୁ ପ୍ରତ୍ୟେକଙ୍କୁ ତାଙ୍କ ନିଜ ରାସ୍ତାରେ ଯାଇ ସେଠାରେ ପହଞ୍ଚିବାକୁ ହେବ । ପ୍ରତ୍ୟେକଙ୍କୁ ତାଙ୍କ ନିଜର ପାହାଡ଼ ଚଢ଼ିବାକୁ ହେବ, ଅନ୍ୟର ପାହାଡ଼ ନୁହେଁ ।

# ମଣିଷର ସେବା

ଆମ ଭିତରେ ଯେତେ ପ୍ରକାର ଉଚ୍ଚାକାଙ୍କ୍ଷା ଅଛି, ତା' ଭିତରେ ସବୁଠାରୁ ସାଧାରଣ ଉଚ୍ଚାକାଙ୍କ୍ଷାଟି ହେଲା, 'ମଣିଷର ସେବା' କରିବାର ଧାରଣା । ଏହି ପ୍ରକାର ସେବା ପାଇଁ ଯେତେ ଆସକ୍ତି ରହିଛି, ସେସବୁଗୁଡ଼ିକ ହେଲା – ବ୍ୟକ୍ତିଗତ ଉଚ୍ଚାକାଙ୍କ୍ଷାର ଚିହ୍ନ । ଯେଉଁ ଗୁରୁ ବିଶ୍ୱାସ କରୁଥାଏ ଯେ ସମଗ୍ର ମାନବଜାତିକୁ ତା'ର ଏକ ମହାନ୍ ଶିକ୍ଷା ଦେବାର ଅଛି, ଏବଂ ଯେ ବହୁ ଶିଷ୍ୟ ଚାହୁଁଥାଏ, ଏବଂ ଶିଷ୍ୟମାନେ ତା' ପାଖରୁ ଚାଲିଗଲେ ଯେ ଅସୁଖୀ ହୋଇଉଠେ, କିଂବା ଯେ ତା' ପାଖକୁ ଆସେ ତାକୁ ସେ ଶିଷ୍ୟ କରିବା ପାଇଁ ତତ୍ପର ହୋଇଉଠେ ଏବଂ ତାକୁ ବାନ୍ଧି ରଖିବାକୁ ଚାହେଁ – ଏଥିରୁ ସଫା ପ୍ରମାଣିତ ହୁଏ ଯେ, ଏହି ଲୋକଟି ତା' ନିଜର ଉଚ୍ଚାକାଙ୍କ୍ଷା ପୂରଣ କରିବା ବ୍ୟତୀତ ଆଉ କିଛି କରୁ ନାହିଁ । ତୁମେ ଯଦି ଦିବ୍ୟ ଆଦେଶ ଅନୁସରଣ କରିବାକୁ ପ୍ରସ୍ତୁତ ଅଛ, ତେବେ ତୁମେ ପ୍ରସ୍ତୁତ ହେବା ଉଚିତ, ଯେପରି ତୁମକୁ ଯାହା କରିବା ପାଇଁ ଦିଆଯିବ, ତାହା ତୁମେ ଗ୍ରହଣ କରିବ । ଏପରିକି ତାହା ଖୁବ୍ ଗୋଟିଏ ବଡ଼ ଦାୟିତ୍ୱପୂର୍ଣ୍ଣ କର୍ମ ହୋଇପାରେ, ଏବଂ ଅପର ପକ୍ଷରେ ତୁମେ ମଧ ସମର୍ଥ ହେବା ଉଚିତ ଯେ, ଯଦି ତା' ପର ଦିନ ତୁମକୁ ସେ କାର୍ଯ୍ୟଟି ଛାଡ଼ି ଦେବାକୁ ପଡ଼େ ତାହାହେଲେ ଏକା ଭଳି, ଶାନ୍ତ ମନରେ ଯେପରି ତୁମେ ତାକୁ ଛାଡ଼ିଦେଇ ପାରିବ ଏବଂ ଭାବିବ ଯେ, ସେ ଦାୟିତ୍ୱଟି ତୁମର ନୁହେଁ । କୌଣସି ବିଷୟ ପ୍ରତି ଅଥବା କୌଣସି ଜୀବନଧାରା ପ୍ରତି ତୁମର ଯେପରି କିଛି ଆସକ୍ତି ନ ରହେ । ତୁମକୁ ସଂପୂର୍ଣ୍ଣ ଭାବେ ମୁକ୍ତ ହେବାକୁ ପଡ଼ିବ । ଯଦି ତୁମେ ପ୍ରକୃତ ଯୋଗୀର ମନୋଭାବ ଗ୍ରହଣ କରିବାକୁ ଚାହଁ, ତାହାହେଲେ ଈଶ୍ୱରଙ୍କ ପାଖରୁ ଯାହା ଆସିବ, ସେଗୁଡ଼ିକୁ ତୁମେ ଗ୍ରହଣ କରିବ ଏବଂ ଯାହା ତୁମଠାରୁ ଯିବ, ତାକୁ ମଧ ସହଜରେ ବିନା ସନ୍ତର୍ପଣରେ ଯିବାକୁ ଦେବ ।

# କ'ଣ କରୁଛ ତାହା ବଡ଼ କଥା ନୁହେଁ

ଜଣେ କ'ଣ କରେ, ସେଇଟା ବଡ଼ କଥା ନୁହେଁ – (ଅବଶ୍ୟ କରିବା କଥାଟା ଗୁରୁତ୍ୱପୂର୍ଣ୍ଣ, ତାହା ତ ପ୍ରମାଣିତ) । କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା – ପ୍ରକୃତରେ ସେ ନିଜେ କ'ଣ । କାମଟି ଯାହା ହେଉନା କାହିଁକି, ଯେଉଁ ବାଟରେ ସେ କାମ କରାହୋଇଥାଉ ନା କାହିଁକି, ସବୁଠାରୁ ବଡ଼ କଥା ହେଲା କେଉଁ ଚେତନାରେ ରହି ସେହି କାର୍ଯ୍ୟଟି କରାଯାଇଛି । ତୁମେ କାମଟିଏ କରିପାର, ଏପରିକି, କୌଣସି ବ୍ୟକ୍ତିଗତ ଲାଭ ଆଶା ନ ରଖି ମଧ୍ୟ କାମଟି କରୁଥାଇପାର, ଆଉ ମଧ୍ୟ କାମ କରିବାର ଆନନ୍ଦରେ କାମଟି କରିପାର, କିନ୍ତୁ ତା' ସଙ୍ଗେ ସଙ୍ଗେ ତୁମକୁ ସେଇ କାମଟିକୁ ଛାଡ଼ି ଦେବାକୁ ପଡ଼ିଲେ ତୁମେ ଯଦି ନିଜ ଆଡ଼ୁ କାମଟିକୁ ଛାଡ଼ି ଦେଇ ନ ପାରୁଛ, କିଂବା ତୁମକୁ ଯଦି ସେଇ କାମଟି ପରିବର୍ତ୍ତନ କରିବାକୁ କୁହାଯାଏ, କିଂବା ତୁମର କାମ କରିବାର ପ୍ରଣାଳୀକୁ ପରିବର୍ତ୍ତନ କରିବାକୁ କୁହାଯାଏ, ସେତେବେଳେ ଯଦି ତୁମେ ସେଇ କାମଟିକୁ ବା ତା'ର ପ୍ରଣାଳୀଟିକୁ ଜାବୁଡ଼ିଧର, ତାହାହେଲେ ବୁଝିବାକୁ ହେବ ଯେ ତୁମର ସମର୍ପଣ ସଂପୂର୍ଣ୍ଣ ହୋଇ ନାହିଁ । ତୁମକୁ ଏପରି ଏକ ଅବସ୍ଥାକୁ ଆସିବାକୁ ହେବ, ଯେତେବେଳେ ତୁମେ ଦେଖିବ ଯେ, ସବୁକିଛି ହୋଇ ଯାଇଛି, କାରଣ ତୁମେ ଯାହା ନିଜ ଭିତରେ ଅନୁଭବ କରୁଛ, ଖୁବ୍ ସ୍ପଷ୍ଟ ଭାବେ ଅଧିକରୁ ଅଧିକ ଆତ୍ମପ୍ରତ୍ୟୟର ସହିତ ତୁମର ହୃଦ୍‌ବୋଧ ହୋଇଛି ଯେ, ଏହି କାର୍ଯ୍ୟଟି କରିବାକୁ ହେବ ଏବଂ ଏହାକୁ ଏହି ନିର୍ଦ୍ଦିଷ୍ଟ ପ୍ରକାରେ କରିବାକୁ ହେବ, ସେହି କାରଣରୁହିଁ କାର୍ଯ୍ୟଟି ତୁମେ କରୁଛ । କୌଣସି ଅଭ୍ୟାସବଶତଃ ତୁମେ ଏକାର୍ଯ୍ୟଟି କରୁ ନାହଁ, କୌଣସି ଆସକ୍ତି ଯୋଗୁଁ କିଂବା କାର୍ଯ୍ୟଟି ପ୍ରତି ତୁମର ଏକ ସ୍ୱତନ୍ତ୍ର ରୁଚି ଅଛି ବୋଲି କିଂବା କୌଣସି ଧାରଣାର ବଶବର୍ତ୍ତୀ ହୋଇ ତୁମେ ସେ କାର୍ଯ୍ୟଟି କରୁ ନାହଁ । ଏପରିକି ତୁମେ ଭାବିବା ଉଚିତ ନୁହେଁ ଯେ, ତୁମେ ଯାହା କରିବାକୁ ଯାଉଛ, ତାହା ସବୁଠାରୁ ଶ୍ରେଷ୍ଠ କାର୍ଯ୍ୟ । ଯଦି ଏପରି ଭାବୁଥାଅ, ତା'ହେଲେ ଭାବିବାକୁ ହେବ ଯେ, ତୁମର ସମର୍ପଣ ସଂପୂର୍ଣ୍ଣ ହୋଇ ନାହିଁ ।

## ମନୁଷ୍ୟକୁ ସାହାଯ୍ୟ କରିବା ପ୍ରସଙ୍ଗରେ – ୧

ପ୍ରଶ୍ନ : ଈଶ୍ୱର ସର୍ବତ୍ର ଅଛନ୍ତି । ଏଣୁ ଜଣେ ଯଦି ମାନବଜାତିର ସେବା କରେ, ତାହେଲେ ସେ କ'ଣ ଈଶ୍ୱରଙ୍କ ସେବା କରୁ ନାହିଁ କି ?

ଉତ୍ତର : ଭାରି ଚମତ୍କାର କଥା ପଚାରିଲ ! ଏପ୍ରସଙ୍ଗରେ ସବୁଠାରୁ ପରିଷ୍କାର କଥାଟି ହେଲା : ''ଈଶ୍ୱର ମୋ ଭିତରେ ଅଛନ୍ତି, ଏବଂ ମୁଁ ଯଦି ମୋ ସେବା କରେ ତାହେଲେ ତ ମୁଁ ଈଶ୍ୱରଙ୍କ ସେବା କରୁଛି !'' (ମା' ହସିଲେ) ବସ୍ତୁତଃ ଈଶ୍ୱର ସର୍ବତ୍ର ବିଦ୍ୟମାନ । ତେଣୁ ଏଇଟା ଜାଣି ରଖ ଯେ, ଈଶ୍ୱର ତାଙ୍କ କାର୍ଯ୍ୟଟି ତୁମର ସାହାଯ୍ୟ ନ ନେଇ ମଧ୍ୟ ସୁଚାରୁ ରୂପେ କରିବେ ।

ମୁଁ ଦେଖୁଛି, ମୁଁ କ'ଣ କହିଲି ତୁମେ ବୁଝିପାରୁ ନାହଁ । କିନ୍ତୁ ସତ କହିବାକୁ ଗଲେ, ତୁମେ ଯଦି ବୁଝିପାରୁଛ ଯେ, ଈଶ୍ୱର ସର୍ବକ୍ଷଣ ସର୍ବତ୍ର ରହିଛନ୍ତି, ତାହାହେଲେ ତୁମେ ମନୁଷ୍ୟଜାତିର ସେବା କରିବାକୁ କେଉଁ କଥା ନେଇ ଘାଣ୍ଟି ହେଉଛ ? ତାହା ହେଲେ, ମଣିଷର ସେବା କରିବାକୁ ହେଲେ ମଣିଷ ପାଇଁ କ'ଣ ଦରକାର ସେକଥା ତୁମକୁ ଈଶ୍ୱରଙ୍କଠାରୁ ଅଧିକ ଜାଣିବାକୁ ପଡ଼ିବ । ତେବେ ତୁମେ କ'ଣ ମଣିଷର ଭଲ କରିବା ଦିଗରେ ଈଶ୍ୱରଙ୍କ ଠାରୁ ବେଶୀ ଜାଣ ?

... ମୋ ଦିଗରୁ ଦେଖିଲେ, ମୁଁ କେବଳ ଗୋଟିଏ ସମାଧାନ ଜାଣେ : ଯଦି ତୁମେ ମଣିଷକୁ ସାହାଯ୍ୟ କରିବାକୁ ଚାହଁ, ତୁମ ପାଇଁ ଗୋଟିଏ ମାତ୍ର ବାଟ ଅଛି, ତୁମେ ନିଜକୁ ଯଥାସମ୍ଭବ ସଂପୂର୍ଣ୍ଣ ଭାବେ ସଂଗୃହୀତ କର ଏବଂ ନିଜକୁ ଈଶ୍ୱରଙ୍କ ପାଖେ ଉତ୍ସର୍ଗ କର । ତାହାହିଁ ସମାଧାନ । କାରଣ ଏହି ବାଟରେ ଅନ୍ତତଃ ଏହି ଯେଉଁ ଜଡ଼ ବାସ୍ତବତାକୁ ତୁମେ ପ୍ରତିନିଧିତ୍ୱ କରୁଛ, ତାହା ଈଶ୍ୱରଙ୍କ ଭଳି ହେବା ଲାଗି ଟିକିଏ ହେଲେ ବିକାଶ ଲାଭ କରିବ ।

## ମନୁଷ୍ୟକୁ ସାହାଯ୍ୟ କରିବା ପ୍ରସଙ୍ଗରେ – ୨

ମନୁଷ୍ୟର ସେବା କରିବା ପାଇଁ ତୁମେ କ'ଣ କରିବାକୁ ଚାହଁ ? ଗରିବମାନଙ୍କୁ ଖାଦ୍ୟ ଯୋଗାଇବ ? – ତୁମେ ଲକ୍ଷ ଲକ୍ଷ ଗରିବଙ୍କୁ ଖୁଆଇ ପାର । ତାହା ସମାଧାନ ନୁହେଁ, ଏ ସମସ୍ୟା ଯେମିତି ଥିଲା, ସେମିତି ରହିବ । ମଣିଷ-ସମାଜକୁ ନୂଆ ଆଉ ଅଧିକତର ଭଲ ଭାବେ ବଂଚିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିବ ? – ଈଶ୍ୱର ତ ସେମାନଙ୍କ ଭିତରେ ବିଦ୍ୟମାନ, ତା'ହେଲେ କାହିଁକି ଭଲା କିଛି କୁଆଡ଼ୁ ପରିବର୍ତ୍ତନ ହେଉ ନାହିଁ ? ମଣିଷର ଅବସ୍ଥା ସମ୍ବନ୍ଧେ ଈଶ୍ୱର ତୁମଠାରୁ ଅନ୍ତତଃ ଅଧିକ ଜାଣିବା କଥା । ତୁମେ କିଏ ଆଉ କ'ଣ ? ତୁମେ ସେହି ପରମଙ୍କ ଚେତନାର କେତେ ସାମାନ୍ୟତମ ଅଂଶକୁ ଓ କେତେ ସାମାନ୍ୟତମ ବସ୍ତୁକୁ ପ୍ରତିନିଧିତ୍ୱ କରୁଛ, ଏତିକି ମାତ୍ର ବିଷୟକୁ ନେଇ ତୁମେ ନିଜକୁ କହୁଛ ''ମୁଁ'' । ଯଦି ତୁମେ ମଣିଷମାନଙ୍କୁ ସାହାଯ୍ୟ କରିବାକୁ ଚାହଁ, କିଂବା ପୃଥିବୀ ପାଇଁ, ବିଶ୍ୱ ପାଇଁ କିଛି ଉପକାର କରିବାକୁ ଚାହଁ ତେବେ ତୁମର ଏକମାତ୍ର କର୍ତ୍ତବ୍ୟ ହେଲା – ତୁମର ସେହି କ୍ଷୁଦ୍ରାଦପି କ୍ଷୁଦ୍ର ''ମୁଁତ୍ୱ''ଟିକୁ ପରମେଶ୍ୱରଙ୍କ ପାଖରେ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରିଦେବା । କାହିଁକି ପୃଥିବୀ ଦିବ୍ୟ ହୋଇ ନାହିଁ ?...ଏକଥା ଅବଶ୍ୟ ପ୍ରମାଣିତ ଯେ, ଏ ପୃଥିବୀ ଠିକ୍ ଶୃଙ୍ଖଳା ଭିତରେ ନାହିଁ । ସୁତରାଂ ଏ ସମସ୍ୟା ପାଇଁ ଏକମାତ୍ର ସମାଧାନ ହେଲା – ତୁମ ପାଖରେ ଯାହା ଅଛି ତାକୁ ଦାନ କରିଦେବା । ଦେଇଦିଅ, ସମଗ୍ର ଭାବେ ଈଶ୍ୱରଙ୍କୁ ଦେଇଦିଅ; ତୁମ ପାଇଁ କେବଳ ନୁହେଁ, ମଣିଷଜାତି ଲାଗି, ବିଶ୍ୱଲାଗି । ଏହାଠାରୁ ବଳି ସମାଧାନ ଆଉ କିଛି ନାହିଁ ।

# ଯୋଗ ପଥରେ ଯିବା ଲାଗି ଆହ୍ୱାନ

ଯେଉଁ ପ୍ରଶ୍ନଟିର ତୁମେ ଉତ୍ତର ଦେବା ଉଚିତ, ତାହାହେଲା – ''ତୁମେ ଈଶ୍ୱରଙ୍କ ପାଇଁ ଯୋଗ କରିବାକୁ ଚାହୁଁଛ କି ? ଈଶ୍ୱର ତୁମ ଜୀବନର ପରମ ଅବଲମ୍ବନ କି ? ଈଶ୍ୱର ତୁମ ପାଇଁ ଏତେ ଶ୍ରେୟ ଯେ, ତାଙ୍କୁ ଛାଡ଼ି ତୁମେ ଦଣ୍ଡେ ଚଳିପାରିବ ନାହିଁ ? ତୁମେ କ'ଣ ଏପରି ଅନୁଭବ କର ଯେ, ଈଶ୍ୱରହିଁ ତୁମ ଜୀବନର ମୂଳରସ ଓ ତାଙ୍କୁ ଛାଡ଼ିଦେଲେ ତୁମ ଅସ୍ତିତ୍ୱର କୌଣସି କିଛି ମୂଲ୍ୟ ନାହିଁ ? ଯଦି ଏସବୁ ପ୍ରଶ୍ନର ଉତ୍ତର ତୁମ ପାଇଁ ''ହଁ'' ହୁଏ, ତା'ହେଲେ ଯାଇ ବୁଝିବ ଯେ ଏ ଯୋଗପଥରେ ଯିବା ପାଇଁ ତୁମ ଭିତରୁ ଆହ୍ୱାନ ଆସିଛି ।

ଏହାହିଁ ହେଲା ପ୍ରଥମ ଆବଶ୍ୟକତା – ଈଶ୍ୱରଙ୍କ ପାଇଁ ଅଭୀପ୍ସା ।

ତା' ପରବର୍ତ୍ତୀ କଥା ହେଲା – ଏହି ଅଭୀପ୍ସାଟିକୁ ତୁମେ ତୁମ ହୃଦୟରେ ପୋଷଣ କରିବ, ପାଳନ କରିବ, ସବୁବେଳେ ତାକୁ ଜଗାଇ ରଖିବ, ସତର୍କ ରଖିବ, ଜିଆଁଇ ରଖିବ । ଏବଂ ସେଥିଲାଗି ଯାହା ଆବଶ୍ୟକ, ତାହା ହେଲା – ଏକାଗ୍ରତା, ଈଶ୍ୱରଙ୍କ ଉପରେ ଏକାଗ୍ରତା । ତୁମେ ଏପରି ଭାବେ ଏକାଗ୍ର ହେବ, ଯାହା ଫଳରେ କି ଈଶ୍ୱରଙ୍କ ଇଚ୍ଛା ଓ ଉଦ୍ଦେଶ୍ୟ ପାଖରେ ତୁମେ ତୁମର ସବୁକିଛିକୁ ସଂପୂର୍ଣ୍ଣ ଭାବେ ସମର୍ପଣ କରି ପାରିବ ।

ଆଗ ନିଜ ହୃଦୟ ଭିତରେ ଏକାଗ୍ର ହୁଅ । ତା' ଭିତରକୁ ପ୍ରବେଶ କର । ଭିତରକୁ ଭିତରକୁ ଯାଅ, ଖୁବ୍ ଦୂରକୁ ଆଉ ଗଭୀରକୁ ଯାଅ, ଯେତେଦୂର ପାର ନିଜ ଅନ୍ତରର ଖୁବ୍ ଖୁବ୍ ଭିତରକୁ ପ୍ରବେଶ କର । ତୁମ ଚେତନାର ଯେତେ ଯେତେ ସୂତା ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଛି – ସେଗୁଡ଼ିକୁ ଗୋଟାଇ ପୋଟାଇ ସଂଗ୍ରହ କରି ଏକତ୍ର କର । ତାକୁ ଧରି ନିଜର ଗଭୀରତା ଭିତରକୁ ଡେଇଁ ପଡ଼ ଓ ବୁଡ଼ିଯାଅ ।

ତା'ରି ଭିତରେ ସେଠାରେ ଏକ ଅଗ୍ନି ଜଳୁଛି । ତୁମ ହୃଦୟର ଗଭୀର ନୀରବତା ଓ ପ୍ରଶାନ୍ତି ଭିତରେ ଅଗ୍ନିଶିଖାଟିଏ ଜଳିଜଳି ଉପରକୁ ଉଠୁଛି । ସେହି ହେଉଛି ତୁମ ଭିତରର ଈଶ୍ୱର ବା ଦିବ୍ୟତା – ସେହି ହେଉଛି ତୁମର ସତ୍ୟସତ୍ତା । ତା'ର ସ୍ୱରକୁ କାନପାତି ଶୁଣ,...

# ଈଶ୍ୱରଙ୍କ ଭିତରକୁ ଡେଇଁ ପଡ଼

ହଠଯୋଗ ଓ ରାଜଯୋଗ ନାମରେ କେତେକ ଯୌଗିକ ନୀତି ନିୟମ ସବୁ ରହିଛି – ସେଗୁଡ଼ିକୁ ଜଣେ ସାଧନ କରି ପାରେ । ମାତ୍ର ଆଧ୍ୟାତ୍ମିକ ଜୀବନ ସହିତ ଏସବୁର ବିଶେଷ କିଛି ସମ୍ବନ୍ଧ ନାହିଁ । ପ୍ରଥମଟି ମୁଖ୍ୟତଃ ଦେହକୁ ସଂଯତ କରିଥାଏ ଓ ଦ୍ୱିତୀୟଟି ମାନସିକ ସଂଯମ ଆଣିଥାଏ । କିନ୍ତୁ ଆଧ୍ୟାତ୍ମିକ ଜୀବନ ଭିତରେ ପ୍ରବେଶ କରିବା ଅର୍ଥ ଈଶ୍ୱରଙ୍କ ଭିତରକୁ ସିଧା ଡେଇଁ ପଡ଼ିବା, ଯେମିତି ତୁମେ ସମୁଦ୍ର ଭିତରକୁ ଲମ୍ଫ ଦେଇଥାଅ । କିନ୍ତୁ ତାହା ମଧ୍ୟ ଆଧ୍ୟାତ୍ମିକ ଜୀବନର ଅୟମାରମ୍ଭ ମାତ୍ର – ଶେଷକଥା କେବେ ନୁହେଁ । କାରଣ, ଈଶ୍ୱରଙ୍କ ଭିତରକୁ ଡେଇଁ ପଡ଼ିଲା ପରେ ତୁମକୁ ଈଶ୍ୱରଙ୍କ ଭିତରେ ରହି କିପରି ବଞ୍ଚିବାକୁ ପଡ଼େ, ତାହା ଶିକ୍ଷା କରିବାକୁ ପଡ଼ିବ । ଏହା ତୁମେ କିପରି କରିବ ? ତୁମକୁ କେବଳ ସହଜଭାବେ ତା'ଭିତରକୁ ଡେଇଁ ପଡ଼ିବାକୁ ହେବ । ଆଦୌ ଭାବିବ ନାହିଁ ଯେ, ''କେଉଁଠି ମୁଁ ପଡ଼ିବି ? ମୋର ସତେ କ'ଣ ହେବ ?'' ଏହା ହେଉଛି ତୁମ ମନର କୁଣ୍ଠ ପୁଣ୍ଠ ଭାବ ଯାହା ତୁମକୁ ଡେଇଁ ପଡ଼ିବାରେ ବାଧା ଦିଏ । ତୁମେ ନିଜକୁ ପୂରା ଛାଡ଼ିଦେବ । ତୁମେ ଯଦି ସମୁଦ୍ରକୁ ଡେଇଁ ପଡ଼ିବା ପାଇଁ ଇଚ୍ଛା କରୁଥିବ, ଏଣେ ପୁଣି ସବୁବେଳେ ମନ ଭିତରେ ଶଙ୍କା କରୁଥିବ ଯେ, ''ଆଃ, କାଳେ ଏଠି ଗୋଟାଏ ପଥର ଥିବ, କି ସେଠି ଗୋଟେ ପଥର ଥିବ'', ତା'ହେଲେ ତୁମେ କେବେ ବି ଡେଇଁପାରିବ ନାହିଁ ।

...ଏକାବେଳେକେ ସବୁ ଛାଡ଼ିଛୁଡ଼ିଦେଇ ସାହସ ବାନ୍ଧି ଡେଇଁପଡ଼ । ତା'ହେଲେ ଯାଇ ତୁମକୁ ଏଇ ସବୁ ବାରଚାଉଳିଆ ବାହ୍ୟ ଚିନ୍ତାରୁ ମୁକ୍ତି ମିଳିବ । ସେତେବେଳେ ଯାଇ ତୁମେ ସତକୁ ସତ ଆଧ୍ୟାତ୍ମିକ ଜୀବନର ଅଭିଜ୍ଞତା ଲାଭ କରିପାରିବ ।

# ସମର୍ପଣର ଭାବ

ଯାହାକିଛି ତୁମେ କରୁଥାଅ, ଯେଉଁ ବାଗରେ ବି କରୁଥାଅ, ଏପରିକି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ଅର୍ଜନ କରିଥାଅ ପଛେ, ତୁମକୁ କିନ୍ତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡ଼ିଦେବାକୁ ହେବ । ତୁମେ ସବୁବେଳେ ଚେଷ୍ଟା କରୁଥାଇ ପାର – କିନ୍ତୁ ଈଶ୍ୱରହିଁ ତୁମକୁ ତୁମ କର୍ମର ଫଳ ଦେବେ ବା ନ ଦେବେ, ତାହା ସ୍ଥିର କରିବେ । ସେ କ୍ଷେତ୍ରରେ ତୁମର ବ୍ୟକ୍ତିଗତ କ୍ଷମତା ନ ଥାଏ । ଯଦି ଫଳ ମିଳେ, ତେବେ ତାହା ଈଶ୍ୱରଙ୍କ କ୍ଷମତାରୁ ଆସିଥାଏ, ତୁମ କ୍ଷମତାରୁ ମିଳେ ନାହିଁ ।... ଯଦି କାହାର କିଛି ନୈତିକ ଦୋଷ ଦୁର୍ବଳତା ଥାଏ, ତେବେ ସେ ତା'ର ନିରାକରଣ ପାଇଁ ଯେପରି ଭଗବାନଙ୍କୁ ଡାକିପାରେ, ସେହିପରି ଜଣେ ତା'ର ଦୈହିକ ତ୍ରୁଟି ଓ ଅକ୍ଷମତାର ନିରାକରଣ ପାଇଁ ମଧ୍ୟ ଈଶ୍ୱରଙ୍କୁ ପ୍ରାର୍ଥନା କରିପାରେ । ଏଥିରେ କିଛି ଦୋଷ ନାହିଁ । କିନ୍ତୁ ତୁମେ ଈଶ୍ୱରଙ୍କୁ ଯାହା କିଛି ପ୍ରାର୍ଥନା କର ନା କାହିଁକି, କିଂବା ତୁମେ ନିଜ ଆଡ଼ୁ ଯେତେ ଚେଷ୍ଟା ସାଧନ କର ନା କାହିଁକି, ତୁମେ ଏକଥା ନିଶ୍ଚୟ ଅନୁଭବ କରିବ ଯେ, ଏପରିକି ତୁମେ ତୁମ ଆଡ଼ୁ ତୁମ ସାଧ୍ୟାତୀତ ସାଧନା କରିଥାଇପାର, ତୁମର ସର୍ବୋଚ୍ଚ ଜ୍ଞାନ ନିୟୋଜିତ କରିଥାଇପାର, ତୁମର ସମସ୍ତ ଶକ୍ତି ଖଟାଇ ଥାଇପାର,– କିନ୍ତୁ ସବୁକିଛିର ଫଳାଫଳ ନିର୍ଭର କରିବ ଈଶ୍ୱରଙ୍କ କୃପା ଉପରେ । ତୁମେ ଯେତେବେଳେ ଯୋଗପଥରେ ପାଦ ଦେଇଛ, ସେତେବେଳେ ତୁମେ ଯାହାକିଛି କର ନା କାହିଁକି, ସବୁ କରିବ ସଂପୂର୍ଣ୍ଣ ଏକ ସମର୍ପଣ ମନୋଭାବ ନେଇ । ତୁମର ମନୋଭାବ ଏହିପରି ହେବା ଉଚିତ – ''ମୁଁ ଅଭୀପ୍ସା କରୁଛି, ମୁଁ ମୋର ଅସଂପୂର୍ଣ୍ଣତା ଦୂର କରିବାକୁ ଚେଷ୍ଟା କରୁଛି, ମୋର ଯାହା ସାଧ୍ୟ ମୁଁ ତାହା କରୁଛି, କିନ୍ତୁ ଫଳାଫଳ ପାଇଁ ମୁଁ ସଂପୂର୍ଣ୍ଣ ଭାବେ ଈଶ୍ୱରଙ୍କ ହାତରେ ସବୁକିଛି ଛାଡ଼ିଦେଇଛି ।''

## ସମର୍ପଣ ଓ ଯୋଗ

ସମର୍ପଣ ହେଉଛି, ତୁମ ଦ୍ୱାରା ନିଆଯାଇଥିବା ଏକ ସିଦ୍ଧାନ୍ତ ଯାହା ଫଳରେ କି ତୁମେ ତୁମ ଜୀବନର ଦାୟିତ୍ୱ ଭଗବାନଙ୍କୁ ଦେଇଦେଇଥାଅ । ଏପରି ସିଦ୍ଧାନ୍ତ ନ ନେଲେ ତୁମ ଦ୍ୱାରା ଆଉ କିଛି ହେବା ସମ୍ଭବ ନୁହେଁ । ତୁମେ ଯଦି ସମର୍ପଣ ନ କର, ତାହାହେଲେ ତୁମ ଦ୍ୱାରା ଆଉ ଯୋଗ କରିବା ପ୍ରଶ୍ନ ଉଠୁ ନାହିଁ । ଏହି ସମର୍ପଣ ପରେ ପରେହିଁ ସବୁକଥା ସ୍ୱାଭାବିକ ଭାବେ ଆସେ, କାରଣ, ସମର୍ପଣ ସହିତହିଁ ସମଗ୍ର ପ୍ରଣାଳୀଟି ଆରମ୍ଭ ହୋଇଯାଏ । ତୁମ ଜ୍ଞାନ ଦ୍ୱାରା କିଂବା ଭକ୍ତି ଦ୍ୱାରା ସମର୍ପଣ କରିପାର । ତୁମ ଭିତରେ ଏପରି ଏକ ଶକ୍ତିଶାଳୀ ବୋଧ ଜାଗିଉଠିପାରେ ଯେ ଈଶ୍ୱରହିଁ ଏକମାତ୍ର ସତ୍ୟ; ଏବଂ ଏକମାତ୍ର ଉଜ୍ଜ୍ୱଳ ଦୃଢ଼ ବିଶ୍ୱାସ ଆସିପାରେ ଯେ, ଈଶ୍ୱରଙ୍କ ବ୍ୟତୀତ ତୁମେ କିଛି କରିପାରିବ ନାହିଁ । କିଂବା ସ୍ୱତଃ ତୁମ ଭିତରେ ଏପରି ଏକ ଅନୁଭବ ହୋଇପାରେ ଯେ, ଏହି ଧାରାରେହିଁ ତୁମେ ସୁଖୀ ହୋଇ ପାରିବ । ଏପରି ଏକ ଚୈତ୍ୟିକ ଅଭୀପ୍‌ସା ତୁମ ଭିତରେ ଜାଗିଉଠିପାରେ ଯେ, ତୁମେ କେବଳ ଭଗବାନଙ୍କର ହେବ । ତୁମେ ମନକୁ ମନ କହିବ – ''ମୁଁ ମୋର ନୁହେଁ,'' ଏବଂ ଏହିପରି କହୁ କହୁ ତୁମେ ସତ୍ୟ ପାଖରେ ତୁମର ସମସ୍ତ ଦାୟିତ୍ୱ ଅର୍ପଣ କରିଦେବ, ତା'ପରେ ଆସିବ ଆତ୍ମୋତ୍ସର୍ଗ – ''ହେ ପ୍ରଭୁ, ଆପଣଙ୍କ ଆଗରେ ହେଇ ମୁଁ ଠିଆ ହୋଇଛି ନାନାଦି ଗୁଣ ଓ ଅଗୁଣରେ ପରିପୂର୍ଣ୍ଣ ପ୍ରାଣୀଟିଏ, ମୋ ଭିତରେ ଭଲ ଅଛି ମନ୍ଦ ବି ଅଛି, ଆଲୁଅ ଅଛି ଅନ୍ଧାର ବି ଅଛି । ମୁଁ ଯେପରି ଅଛି ସେହିପରି ଭାବେ ଆପଣଙ୍କୁ ଅର୍ପଣ କରୁଛି, ମୋର ସବୁକିଛି ଉଠାପଡ଼ାକୁ, ନାନା ପ୍ରକାର ଦ୍ୱନ୍ଦ୍ୱାତ୍ମକ ପ୍ରବେଗଗୁଡ଼ିକୁ ଏବଂ ନାନାଦି ପ୍ରକାର ସ୍ୱଭାବ ଚରିତ୍ରକୁ ମଧ୍ୟ ମୁଁ ଆପଣଙ୍କ ପାଦତଳେ ଅର୍ପଣ କରୁଛି – ମତେ ନେଇ ଆପଣଙ୍କ ଯାହା ଇଚ୍ଛା ତାହାହିଁ କରନ୍ତୁ ।''

# ପ୍ରକୃତ ସମର୍ପଣ ପ୍ରସାରିତ କରେ

ସମର୍ପଣର ଅର୍ଥ, ଆମେ କହୁ ... ସ୍ୱତଃପ୍ରବୃତ୍ତ ଆତ୍ମନିବେଦନ, ତୁମର ସବୁକିଛିକୁ ଭଗବାନଙ୍କୁ ଦେଇଦେବା, ଯେଉଁ ପରମ ଚେତନାର ତୁମେ ଏକ ଅଂଶ, ତାଙ୍କରି ପାଖେ ନିଜକୁ ନିବେଦନ କରିବା । ଭାବ ନାହିଁ ଯେ, ସମର୍ପଣ ଦ୍ୱାରା ତୁମର ନିଜତ୍ୱ ଲୋପ ପାଇଯିବ ବରଂ ବଢ଼ିବ; ଏହା ତୁମର ବ୍ୟକ୍ତିତ୍ୱକୁ ନ୍ୟୂନ ବା ଦୁର୍ବଳ କରେ ନାହିଁ, ଅନ୍ୟ ପକ୍ଷରେ ଏହା ତୁମକୁ ଦୃଢ଼ ଓ କ୍ରିୟାଶୀଳ କରାଏ । ସମର୍ପଣର ଅର୍ଥ, ନିଜର ସମସ୍ତ କିଛି (ନିଜେ ଯାହା ଓ ନିଜର ଯାହାକିଛି ଅଛି) ସ୍ୱଚ୍ଛମନରେ ଆନନ୍ଦର ସହିତ, କୌଣସି କୁଣ୍ଠା ନ ରଖି ନିବେଦନ କରିବା । ଏଥିରେ ତ୍ୟାଗ କରିବା ମନୋଭାବ ନାହିଁ । ଯଦି ତୁମେ ଏହା ଦ୍ୱାରା କିଛି ତ୍ୟାଗ କରୁଛ ବୋଲି ସାମାନ୍ୟ ଟିକିଏ ଭାବୁଥାଅ, ତେବେ ତାହା ସମର୍ପଣ ହେବ ନାହିଁ । କାରଣ ଏହା ଦ୍ୱାରା ବୁଝାଯାଏ ଯେ, ତୁମେ ନିଜ ପାଇଁ କିଛି ରଖୁଛ କିଂବା ବାଧ୍ୟ ହୋଇ ଦେବା ପାଇଁ ଚେଷ୍ଟା କରୁଛ, ଏଥିରେ ତୁମକୁ କିଛି କଷ୍ଟ ହେଉଛି ବା ଶ୍ରମ ପଡୁଛି, ନିଜକୁ ଦେଇଦେବାରେ ତୁମକୁ ଖୁସି ବା ଆନନ୍ଦ ଲାଗୁ ନାହିଁ, ମୋଟ ଉପରେ ତୁମକୁ ଦେବା ଭଳି କିଛି ଲାଗୁ ନାହିଁ । ଯଦି ନିଜକୁ ବାଧ୍ୟ କରି ବା ନିଜ ଉପରେ ଚାପ ଦେଇ ତୁମେ କିଛି କରୁଥାଅ, ତାହାହେଲେ ନିଶ୍ଚିତ ଜାଣିରଖ ଯେ ତୁମେ ଭୁଲ୍ ବାଟରେହିଁ ଯାଉଛ । ଯଥାର୍ଥ ସମର୍ପଣ ତୁମକୁ ପ୍ରସାରିତ କରେ ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢ଼ାଇ ଥାଏ । ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ । ଏହି ଉନ୍ନତି କେବେ ବି ତୁମ ନିଜ ଦ୍ୱାରା ହୋଇପାରନ୍ତା ନାହିଁ ।

## ତପସ୍ୟା ଓ ସମର୍ପଣ

ତପସ୍ୟାର ପଥ ହେଲା ବଡ଼ ଦୁଷ୍କର । ଏଥିରେ ତୁମେ ପ୍ରଧାନତଃ ନିଜ ଉପରେହିଁ ନିର୍ଭର କରିଥାଅ । ତୁମର ନିଜର ଶକ୍ତି ଦ୍ୱାରାହିଁ ଗତି କରିଥାଅ । ଏହା ଫଳରେ ତୁମେ ଊର୍ଦ୍ଧ୍ୱକୁ ଗତିକର ଏବଂ ନିଜ ତପସ୍ୟାର ଶକ୍ତି ଅନୁଯାୟୀ ଫଳଲାଭ କରିଥାଅ । କିନ୍ତୁ ବିପଦଟି ହେଲା ଏଥିରେ ତୁମର ତଳକୁ ଖସି ପଡ଼ିବାର ସମ୍ଭାବନା ବି ରହିଛି । ଆଉ, ଥରେ ଯଦି ତୁମେ ଖସିପଡ଼ିଲ, ତା'ହେଲେ ହାତଗୋଡ଼ ଭାଙ୍ଗି ଗହ୍ୱର ଭିତରେହିଁ ପଡ଼ିଥିବ । ଏଥିରୁ ନିଷ୍କୃତି ପାଇବା ମୁସ୍କିଲ୍ । ଅନ୍ୟ ବାଟଟି ହେଲା – ସମର୍ପଣର ବାଟ । ଏହା ନିରାପଦ ଓ ନିଶ୍ଚିନ୍ତ । ଏହି ଜାଗାରେହିଁ ପାଶ୍ଚାତ୍ୟଲୋକଙ୍କର ଅସୁବିଧା ହୁଏ । ସେମାନଙ୍କ ବ୍ୟକ୍ତିଗତ ସ୍ୱାଧୀନତାକୁ ଯାହାସବୁ କ୍ଷୁଣ୍ଣକରେ ତାକୁ ଭୟ କରିବାକୁ କିଂବା ଆଡ଼େଇ ରହିବାକୁ ସେମାନଙ୍କୁ ଶିକ୍ଷା ଦିଆଯାଇଥାଏ । ସେମାନେ ସେମାନଙ୍କର ମା'ଠାରୁ କ୍ଷୀର ଖାଇବା ବେଳୁ ଏହି ବ୍ୟକ୍ତି-ସ୍ୱାତନ୍ତ୍ର୍ୟକୁ ଉତ୍ତରାଧିକାରୀ ସୂତ୍ରରେ ପାଇଥାନ୍ତି । ଏବଂ ସମର୍ପଣର ଅର୍ଥ ହେଲା – ସେସବୁକୁ ତ୍ୟାଗ କରିବା । ଅନ୍ୟପ୍ରକାରେ କହିଲେ – ରାମକୃଷ୍ଣ ପରମହଂସ ଯେପରି କହନ୍ତି– ତୁମେ ମାଙ୍କଡ଼ଛୁଆ ଭଳି ହୁଅ ଅଥବା ବିଲେଇଛୁଆ ଭଳି ହୁଅ । ମାଙ୍କଡ଼ଛୁଆ କ'ଣ କରେ ନା, ତା' ମା'ର ପେଟକୁ ନିଜେ ଜାବୁଡ଼ି ଧରିଥାଏ ଓ ତା' ମା ତାକୁ ବୋହି ନେଇ ଏ ଗଛରୁ ସେ ଗଛକୁ ଡେଇଁଥାଏ । ତା' ଫଳରେ ମାଙ୍କଡ଼ ଛୁଆ ମା ପେଟକୁ ନିଜ ଆଡୁ ଜାବୁଡ଼ି ଧରିଥାଏ । ତା' ନ ହେଲେ ଯଦି ତା' ମୁଠା ଶିଥିଳ ହୋଇଯିବ, ତେବେ ସେ ନିଶ୍ଚୟ ଖସିପଡ଼ିବ । ଅନ୍ୟ ପକ୍ଷରେ କିନ୍ତୁ ବିଲେଇଛୁଆ ତା' ମା'କୁ ନିଜଆଡୁ ଜାବୁଡ଼ି ଧରେ ନାହିଁ । ବରଂ ତା' ମା' ତାକୁ କାମୁଡ଼ି ଧରିଥାଏ । ଛୁଆର ନିଜ ପାଇଁ କିଛି ଦାୟିତ୍ୱ ବା ଭୟ ନ ଥାଏ । ସେ କିଛି କରେ ନାହିଁ – ମା' ତାକୁ ଧରି ବୁଲୁଥାଏ – ଆଉ ସେ କେବଳ ମା' ମା' (ମିଆଁଉ ମିଆଁଉ) ଚିଲାଉ ଥାଏ ।

# ସବୁଠାରୁ ବଡ଼ ସମର୍ପଣ

ସବୁଠାରୁ ବଡ଼ ସମର୍ପଣ ହେଲା ତୁମ ଚରିତ୍ରର ସମର୍ପଣ; ତୁମ ସତ୍ତାର ବା ପ୍ରକୃତିର ସମର୍ପଣ, ତାହାହେଲେ ଯାଇ ସେଗୁଡ଼ିକର ପରିବର୍ତ୍ତନ ହେବ । ଯଦି ତୁମେ ତୁମ ପ୍ରକୃତିକୁ ସମର୍ପଣ ନ କର ତେବେ ତୁମ ପ୍ରକୃତିର କେବେ ବି ପରିବର୍ତ୍ତନ ହୋଇପାରିବ ନାହିଁ । ଏହାହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା । ଜୀବନ ପ୍ରତି ତୁମର ଗୋଟିଏ ପ୍ରକାର ବୁଝାମଣା ଅଛି, ଗୋଟିଏ ପ୍ରକାର ପ୍ରତିକ୍ରିୟା ଅଛି, ଗୋଟିଏ ପ୍ରକାର ଅନୁଭବ ଅଛି, ଏପରିକି ଗୋଟିଏ ପ୍ରକାର ଢଙ୍ଗରେ ତୁମେ ଅଗ୍ରଗତି କରୁଛ, ଏବଂ ଆଉ ମଧ୍ୟ ଧରାଯାଉ ଜୀବନ ପ୍ରତି ତୁମର ଏକ ପ୍ରକାର ସ୍ୱତନ୍ତ୍ର ଦୃଷ୍ଟିକୋଣ ମଧ୍ୟ ଅଛି ଏବଂ ତୁମେ ଜୀବନଠାରୁ କେତେକ ଜିନିଷ ଆଶା କରୁଛ – ଠିକ୍ ଅଛି, ଏସବୁକୁ ମଧ୍ୟ ତୁମେ ନିଶ୍ଚୟ ସମର୍ପଣ କରିବ । ତା' ଅର୍ଥ, ଯଦି ତୁମେ ପ୍ରକୃତରେ ଦିବ୍ୟ ଆଲୋକ ଗ୍ରହଣ କରି ନିଜକୁ ରୂପାନ୍ତର କରିବା ପାଇଁ ଚାହୁଁଥାଅ, ତାହାହେଲେ ତୁମର ସମଗ୍ର ସତ୍ତା ଓ ଜୀବନ ଧାରାକୁ ନିଶ୍ଚୟ ସମର୍ପଣ କରିବାକୁ ହେବ । ତୁମେ ନିଜକୁ ଖୋଲିଧରି ସମର୍ପଣ କର । ନିଜକୁ ଏପରି ଗ୍ରହଣଶୀଳ କର ଯେ, ଯାହା ଫଳରେ କି ଦିବ୍ୟ ଚେତନା ତୁମ ଭିତରେ ପ୍ରବେଶ କରି କିପରି ଓ କ'ଣ ପରିବର୍ତ୍ତନ କରିବେ, ତାହା, ପ୍ରତ୍ୟକ୍ଷ ଭାବେ କରି ପାରିବେ ଏବଂ ତୁମର ଗତିବୃତ୍ତିକୁ ଅଧିକତର ସତ୍ୟ ଦିଗରେ ପ୍ରଚାଳିତ କରିପାରିବେ, ତୁମ ନିଜ ସତ୍ତାର ଯଥାର୍ଥ ସତ୍ୟ ଆଡ଼କୁ ତୁମକୁ ମୁହାଁଇ ନେଇ ପାରିବେ । ଜଣେ ଯାହା କରେ, ତାକୁ ସମର୍ପଣ କରିବା ଅପେକ୍ଷା ଏହା ଅସୀମ ଭାବେ ଗୁରୁତ୍ୱପୂର୍ଣ୍ଣ ।

# ଯୋଗ : ସମର୍ପଣ ଦ୍ୱାରାହିଁ ସମ୍ଭବ

ଯୋଗ ଅର୍ଥ ଈଶ୍ୱରଙ୍କ ସହିତ ମିଳିତ ହେବା; ଏବଂ ମିଳନ ସମ୍ଭବ ହୁଏ ନିଜକୁ ଅର୍ପଣ କରିବା ଦ୍ୱାରା – ଈଶ୍ୱରଙ୍କ ପାଖରେ ନିଜକୁ ସମର୍ପଣ କରିବାରେହିଁ ଯୋଗ ସାଧିତ ହୁଏ ...

ତୁମର କାର୍ଯ୍ୟ ହେଲା, ଗୋଟି ଗୋଟି କରି ସମର୍ପଣ କରୁ କରୁ ସବୁକିଛିକୁ ସାଧାରଣ ଭାବେ ସମର୍ପଣ କରିଦେବା । ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରୁହ । ପ୍ରତି ମୁହୂର୍ତ୍ତରେ ଏହି କଥା ଭାବ ଯେ, ଭଗବାନଙ୍କ ଉପସ୍ଥିତିହିଁ ତୁମକୁ ଚଳାଉଛି ଏବଂ ତୁମେ ଯାହା କରୁଛ ସବୁ ସେ'ହିଁ କରୁଛନ୍ତି । ତୁମର ସମସ୍ତ ଗତିବୃତ୍ତିକୁ ଭଗବାନଙ୍କଠାରେ ସମର୍ପଣ କରିବାକୁ ହେବ, କେବଳ ମାନସିକ କ୍ରିୟାକର୍ମଗୁଡ଼ିକୁ ନୁହେଁ, ବରଂ ସବୁଚିନ୍ତା ଓ ଅନୁଭବଗୁଡ଼ିକୁ, ଏପରିକି ଅତି ସାଧାରଣ ଜିନିଷଗୁଡ଼ିକୁ ବି, ଏବଂ ବାହ୍ୟ କର୍ମଗୁଡ଼ିକୁ ବି, ଏପରିକି ତୁମେ ଯାହା ଖାଉଛ – ଯେତେବେଳେ ତୁମେ ଖାଉଛ, ସେତେବେଳେ ତୁମେ ଅନୁଭବ କରିବ ଯେ, ଭଗବାନ୍ ତୁମ ଭିତରେ ରହି ଖାଉଛନ୍ତି । ଏହିପରି ଭାବେ ତୁମେ ଯେତେବେଳେ ତୁମର ସମସ୍ତ ଗତିବୃତ୍ତିକୁ ଏକତ୍ର କରି ଗୋଟିଏ ଜୀବନରେ ପରିଣତ କରିବ, ସେତେବେଳେ ତୁମେ ଦେଖିବ ଯେ, ତୁମ ଭିତରେ ଆଉ ପୃଥକ୍ ପୃଥକ୍ ଭାବ ନ ରହି, ଗୋଟିଏ 'ଏକତ୍ୱ' ଭାବ ଆସି ଯାଉଛି । ଆଉ ମଧ୍ୟ ତୁମେ ଦେଖିବ ଯେ, ପୂର୍ବଭଳି ତୁମ ପ୍ରକୃତିର ଗୋଟିଏ ଅଂଶ ଭଗବାନଙ୍କୁ ଦିଆଯାଇ ଅନ୍ୟ ଅଂଶଗୁଡ଼ିକ ଆଉ କ୍ଷୁଦ୍ରତର କଥାରେ ମାତି ରହି ନାହିଁ, ସେତେବେଳେ ତୁମେ ଲକ୍ଷ୍ୟ କରିବ ଯେ, ତୁମର ସମଗ୍ରଜୀବନ ଭଗବାନଙ୍କ ହାତରେ ରହିଯାଇଛି ଏବଂ ତୁମ ମଧ୍ୟରେ ଏକ ସର୍ବାଙ୍ଗୀଣ ରୂପାନ୍ତର ଧୀରେ ଧୀରେ କାର୍ଯ୍ୟକାରୀ ହେଉଛି ।

## ପୂର୍ଣ୍ଣଯୋଗ

ପୂର୍ଣ୍ଣ ଯୋଗରେ ସମଗ୍ର ଜୀବନକୁ ଏପରିକି ଜୀବନର ଅତି ଛୋଟ ଛୋଟ ବିଷୟକୁ ବି ରୂପାନ୍ତରିତ କରିବାକୁ ପଡ଼ିବ, ଦିବ୍ୟ କରିବାକୁ ପଡ଼ିବ । ଆମ ଜୀବନରେ କୌଣସି କଥା ଅବାନ୍ତର ନୁହେଁ, ଅସଂଲଗ୍ନ ବି ନୁହେଁ । ତୁମେ କହିପାରିବ ନାହିଁ, ''ମୁଁ ଯେତେବେଳେ ଧ୍ୟାନ କରୁଛି କିଂବା ଆଧ୍ୟାତ୍ମିକ ଦର୍ଶନ କିଛି ପଢୁଛି, କିଂବା ଆଧ୍ୟାତ୍ମିକ ପ୍ରବଚନ କିଛି ଶୁଣୁଛି, ସେତେବେଳେ ମୁଁ ଏହି ଦିବ୍ୟ ଭାବରେ ରହିବି, ଆଲୋକ ଆଡ଼କୁ ଉନ୍ମୁଖ ହୋଇ ରହିବି ଏବଂ ତାକୁ ଆହ୍ୱାନ କରିବି, କିନ୍ତୁ ମୁଁ ଯେତେବେଳେ ବାହାରକୁ ବୁଲିବାକୁ ଯାଏ, କିଂବା ମୋର ବନ୍ଧୁମାନଙ୍କୁ ଦେଖା କରିବାକୁ ଯାଏ, ସେତେବେଳେ ମୁଁ ଏ ସବୁ କଥା ସବୁ ଭୁଲି ଯାଇପାରେ ।'' ତୁମେ ଯଦି ଏଇ ମନୋଭାବକୁ ଧରି ରଖିବ, ତାହାହେଲେ ତୁମେ କେବେ ବି ରୂପାନ୍ତରିତ ହୋଇପାରିବ ନାହିଁ । କେବେ ବି ଦିବ୍ୟଭାବ ସହିତ ତୁମର ମିଳନ ହେବ ନାହିଁ । ସବୁବେଳେ ତୁମେ ବିଭକ୍ତ ହୋଇ ରହିବ । ତୁମେ କେବଳ ଏହି ବୃହତ୍ତର ଜୀବନର କିଛି ଆଭାସ ମାତ୍ର ପାଉଥିବ । କାରଣ ଧ୍ୟାନାବସ୍ଥାରେ ଅଥବା ଅନ୍ତଶ୍ଚେତନାରେ ହୁଏତ ତୁମର କୌଣସି ଏକ ପ୍ରକାର ଅଭିଜ୍ଞତା ଓ ଉପଲବ୍ଧି ଆସିପାରେ, କିନ୍ତୁ ତୁମ ଶରୀର ଓ ବାହ୍ୟଜୀବନ ସେହିପରି ଅପରିବର୍ତ୍ତନୀୟ ରହିବ । କେବଳ ଯଦି ତୁମର ଅନ୍ତରଟି ଆଲୋକିତ ହୋଇଥାଏ, ଏବଂ ତାହା ଯଦି ତୁମର ଶରୀର ବା ତୁମର ବାହ୍ୟଜୀବନ ଉପରେ କୌଣସି ପ୍ରଭାବ ନ ପକାଏ, ତା'ହେଲେ ତୁମ ସାଧନାର କିଛି ମୂଲ୍ୟ ନାହିଁ । କାରଣ, ତୁମେ ପୃଥିବୀକୁ 'ତାହା' ଯେଉଁ ଅବସ୍ଥାରେ ଥିଲା, ସେଇ ଅବସ୍ଥାରେ ଛାଡ଼ି ଦେଉଛ ।

# ଶ୍ରୀଅରବିନ୍ଦଙ୍କ ଯୋଗ – ୧

ଶ୍ରୀଅରବିନ୍ଦଙ୍କ ଯୋଗ କରିବା ଅର୍ଥ ହେଲା – ଜଣେ ନିଜକୁ ପୂର୍ଣ୍ଣାଙ୍ଗ ଭାବେ ରୂପାନ୍ତରିତ କରିବା । ତା'ର ଜୀବନରେ ଗୋଟିଏ ମାତ୍ର ଲକ୍ଷ୍ୟ ରହିବ, ଆଉ କୌଣସି ଉପଲକ୍ଷ୍ୟ ବି ରହିବ ନାହିଁ, ''ତାହାହିଁ'' କେବଳ ରହିବ । ଜଣେ ଏହା ଚାହୁଁଛି କି ନାହିଁ ସେ ଏହା ତା' ନିଜ ମଧ୍ୟରେ ପରିଷ୍କାରଭାବେ ଅନୁଭବ କରିପାରେ । ଜଣେ ଯଦି ଏହା ନ ଚାହେଁ, ତାହାହେଲେ ମଧ୍ୟ ସେ ଏପରି ଏକ ଜୀବନ ବଞ୍ଚି ପାରେ, ଯେଉଁ ଜୀବନରେ ଥିବ ଯଥେଷ୍ଟ ଶୁଭେଚ୍ଛା, ଜୀବନବ୍ୟାପୀ ସେବା ଏବଂ ବୁଝାମଣାର ଭାବ । ଜଣେ ତା'ର କର୍ତ୍ତବ୍ୟକୁ ସୁଚାରୁ ରୂପେ ତୁଲାଇ ପାରେ ଏବଂ ଏହିପରି ଅନେକ ଭଲ କାମ ବି କରିପାରେ; କିନ୍ତୁ ଏ କଥା ସତ ଯେ, ଏବଂବିଧ ଉତ୍ତମ ଜୀବନ ଓ ଯୋଗ ଜୀବନ ଭିତରେ ବହୁତ ପାର୍ଥକ୍ୟ ରହିଛି ।

ଯୋଗ କରିବାକୁ ହେଲେ, ତୁମକୁ ଏହାହିଁ ସଚେତନ ଭାବେ ଚାହିଁବାକୁ ପଡ଼ିବ । ଏହା ଆରମ୍ଭ କରିବାକୁ ହେଲେ ଏହା ପ୍ରକୃତରେ କ'ଣ, ତୁମକୁ ନିଶ୍ଚେ ଜାଣିବାକୁ ହେବ । ଏହା କ'ଣ, ତାହା ତ ନିଶ୍ଚୟ ଜାଣିବ, ପୁଣି ଏହା କରିବ ବୋଲି ନିଶ୍ଚିତ ଭାବେ ସିଦ୍ଧାନ୍ତ ନେବାକୁ ହେବ । କିନ୍ତୁ ଥରେ ସିଦ୍ଧାନ୍ତ ନେଇ ସାରିବା ପରେ ଆଉ ଏପଟ ସେପଟ ଯେପରି ନ ହୁଅ । ସେଇଥିପାଇଁ, ଏହା ବିଷୟରେ ସବୁ ଜାଣି ଶୁଣି, ତୁମେ ଏଥିରେ ପଶିବା ଉଚିତ । ତୁମେ ଯେତେବେଳେ କହୁଛ, ''ମୁଁ ଯୋଗ କରିବାକୁ ଚାହେଁ,'' ସେତେବେଳେ ତୁମେ କ'ଣ ସ୍ଥିର କରୁଛ, ସେ ବିଷୟରେ ସଂପୂର୍ଣ୍ଣ ଜାଣିବା ଉଚିତ ଏବଂ ସେଇଥି ପାଇଁ ମୁଁ କେବେ ତୁମକୁ ଏ ବିଷୟରେ ବାଧ୍ୟ କରିଛି ବୋଲି ଭାବୁ ନାହିଁ ।

## ଶ୍ରୀଅରବିନ୍ଦଙ୍କ ଯୋଗ – ୨

ଯୋଗ କରିବାକୁ ହେଲେ, ବିଶେଷତଃ ମୁଁ ଏହି ରୂପାନ୍ତର ଯୋଗ କଥା କହୁଛି, ଏହା ସବୁଠାରୁ କଷ୍ଟକର ବ୍ୟାପାର – ଯଦି ଜଣେ ଅନୁଭବ କରୁଥାଏ ଯେ, ସେ ଏଇଥିପାଇଁ ଏଠାକୁ ଆସିଛି, (ମାନେ, ପୃଥିବୀକୁ ଆସିଛି) ଏହା ଛଡ଼ା ତା'ର ଆଉ କିଛି କରିବାର ନାହିଁ, ଏହାହିଁ ତା'ର ବଞ୍ଚିବାର ଏକମାତ୍ର କାରଣ – ତାହାହେଲେ ଜଣଙ୍କର କଠିନ ଶ୍ରମ, ସଂଗ୍ରାମ ଓ ଏଥିପାଇଁ ନାନାଦି ଦୁଃଖଭୋଗ, ଏ ସବୁର ଅବଶ୍ୟ କିଛି ଗୁରୁତ୍ୱ ନ ଥାଏ । ଜଣେ ଯଦି ସ୍ଥିର ଭାବେ ଜାଣେ ଯେ, ''ମୁଁ ଏହାହିଁ ଚାହେଁ ଆଉ କିଛି ବୋଲି କିଛି ଚାହେଁ ନାହିଁ''– ତାହାହେଲେ ସେ କଥା ଅଲଗା । ତା' ନ ହେଲେ ମୁଁ ତୁମକୁ କହିବି – ''ଖୁସିରେ ରୁହ ଏବଂ ଭଲ ହୁଅ – ଏତିକି ମାତ୍ର ତୁମଠାରୁ ଆଶା କରା ଯାଉଛି । ଭଲ ହୁଅ ମାନେ ସବୁ ବିଷୟରେ ତୁମର ଉତ୍ତମ ବୁଝାମଣା ହେଉ, ଏକଥା ନିଜ ଭିତରେ ଜାଣିଥାଅ ଯେ ଅନ୍ୟ ବହୁଲୋକଙ୍କଠାରୁ ଅନ୍ତତଃ ତୁମେ ଭଲ ଅବସ୍ଥାରେ ଅଛ, ସାଧାରଣ ଜୀବନ ଅପେକ୍ଷା, ତୁମେ ଆଉ ଏକ ଊର୍ଦ୍ଧ୍ୱତର, ମହତ୍ତର ଏବଂ ସତ୍ୟତର ଜୀବନଟିଏ ବଞ୍ଚ, ଯାହା ଫଳରେ କି ତୁମେ ତୁମ ଜୀବନ ଭିତରକୁ ଏହି ଆଧ୍ୟାତ୍ମିକ ଚେତନାର ଏବଂ ଏହି ଆଲୋକର କିଛି ସାମାନ୍ୟ ଅଂଶ ତୁମ ଭିତରକୁ ପ୍ରବେଶ କରିବା ପାଇଁ ସୁଯୋଗ ଦେଇ ପାରିବ । ଏବଂ ବିଶ୍ୱ ଭିତରେ ଯେତେ ସାମାନ୍ୟ ଅଂଶରେ ହେଲେ ବି ଏହା ପ୍ରକାଶିତ ହୋଇ ପାରିବ । ଏହାହିଁ ହେବ ସବୁଠାରୁ ଉତ୍ତମ କଥା'' ଏତିକି ହେଲା କଥା ।

କିନ୍ତୁ ତୁମେ ଯଦି ଏହି ଯୋଗ ପଥରେ ଥରେ ମାତ୍ର ପାଦ ଦେଇଛ, ତା'ହେଲେ ତୁମର ସିଦ୍ଧାନ୍ତ ଇସ୍ପାତ ଭଳି ଦୃଢ଼ ହେବା ଉଚିତ । ତୁମକୁ ଯାହା କିଛି ମୂଲ୍ୟ ଦେବାକୁ ପଡ଼ିଲେ ବି ତୁମକୁ ଶେଷ ପର୍ଯ୍ୟନ୍ତ ଯିବାକୁହିଁ ହେବ ।

# ପଥଚ୍ୟୁତ ହୁଅ ନାହିଁ

ତୁମେ ଯେତେବେଳେ ବାଟରେ ଚାଲିଛ, ଆଉ ସେ ବାଟରୁ ଖସି ଆସନା । ଟିକିଏ ବେଳ ଅପେକ୍ଷା କର । ଏହି ବାଟରେ ଚାଲିବା ପୂର୍ବରୁ ଅବଶ୍ୟ, ତୁମେ ଯେତେକାଳ ପାର ଚିନ୍ତାକର – ବିଚାର କର । କିନ୍ତୁ ସବୁ ବିଚାର ପରେ, ଯେତେବେଳେ ତୁମେ ଏବାଟରେ ପାଦ ଦେଲ, ବାସ୍ – କଥା ସରିଗଲା । ଆଉ କୁନ୍ଥୁ କୁନ୍ଥୁ ହୁଅ ନାହିଁ, ବାଟ ଛାଡ଼ ନାହିଁ । କାରଣ ଏହାର ପରିଣାମ ତୁମର ଜନ୍ମ ଜନ୍ମାନ୍ତରକୁ ବିସ୍ତୃତ ହୋଇ ଯାଇପାରେ । ଏହା ବଡ଼ ଗୁରୁତର କଥା । ଏଇଥିପାଇଁ କେବଳ ମୁଁ କାହାକୁ ଏହି ପଥରେ ଯିବା ପାଇଁ ବାଧ କରେ ନାହିଁ । ଏଠି ତୁମେମାନେ ବହୁତ ପିଲା ଅଛ; ତୁମମାନଙ୍କ ଭିତରୁ ଯିଏ ମୋତେ ଆସି କହେ, ''ମୁଁ ଏହା ଚାହେଁ''– କେବଳ ସେଇମାନଙ୍କ ବ୍ୟତୀତ ମୁଁ ଆଉ କାହାକୁ ଏଇ ବାଟରେ ଆସିବା ପାଇଁ କହେ ନାହିଁ । ଆଉ କେତେକଙ୍କୁ ମଧ୍ୟ ମୁଁ କହେ, ଯେଉଁମାନଙ୍କ ବିଷୟରେ ମୁଁ ଜାଣେ ଯେ, ସେମାନଙ୍କ ନିୟତିରେ ଏହା ନିର୍ଦ୍ଦିଷ୍ଟ ହୋଇଅଛି, ଏବଂ ସେମାନେ ଏଇଥିପାଇଁ ଆସିଛନ୍ତି । ମୁଁ ସବୁବେଳେ କହିଥାଏ, ''ଏ ବିଷୟରେ ଭାବ, ଚିନ୍ତାକର ଏବଂ ନିଶ୍ଚିନ୍ତ ହୁଅ ଯେ ତୁମେ 'ଏହାହିଁ ଚାହଁ', ଏବଂ ଆଉ ଅନ୍ୟ କିଛି ଚାହଁ ନାହିଁ'' । ଏବଂ ଯେତେବେଳେ ସେମାନେ ଏ ବିଷୟରେ ଚିନ୍ତା କରି ସିଦ୍ଧାନ୍ତ ନେଇ ଯାଆନ୍ତି, ବାସ୍ – କଥାଟି ସରିଯାଏ ...

ମୋର କହିବାର କଥା ହେଲା – କୌଣସି ମତେ ସେହି ପଥ ଛାଡ଼ିବା ଉଚିତ ନୁହେଁ ଜଣେ ବାଟ ବାଛି ନେଲା ପରେ ଯେକୌଣସି ମୂଲ୍ୟ ଦେଇ ଜଣେ ଆଗକୁ ଆଗକୁ ଚାଲିବା ଉଚିତ ଏବଂ ବାଟରେ ଚାଲିବାବେଳେ ବାରଂବାର ଅଟକିଯିବା ଉଚିତ ନୁହେଁ । କାରଣ ଏ ରାସ୍ତା କଠିନ ହେଲେ ବି ତୁମେ ଯଦି ଚାଲି ଲାଗିଥିବ, ତେବେ ତାହା ସହଜ ହୋଇ ଯାଉଥିବ । କିନ୍ତୁ ଥରେ ଅଟକି ଗଲେ ପୁଣି ସବୁକିଛି ଆରମ୍ଭ କରି ଆଉ ଥରେ ଉଠି ଚାଲିବା କଷ୍ଟକର । ବାଟ ଚାଲିବା ପାଇଁ ଲାଗିରହିବାରେ ଯେତିକି ପ୍ରୟାସ ଆବଶ୍ୟକ ହୁଏ, ତା'ଠାରୁ ଖୁବ୍ ବେଶୀ ପ୍ରୟାସ ଦରକାର ହୁଏ ଜଣେ ଯେତେବେଳେ ଥରେ ଅଟକି ଯାଇ ପୁଣି ଯାତ୍ରାରମ୍ଭ କରେ ।

# ସବୁ ଗଣ୍ଠିକୁ ହୁଗାଳି ଦିଅ

ମୁକ୍ତ ହେବା ଯଦି ତୁମର ଲକ୍ଷ୍ୟ ହୋଇଥାଏ, ଅବଶ୍ୟ ମୁକ୍ତି କହିଲେ ବୁଝିବାକୁ ହେବ ଆତ୍ମାର ମୁକ୍ତି – ତା'ହେଲେ ଯେଉଁ ସବୁ ଗଣ୍ଠି ବା ବନ୍ଧନ ତୁମ ଆନ୍ତରସତ୍ତା ସହ ମିଳୁ ନାହିଁ, ଯେଉଁ ଗୁଡ଼ିକ ତୁମର ଅବଚେତନାର ଅଭ୍ୟାସ ଭିତରୁ ଆସୁଛି – ସେଗୁଡ଼ିକ ଭିତରୁ ତୁମେ ଅବଶ୍ୟ ମୁକ୍ତ ହେବା ଉଚିତ । ଯଦି ତୁମେ ଈଶ୍ୱରଙ୍କ ପାଖରେ ନିଜକୁ ସଂପୂର୍ଣ୍ଣଭାବେ, ସମଗ୍ରଭାବେ ଓ ଏକାନ୍ତଭାବେ ନିବେଦନ କରିବାକୁ ଚାହଁ, ସମର୍ପଣ କରିବାକୁ ଚାହଁ, ଉତ୍ସର୍ଗ କରିବାକୁ ଚାହଁ, ତା'ହେଲେ ତୁମକୁ ସଂପୂର୍ଣ୍ଣଭାବେ ଏହି ଆତ୍ମିକ ମୁକ୍ତି ଅର୍ଜନ କରିବାକୁ ପଡ଼ିବ । କେବେ ବି ତୁମେ ତୁମ ସତ୍ତାର ସାମାନ୍ୟ, ସାମାନ୍ୟ ଅଂଶଗୁଡ଼ିକୁ ମଧ୍ୟ ଏଠି, ସେଠି, ୟା'ପାଖେ, ତା'ପାଖେ ବନ୍ଧା ରଖ ନାହିଁ ...

ଯେତେବେଳେ ତୁମେ ଯୋଗ ମାର୍ଗରେ ପାଦ ଦେଲ ସେତେବେଳେ ତୁମେ ତୁମର ସବୁକିଛି ମାନସିକ ଗଠନଗୁଡ଼ିକୁ, ସବୁକିଛି ପ୍ରାଣିକ ମଞ୍ଚା ଓ ଭାଡ଼ିଗୁଡ଼ିକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଫୋପାଡ଼ି ଦେବା ପାଇଁ ପ୍ରସ୍ତୁତ ହେବାକୁ ହେବ । କୌଣସି ଆଶ୍ରୟ ବିନା ଆକାଶରେ ଝୁଲି ରହିବା ପାଇଁ ପ୍ରସ୍ତୁତ ହେବାକୁ ହେବ, ଯେଉଁଠି କେବଳ ବିଶ୍ୱାସହିଁ ହେବ ତୁମର ଏକମାତ୍ର ଅବଲମ୍ବନ । ନିଜର ଅତୀତ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ ଭୁଲିଯାଅ । ତୁମ ଭିତରେ ଥିବା ତୁମ ଅତୀତର ସତ୍ତାଟି, ଯେ କି ବହୁ ଏଣୁ ତେଣୁ ବିଷୟ ସହ ସଂଯୁକ୍ତ ଥିଲା, ସେହି ସତ୍ତାଟିକୁ ମଧ୍ୟ ଭୁଲିଯିବାକୁ ହେବ । ତୁମ ଚେତନାରୁ ସେସବୁକୁ ନିକାଳି ଦିଅ, ଆଉଥରେ ନୂଆ ହୋଇ ଜନ୍ମ ହୁଅ, ସବୁପ୍ରକାର ବନ୍ଧନରୁ ମୁକ୍ତ ହୁଅ । ତୁମେ ପୂର୍ବେ କ'ଣ ଥିଲ, ସେସବୁକୁ ଭୁଲିଯାଅ, କେବଳ ତୁମେ କ'ଣ ହେବାକୁ ଅଭୀପ୍ସା କରୁଛ, ତାହାହିଁ ଭାବ; ଯେଉଁ ବିଷୟ ତୁମେ ଉପଲବ୍ଧି କରିବାକୁ ଚାହୁଁଛ – ତାହାରି ଭିତରେ ସମଗ୍ର ଭାବେ ରୁହ । ତୁମର ମୃତ ଅତୀତ ଭିତରୁ ବାହାରି ଆସ ଏବଂ ତୁମର ଭବିଷ୍ୟତ ଆଡ଼କୁ ସିଧାସଳଖ ଦୃଷ୍ଟି ଦିଅ ଓ ଚାଲ । ସେହି ଉଜ୍ଜ୍ୱଳ ଓ ନୂତନ ଭବିଷ୍ୟତ ଭିତରେ ରହିଛି ତୁମର ଧର୍ମ, ଦେଶ, ପରିବାର ଓ ସବୁକିଛି । ସେହି ଭବିଷ୍ୟତହିଁ ହେଉଛି ତୁମର 'ଈଶ୍ୱର' ।

# ସବୁ ମାନସିକ ଗଣ୍ଠିକୁ ଛାଡ଼

ତୁମେ ଯଦି ଈଶ୍ୱରଙ୍କ ପାଖକୁ ଯିବାକୁ ଚାହଁ, ତୁମକୁ ସବୁପ୍ରକାର ମାନସିକ ଧାରଣାଗୁଡ଼ିକୁ ଛାଡ଼ିବାକୁ ହେବ । କିନ୍ତୁ ତୁମେ ତାହା ନ କରି ତୁମର ମାନସିକ ଧାରଣାଗୁଡ଼ିକୁ ଈଶ୍ୱରଙ୍କ ଉପରେ ପକାଇଦିଅ ଏବଂ ଇଚ୍ଛା କରୁଥାଅ ଯେ: ଈଶ୍ୱର ସେଗୁଡ଼ିକୁ ମାନି ଯାଆନ୍ତୁ । ଗୋଟିଏ ଯୋଗୀ ହେବା ପାଇଁ ପ୍ରକୃତ ମନୋଭାବ ହେଉଛି, ନିଜକୁ ନମନୀୟ ରଖିବା ଏବଂ ଭଗବାନଙ୍କ ଆଦେଶ, ସେ ଯାହା ହୋଇଥାଉ ନା କାହିଁକି, ତାକୁ ମାନିନେବା ପାଇଁ ପ୍ରସ୍ତୁତ ରହିବା; ତା'ପାଇଁ କୌଣସି କଥା ଅପରିହାର୍ଯ୍ୟ ହୋଇ ରହିବା ଉଚିତ ନୁହେଁ, କୌଣସି କଥା ତା'ପାଇଁ ବୋଝ ହୋଇ ରହିବା ଉଚିତ ନୁହେଁ । ଯେଉଁମାନେ ଆଧ୍ୟାତ୍ମିକ ଜୀବନ ବଞ୍ଚିବାକୁ ଚାହାନ୍ତି, ସେମାନେ ପ୍ରଥମେ ତାଙ୍କର ସବୁକିଛିକୁ ଫୋପାଡ଼ି ଦେବା ଲାଗି ଏକ ପ୍ରବେଗ ଅନୁଭବ କରନ୍ତି । କିନ୍ତୁ ସେମାନେ ଏହା କରିଥା'ନ୍ତି କେବଳ ଗୋଟିଏ ବୋଝରୁ ମୁକ୍ତ ହେବା ପାଇଁ, ଈଶ୍ୱରଙ୍କର ପାଖେ ସମର୍ପିତ ହେବା ପାଇଁ ନୁହେଁ । ଯେଉଁ ଲୋକମାନେ ବହୁ ଧନ ସମ୍ପତ୍ତିର ଅଧିକାରୀ ଓ ଯେଉଁମାନଙ୍କ ଚାରିପଟେ ବହୁ ବିଳାସ ବ୍ୟସନ ଓ ଆମୋଦ ପ୍ରମୋଦର ବିଷୟ ସବୁ ଜମା ହୋଇଥାଏ, ସେମାନେ ଯେତେବେଳେ ଈଶ୍ୱରଙ୍କ ଆଡ଼କୁ ଆସନ୍ତି, ସେମାନଙ୍କର ପ୍ରଥମ ପ୍ରବୃତ୍ତି ହୁଏ, ଏହିସବୁ ବିଷୟରୁ ପଳାୟନ କରିବା, ଅଥବା ସେମାନଙ୍କ ଭାଷାରେ, ସେମାନେ ''ବନ୍ଧନରୁ ମୁକ୍ତ'' ହେବାକୁ ଚାହାନ୍ତି । କିନ୍ତୁ ଏହା ଏକ ଭୁଲ କଥା । ତୁମେ ଭାବିବା ଉଚିତ ନୁହେଁ ଯେ, ତୁମର ଯାହାସବୁ ଅଛି, ସେସବୁ ତୁମର, ସେସବୁ ହେଲା ଭଗବାନଙ୍କର । ଯଦି ଈଶ୍ୱର ଚାହାନ୍ତି, ତୁମେ କିଛି ଜିନିଷ ଉପଭୋଗ କରିବା ଉଚିତ, ତେବେ ଉପଭୋଗ କର । କିନ୍ତୁ ଯଦି ପରମୁହୂର୍ତ୍ତରେ ସେସବୁ ତୁମକୁ ପରିତ୍ୟାଗ କରିବାକୁ ପଡ଼େ ତେବେ, ପ୍ରସ୍ତୁତ ହୋଇଯାଅ; ଯେପରି ହସି ହସି ତୁମେ ସେସବୁକୁ ସେହିକ୍ଷଣି ତ୍ୟାଗ କରିପାରିବ ।

## ତ୍ୟାଗ

ଶାସ୍ତ୍ରମାନଙ୍କରେ ତ୍ୟାଗ ସମ୍ବନ୍ଧେ ବହୁତ କଥା କୁହାଯାଇଛି – ତୁମର ଯାହାକିଛି ଧନସମ୍ପଦ ଅଛି, ସେସବୁ ତ୍ୟାଗ କର, ଆସକ୍ତି ତ୍ୟାଗ କର, କାମନା ଦୂର କର ଇତ୍ୟାଦି ଇତ୍ୟାଦି । କିନ୍ତୁ ମୁଁ ଏହି ମୀମାଂସାରେ ଆସି ପହଞ୍ଚିଛି ଯେ, ଯେପର୍ଯ୍ୟନ୍ତ ତୁମର କିଛି ତ୍ୟାଗ କରିବାକୁ ବାକି ଅଛି, ତୁମେ ସେପର୍ଯ୍ୟନ୍ତ ଏହି ମାର୍ଗରେ ନାହଁ; ସବୁକଥା ଯେପରି ରହିଛି ତା' ପ୍ରତି ଯଦି ତୁମର ସଂପୂର୍ଣ୍ଣ ବିରକ୍ତି ନ ଆସିଛି ଏବଂ ସେସବୁକୁ ତ୍ୟାଗ କରିବାକୁ ଯଦି ତୁମର ତଥାପି ପ୍ରୟାସ ଦରକାର ପଡୁଛି, ତା'ହେଲେ ତୁମେ ଅତିମାନସ ଉପଲବ୍ଧି ପାଇଁ ପ୍ରସ୍ତୁତ ହୋଇ ନାହଁ ବୋଲି ବୁଝିବାକୁ ହେବ ।... ତ୍ୟାଗ କରିବାର ପ୍ରକୃତ ଅର୍ଥ ହେଲା – ତୁମେ ଯେଉଁସବୁ ବିଷୟକୁ ଯେଉଁ ମୂଲ୍ୟ ଦେଉଥିଲ ଆଉ ସେପରି ମୂଲ୍ୟ ନ ଦେବା, ତୁମେ ଯେଉଁସବୁ ବିଷୟକୁ ରଖିବା ଉଚିତ ନୁହଁ ବୋଲି ଭାବୁଛ, ସେସବୁକୁ ପରିତ୍ୟାଗ କରିବା । ଅନ୍ୟପକ୍ଷରେ ତୁମର ଅନୁଭବ ହେବା ଉଚିତ ଯେ, ଏ ପୃଥିବୀ ଖୁବ୍ କୁତ୍ସିତ ଅବସ୍ଥାରେ ରହିଛି – ସବୁକିଛିରେ ପୂରି ରହିଛି ନିର୍ବୋଧତା, ପାଶବିକତା, ଦୁଃସହ ଦୁଃଖ ଯନ୍ତ୍ରଣା । ତୁମେ ଏମିତି ଭାବିବା ଥରେ ଆରମ୍ଭ କଲାମାତ୍ରେହିଁ, ସବୁ ସ୍ଥୂଳ ଚେତନା, ସବୁ ବସ୍ତୁକୈନ୍ଦ୍ରିକ ଚେତନା, ଯେଉଁଗୁଡ଼ିକ କି ଆଦୌ ପରିବର୍ତ୍ତନ ଚାହୁଁ ନ ଥିଲେ, ସେଗୁଡ଼ିକ ନିଶ୍ଚୟ ପରିବର୍ତ୍ତିତ ହେବାକୁ ବ୍ୟାକୁଳତା ପ୍ରକାଶ କରିବେ । ସେମାନେ ଚିତ୍କାର କରିବେ – ''ମୋର ଆଉ ଅନ୍ୟକିଛି ଦରକାର – ମୋର ଆଉ ଏମିତି କିଛି ଦରକାର ଯାହାକି ସତକୁ ସତ ସତ୍ୟ ହୋଇଥିବ, ସୁନ୍ଦର ହୋଇଥିବ, ଆନନ୍ଦ, ଜ୍ଞାନ ଓ ଚେତନାରେ ପରିପୂର୍ଣ୍ଣ ହୋଇଥିବ !''

# ଏଇ ପୃଥିବୀରେହିଁ କାର୍ଯ୍ୟକର

ମୁଁ ଏପରିସବୁ ଲୋକ ଦେଖିଛି, ଯେଉଁମାନେ କି ଯୋଗ କରୁଛନ୍ତି ବୋଲି କୌଣସି ଆଟୋପ ଦେଖାନ୍ତି ନାହିଁ, ଅଥଚ ଖୁବ୍ ସରଳଭାବେ ମନରେ ଏକ ସହଜ ଅଭୀପ୍ସା ପୋଷଣ କରିଥାନ୍ତି ଏହି ଜଗତର ରୂପାନ୍ତର ପାଇଁ । ସେମାନେ ମଧ୍ୟ ଚାହିଁଥାନ୍ତି କିପରି ଈଶ୍ୱର ଏହି ପାର୍ଥିବ ସ୍ତରକୁ ଅବତରଣ କରି ଆସିବେ ଏବଂ ହୃଦୟରେ ଏହି ଅଭୀପ୍ସା ଓ ବିଶ୍ୱାସରେ ସେମାନେ ତାଙ୍କ ଆଡୁ ଏଦିଗରେ ଅଳ୍ପ ବହୁତ ଯାହା କରିବାର କରି ଚାଲିଥାନ୍ତି । ନିଜକୁ ସଂପୂର୍ଣ୍ଣଭାବେ ଏହି ଦିଗରେ ଖଟାଇଥାନ୍ତି । ନିଜ ପାଇଁ ଆଉ କିଛି ହାତରେ ପାଞ୍ଚ ରଖନ୍ତି ନାହିଁ । କିଂବା ବ୍ୟକ୍ତିଗତ ମୁକ୍ତି ଲାଗି କୌଣସି ସ୍ୱାର୍ଥପର ଇଚ୍ଛା ମଧ୍ୟ ସେମାନଙ୍କର ନ ଥାଏ । ଏଇଭଳି ଲୋକଙ୍କୁ ମୁଁ ଦେଖିଛି, ସେମାନେ ବେଶ୍ ଅଗ୍ରଗତି କରିଥା'ନ୍ତି – ପ୍ରକୃତରେ ଖୁବ୍ ଚମତ୍କାର ଅଗ୍ରଗତି ମଧ୍ୟ କରଥାନ୍ତି । ବେଳେବେଳେ ସେମାନଙ୍କୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଅନ୍ୟପକ୍ଷରେ ମୁଁ ସନ୍ନ୍ୟାସୀମାନଙ୍କୁ ଦେଖିଛି – ଆଶ୍ରମ, ମଠମାନଙ୍କରେ ରହୁଥିବା ସାଧକମାନଙ୍କୁ ବି ଦେଖିଛି, ନିଜକୁ ଯୋଗୀ ବୋଲି ଜାହିର କରୁଥିବା ଲୋକଙ୍କୁ ବି ଦେଖିଛି; କିନ୍ତୁ ଦେଖ ବାବୁ, ସେଭଳି ଡଜନେ ଯୋଗୀ-ସନ୍ନ୍ୟାସୀ ଏଭଳି ଜଣକ ସଙ୍ଗେ ବି ସମାନ ବୋଲି ମୁଁ ଭାବିବି ନାହିଁ ... । ଏହି ପୃଥିବୀରୁ ପଳାୟନ କରି ତୁମେ ଏହାର ପରିବର୍ତ୍ତନ କରିପାରିବ ନାହିଁ । କେବଳ ଏହାରି ଭିତରେ ରହି ଖୁବ୍ ଭଦ୍ର ଭାବେ, ବିନୀତ ଭାବେ, କିନ୍ତୁ ହୃଦୟରେ ପ୍ରଜ୍ୱଳନ୍ତ ଅଗ୍ନି ରଖି, ଏହାରି ଭିତରେ ଯଦି କିଛି କାର୍ଯ୍ୟ କରିପାରିବ, ତାହେଲେ ଏହାର ରୂପାନ୍ତର ସମ୍ଭବ ହୋଇପାରିବ । କିନ୍ତୁ ତୁମ ଭିତରେ ଯେଉଁ ଅଗ୍ନି ଜଳୁଥିବ – ତାହା ଯେପରି ତୁମର ଆତ୍ମ-ନିବେଦନର ଅଗ୍ନିଶିଖା ହୁଏ ।

# ''ଆଧ୍ୟାତ୍ମିକ ଜୀବନ''

''ଆଧ୍ୟାତ୍ମିକ ଜୀବନ'' ବୋଲି ସ୍ୱତନ୍ତ୍ର ଜୀବନ କିଛି ନାହିଁ ! ଏହା ତଥାପି ସେହି ପୁରାତନ ଧାରଣା, ସେହି ପୁରାତନ ସାଧୁ-ସନ୍ନ୍ୟାସୀମାନଙ୍କର ଧାରଣା – ବୈରାଗୀ ସନ୍ନ୍ୟାସୀମାନଙ୍କର ଧାରଣା ଆଉ ସେହିସବୁ ଧାରଣା ଯେ ସେଇମାନେହିଁ ଆଧ୍ୟାତ୍ମିକ ଜୀବନର ପ୍ରତିନିଧିତ୍ୱ କରୁଥା'ନ୍ତି, ଏବଂ ଆଉ ଅନ୍ୟମାନେ ସାଧାରଣ ସାଂସାରିକ-ଜୀବନର ପ୍ରତିନିଧିତ୍ୱ କରୁଥା'ନ୍ତି । କିନ୍ତୁ ଏକଥା ସତ ନୁହଁ, ସତ ନୁହଁ, ଜମା ସତ ନୁହଁ ।

... ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଆଧ୍ୟାତ୍ମିକ ଓ ଅଣ-ଆଧ୍ୟାତ୍ମିକ, ଏହି ଦୁଇପ୍ରକାର ଜୀବନର ବିଭେଦକୁ ଦୂର କରିବା । ସେହି ପୁରୁଣା ଲୋକମାନେ ପ୍ରତ୍ୟେକେ, ସମସ୍ତେ, ଏହି ବିଭେଦଟିକୁ ମନ ଭିତରେ ପୋଷି ରଖିଥା'ନ୍ତି । ସେମାନେ ଭାବନ୍ତି – ଆଧ୍ୟାତ୍ମିକ ଭାବରେ ଜୀବନ ବଞ୍ଚିବା ଓ ସଂସାରୀ ଜୀବନ ବଞ୍ଚିବା ଏ ଦୁଇଟା ପୃଥକ୍ ପୃଥକ୍ କଥା । ଅଧ୍ୟାତ୍ମିକ ଚେତନାରେ ବାସ କରିବା ଏବଂ ସାଧାରଣ ଚେତନାରେ ବାସ କରିବା ଏଇ ଦୁଇଟି ମଧ୍ୟ ଅଲଗା ଅଲଗା କଥା । ପ୍ରକୃତ ସତ୍ୟ ହେଲା ଦୁଇଟି ନୁହେଁ, ଗୋଟିଏ ମାତ୍ର ଚେତନା ରହିଛି ।

ବହୁ ବ୍ୟକ୍ତିଙ୍କ ଭିତରେ ସେହି ଚେତନାର ଚାରିଭାଗରୁ ତିନିଭାଗ ସୁପ୍ତ ଥାଏ, ବିକୃତ ହୋଇ ଯାଇଥାଏ । ଆଉ ବହୁତ ଲୋକଙ୍କ ଭିତରେ ଏହା ସଂପୂର୍ଣ୍ଣ ବିଭ୍ରଷ୍ଟ ହୋଇ ଯାଇଥାଏ । କିନ୍ତୁ ଆମ ପାଇଁ ସରଳ କର୍ତ୍ତବ୍ୟଟି କ'ଣ ଜାଣ ? ଗୋଟିଏ ଚେତନାରୁ ଆଉ ଗୋଟିଏ ଚେତନାକୁ ଡିଆଁ ମାରିବା ନୁହଁ । କିନ୍ତୁ ନିଜ ଚେତନାକୁ ଖୋଲି ଧରିବା (ମା' ଉର୍ଦ୍ଧ୍ୱକୁ ହାତ ଟେକିଲେ) ଏବଂ ତାକୁ ସତ୍ୟର ସ୍ପନ୍ଦନରେ ଭରିଦେବା । ଏବଂ ଏହି ନିମ୍ନଭୂମିରେ ଯାହାସବୁ ଅଛି ସେଗୁଡ଼ିକ ସହିତ ସେହି ଉର୍ଦ୍ଧ୍ୱାନୀତ ସତ୍ୟର ସ୍ପନ୍ଦନଗୁଡ଼ିକୁ ସଙ୍ଗତ କରାଇବା । ସେହି ଉର୍ଦ୍ଧ୍ୱଭୂମିରେ ତ ସତ୍ୟ ଚିରକାଳ ରହିଆସିଛି – କିନ୍ତୁ ତାହା ଏହି ଆମର ଏଇଠାକୁହିଁ ଆସିବା ଉଚିତ । ସେହି ସତ୍ୟକୁ ଆମର ଏଇ ନିମ୍ନଭୂମିକୁ ଓହ୍ଲାଇ ଆଣିବା ଉଚିତ । ଏହାହିଁ ତ ପୃଥିବୀର ''ଆସନ୍ତାକାଲି'' ବା ତା'ର ଭବିଷ୍ୟତ ।

# କୃଚ୍ଛ୍ର ସାଧନା – ୧

ପ୍ରଶ୍ନ : ମା ! ନିଜ ଉପରେ କର୍ତ୍ତୃତ୍ୱ ପ୍ରତିଷ୍ଠା କରିବା ପାଇଁ ବେଳେବେଳେ କୃଚ୍ଛ୍ରସାଧନା ଉପାଦେୟ ନୁହଁ କି ?

ଉତ୍ତର : ନା ! ତା'ଦ୍ୱାରା ତୁମେ କିଛିହିଁ ଆରୋଗ୍ୟ କରିପାର ନାହିଁ । ତୁମେ କେବଳ ନିଜକୁ ଏକ ମିଥ୍ୟା ଧାରଣା ଦେଇଥାଅ ଯେ, ତୁମେ ଅଗ୍ରଗତି କରୁଛ । କିନ୍ତୁ ତୁମେ କିଛିହିଁ ଆରୋଗ୍ୟ ବା ସଂଶୋଧନ କରି ନ ଥାଅ । ତା'ର ପ୍ରମାଣ ହେଲା – ତୁମେ ଯେତେବେଳେ ସେହି କୃଚ୍ଛ୍ରସାଧନାର ପଦ୍ଧତିଟି ବନ୍ଦ କରିଦିଅ, ସେତେବେଳେ ତୁମର ସେହି ପୁରୁଣା ପ୍ରବୃତ୍ତିଟି ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହୋଇଉଠେ; ତାହା ପ୍ରଚଣ୍ଡ ଭାବେ ପ୍ରତିହିଂସାପରାୟଣ ହୋଇ ପୁଣିଥରେ ଫେରିଆସେ । ଅବଶ୍ୟ ତୁମେ କାହାକୁ କୃଚ୍ଛ୍ରସାଧନାର ପଦ୍ଧତି କହୁଛ, ତା'ଉପରେ ସବୁକିଛି ନିର୍ଭର କରେ । ତାହା ଯଦି, ତୁମର ସବୁକିଛି କାମନା ବାସନାକୁ ଚରିତାର୍ଥ କରିବାରେ ଲାଗି ପଡ଼ିବା ହୋଇ ନ ଥାଏ, ତେବେ ତାକୁ ଅବଶ୍ୟ କୃଚ୍ଛ୍ରସାଧନା ବୋଲି କହିବା ଅନୁଚିତ । ଏହା ତ କାଣ୍ଡଜ୍ଞାନର କଥା । ବରଂ ଏହା ଆଉ ଗୋଟିଏ କଥା । କୃଚ୍ଛ୍ରସାଧନାର ପଦ୍ଧତି ବା ସନ୍ନ୍ୟାସୀସୁଲଭ ନିବୃତ୍ତିର ମାର୍ଗ ହେଲା – ଏଇ ଯେମିତି, ବାରଂବାର ଉପବାସ କରିବା, ଥଣ୍ଡା ସହିବାକୁ ତୁମ ନିଜକୁ ବାଧ କରିବା ... ମୋଟ କଥାହେଲା, ଏଥିରେ ଶରୀର ଉପରେ ଟିକିଏ ଅତ୍ୟାଚାର କରିବାକୁ ପଡ଼ିଥାଏ । ଏସବୁ ବ୍ୟାପାର ପ୍ରକୃତରେ ତୁମକୁ ଏକ ମିଥ୍ୟା ଆଧ୍ୟାତ୍ମିକ ଗର୍ବହିଁ ଦେଇଥାଏ, ଆଉ ଅଧିକା କିଛି ନୁହଁ । ଏହା କୌଣସି କଥା ଉପରେ କର୍ତ୍ତୃତ୍ୱ ଜାରି କରିପାରେ ନାହିଁ । ଏହା ଖୁବ୍ ଖୁବ୍ ସହଜ କଥା । ଲୋକେ ଏସବୁ କରିଥା'ନ୍ତି, କାରଣ ଏହା ଖୁବ୍ ସହଜ ଆଉ ସରଳ କାମ । ଆଉ ଏତିକି କରିଦେଇ ପାରିଲେ ମନରେ ଯେଉଁ ଗର୍ବ ଆସେ ତାହା ବେଶ୍ ତୁଷ୍ଟି ଆଣିଦିଏ, ଆତ୍ମବଡ଼ିମା ସ୍ଫୀତ ହେବାକୁ ଲାଗେ, ତେଣୁ ଏହା ବେଶ୍ ସହଜ ହୋଇଉଠେ ।

# କୃଚ୍ଛ୍ର ସାଧନା – ୨

ଜଣେ ତା'ର କୃଚ୍ଛ୍ରସାଧନାର ଚମତ୍କାରିତାଗୁଡ଼ିକୁ ନେଇ ବଡ଼ ପ୍ରଦର୍ଶନ କରିଥାଏ ଏବଂ ତେଣୁ ସେ ନିଜକୁ ଜଣେ ବିଶିଷ୍ଟ ବ୍ୟକ୍ତି ବୋଲି ମନେକରେ ଏବଂ ତାହାହିଁ ତାକୁ ଅନେକ କଥା ସହ୍ୟ କରିବାରେ ସାହାଯ୍ୟ କରିଥାଏ ।

କିନ୍ତୁ ଅନ୍ୟପକ୍ଷରେ କୃଚ୍ଛ୍ରସାଧନା ନ କରି ନିଜର ପ୍ରବୃତ୍ତି ଓ ପ୍ରବେଗଗୁଡ଼ିକ ଉପରେ ଖୁବ୍ ଧୀର, ସଂହତ, ନୀରବ ଭାବେ କର୍ତ୍ତୃତ୍ୱ ରକ୍ଷା କରିବା ବହୁଭାବରେ କଷ୍ଟକର ସାଧନା । ନିଜ ପ୍ରକୃତିର ନିମ୍ନ ଗତିବୃତ୍ତିଗୁଡ଼ିକୁ ଚରିତାର୍ଥ ହେବାକୁ ନ ଦେବା ଏବଂ ସେତକ ଖୁବ୍ ଶାନ୍ତଭାବେ ସାଧିବା ଖୁବ୍ ଖୁବ୍ ବଡ଼ କଥା ! କୌଣସି ଧନସଂପଦ ଆଦୌ ନ ରଖିବା ଅପେକ୍ଷା ନିଜର ବୋଲି କୌଣସି ଦ୍ରବ୍ୟ ଉପରେ ସାମାନ୍ୟ ମାତ୍ର ଆସକ୍ତି ବା ମୋହ ନ ରଖିବା ଅଧିକ କଷ୍ଟକର ବୋଲି ଜାଣିବ । ଶତାବ୍ଦୀ ଶତାବ୍ଦୀ ଧରି ଏ ବିଷୟ ଜଣାଅଛି । ନିଜର ଯାହାସବୁ ଅଛି, ସେସବୁର ଅଧିକାର ପ୍ରତି ନିରାସକ୍ତ ରହିବାର ସାଧନା ହେଲା – ନିଜର କୌଣସି କିଛି ନ ରଖିବା ବା ସବୁକିଛିକୁ ଖୁବ୍ ପରିମାଣରେ କମାଇ ଦେବାର ସାଧନା ଅପେକ୍ଷା ମହତ୍ତର ଗୁଣ । ଏହା ମଧ୍ୟ ଅଧିକତର କଷ୍ଟସାଧ୍ୟ କଥା । ଏହାର ନୈତିକ ମୂଲ୍ୟ ମଧ୍ୟ ଖୁବ୍ ଅଧିକ । ଖୁବ୍ ସରଳଭାବେ ଏହିପରି ମନୋଭାବଟି ରଖିପାରିଲେ ଭଲ – ଯେତେବେଳେ ତୁମ ପାଖକୁ ତୁମର ବ୍ୟବହାର ଲାଗି କିଛି ଆସିଲା, ସେତେବେଳେ ତୁମେ ତାକୁ ବ୍ୟବହାର କର । ଯଦି କୌଣସି କାରଣରୁ ସେ ଜିନିଷଟି ତୁମ ପାଖରୁ ଚାଲିଗଲା – ତେବେ ତାକୁ ଯିବାକୁ ଦିଅ, ସେଥିପାଇଁ ଦୁଃଖ କର ନାହିଁ । ଯେତେବେଳେ ତାହା ଆସୁଛି, ତାକୁ ବାରଣ କର ନାହିଁ ବରଂ ତା'ର ସଦୁପଯୋଗ କରିବାକୁ ଶିଖ । କିନ୍ତୁ ତାହା ଚାଲିଗଲେ କଷ୍ଟପାଅ ନାହିଁ ।

## ବାହ୍ୟିକ ଶୃଙ୍ଖଳା

ପ୍ରଶ୍ନ : କିନ୍ତୁ କେତେକ ବାହ୍ୟିକ ଶୃଙ୍ଖଳା ଫଳପ୍ରଦ ହୁଏ ନାହିଁ କି ?

ଉତ୍ତର : ଯଦି ଏପରି ଏକ ଶୃଙ୍ଖଳା ତୁମେ ତୁମ ଉପରେ ପକାଅ ଏବଂ ଯଦି ତାହା ଅତି ନିର୍ବୋଧ ବିଷୟ ହୋଇ ନ ଥାଏ, ତାହାହେଲେ ତାହା ତୁମକୁ କିଛି ସାହାଯ୍ୟ କରିପାରେ ଅବଶ୍ୟ । କିନ୍ତୁ ଏକ ଶୃଙ୍ଖଳା, ମୁଁ କହୁଛି, ସେଇସବୁ ତାପସ୍ୟିକ ଶୃଙ୍ଖଳାର କଥା, ଅଥବା ସେଇସବୁ କୃଚ୍ଛ୍ରସାଧନାର କଥା, ଯଦି ତାହା ତୁମେ ସାଧାରଣ ଭାବେ ଅଭ୍ୟାସ କରୁଥାଅ, ତାହାହେଲେ ତାହା ତୁମକୁ ନିଶ୍ଚୟ ଗର୍ବିତ କରିବ । ତା'ମାନେ, ଏହା ତୁମ ଭିତରେ ଏଭଳି ଭୟଙ୍କର ଗର୍ବ ବୋଧ ସୃଷ୍ଟି କରିବ ଯେ, ତୁମେ ଆଉ ସେଥିରୁ କେବେ ନିଷ୍କୃତି ପାଇପାରିବ ନାହିଁ । ହାତୁଡ଼ିରେ ପିଟି ଏସବୁ ଜିନିଷକୁ ଭାଙ୍ଗିବାକୁ ପଡ଼ିବ ।

ପ୍ରଥମ ସର୍ତ୍ତ ହେଲା – ଏକ ସୁସ୍ଥ ବିନୀତ ମନୋଭାବ । ଏଇ ମନୋଭାବରେ ତୁମେ ଅନୁଭବ କରିବ ଯେ, ଯଦି ଈଶ୍ୱରଙ୍କ ଦ୍ୱାରା ରକ୍ଷିତ ନ ହୋଇଛ, ପାଳିତ, ସାହାଯ୍ୟ ପ୍ରାପ୍ତ, ଜ୍ଞାନାଲୋକିତ ଓ ପରିଚାଳିତ ନ ହୋଇଛ, ତାହାହେଲେ ବୁଝ ଯେ ତୁମେ କିଛି ବୋଲି **କିଛି ନୁହଁ** । ତୁମେ ଯେତେବେଳେ ଏହା ଅନୁଭବ କର, କେବଳ ମନ ଦ୍ୱାରା ବୁଝିବା କଥା ମୁଁ କହୁ ନାହିଁ, ସେଇ କଥାଟିକୁ ତୁମେ ତୁମ ଶରୀର ଭିତରେ ବି ଅନୁଭବ କରୁଥାଅ, ତାହାହେଲେ ଯାଇ ତୁମେ ବିଜ୍ଞ ହେବାକୁ ଆରମ୍ଭ କରିବ, ତା'ପୂର୍ବରୁ ନୁହେଁ ।

# ଯଥାର୍ଥ ନମ୍ରତା

ପ୍ରଶ୍ନ : ବିନମ୍ର ହେବାର ଠିକ୍ ଓ ଭୁଲ୍ ବାଟ କଅଣ ?

ଉତ୍ତର : ଏହା ଅତି ସହଜ, ଯେତେବେଳେ କାହାକୁ କୁହାଯାଏ ''ବିନୀତ ହୁଅ'', ସେତେବେଳେ ହୁଏତ ସେ ସାଙ୍ଗେ ସାଙ୍ଗେ ଭାବିନିଏ, ''ମୋତେ ଅନ୍ୟ ମଣିଷ ଆଗରେ ବିନୀତ ହେବାକୁ କୁହାଯାଉଛି''। କିନ୍ତୁ ସେ ପ୍ରକାର ବିନମ୍ରତା ଭୁଲ୍ । ଯଥାର୍ଥ ବିନମ୍ରତା ହେଉଛି – ଈଶ୍ୱରଙ୍କ ପାଖେ ବିନମ୍ରତା । ଏପ୍ରକାରର ବିନମ୍ରତା ହେଉଛି ଖୁବ୍ ସୁନିର୍ଦ୍ଦିଷ୍ଟ, ସଠିକ ଏବଂ ଏକ **ଜୀବନ୍ତ** ବୋଧ । ଭାବଟା ଏହିପରି – ଈଶ୍ୱରଙ୍କ ବ୍ୟତୀତ ମୁଁ କିଛି ନୁହେଁ, ମୁଁ କିଛି କରିପାରିବି ନାହିଁ, ମୁଁ କିଛି ବୁଝିପାରିବି ନାହିଁ । ଆମ ଭିତରୁ ଯେ କେହି ଯେତେ ବୁଦ୍ଧିମାନ୍ ଓ ଯେତେ ସାମର୍ଥ୍ୟବାନ୍ ହେଲେ ବି, ଈଶ୍ୱରଙ୍କ ଚେତନା ତୁଳନାରେ ତାହା କିଛି ନୁହେଁ । ଏବଂ ଏହିଭଳି ବୋଧ ତୁମର ସବୁବେଳେ ରହିବା ଉଚିତ । ତା'ହେଲେ ଯାଇ ତୁମର ଯଥାର୍ଥ ଗ୍ରହଣଶୀଳ ମନୋଭାବ ରହିପାରିବ । ଏହା ଏପରି ଏକ ନମ୍ର ଗ୍ରହଣଶୀଳତା, ଯାହା କି ଈଶ୍ୱରଙ୍କ ବିପକ୍ଷରେ କୌଣସି ବ୍ୟକ୍ତିଗତ ଛଳନା ରଖେ ନାହିଁ ।

# ଅଳ୍ପ ଜାଣିଥିବା ଲୋକଟି

ଏପରି ଭାବ ନାହିଁ ଯେ, କେହି ବହୁତ ଅଭିଜ୍ଞତା ଅର୍ଜନ କରିଛି ବୋଲି ସବୁଠାରୁ ବେଶୀ ଅଗ୍ରଗତି କରିଯାଇଛି । ଏହି (ତଥାକଥିତ) ଅଭିଜ୍ଞ ବ୍ୟକ୍ତିଟିର ଅଭାବ ଥାଏ ସରଳତା, ଭଦ୍ରତା ଏବଂ ନମନୀୟତା । ଏତକ ଜଣାଇ ଦିଏ ଯେ, ପ୍ରକୃତରେ ସେ ସଂପୂର୍ଣ୍ଣ ଭାବେ ବିକଶିତ ହୋଇପାରି ନାହିଁ । ଜଣେ ଯେତେବେଳେ ବଢ଼ିଯାଏ, ସେତେବେଳେ ତା'ର ମୁଣ୍ଡରେ କିଛି ଗୋଟେ ପ୍ରସ୍ତରୀଭୂତ ହେବାକୁ ଆରମ୍ଭ କରେ । ଏବଂ ତାହା ଧୀରେ ଧୀରେ ଆଣ୍ଟ ହୋଇ ଲାଖି ରହିବାକୁ ଆରମ୍ଭ କରେ । ଆଉ ଏହି ଅବସ୍ଥାରୁ ଉଦ୍ଧାର ପାଇବାକୁ ଯଦି ତୁମେ କଠିନ ପରିଶ୍ରମ ନ କର, ତେବେ ତୁମେ ଚିରଦିନ ପାଇଁ ପ୍ରସ୍ତରୀଭୂତ ହୋଇଯିବ । ଏହାହିଁ ସାଧାରଣତଃ ଲୋକଙ୍କ କ୍ଷେତ୍ରରେ ଘଟିଥାଏ । ବିଶେଷତଃ ସେହିମାନଙ୍କ କ୍ଷେତ୍ରରେ ଏହା ଘଟେ, ଯେଉଁମାନେ କିଛି ଉପଲବ୍ଧି କରିବାକୁ ଚେଷ୍ଟାକରି କିଛି ଉପଲବ୍ଧି କରିଛନ୍ତି ଏବଂ ଆଉ ମଧ୍ୟ କେତେକଙ୍କ କ୍ଷେତ୍ରରେ ଏପରି ଘଟେ, ଯେଉଁମାନେ କି ଭାବି ନିଅନ୍ତି ଯେ ସେମାନେ ଲକ୍ଷ୍ୟସ୍ଥଳୀରେ ପହୁଞ୍ଚିଗଲେଣି ... ବ୍ୟକ୍ତିଗତ ଭାବେ ମୋ କଥା ହେଲା – ମୁଁ ବରଂ ମୋ କାମ ପାଇଁ ଏମିତି ଲୋକଙ୍କୁ ଡାକିବି ବା ବାଛିବି, ଯେଉଁମାନେ କି ପ୍ରକୃତରେ ଖୁବ୍ ଅଳ୍ପ କିଛି ଜାଣିଛନ୍ତି, ଖୁବ୍ ବେଶୀ ସାଧନା ବା ପରିଶ୍ରମ କରି ନାହାନ୍ତି, କିନ୍ତୁ ଯେଉଁମାନଙ୍କର ରହିଛି ଗଭୀର ଅଭୀପ୍ସା, ପ୍ରଚୁର ଶୁଭେଚ୍ଛା ଏବଂ ଯେଉଁମାନେ ନିଜ ଭିତରେ ଏହିଭଳି ଅଗ୍ନିଶିଖା ଜଳୁଥିବାର ଅନୁଭବ କରୁଥା'ନ୍ତି, ଏବଂ ଅଗ୍ରଗତି କରିବାର ଆବଶ୍ୟକତା ମଧ୍ୟ ଅନୁଭବ କରୁଥା'ନ୍ତି । ସେହିଭଳି ଲୋକଟି ହୁଏତ ଖୁବ୍ କମ୍ ଜାଣିଛି, ଖୁବ୍ କମ୍ ଉପଲବ୍ଧି କରିଛି, କିନ୍ତୁ ତା' ଭିତରେ ଯଦି ସେହି ଗୁଣଟି ଅଛି, ତେବେ ତାହା ଉତ୍ତମ ଉପାଦାନ, ଯାହାକୁ ପାଥେୟ କରି ଜଣେ ଲୋକ ବହୁ ଦୂରକୁ, ବହୁ ବହୁ ଦୂରକୁ ଯାଇ ପାରେ ।

# ଗର୍ବ ଓ ଅଭିମାନ

ଯେଉଁ ସାଧୁ ସନ୍ନ୍ୟାସୀମାନେ ନିଜର ଗୁରୁତ୍ୱକୁ ନେଇ ଅଭିମାନରେ ଫାଟି ପଡୁଥା'ନ୍ତି, ନିଜେ କେତେ ମୂଲ୍ୟବାନ୍ ବୋଲି ମନେକରୁଥା'ନ୍ତି, ଯେଉଁମାନଙ୍କ ଭିତରେ ଗର୍ବ, ଅହମିକା ପୂରି ରହିଥାଏ, ସେମାନଙ୍କ ଭିତରେ ଈଶ୍ୱରଙ୍କର ଅଭିବ୍ୟକ୍ତି ହେବାର ସମ୍ଭାବନା ଖୁବ୍ କମ୍ ! କାରଣ, ସେମାନଙ୍କ ଅନ୍ତର ଭିତରେ ଭଗବାନଙ୍କ ଲାଗି ଆଉ ଜମା ସ୍ଥାନ ନ ଥାଏ ! ସେମାନଙ୍କ ଭିତରେ ରହିଥାଏ ନିଜ ବିଜ୍ଞତାର ବଡ଼ପଣିଆ ଓ ନିଜ ନୈତିକ ମୂଲ୍ୟର ଅଭିମାନ ।

ସ୍ୱାଭାବିକ ଭାବେ ଗୋଟିଏ ଅବସ୍ଥା ଅଛି ଯେଉଁଥିରେ କି ଜଣେ ପୂର୍ଣ୍ଣ ରୂପେ ଶୁଦ୍ଧ, ପୂର୍ଣ୍ଣ ରୂପେ ବିଜ୍ଞ ଏବଂ ଈଶ୍ୱରଙ୍କ ସହିତ ସମ୍ବନ୍ଧିତ ମଧ୍ୟ ହୋଇଥାଇ ପାରେ, କିନ୍ତୁ ସେତେବେଳେ ସେ ବହୁ ପରିମାଣରେ ପରିପୂର୍ଣ୍ଣତା ବି ଅର୍ଜନ କରିଥାଏ ଏବଂ ତା'ର ନିଜର ମୂଲ୍ୟ ବା ଗୁରୁତ୍ୱ ବି ଭୁଲି ଯାଇଥାଏ । ମୋର ବିଶ୍ୱାସ, ଏଇଟା ଖୁବ୍ ବଡ଼ କଥା । ଭଗବାନଙ୍କ ସହିତ ସମ୍ପର୍କିତ ହେବାର ପ୍ରଧାନ ପ୍ରତିବନ୍ଧକ ହେଲା ଗର୍ବ, ବଡ଼ିମା, ଆତ୍ମମ୍ଭରିତା, ନିଜସ୍ୱ କର୍ତ୍ତୃତ୍ୱବୋଧ, ନିଜସ୍ୱ କ୍ଷମତାବୋଧ – ଏସବୁ ଦ୍ୱାରା ସେ ଲୋକଟି ଖୁବ୍ ବଡ଼ ହୋଇଯାଏ, ଏବଂ ଏତେ ବଡ଼ ହୋଇଯାଏ ଯେ ଆଉ ସେଠି ଈଶ୍ୱରଙ୍କ ପାଇଁ ସ୍ଥାନ ନ ଥାଏ ।

ନା ! ପ୍ରକୃତରେ ସବୁଠାରୁ ବଡ଼ କଥାଟି ହେଲା – ତୁମ ଅଭୀପ୍ସାର ଗଭୀରତା । ଏବଂ ଯେକୌଣସି ଅବସ୍ଥା ବା ପରିସ୍ଥିତିରେ ଅଭୀପ୍ସାର ଏହି ଗଭୀରତା ତୁମ ଭିତରେ ଆସିପାରେ ।

# ଆତ୍ମବଡ଼ିମା ତୁମକୁ ଅବରୁଦ୍ଧ କରିଦିଏ

ଆତ୍ମବଡ଼ିମା ତୁମକୁ ଯେପରି ଅବରୁଦ୍ଧ କରିଦିଏ, ସେପରି ଆଉ କେହି କରନ୍ତି ନାହିଁ । ଯେତେବେଳେ ତୁମେ ଆତ୍ମସନ୍ତୁଷ୍ଟ ହୋଇ ରହିଥାଅ ସେତେବେଳେ ତୁମ ଭିତରେ ଏପରି ଏକ ଆତ୍ମବଡ଼ିମା ଦେଖାଦିଏ ଯାହାକି ସ୍ୱୀକାର କରିବାକୁ ଚାହେଁ ନାହିଁ ଯେ, ତୁମର କିଛି ଅଭାବ ଅଛି, ତୁମେ କିଛି ଭୁଲ୍ କରୁଛ, ତୁମେ ଅସଂପୂର୍ଣ୍ଣ, ତୁମେ ଦୋଷମୁକ୍ତ ନୁହଁ, ଇତ୍ୟାଦି ... ତୁମେ ଜାଣିରଖ, ପ୍ରକୃତରେ ଏହିପରି କିଛି ରହିଛି ଯାହାକି ଏହି ପ୍ରକାରରେ ଅନମନୀୟ ହୋଇଉଠେ ଏବଂ ନିଜର ଅଭାବକୁ ସ୍ୱୀକାର କରିବାକୁ ଚାହେଁ ନାହିଁ – ଏହାହିଁ ବାଧା ଦିଏ ତୁମର କିଛି ଗ୍ରହଣ କରିବା ପାଇଁ । ସେ ଯାହା ହେଉ, ତୁମକୁ ବର୍ତ୍ତମାନ ଏ ବିଷୟରେ ଚେଷ୍ଟା କରିବାକୁ ହେବ ଏବଂ ଏ ଅଭିଜ୍ଞତା ଲାଭ କରିବାକୁ ହେବ । ଯଦି ତୁମେ ସଂକଳ୍ପ କରି ତୁମ ସତ୍ତାର ଗୋଟିଏ କ୍ଷୁଦ୍ର ଅଂଶକୁ ଏହି ଦିଗରେ ମନେଇ ପାରିବ ଏବଂ ସେଇ ଅଂଶଟି କହିବ ଯେ, ‘‘ଆଃ, ହଁ, ଠିକ୍ ଅଛି, ମୋର ଭୁଲ୍ ହୋଇଯାଇଛି, ମୋର ସେପରି ହେବା ଉଚିତ ନୁହେଁ, ମୋର ସେପରି କରିବା ଉଚିତ ନୁହେଁ, ମୋର ସେପରି ଭାବିବା ଉଚିତ ନୁହେଁ, ହଁ ଠିକ୍ ଅଛି, ମୋର ଏଇଟା ଗୋଟେ ଦୋଷ’’– ଯଦି ତୁମେ ଏଇ କଥାଟି ସ୍ୱୀକାର କଲ, ପ୍ରଥମରୁ, ମୁଁ ଯାହା ବର୍ତ୍ତମାନ କହିଲି, ଏହା ହୁଏତ ତୁମକୁ ପ୍ରଥମେ ବଡ଼ କଷ୍ଟ ଦେବ, କିନ୍ତୁ ତୁମେ ଯଦି ସେ ବିଷୟଟିକୁ ଦୃଢ଼ ଭାବେ ଧରିଥିବ ଏବଂ ନିଜର ଭୁଲ୍‌ଟିକୁ ନିଜ ପାଖେ ସ୍ୱୀକାର କରୁଥିବ, ସାଙ୍ଗେ ସାଙ୍ଗେ ତୁମେ ଦେଖିବ ଯେ, କିଛି ଗୋଟାଏ ତୁମ ଭିତରେ ଖୋଲି ଯାଇଛି – ଏହା ଖୋଲିଯାଏ – ଏବଂ ଆଶ୍ଚର୍ଯ୍ୟ ହୋଇ ତୁମେ ଲକ୍ଷ୍ୟ କରିବ ଯେ, ଆଲୋକର ଏକ ବନ୍ୟା ତୁମ ଭିତରକୁ ପ୍ରବେଶ କରି ଆସୁଛି, ତା’ପରେ ତୁମେ ଏତେ ଆନନ୍ଦ ଅନୁଭବ କରିବ ଯେ, ଏତେ ଖୁସି ଅନୁଭବ କରିବ ଯେ, ତୁମେ ନିଜକୁ ନିଜେ ପଚାରିବ, ‘‘କି ଆଶ୍ଚର୍ଯ୍ୟ ! କେଉଁ ନିର୍ବୋଧତା ମୋତେ ଏତକ କରେଇ ଦେଉ ନ ଥିଲା ?’’

## ଏକମାତ୍ର ବାସ୍ତବ ଫଳପ୍ରଦ ମନୋଭାବ

ପ୍ରତ୍ୟେକ ଲୋକ ତା' ନିଜ ସତ୍ତାରେ ଯେଉଁସବୁ ପ୍ରତିବନ୍ଧକ ରହିଛି, ସେଇ ଅନୁଯାୟୀ ସେ ମାପି ଦେଇ ଜାଣିବ ଯେ ଈଶ୍ୱରଙ୍କ କୃପା ପ୍ରତି ଏହି ବିଶ୍ୱ-ପ୍ରକୃତିରେ କି ବିରାଟ ବିରୋଧସବୁ ରହିଛି ।

ଜଣେ ଯେତେବେଳେ ସତକୁ ସତ ବୁଝିପାରିବ ଯେ ସବୁକିଛି ବାହ୍ୟ ଜିନିଷ, ସବୁକିଛି ମାନସିକ ଗଠନ, ପାର୍ଥିବ ପ୍ରୟାସଗୁଡ଼ିକର କୌଣସି ମୂଲ୍ୟ ନାହିଁ, ସେଗୁଡ଼ିକ ସବୁ ବୃଥା ଯଦି ସେଗୁଡ଼ିକ ସଂପୂର୍ଣ୍ଣ ଭାବେ ଏହି ଆଲୋକ ଓ ଊର୍ଦ୍ଧ୍ୱରୁ ଆଗତ ଏହି ଶକ୍ତି ପାଖରେ ନିବେଦିତ ନ ହୋଇଛନ୍ତି, ଏବଂ ଯେଉଁ ଦିବ୍ୟ ସତ୍ୟ ଏହି ପୃଥିବୀ ଉପରେ ନିଜକୁ ପ୍ରକାଶ କରିବାକୁ ଚାହୁଁଛି, ତା' ସହିତ ସହଯୋଗ ନ କରିଛନ୍ତି, ସେପର୍ଯ୍ୟନ୍ତ ସେଗୁଡ଼ିକ ଆଦୌ ଫଳପ୍ରଦ ହେବେ ନାହିଁ ସେତିକି ବେଳେହିଁ ସେ ଯଥାର୍ଥ ଅଗ୍ରଗତି କରିବାକୁ ପ୍ରସ୍ତୁତ ବୋଲି ଜାଣିବ । ସୁତରାଂ ଏକମାତ୍ର ବାସ୍ତବ ଫଳପ୍ରଦ ମନୋଭାବ ହେଲା – ସଂପୂର୍ଣ୍ଣ ଭାବେ, ସମଗ୍ର ଭାବେ, ଉତ୍ସାହ ସହକାରେ ଆମର ସତ୍ତାକୁ ସେହି ଊର୍ଦ୍ଧ୍ୱସ୍ଥ ଶକ୍ତି ପାଖରେ ସମର୍ପଣ କରିବା – କେବଳ ସେହି ଊର୍ଦ୍ଧ୍ୱଶକ୍ତିରହିଁ ସବୁକିଛି ପରିବର୍ତ୍ତନ କରି ପାରିବାର କ୍ଷମତା ରହିଛି ।

ତୁମେ ଯେତେବେଳେ ତୁମର ଆନ୍ତର ସତ୍ତା ପାଖରେ ନିଜକୁ ଖୋଲିଧର, ସେତେବେଳେହିଁ ତୁମେ ସେହି ଉଚ୍ଚତର ଜୀବନର ପ୍ରାଥମିକ ସ୍ୱାଦ ପାଇଯାଅ, ଯେଉଁଥିରୁ ତୁମେ ବୁଝିପାର ଯେ ସେହି ଜୀବନକୁ ବଞ୍ଚିବାହିଁ ଯଥାର୍ଥ ବଞ୍ଚିବା । ତା'ପରେ ସେହି ସ୍ତରକୁ ଉଠିଯିବା ଲାଗି ତୁମ ମନରେ ସଂକଳ୍ପ ଜାତ ହୁଏ, ସେଠି ପହୁଞ୍ଚିଯିବ ବୋଲି ଆଶା ମଧ୍ୟ ଜାଗ୍ରତ ହୁଏ, ତୁମ ମନରେ ଭରସା ଆସେ ଯେ, ''ହଁ; ଏହା ସମ୍ଭବ'', ଏବଂ ପରିଶେଷରେ ତୁମେ ଏଥିଲାଗି ସ୍ୱତଃ ଶକ୍ତି ସାମର୍ଥ୍ୟ ବି ପାଇଯାଅ, ଏବଂ ଶେଷପର୍ଯ୍ୟନ୍ତ ଯିବା ପାଇଁ ତୁମ ଭିତରେ ସିଦ୍ଧାନ୍ତ ଆସିଯାଏ ।

ପ୍ରଥମେ ଜାଗି ଉଠିବାକୁ ହେବ, ତା'ପରେ ଯାଇ ତୁମେ ବିଜୟ ଲାଭ କରିବ ।

# ନିଜକୁ ଖୋଲିଧର, ବିନମ୍ର ହୁଅ

ତୁମର ଉଚିତ ହେଲା – ତୁମ ସତ୍ତାର ସବୁ ଦ୍ୱାରଗୁଡ଼ିକୁ ଈଶ୍ୱରଙ୍କ ଆଡ଼କୁ ଖୋଲି ଧରିବା । ଯେଉଁ ମୁହୂର୍ତ୍ତରେ ତୁମେ କିଛି ଲୁଚାଇ ରଖୁଛ, ସେତେବେଳେ ତୁମେ ସିଧା ମିଥ୍ୟା ଭିତରକୁ ଚାଲିଯାଉଛ । ତୁମ ତରଫରୁ ସାମାନ୍ୟ କିଛି ଚାପି ରଖିବାର ଅର୍ଥ ହେଉଛି ତାହା ତୁମକୁ ସଙ୍ଗେ ସଙ୍ଗେ ଅଚେତନା ଭିତରକୁ ଖସାଇ ଦିଏ । ଯଦି ତୁମେ ସଂପୂର୍ଣ୍ଣ ସଚେତନ ରହିବାକୁ ଚାହଁ, ତା'ହେଲେ ସର୍ବଦା ସତ୍ୟ ସମ୍ମୁଖରେ ରୁହ – ନିଜକୁ ସଂପୂର୍ଣ୍ଣ ଖୋଲିଧର ଏବଂ ତୁମର ପାରୁ ପର୍ଯ୍ୟନ୍ତ ଚେଷ୍ଟା କର ଯେମିତି ତାହା ତୁମର ଗଭୀର ସ୍ତରଗୁଡ଼ିକୁ ପରିଷ୍କାର ଦେଖିପାରିବ, ତୁମ ଭିତରର ସବୁ କୋଣ ଅନୁକୋଣଗୁଡ଼ିକୁ ମଧ୍ୟ ଦେଖିପାରିବ । କେବଳ ତାହାହିଁ ତୁମ ଭିତରକୁ ଆଲୋକ ଆଣିଦେବ, ଚେତନା ଆଣିଦେବ ଏବଂ ଯାହାକିଛି ଯଥାର୍ଥ ସତ୍ୟ ସେସବୁ ଆଣିଦେବ । ସଂପୂର୍ଣ୍ଣ ନମନୀୟ ରୁହ – ତା'ମାନେ, ତୁମର କ'ଣ ହେବା ଉଚିତ ଓ ତୁମେ କ'ଣ ହୋଇଛ – ତା' ଭିତରର ଦୂରତ୍ୱଟିକୁ ଜାଣିରଖ, କେବେ ବି ତୁମର ସେହି ସ୍ଥୂଳ ଦୈହିକ ମନଟିକୁ ଭାବିବାକୁ ଦିଅ ନାହିଁ ଯେ, ସେ ସବୁ ଜାଣିଛି, ଯଦିଓ ସେ କିଛି ଜାଣି ନ ଥାଏ, ତା'ର ଅର୍ଥ ସେ ସବୁକଥା ବିଚାର କରିପାରେ, ଯଦିଓ ତାହା ତା'ର ଶକ୍ତିର ବାହାରେ । ବିନମ୍ରତା ହେଲା, ପୂର୍ଣ୍ଣ ହୃଦୟରେ ତୁମେ ନିଜକୁ ଈଶ୍ୱରଙ୍କୁ ଦେଇଦେବା । ତାଙ୍କୁହିଁ ସାହାଯ୍ୟ ମାଗିବା, ଏହି ସମର୍ପଣ ଦ୍ୱାରା ଯଥାର୍ଥ ସ୍ୱାଧୀନତା ଅର୍ଜନ କରିବା । ଫଳରେ ତୁମର ଆଉ ନିଜର ଦାୟିତ୍ୱ ବୋଲି କିଛି ରହେ ନାହିଁ, ମନଟି ଆପଣାଛାଏଁ ନୀରବ ହୋଇଯାଏ । ଆଉ ଅନ୍ୟ କେଉଁ ଉପାୟରେ ବି ତୁମେ ଈଶ୍ୱରଙ୍କ ଚେତନା ଓ ଈଶ୍ୱରଙ୍କ ଇଚ୍ଛା ସହିତ ମିଳିତ ହେବା ପାଇଁ ଆଶା କରିପାରିବ ନାହିଁ ।

# ନିଷ୍ଠା

ପ୍ରଶ୍ନ : ଆଧ୍ୟାତ୍ମିକ ଜୀବନ ଲାଗି ପ୍ରସ୍ତୁତ ହେବା ପାଇଁ କେଉଁ ମୌଳିକଗୁଣଟି ଅନୁଶୀଳନ କରିବା ସର୍ବାଦୌ ଆବଶ୍ୟକ ?

ଉତ୍ତର : ମୁଁ ବହୁବାର ଏ ସମ୍ବନ୍ଧେ କହିସାରିଛି, କିନ୍ତୁ ବର୍ତ୍ତମାନ ତାକୁ ଆଉ ଥରେ କହିବାର ସୁଯୋଗ ପାଇଲି : ତା'ହେଲା **ନିଷ୍ଠା ।**

ଏପରି ନିଷ୍ଠା ଯାହାକି ସମଗ୍ର ଓ ପୂର୍ଣ୍ଣ ହେବା ଉଚିତ । କାରଣ, ଆଧ୍ୟାତ୍ମିକ ପଥରେ ଗଲାବେଳେ ନିଷ୍ଠାହିଁ ତୁମର **ଏକମାତ୍ର** ରକ୍ଷାକବଚ ବୋଲି ଜାଣିବ । ଯଦି ତୁମେ ନିଷ୍ଠାପର ନୁହଁ, ତେବେ ଆଉ ପାଦଟି ପକାଇବା ମାତ୍ରେ ତୁମେ ନିଶ୍ଚୟ ପଡ଼ିବ ଆଉ ତୁମର ମୁଣ୍ଡଟି ଫଟେଇବ । ସବୁପ୍ରକାର ଶକ୍ତି, ସଂକଳ୍ପ, ପ୍ରଭାବ ଆଉ ସତ୍ତାମାନେ ସେଠାରେ ଘେରି ରହିଛନ୍ତି । ସେମାନେ ତୁମ ନିଷ୍ଠା ଭିତରେ ସାମାନ୍ୟ ଟିକିଏ ଛିଦ୍ର ଖୋଜି ବୁଲୁଛନ୍ତି । ଏବଂ ଯେମିତି ସେମାନେ ତୁମ ଭିତରେ ଟିକିଏ କେଉଁଠି ଛିଦ୍ର ଦେଖିଦେବେ, ସେମିତି ସଙ୍ଗେ ସଙ୍ଗେ ସେମାନେ ତା' ଭିତରକୁ ପଶି ଆସିବେ ଆଉ ତୁମକୁ ଗଣ୍ଡଗୋଳରେ ପକାଇଦେବେ ।

ସେଇଥିପାଇଁ, କିଛି କରିବା ପୂର୍ବରୁ, କିଛି ଆରମ୍ଭ କରିବା ପୂର୍ବରୁ, କିଛି ଚେଷ୍ଟା କରିବା ଆଗରୁ, ନିଜ ପାଖରେ ସର୍ବପ୍ରଥମେ ନିଶ୍ଚିତ ରୁହ ଯେ, ତୁମେ ଯେ କେବଳ ପାରୁପର୍ଯ୍ୟନ୍ତ ନିଷ୍ଠାପର ରହିଛ ତା' ନୁହଁ, କିନ୍ତୁ ଆହୁରି ଅଧିକ ଯେତେ ନିଷ୍ଠା ଦରକାର ପଡ଼ିବ ସେତେ ନିଷ୍ଠାପର ହୋଇପାରିବା ପାଇଁ ଅଭୀପ୍ସା ରଖିଛ ।

କାରଣ ତାହାହିଁ ତ ତୁମର ଏକମାତ୍ର ରକ୍ଷା-କବଚ ।

## ପୂର୍ଣ୍ଣନିଷ୍ଠା

ପୂର୍ଣ୍ଣ ନିଷ୍ଠାପରତା କାହାକୁ କୁହାଯାଏ ତୁମେ ଜାଣ କି ?...

କେବେ ବି ନିଜକୁ ଠକିବାକୁ ଚେଷ୍ଟା କର ନାହିଁ, ତୁମ ସତ୍ତାର କୌଣସି ଅଂଶକୁ ଅନୁମତି ଦିଅ ନାହିଁ ସେ ଯେପରି ନିଜର ଭୁଲଭ୍ରାନ୍ତିକୁ ଅନ୍ୟ ଆଗରେ ଠିକ୍ ବୋଲି ବୁଝେଇବା ଲାଗି ଏକ ରାସ୍ତା ବାହାର କରିବ । ତୁମେ ଯାହା କରିବାକୁ ଚାହଁ, ତା'ରି ଆଳରେ ଯାହାସବୁ କରି ବସିଲ, ତାକୁ ବୃଥାରେ ସମର୍ଥନ କରି ବସ ନାହିଁ, ଯାହାକିଛି ଅପ୍ରୀତିକର, ତା' ପ୍ରତି ଆଖିବୁଜି ଦିଅ ନାହିଁ, ସତ୍ୟବିରୋଧୀ କୌଣସି ବିଷୟ ଯେପରି ତୁମ ଭିତର ଦେଇ ଗତି ନ କରେ । କେବେ ନିଜକୁ କୁହ ନାହିଁ ଯେ, ''ଏଥରକ କ'ଣ ହେଉଛି ହୋଇଯାଉ, ଆସନ୍ତା ଥରକୁ ଭଲକରି କରାଯିବ ।''

ଆଃ ! ଏହା ବଡ଼ କଷ୍ଟକର । ତୁମେ ଘଣ୍ଟାକ ଲାଗି ନିଷ୍ଠାପର ହେବାକୁ ଚେଷ୍ଟା କର, ତା'ହେଲେ ଜାଣିବ ଯେ, ଏହା ପ୍ରକୃତରେ କେତେ କଷ୍ଟକର । ଘଣ୍ଟାଏ ପର୍ଯ୍ୟନ୍ତ ଦେଖ୍, **ସଂପୂର୍ଣ୍ଣ** ଭାବେ **ସମଗ୍ର** ଭାବେ ନିଷ୍ଠାପର ହୁଅ । ଯେମିତି ସେତିକି ସମୟ ଭିତରେ କୌଣସି କିଛି ତୁମ ନିଷ୍ଠାକୁ ଅତିକ୍ରମ କରି ନ ଯାଏ । ତା'ମାନେ ତୁମେ ଯାହାକିଛି କରୁଛ, କହୁଛ, ଅନୁଭବ କରୁଛ, ଚିନ୍ତା କରୁଛ ବା ଇଚ୍ଛା କରୁଛ ସେସବୁ ଯେପରି **କେବଳ** ଈଶ୍ୱରାଭିମୁଖୀ ହୁଏ ।

''ଈଶ୍ୱରଙ୍କ ବ୍ୟତୀତ ମୁଁ ଆଉ କିଛି ବି ଚାହେଁ ନାହିଁ, ଈଶ୍ୱରଙ୍କ ବ୍ୟତୀତ ମୁଁ ଆଉ କିଛି ଭାବେ ନାହିଁ, ଏବଂ ଈଶ୍ୱରଙ୍କ ଅଭିମୁଖରେ ନେଇ ପାରୁଥିବା କର୍ମ ବ୍ୟତୀତ ମୁଁ ଆଉ ଯେପରି ଅନ୍ୟ କିଛି କର୍ମ ନ କରେ, ଈଶ୍ୱରଙ୍କ ବ୍ୟତୀତ ଯେପରି ମୁଁ ଆଉ କିଛି ବି ଭଲ ନ ପାଏ ।''

# ପରମ ନିଷ୍ଠା

ତୁମେ ଯଦି ଚରମ ନିଷ୍ଠାପର ନ ହୋଇଛ – କେବଳ ଅନ୍ୟମାନଙ୍କ ପ୍ରତି ନୁହଁ, ନିଜ ପ୍ରତି ମଧ୍ୟ, ଯଦି କେତେବେଳେ ତୁମେ ତୁମର ଅସଂପୂର୍ଣ୍ଣତା ଓ ବିଫଳତାଗୁଡ଼ିକୁ ଘୋଡ଼େଇ ପକାଉଥାଅ, ତେବେ ତୁମେ କେବେ କିଛି ମଧ୍ୟ ଅଗ୍ରଗତି କରିପାରିବ ନାହିଁ । ସାରାଜୀବନ ତୁମେ ଯେମିତି ରହିଥିଲ ସେହିପରିହିଁ ରହିବ । କିଛି ଅଗ୍ରଗତି ହେବ ନାହିଁ । ଯଦି ସତକୁ ସତ ତୁମେ ଏହି ଆଦିମ ଅଚେତନା ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁଥାଅ, ତା'ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା – ଏବଂ ସବୁଠାରୁ ବଡ଼କଥା ମଧ୍ୟ ହେଲା – ''ତୁମର ଏହି ଚରମ ନିଷ୍ଠାପରତା'' । ଯଦି ତୁମେ ଏପରି କିଛି ଭୁଲ୍‌କାମ କରିଦେଇଛ, ତେବେ ତୁମେ ପ୍ରଥମେ ତାହା ନିଶ୍ଚୟ ନିଜ ଆଗରେ ସ୍ୱୀକାର କରିଯିବ । ଯଦି କେବେ ତୁମ ଭିତରେ କିଛି ଅମର୍ଯ୍ୟାଦାକର ଭାବନା ବା ଆବେଗଟିଏ ପ୍ରବେଶ କରିଗଲା, ତେବେ ତୁମେ ତାକୁ ସିଧା ସିଧା ମୁହାଁମୁହିଁ ହୋଇ ଦୃଢ଼ସ୍ୱରରେ କହିବ – ''ଏହା ଭଲ ହେଲା ନାହିଁ'' । କିଂବା ''ଏହା ବିରକ୍ତିକର'' କିଂବା ''ଏହା ବଦମାସି'' ।...

ଏହା କେବଳ ସମ୍ଭବ ହେବ ସେତିକିବେଳେ, ଯେତେବେଳେ କି ତୁମେ ତୁମ ନିଜ ସହିତ ସିଧାସଳଖ ମୁହାଁ ମୁହିଁ ଠିଆ ହୋଇ ରହିବ । ତୁମ ଅନ୍ତରର ସର୍ବୋଚ୍ଚ ଚେତନାର ଆଲୋକ ତୁମ ଉପରେ ପକାଇବ – ତୁମ ଭିତରକୁ ପକାଇବ । ତାହେଲେ ଯାଇ ତୁମ ପ୍ରକୃତିରୁ ତୁମେ ଯେଉଁ ଅନୁଚିତ କଥାଗୁଡ଼ିକ ବାଦ୍‌ଦେବାକୁ ଚାହୁଁଛ, ସେଗୁଡ଼ିକ ଛାଏଁ ଛାଏଁ ଦୂର ହୋଇଯିବେ । ପରମ ନିଷ୍ଠାପର ଭାବେ ଏଗୁଡ଼ିକ ପାଇଁ ପ୍ରୟାସ ନ କଲେ, ସେହି ଦୋଷଗୁଡ଼ିକ, ସେହିସବୁ ଛୋଟ ଛୋଟ ଛାୟାଗୁଡ଼ିକ, ତୁମ ପ୍ରକୃତିର କୋଣ ଅନୁକୋଣରେ ଛପି ରହିବେ ଏବଂ ପୁଣି ପଦାକୁ ବାହାରି ଆସିବାକୁ ଜଗି ରହିବେ ।

## ନିଷ୍ଠାହୀନତା ଓ ଅସୁଖ

''ସବୁକିଛି ଏଠି ଅସୁନ୍ଦର, ଏ ପୃଥିବୀ ବଡ଼ କୁତ୍ସିତ, ଲୋକଗୁଡ଼ାକ ଆଦୌ ପ୍ରୀତିପ୍ରଦ ନୁହନ୍ତି''। ଏଭଳି ମନୋଭାବ ଆଉ ଟିକିଏ ବଢ଼ିଗଲେ ଜଣେ ଭାବେ – ''ଏ ଖାଦ୍ୟ କିଛି ଭଲ ନୁହେଁ, କାଲି ବରଂ ତାହା ଖୁବ୍ ଚମତ୍କାର ଲାଗୁଥିଲା''। ପ୍ରକୃତରେ କିନ୍ତୁ ଏହା ଏକାଭଳି। କିନ୍ତୁ ଆଜି ଏହା ଭଲ ହୋଇ ନାହିଁ ! ଏହା ହେଉଛି ମାପିବାର ପ୍ରଣାଳୀ ବା ଯନ୍ତ୍ର। ବର୍ତ୍ତମାନ ତୁମେ ସଙ୍ଗେ ସଙ୍ଗେ ନିଜକୁ କହିଦେଇପାର ଯେ କୌଣସି ପ୍ରକାରେ ନିଷ୍ଠାହୀନତା ତୁମ ଭିତରକୁ ପଶିଯାଇଛି। ଏହା ଜାଣିବା ଖୁବ୍ ସହଜ, ଏଥିଲାଗି ତୁମର ଏତେ ବେଶୀ ଜ୍ଞାନୀ ହେବା ଦରକାର ନାହିଁ। ଶ୍ରୀଅରବିନ୍ଦ ତାଙ୍କର ଯୋଗ ପୁସ୍ତକରେ (ଏଲିମେଣ୍ଟ୍ସ୍ ଅଫ୍ ଯୋଗ) କହିଛନ୍ତି – ଜଣେ ସୁଖୀ କି ଅସୁଖୀ ନିଜେ ଜାଣିପାରେ, ଜଣେ ସନ୍ତୁଷ୍ଟ କି ଅସନ୍ତୁଷ୍ଟ ନିଜେ ଜାଣିପାରେ, ସେଥିପାଇଁ ସେ ନିଜକୁ କିଛି ପଚାରିବା ଦରକାର ନାହିଁ, ଏଥିଲାଗି କିଛି ଜଟିଳ ଜିଜ୍ଞାସାବାଦର ମଧ୍ୟ ପ୍ରୟୋଜନ ନାହିଁ, ଏକଥା ଜଣେ ଜାଣେ ! – ଏହା ଜାଣିବା ଭାରି ସରଳ ମଧ୍ୟ।

ଯେଉଁ ମୁହୂର୍ତ୍ତରେ ତୁମେ ଅସୁଖୀ ଅନୁଭବ କରିବ, ସେତେବେଳେ ତୁମେ ତା' ତଳେ ଲେଖି ଦେଇପାର – ''ମୁଁ ନିଷ୍ଠାପର ହୋଇ ନାହିଁ।'' ଏହି ଦୁଇଟି ବାକ୍ୟ ଏକସଙ୍ଗେ ଗତି କରେ :

**''ମୁଁ ଅସୁଖୀ ଅନୁଭବ କରୁଛି।''**

**''ମୁଁ ନିଷ୍ଠାପର ନୁହେଁ।''**

ବର୍ତ୍ତମାନ, ପ୍ରକୃତ ଭୁଲ୍‌ଟି କ'ଣ ? ତା'ପରେ ସେ ଦେଖିବାକୁ ଆରମ୍ଭ କରିବ, ଏହା ପାଇବା ଖୁବ୍ ସହଜ।

# ଚୈତ୍ୟିକ ଦର୍ପଣ

ଏହାହିଁ ଜୀବନ । ବେଳେବେଳେ ପ୍ରଥମରୁହିଁ ଜଣକର ଗୋଡ଼ ଖସିଯାଏ ଆଉ ତା'ର ପତନ ହୋଇଯାଏ । ସେ ନିଜକୁ କହେ – ''ଠିକ୍ ଅଛି, ସବୁବେଳେ ଜଣେ ଏତେ ସତର୍କ ରହିପାରିବ ନାହିଁ'' । ପୁଣି ଯେତେବେଳେ ତା' ସତ୍ତାର ଅନ୍ୟ ଅଂଶଟି ଆଉ ଥରେ ଫେରିଆସେ, ସେତେବେଳେ ସେ ଖୁବ୍ ତୀବ୍ର ଭାବେ ଅନୁତାପ କରେ – ''ମୁଁ କି ନିର୍ବୋଧ ଥିଲି, ମୋ ସମୟ ବୃଥାରେ ନଷ୍ଟ ହୋଇଗଲା, ମୁଁ ନିଶ୍ଚୟ ଆଉଥରେ ଆରମ୍ଭ କରିବି'' ।...

ଏସବୁ ପାଇଁ ଗୋଟିଏ ମାତ୍ର ପ୍ରତିକାର ଅଛି : ସେହି ସଂକେତ-ସ୍ତମ୍ଭଟି ସର୍ବଦା ତୁମ ଆଗରେ ରହିଥିବା ଦରକାର, ତୁମର ସମସ୍ତ ଅନୁଭୂତିରେ, ଆବେଗ ପ୍ରବେଗରେ, ସମସ୍ତ ସଂବେଦନାରେ ସର୍ବଦା ଦର୍ପଣଟିଏ ଖଞ୍ଜା ହୋଇଥିବା ଉଚିତ । ତୁମେ ସେଥିରେ ସେସବୁକୁ ଦେଖିପାରିବ । ସେଇ ଦର୍ପଣରେ ଦେଖି ତୁମେ ଜାଣିପାରିବ ଯେ, କେତେକ କଥା ଆଦୌ ସୁନ୍ଦର ନୁହେଁ, ଦେଖିବାକୁ ଆଦୌ ଭଲ ଲାଗୁ ନାହିଁ; ଆଉ କେତେ କଥା ବେଶ୍ ସୁନ୍ଦର, ଆନନ୍ଦଦାୟକ ଲାଗୁଛି, ଏଗୁଡ଼ିକ ରଖିବା ଉଚିତ । ଯଦି ଦରକାର ପଡ଼େ ତୁମେ ଏହି ପଦ୍ଧତିଟିକୁ ଦିନକୁ ଶହେଥର ଅଭ୍ୟାସ କର । ଏହା ଖୁବ୍ ଆଗ୍ରହ-ଦାୟକ । ତୁମେ କ'ଣ କରିବ ନା – ଚୈତ୍ୟ-ଦର୍ପଣର ଚାରିପଟେ ଗୋଟିଏ ବଡ଼ ବୃତ୍ତ ଆଙ୍କିଦେବ ଏବଂ ତା' ଚାରିପଟେ ସବୁ ଉପାଦାନଗୁଡ଼ିକ ଖଞ୍ଜି ଦେବ । ଯଦି ଦେଖିବ ଯେ ଏମିତି କିଛି କଥା ଅଛି, ଯାହାକି ତୁମକୁ ଠିକ୍ ଲାଗୁ ନାହିଁ, ତାହା ସେଇ ଦର୍ପଣରେ ଏକ ଧୂସର ଛାଇ ଭଳି ଦିଶିବ : ସେତେବେଳେ ତୁମେ ଏଇ ଉପାଦାନଟିକୁ ସେଠୁ କାଢ଼ିନେଇ ତା'ର ପୁନଃ ସଂଗଠନ କରିବ । ଏଇ କଥାଟିକୁ ତୁମେ ନିଜେ ନିଜକୁ କହିବ, ନିଜେ ନିଜକୁ ମଧ୍ୟ ବୁଝାଇବ । ଯେମିତି ହେଲେ ତୁମକୁ ସେଇ ଅନ୍ଧାର ଭିତରୁ ବାହାରି ଆସିବାକୁ ପଡ଼ିବ । ଯଦି ତୁମେ ଏହା କରୁଥାଅ, ତେବେ ଜୀବନ ତୁମକୁ କେବେ ବି ବିରକ୍ତ ବା ତିକ୍ତ ମନେ ହେବ ନାହିଁ ।

## ନିଜର ସମ୍ମୁଖୀନ ହୁଅ

ସବୁବେଳେ ତୁମେ ନିଜର ସମ୍ମୁଖୀନ ହେବା ଲାଗି ଡରୁଥାଅ ଏବଂ ନିଜକୁ ଖୁବ୍ ଯତ୍ନରେ ଲୁଚେଇ ରଖୁଥାଅ, ଏହାହିଁ ତୁମକୁ ଅଗ୍ରଗତି କରିବାରେ ବାଧା ଦିଏ । ସତେକି ନିଜ ଚଲା ରାସ୍ତାରେ ତୁମେ ନିଜେ ଗୋଟିଏ ପାଚେରି ଠିଆ କରିଦେଉଛ; କିନ୍ତୁ ତୁମକୁ ଆଗକୁ ଯିବାକୁ ହେଲେ ଏହି ପାଚେରି ଭାଙ୍ଗିବାକୁ ହେବ । ଯେତେ ଶୀଘ୍ର ଏ କାର୍ଯ୍ୟଟି କରିବ ସେତେ ଶୀଘ୍ର ଏହା ତୁମ ପାଇଁ ମଙ୍ଗଳଦାୟକ ହେବ । ନିଜକୁ ମୁହାଁମୁହିଁ ହୋଇ ସିଧା ଚାହଁ, **ସିଧା ନିଜକୁ ଚାହଁ,** ପିତା ବଟିକାକୁ ମିଠାର ଆବରଣ ଦିଅ ନାହିଁ । ଏହା ଭାରି ପିତା : ସବୁକିଛି ଦୁର୍ବଳତା, କୁତ୍ସିତତା ଏବଂ ସମସ୍ତ ପ୍ରକାର  କୁତ୍ସିତ କ୍ଷୁଦ୍ର ଜିନିଷ ତୁମ ଭିତରେ ଲୁଚି ରହିଛି – ହଁ, ଅଛି, ଅଛି, ଅଛି, ଓଃ ! ବହୁତ ଅଛି । କି ଯେ ସବୁ ନୀଚତା, କ୍ଷୁଦ୍ର ନିର୍ବୋଧତା, କ୍ଷୁଦ୍ର ଗର୍ବ ବା ଦୃପ୍ତତା, ଅଜ୍ଞାନ ଏବଂ ଅଶୁଭ ଇଚ୍ଛାସବୁ ତୁମ ଭିତରେ ଲୁଚି ରହିଛନ୍ତି, କୋଣ ଅନୁକୋଣରେ ଲୁଚି ରହିଛନ୍ତି, ଯେଉଁଗୁଡ଼ିକ କି ମୋତେ ଏହି ନୂତନ ଆବିଷ୍କାରର ଦ୍ୱାରବନ୍ଧ ପାର ହେବାକୁ ଛାଡ଼ି ଦେଉ ନାହାନ୍ତି । ମୋ ଭିତରେ ଏପରି ସେ କିଏ ଅଛି, ଯେ'କି ଏତେ କ୍ଷୁଦ୍ର, ଏତେ ନୀଚ ଆଉ ଏତେ ଅବାଧ, ଯେ'କି ଗୋଟିଏ ଫଳ ଭିତରେ କୀଟ ଭଳି ଲୁଚି ରହିଛି, ଅଥଚ ମୁଁ ତାକୁ ଦେଖିପାରୁ ନାହିଁ ?'' ତୁମେ ଯଦି ନିଷ୍ଠାପର ଭାବେ ଖୋଜିବ, ତା'ହେଲେ ସେଗୁଡ଼ିକୁ ତୁମେ ଦେଖିପାରିବ । କିନ୍ତୁ ତୁମେ ତ ସବୁବେଳେ ପିତା ବଟିକାଟିକୁ ଚିନିର ପୁଟ ଦେଇ ଦେଉଛ । ଚିନି ଦବାର ଅର୍ଥ ହେଲା – ତୁମେ ନିଜକୁ କେବଳ ତୁମର ମନ ଦେଇ ବା ଛଦ୍ମବୁଦ୍ଧି ଦେଇ ବୁଝିବାକୁ ଚେଷ୍ଟା କରୁଛ । ସେଇଥିପାଇଁ ତୁମ ଭିତରେ ଥିବା ପିତା ବଟିକାଗୁଡ଼ିକୁ ଯେତେ ପାର ସେତେ ବହଳ ଚିନିପୁଟ ଦେଇ ଚାଲିଛ । କାରଣ ଫଳ ଭିତରେ କୀଟ ରହିବା ଭଳି ତୁମ ନିଜ ଭିତରେ ଯାହା ଅସନା କଥାସବୁ ରହିଛି ସେସବୁକୁ ଭଲ ଭଲଭାବେ ଲୁଚାଇ ରଖିବାକୁ ଚାହୁଁଛ ।

# ନିଜେ ପ୍ରକୃତରେ ଯାହା, ତାହାହିଁ ଦେଖ

ତୁମର କୌଣସି ଦୁର୍ଗୁଣକୁ ଲୁଚାଇବା ଭଲ ନୁହେଁ । ତୁମେ ସେଗୁଡ଼ିକୁ ପଛକୁ ଠେଲିଦେଇ ଲୁଚାଇ ରଖ ଏବଂ କଳ୍ପନା କରୁଥାଅ ଯେ ସେଗୁଡ଼ାକ ତୁମ ଭିତରେ ନାହିଁ, କାରଣ ତୁମେ ତା' ଉପରେ ଗୋଟିଏ ପରଦା ଢାଙ୍କିଦେଇ ଥାଅ । ଉତ୍ତମ କଥା ହେଲା – ତୁମେ ପ୍ରକୃତରେ ଯାହା, ଠିକ୍ ସେହିପରି ଭାବେ ନିଜକୁ ଦେଖିବା, ଅବଶ୍ୟ ତୁମେ ଯଦି ସତ୍ତାର ଏହି ଧାରାକୁ ପ୍ରକୃତରେ ପରିତ୍ୟାଗ କରିବା ନିମନ୍ତେ ପ୍ରସ୍ତୁତ ଥାଅ । ତୁମେ ଯଦି ତୁମ ପ୍ରକୃତି ଭିତରୁ ସବୁ ମନ୍ଦବୃତ୍ତିଗୁଡ଼ିକୁ ପଦାକୁ ବାହାର କରି ଆଣିବ, ସେଗୁଡ଼ିକୁ ତୁମ ଆଗରେ ମୁକୁଳା କରିଦେବ, ଯଦି ତୁମେ ସେଗୁଡ଼ିକୁ ସମର୍ପଣ କରିଦେବ – ଯଦି ତୁମେ କହିବ ''ଠିକ୍ ଅଛି – ମୁଁ ତ ଏହିପରି'' ଏବଂ ଏତକ କହିଲା ପରେ ତୁମେ ଯଦି ଅନ୍ୟକିଛି ହେବାକୁ ଅଭୀପ୍ସା କରୁଥିବ, ତା'ହେଲେ ଏହି ଉପସ୍ଥିତ ମୁହୂର୍ତ୍ତଟି ତୁମ ପାଇଁ ଖୁବ୍ ଉପକାରୀ ହୋଇଉଠିବ । ହଁ, ଠିକ୍ ସେତିକିବେଳେହିଁ ଅଳ୍ପ କେତୋଟି ମୁହୂର୍ତ୍ତ ଭିତରେ ତୁମେ ତୁମର ସେହି ଦୁର୍ଗୁଣ ବା ଦୁଷ୍ପ୍ରବୃତ୍ତି ହାତରୁ ମୁକ୍ତି ପାଇବା ଲାଗି ଭଗବତ୍ ସାହାଯ୍ୟ ପାଇପାରିବ । କିନ୍ତୁ ତା' ପରିବର୍ତ୍ତେ ତୁମେ ଯଦି ତୁମର କେତୋଟି ସଦ୍‌ଗୁଣକୁ ଧରି ନିଜକୁ ଜଣେ ଛୋଟକାଟର ସାଧୁ ବା ସନ୍ଥ ବୋଲି ଭାବି ନିଶ୍ଚିନ୍ତ ହୋଇ ବୁଲୁଥାଅ, ତେବେ ତଦ୍ଦ୍ୱାରା ତୁମର କିଛି ଉପକାର ହେବ ନାହିଁ ।

ଚେତନା ସ୍ୱତଃ ଏହିପରି କାର୍ଯ୍ୟ କରେ । ଦିବ୍ୟ ଆଲୋକରୁ ଏକ ଝଲକ ଆସି ପଡ଼େ, ଯାହା ପୂର୍ବରୁ କେବେ ବି ଅନୁଭୂତ ହୋଇ ନ ଥିଲା । ତୁମେ ଏପରି ଏକ ଅବସ୍ଥାରେ ଆସି ପହଞ୍ଚିବା ଉଚିତ – ଯେଉଁଠି କି ତୁମେ ତୀବ୍ର ଭାବେ ଚାହୁଁଛ ଯେ, ତୁମ ଭିତରୁ ଏହି ସବୁ ଖରାପ ଜିନିଷ ଚାଲିଯାଉ, ଏବଂ ତୁମେ ଆଉ ସେଗୁଡ଼ିକୁ ଧରିରଖିବାକୁ ସତକୁ ସତ ଚାହୁଁ ନାହଁ । ଯଦି ଜଣେ ନିଷ୍ଠାପର ଭାବେ ନିଜ ଭିତରୁ ସେଗୁଡ଼ିକୁ ବାହାର କରିଦେବାକୁ ଚାହୁଁଥାଏ, ଏବଂ ସେଗୁଡ଼ିକୁ ନିଶ୍ଚିହ୍ନ କରିଦେବାକୁ ଚାହୁଁଥାଏ – ତେବେ ତାହା ତା'ର ନିଶ୍ଚୟ ଏକ ଉତ୍ତମ ସୁଯୋଗ ବୋଲି ଜାଣିବ ।

# ମନ୍ଦ ଗତିବୃତ୍ତିଗୁଡ଼ିକୁ ସମର୍ପଣ କର

ପ୍ରକୃତି ଭିତରେ ଥିବା ମନ୍ଦ ଗତିବୃତ୍ତିଗୁଡ଼ିକୁ ଅବଚେତନା ଭିତରେ ଚାପି ଦେବା ଅପେକ୍ଷା, ସେଗୁଡ଼ିକୁ ସମର୍ପଣ କରିଦେବା ଉଚିତ । ସେସବୁକୁ ଆଲୋକର ସମ୍ମୁଖକୁ ଆଣିବା ପାଇଁ ସେଗୁଡ଼ିକୁ ଠିକ୍ ଭାବରେ ଉପସ୍ଥାପିତ କରିବାକୁ ହେବ ।

... ଆମେ ଯଦି ଆମର ଇନ୍ଦ୍ରିୟାନୁଭବ ଗୁଡ଼ିକୁ – ଅଥବା ଆମର କର୍ମ ଅଥବା ଆମର ଦୃଷ୍ଟିକୁ ସେହି ଆଲୋକ ଆଡ଼କୁ ଟେକି ଧରନ୍ତୁ – ତା' ହେଲେ ଆରୋଗ୍ୟ ସମ୍ଭବ ହୋଇପାରନ୍ତା । ସେଗୁଡ଼ିକୁ ଅବଦମିତ କରିବା ପରିବର୍ତ୍ତେ, ଏବଂ ସେଗୁଡ଼ିକୁ ନଷ୍ଟ କରିବା ଲକ୍ଷ୍ୟରେ ସେଗୁଡ଼ିକୁ ଉପେକ୍ଷା କରିବା ପରିବର୍ତ୍ତେ (ସେଗୁଡ଼ିକ କେବେ ବି ନଷ୍ଟ ହୁଅନ୍ତି ନାହିଁ !) ସେଗୁଡ଼ିକୁ ଆଲୋକର ସମୀପବର୍ତ୍ତୀ କରିବାକୁ ହେବ । ତୁମ ପ୍ରକୃତିରେ ଥିବା କେତେକ ନିର୍ଦ୍ଦିଷ୍ଟ ଜିନିଷକୁ (ଯାହା ତୁମ ପ୍ରକୃତି ଦ୍ୱାରା ସହଜରେ ଗୃହୀତ ହେଉ ନାହିଁ ଓ ଯାହା ତୁମ ଭିତରେ ଅସମତା ସୃଷ୍ଟି କରୁଛି ।) ଦୂରକୁ ନିକ୍ଷେପ କରିବା ପାଇଁ ଚାହିଁବା ପରିବର୍ତ୍ତେ – ତୁମେ ସେଗୁଡ଼ିକୁ ସ୍ୱୀକାର କର, ସେଗୁଡ଼ିକୁ ଆପଣା ପ୍ରକୃତିର ଅଂଶ ବୋଲି ଗ୍ରହଣ କର (ମା' ତାଙ୍କର ହାତ ଦୁଇଟି ଖୋଲି ଧରିଲେ) ଏବଂ ଈଶ୍ୱରଙ୍କୁ ସମର୍ପଣ କର । ସେହି ମନ୍ଦ ଜିନିଷଗୁଡ଼ିକ କେବେ ସମର୍ପିତ ହେବାକୁ ଚାହାନ୍ତି ନାହିଁ, କିନ୍ତୁ ସେମାନଙ୍କୁ ବାଧ୍ୟ କରିବାର ଗୋଟେ ବାଟ ଅଛି : ଆମ ଭିତରେ ଆମେ ସେଗୁଡ଼ିକୁ ଯେତିକି ପରିମାଣରେ ଅସମର୍ଥନ କରିବା, ସେମାନଙ୍କର ବଳ ସେହି ଅନୁସାରେ କମି କମି ଯାଉଥିବ । କିନ୍ତୁ ଅସମର୍ଥନ କରିବା ପରିବର୍ତ୍ତେ ଆମେ ଯଦି ତା' ସ୍ଥାନରେ ଏକ ଉର୍ଦ୍ଧ୍ୱସ୍ତରର ବୁଝାମଣା ଆଣିପାରୁ ତା'ହେଲେ ଆମେ ସଫଳ ହୋଇପାରିବା । ଏହା ଅପେକ୍ଷାକୃତ ଅନେକ ସହଜ ମଧ୍ୟ ।

# ଖୁବ୍ ଛୋଟିଆ ସାପଟିଏ – ୧

ତୁମ ପ୍ରକୃତିର ଏକ ମନ୍ଦ ପ୍ରବୃତ୍ତି ତୁମକୁ ଭଲ ଲାଗୁ ନାହିଁ ବୋଲି ତାକୁ ଅବଦମନ କରିବା ଏବଂ ତୁମର ଚେତନାର ଅବସ୍ଥାକୁ ଏପରି ପରିବର୍ତ୍ତନ କରିଦେବା ଯାହାଫଳରେ ସେହି ମନ୍ଦ ପ୍ରବୃତ୍ତିଟି ତୁମ ପ୍ରକୃତି ପାଇଁ ସଂପୂର୍ଣ୍ଣ ବହିରାଗତ ଓ ଅପରିଚିତ ବିଷୟ ବୋଲି ମନେହେବ, ଏ ଦୁଇଟି ଭିତରେ ଏକ ବିରାଟ ପାର୍ଥକ୍ୟ ରହିଛି । ସାଧାରଣତଃ, ଜଣେ, ତାକୁ ଭଲ ଲାଗୁ ନ ଥିବା ଦୁର୍ଗୁଣଟିକୁ ନିଜ ଭିତରୁ ତଡ଼ି ଲାଗିଥାଏ, ନତୁବା ତାକୁ ଚାପି ଦେଉଥାଏ । କିନ୍ତୁ ସେ ବୁଝିବାକୁ ଚେଷ୍ଟା କରେ ନାହିଁ ଯେ ତା' ଭିତରେ ଏମିତି କ'ଣ କେଉଁଠି ଅଛି, ଯାହାକି ଏହି ଦୁର୍ଗୁଣଟିକୁ ବର୍ତ୍ତି ରହିବାରେ ଏବେବି ସାହାଯ୍ୟ କରୁଛି, ବା ତାକୁ ଆଶ୍ରୟ ଦେଉଛି ବା ତାକୁ ବଞ୍ଚାଇ ରଖି କ୍ରିୟାଶୀଳ କରାଉଛି । ଆଉମଧ୍ୟ ସେ ଜାଣିପାରୁ ନାହିଁ ଯେ, ତା' ଚେତନାରେ ଏମିତି କେଉଁଠି କ'ଣ ବକ୍ରତା ରହିଛି, ବା ତା' ଚେତନାରେ ଏମିତି କ'ଣ ଗୋଟାଏ ଅଭ୍ୟାସ ରହିଛି – ଯାହା ଫଳରେ କି ଏହି ଦୁର୍ଗୁଣଟି ତା' ଚେତନା ଭିତରକୁ ପ୍ରବେଶ କରିବାର ସୁଯୋଗ ପାଇ ଯାଉଛି ।  ଯଦି ତୁମେ ଅନ୍ୟ ପକ୍ଷରେ, ସେହି ଦୁର୍ଗୁଣଟିକୁ କେବଳ ବାରଂବାର ପ୍ରତ୍ୟାଖ୍ୟାନ ନ କରି ବା ତାକୁ ଅବଦମନ ନ କରି ତୁମର ପ୍ରାଣ-ଚେତନାର ଗଭୀରକୁ ପ୍ରବେଶ କର, ତା'ହେଲେ ତୁମେ ସେଠାରେ ସେହି ଅସଲ କାରଣଟିକୁ ଖୋଜି ପାଇବ । ସେଠାରେହିଁ ରହିଛି ସେ ଦୁର୍ଗୁଣଟିର ଅସଲ ସମର୍ଥକ । ପ୍ରାଣ-ଚେତନାର ଗୋଟିଏ ନିଭୃତ କୋଣରେ ଏକ ପ୍ରକାର କ୍ଷୁଦ୍ର ସ୍ପନ୍ଦନ ଲୁଚି ରହିଥିବାର ତୁମେ ଦେଖିବ । ଅବଶ୍ୟ ସେହି ଅଞ୍ଚଳଟି ଏପରି ଅନ୍ଧକାରାଚ୍ଛନ୍ନ ଥିବ ଯେ, ତୁମକୁ ସେଠି ସହଜରେ କିଛି ଦେଖାଯିବ ନାହିଁ । କିନ୍ତୁ ତୁମେ ଯଦି ତା' ଭିତରେ ଶିକାରୀର ସନ୍ଧାନୀ ଆଖି ନେଇ ଖୋଜି ବୁଲିବ – ଯଦି ଖୁବ୍ ଭିତରକୁ ଭିତରକୁ ପ୍ରବେଶ କରି କରି ଯିବ, ଏକାଗ୍ର ହୋଇ ସେହି ଦୁର୍ଗୁଣଟିର ଆଶ୍ରୟସ୍ଥଳୀ ଆଡ଼କୁ ମୁହାଁଇ ଚାଲିବ, ତେବେ ଶେଷରେ ତୁମେ ଦେଖିବ, ଏକ ଘୋର ଅନ୍ଧାରିଆ କୋଣରେ ଖୁବ୍ ଖୁବ୍ ଛୋଟ ସାପଟିଏ ଚେକାମାଡ଼ି ଶୋଇଛି – ଦିଶୁଥିବ ଛୋଟିଆ ଶିମ୍ବମଞ୍ଜିଟିଏ ଭଳି, କିନ୍ତୁ ଭାରି କଳା, ଆଉ ଭାରି ଗହନରେ ଥିବ ସେଇ ଛୋଟିଆ ସାପଟିଏ ।

# ଖୁବ୍ ଛୋଟିଆ ସାପଟିଏ – ୨

ଏଥିପାଇଁ ଦୁଇଟି ମାର୍ଗ ରହିଛି : ନିଜ ଭିତରେ ଏକ ତୀବ୍ର ଆଲୋକ ପ୍ରଜ୍ୱଳିତ କରି ରଖ, ସତ୍ୟ ଚେତନାର ଏକ ଉଜ୍ଜ୍ୱଳ ଆଲୋକ, ଯାହା ଭିତରେକି ଏହି ଛୋଟିଆ ସାପଟି କୁଆଡ଼େ ମିଳେଇ ଯିବ; କିଂବା ଏପରି ମଧ୍ୟ କରିପାର – ଗୋଟିଏ ସଣ୍ଡୁଆଶି (ଚିମୁଟା)ରେ ଜିନିଷଟିକୁ ଧରି ନିଅ, ତା'ପରେ ତା' ସ୍ଥାନରୁ ତାକୁ ଭିଡ଼ି ଓଟାରି ବାହାର କରି ଆଣ, ତା'ପରେ ତୁମର ସତ୍ୟ-ଚେତନା ଆଗରେ ତାହାକୁ ଟୋଳି ଧର । ପ୍ରଥମ ମାର୍ଗଟି ହେଲା – ତ୍ୱରାନ୍ୱିତ ମାର୍ଗ । କିନ୍ତୁ ସବୁବେଳେ ସମସ୍ତଙ୍କ ପାଖେ ଏହି ସତ୍ୟ-ଆଲୋକଟି ନ ଥାଏ; ତେଣୁ ସବୁବେଳେ, ଦରକାର ମାତ୍ରେ ତୁମେ ଏ ଉପାୟଟିର ସୁଯୋଗ ନେଇ ନ ପାର । କିନ୍ତୁ ଦ୍ୱିତୀୟ ମାର୍ଗଟିକୁ ଅବଲମ୍ବନ କରାଯାଇପାରେ । କିନ୍ତୁ ଏଥିରେ ତୁମେ ଆଘାତ ପାଇପାର । ଦାନ୍ତଟିଏ ଓପାଡ଼ିଲେ ଯେଉଁ ଯନ୍ତ୍ରଣା ଜଣେ ପାଏ, ସେହିପରି ଯନ୍ତ୍ରଣା ଏହି ମାର୍ଗରେ ଭୋଗ କରିବାକୁ ପଡ଼ିପାରେ । ମୁଁ ଜାଣିନି, ତୁମେ କେବେ ଦାନ୍ତ ଓପଡ଼ା ଯନ୍ତ୍ରଣା ଭୋଗିଛ କି ନାହିଁ । କିନ୍ତୁ ଏଥିରେ ତୁମେ ଠିକ୍ ସେହିଭଳି ଯନ୍ତ୍ରଣା ଅନୁଭବ କରିଥାଅ । ଯନ୍ତ୍ରଣାଟି ଅନୁଭୂତ ହୁଏ ଏହିଠାରେ (ମା' ଆଙ୍ଗୁଠି ଦ୍ୱାରା ନିଜର ବକ୍ଷକୁ ନିର୍ଦ୍ଦେଶ କଲେ ଏବଂ ବକ୍ଷସ୍ଥଳକୁ ଚିମୁଟିବାକୁ ଲାଗିଲେ) । ସାଧାରଣତଃ ଏଥିରେ ଜଣକର ସାହସ କୁଳାଏ ନାହିଁ, କାରଣ ଜଣେ ଯେତେବେଳେ ଖୁବ୍ ଆଘାତ ପାଏ, ସେତେବେଳେ ସେ ସେହି କଷ୍ଟରୁ ମୁକ୍ତି ପାଇବା ପାଇଁ ଚେଷ୍ଟାକରେ (ମା' ଅଙ୍ଗଭଙ୍ଗୀ ଦ୍ୱାରା ଜଣାଇଲେ) ଏବଂ ସେଇଥିପାଇଁ ସେହି ମନ୍ଦ ବୃତ୍ତିଟି ତାଙ୍କ ଭିତରେ ଲାଖି ରହେ । କିନ୍ତୁ ଜଣେ ଯଦି ସାହସର ସହିତ କୁପ୍ରବୃତ୍ତି ରୂପକ ସେଇ ଛୋଟିଆ ସାପଟିକୁ ଦୃଢ଼ ଭାବରେ ଧରି ନିଜ ସତ୍ୟ ଚେତନାର ସମ୍ମୁଖୀନ କରାଏ, ସେଥିରେ ତାକୁ ଯେତେ କଷ୍ଟ ହେଉପଛେ ... ଜଣେ ଯଦି ଏହିପରି ଭାବେ ତାକୁ ଧରେ (ମା' ଭଙ୍ଗୀ କରି ଦେଖାଇଲେ) ଜିନିଷଟି ତା' ଆଗରେ ପରିଷ୍କାର ହେବା ପର୍ଯ୍ୟନ୍ତ ତାକୁ ସେହିପରି ଟୋଳି ଧରିଥାଏ, ତେବେ ତାହା ଧୀରେ ଧୀରେ ମିଳେଇଯାଏ । ଏହି ଭାବରେ ତା'ର ବିଲୟ ଘଟେ ।

# ତୁମ ଭିତରେ ସ୍ୱବିରୋଧିତା ପ୍ରତି ଦୃଷ୍ଟିଦିଅ

ବେଳେବେଳେ ଦେଖାଯାଏ, ଜଣେ ଦିନଟା ସାରା ବେଶ୍ ଭଲ ମଣିଷଟିଏ ଭଳି ରହିଛି, କିନ୍ତୁ ହଠାତ୍ ସେ କେମିତି କେଜାଣି ବଦମାସ ପାଲଟି ଗଲା । ଆଉ ସେ ଦିନଟା ସାରା ଯେତିକି ଭଲ ଥିଲା, ତା'ଠାରୁ ଅଧିକ ଖରାପ ହୋଇଗଲା ! କେବଳ, ଜଣେ ଏସବୁ ନିରୀକ୍ଷଣ କରି ନ ଥାଏ, ମୁଣ୍ଡ ଭିତରେ କେତେବେଳେ କେଉଁ ପ୍ରକାର ଚିନ୍ତା ଖେଳିବୁଲୁଥାଏ – କେତେବେଳେ ହିଂସାତ୍ମକ, କେତେବେଳେ ଅସଦିଚ୍ଛା ସବୁ, କେତେବେଳେ ପୁଣି ନାନାଦି ଘୃଣ୍ୟ ବିଷୟମାନ ତା' ମୁଣ୍ଡ ଭିତରେ ଦୌଡ଼ଧାପଡ଼ କରୁଥା'ନ୍ତି ତାହା ସେ ନିରୀକ୍ଷଣ କରି ନ ଥାଏ । ସାଧାରଣତଃ, ଜଣେ ଏହା ଉପରେ ଆଦୌ ମନୋଯୋଗ ଦିଏ ନାହିଁ । କିନ୍ତୁ ଏହିସବୁକୁ ଧରିବାକୁ ହେବ ! ଯେତେବେଳେ ତୁମେ ଦେଖିବ ଯେ ଏମିତି କିଛି ତୁମ ମୁଣ୍ଡ ଭିତରେ ପ୍ରକାଶ ପାଇଲା – ସଙ୍ଗେ ସଙ୍ଗେ (ମା ଗୋଟିଏ ଭଙ୍ଗୀ ଦେଖାଇ) ତୁମେ ତାକୁ ଏମିତି ଧରି ପକାଇବ, ଖୁବ୍ ଦୃଢ଼ ମୁଠାରେ ଧରି ପକାଇବ । ତା'ପରେ ତାକୁ ଆଲୋକ ସାମ୍ନାକୁ ଆଣି କହିବ – ''ନା ! ମୁଁ ତୋତେ ଚାହେଁ ନାହିଁ ! ମୁଁ ତୋତେ ଜମା ଚାହେଁ ନାହିଁ ! ତୋ ସଙ୍ଗେ ମୋର କିଛି କାମ ନାହିଁ ! ତୋତେ ଏଠାରୁ ଛାଡ଼ି ଚାଲିଯିବାକୁହିଁ ହେବ ଏବଂ ଆଉ କେବେ ଫେରିବୁ ନାହିଁ !''...

ଜଣେ ନିଜ ଭିତରେ ଏହିସବୁ ସ୍ୱବିରୋଧୀ ଗୁଣଗୁଡ଼ାକ ରହିବା ସମ୍ପର୍କରେ ବେଶ୍ ଅଭ୍ୟସ୍ତ; କିନ୍ତୁ କେହି ଏହା ଉପରେ ଦୃଷ୍ଟି ଦିଏ ନାହିଁ । ସେଥିପାଇଁ ତୁମ ଭିତରେ ଏହି ଗୁଣଗୁଡ଼ିକ ପଡ଼ୋଶୀ ଭଳି ଆରାମରେ ଘର ବାନ୍ଧି ଏକାଠି ରହିଛନ୍ତି । ତୁମର କର୍ତ୍ତବ୍ୟ ହେଲା – ପ୍ରଥମେ ସେହି ବିରୋଧୀ ଗୁଣଗୁଡ଼ିକୁ ଆବିଷ୍କାର କରିବା ଏବଂ ତୁମର ଚେତନାରେ ସେମାନେ ଗୋଳେଇ ପୋଳେଇ ହୋଇଯିବାକୁ ନ ଦେବା : ସେଗୁଡ଼ିକୁ ବିଶ୍ଳେଷଣ କର, ଛାଇକୁ ଆଲୁଅଠାରୁ ଅଲଗା କର । ତା'ପରେ ଛାଇଟିକୁ ଆପଣା ଭିତରୁ ନିକାଲି ଦିଅ ।

# ମନୋଯୋଗୀ ହୁଅ

ଜଣେ ଯଦି ମନୋଯୋଗୀ ନ ହୁଏ, ତା'ହେଲେ ସବୁକିଛି ଖୁବ୍ ସହଜରେ ଗାତରେ ଯାଇ ପଡ଼େ : ଜଣେ ଭୁଲ୍ ପାଦଟିଏ ଉଠାଏ, ତା'ପରେ ତା' ପାଦ ଖସିଯାଏ ଏବଂ ତା'ପରେ ହଠାତ୍ ସିଧା ଯାଇ ଗାତ ମଝିରେ ଗଳିପଡ଼େ । ତା'ପରେ ସେ ନିଜକୁ ପଚାରେ, ''କେମିତି ଏକଥା ହେଲା ? କେମିତି ଏ ଅଘଟନ ଘଟିଲା ?'' ଯାର ସିଧା ଉତ୍ତର, ପାଦଟି ଭୁଲ୍ ଭାବରେ ପକାଇଲ : ସେତେବେଳେ ସାବଧାନ ହେଲ ନାହିଁ । ତୁମେ ତୁମ ସତ୍ତାର ସେହି ଅଂଶଟିକୁ ତୁମକୁ ତା'କ୍ଷେତ୍ରକୁ ଟାଣିନେବାକୁ ଛାଡ଼ିଦେଲ, କାରଣ ତୁମେ ତାକୁ ତୁମ ବାଟରୁ ହଟାଇ ପାରିଲ ନାହିଁ, ତୁମକୁ ଅନୁସରଣ କରିବା ଲାଗି ତାକୁ ବାଧ କଲ ନାହିଁ । ବର୍ତ୍ତମାନ ସେ ତୁମକୁ ପଛକୁ ଟାଣିବ ନାହିଁ ତ ଆଉ କ'ଣ କରିବ ?

ଜଣେ ଯଦି ଆଧ୍ୟାତ୍ମିକ ଜୀବନଯାପନ କରିବାକୁ ଚାହୁଁଥାଏ, ତା' ସତ୍ତାର ଚାରି ଭାଗରୁ ତିନିଭାଗ ଶୋଇପଡ଼ିବା ଉଚିତ ନୁହେଁ । ତୁମେ ସବୁବେଳେ ସବୁଦିଗରୁ ଜାଗ୍ରତ ରହିବା ଉଚିତ, ଖୁବ୍ ସତର୍କ ରହିବା ଉଚିତ । ତା' ନ ହେଲେ ତୁମେ ଗୋଟିଏ ଭରା ନଈରେ କିଂବା ଉତ୍ତାଳ ତରଙ୍ଗମାଳାର ସମୁଦ୍ର ଭିତରେ ଛୋଟ ନୌକାଟି ଭଳି ଏଣେ ତେଣେ ଭାସିଯିବ । ଯଦି ତୁମେ ସାବଧାନ ନ ରୁହ, ଯଦି ତୁମେ ଏହି ଉତ୍ତାଳ ତରଙ୍ଗମାଳା ପ୍ରତି ସଚେତନ ନ ରୁହ, ଯଦି ତୁମେ ହୁଗୁଳା ହୋଇଯାଅ, ଯଦି ତୁମର ସତର୍କତା ବି ହୁଗୁଳି ଯାଏ ତା'ହେଲେ ହଠାତ୍ ତୁମେ ଦେଖିବ ଯେ ତୁମେ ଯେଉଁଠି ପହଞ୍ଚିବାକୁ ଭାବିଥିଲ ଠିକ୍ ତା'ର ବିପରୀତ ଦିଗରେ ଯାଇ ପଡ଼ିଛ ! ତୁମକୁ କିଏ ଆଡ଼େଇ ନେଇ ଯାଇଛି, ତଡ଼ି ନେଇ ଯାଇଛି, ଠିକ୍ ସେହିଭଳି ଅବସ୍ଥା ତୁମର, ଖୁବ୍ ସ୍ୱାଭାବିକ କଥା (ଆଉ ଏପରି ବିଳାପ ମଧ୍ୟ କରୁଥିବ) ''ଆହା ! ମୁଁ ତ ସେଠିକି ଯିବାକୁ ଚାହୁଁଥିଲି କିନ୍ତୁ ହାୟ ! ମୁଁ କେମିତି ପୁଣି ଏଠି ଆସି ପହଞ୍ଚିଲି ?''

## ସତର୍କତା

ସତର୍କତାର ଅର୍ଥ ହେଲା ଜାଗ୍ରତ ରହିବା, ନିଜକୁ ସର୍ବଦା ଜଗି ରହିବା, ନିଷ୍ଠାପର ହେବା – ଅଚାନକ କୌଣସି କଥାରେ ନିଜକୁ ହରାଇ ନ ବସିବା । ଯେତେବେଳେ ତୁମେ ସାଧନା କରିବାକୁ ଚାହୁଁଛ, ତୁମ ଜୀବନର ପ୍ରତିଟି ମୁହୂର୍ତ୍ତରେ ତୁମ ଆଗରେ ଦୁଇଟି କଥା ଆସି ଛିଡ଼ା ହେବ । ତୁମେ ତୁମର ଲକ୍ଷ୍ୟରେ ପହୁଞ୍ଚିବା ଲାଗି ଆଗକୁ ପାଦ ବଢ଼େଇବ, ନା ଆଉ କିଛି ସମୟ ଶୋଇ ରହିବ । କିଂବା କେତେବେଳେ କେତେବେଳେ ପଛକୁ ଫେରି ଯାଉଥିବ, ଆଉ ନିଜକୁ କହୁଥିବ ''ଦେଖିବା ଦେଖିବା, ପରେ ମଧ୍ୟ ଯାଇ ହେବ । ବର୍ତ୍ତମାନ ଥାଉ ।'' ତା'ହେଲେ, ତୁମେ ବାଟରେହିଁ ବସି ରହିଥିବ ।

ତୁମକୁ ଯାହାସବୁ ପଛକୁ ଟାଣୁଛି ତାକୁ କେବଳ ପ୍ରତିରୋଧ କରିବାଟା ସତର୍କତା ନୁହେଁ । ବରଂ ଅନ୍ୟ ପକ୍ଷରେ, ଅଗ୍ରଗତି କରିବା ପାଇଁ ସାମାନ୍ୟତମ ସୁଯୋଗ ଯେମିତି ତୁମେ ଛାଡ଼ି ନ ଦିଅ, ସେଥିରେହିଁ ଅଧିକ ମନୋନିବେଶ କରିବା ହେଲା ଯଥାର୍ଥ ସତର୍କତା । ତୁମର କୌଣସି ଦୁର୍ବଳତାକୁ ଜୟ କରିବା ଲାଗି ଯେକୌଣସି ସୁଯୋଗ, କୌଣସି ଏକ ବାସନାକୁ ପ୍ରତିରୋଧ କରିବା ଲାଗି ଯେକୌଣସି ସୁଯୋଗ, କୌଣସି କିଛି ଶିକ୍ଷା କରିବା ଲାଗି ଯେକୌଣସି ସୁଯୋଗ, କିଛି ସଂଶୋଧନ କରିବା ପାଇଁ ସୁଯୋଗ, କେଉଁ କଥାକୁ ଆୟତ୍ତ କରିବା ପାଇଁ କୌଣସି ସୁଯୋଗକୁ ଛାଡ଼ି ନ ଦେବା ହେଉଛି ଯଥାର୍ଥ ସତର୍କତା । ତୁମେ ଯଦି ସତର୍କ ରହୁଥାଅ, ତା'ହେଲେ ଯେଉଁ କଥାଟି କରିବା ପାଇଁ ତୁମକୁ ବର୍ଷ ବର୍ଷ ସମୟ ଲାଗନ୍ତା, ତାକୁ ତୁମେ ଦିନ କେଇଟାରେ କରିଦେଇ ପାରିବ । ତୁମେ ଯଦି ସତର୍କ ରୁହ, ତା'ହେଲେ ତୁମ ଜୀବନର ଯେକୌଣସି ପରିସ୍ଥିତିକୁ ତୁମେ ପରିବର୍ତ୍ତନ କରିଦେଇପାରିବ – ଯେକୌଣସି କର୍ମକୁ ଯେକୌଣସି ଗତିବୃତ୍ତିକୁ ତୁମ ଲକ୍ଷ୍ୟର ନିକଟତର ହେବାର ଏକ ସୁଯୋଗରେ ପରିଣତ କରିଦେଇ ପାରିବ ।

# ପ୍ରତିକ୍ରିୟା ଦେଖାଇବା ପୂର୍ବରୁ ଟିକିଏ ଚିନ୍ତାକର

ପ୍ରତି ଦିନର ଯାହାକିଛି ପରିସ୍ଥିତି ଆସିବ, ତାହାକୁ କେବେ ବି ହାଲୁକା ଭାବେ ନିଅ ନାହିଁ । ଜୀବନରେ ଯେଉଁସବୁ ଛୋଟ ଛୋଟ କଥା ବା ଯେଉଁସବୁ ଛୋଟ ଛୋଟ ଘଟନା ଆସିବ, ମନେରଖ, ସେଗୁଡ଼ିକୁ ଆଦୌ ହାଲୁକା ଭାବେ ଗ୍ରହଣ କରିବ ନାହିଁ । ତୁମର ନିମ୍ନ ସତ୍ତା ଦ୍ୱାରା ଆଦୌ ପ୍ରତିକ୍ରିୟା ଦେଖାଅ ନାହିଁ । କେତେବେଳେ ତୁମକୁ କେଉଁ କଥା କରିବାକୁ କୁହାଯାଉଛି, ବେଳେବେଳେ ପୁଣି ନ କରିବାକୁ ବି କୁହାଯାଉଛି – କେତେବେଳେ ତୁମକୁ ଆଦୌ କିଛି କୁହାଯାଉ ନାହିଁ, କିନ୍ତୁ ଗୋଟିଏ କଥା ତୁମକୁ ସବୁବେଳେ କୁହାଯାଉଛି – ପ୍ରତିକ୍ରିୟା ଦେଖାଇବା ପୂର୍ବରୁ ଟିକିଏ ଚିନ୍ତାକର । ତୁମ ଭିତରେ ତୁମର କେଉଁ ଅଂଶଟି ପ୍ରତିକ୍ରିୟା ଦେଖାଉଛି, ତାକୁ ଧରିବା ଲାଗି ଚେଷ୍ଟାକର । ତୁମ ଭିତରେ ଯେଉଁଟା ଖୁବ୍ ସାଧାରଣ ଅଂଶ, ତା' ଦ୍ୱାରା କିଛି ପ୍ରତିକ୍ରିୟା ଦେଖାଅ ନାହିଁ । ନିଜ ଭିତରକୁ ପ୍ରବେଶ କର, ତୁମ ଭିତରେ ଯାହା ସବୁଠାରୁ ଶ୍ରେଷ୍ଠ ବୋଲି ମନେ ହେଉଛି, ତାହାରି ଦ୍ୱାରାହିଁ ତୁମେ ପ୍ରତିକ୍ରିୟା ଦେଖାଅ । **ଏହାହିଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ କଥା – ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ କଥା ।**

ଏପରି ଲୋକ ଅଛନ୍ତି, ଯେଉଁମାନଙ୍କର ବର୍ଷ ବର୍ଷ ସମୟ ବୃଥା କଟିଯାଇଛି । କାରଣ ସେମାନେ ଏହା କରି ନାହାନ୍ତି । ଏପରି ଲୋକସବୁ ପୁଣି ଅଛନ୍ତି, ଯେଉଁମାନେ ସତେକି ଉଡ଼ି ଚାଲିଛନ୍ତି ! ଏଡ଼େ ଚଞ୍ଚଳ ଉଡ଼ି ଚାଲିଛନ୍ତି, କାରଣ, ସେମାନେ ଏହି କଥାଟି ଉପରେ ଖୁବ୍ ଧ୍ୟାନ ଦେଇଥା'ନ୍ତି । ଆଉ, ଯେଉଁମାନେ ଏହା କରି ନାହାନ୍ତି, ସେମାନେ ସବୁବେଳେ ଈଶ୍ୱରଙ୍କ ଉପରେ ସବୁତକ ଦୋଷ ଢାଳି ଦେଇ ବସନ୍ତି । ସେମାନେ ଭଗବତ୍ କୃପାକୁ ଦାୟୀ କରନ୍ତି ... ଆଉ, ସ୍ୱାଭାବିକ ଭାବେ ସେମାନେ ସେମାନଙ୍କର ବିଷୟଟିକୁ ଖରାପରୁ ଖରାପ କରି ଚାଲିଥା'ନ୍ତି । କାରଣ, ସେମାନଙ୍କ ଅସୁବିଧାବେଳେ ସେମାନଙ୍କୁ ଯେଉଁ ସାହାଯ୍ୟ ଦିଆ ଯାଇଥାଏ, ସେମାନେ ତାକୁ ଏଡ଼ାଇ ଦିଅନ୍ତି । ଏଇଟାହିଁ କଥା ।

# ଅସ୍ତିବାଚକ ଓ ନାସ୍ତିବାଚକ ମାର୍ଗ – ୧

ପିଲାମାନେ ଶୁଣ; ତୁମେ ଜାଣ ଯେ ତୁମ ପାଖରେ ଏପରି କେତେକ ଦୋଷ ଅଛି, ଯାହାକି ତୁମକୁ ଅଗ୍ରଗତି କରିବାରେ ବାଧା ସୃଷ୍ଟି କରେ । ତେଣୁ ନାସ୍ତିବାଚକ ମାର୍ଗଟି ହେଲା ତୁମର ଦୋଷଗୁଡ଼ିକୁ ହଟାଇ ଦୂର କରିବାକୁ ଚେଷ୍ଟା କରିବା । ଏପରି ଅନେକ କଥା ଅଛି, ଯାହାକି ତୁମକୁ ହେବାକୁ ହେବ ଓ ତାହା ତୁମେ ନିଶ୍ଚେ ହୋଇ ଉଠିବ । ଏପରି କେତେକ ଗୁଣ ଅଛି, ଯାହାକି ତୁମକୁ ନିଜ ଭିତରେ ତିଆରି କରିବାକୁ ପଡ଼ିବ ଓ ଉପଲବ୍ଧି କରିବାକୁ ପଡ଼ିବ । ନିଜକୁ ଗଠନ କରିବା ପାଇଁ ଏହା ହେଉଛି ଅସ୍ତିବାଚକ ମାର୍ଗର ସାଧନା ।

ଉଦାହରଣ ସ୍ୱରୂପ – ତୁମର ଏକ ଦୋଷ ଅଛି , ସତ କହିବା ପାଇଁ କୁଣ୍ଠାବୋଧ କରିବା । ବର୍ତ୍ତମାନ ସତ୍ୟ ନ ଦେଖିବା ବା ସତ୍ୟ ନ କହିବାର ଏହି ମିଥ୍ୟା ଅଭ୍ୟାସ ବିରୋଧରେ ଯୁଦ୍ଧ କରିବାକୁ ଯାଇ ତୁମ ଚେତନାରୁ ମିଥ୍ୟାକୁ ପ୍ରତ୍ୟାଖ୍ୟାନ କରିବାକୁ ଚେଷ୍ଟା କରିଥାଅ ଏବଂ ସତ୍ୟ ନ କହିବାର ଅଭ୍ୟାସଟିକୁ ନିର୍ମୂଳ କରିବା ପାଇଁ କ୍ରମାଗତ ପ୍ରୟାସ କରି ଚାଲିଥାଅ । କିନ୍ତୁ ଯଥାର୍ଥରେ କାର୍ଯ୍ୟଟି ତୁମକୁ କରିବାକୁ ହେଲେ, କେବଳ ସତ୍ୟ କହିବା ପାଇଁ ତୁମ ମଧ୍ୟରେ ଏକ ଅଭ୍ୟାସ ଗଢ଼ିତୋଳିବାକୁ ହେବ । କାରଣ କାର୍ଯ୍ୟଟିର ସମ୍ପାଦନ ପାଇଁ, ସତ୍ୟକୁ ଦେଖିବାକୁ ଏବଂ ସବୁବେଳେ ସତ୍ୟ କହିବାକୁ ଏକ ଅଭ୍ୟାସ ତୁମ ମଧ୍ୟରେ ଗଢ଼ିତୋଳିବାକୁ ହେବ । ଗୋଟିଏ ହେଲା ନିବୃତ୍ତି ମୂଳକ ବା ନାସ୍ତିବାଚକ : ଯେଉଁଥିରେ ମିଥ୍ୟାକୁ ତୁମେ ପ୍ରତ୍ୟାଖ୍ୟାନ କର । ଅନ୍ୟଟି ହେଲା ପ୍ରବୃତ୍ତି ମୂଳକ ବା ଅସ୍ତିବାଚକ : ଯେଉଁଥିରେ ନିଜ ଭିତରେ ତୁମେ ସଦ୍‌ଗୁଣର ନିର୍ମାଣ କର । କଥାଟି ଏହିପରି ।

# ଅସ୍ତିବାଚକ ଓ ନାସ୍ତିବାଚକ ମାର୍ଗ – ୨

ଅସ୍ତିବାଚକ ମାର୍ଗର ସାଧନା ହେଲା – ନିଜର ଅଭୀପ୍ସାକୁ ବଢ଼ାଇ ଚାଲିବା, ଚେତନାକୁ ବିକଶିତ କରି ଚାଲିବା, ନିଜର ସତ୍ତାକୁ ସଂହତ କରି ଚାଲିବା, ନିଜର ଚୈତ୍ୟସତ୍ତା ସହିତ ଅଧିକରୁ ଅଧିକ ସଂସର୍ଗିତ ହେବା ଲାଗି ନିଜ ଭିତରକୁ ଭିତରକୁ ପ୍ରବେଶ କରି ଚାଲିବା ଏବଂ ସବୁ ଅଙ୍ଗକୁ ଗ୍ରହଣ କରି, ସବୁପ୍ରକାର ଗତିକୁ ଗ୍ରହଣ କରି, ସତ୍ତାର ସମସ୍ତ କ୍ରିୟା ପ୍ରତିକ୍ରିୟାକୁ ଗ୍ରହଣ କରି ସେଗୁଡ଼ିକୁ ନିଜର ଚୈତ୍ୟସତ୍ତାର ସମ୍ମୁଖରେ ଉପସ୍ଥାପନ କରିବା, ଯାହା ଫଳରେ କି ସେଗୁଡ଼ିକ ମୂଳକେନ୍ଦ୍ର ସହିତ ସମ୍ବନ୍ଧ ରଖି ଯେ ଯାହାର ସ୍ଥାନରେ ଠିକ୍ ଭାବେ ରହିପାରିବେ । ପରିଶେଷରେ ଅସ୍ତିବାଚକ ମାର୍ଗର ସାଧନା ହେଲା – ଭଗବାନଙ୍କ ଆଡ଼କୁ ନିଜର ସମସ୍ତ ଆସ୍ପୃହାକୁ ସଂଗଠିତ କରି ଚାଲିବା, ଯାହା ଫଳରେ କି ଜଣେ ଭଗବାନଙ୍କ ଆଡ଼କୁ ଅଧିକ ଅଗ୍ରଗତି କରି ପାରୁଥିବ । ଏହାହିଁ ହେଲା ଅସ୍ତିବାଚକ ବା ପ୍ରବୃତ୍ତିମୂଳକ ମାର୍ଗର ସାଧନା ।

ନାସ୍ତିବାଚକ ବା ନିବୃତ୍ତିମୂଳକ ମାର୍ଗର ସାଧନା ହେଉଛି ପ୍ରଣାଳୀବଦ୍ଧ ଭାବରେ ବିଚାର ବିଶ୍ଳେଷଣ କରି ଯାହାକିଛି ବାହାରୁ ଆମ ଜୀବନ ଭିତରକୁ ପଶି ଆସୁଛି କିଂବା ଯାହାକିଛି ଆମ ଅବଚେତନା ଓ ଅଚେତନା ଭିତରୁ ଆସି ଆମ ଜୀବନକୁ ପ୍ରଭାବିତ କରିବାକୁ ବସିଛି ଏବଂ ଯେଉଁସବୁ ବିଷୟ ଆମର ପରିପାର୍ଶ୍ୱ ଭିତରୁ ଆସି ଆମର ଆଧ୍ୟାତ୍ମିକ ଗତିପଥରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି, ସେହି ସବୁକୁ ନିର୍ମମ ଭାବେ ପ୍ରତ୍ୟାଖ୍ୟାନ କରି ଚାଲିବା । ଏହି ନିବୃତ୍ତିମୂଳକ ମାର୍ଗରେ ଯେ ସାଧନା କରିବ ତାକୁ ପ୍ରତିଟି ପ୍ରଭାବ, ପରାମର୍ଶ ଓ ପ୍ରବେଗଗୁଡ଼ିକୁ ବିଶ୍ଳେଷଣ କରି ବିଚାର କରିବାକୁ ପଡ଼ିବ ଏବଂ ସେମାନଙ୍କର ଜିଦ୍ ପାଖରେ ଆଦୌ ଭାଙ୍ଗି ନ ପଡ଼ି ଏବଂ ସେମାନଙ୍କ ଇଚ୍ଛା ନିକଟରେ ଆତ୍ମସମର୍ପଣ ନ କରି ସେଗୁଡ଼ିକୁ ପ୍ରଣାଳୀବଦ୍ଧ ଭାବେ ପ୍ରତ୍ୟାଖ୍ୟାନ କରିବ ... । ଏହାହିଁ ନାସ୍ତିବାଚକ ମାର୍ଗ ।

# ଆନ୍ତର ପରିଚ୍ଛନ୍ନତା

ନିଜକୁ ଭଗବାନଙ୍କ ନିକଟରେ ଦେଇଦେବାର ଏହି ଅସ୍ତିମୂଳକ ସାଧନା କେବଳ ଯେ ଆବଶ୍ୟକ ତାହା ନୁହେଁ, ନିଜ ଭିତରେ ଯାହାକିଛି ଏହାର ପ୍ରତିରୋଧ କରେ ସେ ସବୁକୁ ପ୍ରତ୍ୟାଖ୍ୟାନ କରିବା ଦିଗରେ ମଧ୍ୟ ଏକ ନାସ୍ତିମୂଳକ ଗତିବୃତ୍ତି ଆବଶ୍ୟକ । ତୁମ ଭିତରେ ଯେଉଁସବୁ ପ୍ରବୃତ୍ତି ତୁମ ସତ୍ତାର କେଉଁ କୋଣ ଅନୁକୋଣରେ ଲୁଚି ରହିଥା'ନ୍ତି, ସେମାନଙ୍କୁ ''ସେହିପରି ଭାବେ'' ରହିବାକୁ ଛାଡ଼ିଦେବା ଉଚିତ ମଧ୍ୟ ନୁହେଁ । କାରଣ, ସାମାନ୍ୟ ସୁଯୋଗ ପାଇବା ମାତ୍ରେ ସେମାନେ ତୁମ ପ୍ରକୃତି ଭିତରୁ ମୁଣ୍ଡ ଟେକି ଉଠିବେ ଏବଂ ତୁମର ସବୁ ସାଧନାକୁ ପଣ୍ଡ କରିଦେବେ ...

କେତେକେ ନିଜ ଘରଟି ପରିଷ୍କାର କରିବାକୁ ସଂପୂର୍ଣ୍ଣ ଭୁଲିଯାଇଥା'ନ୍ତି । ତେଣୁ ତାଙ୍କ କୋଠରିଟି ଯେପରି ମଇଳା ଥିଲା, ସେହିପରି ରହିଥାଏ । ତେଣୁ ଯେତେବେଳେ ତାଙ୍କ ଭିତରୁ ଯତ୍‌ସାମାନ୍ୟ ଆଧ୍ୟାତ୍ମିକ ଅଭିଜ୍ଞତାର ଆଲୋକଟି ସ୍ତିମିତ ହୋଇଯାଏ ସେତେବେଳେ ଏହି ଆବର୍ଜନା ଗୁଡ଼ିକ ପୂର୍ବାପେକ୍ଷା ଆହୁରି ଦୁର୍ବିଷହ ହୋଇଉଠେ । ଏହି ଘରର ମଇଳା ଗୁଡ଼ିକ ହଠାତ୍ ଉପରକୁ ଉଠିଆସି ସବୁକିଛିକୁ ଭଣ୍ଡୁର କରି ଦେଇଥାଏ ।

କେହି ଯେପରି ପ୍ରତିଦିନ ନିଜ ଘରଟିକୁ (ଅନ୍ତଃକରଣକୁ) ପରିଷ୍କାର କରିବାକୁ ଅବହେଳା ନ ଦେଖାନ୍ତି : ଏହା ବଡ଼ ଗୁରୁତ୍ୱପୂର୍ଣ୍ଣ ବିଷୟ । ବାହ୍ୟ ପରିଚ୍ଛନ୍ନତା ପରି ଆନ୍ତର ପରିଚ୍ଛନ୍ନତା ଅନ୍ତତଃ ପକ୍ଷେ ତୁମ ପାଇଁ ସମାନ ଆବଶ୍ୟକ ।

ବିବେକାନନ୍ଦ ଲେଖିଛନ୍ତି (ମୂଳଲେଖା ମୁଁ ପଢ଼ି ନାହିଁ; ଫରାସୀ ଅନୁବାଦଟି ପଢ଼ି ମୁଁ କହୁଛି ।) ''ତୁମେ ପ୍ରତିଦିନ ସକାଳୁ ନିଜର ଶରୀର ସହିତ ନିଜର ଅନ୍ତଃକରଣକୁ ପରିଷ୍କାର କରିବ । କିନ୍ତୁ ଯଦି ଉଭୟକୁ କରିବା ପାଇଁ ତୁମ ହାତରେ ସମୟ ନ ଥାଏ, ତାହାହେଲେ ଅନ୍ତତଃ ଶରୀରକୁ ଛାଡ଼ି ପ୍ରଥମେ ତୁମ ଅନ୍ତଃକରଣକୁ ନିର୍ମଳ କର ।''

## ବାହାରପଟୁ ଆରମ୍ଭ କର

ପୃଥିବୀ ଉପରେ ଥିବା ଶକ୍ତିଗୁଡ଼ିକ ସମସ୍ତେ ନିଜକୁ ପ୍ରକାଶ କରିବାକୁ ଚାହୁଁଥା'ନ୍ତି । ସେହିସବୁ ଶକ୍ତି ନିଜ ଅଭିବ୍ୟକ୍ତିର ବିଷୟବସ୍ତୁ ସହ ଆସିବାବେଳେ ତୁମେ ଯଦି ଏକ ପ୍ରତିବନ୍ଧକ ସେମାନଙ୍କ ଆଗରେ ଛିଡ଼ାକର ଓ ପ୍ରକାଶ ପାଇଁ ଅସ୍ୱୀକାର କର ତେବେ ସେମାନେ ହୁଏତ ସେହି ବାଧାକୁ ବାରଂବାର କିଛି ସମୟ ଆଘାତ କରି ଚାଲିବେ, କିନ୍ତୁ ଶେଷ ପର୍ଯ୍ୟନ୍ତ ସେମାନେ କ୍ଳାନ୍ତ ହୋଇ ପଡ଼ିବେ ଏବଂ ପ୍ରକାଶିତ ହୋଇ ନ ପାରି, ସେମାନେ ନିବୃତ୍ତ ହୋଇଯିବେ ଓ ତୁମେ ନିଶ୍ଚିନ୍ତ ହେବ ।

ତେଣୁ, ତୁମେ କେବେ ବି କହିବ ନାହିଁ ଯେ, ''ଆଗ ମୁଁ ମୋର ଚିନ୍ତାକୁ ଶୁଦ୍ଧ କରିବି, ମୋର ଶରୀରକୁ ଶୁଦ୍ଧ କରିବି, ମୋର ପ୍ରାଣକୁ ଶୁଦ୍ଧ କରିବି, ଏବଂ ତା'ପରେ ଶେଷରେ ଯାଇ ମୁଁ ମୋର କର୍ମଗୁଡ଼ିକୁ ଶୁଦ୍ଧ କରିବି ।'' ସାଧାରଣତଃ ଲୋକେ ଏହାହିଁ ଭାବିଥା'ନ୍ତି । କିନ୍ତୁ ଏହା କେବେ ବି ଫଳପ୍ରଦ ହୁଏ ନାହିଁ । ଫଳପ୍ରଦ ଉପାୟ ହେଲା, ବାହାର ପଟୁ ଆରମ୍ଭ କରିବା : ''ପ୍ରଥମ କଥା ହେଲା, ମୁଁ ଏ ଅକାର୍ଯ୍ୟଟି କରିବି ନାହିଁ । ତା'ପରେ, ମୁଁ ମଧ୍ୟ ଏହା କରିବାକୁ କେବେ ଇଚ୍ଛା କରିବି ନାହିଁ । ତା'ପରର କଥାଟି ହେଲା – ସବୁପ୍ରକାର ଖରାପ ପ୍ରବେଗଗୁଡ଼ିକ ପାଇଁ ମୁଁ ମୋର ସବୁ ଦ୍ୱାର ବନ୍ଦ କରି ଦେବି : ମୋ ପାଇଁ ଆଉ ସେମାନଙ୍କର ଅସ୍ତିତ୍ୱ ନାହିଁ । ମୁଁ ବର୍ତ୍ତମାନ ଏସବୁର ବାହାରେ ।'' ଏହା ହେଉଛି ପ୍ରକୃତ ଧାରା । ଏହି ଧାରାଟି ଫଳପ୍ରଦ ହୁଏ । ପ୍ରଥମେ, ଏହାକୁ ନ କରିବା । ତା'ପରେ ଏହାକୁ ଆଉ ନ ଚାହିଁବା ଏବଂ ଶେଷରେ ଏହା ସଂପୂର୍ଣ୍ଣଭାବେ ତୁମ ଚେତନାରୁ ବାହାରି ଯିବ ।

# ନିମ୍ନ ପ୍ରବୃତ୍ତିଗୁଡ଼ିକୁ ପ୍ରତ୍ୟାଖ୍ୟାନ କର – ୧

ପ୍ରଶ୍ନ : ମଧୁମୟି ମା ! ଆମ ଚେତନା ଭିତରେ ଯେ ଏଣୁତେଣୁ ବାଜେ ଜିନିଷଗୁଡ଼ିକ ରହିଛି, ସେଗୁଡ଼ିକ କିପରି ଆମ ଚେତନାରୁ ବାହାର କରି ଦେଇ ପାରିବୁ ?

ଉତ୍ତର : ଆଗ ସେଥିପାଇଁ ଆସ୍ପୃହା କର, ନିମ୍ନପ୍ରବୃତ୍ତିଗୁଡ଼ିକୁ ପ୍ରତ୍ୟାଖ୍ୟାନ କର, ଏବଂ ଏକ ଉଚ୍ଚତର ଶକ୍ତିକୁ ସାହାଯ୍ୟ ପାଇଁ ଆହ୍ୱାନ କର । ଯଦି ତୁମେ କେତେକ ନିମ୍ନପ୍ରକୃତିର ଗତିବୃତ୍ତିକୁ ଗ୍ରହଣକରୁ ନ ଥାଅ, ସେତେବେଳେ ସେମାନେ ଆଉ ନିଜକୁ ପ୍ରକାଶ କରି ପାରିବେ ନାହିଁ, କ୍ରମେ କ୍ରମେ ସେମାନଙ୍କର ଶକ୍ତି କମି ଯିବ ଓ ସେମାନେ ଲୋପ ପାଇଯିବେ । ଯେଉଁସବୁ ନିମ୍ନଗତିବୃତ୍ତିକୁ ତୁମେ ପ୍ରକାଶ କରିବା ପାଇଁ ଅସ୍ୱୀକାର କରିବ, ଅଳ୍ପ ଅଳ୍ପ ହୋଇ ସେଗୁଡ଼ିକ କ୍ରମେ ଅଦୃଶ୍ୟ ହୋଇଯିବେ, ତା'ପରେ ତୁମ ଚେତନା ସେହିସବୁ ନିମ୍ନ ବୃତ୍ତିଗୁଡ଼ିକଠାରୁ ମୁକ୍ତ ହୋଇଯିବ । ନିମ୍ନବୃତ୍ତିଗୁଡ଼ିକୁ କେବଳ ପ୍ରକାଶ ହେବାକୁ ନଦେଲେ ଚଳିବ ନାହିଁ, କେବଳ କର୍ମରେ ନୁହେଁ, ଚିନ୍ତାରେ ଓ ଭାବରେ ମଧ୍ୟ ପ୍ରକାଶ ହେବାକୁ ସ୍ୱୀକୃତି ଦେବ ନାହିଁ । ଯେତେବେଳେ ନିମ୍ନ ଭାବାବେଗଗୁଡ଼ିକ ବା ନିମ୍ନ ଚିନ୍ତାଗୁଡ଼ିକ ବା ନିମ୍ନ ପ୍ରବୃତ୍ତିଗୁଡ଼ିକ ଆସିବାର ଦେଖିବ, ସେଗୁଡ଼ିକୁ ଅଭିବ୍ୟକ୍ତ ହେବା ପାଇଁ ଯଦି ତୁମେ ନ ଦେବ, ଯଦି ସେଗୁଡ଼ିକୁ ତୁମେ ତୁମ ସମ୍ମୁଖରୁ ଠେଲିଦେବ, ଏବଂ ଏକ ଆନ୍ତରୀଣ ଅଭୀପ୍ସା ଭିତରେ ରହିବ, ଖୁବ୍ ପ୍ରଶାନ୍ତଭାବେ ରହିବ, ତେବେ ଧୀରେଧୀରେ ସେଗୁଡ଼ିକର ବଳ କମିଯିବ ଏବଂ ସେଗୁଡ଼ିକ ଆଉ ଆସିବେ ମଧ୍ୟ ନାହିଁ । ଏହି ଭାବେ, ତୁମ ଚେତନା ସେହିସବୁ ନିମ୍ନ ଗତିବୃତ୍ତିରୁ ମୁକ୍ତ ହୋଇଯିବ ।

# ନିମ୍ନ ପ୍ରବୃତ୍ତିଗୁଡ଼ିକୁ ପ୍ରତ୍ୟାଖ୍ୟାନ କର – ୨

ଉଦାହରଣସ୍ୱରୂପ, ଯେତେବେଳେ ଅବାଞ୍ଛିତ ଚିନ୍ତାସବୁ ଆସି ପହଞ୍ଚନ୍ତି, ତୁମେ ଯଦି ସେଗୁଡ଼ିକ ଆଡ଼େ ଚାହିଁବ, ସେଗୁଡ଼ିକୁ ଦେଖିବ, ଯଦି ସେଗୁଡ଼ିକୁ ଅନୁସରଣ କରିବାରେ ତୁମକୁ ଖୁସି ଲାଗିବ, ସେମାନେ ତେବେ ତୁମ ପାଖକୁ ସବୁବେଳେ ଆସିବେ । କେବେ ଆସିବା ବନ୍ଦ କରିବେ ନାହିଁ । ତୁମ ହୃଦୟରେ ଅନୁଭୂତ ହେଉଥିବା ଅବାଞ୍ଛିତ ଭାବ ଓ ସଂବେଦନ କ୍ଷେତ୍ରରେ ବି ସେଇ ଏକାକଥା : ଯଦି ତୁମେ ସେଗୁଡ଼ିକ ଉପରେ ମନୋଯୋଗୀ ହୁଅ, ସେଗୁଡ଼ିକ ଉପରେ ଏକାଗ୍ର ହୁଅ, ଯଦି କିଛି ଅନୁରକ୍ତି ସହିତ ତୁମେ ସେମାନଙ୍କୁ ଦେଖୁଥାଅ, ସେମାନେ କେବେ ବି ବନ୍ଦ ହେବେ ନାହିଁ । କିନ୍ତୁ ତୁମେ ଯଦି ସଂପୂର୍ଣ୍ଣ ଭାବେ ସେଗୁଡ଼ିକୁ ଗ୍ରହଣ କରିବାକୁ ମନା କରିଦେବ, ସେଗୁଡ଼ିକୁ ପ୍ରକାଶ କରିବାକୁ ମନା କରିଦେବ, କିଛି ସମୟ ପରେ ସେମାନେ ବନ୍ଦ ହୋଇଯିବେ । ତୁମକୁ କିନ୍ତୁ ଖୁବ୍ ଧୈର୍ଯ୍ୟ ଧରିବାକୁ ପଡ଼ିବ ଓ ସ୍ଥିର ଭାବେ ସେଥିରେ ଲାଗି ରହିବାକୁ ପଡ଼ିବ ।

ଖୁବ୍ ନିବିଡ଼ ଅଭୀପ୍ସା ଭିତରେ, ତୁମେ ଯଦି ଏକ ଊର୍ଦ୍ଧ୍ୱତର ସତ୍ୟସହିତ ସମ୍ପର୍କ ରଖୁଥାଅ, ଯଦି ତୁମର ଚୈତ୍ୟସତ୍ତାର କିଛି ପ୍ରଭାବ ସଙ୍ଗେ ତୁମେ ଯୁକ୍ତ ହୋଇଥାଅ ଅଥବା ଏକ ଊର୍ଦ୍ଧ୍ୱତନ ଆଲୋକ ସହିତ ତୁମେ ସଂଲଗ୍ନ ହେଉଥାଅ ଏବଂ ଯଦି ତୁମର ନିମ୍ନ ପ୍ରବୃତ୍ତିଗୁଡ଼ିକୁ ଏମାନଙ୍କ ସହ ଛୁଆଁଇ ଦେଇପାର, ସ୍ୱାଭାବିକ ଭାବେ ସେମାନେ ଖୁବ୍ ଚଞ୍ଚଳ ବନ୍ଦ ହୋଇଯିବେ । କିନ୍ତୁ ଅଭୀପ୍ସା ଦ୍ୱାରା ଏଗୁଡ଼ିକୁ ଆକର୍ଷଣ କରିବା ପୂର୍ବରୁ, ତୁମେ ଆଗ ସେହି ନିମ୍ନ ପ୍ରବୃତ୍ତିଗୁଡ଼ିକୁ ତୁମ ଆଚରଣରେ ବା ତୁମ ଭିତରେ ପ୍ରକାଶ ପାଇବାକୁ ଦିଅ ନାହିଁ । ସେଗୁଡ଼ିକୁ ଚରିତାର୍ଥ ହେବାକୁ ଦିଅ ନାହିଁ । ସେ ସମ୍ବନ୍ଧେ ଖୁବ୍ ଧୀର ଓ ଦୃଢ଼ଭାବେ ଲାଗିରହ । ତୁମେ ଇଚ୍ଛା କରୁ ନ ଥିବା ଚିନ୍ତାଗୁଡ଼ିକ ଯଦି ତୁମ ମୁଣ୍ଡ ଭିତରକୁ ଆସେ, ତୁମେ ସେଗୁଡ଼ିକୁ ବ୍ରସ୍‌ରେ ପୋଛିଦେଲା ଭଳି ପୋଛିଦିଅ, ଯଦି ସେଗୁଡ଼ିକ ଉପରେ ଆଦୌ ଧ୍ୟାନ ନ ଦିଅ, କିଛି ସମୟ ପରେ ଦେଖିବ, ସେମାନେ ଆଉ ଜମା ଆସିବେ ନାହିଁ ...

# ନିଜକୁ ଦୋଷୀ କରିବା

ପ୍ରଶ୍ନ : ଅଗ୍ରଗତି କରିବା ପାଇଁ ନିଜକୁ ଦୋଷ ଦେବା ଏକ ଭଲ ଉପାୟ କି ?

ଉତ୍ତର : ନିଜକୁ ଦୋଷ ଦେବା ? ନା, ଦରକାର ନାହିଁ । ହୁଏତ ଏହାର କିଛି ଆବଶ୍ୟକତା ଥାଇପାରେ । ‘‘ମୋର ପୂର୍ଣ୍ଣତା ଆସିଯାଇଛି’’– ଏଇଭଳି ଏକ ଭ୍ରାନ୍ତିଜାଲରୁ ସବୁସମୟରେ ରକ୍ଷା ପାଇବା ପାଇଁ ପ୍ରକୃତରେ ଏହାର ଆବଶ୍ୟକତା ରହିଛି । କିନ୍ତୁ ନିଜକୁ ସମାଲୋଚନା କରିବାରେ ବହୁ ଶକ୍ତି ନଷ୍ଟ ହୋଇଥାଏ । ବରଂ ସେହି ଶକ୍ତିକୁ ନିଜର ଅଗ୍ରଗତି ପାଇଁ ଖର୍ଚ୍ଚ କରିବା ଭଲ, ଏକ ବାସ୍ତବ ଓ ସ୍ଥାୟୀ ଅଗ୍ରଗତି ପାଇଁ, ଯାହାକି ଅଧିକ ଆବଶ୍ୟକ । ଉଦାହରଣସ୍ୱରୂପ, ଯଦି ତୁମ ଭିତରେ ଅସ୍ୱସ୍ତିକର ଭାବନା ସବୁ ଆସୁଥାଏ ଏବଂ ଯଦି ତୁମର କୁତ୍ସିତ, ଅଶ୍ଳୀଳ ଏବଂ ଗଣ୍ଡଗୋଳିଆ ଭାବନାସବୁ ରହିଥାଏ ଏବଂ ତୁମେ ବ୍ୟସ୍ତ ହୋଇପଡ଼ି ମନକୁ ମନ ଛଟପଟ ହେଉଥାଅ ଏବଂ ତୁମେ କୁହ ‘‘ଓହୋଃ କି ଅସହ୍ୟ, ଆହାଃ, ଆହାଃ କି ଅସହ୍ୟ – ମୋ ଭିତରେ ତଥାପି ଏସବୁ ଭାବନାମାନ ଅଛି – ଇସ୍, କି କୁତ୍ସିତ ଏସବୁ !’’ ଏପରି କ୍ଷେତ୍ରରେ ଭଲ କଥା ହେବ, ତୁମେ ତୁମର ସମସ୍ତ ଶକ୍ତି ପ୍ରୟୋଗ କରି ସେଗୁଡ଼ିକୁ ଏକାଥରକେ ଫୁଟକି ମାରି ଉଡ଼ାଇ ଦେବ (ମା’ ଅଙ୍ଗଭଙ୍ଗୀ ଦ୍ୱାରା ଦେଖାଇଲେ)...

କିନ୍ତୁ ଏକଥା ବି ଆବଶ୍ୟକ ଯେ, ସବୁସମୟରେ ତୁମେ ତୁମ ଦୋଷଗୁଡ଼ିକୁ ଚିହ୍ନିଦେଖ । ଏହା ଅତ୍ୟନ୍ତ ଆବଶ୍ୟକ । କିନ୍ତୁ ନିଜର ଦୋଷଗୁଡ଼ିକ ନେଇ ସବୁବେଳେ ଆକୁଳି ବିକୁଳି ହେବା ଉଚିତ ନୁହେଁ । ପ୍ରକୃତ ଆବଶ୍ୟକତାଟି ହେଲା – ଯେଉଁସବୁ ସଦ୍‌ଗୁଣଗୁଡ଼ିକ ତୁମ ଭିତରେ ରହିବା ଉଚିତ ବୋଲି ଭାବୁଛ ସେଗୁଡ଼ିକୁ ତୁମର ସମସ୍ତ ଶକ୍ତି ପ୍ରୟୋଗ କରି ନିଜ ଭିତରେ ଗଠନ କର ଏବଂ ଯାହା କରିବାକୁ ଇଚ୍ଛା କରୁଛ, ତାହା କରିଯାଅ । ଏହାହିଁ ତୁମ ଲାଗି ବେଶୀ ଗୁରୁତ୍ୱପୂର୍ଣ୍ଣ ।

## ହତାଶାରୁ ନିଜକୁ ରକ୍ଷାକର

ପ୍ରଶ୍ନ : କେତେକ ଲୋକ ଯାହା ଇଚ୍ଛା କରୁଥାନ୍ତି, କିଂବା ଅଭୀପ୍‌ସା କରୁଥାନ୍ତି, କିଂବା ଯାହା ତାଙ୍କ ପାଇଁ ଭଲ ବୋଲି ଭାବୁଥା'ନ୍ତି – ସେସବୁର ବିପରୀତ କିନ୍ତୁ ତାଙ୍କ ଜୀବନରେ ବରାବର ଘଟୁଥାଏ । ସେମାନେ ନିରାଶ ହୋଇପଡ଼ନ୍ତି । ଏହା କ'ଣ ସେମାନଙ୍କ ଅଗ୍ରଗତି ପାଇଁ ଆବଶ୍ୟକ ?

ଉତ୍ତର : ହତାଶା କେବେବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ । ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ । ଏହା ଜଣାଇ ଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି । ଅର୍ଥାତ୍ ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ କାର୍ଯ୍ୟ କରୁଛି ।

ତେଣୁ, ଜୀବନର ସବୁପ୍ରକାର ପରିସ୍ଥିତିରେ, ତୁମେ ହତାଶାର ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ସାବଧାନ ରହିବ । ତା'ଛଡ଼ା ଏଇ ଯେ ବିଷଣ୍ଣ ହୋଇପଡ଼ିବା, ଦୁଃଖିତ ହୋଇପଡ଼ିବା, ନିରାଶ ହୋଇପଡ଼ିବା ଆଦି (ଅଭ୍ୟାସ) ଘଟନାଗୁଡ଼ିକ ଉପରେ ନିର୍ଭର କରେ ନାହିଁ; ବରଂ ଏହା ପ୍ରକୃତି ଉପରେ ବିଶ୍ୱାସ ନ ଥିବାରୁ ଆସେ । ଜଣକର ଯଦି ବିଶ୍ୱାସ ଥାଏ, ଏପରିକି ନିଜ ଉପରେ କେବଳ ବିଶ୍ୱାସ ଥାଏ, ତେବେ ସେ ସବୁପ୍ରକାର ଅସୁବିଧାକୁ ସମ୍ମୁଖୀନ ହୋଇପାରେ, ସବୁପ୍ରକାର ବାଧାବିଘ୍ନ, ଏପରିକି ସବୁଠାରୁ ଗୁରୁତମ ବାଧାବିଘ୍ନମୟ ପରିସ୍ଥିତିକୁ ବି ସାମନା କରିପାରେ । ତା' ଭିତରେ ଆଦୌ ନିରୁତ୍ସାହ ବା ହତାଶା ଆସେ ନାହିଁ । ଶେଷ ପର୍ଯ୍ୟନ୍ତ ସେ ମଣିଷ ଭଳି ସଂଗ୍ରାମ କରେ । ଯେଉଁସବୁ ପ୍ରକୃତିରେ ବିଶ୍ୱାସର ଅଭାବ ଥାଏ, ସେଥିରେ ସହନଶୀଳତା ଓ ସାହସର ମଧ୍ୟ ଅଭାବ ଥାଏ ।

# ଅବସାଦର ଦୁଇଟି କାରଣ

ଦୁଇଟି କାରଣରୁ ଅବସାଦ ଆସିପାରେ : ହୁଏତ ତୁମର କୌଣସି ପ୍ରାଣିକ ବାସନା ଚରିତାର୍ଥ ହୋଇ ନାହିଁ କିଂବା ତୁମ ଶରୀରରେ ସ୍ନାୟୁମଣ୍ଡଳ ଖୁବ୍ କ୍ଳାନ୍ତ ହୋଇପଡ଼ିଛି । ଯେଉଁ ଅବସାଦ ଶାରୀରିକ କ୍ଳାନ୍ତିରୁ ଜାତ ହୋଇଥାଏ, ତାହା ଖୁବ୍ ସହଜରେ ଉପଶମ ହୋଇଯାଏ : ଟିକିଏ ବିଶ୍ରାମ ନିଅ – ବାସ୍ ଠିକ୍ ହୋଇଗଲା । ଟିକିଏ ବିଛଣା ଉପରେ ଶାନ୍ତ ଭାବରେ ଶୋଇପଡ଼ – ତା'ପରେ ଭଲ ଲାଗିଲେ ଉଠିପଡ଼ି କାର୍ଯ୍ୟରେ ଲାଗିପଡ଼ କିଂବା ବିଶ୍ରାମ ନିଅ – ସ୍ୱପ୍ନ ଦେଖ ପଡ଼ିରହ । ମଣିଷ ଭିତରେ ଖୁବ୍ ସହଜରେ ପ୍ରାଣିକ ବାସନାଗୁଡ଼ିକ ଚରିତାର୍ଥ ହେବା ଲାଗି ଜାଗି ଉଠନ୍ତି । ସେପରି କ୍ଷେତ୍ରରେ ତୁମେ ସେଗୁଡ଼ିକୁ ତୁମର ବିବେକ ଦ୍ୱାରା ସମ୍ମୁଖୀନ ହେବ । ତୁମ ଅବସାଦର ସେହି କାରଣଟିକୁ ପଦାକୁ ବାହାର କରିଆଣ । ତୁମ ପ୍ରାଣରେ କାହିଁକି ଅସନ୍ତୋଷ ଜାତ ହେଉଛି ସେହି କାରଣଟିକୁ ଖୋଜି ବାହାର କର । ତା'ପରେ ସିଧା ତାକୁ ଚାହିଁରହ ଏବଂ ନିଜକୁ ପଚାର – ''ଆଚ୍ଛା, ଯଦି ମୁଁ ଏହି ମୋର ପ୍ରାଣ ଚାହୁଁଥିବା ବାସନାଟିକୁ ଚରିତାର୍ଥ କରିବି, ତଦ୍ୱାରା ମୋ ଅନ୍ତରର ଯଥାର୍ଥ ଅଭୀପ୍ସା ଉପକୃତ ହେବ କି ? କିଂବା ମୁଁ ଗୋଟାଏ ସାଧାରଣ ସ୍ତରର ବା ନିମ୍ନସ୍ତରର ଗତିବୃତ୍ତିର ଶିକାର ହେବି ?'' ଏହା କଲାମାତ୍ରେ ସାଧାରଣତଃ ତୁମେ ବୁଝିପାରିବ ଯେ, ତୁମ ଅନ୍ତରର ଅଭୀପ୍ସା ସହିତ ଏହି ବାସନାର କିଛି ସମ୍ପର୍କ ନାହିଁ । ତା'ପରେ ତୁମ ପକ୍ଷରେ ସେହି ବାସନାକୁ ଅତିକ୍ରମ କରିଯିବା ସହଜ ହେବ । ତୁମର ମନରେ ପୁଣି ସାମ୍ୟାବସ୍ଥା ଆସିଯିବ । କିନ୍ତୁ ଏତିକିରେ ଯଦି ଯଥେଷ୍ଟ ନ ହୁଏ, ତା' ହେଲେ ତୁମ ଚୈତ୍ୟସତ୍ତାର ସଂସ୍ପର୍ଶରେ ଆସିବାଯାଏ ତୁମକୁ ଗଭୀରରୁ ଗଭୀରତର ସ୍ତର ପର୍ଯ୍ୟନ୍ତ ଯିବାକୁ ହେବ । ସେତେବେଳେ ତୁମ ପାଇଁ ଏକମାତ୍ର କାମ ହେଲା – ତୁମର ଅବସାଦମୂଳକ ପ୍ରତିକ୍ରିୟା ସହ ତୁମେ ତୁମର ଏହି ଚୈତ୍ୟସତ୍ତାକୁ ସଂଯୁକ୍ତ କରିଦେବ । ବର୍ତ୍ତମାନ ତୁମେ ସଙ୍ଗେ ସଙ୍ଗେ ଦେଖିବ ଯେ, ତୁମର ସେହି ଅବସାଦ କୁଆଡ଼େ ମିଳାଇ ଗଲାଣି ...

# ଦୁର୍ବଳତାର ଯୁକ୍ତି

ଗୋଟିଏ ଅଜ୍ଞାନକୁ ସଂଶୋଧନ କରିବା ଅର୍ଥ ଅନ୍ଧକାରକୁ ଦୂର କରିବା : ତୁମେ ଦୀପଟିଏ ଲଗାଇଦେଲ ଓ ଅନ୍ଧକାର କଟିଗଲା । କିନ୍ତୁ ଗୋଟିଏ ଭୁଲ୍‌କୁ ଭୁଲ୍ ବୋଲି ଜାଣି ସୁଦ୍ଧା, ପୁଣି ସେ ଭୁଲ୍‌କୁ କରିବସିବା ହେଲା, ସତେକି କେହି ଜଣେ ଦୀପଟିଏ ଲଗାଇ ଦେଇଥିଲେ ଓ ତୁମେ ଜାଣି ଜାଣି ଦୀପଟିକୁ ଲିଭାଇ ଦେଲ ... ଏହା ଦ୍ୱାରା ଅନ୍ଧାରକୁ ଜାଣି ଜାଣି ଫେରାଇ ଆଣିବା କଥାଟିହିଁ ହେଲା । ଏପରି କ୍ଷେତ୍ରରେ ଦୁର୍ବଳତାର ଦ୍ୱାହି ଦେବା ଅନୁଚିତ । ଏକଥା ନିଶ୍ଚିତ ଜାଣିରଖ ଯେ ତୁମେ ଯଦି ନିଜକୁ ସଂଶୋଧନ କରିବାକୁ ସ୍ଥିର କରି ସାରିଛ, ତେବେ ଈଶ୍ୱରଙ୍କ କୃପା ତୁମ ସହିତ **ସର୍ବଦା** ରହିଅଛି । ତୁମେ କହିପାରିବ ନାହିଁ ଯେ, ''ମୋର ନିଜକୁ ସଂଶୋଧନ କରିବାକୁ ବଳ ପାଉ ନାହିଁ । ମୁଁ ଭାରି ଦୁର୍ବଳ ।'' ଏ କ୍ଷେତ୍ରରେ ମୁଁ କହିବି ଯେ, ତୁମେ ପ୍ରକୃତରେ ନିଜକୁ ସଂଶୋଧନ କରିବା ଲାଗି ସିଦ୍ଧାନ୍ତ ନେଇ ନାହଁ । ତୁମ ସତ୍ତାର କୌଣସି ଗୋଟିଏ ଅଂଶରେ ଏପରି କିଛି ରହିଛି, ଯାହାକି, ଏହା କରିବାକୁ **ସ୍ଥିର ସିଦ୍ଧାନ୍ତ ନେଇପାରି ନାହିଁ** । ଏବଂ ଏହାହିଁ ଗୁରୁତର ବିଷୟ ।

ନିଜ ଦୁର୍ବଳତାକୁ ଦାୟୀ କରିବା ହେଉଛି ନିଜକୁ ନିର୍ଦୋଷ ସାବ୍ୟସ୍ତ କରିବାର ଏକ ଆଳ ମାତ୍ର । ଯେ କେହି ନିଜକୁ ସଂଶୋଧନ କରିବାର ସିଦ୍ଧାନ୍ତ ନିଏ, ତାକୁ ସର୍ବୋଚ୍ଚ ସାମର୍ଥ୍ୟ ଦେବା ପାଇଁ ଭଗବତ୍ କୃପା ରହିଛି ।

ଯେଉଁ ଅଜ୍ଞାନତାକୁ ଆଲୋକିତ କରିବାକୁ ହେବ ସେକ୍ଷେତ୍ରରେ ଯାହା ମୁଁ କହିଥିଲି, ଦୀପଟିଏ ଜାଳିଦିଅ । ଏହା ଯଥେଷ୍ଟ । ଜଣେ ଯେତେବେଳେ ଜାଣି ଜାଣି ଭୁଲ୍ ଓ ପତନକୁ ପୁନଃପ୍ରଶ୍ରୟ ଦେଉଛି ସେତେବେଳେ କର୍ତ୍ତବ୍ୟ ହେଲା ଚିଆଁଟିଏ ଦେବା ।

# ପ୍ରମାଦ ଭିତରକୁ ଖସି ପଡ଼ିବା

ଜଣେ ଗୋଟିଏ କଥାକୁ ଭୁଲ୍ ଓ ପ୍ରମାଦ ବୋଲି **ଜାଣିସାରି** ମଧ୍ୟ ଯେତେବେଳେ ପୁଣି ତା' ଭିତରକୁ ଖସିପଡ଼େ, ଭୁଲକୁ ଭୁଲ ବୋଲି **ଜାଣି** ମଧ୍ୟ, ଜଣେ ଯେତେବେଳେ ପୁଣି ସେଇ ଭୁଲଟିକୁ କରିବସେ ସେତେବେଳେ ମୋତେ ଅସମ୍ଭବ ଭାବେ ଆଶ୍ଚର୍ଯ୍ୟ ଲାଗେ ! ବହୁତ ଦିନ ହେଲା ମୁଁ ଏ ପୃଥିବୀକୁ ଆସିଲିଣି – ଆପେକ୍ଷିକ ଭାବରେ ଅବଶ୍ୟ – ମଣିଷର ବିଚାରରେ ସମୟର ମାପ ଅନୁଯାୟୀ ମୁଁ କହୁଛି, ବହୁତ ଦିନ ହେଲା ମୁଁ ଏ ପୃଥିବୀକୁ ଆସିଲିଣି, ତଥାପି ମୁଁ ଏ କଥାଟିକୁ ବୁଝିପାରୁ ନାହିଁ ଯେ, ଭୁଲ ବୋଲି ଜାଣି ମଧ୍ୟ ଜଣେ ପୁଣି ଆଉ ଥରେ କାହିଁକି ସେ ଭୁଲଟିକୁ କରିବସେ । ମୋତେ ଲାଗେ – ମୋତେ ଏହା ଖୁବ୍ ଅସମ୍ଭବ ବୋଲି ଲାଗେ । ଭୁଲ ଚିନ୍ତା ବା ଭାବନା, ଭୁଲ ପ୍ରବେଗ, ବାହ୍ୟ ଓ ଅନ୍ତରର ମିଥ୍ୟାଚାର, କୁତ୍ସିତତା, ଅତିନିମ୍ନଭୂମିର ବ୍ୟାପାରସବୁ – ଜଣେ ଯେତେବେଳେ ଏସବୁ କଥା କରି ପକାଏ ହୁଏତ ନ ଜାଣି ପାରି ଅଜ୍ଞାନ ଦୋଷରୁ କରିପକାଏ – ହଁ, ଏ ପୃଥିବୀରେ ଅଜ୍ଞାନ ଅଛି, ସେକଥା ସବୁ ବୁଝା ପଡୁଛି – ହଁ, ଜଣକର ସେସବୁ କରିବା ଅଭ୍ୟାସରେ ପଡ଼ିଯାଇଛି – କ'ଣ ହେବା ଉଚିତ ବା କ'ଣ କରିବା ଉଚିତ, ହୁଏତ ଏହା ତାକୁ ଜଣା ନାହିଁ । କିନ୍ତୁ ଯେଉଁ ମୁହୂର୍ତ୍ତରେ ଜ୍ଞାନ ଆସିଗଲା, ଆଲୋକ ଆସିଗଲା, ଯେତେବେଳେ ଜଣେ ପ୍ରକୃତ କଥା କ'ଣ ଦେଖିପାରିଲା, ସେତେବେଳେ ଭଲା ଜଣେ ପୁଣି କିପରି ସେଇ ଭ୍ରମ, ପ୍ରମାଦର ପାଲରେ ପଡ଼ିଯାଏ ? ସେଇ କଥାଟିକୁ ମୁଁ ବୁଝିପାରେ ନାହିଁ !

ତା'ହେଲେ ଜଣେ କେଉଁ ଉପାଦାନରେ ଗଢ଼ା ହୋଇଛି ? ସେମାନେ କ'ଣ ଛିଣ୍ଡା ମିଣ୍ଡା କନା ଆଉ ତୁଳାରେ ତିଆରି ? ମଣିଷ କ'ଣ 'ଜେଲି' ପାଲଟି ଯାଏ ?... ଏକଥା ବୁଝାଇ ହେବ ନାହିଁ । କିନ୍ତୁ ସେମାନଙ୍କ ଭିତରେ କ'ଣ କୌଣସି ଅନୁପ୍ରେରଣା ଜାଗି ଉଠେ ନାହିଁ, ସଂକଳ୍ପ ଜାଗି ଉଠେ ନାହିଁ, କିଛି ଜାଗି ଉଠେ ନାହିଁ, ମଣିଷର ଭିତରେ କ'ଣ କୌଣସି ଗତିଶୀଳତା ନାହିଁ ?

# ଜଣେ ଇଚ୍ଛାକରି ଦୁର୍ବଳ ହୋଇଥାଏ

କୌଣସି ଦୋଷ ଦୁର୍ବଳତା ହାତରେ ନିଜକୁ ଅସହାୟ ଭାବେ ଛାଡ଼ିଦେବା କିଂବା ତା' କବଳରେ ନ ପଡ଼ିବା ପାଇଁ ସଂକଳ୍ପ କରିବା – ଏ ଦୁଇଟି କଥାରୁ ଗୋଟିଏ କଥାକୁ ବାଛିନେବାରେ ଜଣକର ସ୍ୱାଧୀନତା ରହିଛି । ସବୁବେଳେ ତୁମ ପାଖକୁ ସେହି ଉଚିତ ମୁହୂର୍ତ୍ତଟି ଆସିଥାଏ, ଯେତେବେଳେ କି ତୁମେ ଏପଟ ବା ସେପଟ ପାଇଁ ସିଦ୍ଧାନ୍ତ ନେଇ ପାରିବ ।

... ସାଧାରଣ ବ୍ୟାପାରରେ ବି, ଉଦାହରଣ ସ୍ୱରୂପ – ତୁମେ ତୁମର ଗୋଟିଏ ପ୍ରବେଗ ହାତରେ କ୍ରୀଡ଼ନକ ହେବ ବା ତାକୁ ପ୍ରତ୍ୟାଖ୍ୟାନ କରିବ,... ଏଥିପାଇଁ ତୁମ ହାତରେ ଯଥେଷ୍ଟ ସମୟ ଥାଏ, ନିଶ୍ଚିତଭାବେ କେତୋଟି ମିନିଟ୍ ଅନ୍ତତଃ ତୁମ ହାତରେ ଥାଏ । ସେତିକିବେଳେ ତୁମେ ଦୁର୍ବଳ ଭାବେ ନିଜକୁ ସମର୍ପି ଦେବ (ଦୋଷ ଦୁର୍ବଳତା ପାଖରେ) କିଂବା ଏକ ସଂଯମକ ସଂକଳ୍ପକୁ ଦୃଢ଼ଭାବରେ ଧରି ରଖିବ । ଯଦି ତୁମର ସଂକଳ୍ପଟି ପରିଷ୍କାର ଥାଏ, ଯଦି ଏହା ସତ୍ୟ ଉପରେ ପ୍ରତିଷ୍ଠିତ ଥାଏ, ସତକୁ ସତ ଯଦି ଏହା ସତ୍ୟକୁ ମାନିବାକୁ ଚାହେଁ ଏବଂ ଏହା ଖୁବ୍ ପରିଷ୍କାର, ତେବେ କୌଣସି ମନ୍ଦଗତିବୃତ୍ତିକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ସେହି ସଂକଳ୍ପର ଯଥେଷ୍ଟ ସାମର୍ଥ୍ୟ ରହିବ । ତୁମେ ଯେତେବେଳେ କୁହ ଯେ, ''ମୁଁ ଏହା ପାରିଲି ନାହିଁ'' :– ସେତେବେଳେ ତୁମେ ଏକ ଆନନ୍ଦର ଆଶ୍ରୟ ନେଇଥାଅ । ଏହା ଆଦୌ ସତ ନୁହେଁ । ଏଥିରୁ ଏହାହିଁ ଜଣା ପଡୁଛି ଯେ, ତୁମେ ଠିକ୍ ମାର୍ଗରେ ତାହା କରିବାକୁ ଚାହିଁ ନାହଁ । କାରଣ, କୌଣସି କଥାକୁ ''ହଁ'' ବା ''ନାଁ'' କହିବା ପାଇଁ ତୁମର ଯଥେଷ୍ଟ ସ୍ୱାଧୀନତା ଅଛି ।  ତୁମେ ଦୁଇଟାରୁ ଗୋଟିଏ ସ୍ୱାଧୀନ ଭାବେ ନିଶ୍ଚୟ ନିର୍ବାଚନ କରିପାର । କିନ୍ତୁ ଜଣେ ଦୁର୍ବଳ ହେବାକୁ ବାଛି ନିଏ ଏବଂ ନିଜର ଦୁର୍ବଳତାକୁ ଘୋଡ଼ାଇବାକୁ ଯାଇ କହେ ଯେ – ''ଏହା ମୋର ଦୋଷ ନୁହଁ; କିନ୍ତୁ ସେହି ମନ୍ଦ ପ୍ରବୃତ୍ତିଟି ମୋ'ଠାରୁ ବଳୁଆ ପଡ଼ିଗଲା ।'' ଯଦି ସେହି ମନ୍ଦ ପ୍ରବୃତ୍ତିଟି ତୁମଠାରୁ ବଳଶାଳୀ ହୋଇଯାଉଛି, ତେବେ ସେ ଦୋଷ ନିଶ୍ଚିତଭାବେ ତୁମର । କାରଣ ତୁମର ଭାବିବା ଉଚିତ ଯେ ସେହି ପ୍ରବେଗଗୁଡ଼ିକ ତୁମେ ନୁହଁ, ତୁମେ ଗୋଟିଏ ସଚେତନ ଆତ୍ମା ଏବଂ ଏକ ବୁଦ୍ଧି-ଚାଳିତ ସଂକଳ୍ପ । ତୁମର କର୍ତ୍ତବ୍ୟ ହେଲା – ତୁମେ ସର୍ବଦା ସଚେତନ ରହିବ ଯେ ତୁମର ସଚେତନ ଅନ୍ତରାତ୍ମାହିଁ ତୁମକୁ ଶାସନ କରିବା ଉଚିତ । ତୁମର ନିମ୍ନ ପ୍ରକୃତିରୁ ଉଦ୍‌ଭୂତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡ଼ା ପୁତ୍ତଳିକା ହେବା ଉଚିତ ନୁହଁ ।

# ସଂକଳ୍ପକୁ କିପରି ଦୃଢ଼ କରିବ

ପ୍ରଶ୍ନ : ମା, ଜଣେ କିପରି ତା' ସଂକଳ୍ପକୁ ଦୃଢ଼ କରି ପାରିବ ?

ଉତ୍ତର : ଆଃ, ଜଣେ ଯେଭଳି ବିଧିବଦ୍ଧ ବ୍ୟାୟାମ ଦ୍ୱାରା ତା'ର ମାଂସପେଶୀକୁ ସୁଦୃଢ଼ କରେ, ଠିକ୍ ସେହିପରି । ତୁମେ ଗୋଟିଏ ଛୋଟିଆ ଜିନିଷ ନିଅ, ମନେକର ତୁମେ କିଛି ଗୋଟାଏ କରିବାକୁ ଚାହୁଁଛ ବା ନ କରିବାକୁ ଚାହୁଁଛ । ଗୋଟିଏ ଛୋଟିଆ କଥାରୁ ଆରମ୍ଭ କର, ଯାହାକି ତୁମ ସତ୍ତା ପାଇଁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇ ନ ଥିବ, କିନ୍ତୁ ଗୋଟାଏ ଛୋଟିଆ ବିଧିବଦ୍ଧ କାର୍ଯ୍ୟକ୍ରମ । ଉଦାହରଣ ସ୍ୱରୂପ, ଏହା ଗୋଟାଏ ଅଭ୍ୟାସର କଥା । ନିୟମିତ ଭାବେ ସମାନ ଗୁରୁତ୍ୱର ସହିତ ତୁମେ ସେ କଥାଟି ଉପରେ ଜୋର୍ ଦିଅ । ଦେଖ, ଏହା ତୁମେ କରିବାକୁ ଚାହୁଁଛ ବା ନ କରିବାକୁ ଚାହୁଁଛ – ତୁମେ ତାହା ଉପରେ ଜୋର ଦିଅ – ତୁମେ ଗୋଟାଏ ଓଜନିଆ ଜିନିଷ ଉଠାଇଲା ବେଳେ ନିଜକୁ ଯେପରି ବାଧ କର, ଏ କଥାରେ ବି ସେହିପରି ବାଧ କର । ଏଥିରେ ବି ତୁମକୁ ଏକାଭଳି ପ୍ରୟାସ କରିବାକୁ ପଡ଼ିଥାଏ । ଏ ପ୍ରୟାସଟି କିନ୍ତୁ ଶାରୀରିକ ନୁହେଁ, ଏହା ଏକ ଆନ୍ତର ପ୍ରଚେଷ୍ଟା । ଅଧିକନ୍ତୁ ଏହା ଏକ ଆନ୍ତର ପ୍ରଚେଷ୍ଟାର କଥା । ଏଇଭଳି ଛୋଟ ଛୋଟ ଜିନିଷକୁ ସାଧି ପାରିଲେ ସବୁକଥା କ୍ରମେ ସହଜ ହୋଇଯାଏ । ତୁମେ ଜାଣିରଖ ଯେ, ଏହିପ୍ରକାର ଅଭ୍ୟାସ କଲେ, ଏହିଭଳି ଛୋଟ ଛୋଟ କଥାରେ ତୁମର ସଫଳତା ଆସିଯାଏ, ତା'ପରେ ତୁମେ କ୍ରମଶଃ ବୃହତ୍ତର ଶକ୍ତି ସହିତ ମିଳିତ ହୋଇଯାଅ ଏବଂ ଆହୁରି ଜଟିଳ ପରୀକ୍ଷାରେ ପ୍ରୟାସ କରିବା ତୁମ ପକ୍ଷେ ସହଜ ହୋଇଯାଏ ଏବଂ କ୍ରମେ କ୍ରମେ ତୁମେ ଯଦି ଏହା କରି ଚାଲିଥାଅ, ଶେଷରେ ଦେଖିବ, ତୁମେ ଏକ ସ୍ୱାଧୀନ ଏବଂ ଶକ୍ତିଶାଳୀ ସଂକଳ୍ପ ଶକ୍ତିର ଅଧିକାରୀ ହୋଇଛ ।

# ସଂକଳ୍ପ କରିବାକୁ ଶିକ୍ଷାକର

କିପରି ସଂକଳ୍ପ କରିବାକୁ ହୁଏ, ତାହା ଶିକ୍ଷା କରିବା ହେଲା ଏକ ଗୁରୁତ୍ୱପୂର୍ଣ୍ଣ କଥା । ସତକୁସତ ସଂକଳ୍ପ କରିବାକୁ ହେଲେ ତୁମେ ତୁମର ସତ୍ତାକୁ ଏକତ୍ରିତ କରିବ । ବାସ୍ତବ କଥା ହେଲା – ତୁମେ ଯଦି ବ୍ୟକ୍ତିଟିଏ ହେବାକୁ ଚାହଁ – ତା'ହେଲେ ତୁମ ଭିତରର ସବୁ ସତ୍ତାଗୁଡ଼ିକୁ ତୁମକୁ ଏକତ୍ରିତ କରିବାକୁ ହେବ । ଯଦି ଜଣେ ବିପରୀତ ଗତି ଦ୍ୱାରା ପୂର୍ଣ୍ଣ ରୂପେ ଆକର୍ଷିତ ହେଉଥାଏ, ଯଦି ଜଣେ ନିଜ ସମ୍ବନ୍ଧେ ସଚେତନ ନ ହୋଇ ତା' ଜୀବନର ତିନି-ଚତୁର୍ଥାଂଶ ସମୟ ବଞ୍ଚି ଥାଏ, ଯଦି ସେ କ'ଣ ସବୁ କରୁଛି ସେସମ୍ବନ୍ଧେ ଜାଣି ପାରୁ ନ ଥାଏ, ତା'ହେଲେ ତାକୁ କ'ଣ ସତକୁ ସତ ଜଣେ ବ୍ୟକ୍ତି ବୋଲି କୁହାଯାଇ ପାରିବ ? ଏଭଳି ମଣିଷର ପ୍ରକୃତରେ ଅସ୍ତିତ୍ୱ ନ ଥାଏ । ଏଭଳି ମଣିଷ ନାନାଦି ପ୍ରଭାବ ଦ୍ୱାରା ଆନ୍ଦୋଳିତ ହେଉଥାଏ, ନାନାଦି ଶକ୍ତି ଦ୍ୱାରା ପରିଚାଳିତ ହେଉଥାଏ, ନାନାଦି କାଣ୍ଡକାରଖାନାରେ ମାତିଥାଏ, ନାନାଦି କ୍ରିୟା-ପ୍ରତିକ୍ରିୟାରେ ବିଚଳିତ ହେଉଥାଏ, କିନ୍ତୁ ସେ ଏକ ବ୍ୟକ୍ତିସତ୍ତା ଭାବେ ବଞ୍ଚୁ ନ ଥାଏ । ଯେତେବେଳେ ଜଣେ ସଂକଳ୍ପ କରିବାକୁ ଆରମ୍ଭ କରିବ, ସେତିକିବେଳେହିଁ ସେ ବ୍ୟକ୍ତିଟିଏ ହେବାକୁ ଆରମ୍ଭ କରିବ । ଏବଂ ଜଣେ ଯଦି ଏକତ୍ରିତ ନ ହୁଏ, ନିଜକୁ ସଂଗୃହୀତ ନ କରେ, ତେବେ ସେ କୌଣସିଥିରେ କିଛି ସଂକଳ୍ପ କରିପାରିବ ନାହିଁ ।

ଯେତେବେଳେ ତୁମେ ସଂକଳ୍ପ କରିବାକୁ ସକ୍ଷମ ହେବ, ସେତେବେଳେହିଁ ତୁମେ ଈଶ୍ୱରଙ୍କୁ କହି ପାରିବ – ''ହେ ପ୍ରଭୁ ! ତୁମେ ଯାହା ଚାହଁ, ମୁଁ ତାହାହିଁ ଚାହେଁ ।'' କିନ୍ତୁ ତା' ପୂର୍ବରୁ ନୁହେଁ । କାରଣ, ଭଗବାନ ଯାହା ଚାହାନ୍ତି ତୁମକୁ ତାହା ଚାହିଁବାକୁ ହେଲେ ତୁମର ଏକ ସଂକଳ୍ପ ରହିବା ଉଚିତ । ତା' ନ ହେଲେ ତୁମେ କେଉଁ କଥା ଲାଗି କିଛି ବି ସଂକଳ୍ପ କରିପାରିବ ନାହିଁ । ତୁମକୁ ତେବେ ଏହା ଚାହିଁବାକୁ ଭଲ ଲାଗିବ । ଖୁବ୍ ଭଲ ଲାଗିବ । ଭଗବାନ ଯାହା କରିବାକୁ ଚାହାନ୍ତି – ତାହାହିଁ ତୁମେ କରିବାକୁ ଚାହିଁବ ଓ ତାହାହିଁ ତୁମକୁ ଖୁବ୍ ଭଲ ଲାଗିବ । କିନ୍ତୁ ତୁମ ଭିତରେ ଯଦି ଏପରି ସଂକଳ୍ପଟିଏ ନ ଥାଏ ତେବେ ତୁମେ କିପରି ଭଲା ନିଜକୁ ଭଗବାନଙ୍କ ପାଖରେ ସମର୍ପି ଦେବ ? କିପରି ଭଲା ତାଙ୍କର ଆଜ୍ଞା ପାଳନ କରିବାକୁ ପ୍ରସ୍ତୁତ ହୋଇ ପାରିବ ?

# ହିଂସା ଓ କ୍ରୋଧ – ୧

ବିଦ୍ରୋହାତ୍ମକ ଉତ୍ତେଜନା, ହିଂସା ଓ କ୍ରୋଧ ଇତ୍ୟାଦି ହେଲା ସବୁବେଳେ ସର୍ବତୋଭାବେ ଦୁର୍ବଳତାର ଚିହ୍ନ । ଏବଂ ବିଶେଷତଃ, ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଯତ ହୋଇ ଏଣୁ ତେଣୁ ଗପିଯାଏ, ଯାହା ନ କହିବା ଉଚିତ ସେସବୁ କହି ପକାଏ, ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ – ମାନସିକ ଓ ପ୍ରାଣଗତ ଦୁର୍ବଳତା – ଭାରି ଭୟଙ୍କର କଥା କିନ୍ତୁ ...

ସାମାଜିକ ସମ୍ପର୍କଗୁଡ଼ିକ ଭିତରେ ଥାଏ ଏହିସବୁ ଦୁର୍ବଳତାଗୁଡ଼ିକ; ଖୁବ୍ ବଡ଼ ଦୁର୍ବଳତା ଏଗୁଡ଼ିକ, ଏବଂ ସେଇଥିପାଇଁହିଁ, ପ୍ରକୃତରେ ଜଣେ ରାଗିଉଠେ, ନିଜ ଉପରୁ ସଂଯମ ହରାଏ, ଏବଂ ଅନୁଚିତ କଥାସବୁ କହିଚାଲେ । ଜଣେ ଯଦି ଦୁର୍ବଳ ହୋଇ ନ ଥାଏ, ସେ କେବେ ବି ହିଂସ୍ର ହୋଇ ଉଠିବ ନାହିଁ । ଦୁର୍ବଳତା ଓ ହିଂସା, ଏ ଦୁହେଁଯାକ ଏକାଠି ଗତି କରନ୍ତି । ଯେ ପ୍ରକୃତରେ ଶକ୍ତିଶାଳୀ, ସେ କେବେ ବି ହିଂସ୍ର ହୁଏ ନାହିଁ । ଏ କଥାଟି ତୁମେ ସର୍ବଦା ମନେ ରଖିବ । ହିଂସା ହେଲା ତୁମ ସତ୍ତାର କୌଣସିନା କୌଣସି ଅଂଶରେ ଦୁର୍ବଳତା ରହିଥିବାର ସୂଚକ । ଅବଶ୍ୟ, ତୁମେ ଦେଖିବ ଯେ, ଜଣେ ତା'ର ମାଂସପେଶୀର ଶକ୍ତିରେ ଖୁବ୍ ବଳବାନ୍ ହୋଇଉଠିଛି ଏବଂ ତା' ବଳରେ ଆଉ ଜଣକୁ ତଳେ ଚିତ୍ କରି ଦେଉଛି, ଏବଂ କୁହାଯାଏ – ''ସେ ଭାରି ଶକ୍ତିଶାଳୀ !'' ଏହା କିନ୍ତୁ ଠିକ୍ ନୁହେଁ । ତା'ର ଶକ୍ତିଶାଳୀ ମାଂସପେଶୀ ଥାଇପାରେ, କିନ୍ତୁ ନୈତିକତା ଦୃଷ୍ଟିରୁ ସେ ଭାରି ଦୁର୍ବଳ । ତେଣୁ ସେ ଏକ୍ଷେତ୍ରରେ ସବଳ ହୋଇପାରେ କିନ୍ତୁ ଅନ୍ୟ କ୍ଷେତ୍ରଟିରେ ସେ ବେଶ୍ ଦୁର୍ବଳ । ସାଧାରଣତଃ ଏହାହିଁ ଘଟିଥାଏ ।

# ହିଂସା ଓ କ୍ରୋଧ – ୨

ପୃଥିବୀର ସବୁଯାକ ନିନ୍ଦା ତୁମକୁ ଶୁଣିବାକୁ ପଡ଼ିପାରେ, ଲୋକମାନେ ତୁମକୁ ଅପମାନ ଦେଇ ଯାବତୀୟ କଥା କହିପାରନ୍ତି; ତୁମେ ଯଦି ଦୁର୍ବଳ ହୋଇ ନ ଥିବ, ତେବେ ହୁଏତ ଏକଥା ଶୁଣି ତୁମେ ବାହ୍ୟତଃ ହସି ପାରିବ ନାହିଁ, କାରଣ, ସେପରି ହସିବା ହୁଏତ ସୁରୁଚିପୂର୍ଣ୍ଣ ଦେଖାଯାଇ ନ ପାରେ କିନ୍ତୁ ସତରେ ଯଦି ତୁମେ ଶକ୍ତିଶାଳୀ ଲୋକ ହୋଇଥାଅ, ତେବେ ତୁମେ ଭିତରେ ଭିତରେ ନିଶ୍ଚୟ ହସି ଉଠିବ । ସେସବୁ କୁତ୍ସା ଅପମାନ ତୁମକୁ କିଛି ସ୍ପର୍ଶ କରିବ ନାହିଁ ... ସରଳଭାବେ କହିଲେ, ଯେପରି ଏଠାରେ କୁହାଗଲା, ଯଦି ତୁମର ମନ ନିଜକୁ ଶାନ୍ତ ରଖିବାରେ ଅଭ୍ୟସ୍ତ ଥାଏ, ଏବଂ ଯଦି ତୁମେ ତୁମ ଭିତରେ ପ୍ରକୃତରେ ସତ୍ୟକୁ ଦେଖି ପାରୁଥିବ, ତେବେ କୌଣସି କଥା ତୁମ କାନରେ ପଶିବ ନାହିଁ । ତୁମ ଭିତରେ ସେଗୁଡ଼ିକ ସାମାନ୍ୟତମ ସ୍ପନ୍ଦନ ମଧ୍ୟ ଆଣିପାରିବ ନାହିଁ । ସବୁକିଛି ତୁମ ଭିତରେ ନୀରବ ନିଶ୍ଚଳ ହୋଇ ରହିଥିବ । ଏବଂ ଯେଉଁ ସାକ୍ଷୀ ଭାବରେ ରହିବା କଥା ଆମେ ଟିକିଏ ଆଗରୁ କହୁଥିଲୁ, ତାହା ଯଦି ଥାଏ ତେବେ ସେ ଏହି ଆମୋଦଦାୟକ ନାଟକକୁ ଦେଖି ନିଶ୍ଚୟ ହସିବ ।

କିନ୍ତୁ ଲୋକ ଅଛନ୍ତି ଯେଉଁମାନେ ନିଜର ସମସ୍ତ ହିଂସା ଓ କ୍ରୋଧକୁ ତୁମ ଉପରକୁ ଫୋପାଡୁଥାନ୍ତି, ତୁମେ ଯଦି ସେହି ସ୍ପନ୍ଦନ ତୁମ ପାଖକୁ ଆସୁଥିବାର ଅନୁଭବ କର ... ପ୍ରଥମେ ଏହା ଆସିଥାଏ ... ତା'ପରେ ହଠାତ୍ ତୁମେ ତାହା ଗ୍ରହଣ କରିନିଅ; ଏବଂ ତା'ପରେ ଯଦି ତୁମେ ଉତ୍ତେଜିତ ହୋଇପଡ଼ ତେବେ ନିଶ୍ଚିତ ହୁଅ ଯେ ସେ ଯେତିକି ଦୁର୍ବଳ ତୁମେ ମଧ୍ୟ ସେତିକି ଦୁର୍ବଳ ।

# ଅପମାନ ଆଗରେ ନିଶ୍ଚଳ ରୁହ

ମନେକର, କେହି ଜଣେ ତୁମକୁ ଅପମାନିତ କରୁଛି; ଯଦି, ଏହି ଅବସ୍ଥାରେ ତୁମେ ନିଶ୍ଚଳ ହୋଇ ରହିବ, (କେବଳ ବାହ୍ୟତଃ ନୁହେଁ, ଭିତରେ ମଧ୍ୟ) ଆଦୌ ହଲ୍‌ଚଲ୍ ହେବ ନାହିଁ, କେଉଁ ଭାବରେ ବି ବିଚଳିତ ହେବ ନାହିଁ, ସେତେବେଳେ ତୁମେ ଏକ ଶକ୍ତିରେ ପରିଣତ ହୋଇଗଲ, ସେହି ଶକ୍ତି ବିରୋଧରେ କେହି କିଛି କରି ପାରିବେ ନାହିଁ । ତା'ପରେ ତୁମେ କିଛି ମଧ୍ୟ ଉତ୍ତର ଦିଅ ନାହିଁ, କିଛିମାତ୍ର ପ୍ରତିକ୍ରିୟାର ଭାବଭଙ୍ଗୀ ଦେଖାଅ ନାହିଁ, ଗୋଟାଏ ଶବ୍ଦ ବି ଉଚ୍ଚାରଣ କର ନାହିଁ । ଏବେ ତୁମ ଉପରକୁ ଯେଉଁ ଅପମାନ ନିକ୍ଷିପ୍ତ କରାହେଲା, ତାହା ତୁମକୁ ଆଦୌ ସ୍ପର୍ଶ ବି କରୁ ନାହିଁ – ଭିତରେ କରୁ ନାହିଁ କି ବାହାରେ ବି କରୁ ନାହିଁ – ତୁମେ ତୁମର ହୃତ୍-ସ୍ପନ୍ଦନକୁ ପ୍ରଶାନ୍ତ ରଖ, ତୁମ ମୁଣ୍ଡ ଭିତରେ ଯାହାକିଛି ଚିନ୍ତା ବା ଭାବନା ଆସୁଥାଏ, ସେଗୁଡ଼ିକୁ ନିଶ୍ଚଳ ଓ ଶାନ୍ତ ରଖ, ସେଗୁଡ଼ିକୁ ଆଦୌ ଆନ୍ଦୋଳିତ କର ନାହିଁ, ତୁମର ମୁଣ୍ଡ ଭିତରୁ ଯେପରି ତଦ୍ରୂପ ସ୍ପନ୍ଦନସବୁ ପ୍ରତ୍ୟୁତ୍ତର ସ୍ୱରୂପ ସୃଷ୍ଟି ନ ହୁଏ । ଏବଂ ତୁମର ସ୍ନାୟୁଗୁଡ଼ିକ ଯେପରି ସମାନ ପ୍ରତ୍ୟୁତ୍ତର ସ୍ୱରୂପ କିଛି ଆଘାତ ଦେବା ଲାଗି ଉନ୍ମୁଖ ହୋଇ ନ ଉଠନ୍ତି, ଯଦି ତୁମେ ଏପରି ରହି ପାରିବ, ତା'ହେଲେ ଜଣାଯିବ ଯେ ତୁମର ଧୃତିଶକ୍ତି ରହିଛି ବା ଅପ୍ରତିହତ କ୍ଷମତା ରହିଛି । ଏବଂ ମନେରଖ, ଏହି ଶକ୍ତିର କ୍ଷମତା, ଅପମାନକୁ ଅପମାନ ଦେଇ ଶୁଝାଇ ଦେବାର ଶକ୍ତିର କ୍ଷମତାଠାରୁ ନିଶ୍ଚୟ ବହୁ ପରିମାଣରେ ଅଧିକ । ଆଘାତକୁ ଆଘାତ ଦେବାର ଶକ୍ତିଠାରୁ ଏବଂ ବିଦ୍ରୋହକୁ ବିଦ୍ରୋହ ଦ୍ୱାରା ସାବାଡ୍ କରି ଦେବାର ଶକ୍ତିଠାରୁ ମଧ୍ୟ ଏହା ନିଶ୍ଚୟ ଖୁବ୍ ଅଧିକ ।

# ଆଘାତ ଓ ଘୃଣା ମିଶ୍ରିତ କ୍ରୋଧ

ତୁମେ କେତେକ ବିଷୟ ଦ୍ୱାରା ଆଘାତ ପାଇପାର – ଅବଶ୍ୟ ତୁମ ବ୍ୟକ୍ତିଗତ କାରଣରୁ ନୁହେଁ – ଭଗବାନଙ୍କର ସେବା ପାଇଁ ତୁମର ସଦିଚ୍ଛା ଓ ଆଗ୍ରହ ହେତୁ ତୁମେ ଏଇ ଆଘାତ ପାଇପାର । ଯେତେବେଳେ ତୁମେ ଦେଖ, ଲୋକମାନେ ବଡ଼ କଦର୍ଯ୍ୟ ବ୍ୟବହାର କରୁଛନ୍ତି, ସ୍ୱାର୍ଥପର, ଅବିଶ୍ୱାସ ଓ ପ୍ରତାରକ ହୋଇ ଉଠୁଛନ୍ତି, ସେତେବେଳେ ତୁମକୁ ଖୁବ୍ ଆଘାତ ଲାଗେ । ଅବଶ୍ୟ ଏପରି ଗୋଟିଏ ଅବସ୍ଥା ତୁମ ପାଇଁ ଆସିପାରେ, ଯେତେବେଳେ ତୁମେ ଏସବୁର ଊର୍ଦ୍ଧ୍ୱକୁ ଉଠିଯିବ ଏବଂ ଏହି ମନୋବୃତ୍ତିଗୁଡ଼ିକୁ ତୁମ ଭିତରେ ଜାଗ୍ରତ ହେବା ଲାଗି ତୁମେ ଆଉ ଅନୁମତି ଦେବ ନାହିଁ । କିନ୍ତୁ ତଥାପି ସେତେବେଳେ ମଧ୍ୟ ତୁମେ ଗୋଟିଏ ସାଧାରଣ ଚେତନା ସହିତ ନିଜକୁ ଯୁକ୍ତ ରଖିଥାଅ । ଯେପର୍ଯ୍ୟନ୍ତ ତୁମେ ଏକ ସାଧାରଣ ମତାମତ, ସାଧାରଣ ଜୀବନ ଓ ଏକ ସାଧାରଣ ମାର୍ଗର ଚିନ୍ତା ସଙ୍ଗେ ନିଜକୁ ଯୁକ୍ତ ରଖିଥିବ, ସେପର୍ଯ୍ୟନ୍ତ ସେସବୁର ପ୍ରତିକ୍ରିୟା ତୁମ ଭିତରୁ ଯିବ ନାହିଁ । ସେଗୁଡ଼ିକ ତୁମ ସତ୍ତାର କେଉଁ ଗଭୀରରେ ଲାଗି ରହିଥିବ, ଏବଂ ତୁମେ ଯେଉଁ ଦିବ୍ୟଗୁଣଗୁଡ଼ିକ ଆୟତ୍ତ କରିବାକୁ ଚାହୁଁଛ, ଏଇ ପ୍ରତିକ୍ରିୟାଗୁଡ଼ିକ ତାହାର ବିପରୀତ । ଏହି ବିରୋଧଭାବ ତୁମ ଭିତରେ ସେପର୍ଯ୍ୟନ୍ତ ଥିବ ଯେପର୍ଯ୍ୟନ୍ତ ତୁମେ ଏହାର ଊର୍ଦ୍ଧ୍ୱକୁ ଉଠି ନ ଯାଇଛ । ତୁମେ ଏତକ ଜାଣି ରଖ ଯେ, ତୁମେ କୌଣସି ଗୁଣ ଓ ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହେଁ । ତୁମ ଭିତରେ ସଦ୍‌ଗୁଣଟିଏ ଥିବା ସଙ୍ଗେସଙ୍ଗେ ତା'ର ବିପରୀତ ଗୁଣଟି ମଧ୍ୟ ତୁମ ଭିତରେ ସର୍ବଦା ପ୍ରଚ୍ଛନ୍ନ ହୋଇ ରହିଥାଏ । ଏହା ତୁମ ଭିତରୁ ସେତିକିବେଳେ ଅନ୍ତର୍ହିତ ହେବ ଯେତେବେଳେ ତୁମେ ଗୁଣ ଓ ଦୋଷ ଉଭୟର ପ୍ରଭାବକୁ ଅତିକ୍ରମ କରିଯିବ ।

ତେଣୁ ତୁମେ ସଂପୂର୍ଣ୍ଣଭାବେ ଏସବୁର ଊର୍ଦ୍ଧ୍ୱକୁ ନ ଉଠିବା ପର୍ଯ୍ୟନ୍ତ ଏହିପ୍ରକାର ଘୃଣାମିଶ୍ରିତ କ୍ରୋଧ ଅନୁଭବ କରୁଥିବ । ଏତେବେଳ ପର୍ଯ୍ୟନ୍ତ ତୁମେ ସେଇ ଅବସ୍ଥାରେ ଅଛ, ଯେତେବେଳେ କି ତୁମେ ସେହି କଦର୍ଯ୍ୟ ଗୁଣଟିକୁ ସମର୍ଥନ କରୁ ନାହଁ, ଅଥଚ ତୁମେ ନିଜେ ମଧ୍ୟ ତୁମ ନିଜ ଭିତରୁ ସେଇ କଦର୍ଯ୍ୟ ଗୁଣଟିକୁ ଦୂର କରିପାରି ନାହଁ ।

# ଅନ୍ୟମାନେ ତୁମର ଦର୍ପଣ – ୧

ତୁମେ ଯେତେବେଳେ ଅନ୍ୟ କିଛି ଦୋଷ ଦେଖି୍ ବିରକ୍ତ ହୋଇଉଠ, ଯେଉଁଗୁଡ଼ିକକି ତୁମ ପାଇଁ ଅପ୍ରିୟ ଓ ହାସ୍ୟାସ୍ପଦ ଏବଂ ତାଚ୍ଛଲ୍ୟର ସହ କହିଥାଅ – ''ଛି, ଛି, ସେ ଲୋକଟା ଏପରି, ସେ ଏପରି ବ୍ୟବହାର କରେ, ସେ ଏମିତିଗୁଡ଼ାଏ କଥାକହେ, ସେ ଏମିତି ଗୁଡ଼େ କାମ କରେ''– ସେତେବେଳେ ବରଂ ତୁମେ ନିଜକୁ ସେହିପରି କହିବା ଉଚିତ – ''ଆଚ୍ଛା ଆଚ୍ଛା, ମୁଁ ବୋଧେ ସେହିପରି କାର୍ଯ୍ୟ କରୁଛି, କିନ୍ତୁ ସେକଥା ଜାଣିପାରୁ ନାହିଁ । ମୁଁ ବରଂ ଅନ୍ୟକୁ ସମାଲୋଚନା କରିବା ପୂର୍ବରୁ ନିଜେ ନିଶ୍ଚିତ ହେବା ପାଇଁ ନିଜ ଭିତରକୁ ପ୍ରଥମେ ଦେଖିବି, କାଳେ ମୁଁ ତା'ରି ଭଳି କାର୍ଯ୍ୟଟି  ଟିକିଏ ଭିନ୍ନ ପ୍ରକାରେ କରୁଥିବି ।'' ତୁମର ଯଦି ଭଲ ବୁଝିବା ଶକ୍ତି ଓ ତୀକ୍ଷ୍ଣ ବୁଦ୍ଧି ଥାଏ ତେବେ ଯେତେଥର ଅନ୍ୟର ବ୍ୟବହାରରେ ତୁମେ ଆଘାତ ପାଉଥାଅ ସେତେଥର ତୁମେ ବୁଝିପାରିବ ଯେ ଜୀବନରେ ଅନ୍ୟମାନଙ୍କ ସହ ସଂପର୍କଗୁଡ଼ିକ ହେଉଛି ଏକ ଦର୍ପଣପରି, ତାହା ତୁମକୁ ଦିଆଯାଇଛି ଯେଉଁଥିରେ ତୁମେ ସହଜରେ ପରିଷ୍କାର ରୂପେ ଦେଖିପାରିବ ଯେ ସେହିସବୁ ଦୋଷତ୍ରୁଟିଗୁଡ଼ିକ ତୁମ ନିଜଠାରେ ମଧ୍ୟ ରହିଛି ।

ସାଧାରଣତଃ ଓ ପ୍ରାୟ ପୂର୍ଣ୍ଣତଃ ଏହା ଏକ ସତ୍ୟ ଯେ ତୁମେ ଅନ୍ୟଠାରେ ଯେଉଁସବୁ ଦୋଷ ଦେଖି୍ ଆଘାତ ପାଉଛ ସେସବୁ ଦୋଷ ତୁମ ଭିତରେ ମଧ୍ୟ ରହିଛି – କିନ୍ତୁ ଟିକିଏ ଭିନ୍ନ ରୂପରେ । ଅଥବା ସେ ଦୋଷଗୁଡ଼ିକ ତୁମ ଭିତରେ ଘୋଡ଼େଇ ହୋଇ ରହିଛନ୍ତି – ଲୁଚିକରି ରହିଛନ୍ତି । ତେଣୁ ତୁମେ ତୁମ ନିଜ ବିଷୟରେ ନିଜ ଦ୍ୱାରାହିଁ ପ୍ରତାରିତ ହୋଇ ରହିଛ । ତୁମ ଭିତରେ ସେ ଦୋଷଟି ରହିଛି, କିନ୍ତୁ ତୁମେ ତାହା ଦ୍ୱାରା କିଛି ଆଘାତ ପାଉ ନାହଁ; ଅଥଚ ସେ ଦୋଷଟି ତୁମେ ଅନ୍ୟଠାରେ ଦେଖିଲା ମାତ୍ରେ ହଠାତ୍ ଉତ୍କ୍ଷିପ୍ତ ହୋଇ ଉଠୁଛ ।

# ଅନ୍ୟମାନେ ତୁମର ଦର୍ପଣ – ୨

ସବୁକଥାକୁ ଉଦାରତାର ସହିତ ସ୍ମିତହାସ୍ୟରେ ଦେଖ । ଯେଉଁସବୁ କଥା ତୁମକୁ ଉତ୍ୟକ୍ତ କରୁଛନ୍ତି, ସେଗୁଡ଼ିକୁ ଦେଖି ନିଜେ ଶିକ୍ଷାକର । ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇପାରିବ । କାରଣ ଯେଉଁ ପରିପୂର୍ଣ୍ଣତା ତୁମେ ଉପଲବ୍ଧି କରିବାକୁ ଚାହଁ, ତାହା ଅନ୍ୟଠାରେ ନାହିଁ ବୋଲି ଦେଖିଲା ମାତ୍ରେ ତୁମେ ଯେପରି ସବୁବେଳେ ବିରକ୍ତ ଓ ଉତ୍ୟକ୍ତ ହେଉଥାଅ, ସେଇଥିରେହିଁ ତୁମର ଅଧିକାଂଶ ଶକ୍ତି କ୍ଷୟ ହୋଇ ଯାଉଥାଏ ।

ଅନ୍ୟମାନେ ଯେଉଁ ପୂର୍ଣ୍ଣତା ଲାଭ କରିବା ଉଚିତ, ସେବିଷୟରେ ଚିନ୍ତା କରିବା ଏହି ମୁହୂର୍ତ୍ତରୁ ଛାଡ଼ିଦିଅ । ତୁମେ ନିଜେ ଯେଉଁ ଲକ୍ଷ୍ୟର ଅନୁସରଣ କରୁଛ ସେବିଷୟରେ ତୁମେ କ୍ୱଚିତ୍ ସଚେତନ । ଯଦି ତୁମେ ଏ ବିଷୟରେ ସଚେତନ ହୋଇଥାଅ, ତେବେ ତୁମକୁ ଯେଉଁ କାର୍ଯ୍ୟଟି ଦିଆଯାଇଛି, ତାହା ଆରମ୍ଭ କରିଦିଅ, ତା'ମାନେ, ତୁମର କର୍ତ୍ତବ୍ୟ କ'ଣ ତାହା ଉପଲବ୍ଧି କର ଏବଂ ଅନ୍ୟମାନେ କ'ଣ କରୁଛନ୍ତି, ସେ ସମ୍ବନ୍ଧେ ଚିନ୍ତା କର ନାହିଁ, କାରଣ, ତାହା ତୁମର କାର୍ଯ୍ୟ ନୁହେଁ । ସବୁଠାରୁ ଭଲ ମନୋଭାବ ହେଲା ସହଜ ଭାବରେ ନିଜକୁ ଏତିକି କୁହ : ''ଯେଉଁମାନେ ମୋର ଚାରିପଟେ ଅଛନ୍ତି, ଏବଂ ମୋ ଚାରିପଟେ ଯେଉଁସବୁ ପରିସ୍ଥିତି ରହିଛି, ମୋ ନିକଟରେ ବି ଯେଉଁମାନେ ଅଛନ୍ତି, ସେମାନେ ସମସ୍ତେ ମୋ ଆଗରେ ଦର୍ପଣ ପରି ଖଞ୍ଜା ଯାଇଛନ୍ତି । ଦିବ୍ୟଚେତନା ସେଗୁଡ଼ିକୁ ମୋର ଉନ୍ନତି ଲାଗି ମୋ ଆଗରେ ଖଞ୍ଜି ରଖିଛନ୍ତି । ସେଥିରେ ମୁଁ ମୋର କି ପ୍ରକାର ଅଗ୍ରଗତି ହେଉଛି, ତାହା ଭଲଭାବେ ଦେଖିପାରିବି । ଯେଉଁ କଥାଟି ଅନ୍ୟ ଭିତରେ ଦେଖି ମୁଁ ଆଘାତ ପାଉଛି, ସେଇ କଥାଟିକୁ ପ୍ରଥମେ ମୁଁ ମୋ ନିଜ ଭିତରେହିଁ ସାଧ କରିବି ।''

## ସବୁଦୋଷ ନିଜ ଭିତରେ

ଭାବ ନାହିଁ ଯେ ଦୋଷସବୁ ବାହାରୁ ଆସେ; ପ୍ରତ୍ୟେକଙ୍କ ଭିତରେ ଅନେକ ଦୋଷ ରହିଛି, ଆଉ କାହାଠାରୁ ଦୋଷ ଧାର୍ ଆଣିବା ଦରକାର ନାହିଁ । ପ୍ରକୃତରେ ଯଦି ଜଣଙ୍କ ଭିତରେ ଦୋଷ ନ ଥା'ନ୍ତା ତେବେ ସେ ଅନ୍ୟ ଭିତରେ ଥିବା ଦୋଷ ବିଷୟରେ ସଚେତନ ହୋଇ ପାରନ୍ତା ନାହିଁ । କାରଣ ହେଲା ସବୁଦୋଷର ମଞ୍ଜି ନିଜ ଭିତରେ ଅଛି, ଏବଂ ଜଣେ କେବଳ ସେଗୁଡ଼ିକର ସଂପର୍କରେ ଆସିଥାଏ । ଆମେ ଯେତେବେଳେ କହୁ ଯେ, ଲୋକଙ୍କ ଭିତରେ ଭୟଙ୍କର ପ୍ରବୃତ୍ତିର ଆବେଗସବୁ ଢେଉ ଭଳି ମାଡ଼ି ଚାଲିଛି, ଏବଂ ସେଗୁଡ଼ିକ ସେମାନଙ୍କ ଭିତରେ ସୃଷ୍ଟି ହେଉ ନାହିଁ, ସେମାନଙ୍କ ଭିତର ଦେଇ ଗତି କରୁଛି, ଏହା ସଂପୂର୍ଣ୍ଣ ସତ୍ୟ । କିନ୍ତୁ ଜଣେ ଯଦି ଏପରି ନିଜକୁ କିଳି ଦେଇଥିବ ଯେ, ତା' ଭିତର ଦେଇ କୌଣସି ଖରାପ ଉତ୍ତେଜନାର ଢେଉ ପଶିପାରିବ ନାହିଁ, ତେବେ ଶହ ଶହ ବର୍ଷ ଧରି ତା' ଚାରିପଟେ ସେଇ ଢେଉସବୁ ଉଠୁଥିବେ ପଡୁଥିବେ, କିନ୍ତୁ ସେ ସେଗୁଡ଼ିକୁ ଅନୁଭବ କରିପାରିବ ନାହିଁ । ସେ ଅବଶ୍ୟ ସେଗୁଡ଼ିକୁ ଦେଖୁଥିବ, ଜଣେ ଯେପରି ଘର ଭିତରେ ଥାଇ ଆକାଶରେ ଝଡ଼ଝଞ୍ଜାକୁ ଦେଖୁଥାଏ, ସେହିପରି ଦେଖୁଥାଏ, କିନ୍ତୁ ସେ ସେଗୁଡ଼ିକୁ ଆଦୌ ଅନୁଭବ କରିପାରିବ ନାହିଁ । ଯେତେବେଳେ ତୁମ ଭିତରର ସ୍ପନ୍ଦନସବୁ ବାହାରର ସ୍ପନ୍ଦନଗୁଡ଼ିକର ପ୍ରତ୍ୟୁତ୍ତରଦାୟୀ ହୋଇଉଠନ୍ତି, ତା'ର ଅର୍ଥ ସେହି ଦୋଷଗୁଡ଼ିକ ତୁମ ଭିତରେ ଅଛି । ତା' ନ ହେଲେ କୌଣସି ସ୍ପନ୍ଦନ ତୁମ ଭିତରେ ପ୍ରବେଶ କରି ପାରନ୍ତା ନାହିଁ ।...

କାହିଁକି ଗୋଟିଏ ଗତିବୃତ୍ତି, ଗୋଟିଏ ସ୍ପନ୍ଦନ, ଗୋଟିଏ ଶକ୍ତିଶାଳୀ ପ୍ରବେଗ ଜଣକ ଭିତରକୁ ସଂକ୍ରମିତ ହୁଏ ? ତା'ର କାରଣ ହେଲା, ସଂକ୍ରମଣର କାରଣ ତା' ଭିତରେ ରହିଛି ବୋଲି ।

# ଭଲ ହୁଅ, 'ଭଲ' ହେବା ପାଇଁ ଭଲ ହୁଅ

ତୁମେ ଏଭଳି ଗୋଟିଏ ଆଶାର କୁହୁକ ମନରେ ପୋଷଣ କର ନାହିଁ ଯେ ତୁମେ ସରଳ ପଥରେ ଗତି କରିବା ପାଇଁ ଚାହିଁଛ ବୋଲି, ତୁମେ ସତ୍ୟର ଅନ୍ୱେଷଣ କରୁଛ ବୋଲି, ଏକ ଉଦାର ଭାବ ପୋଷଣ କରୁଛ ବୋଲି, ଶୁଦ୍ଧତାର ଅନ୍ୱେଷଣ କରୁଛ ବୋଲି, ଅନ୍ୟ କଥାରେ ମନ ଦେଉନ ବୋଲି, ତୁମେ ଏକ ଏକାକୀ ସ୍ଥିତିରେ ରହିବାକୁ ଚାହୁଁଛ ଓ ତୁମର ସବୁକଥାରେ ସ୍ୱଷ୍ଟ ବିଚାର ଅଛି ବୋଲି ତୁମର ଗତିପଥ ସହଜ ହୋଇଯିବ... କିନ୍ତୁ ପ୍ରକୃତରେ ବିପରୀତ କଥାଟାହିଁ ଘଟେ ! ଯେତେବେଳେ ତୁମେ ବାହ୍ୟ ଓ ଆନ୍ତର ପୂର୍ଣ୍ଣତା ଦିଗରେ ଅଗ୍ରଗତି କରିବା ଆରମ୍ଭ କରିବ, ସେଇ ସମୟରୁହିଁ ସମସ୍ତ ପ୍ରକାର ବାଧାବିଘ୍ନ ଆରମ୍ଭ ହୋଇଯାଏ ।

ମୁଁ ଅନେକ ସମୟରେ ଲୋକଙ୍କଠାରୁ ଶୁଣିବାକୁ ପାଏ ଯେ, ''ଓହୋ, ମୁଁ ବର୍ତ୍ତମାନଠାରୁ ଭଲ ହେବାକୁ ଚେଷ୍ଟା କରୁଛି, ଅଥଚ ସମସ୍ତେ କିନ୍ତୁ ମୋତେ ଖରାପ ବୋଲି ମନେ କରୁଛନ୍ତି !'' ଏହାହିଁ ତୁମକୁ ନିର୍ଦ୍ଦିଷ୍ଟଭାବେ ଶିକ୍ଷା ଦିଏଯେ ଜଣେ କୌଣସି ଉଦ୍ଦେଶ୍ୟ ରଖି 'ଭଲ' ହେବାକୁ ଚେଷ୍ଟା କରିବା ଉଚିତ ନୁହେଁ । ଅନ୍ୟମାନେ ତୁମ ପ୍ରତି ଭଲ ହେବେ ବୋଲି ଯେ ତୁମେ ଭଲ ହେବ, ତାହା ନୁହେଁ । 'ଭଲ' ଲାଗି ତୁମକୁ ଭଲ ହେବାକୁ ହେବ ।

ସବୁବେଳେ ଏଇ ସମାନ ଶିକ୍ଷା : ଜଣେ ଯେତେ ଭଲ କରିପାରେ, ସେତେ କରିବ, କିନ୍ତୁ ଫଳରେ ଆଶା ନ ରଖି, ଫଳ ପାଇଁ କୌଣସି ଉଦ୍ଦେଶ୍ୟ ନ ରଖି । କୌଣସି ପୁରସ୍କାର ଆଶା ରଖି ଗୋଟିଏ ଭଲ କାର୍ଯ୍ୟ କରିବା ବା ଭଲ ହେବାକୁ ଜଣେ ଚାହିଁବା – କାରଣ ସେ ଭାବେ ଯେ ଏହା ଦ୍ୱାରା ତା'ର ଜୀବନଯାତ୍ରା ସହଜ ହେବ – ଏହି ମନୋଭାବଟି ଭଲ କାର୍ଯ୍ୟ କରିବାର ସମସ୍ତ ମର୍ଯ୍ୟାଦାକୁ ଛଡ଼ାଇ ନିଏ ।

# ନିଜ ପ୍ରତି ଅନୁକମ୍ପା ନିମ୍ନଗାମୀ କରେ

ଜଣେ ଯଦି ସର୍ବଦା ନିଜ ଉପରକୁ ଦୃଷ୍ଟି ପକାଉଥାଏ, ତା'ମାନେ ଯଦି ନିଜ ଉପରେହିଁ ଅନୁକମ୍ପା କରୁଥାଏ, ତେବେ ତାହା ତାକୁ ତଳକୁ ଖସାଇ ନିଏ । ଏଭଳି ବ୍ୟକ୍ତି ନିଜ ପ୍ରତି ଦୟା ଦେଖାଇ ସବୁବେଳେ ମନକୁ ମନ ବା ଅନ୍ୟ ଆଗରେ ଅଭିଯୋଗ ବାଢୁଥାଏ – ''କେହି ମୋତେ ବୁଝୁ ନାହାନ୍ତି, କେହି ମୋତେ ଭଲପାଉ ନାହାନ୍ତି, ଲୋକେ ଯେତିକି ଯେପରି ମୋତେ ଖାତିର କରିବା କଥା ସେତିକି କରୁ ନାହାନ୍ତି !'' ଇତ୍ୟାଦି ଇତ୍ୟାଦି, ଜଣେ ଏମିତି ନିଜ ସମ୍ବନ୍ଧେ କହି ଚାଲିଥାଏ ... ଏପରି ଅବସ୍ଥା ବଡ଼ ଭୟଙ୍କର, ଏହା ତୁମକୁ ଯେପରି ଏକ ଗର୍ତ୍ତ ମଧ୍ୟକୁ ତଳକୁ ତଳକୁ ଟାଣୁଥାଏ ।

ଏସବୁ କଥା ବହୁତ ପଛକୁ ପକାଇ ଦେଇ ଜଣେ ଆଗକୁ ଗତି କରିବା ଉଚିତ । ତା' ଫଳରେ ତୁମେ ବିଶ୍ୱସ୍ତତାର ଆନନ୍ଦ ଏବଂ ନିଜକୁ ଦେଇ ଦେବାର ଆନନ୍ଦ ପାଇପାରିବ । ଯେ ବିଶ୍ୱସ୍ତ ରହେ ଓ ନିଜକୁ ଦେଇ ଚାଲିଥାଏ ସେ କୌଣସି କଥାକୁ ଖାତିର କରେ ନାହିଁ । ନା – ଆଦୌ ନୁହେଁ, ଆଦୌ ଖାତିର କରେ ନାହିଁ । କୌଣସି ପ୍ରକାରେ ବି ଖାତିର କରେ ନାହିଁ । ତାକୁ କିଏ ଠିକ୍ ଭାବେ ଗ୍ରହଣ କରୁ ବା ନ କରୁ କିଂବା ତାକୁ ଉପଯୁକ୍ତ ପ୍ରତିଦାନ ମିଳୁ ବା ନ ମିଳୁ ତା'ର କେଉଁ କଥାକୁ ଖାତିର ନ ଥାଏ । ତୁମେ ଯେଉଁ କଥାଟି କରୁଛ, ସେଥିପାଇଁ କୌଣସି ପ୍ରତ୍ୟାଶା କର ନାହିଁ – କିଛି ବି ଚାହଁ ନାହିଁ । ଏହା ଯେ କୌଣସି କୃଚ୍ଛ୍ରସାଧନା ଦ୍ୱାରା କିଂବା ଉତ୍ସର୍ଗର ବୋଧ ଦ୍ୱାରା ହେବ ତାହା ନୁହେଁ, ଏହା ହେବ ବ୍ୟକ୍ତି ବାସ କରୁଥିବା ଚେତନାର ଏକ ସ୍ୱତଃସ୍ଫୂର୍ତ୍ତ ଆନନ୍ଦ ଦ୍ୱାରା । ତାହାହିଁ ଯଥେଷ୍ଟ । ଯାହାଠାରୁ ବି ହେଉ, ତୁମେ ଯାହା ଗ୍ରହଣ କରିପାରି ଥା'ନ୍ତ ତାହା ଅପେକ୍ଷା ଏହା ବହୁଗୁଣେ ଭଲ ।

# ଅଭିମାନରୁ ମୁକ୍ତ ହେବା – ୧

ପ୍ରଶ୍ନ : ଆମେ କିପରି ଅଭିମାନରୁ* ମୁକ୍ତ ହୋଇ ପାରିବୁ ?

ଉତ୍ତର : ଆଃ, କି ଚମତ୍କାର କଥା ! ସର୍ବପ୍ରଥମେ ଦେଖ ଏହା କିପରି ସଂପୂର୍ଣ୍ଣ କ୍ଷତିକାରକ : ଏହା ଭାରି ହୀନ ବସ୍ତୁ, କ୍ଷତିକାରକ; ଏବଂ ତା'ପରେ ଆଗକୁ ପାଦଟିଏ ପକାଇ ନିଜକୁ ସେହି ଅବସ୍ଥା ଆସିବା ପର୍ଯ୍ୟନ୍ତ ଧରି ରଖ ଯେପର୍ଯ୍ୟନ୍ତ ନିଜ କଥା ଭାବି ନିଜ ପ୍ରତି ବିଦ୍ରୁପର ଭାବ ନ ଆସିଛି, ତା'ପରେ ଦେଖିବ କେତେ ପରିମାଣରେ ତୁମେ ହାସ୍ୟାସ୍ପଦ । ତେବେ ଏହି ବାଟରେ ତୁମେ ଏଥିରୁ ମୁକ୍ତ ହୋଇ ପାରିବ । ଯେପର୍ଯ୍ୟନ୍ତ ତୁମେ ଅଭିମାନକୁ ଗୁରୁତ୍ୱ ଦେଉଥିବ, ଯେପର୍ଯ୍ୟନ୍ତ ଏହାର ଗତିବୃତ୍ତିର ଯାଥାର୍ଥ୍ୟ ପ୍ରତିପାଦନ କରୁଥିବ, ସେପର୍ଯ୍ୟନ୍ତ ମନ ମଧ୍ୟରେ କେଉଁଠି ଏକ ଧାରଣା ଥିବ, ''ଯାହାବି ହେଉ, ଏହା ଏକେବାରେ ସ୍ୱାଭାବିକ କଥା, ମୋ ପ୍ରତି ଦୁର୍ବ୍ୟବହାର କରାଯାଇଛି ଏବଂ ମୋତେ ହିଁ ସେହି ଦୁର୍ବ୍ୟବହାରକୁ ଭୋଗିବାକୁ ପଡୁଛି'', ତେବେ କଥା ସରିଗଲା, ଏହା କେବେବି ଯିବ ନାହିଁ । କିନ୍ତୁ ତୁମେ ଯଦି ବୁଝିବାକୁ ଆରମ୍ଭ କରିବ ଯେ ଏହା ଏକ ଦୁର୍ବଳତାର, ଏକ ହୀନମନ୍ୟତାର ଲକ୍ଷଣ– ସ୍ୱାଭାବିକ ରୂପେ ବୁଝାଯିବ ଯେ ଏହା ଏକ ମସ୍ତବଡ଼ ଅହଂକାରର,ଏକ ମାନସିକ ସଂକୀର୍ଣ୍ଣତାର ଏବଂ ସର୍ବୋପରି ଏକ କ୍ଷୁଦ୍ରାଶୟତାର, କ୍ଷୁଦ୍ର ହୃଦୟର ଲକ୍ଷଣ, ତେବେ ତୁମେ ଏହା ସହ ଯୁଦ୍ଧ କରିପାରିବ । କିନ୍ତୁ ତୁମର ଚିନ୍ତା ଏଥିସହ ଏକମତ ହେବା ଆବଶ୍ୟକ । ଯଦି ସେଠାରେ ଏକ ମନୋଭାବ ଥାଏ ଯେ : ''ମୁଁ ଆଘାତ ପାଇଛି, ମୋତେ କଷ୍ଟ ଲାଗୁଛି, ମୁଁ କଷ୍ଟ ପାଉଛି ବୋଲି ଦେଖାଇବାକୁ ଯାଉଛି'', ତେବେ ଏହା ସେହିପରି ରହିଥିବ ।

* ଆହତ ଗର୍ବ, ହୀନମନ୍ୟତା, କାରଣ – ଜଣେ ନିଜକୁ ଅସମ୍ମାନିତ ବୋଧ କରେ ।

## ଅଭିମାନରୁ ମୁକ୍ତ ହେବା – ୨

କେତେକ ଲୋକ ଅଛନ୍ତି, ଯେଉଁମାନେ ନିଜ ଭିତରେ ଗୋଟିଏ ପ୍ରତିହିଂସାର ମନୋଭାବ ପୋଷଣ କରିଥା'ନ୍ତି : ସେମାନେ କହନ୍ତି,''ମୋତେ ସମସ୍ତେ ଜଳେଇ ପୋଡ଼େଇ ମାରିଛନ୍ତି, ମୁଁ ବି ସମସ୍ତଙ୍କୁ ଜଳେଇ ପୋଡ଼େଇ ମାରିବି ।'' ଏହା ଅତ୍ୟନ୍ତ କୁତ୍ସିତ ମନୋଭାବ । ପ୍ରକୃତରେ ଲୋକମାନଙ୍କ ଦୃଷ୍ଟିରେ ଏହା ପଡ଼େ ଓ ଏପରି ମନୋଭାବ ଆଦୌ ରହିବା ଉଚିତ ନୁହେଁ, ଯଦିଓ ଏହାକୁ ରୋକିବା ସବୁବେଳେ ସହଜ ନୁହେଁ । ଏହା ଜଣାଇ ଦିଏ ଯେ, ତୁମ ପ୍ରକୃତିରେ ଅତ୍ୟନ୍ତ କ୍ଷୁଦ୍ରତା ରହିଛି । ଏଇ ମନୋଭାବ ଖୁବ୍ ଆବେଗମୂଳକ ହୋଇପାରେ, ଉତ୍ତେଜନାମୂଳକ ହୋଇପାରେ, ଏପରିକି ଗଭୀର ମଧ୍ୟ ହୋଇପାରେ । କିନ୍ତୁ ଏହା ଅତି କ୍ଷୁଦ୍ର ମନୋଭାବ । ଏହା ତୁମ ନିଜ ଉପରକୁ ଫେରିଆସେ । ସେ ଯାହା ହେଉ ଏହା ଅତ୍ୟନ୍ତ କ୍ଷୁଦ୍ରତା, ତୁମ ପ୍ରକୃତିର ଏହା ଏକ ଛୋଟପଣିଆ । ...

ଏପରି ମନୋଭାବ ଆସିଲେ ତୁମେ ତୁମର ବିଚାର ଶକ୍ତି ପ୍ରୟୋଗ କରିବ ଏବଂ ଏ ବିଷୟରେ ପ୍ରକୃତ ସତ କଥାଟି କହି ନିଜକୁ ବୁଝାଇବ । କଥାଟି ହେଲା – ଆମର ସତ୍ତାରେ ଯେଉଁ ଅହଂକାର ଲୁଚି ରହିଛି, ତାହାହିଁ ସବୁବେଳେ କଷ୍ଟ ପାଉଥାଏ । ଅହଂକାର ନ ଥିଲେ ଦୁଃଖ ମିଳନ୍ତା ନାହିଁ । ତୁମେ ଯଦି ଆଧ୍ୟାତ୍ମିକ ଜୀବନ ଚାହଁ, ତେବେ ତା'ର ଅହଂକାରରୁ ମୁକ୍ତ ହେବା ଉଚିତ । ଏପରି ଅବସ୍ଥାରେ ତୁମର ପ୍ରଥମ କରଣୀୟ ହେଲା – ତୁମେ ଯେଉଁ କଷ୍ଟ ଅନୁଭବ କରୁଛ, ତା'ର କାର୍ଯ୍ୟ-କାରଣକୁ ସିଧା ଭାବେ ଦେଖ । ତେବେ ତୁମେ ଦେଖିପାରିବ ଯେ, ପୂରାପୂରି ଏହା ଏକ କ୍ଷୁଦ୍ର ଅହଂରହିଁ ପ୍ରକାଶ । ତା'ପରେ ସେ ସ୍ଥାନକୁ ଓଳାଇ ସଫା କର । ପରିଷ୍କାର ଜାଗାଟିଏ କରି ରଖ, ନିଜକୁ କୁହ – ''ନା, ନା – ମୁଁ ଏ ମଇଳା ଚାହେଁ ନାହିଁ, ମୋ ଭିତରର ପ୍ରକୋଷ୍ଠଟିକୁ ସଫା କରିବାକୁ ଯାଉଛି ।''

# କେହି ଯଦି ତୁମକୁ ତାଚ୍ଛଲ୍ୟ କରେ

ଯେତେବେଳେ ଲୋକେ ବିଦ୍ୱେଷମୂଳକ ନିର୍ବୋଧତାରେ ତୁମ ବିରୋଧରେ କିଛି କହନ୍ତି, ତାହା ଶୁଣି ତୁମେ ଯଦି ଦୁଃଖିତ ହୋଇପଡୁଥାଅ, ବ୍ୟସ୍ତ ହୋଇ ପଡୁଥାଅ ଏପରିକି ନିରୁତ୍ସାହିତ ହୋଇପଡୁଥାଅ, ତାହାହେଲେ ତୁମେ ତୁମ ରାସ୍ତାରେ ଆଦୌ ଅଗ୍ରସର ହୋଇପାରିବ ନାହିଁ । ଏହିସବୁ ଜିନିଷ ତୁମ ପାଖକୁ ଆସେ କାହିଁକି ? ଭାବ ନାହିଁ ଯେ ତୁମେ ହତଭାଗ୍ୟ ବୋଲି କିଂବା ତୁମ ଭାଗ୍ୟରେ ସୁଖ ନାହିଁ ବୋଲି ତୁମକୁ ଏହା ଭୋଗିବାକୁ ପଡ଼େ । ଅନ୍ୟପକ୍ଷେ ଦିବ୍ୟ-ଚେତନା ଏବଂ ଦିବ୍ୟ କରୁଣା ତୁମର ଆଗକୁ ଯିବାର ସିଦ୍ଧାନ୍ତକୁ ଗୁରୁତ୍ୱ ଦେଇ ଗ୍ରହଣ କରନ୍ତି ଏବଂ ଏପରି ପରିସ୍ଥିତି ସୃଷ୍ଟି କରନ୍ତି, ଯାହା ତୁମ ପାଇଁ ଏକ କଷଟି ପଥର ତୁଲ୍ୟ ହୁଏ । ସେଇ କଷଟି ପଥରରେ ନିଜକୁ କଷି ତୁମେ ଜାଣିପାରିବ ଯେ, ତୁମର ସିଦ୍ଧାନ୍ତ ନିଷ୍ଠାପର କି ନୁହେଁ ଏବଂ ତୁମେ ସବୁପ୍ରକାର ବାଧା-ବିଘ୍ନକୁ ସମ୍ମୁଖୀନ ହେବା ଲାଗି ସମର୍ଥ କି ନୁହେଁ ।

ସେଥିପାଇଁ, କେହି ଯଦି ତୁମକୁ ତୁଚ୍ଛ-ତାଚ୍ଛଲ୍ୟ କରେ, କିଂବା ତୁମକୁ କିଛି ନିର୍ଦ୍ଦୟ କଥା କୁହେ, ତା'ହେଲେ ତୁମ ପକ୍ଷେ ପ୍ରଥମ କର୍ତ୍ତବ୍ୟ ହେଲା,– ନିଜ ଭିତରକୁ ଚାହଁ ଏବଂ ସେଠାରେ କିଛି ଦୁର୍ବଳତା ବା ଅପୂର୍ଣ୍ଣତା ଅଛି କି ନାହିଁ ଦେଖ, ଏବଂ ଯଦି କିଛି ଥାଏ, ତାହା ଦେଖି ଅଶାନ୍ତ ହୋଇପଡ଼ ନା, କ୍ରୁଦ୍ଧ ହୋଇପଡ଼ ନା କିଂବା ବିଚଳିତ ହୋଇପଡ଼ ନା – ଲୋକମାନେ ତୁମର ମୂଲ୍ୟକୁ ଅସ୍ୱୀକାର କରୁଛନ୍ତି ବୋଲି ମଧ ହତୋତ୍ସାହ ହୋଇପଡ଼ ନା । ଅନ୍ୟପକ୍ଷେ ତୁମେ ଈଶ୍ୱରଙ୍କ କୃପା ପାଖେ କୃତଜ୍ଞ ରୁହ ଯେ କୃପା ତୁମର ଦୁର୍ବଳତା, ଅପୂର୍ଣ୍ଣତା ଏବଂ ବିକୃତି ଆଦି ଯାହା କିଛି ଅଛି, ସେଗୁଡ଼ିକୁ ଦେଖାଇଦେଲା ଏବଂ ତୁମେ ଜାଣିପାରିଲ ଯେ ତୁମ ଭିତରୁ ଏଗୁଡ଼ିକ ସଂଶୋଧିତ ହେବା ଉଚିତ ।

## ଯୋଗ ପ୍ରଶଂସା ପାଇଁ ନୁହେଁ

ତୁମେ ଯଦି ଯୋଗମାର୍ଗ ଅନୁସରଣ କରି ଯୋଗାଭ୍ୟାସ କରିବାକୁ ଚାହଁ, ତାହା ପ୍ରଶଂସା ବା ସମ୍ମାନ ପାଇବା ଉଦ୍ଦେଶ୍ୟରେ କରିବା ଉଚିତ ନୁହେଁ । ତୁମ ସତ୍ତାର ଏଥିପାଇଁ ଅନିବାର୍ଯ୍ୟ ଆବଶ୍ୟକତା ଅଛି ବୋଲି ତୁମେ ଯୋଗ କରିବ, କାରଣ, ତା' ବ୍ୟତୀତ ଅନ୍ୟକୌଣସି ମାର୍ଗରେ ତୁମେ ସୁଖୀ ହୋଇ ପାରିବ ନାହିଁ । ଲୋକେ ତୁମକୁ ନିନ୍ଦା କି ପ୍ରଶଂସା କରନ୍ତି, ତୁମ ପାଇଁ ତା'ର କିଛି ଗୁରୁତ୍ୱ ଆଦୌ ନ ରହିବା ଉଚିତ । ତୁମେ ଏକଥା ନିଜକୁ ବୁଝାଇପାର ଯେ ସାଧାରଣ ଲୋକଙ୍କଠାରୁ ତୁମେ ଯେତିକି ଦୂରେଇ ଯିବ ବା ସାଧାରଣ ଜୀବନଚର୍ଯ୍ୟାଠାରୁ ତୁମେ ଯେତିକି ଅଲଗା ହୋଇଯିବ, ସେତିକି କମ୍ ଲୋକ ତୁମକୁ ବୁଝିପାରିବେ ବା ପସନ୍ଦ କରିବେ । ଏହା ଅତି ସ୍ୱାଭାବିକ କଥା କାରଣ ସେମାନେ ତୁମକୁ ବୁଝି ପାରିବେ ନାହିଁ । ମୁଁ ତୁମକୁ ପୁଣିଥରେ କହୁଛି ଯେ ଏହାର ଆଦୌ କୌଣସି ଗୁରୁତ୍ୱ ନାହିଁ ।

ପ୍ରକୃତ ନିଷ୍ଠା ହେଲା – ଯୋଗପଥରେ ଆଗେଇ ଚାଲିବା । କାରଣ, ତୁମ ପାଇଁ ଆଉ ଅନ୍ୟଗତି ନାହିଁ । ଦିବ୍ୟ-ଜୀବନ ପାଇଁ ନିଜକୁ ଉତ୍ସର୍ଗ କରିବା – କାରଣ ତୁମ ପାଇଁ ଅନ୍ୟଗତି ନାହିଁ । ତୁମର ସତ୍ତାକୁ ରୂପାନ୍ତର କରିବାକୁ ଓ ଆଲୋକ ମଧ୍ୟରେ ଉତ୍ତୀର୍ଣ୍ଣ ହେବାକୁ ତୁମେ ଚାହୁଁଛ, କାରଣ ଏହାଛଡ଼ା ତୁମର ଅନ୍ୟଗତି ନାହିଁ, କାରଣ ଏହାହିଁ ତୁମ ଜୀବନର ଉଦ୍ଦେଶ୍ୟ ।

ଯଦି ତୁମେ ଏହିପରି ଭାବେ ଗତି କରୁଥାଅ, ତାହାହେଲେ ନିଶ୍ଚିନ୍ତ ଥାଅ ଯେ, ତୁମେ ଠିକ୍ ବାଟରେ ଅଛ ।

# ନିଜର ଭଲପଣିଆ ଅନ୍ୟକୁ ଜଣାଇ ଲାଭ ନାହିଁ

ତୁମେ ଯେତେବେଳେ ସଂପୂର୍ଣ୍ଣ ନିଷ୍ଠାପର ଥାଅ, ସେତେବେଳେ ତୁମେ ତୁମ ସତ୍ତାର ଉଚ୍ଚତମ ଆଦର୍ଶ ସହିତ, ତୁମ ସତ୍ତାର ସତ୍ୟ ସହିତ ସଂଗତି ରକ୍ଷା କରି ଚଳିବା ପାଇଁ ଅବିରତ ଚେଷ୍ଟା କରୁଥାଅ । ପ୍ରତିମୁହୂର୍ତ୍ତରେ, ଯାହାକିଛି ତୁମେ ଚିନ୍ତା କର, ଯାହାକିଛି ତୁମେ ଅନୁଭବ କର ଓ ଯାହାକିଛି କାର୍ଯ୍ୟକର, ସବୁଥିରେ ଯଥାସମ୍ଭବ ନିର୍ଭୁଲ ଭାବରେ, ଯଥାସମ୍ଭବ ପରିପୂର୍ଣ୍ଣ ଭାବରେ ଚେଷ୍ଟା କରୁଥାଅ ତୁମର ଉଚ୍ଚତମ ଆଦର୍ଶ ସହିତ ନିଜର ସଂଗତି ରକ୍ଷା କରିବା ପାଇଁ କିଂବା ତୁମେ ଯଦି ଏ ବିଷୟରେ ସଚେତନ ଥାଅ ତୁମ ସତ୍ତାର ସତ୍ୟ ସହିତ ସଂଗତି ରକ୍ଷା କରିବା ପାଇଁ । ଏହା ଯଦି ହୁଏ ତେବେ ତୁମେ ପ୍ରକୃତ ଆନ୍ତରିକତା ଅର୍ଜନ କରିଛ ବୋଲି ବୁଝିବ । ଏବଂ ତୁମେ ଯଦି ତାହାହିଁ ହୋଇଥାଅ, ଯଦି ତୁମେ ତୁମର ଅହଂଚାଳିତ ଉଦ୍ଦେଶ୍ୟରେ ବା ବ୍ୟକ୍ତିଗତ କାରଣ ହେତୁ କରୁ ନ ଥାଅ, ଯଦି ତୁମେ ତୁମ ଭିତରର ସତ୍ୟ ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରୁଥାଅ, ତା'ମାନେ, ତୁମେ ଯଦି ସଂପୂର୍ଣ୍ଣ ଭାବେ ନିଷ୍ଠାପର ହୋଇଥାଅ, ତାହାହେଲେ ସାରା ପୃଥିବୀ ତୁମକୁ ନିନ୍ଦା କରୁ ବା ପ୍ରଶଂସା କରୁ ତୁମର ସେଥିରେ କିଛି ଯାଏ ଆସେ ନାହିଁ । ପରିପୂର୍ଣ୍ଣ ନିଷ୍ଠାର ଏହି ଅବସ୍ଥାରେ ତୁମକୁ ଅନ୍ୟ ଆଗରେ ଭଲ ବୋଲି ଦେଖେଇ ହେବାର କିଛି ପ୍ରୟୋଜନ ନାହିଁ, କାହାର ଅନୁମୋଦନ ଚାହିଁବା ମଧ୍ୟ ଦରକାର ନାହିଁ । କାରଣ, ତୁମର ସତ୍ୟ ଚେତନା ସହିତ ତୁମେ ସଂପୃକ୍ତ ହେଲେ ଅନ୍ତତଃ ଏଇ କଥାଟି ତୁମେ ନିଶ୍ଚିତ ଜାଣିପାରିବ ଯେ, ତୁମକୁ ଅନ୍ୟମାନେ କିଏ କେଉଁ ଦୃଷ୍ଟିରେ ଦେଖୁଛନ୍ତି, ସେଥିପ୍ରତି ତୁମର କୌଣସି ଖାତିର୍ ରହୁ ନାହିଁ ।

## ଉଦ୍ଧାରର ଏକମାତ୍ର ବାଟ – ୧

ତୁମ ପାଇଁ ଗୋଟିଏ ମାତ୍ର ବାଟ ଅଛି । ତାହାହେଲା ସମଗ୍ରଭାବେ, ସଂପୂର୍ଣ୍ଣ ଭାବେ, ବିନା ସର୍ତ୍ତରେ ପ୍ରଭୁଙ୍କ ପାଖେ ନିଜକୁ ସମର୍ପଣ କରିବା । ମୁଁ କହିବା ପାଇଁ ଚାହେଁ, କେବଳ ଯେ ତୁମେ ତୁମର ସକଳ କର୍ମ, ବୃତ୍ତି, ଅଭିଳାସ, ଆକାଙ୍କ୍ଷା ଇତ୍ୟାଦି ଅର୍ପଣ କରିଦେବ ଖାଲି ସେତିକି ନୁହେଁ, ତହିଁ ସଙ୍ଗେସଙ୍ଗେ ତୁମର ସକଳ ଅନୁଭବକୁ ମଧ୍ୟ ତାଙ୍କଠାରେ ଅର୍ପଣ କରିଦେବ, ଏହି ଅର୍ଥରେ ଯେ ତୁମେ ଯାହାସବୁ କରୁଛ, ତୁମେ ସ୍ୱୟଂ ଯାହା, ସେ ସମସ୍ତ କେବଳ ଭଗବାନଙ୍କ ନିମନ୍ତେହିଁ ଉଦ୍ଦିଷ୍ଟ । ତା'ହେଲେ ଯାଇ ତୁମେ ଅନୁଭବ କରିବ ଯେ ତୁମ ଚାରିଆଡ଼େ ଚାଲିଥିବା ମାନବିକ ପ୍ରତିକ୍ରିୟାଗୁଡ଼ିକର ଊର୍ଦ୍ଧ୍ୱରେ ତୁମେ ରହିଛ । କେବଳ ସେଗୁଡ଼ିକର ଊର୍ଦ୍ଧ୍ୱରେ ନୁହେଁ ପରନ୍ତୁ ଭଗବତ୍ କୃପାର ପ୍ରାଚୀର ତୁମକୁ ଘେରି ରହିଛି ଓ ସେସବୁରୁ ରକ୍ଷା କରୁଛି । ଥରେ ଯଦି ତୁମେ କାମନା ବାସନାରୁ ମୁକ୍ତ ହେବ, ଆସକ୍ତିରୁ ମୁକ୍ତ ହେବ ଏବଂ ମଣିଷମାନଙ୍କଠାରୁ, ସେମାନେ ଯିଏ ହୁଅନ୍ତୁନା କାହିଁକି – କୌଣସି ପ୍ରକାର ପୁରସ୍କାର ପାଇବାର ଆବଶ୍ୟକତାବୋଧକୁ ଥରେ ଯଦି ତ୍ୟାଗ କରିବ, ଯେତେବେଳେ ତୁମେ ଜାଣିବ ଯେ, ଯାହାକିଛି ତୁମକୁ ମିଳିବା କଥା, ତାହା ସେଇ ଈଶ୍ୱରହିଁ ଦେବେ, ଏବଂ ସେ କେବେ ନିରାଶ କରିବେ ନାହିଁ – ବାହାରର କୌଣସି ବ୍ୟକ୍ତି ବା ବସ୍ତୁ ସହିତ ଯେତେବେଳେ ତୁମେ ସବୁପ୍ରକାର ଆସକ୍ତି ତ୍ୟାଗ କରିବ, ସେତିକିବେଳେହିଁ ତୁମେ ଅନୁଭବ କରିବ ଯେ, ତୁମ ହୃଦୟରେ ସ୍ୱୟଂ ପରମ ବିରାଜମାନ ହୋଇ ରହିଛନ୍ତି, ସେତିକିବେଳେହିଁ ତୁମେ ଜାଣିପାରିବ ଯେ, ତାଙ୍କର ଶକ୍ତି, ତାଙ୍କର ପ୍ରେମ ଓ କରୁଣା ସର୍ବଦା ତୁମ ସଙ୍ଗେସଙ୍ଗେ ରହିଛି ।

ଏହାଛଡ଼ା ଆଉ କିଛି ଉପାୟ ନାହିଁ । ଏହାହିଁ ବ୍ୟକ୍ତିନିର୍ବିଶେଷରେ **ସମସ୍ତଙ୍କ ପାଇଁ** ଏକମାତ୍ର ବାଟ ।

# ଉଦ୍ଧାରର ଏକମାତ୍ର ବାଟ – ୨

ଯେଉଁମାନେ ଦୁଃଖ ଭୋଗନ୍ତି, ସେମାନଙ୍କ ସମ୍ବନ୍ଧେ ଗୋଟିଏ କଥା କୁହାଯିବ – ସବୁପ୍ରକାର ଦୁଃଖ ଭୋଗ ଜଣେଇଦିଏ ଯେ, ସମର୍ପଣ ସଂପୂର୍ଣ୍ଣ ନୁହେଁ । ତା'ପରେ, ଯେତେବେଳେ ତୁମେ ତୁମ ଭିତରେ ଚଟକଣିଟିଏ ଖାଇଲା ଭଳି ଅନୁଭବ କର, ସେତେବେଳେ ତୁମେ କହିବା ଉଚିତ ନୁହଁ ଯେ, ''ଓହୋଃ, ଏଇଟା ଖରାପ ବା ପରିସ୍ଥିତି ବଡ଼ କଷ୍ଟକର ।'' ତା' ବଦଳରେ ତୁମେ ବରଂ କୁହ ''ମୋ ସମର୍ପଣ ସଂପୂର୍ଣ୍ଣ ହୋଇ ନାହିଁ ।'' ତା'ପରେ ସବୁ ଠିକ୍ ହୋଇଯିବ । ତା'ପରେ ତୁମେ ଈଶ୍ୱରଙ୍କ କରୁଣା ଅନୁଭବ କରିଥାଅ । ତାହାହିଁ ତୁମକୁ ସାହାଯ୍ୟ କରେ ଓ ବାଟ କଢ଼େଇ ନେଇଥାଏ ଓ ତୁମେ ଆଗକୁ ଗତି କର । ତା'ପରେ ଦିନ ଆସିବ, ତୁମେ ଏପରି ଏକ ଶାନ୍ତି ଭିତରେ ଅବସ୍ଥାନ କରିବ, ଯାହାକୁ କିଛି ବ୍ୟାଘାତ କରିପାରିବ ନାହିଁ । ସେତେବେଳେ ସବୁପ୍ରକାର ବିରୁଦ୍ଧଶକ୍ତିକୁ, ବିରୁଦ୍ଧ ଗତିବୃତ୍ତିକୁ, ବିରୋଧୀ ଆକ୍ରମଣକୁ, ଭୁଲ ବୁଝାମଣାକୁ ଓ ସମସ୍ତ ଅସଦିଚ୍ଛାକୁ ସେଇ ଏକପ୍ରକାର ସ୍ମିତହାସ୍ୟର ସହ ଉତ୍ତର ଦେଇ ପାରିବ, ଯେଉଁ ସ୍ମିତ ହାସ୍ୟଟି ଭଗବାନଙ୍କ କୃପା ଉପରେ ସମ୍ପୂର୍ଣ୍ଣ ଆସ୍ଥା ଭିତରୁ ଆସିଥାଏ । ଏବଂ ଏହାହିଁ ଉଦ୍ଧାର ପାଇବାର **ଏକମାତ୍ର** ବାଟ**,** ଆଉ ଅନ୍ୟ ବାଟ ନାହିଁ ।

ଏହି ସଂସାର ହେଉଛି ଏକ ଦ୍ୱନ୍ଦ୍ୱସଂକୁଳ, ଯନ୍ତ୍ରଣାଦାୟକ, ନାନା ଅସୁବିଧାରେ ପରିପୂର୍ଣ୍ଣ ଏବଂ ନାନା ବାଧାବିଘ୍ନରେ ଆକ୍ରାନ୍ତ କଷ୍ଟଦାୟକ ସଂସାର । ଏହି ସଂସାର ଏହି ସବୁଥିରେ ତିଆରି ହୋଇଛି । ଏହା ଏପର୍ଯ୍ୟନ୍ତ ପରିବର୍ତ୍ତିତ ହୋଇ ନାହିଁ । ପରିବର୍ତ୍ତନ ହେବାକୁ (ପୂର୍ବରୁ) କିଛି ସମୟ ନେବ ଏବଂ ଏହା ଭିତରୁ ବାହାରି ଯିବା ପାଇଁ ପ୍ରତ୍ୟେକ ଲୋକର ନିଶ୍ଚୟ ସମ୍ଭାବନା ରହିଛି । ତୁମେ ଯଦି ପରମେଶ୍ୱରଙ୍କ କୃପା ଉପରେ ନିର୍ଭର କରିବ, ତେବେ ତାହାହିଁ ମୁକ୍ତି ପାଇବା ପାଇଁ **ଏକମାତ୍ର** ବାଟ ।

## ଉଦ୍ଧାରର ଏକମାତ୍ର ବାଟ – ୩

କେବେହେଲେ ଲୋକଙ୍କଠାରୁ ପ୍ରଶଂସା ବା ସମର୍ଥନ ଚାହଁ ନାହିଁ । କାରଣ, ସାଧାରଣ ଲୋକେ କୌଣସି ବିଷୟକୁ କେଉଁ ଭିତ୍ତିରେ ସମର୍ଥନ କରିବେ, ତାହା ଜାଣନ୍ତି ନାହିଁ । ଅଧିକନ୍ତୁ ଯଦି କୌଣସି କଥା ତାଙ୍କଠାରୁ ଅଧିକ ହେଲା, ତାହା ତାଙ୍କୁ ଭଲ ଲାଗେ ନାହିଁ ।

ପ୍ରଶ୍ନ : କିନ୍ତୁ ତେବେ କେଉଁଠାରୁ ସେ ଶକ୍ତି ମିଳିବ ?

ଉତ୍ତର : ତୁମ ନିଜ ଭିତରୁ । ଭଗବାନଙ୍କ ଉପସ୍ଥିତି ତୁମ ଭିତରେ ରହିଛି । ଏହା ତୁମରି ଭିତରେ ଅଛି । ତୁମେ ଏହା ବାହାରୁ ଆଶା କରୁଛ : ତୁମ ଭିତରକୁ ଦେଖ । ଏହା ତୁମ ଭିତରେ ଅଛି । ଭଗବାନଙ୍କ ଉପସ୍ଥିତି ତୁମ ଭିତରେ ରହିଛି । ତୁମେ ଶକ୍ତି ପାଇବ ବୋଲି ଅନ୍ୟମାନଙ୍କର ସମର୍ଥନ ଆଶା କରୁଛ । ତାହା ତୁମେ କେବେ ପାଇବ ନାହିଁ । ପ୍ରକୃତ ଶକ୍ତି ତୁମ ଭିତରେହିଁ ନିହିତ । ଯଦି ତୁମେ ଚାହଁ, ତେବେ ତୁମକୁ ଯାହା ପରମ ଲକ୍ଷ୍ୟ ବୋଲି ମନେ ହେଉଛି, ପରମ ଆଲୋକ ବୋଲି ମନେ ହେଉଛି, ଏବଂ ପରମ ଜ୍ଞାନ ବୋଲି ମନେ ହେଉଛି, ପରମ ପ୍ରେମ ବୋଲି ମନେ ହେଉଛି, ତାହାକୁ ଲାଭ କରିବା ପାଇଁ ଆସ୍ପୃହା କର । କିନ୍ତୁ ଏହା ତୁମ ଭିତରେହିଁ ଅଛି । ତା' ନ ହେଲେ ତୁମେ ସେଇ ପରମ ବସ୍ତୁ ସଙ୍ଗେ କେବେ ସଂପର୍କିତ ହୋଇପାରିବ ନାହିଁ । ନିଜ ଭିତରର ଗଭୀର ସ୍ତରକୁ ଯଦି ତୁମେ ଯାଅ, ତା'ହେଲେ ତୁମେ ସେଇଠାରେହିଁ ତାଙ୍କୁ ପାଇବ । ସେଇଠାରେହିଁ ଏକ ପ୍ରଜ୍ୱଳନ୍ତ ଶିଖା ଭଳି ଏହା ଊର୍ଦ୍ଧ୍ୱମୁଖୀ ହୋଇ ଜଳୁ ଅଛି ।

## ଉଦ୍ଧାରର ଏକମାତ୍ର ବାଟ – ୪

ତୁମ ଦୃଷ୍ଟି ସବୁବେଳେ ବାହାରକୁ ଥିବା ହେତୁ ତୁମେ ନିଜ ଭିତରେ ଭଗବାନଙ୍କ ଉପସ୍ଥିତି ଅନୁଭବ କରିପାରୁ ନାହଁ । କିନ୍ତୁ ଯଦି ସାହାଯ୍ୟ ପାଇବା ପାଇଁ ତୁମେ ବାହାରକୁ ନ ଚାହିଁ, ତୁମକୁ କ'ଣ କରିବାକୁ ହେବ ଏବଂ କିପରି କରିବାକୁ ହେବ ତାହା ଜାଣିବା ପାଇଁ ତୁମ ଅନ୍ତର ଭିତରେ ସେହି ଜ୍ଞାନମୟଙ୍କଠାରେ ଏକାଗ୍ର ହେବ ଏବଂ ପ୍ରାର୍ଥନା କରିବ, ଏବଂ ତୁମେ ସମଗ୍ର ଭାବେ ଯାହା, ପୂର୍ଣ୍ଣତା ପାଇବା ପାଇଁ ତୁମେ ଯାହା କରୁଛ ତାହା ମଧ୍ୟ ଯଦି ତୁମେ ଅର୍ପଣ କରିଦେଇ ପାର ତେବେ ତୁମେ ଅନୁଭବ କରିବ ଯେ ତାଙ୍କର ସାହାଯ୍ୟ ତୁମ ପାଖେ ପାଖେ ଅଛି – ସର୍ବଦା ତୁମକୁ ବାଟ ବତାଉଛି, ଏବଂ ଯଦି କିଛି ଅସୁବିଧା ଥାଏ, ତା'ହେଲେ ଅସୁବିଧା ସହ ଯୁଦ୍ଧ କରିବା ଅପେକ୍ଷା, ତୁମେ ସେଇ ପରମ-ଜ୍ଞାନ ସ୍ୱରୂପଙ୍କ ହାତରେ ଅସୁବିଧାଟିକୁ ଛାଡ଼ିଦିଅ । ତାହାହେଲେ ସେ ସେହି ଅସୁବିଧାଟିର କଥା ବୁଝିବେ । ଆମର ଯେତେ କିଛି ଅଶୁଭ ଇଚ୍ଛା, ଅବୁଝାମଣା ଏବଂ ସବୁପ୍ରକାର ମନ୍ଦ ବୁଝାମଣା ଓ ପ୍ରତିକ୍ରିୟା କଥା ମଧ୍ୟ ସେ ବୁଝିବେ । ତୁମେ ଯଦି ସଂପୂର୍ଣ୍ଣ ଭାବେ ସମର୍ପିତ ହୁଅ, ତାହାହେଲେ ଏହି ଅସୁବିଧାଗୁଡ଼ିକ ଆଉ ତୁମର ନିଜର ହୋଇ ରହିବ ନାହିଁ । ସେଗୁଡ଼ିକର ଯେ ଦାୟିତ୍ୱ ନେଇଛନ୍ତି, ସେ ସେକଥା ବୁଝିବେ ଏବଂ କ'ଣ କରିବାକୁ ହେବ, ସେକଥା ସେହିଁ ଠିକ୍ କରିବେ । କାରଣ, ସମସ୍ତଙ୍କ ଅପେକ୍ଷା ସେହିଁ କ'ଣ ଶ୍ରେୟଃ ତାହା ଜାଣନ୍ତି । ଏହାହିଁ ଏକମାତ୍ର ବାଟ, ପିଲାମାନେ ! ଏହାହିଁ ଏକମାତ୍ର ବାଟ ।

## ଅନ୍ୟ ଲୋକଙ୍କ ପ୍ରଭାବରୁ ମୁକ୍ତ ହେବା

ପ୍ରଶ୍ନ : ମଧୁମୟି ମା, ଅନ୍ୟଲୋକମାନଙ୍କ ପ୍ରଭାବରୁ ଆମେ କିପରି ମୁକ୍ତ ହେବୁ ?

ଉତ୍ତର : ଈଶ୍ୱରଙ୍କ ଉପରେ ଅଧିକରୁ ଅଧିକ ଏବଂ ସମଗ୍ର ଓ ସଂପୂର୍ଣ୍ଣଭାବେ ଏକାଗ୍ର ହେବା ଦ୍ୱାରା । ଯଦି ତୁମେ ତୁମର ସମସ୍ତ ନିଷ୍ଠା ସହିତ ଆସ୍ପୃହା କର, ଯଦି ତୁମେ କେବଳ ଈଶ୍ୱରଙ୍କ ପ୍ରଭାବକୁ ଗ୍ରହଣ କରିବାକୁ ଚାହଁ, ଯଦି ତୁମେ ସର୍ବଦା ନିଜକୁ ଆତ୍ମା ଆଡ଼କୁ ଆକର୍ଷିତ କରୁଥାଅ, ତେବେ, ଅନ୍ୟର ପ୍ରଭାବ ଦ୍ୱାରା ତୁମ ଭିତରେ ଯାହା ପ୍ରଭାବିତ ଓ ବଶୀଭୂତ ହୋଇଛି, ସେଗୁଡ଼ିକୁ ତୁମର ଇଚ୍ଛାଶକ୍ତି ଦ୍ୱାରା ଈଶ୍ୱରଙ୍କ ପ୍ରଭାବ ତଳେ ଥୋଇଦିଅ, ଦେଖିବ ଏହା କରିବାରେ ତୁମେ ସଫଳ ହେବ । ଅବଶ୍ୟ ଏହା ଦିନକର କାମ ନୁହେଁ – କିଂବା ଗୋଟିଏ ମୁହୂର୍ତ୍ତରେ ହୋଇଯିବ ନାହିଁ । ବହୁଦିନ ଧରି ଏପରିକି ବର୍ଷ ବର୍ଷ ଧରି ତୁମକୁ ଏ ସମ୍ବନ୍ଧେ ସତର୍କ ଓ ସକ୍ରିୟ ରହିବାକୁ ହେବ । କିନ୍ତୁ ଜଣେ ଏଥିରେ ସଫଳତା ଅର୍ଜନ କରିପାରେ ।

ପ୍ରଥମେ ସେଥିପାଇଁ ତୁମେ ଇଚ୍ଛା କରିବା ଉଚିତ ।

ସବୁକଥା ଲାଗି, ପ୍ରଥମେ ତୁମେ ବୁଝିବ, ସଂକଳ୍ପ କରିବ, ତା'ପରେ ଯାଇ ବିଷୟଟିକୁ ଅଭ୍ୟାସ କର – ଅଳ୍ପ ଅଳ୍ପ କରି ଅଭ୍ୟାସ କର ।

# ନିଜକୁ କେବଳ ଭଗବାନଙ୍କ ଆଡ଼କୁ ଖୋଲିଧର

ପ୍ରଶ୍ନ : ମଧୁମୟି ମା ! ''ଦିବ୍ୟଶକ୍ତି ଆଡ଼କୁ ନିଜକୁ ଅନନ୍ୟ ଭାବେ ଖୋଲି ଧରିବା'' କହିଲେ କ'ଣ ବୁଝାଯାଏ ?

ଉତ୍ତର : ନିଜକୁ ଖୋଲି ଧରିବା ମାନେ ହେଲା – ଗ୍ରହଣଶୀଳତା, ତା' ଅର୍ଥ, ଗ୍ରହଣ କରିବା ଲାଗି ଆମ ଭିତରର କବାଟକୁ ଖୋଲିଦେବା ବା ଖୋଲି ରଖିବା । ବର୍ତ୍ତମାନ ତୁମେ ଯଦି ସମସ୍ତଙ୍କ ପାଇଁ ସବୁ ଦିଗରୁ ତୁମର କବାଟଗୁଡ଼ିକୁ ଖୋଲି ରଖିବ, ତା'ହେଲେ ବଡ଼ ଗଣ୍ଡଗୋଳରେ ପଡ଼ିଯିବ । ତୁମେ କେବଳ ଭଗବାନଙ୍କ ଆଡ଼କୁ ତୁମ କବାଟଟି ଖୋଲି ରଖ – ତାଙ୍କରି ଶକ୍ତିକୁ ଗ୍ରହଣ କର ବା ସ୍ୱାଗତ କର । କିନ୍ତୁ ଲୋକେ ଠିକ୍ ଏହାର ବିପରୀତ କରିଥା'ନ୍ତି । ସେମାନେ ବାହାରେ କେବଳ ନିଜକୁ ଖୋଲି ରଖନ୍ତି । ଚାରିଆଡ଼ର ନାନାପ୍ରକାର ପ୍ରଭାବକୁ ସେମାନେ ଗ୍ରହଣ କରନ୍ତି । ଏବଂ ଏସବୁ ମିଶି ତାଙ୍କ ଭିତରେ ଗୋଟିଏ ଗୋଳମାଳିଆ ସ୍ଥାନ ସୃଷ୍ଟି ହୋଇଯାଏ (ମା' ହସିଲେ) । ସେ ସ୍ଥାନରେ ନାନାପ୍ରକାର ପରସ୍ପର ବିରୋଧୀ କଥାସବୁ ଜୁଟି ନାନାପ୍ରକାର ଅସୁବିଧା ସୃଷ୍ଟି କରନ୍ତି । ତେଣୁ ବର୍ତ୍ତମାନ ତୁମକୁ ଗୋଟିଏ ମାତ୍ର କଥା କୁହାଯାଉଛି ଯେ, ତୁମେ କେବଳ ଈଶ୍ୱରଙ୍କ ପାଇଁ ନିଜକୁ ଖୋଲି ଧରିବ, ଏବଂ କେବଳ ଈଶ୍ୱରଙ୍କ ଶକ୍ତିକୁହିଁ ଗ୍ରହଣ କରିବ, ଆଉ କେଉଁ ଶକ୍ତି ବା ପ୍ରଭାବକୁ ନିଜ ଭିତରକୁ ନେବ ନାହିଁ । ଏହା ଫଳରେ ତୁମ ଭିତରୁ ସବୁପ୍ରକାର ଅସୁବିଧା ସଂପୂର୍ଣ୍ଣ ଭାବେ ଦୂର ହୋଇଯିବ ।

# ନିଜ ଭିତରେ ପଛକୁ ପାଦେ ହଟି ଆସ

ସବୁବେଳେ ନିଜ ଭିତରେ ପଛକୁ ପାଦେ ହଟି ଆସିବାର ଅଭ୍ୟାସ ରଖିଥିବା ଉଚିତ – ନିଜ ଭିତରର ଗଭୀରତା ମଧ୍ୟକୁ ଯିବା ଶିକ୍ଷାକର, ଟିକେ ପଛକୁ ହଟି ଆସିବାର ଚେଷ୍ଟାକର, ତାହାହେଲେ ତୁମେ ନିରାପଦରେ ରହି ପାରିବ। ବାହ୍ୟଶକ୍ତିମାନଙ୍କ ହାତରେ ନିଜକୁ ଛାଡ଼ି ଦିଅନା । ବାହାର ପୃଥିବୀରେ ସେଇସବୁ ଶକ୍ତି ଓ ଅପଶକ୍ତିମାନେ ବୁଲୁଛନ୍ତି । ତୁମେ ଯେତେବେଳେ କୌଣସି କାର୍ଯ୍ୟ କରିବା ପାଇଁ ତ୍ୱରାନ୍ୱିତ ହେଉଥାଅ, ସେତେବେଳେ ଟିକେ ପଛକୁ ହଟିଆସ । ତା'ହେଲେ ତୁମେ ଆବିଷ୍କାର କରିବ ଯେ, କିପରି ଆଶ୍ଚର୍ଯ୍ୟଜନକ ଭାବେ ଅପେକ୍ଷାକୃତ ସହଜ, ଶୀଘ୍ର ଓ ସଫଳତାର ସହିତ ତୁମର ସେ କାର୍ଯ୍ୟ ହୋଇଯାଇଛି । ଯଦି ତୁମ ଉପରେ କେହି ଜଣେ ରାଗିଛି, ତାହାହେଲେ ତା' କ୍ରୋଧସ୍ପନ୍ଦନର ବଳୟ ଭିତରୁ ପଛକୁ ହଟିଆସ । ତା'ହେଲେ ଯାଇ ତା'ର କ୍ରୋଧ ପ୍ରଜ୍ୱଳିତ ହେବା ପାଇଁ କୌଣସି ସହାୟତା ବା ସହଯୋଗ ପାଇବ ନାହିଁ । ଫଳରେ ସେସବୁ ଆପଣାଛାଏଁ ଚାଲିଯିବ । ସର୍ବଦା ନିଜ ଭିତରେ ଶାନ୍ତି ରକ୍ଷା କର ଏବଂ ଏଇ ଶାନ୍ତି ଭଙ୍ଗ କରିବା ପାଇଁ କୌଣସି ଉତ୍ତେଜନାକୁ ପ୍ରଶ୍ରୟ ଦିଅ ନାହିଁ । ସାମାନ୍ୟ ପଛକୁ ହଟି ନ ଆସି କୌଣସି ବିଷୟ ସ୍ଥିର କର ନାହିଁ, ସାମାନ୍ୟ ପଛକୁ ଖସି ନ ଆସି ଗୋଟିଏ କିଛି ଶବ୍ଦ ଉଚ୍ଚାରଣ କର ନାହିଁ କିଂବା କୌଣସି କାର୍ଯ୍ୟ ମଧ୍ୟ କର ନାହିଁ । ସାଧାରଣ ପୃଥିବୀର ସବୁକିଛି ଅସ୍ଥାୟୀ ଓ ଅସାର । ତେଣୁ ସେସବୁ ବିଷୟ ନେଇ ଏତେ ବ୍ୟତିବ୍ୟସ୍ତ ହେବାର କିଛି ଅର୍ଥ ନାହିଁ... । ତୁମେ ଯେତେବେଳେ ସବୁ କଥାର ଆପେକ୍ଷିକତା ବୁଝିପାରିବ, ତା'ହେଲେ ଯାହାକିଛି ଘଟୁ ନା କାହିଁକି, ତୁମେ ସାମାନ୍ୟ ପଛକୁ ହଟି ଆସି ଘଟନାଟିକୁ ଦେଖିପାରିବ । ସେତିକିବେଳେହିଁ ତୁମ ନିଜ ଭିତରେ ଶାନ୍ତ ରହିପାରିବ ଏବଂ ଈଶ୍ୱରଙ୍କ ଶକ୍ତିକୁ ଆବାହନ କରିପାରିବ, ଈଶ୍ୱରଙ୍କଠାରୁ ଉତ୍ତର ପାଇବା ପାଇଁ ଅପେକ୍ଷା କରିପାରିବ । ସେତିକିବେଳେ ତୁମେ ବୁଝିପାରିବ ଯେ, ତୁମେ କ'ଣ କରିବା ଉଚିତ ।

# ପ୍ରତିକୂଳ ଶକ୍ତିମାନଙ୍କଠାରୁ ଆକ୍ରମଣ

ପ୍ରତିକୂଳ ଶକ୍ତିମାନଙ୍କର ଆକ୍ରମଣସବୁ ନିଶ୍ଚୟ ହେବ । ସେଗୁଡ଼ିକୁ ତୁମେ ତୁମ ସାଧନା-ପଥରେ ପରୀକ୍ଷାସ୍ୱରୂପ ନେବ ଏବଂ ତୁମକୁ ଖୁବ୍ ସାହସର ସହିତ ସେଇ ଅଗ୍ନିପରୀକ୍ଷା ଭିତରଦେଇ ଯିବାକୁ ହେବ । ସେମାନଙ୍କ ସହିତ ସଂଗ୍ରାମ ଖୁବ୍ କଷ୍ଟକର ହୋଇପାରେ, କିନ୍ତୁ ଯେତେବେଳେ ତୁମେ ସେମାନଙ୍କ ଦାଉରୁ ମୁକୁଳି ଆସିବ, ସେତେବେଳେ ଦେଖିବ ଯେ ତୁମର କିଛି ଲାଭ ହୋଇଛି, ତୁମେ ଗୋଟିଏ ପାଦ ଆଗକୁ ଗତି କରିଛ । ଏହି ବିରୋଧୀ ଶକ୍ତିମାନଙ୍କର ଅବସ୍ଥିତି ଆମମାନଙ୍କ ପାଇଁ ଆବଶ୍ୟକ ବୋଲି ମଧ୍ୟ ମନେ କରାଯାଇ ପାରେ । ସେମାନେ ତୁମର ସ୍ଥିରତାକୁ ଆହୁରି ଶକ୍ତିଶାଳୀ କରାନ୍ତି ଓ ତୁମର ଅଭୀପ୍ସାକୁ ସ୍ପଷ୍ଟତର କରାନ୍ତି ...

ସେ ଯାହାହେଉ, ଯେତେବେଳେ ସେମାନେ ତୁମକୁ ଆକ୍ରମଣ କରନ୍ତି, ସେତେବେଳେ ତୁମର ବିଙ୍କୋଚିତ ମନୋଭାବ ହେବା ଉଚିତ ଯେ, ସେମାନେ ବାହାରୁ ଆସିଛନ୍ତି । ସେତେବେଳେ ତୁମେ ନିଜକୁ କହିବ – ''ଏଗୁଡ଼ିକ ମୋ ଆତ୍ମାର ନୁହନ୍ତି, ଏବଂ ଏମାନଙ୍କ ସହିତ ମୋର କିଛି ସଂପର୍କ ନାହିଁ ।'' ତୁମର ନିମ୍ନପ୍ରବୃତ୍ତି, ପ୍ରବେଗ ଓ କାମନାଗୁଡ଼ିକ ସଙ୍ଗେ ଏବଂ ତୁମ ମନୋଭୂମିର ସବୁ ପ୍ରକାର ସନ୍ଦେହ, ସଂଶୟ ସଙ୍ଗେ ମଧ୍ୟ ତୁମେ ଏଇ ଭାବରେ ବ୍ୟବହାର କରିବ । ଯଦି ତୁମେ ସେମାନଙ୍କ ସହିତ ନିଜକୁ ଏକୀଭୂତ କରିଦିଅ – ତା'ହେଲେ ସେମାନଙ୍କ ସହ ଲଢ଼ିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇଉଠିବ । ସେତେବେଳେ ତୁମ ମଧ୍ୟରେ ଏପରି ଏକ ପରାସ୍ତ ମନୋଭାବ ଆସିବ ଯେ, ତୁମେ ଭାବିବ – ''ଆଃ, ମୋ ପ୍ରକୃତିକୁ ଜୟ କରିବା ଦୁଃସାଧ୍ୟ ଅଟେ ।'' କିନ୍ତୁ ତା' ବଦଳରେ ତୁମେ ଯଦି ନିଜକୁ କହିବ – ''ଏଗୁଡ଼ାକ ମୋ ନିଜର ନୁହନ୍ତି, କି ଏମାନଙ୍କ ସଙ୍ଗେ ମୋର କିଛି କାରବାର ନାହିଁ ।'' ଏହା ଦ୍ୱାରା ସେମାନଙ୍କୁ ଛିନ୍‌ଛତ୍ର କରିବା ଅଧିକ ସହଜ ହୁଏ ।

# ପ୍ରତିକୂଳ ଶକ୍ତିମାନଙ୍କ ଦ୍ୱାରା ଆକ୍ରମଣ

ଯେତେବେଳେ ତୁମେ ଗୋଟିଏ ବିରୋଧିଶକ୍ତି ଦ୍ୱାରା ଆକ୍ରାନ୍ତ ହେଉଛ, ସେତେବେଳେ ନିଜକୁ ଡାକି କହ, ''ହଁ, ଏହି ବିରୋଧୀ ଶକ୍ତିଟି ବାହାରୁ ଆସିଛି ଏବଂ ମୋତେ ଆକ୍ରମଣ କରୁଛି । କିନ୍ତୁ ମୋ ପ୍ରକୃତିରେ ଏପରି କିଛି ଅଛି, ଯାହାରକି ଏହା ସହିତ ସାମଞ୍ଜସ୍ୟ ଅଛି । ତା ନ ହେଲେ ସେ ମୋତେ ଆକ୍ରମଣ କରି ପାରନ୍ତା ନାହିଁ । ଆଚ୍ଛା, ମୁଁ ପ୍ରଥମେ ମୋ ଭିତରର ସେହି ସତ୍ତାଟିକୁ ଖୋଜି ବାହାର କରିବି । ତା'ପରେ ତାକୁ ମୋ ଭିତରୁ ବିଦା କରିଦେବି କିଂବା ତାକୁ ରୂପାନ୍ତରିତ କରିବି କିଂବା ଚେତନାର ଆଲୋକ ତା' ଉପରେ ପକାଇ ତାକୁ ସଚେତନ କରିଦେବି କିଂବା ତାକୁ ଚିରଦିନ ପାଇଁ ଫାଟକ ଡିଆଇଁ ବାହାର କରିଦେବି । ଯେପରିକି ସେ ଆଉ ମୋ ଭିତରକୁ ଆସି ଗୋଳମାଳ ନ କରେ... ।'' ତାହାହେଲେ ବର୍ତ୍ତମାନ ଏଥିରୁ ରକ୍ଷା ପାଇବା ପାଇଁ ବାଟଟିଏ ମିଳିଲା ନା ନାହିଁ ? ଯେତେବେଳେ ସେହି ବିରୋଧୀ ଶକ୍ତି ତୁମକୁ ଆକ୍ରମଣ କରିବାକୁ ଆସେ, ସେତେବେଳେ ତା' ସହିତ ସାମଞ୍ଜସ୍ୟ ଥିବା ତୁମ ଭିତରର କୌଣସି ସତ୍ତା ଉଚ୍ଛାଟ ହୋଇ ତାକୁ ଡାକି ଆଣେ । ସେମାନଙ୍କ ଭିତରେ ଏକ ପ୍ରକାର ମିଳନ ଘଟିଯାଏ । କିନ୍ତୁ ଯଦି ସେହି ସମୟରେ ତୁମେ ପୂରା ଅଭିଭୂତ ହୋଇ ନ ଯାଇ, ବା ଅଚାନକ ବିସ୍ମୟରେ ନିଜର ସତର୍କତା ନ ହରାଇ ଅତି ନିକଟରୁ ନିରୀକ୍ଷଣ କରିବ ତୁମ ଭିତରେ କ'ଣ ଏପରି ସ୍ପନ୍ଦନ ସୃଷ୍ଟି ହେଉଛି (ଏହା ଟାଟ୍, ଟାଟ୍, ଟାଟ୍ ଶବ୍ଦ କରୁଥାଏ, ବାହାରୁ ଆଉ ଏକ ଜିନିଷ ପଶି ଆସିଥାଏ) ତାହେଲେ ତୁମେ ଏହାକୁ ଠିକ୍ ଧରି ଦେଇ ପାରିବ । ତାକୁ ଧରିବା ସଙ୍ଗେ ସଙ୍ଗେ ତୁମେ କହିବ : ''ତୋ ବଂଧୁମାନଙ୍କ ସହ ତୁ ବାହାରି ଯା, ମୁଁ ଏଠାରେ ତୋତେ ଆଉ ଗୋଟାଏ ମୁହୂର୍ତ୍ତ ବି ଚାହେଁନା !''

# ବାହାଦୁରି ଦେଖାଇ ଛିଦ୍ର ସୃଷ୍ଟି କର ନାହିଁ

ମନୁଷ୍ୟମାନଙ୍କ ସହ ନିଜର ସମ୍ପର୍କରେ ବିରୋଧୀ ଶକ୍ତିମାନେ ସବୁବେଳେ ତୁମକୁ ପରୀକ୍ଷା କରି ଏକ ସଇତାନୀ ମଜା ପାଆନ୍ତି । ଉଦାହରଣ ସ୍ୱରୂପ, ତୁମେ ଯଦି ସେଇଭଳି ଶକ୍ତିଶାଳୀ ହୋଇ ନ ଥାଅ, କିଂବା ନିଷ୍ପାପର ହୋଇ ନ ଥାଅ, ଅଥଚ ପ୍ରକାଶ୍ୟରେ ବା ଅପ୍ରକାଶ୍ୟରେ ବାହାଦୁରି କାଢୁଥାଅ, ''ଆରେ ଯାଃ, ମୋ ବିଶ୍ୱାସକୁ କେହି ଟଳାଇ ପାରିବେ ନାହିଁ ।'' ତା' ହେଲେ ଦେଖିବ ଯେ, ସଙ୍ଗେ ସଙ୍ଗେ ଏମିତି କିଛି ଘଟିବ, ଯାହାକି ତୁମ ବିଶ୍ୱାସକୁ ସଂପୂର୍ଣ୍ଣ ଦୋହଲାଇ ଦେବ । ଖାଲି ଏଇ ଗୋଟିଏ ବିଷୟରେ ବାହାଦୁରି କାଢ଼ିବା କଥା କହୁନି । ତୁମେମାନେ ଅନେକ ବିଷୟରେ ବାହାଦୁରି କାଢ଼ିଥାଅ, ମୋର ମନେ ହୁଏ ବିରୋଧୀ ଶକ୍ତିମାନଙ୍କର ଏହା ଗୋଟିଏ ଖେଳ, ଗୋଟିଏ ମଜାର ବ୍ୟାପାର ।

ତୁମେ ଜାଣ, କେତେଥର ଏମିତି ଦେଖାଯାଇଛି, ଯେତେବେଳେ ଜଣେ ବାହାଦୁରି କାଢ଼େ ... ଏହା ଭାରି ପିଲାମି ହୋଇପାରେ ... କିନ୍ତୁ ଜଣେ ଯେତେବେଳେ କୌଣସି ବିଷୟରେ ବାହାଦୁରି କାଢ଼େ – ''ଓହୋଃ, ମୁଁ ମୋ ବିଷୟରେ ନିଶ୍ଚିନ୍ତ, ମୁଁ କେବେ ସେ ଭୁଲ୍ କରିବି ନାହିଁ'', ସଙ୍ଗେ ସଙ୍ଗେ ତୁମେ ଦେଖିବ, ଗୋଟିଏ ବିରୋଧୀ ଶକ୍ତି ସେଇ ବାଟ ଦେଇ ଯାଉଥାଏ, ଏବଂ ତୁମ ବାହାଦୁରି ଫଳରେ, ତୁମ ଚେତନାରେ ଯେଉଁ ଛିଦ୍ରଟିଏ ସୃଷ୍ଟି ହୋଇଥାଏ, ସେଇ ବିରୋଧୀ ଶକ୍ତିଟି ଚୁଟ୍ କରି ସେଇ ବାଟେ ପଶିଯାଏ ତୁମ ଭିତରକୁ, ଏବଂ କ୍ରମଶଃ ତୁମ ଚେତନା ଭିତରକୁ ଖେଦିଯାଏ ଓ ଶେଷରେ ତୁମେ ଏମିତି ଓଲଟା କାମ କରି ବସ ଯେ, ଯାହା ତୁମେ କେବେ କଳ୍ପନାହିଁ କରି ନ ଥିଲ । ଏଇଟା ବିରୋଧୀ ଶକ୍ତିମାନଙ୍କର ଗୋଟିଏ ମଜା ଖେଳ । ତୁମ ଚେତନାର ଅଗ୍ରଗତିରେ ତାହା କେବେ ସାହାଯ୍ୟ କରେ ନାହିଁ (ମା' ହସିଲେ) । କିନ୍ତୁ ତୁମେ ଯଦି ଏପରି ଦୁରବସ୍ଥାର କିଛି ସୁଯୋଗ ନେବା ପାଇଁ ଚାହଁ, ତା'ହେଲେ ଅଗ୍ରଗତି କରି ପାରିବ । ଯେତେବେଳେ ଏପରି ଘଟିଲା, ସେତେବେଳେ ଖୁବ୍ ସହଜ ଓ ସରଳ ଭାବେ ନିଜକୁ କୁହ, ''ଠିକ୍ ଅଛି, ଭବିଷ୍ୟତ୍‌ରେ ମୁଁ ଆଉ କେବେହେଲେ ଏପରି ଆତ୍ମବଡ଼ିମା କରିବି ନାହିଁ ।''

## ଭୟ ଏକ ଅଶୁଦ୍ଧତା

ଭୟ ବା ଆଶଙ୍କା କରିବା ହେଲା ଏକ ପ୍ରକାର ଅଶୁଦ୍ଧତା; ସମସ୍ତ ବଡ଼ ବଡ଼ ଅଶୁଦ୍ଧତା ଭିତରୁ ଏହା ଗୋଟିଏ । ପୃଥିବୀପୃଷ୍ଠରେ ଭଗବାନଙ୍କ କାର୍ଯ୍ୟଧାରାକୁ ନଷ୍ଟଭ୍ରଷ୍ଟ କରିଦେବା ପାଇଁ ଯେଉଁ ଭଗବତ୍ ବିରୋଧୀ ଶକ୍ତିଗୁଡ଼ିକ ଅଛନ୍ତି, ସେହିଠାରୁ ଏହା ସିଧା ଆସିଥାଏ । ଯେଉଁମାନେ ପ୍ରକୃତରେ ଯୋଗସାଧନା କରିବାକୁ ଚାହାନ୍ତି, ସେମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଲା – ସମସ୍ତ ଶକ୍ତି ଦେଇ, ସମସ୍ତ ନିଷ୍ଠା ଦେଇ ଯଥାସମ୍ଭବ ତିତିକ୍ଷାର ସହିତ ନିଜ ଚେତନାରୁ ଏହି ଭୟ-ଆଶଙ୍କାକୁ ଠେଲି ଫୋପାଡ଼ି ଦେବା – ଏପରିକି ଭୟର ଛାଇ ପର୍ଯ୍ୟନ୍ତ ରଖି ନ ଦେବା । ଏ ବାଟରେ ଚାଲିବାକୁ ହେଲେ ଜଣକୁ ଖୁବ୍ ନିର୍ଭୀକ ହେବାକୁ ପଡ଼ିବ । ନୀଚ, କ୍ଷୁଦ୍ର, ମଳିନ ଏବଂ କୁତ୍ସିତ ଭାବେ ନିଜ ଭିତରେ ସଂକୁଚିତ ହୋଇଯିବାହିଁ ଭୟ, ଏଥିରେ ଯେପରି କେହି ପଡ଼ିବା ଉଚିତ ନୁହେଁ ।

ଅପ୍ରତିହତ ସାହସ, ପରିପୂର୍ଣ୍ଣ ନିଷ୍ଠା, ଅକୁଣ୍ଠ ଆତ୍ମଦାନ ଏହି ପଥରେ ଚାଲିବା ପାଇଁ  ନିତାନ୍ତ ପ୍ରୟୋଜନ, ଯାହାଫଳରେ ଜଣେ ହିସାବ ବା ମୂଲଚାଲ୍ କରିବ ନାହିଁ, କିଛି ପାଇବାର ମନୋବୃତ୍ତି ରଖି ସେ ଆତ୍ମଦାନ କରେ ନାହିଁ, ସୁରକ୍ଷା ପାଇବାର ମନୋବୃତ୍ତି ନେଇ ସେ ବିଶ୍ୱାସ ସ୍ଥାପନ କରେ ନାହିଁ, ଏପରି ଆସ୍ଥା ରଖେ ନାହିଁ ଯାହାକି ପ୍ରମାଣ ଖୋଜୁଥିବ –  ନିର୍ଭୀକତା ହେଉଛି ଏପରି ଏକ ବସ୍ତୁ ଯାହାକି ଯୋଗମାର୍ଗରେ ଯାତ୍ରା କରିବା ନିମନ୍ତେ ଅପରିହାର୍ଯ୍ୟ, ଏବଂ ଏହାହିଁ କେବଳ ତୁମକୁ ସମସ୍ତ ବିପଦରୁ ପ୍ରକୃତରେ ଆଶ୍ରୟ ଦେଇ ପାରିବ ।

# ସବୁ ଭୟରୁ ମୁକ୍ତ ହୁଅ

ତୁମେ ଏଇ ଯୋଗରେ ପ୍ରବେଶ କରିବା କ୍ଷଣି ସବୁ ପ୍ରକାର ଭୟରୁ ମୁକ୍ତ ରହିବା ଉଚିତ । ମନର ଭୟ, ପ୍ରାଣର ଭୟ ଏବଂ ଶରୀରର ଭୟ – ଏସବୁ ଲୁଚି ରହିଛି ତୁମ ଜୀବକୋଷ ଭିତରେ । ଯୋଗମାର୍ଗରେ ତୁମେ ଯେଉଁ ଆଘାତ ଓ ଧକ୍କା ପାଇଥାଅ ତାହାର ଉପଯୋଗିତା ହେଉଛି ସମସ୍ତ ଭୟରୁ ମୁକ୍ତ ହେବା । ତୁମ ଭୟର କାରଣମାନ ବାରଂବାର ତୁମ ଉପରେ ଆସି ପଡୁଥାଏ – ଯେପର୍ଯ୍ୟନ୍ତ ତୁମେ ସେସବୁ ଆଗରେ ମୁକ୍ତ ଆଉ ନିର୍ଲିପ୍ତ ହୋଇ ଛିଡ଼ା ନ ହୋଇଛ, ଯେପର୍ଯ୍ୟନ୍ତ ତୁମେ ଭୟ ଦ୍ୱାରା ଅସ୍ପର୍ଶ୍ୟ ଓ ନିର୍ମଳ ନ ରହିଛ । କାହାର କାହାର ସମୁଦ୍ର ପ୍ରତି ଭୟ ରହିଛି, କାହାର ବା ନିଆଁକୁ ଭୟ ରହିଛି । ଏପରି କ୍ଷେତ୍ରରେ ଦେଖିବ ଯେ ତାକୁ ବାରଂବାର ଏହି ସମୁଦ୍ର ଓ ନିଆଁର ଭୟ ଭିତରେ ପଡ଼ିବାକୁ ହେଉଥିବ, ଯେପର୍ଯ୍ୟନ୍ତ ତା'ର ଗୋଟିଏ ସୁଦ୍ଧା ପ୍ରାଣକୋଷ ଭୟରୁ ମୁକ୍ତ ନ ହୋଇଛି । ତୁମେ ଲକ୍ଷ୍ୟ କରିବ ଯେ, ଯାହାକୁ ତୁମେ ଭୟ କରୁଛ, ସେହି ଭୟର କାରଣ ତୁମ ଜୀବନରେ ବାରଂବାର ଆସୁଥିବ, ଯେପର୍ଯ୍ୟନ୍ତ ତୁମେ ସେଥିରୁ ପୂର୍ଣ୍ଣ ମୁକ୍ତ ନ ହୋଇଛ । ଯେ ରୂପାନ୍ତର ଚାହୁଁଛି ବା ରୂପାନ୍ତର-ଯୋଗକୁ ଅନୁସରଣ କରିବାକୁ ଚାହୁଁଛି ସେ ଯେପରି ସଂପୂର୍ଣ୍ଣ ଭାବେ ନିର୍ଭୟ ହୁଏ । ତା' ପ୍ରକୃତିର କୌଣସି ସ୍ତରରେ ସେ ଯେପରି ଭୟାତୁର ନ ହୁଏ ବା ଭୟର କୌଣସି କାରଣ ଦ୍ୱାରା ସେ ଯେପରି ଦୋହଲି ନ ଯାଏ ।

# କେବେବି ଭୟଭୀତ ହୁଅ ନାହିଁ

ତୁମ ଆଖି ଆଗରେ ଯେତେ ଭୟଙ୍କର କୁତ୍ସିତ କଥା ପଡୁନା କାହିଁକି କେବେବି ଭୟଭୀତ ହୁଅ ନାହିଁ । ତୁମ ଭିତରେ କେବଳ ଯେ ଭୟ ରହିବ ନାହିଁ ତା' ନୁହେଁ, କୌଣସି ବିରକ୍ତି ବା ଅସହିଷ୍ଣୁତା ମଧ୍ୟ ରହିବ ନାହିଁ । କେବଳ ସଂପୂର୍ଣ୍ଣ ଏକ ନିଶ୍ଚଳତା – ଏବଂ ଚେଷ୍ଟା କର ସେତେବେଳେ ଯେତେଦୂର ସମ୍ଭବ ଶୁଦ୍ଧ ଏବଂ ପ୍ରଶାନ୍ତ ରହିବା ପାଇଁ । ତା'ପରେ ଯାହାକିଛି ଘଟୁନା କାହିଁକି : ହୋଇପାରେ ସେହି ଅହେତୁକୀ ଭୟଟି ତୁମେ ନିଜେ ଗଠନ କରିଛ କିଂବା ଏହା ଅନ୍ୟଠାରୁ ଆସିଛି, ହୋଇପାରେ ଏହା ଏକ ଆକ୍ରମଣ କିଂବା ଏକ କୁତ୍ସିତ ସ୍ଥାନ, ଯାହାକିଛି ହେଉନା କାହିଁକି – ସବୁକିଛି ଠିକ୍ ହୋଇଯିବ । କିନ୍ତୁ ସର୍ବୋପରି ତୁମକୁ ସବୁବେଳେ ନିଶ୍ଚଳ ଓ ପ୍ରଶାନ୍ତ ରହିବାକୁ ପଡ଼ିବ ଏବଂ ସବୁ ପ୍ରକାର ସମ୍ଭାବ୍ୟ ଭୟଠାରୁ ସୁରକ୍ଷିତ ରହିବାକୁ ପଡ଼ିବ । ବ୍ୟତିବ୍ୟସ୍ତ ହୋଇପଡ଼ ନାହିଁ, ସଙ୍କୁଚିତ ହୋଇଯାଅ ନାହିଁ । ସେପରି କିଛି ହୁଅ ନାହିଁ । କେବଳ ସଂପୂର୍ଣ୍ଣ ଶାନ୍ତ ରହିବ, ଏବଂ ସେହି ପ୍ରକାର ଭୟ-ଅନୁଭବଠାରୁ ପୃଥକ୍ ରହିବ । ତାହାହେଲେ କିଛି ମନ୍ଦ ଘଟିବ ନାହିଁ, ଆଦୌ ଘଟିବ ନାହିଁ । ଏପରିକି ଯଦି ଜଣେ ପ୍ରକୃତ ଶତ୍ରୁ ତୁମ ଉପରେ ଆକ୍ରମଣ କରିବାକୁ ଆସେ, ଏ ପରିସ୍ଥିତିରେ ସେ ଦୁର୍ବଳ ହୋଇଯାଏ ।

ସବୁ କ୍ଷେତ୍ରରେ, କୌଣସି ବ୍ୟତିକ୍ରମ ନ ଥାଇ ଯାହା କିଛି ଘଟୁ ନା କାହିଁକି, ନିଶ୍ଚଳ ଓ ପ୍ରଶାନ୍ତ ରୁହ – ଏକ ବିଶୁଦ୍ଧ ଶାନ୍ତି ଏବଂ ଈଶ୍ୱରଙ୍କ କରୁଣା ଉପରେ ସଂପୂର୍ଣ୍ଣ ବିଶ୍ୱାସ ଓ ନିର୍ଭରଶୀଳତା ରଖ । ଯଦି ଏହା ରଖିପାର, ତେବେ ନିଶ୍ଚିନ୍ତ ଥାଅ ଯେ, ତୁମର କିଛି ବିପଦ ଘଟିବ ନାହିଁ ।

# ଭୟ : ବିଶ୍ୱାସର ଅଭାବ

ପ୍ରଶ୍ନ : ଜଣେ କାହିଁକି ଭୟଭୀତ ହୁଏ ?

ଉତ୍ତର : ମୁଁ ଭାବୁଛି – ଜଣେ ଅହଂକାରୀ ବୋଲି ।

ଏହାର ତିନୋଟି କାରଣ ଅଛି । ପ୍ରଥମେ ଜଣେ ନିଜର ନିରାପତ୍ତା ବିଷୟରେ ଅତ୍ୟଧିକ ବ୍ୟାକୁଳ ହେବା । ଆଉ ଏକ କାରଣ ହେଲା ଯେଉଁ ବିଷୟରେ ବା ଯାହା ବିଷୟରେ ଜଣେ କିଛି ଜାଣି ନ ଥାଏ ସେ ସମ୍ପର୍କରେ ତାହାର ଏକ ଅସ୍ୱସ୍ତି ଭାବ ଜାତ ହୁଏ, ସେହି ଅସ୍ୱସ୍ତି ଭାବଟାହିଁ ଚେତନାରେ ଭୟ ରୂପ ଧରି ଆସେ । ସର୍ବୋପରି ଜଣକର ଭଗବାନଙ୍କ ଉପରେ ସ୍ୱତଃସ୍ଫୂର୍ତ୍ତ ଭାବେ ଆଶ୍ରିତର ବିଶ୍ୱାସ ବା ନିର୍ଭରଶୀଳତା ରଖିବାର ଅଭ୍ୟାସ ନ ଥାଏ । ତୁମେ ଯଦି ସବୁକଥାକୁ ଗଭୀର ଭାବେ ବିଶ୍ଳେଷଣ କରିବ, ତାହାହେଲେ ଏହାହିଁ ପ୍ରକୃତ କାରଣ । ଏପରି ଲୋକ ଅଛନ୍ତି – ଯେଉଁମାନେ ଜାଣନ୍ତି ନାହିଁ ଯେ ଏପରି ବିଶ୍ୱାସ ଅଛି ବୋଲି । ତାହାହେଲେ ସେମାନଙ୍କୁ କହିବା ଉଚିତ, ‘‘ତୁମ ନିୟତି ଉପରେ ତୁମର ବିଶ୍ୱାସ ନାହିଁ’’ କିଂବା ‘‘ଈଶ୍ୱରଙ୍କ କରୁଣା ଉପରେ ବିଶ୍ୱାସ ନାହିଁ’’ । କିଂବା ଯେଉଁ ପ୍ରକାରେ ତୁମକୁ ଭଲ ଲାଗୁଛି କୁହ, କିନ୍ତୁ ବିଷୟଟିର ମୂଳ ହେଲା – ଆଶ୍ରିତର ନିର୍ଭରଶୀଳ ବିଶ୍ୱାସର ଅଭାବ । ଜଣେ ଯଦି ଏତିକି ଭାବିବ ଯେ, ସକଳ ପରିସ୍ଥିତିରେ ଯାହା ସର୍ବୋତ୍ତମ ତାହାହିଁ ଘଟୁଛି, ତାହାହେଲେ ଜଣେ ଆଦୌ ଭୟଭୀତ ହେବ ନାହିଁ ।

# ଭୟକୁ ଜୟ କରିବା

ଯାହା ସଜ୍ଞାନ ତା'ର ଭୟ ନାହିଁ । ଯାହା ସଂପୂର୍ଣ୍ଣ ଭାବେ ଜାଗ୍ରତ, ସଚେତନ ଏବଂ ସତକୁ ସତ ଜାଣିଛି ତା'ର ଭୟ ନାହିଁ । ଯାହା କିଛି ଅନ୍ଧକାର, ସବୁବେଳେ ତାହାହିଁ ଭୟତ୍ରସ୍ତ ।

ଭୟକୁ ଜୟ କରିବାର ସର୍ବୋତ୍ତମ ଉପାୟ ହେଲା – ତୁମେ ଯାହାକୁ ଭୟ କରୁଛ, ତାହାକୁ ସାହସର ସହିତ ସମ୍ମୁଖୀନ ହୁଅ । ଯେଉଁ ବିପଦକୁ ତୁମେ ଭୟ କରୁଛ, ତା' ସହିତ ମୁହାଁମୁହିଁ ହେଲେ ଭୟ ରହିବ ନାହିଁ । ଭୟ ଚାଲିଯିବ । ଯୋଗ ଦୃଷ୍ଟିରୁ ବା ସାଧନାର ଶୃଙ୍ଖଳା ଦୃଷ୍ଟିରୁ ଏହାହିଁ ଉପାୟ । ପ୍ରାଚୀନ ଧାର୍ମିକ ଦୀକ୍ଷାରେ, ବିଶେଷତଃ ଇଜିପ୍ଟରେ, ଗୁହ୍ୟବିଦ୍ୟା ଅଭ୍ୟାସ କରିବା ବେଳେ – ମୁଁ ତୁମକୁ ଗତଥର ଏକଥା କହିଛି – ମୃତ୍ୟୁ ଭୟରୁ ସଂପୂର୍ଣ୍ଣ ମୁକ୍ତ ହେବା ଆବଶ୍ୟକ ହୋଇଥାଏ । ସେହିସବୁ ଦିନଗୁଡ଼ିକରେ ଅଭ୍ୟାସ କରୁଥିବା ଉପାୟ ମଧ୍ୟରୁ ଗୋଟିଏ ହେଲା – ଦୀକ୍ଷା ନେବାକୁ ବସିଥିବା ଲୋକଟିକୁ ଗୋଟିଏ ଶବାଧାର ଭିତରେ ରଖି ଦିଆଯାଏ ଏବଂ ବହୁଦିନ ପର୍ଯ୍ୟନ୍ତ ରଖି ଦିଆଯାଏ, ସତେକି ସେ ମୃତ । ଅବଶ୍ୟ ତାକୁ ସେଠି ମରିବାକୁ ଦିଆଯାଏ ନାହିଁ, ଖାଇବାକୁ ଦିଆଯାଏ, ନିଃଶ୍ୱାସ ପ୍ରଶ୍ୱାସ ପାଇଁ ସୁବିଧା ଦିଆ ଯାଇଥାଏ । କିନ୍ତୁ ତଥାପି ତାକୁ ସେଇ କଫିନ ଭିତରେ ମଲାଭଳି ଅନେକ ଦିନ ପଡ଼ି ରହିବାକୁ ହୋଇଥାଏ । ଏହାଦ୍ୱାରା ମନେ କରାଯାଏ, ସେ ସବୁ ପ୍ରକାର ଭୟରୁ ମୁକ୍ତ ହୁଏ ।

ଯେତେବେଳେ ଭୟ ଆସିବ, ସେତେବେଳେ ଯଦି ତୁମେ ତା'ଉପରେ ଜ୍ଞାନ, ଶକ୍ତି, ଆଲୋକ ଠୁଳ କର – ତାହାହେଲେ ତୁମେ ଏଇ ଭୟ-ରୋଗରୁ ଏକେବାରେ ମୁକ୍ତ ହୋଇ ପାରିବ ।

# ପ୍ରକୃତ ସାହସ

ଗଭୀର ଅର୍ଥରେ ପ୍ରକୃତ ସାହସ ହେଲା – ସବୁ ପ୍ରକାର କଥାକୁ ସମ୍ମୁଖୀନ ହୋଇ ପାରିବାର କ୍ଷମତା – ଅତି ସାନଠାରୁ ବଡ଼ ପର୍ଯ୍ୟନ୍ତ, ଭୌତିକ ବିଷୟଠାରୁ ଆତ୍ମିକ ବିଷୟ ଯାଏ, ଜୀବନର ସବୁକଥାର ସମ୍ମୁଖୀନ ହେବା, ଅବିକମ୍ପିତଭାବେ, ଶାରୀରିକ ଭାବେ ଅବିଚଳିତ ରହି ... ହୃତ୍‌ସ୍ପନ୍ଦନ ଯେପରି ଦ୍ରୁତଗତିରେ ଚାଲିବାକୁ ଆରମ୍ଭ ନ କରେ, ସ୍ନାୟୁମଣ୍ଡଳ ଥରୁ ନ ଥିବ ବା ସତ୍ତାର କେଉଁ ଅଂଶରେ ସାମାନ୍ୟ ଉଦ୍‌ବେଗ ବି ସୃଷ୍ଟି ହେଉ ନ ଥିବ । ଈଶ୍ୱରଙ୍କର ନିରବଚ୍ଛିନ୍ନ ଉପସ୍ଥିତିକୁ ଅନୁଭବ କରି, ସଂପୂର୍ଣ୍ଣ ଭାବେ ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ କରି, ସେହି ଦିବ୍ୟ ସଙ୍କଳ୍ପରେ ତୁମର ସମଗ୍ର ସତ୍ତାକୁ ଏକ କରି ଜୀବନର ସବୁକଥାର ସମ୍ମୁଖୀନ ହୁଅ; ତା'ହେଲେ ଯାଇ ତୁମେ ଜୀବନରେ ଅଗ୍ରସର ହୋଇ ପାରିବ, ଯେକୌଣସି ପରିସ୍ଥିତିର ସାମ୍ନା କରିପାରିବ । ମୁଁ କହୁଛି – ସବୁବେଳେ ଯେପରି ଅକମ୍ପିତ ରହିବ – ସାମାନ୍ୟ ବିକମ୍ପନ ବି ଯେପରି ଦେଖା ନ ଯାଏ – ଜାଣିରଖ; ଏହି ଅବସ୍ଥା ବହୁତ ଅଭ୍ୟାସ ପରେ ଆସେ, ଅବଶ୍ୟ ଯେଉଁମାନେ ଏକ ସ୍ୱତନ୍ତ୍ର କୃପା ପାଇଥା'ନ୍ତି କିଂବା ଜନ୍ମରୁ ଏହିଭଳି ଅବିଚଳିତ ବ୍ୟକ୍ତିତ୍ୱ ନେଇ ଜନ୍ମିଥା'ନ୍ତି, ସେମାନଙ୍କ କଥା ଅଲଗା । କିନ୍ତୁ ଏମାନଙ୍କ ସଂଖ୍ୟା ଅତି ନଗଣ୍ୟ ।

...ପ୍ରକୃତ ସାହସ ହେଲା – ବିଷୟଟି ସମ୍ପର୍କରେ ସବୁପ୍ରକାର ଜ୍ଞାନର ସହିତ ସାହସ – ତା' ମାନେ ସବୁ କିଛି ସମ୍ଭାବନା ସମ୍ପର୍କରେ ଯେପରି ଜଣେ ଅବଗତ ଥିବ, ଏବଂ ଯାହାକିଛି ଆସିବ କୌଣସି ବ୍ୟତିକ୍ରମ ବିନା ତା'ର ମୁହାଁମୁହିଁ ହେବା ପାଇଁ ପ୍ରସ୍ତୁତ ରହିଥିବ ।

## ଦୁଃଖଭୋଗ ଓ ଯନ୍ତ୍ରଣା

ସାହସ ଓ ତିତିକ୍ଷାର ସହ ଓ ଭଗବାନଙ୍କ ଉପରେ ଅବିଚଳିତ ବିଶ୍ୱାସର ସହ ଯଦି ତୁମେ ଯନ୍ତ୍ରଣାର ସମ୍ମୁଖୀନ ହୋଇପାର, ଯଦି ଜଣେ ପାରେ, ଯନ୍ତ୍ରଣା ଆସିଲେ ସେଥିରୁ ପଳାୟନ ନ କରି ତା ମଧ୍ୟକୁ ଏହି ସଂକଳ୍ପ, ଏହି ଅଭୀପ୍ସା ନେଇ ପ୍ରବେଶ କରିବ ଯେ – ମୁଁ ତାହାରି ଭିତର ଦେଇ ଯିବି ଏବଂ ଶେଷରେ ସବୁ କିଛିର ମର୍ମରେ ଥିବା ସେହି ଜ୍ୟୋତିର୍ମୟ ସତ୍ୟ ତଥା ଅନୁପମ ଆନନ୍ଦକୁ ଖୋଜି ପାଇବି । ଅନେକ ସମୟରେ ଯନ୍ତ୍ରଣାର ଦ୍ୱାର ସନ୍ତୋଷ ଓ ସୁଖର ଦ୍ୱାର ଅପେକ୍ଷା ଅଧିକ ସିଧା ଓ ତ୍ୱରିତ ।

ଇନ୍ଦ୍ରିୟସୁଖ ହେଉଛି ପ୍ରତାରଣାମୂଳକ ଏକ ବିକୃତ ଛଦ୍ମବେଶ, ଯାହାକି ଆମକୁ ଲକ୍ଷ୍ୟଠାରୁ ଦୂରେଇ ନିଏ । ଯଦି ଆମେ ସତ୍ୟ ପାଇବାକୁ କୃତସଂକଳ୍ପ, ତେବେ ଏହିଭଳି ସୁଖ-ସନ୍ତୋଷ ପାଇବା ପାଇଁ ନିଶ୍ଚୟ ଇଚ୍ଛା କରିବା ନାହିଁ । ତଥାକଥିତ ସୁଖଶାନ୍ତି ଓ ମଉଜ-ମଜଲିସ୍ ଆମକୁ ବାଷ୍ପଭଳି କରିଦିଏ; ଏହା ଆମକୁ ଠକିଦିଏ, ଏବଂ ନଷ୍ଟ ଆଡ଼କୁ ନେଇଯାଏ । ଯନ୍ତ୍ରଣାହିଁ ଆମକୁ ଏକ ଗଭୀରତର ସତ୍ୟ ଉପଲବ୍ଧିରେ ସାହାଯ୍ୟ କରେ – ଆମର ମନକୁ ସହିଷ୍ଣୁ କରି ସତ୍ୟ ଉପରେ ଏକାଗ୍ର କରାଏ । ଯାହା ଆମକୁ ମାଡ଼ିମକଚି ଦେବାକୁ ଚାହୁଁଛି, ତାହା ସହିତ ମୁହାଁମୁହିଁ ହେବାକୁ ସକ୍ଷମ କରାଏ । ଜଣେ ଯେତେବେଳେ ଦୃଢ଼ ଥାଏ ସେତେବେଳେ ଯନ୍ତ୍ରଣା ଭିତରେହିଁ ଜଣେ ତା'ର ପ୍ରକୃତ ଶକ୍ତିକୁ ସହଜରେ ପୁଣି ଫେରି ପାଇଥାଏ । ଏଇ ଯନ୍ତ୍ରଣା ଭିତରେହିଁ ତୁମେ ତୁମର ଯଥାର୍ଥ ବିଶ୍ୱାସକୁ ସହଜରେ ପୁଣି ଫେରି ପାଇବ ।  ତାହା ହେଉଛି ଏପରି କିଛିରେ ବିଶ୍ୱାସ ଯାହା ସବୁପ୍ରକାର ଦୁଃଖ ଯନ୍ତ୍ରଣାର ଊର୍ଦ୍ଧ୍ୱରେ ।

## ଆଘାତ : ଆମର ଅଗ୍ରଗତି ପାଇଁ

''ହେ ମୋର ପ୍ରେମିକ, ମୋତେ ଆଘାତ ଦିଅ ! ଯଦି ତୁମେ ମୋତେ ବର୍ତ୍ତମାନ ଆଘାତ ନ କରୁଛ, ତାହାହେଲେ ମୁଁ ଜାଣିବି ଯେ, ତୁମେ ମୋତେ ଭଲ ପାଅ ନାହିଁ ।''

– ଶ୍ରୀଅରବିନ୍ଦ (Thoughts and Aphorisms)

ଯେଉଁମାନେ ଦିବ୍ୟ ପୂର୍ଣ୍ଣତା ପାଇଁ ଆସ୍ପୃହା କରନ୍ତି – ସେମାନେ ଜାଣନ୍ତି ଯେ, ପରମ ପ୍ରଭୁ ଅସୀମ ପ୍ରେମ ଓ କରୁଣାରେ ଯେଉଁ ଆଘାତଗୁଡ଼ିକ ଦେଇ ଥା'ନ୍ତି, ତାହା ହେଉଛି ଆମକୁ ଆଗେଇ ନେବାର ନିଶ୍ଚିତତମ ଓ କ୍ଷିପ୍ରତମ ମାର୍ଗ । ଆଘାତ ଯେତେ କଠିନ ହୁଏ, ସେତେ ସେତେ ପ୍ରଭୁଙ୍କ ଦିବ୍ୟ ପ୍ରେମର ମହତ୍ତ୍ୱ ଅନୁଭବ କରିହୁଏ ।

ବିପରୀତପକ୍ଷରେ ସାଧାରଣ ମଣିଷମାନେ ଈଶ୍ୱରଙ୍କୁ ଏକ ସହଜ, ସୁଖକର ଏବଂ ସଫଳ ଜୀବନ ମାଗୁଥା'ନ୍ତି । ପ୍ରତ୍ୟେକ ବ୍ୟକ୍ତିଗତ ସୁଖ, ଶାନ୍ତି ଓ ସନ୍ତୋଷରେ ଏହି ଲୋକମାନେ ପ୍ରଭୁଙ୍କର କୃପା ଦେଖିଥାଆନ୍ତି; କିନ୍ତୁ ବିପରୀତରେ ଯଦି ସେମାନେ ଜୀବନରେ କୌଣସି ସମୟରେ ଅସୁଖ ଓ ଦୁର୍ଭାଗ୍ୟର ସମ୍ମୁଖୀନ ହୁଅନ୍ତି, ସେମାନେ ଅଭିଯୋଗ କରି କୁହନ୍ତି, ''ହେ ଈଶ୍ୱର, ତୁମେ ମୋତେ ଭଲ ପାଅ ନାହିଁ ।'' (ତା' ନ ହେଲେ ମୁଁ ଏତେ କଷ୍ଟ ଭୋଗୁ ଥାଆନ୍ତି !)

ସାଧକ ପକ୍ଷରେ ଏଭଳି ମନୋଭାବ ଅତ୍ୟନ୍ତ ସ୍ଥୂଳ ଏବଂ ଅଜ୍ଞତାପୂର୍ଣ୍ଣ । ଏହା ବଦଳରେ ଶ୍ରୀଅରବିନ୍ଦ ସେହି ଦିବ୍ୟ ପ୍ରେମିକଙ୍କୁ ପ୍ରାର୍ଥନା କରି କହୁଛନ୍ତି, ହେ ପ୍ରିୟତମ, ଯେତେ ଯେତେ ଆଘାତ ଦେଉଛ ଦିଅ, ଆହୁରି ବେଶୀ କରି ଆଘାତ ଦିଅ – ଏହି କଠିନ ଆଘାତ ଭିତରେହିଁ ମୁଁ ଯେପରି ମୋ ପ୍ରତି ତୁମ ପ୍ରେମର ଗଭୀରତା ଅନୁଭବ କରେ ।

## ପ୍ରହାର ଆବଶ୍ୟକ

ଆଃ, ନିଷ୍ପାପର ହେବା ଭାରି କଷ୍ଟକର ... । ସେଇଥିପାଇଁ ତ ଆମ ଜୀବନରେ ଆଘାତ ଓ ପ୍ରହାର ବଢ଼ି ବଢ଼ି ଚାଲେ, ବେଳେ ବେଳେ ଏହି ଆଘାତ ଭୟଙ୍କର ହୁଏ, କାରଣ, ଆମର ନିର୍ବୋଧତା ଭାଙ୍ଗିବା ଲାଗି ତାହାହିଁ ଏକମାତ୍ର ଜିନିଷ । ଏହାହିଁ ହେଲା ଝଡ଼ଝଂଜାଗୁଡ଼ିକର କାରଣ । ଯେତେବେଳେ ତୁମେ ତୀବ୍ର ଯନ୍ତ୍ରଣାପୂର୍ଣ୍ଣ ପରିସ୍ଥିତିରେ ପଡ଼ିଥାଅ, ପ୍ରକୃତରେ ଏପରି କିଛିର ସମ୍ମୁଖୀନ ହୋଇଥାଅ ଯାହାକି ତୁମକୁ ଗଭୀରଭାବେ ଆଘାତ ଦେଉଛି ସେତିକିବେଳେହିଁ ତୁମ ନିର୍ବୋଧତା କିଛି ପରିମାଣରେ ବିଗଳିତ ହୁଏ । କିନ୍ତୁ ତୁମେ ଯାହା କହିଲ, ତୁମ ଭିତରେ କିଛି ତରଳି ଗଲା ପରେ ବି, ପୁଣି ଟିକେ କେଉଁଠି କେଉଁ କୋଣରେ ଲାଗି ରହିଥାଏ । ସେଥିପାଇଁ ତ ଏହା ଏତେ ଦୀର୍ଘସ୍ଥାୟୀ ହୁଏ ।...

ତୁମେ ତୁମ ଜୀବନରେ କେତେ ମାଡ଼ ଖାଇବା ଦରକାର, ଯାହା ଫଳରେ କି ତୁମେ ତୁମ ଚେତନାର ଗଭୀରତାରେ ବୁଝିପାରିବ ଯେ, ତୁମେ **କିଛି ନୁହଁ** – ତୁମେ **କିଛିହିଁ କରିପାର ନାହିଁ** – ତୁମେ **ମୋଟ ଉପରେ ନାହଁ** – ତୁମେ **କିଛି ନୁହଁ** – ଈଶ୍ୱରଙ୍କ ଚେତନା ଓ କୃପା ବ୍ୟତୀତ ଆଉ କାହାର କିଛି ଅସ୍ତିତ୍ୱ ନାହିଁ । ଯେଉଁ ମୁହୂର୍ତ୍ତରେ ତୁମେ ଏହା ଜାଣିବ ସେଇ ମୁହୂର୍ତ୍ତରେ ଏହାର ପରିସମାପ୍ତି । ସବୁ ବିପଦ ଓ ଅସୁବିଧା ଚାଲିଯିବ । ଯେତେବେଳେ ତୁମେ ଏତିକି କଥା ପୂର୍ଣ୍ଣାଙ୍ଗଭାବରେ ବୁଝିଯିବ, ସେତେବେଳେ ଆଉ ପ୍ରତିରୋଧ ରହିବ ନାହିଁ ... କିନ୍ତୁ ସେଇ ମୁହୂର୍ତ୍ତ ଆସିବା ପର୍ଯ୍ୟନ୍ତ ... ଏହା ବହୁତ ସମୟ ନେଇଯାଏ ।

# ବାଧାବିଘ୍ନ ଓ ଅଗ୍ରଗତି

ପ୍ରଶ୍ନ : ଭଗବାନଙ୍କର କରୁଣାର ସ୍ପର୍ଶରେ ବାଧାବିଘ୍ନସବୁ କିପରି ଅଗ୍ରଗତିର ସୁଯୋଗରେ ପରିଣତ ହୁଏ ?

ଉତ୍ତର : ଅଗ୍ରଗତି ପାଇଁ ସୁଯୋଗ ? ହଁ; ଏ'ତ ଖୁବ୍ ପରିଷ୍କାର କଥା । ତୁମେ ହୁଏତ ଗୋଟିଏ ବଡ଼ ଭୁଲ୍ କରି ପକେଇଛ, ତୁମେ ଗୋଟେ ବଡ଼ ଅସୁବିଧାରେ ଅଛ : ତାହାହେଲେ ତୁମର ଯଦି ପ୍ରକୃତରେ ବିଶ୍ୱାସ ଥାଏ – ଯଦି ସତକୁ ସତ ଈଶ୍ୱରଙ୍କ କୃପା ଉପରେ ନିର୍ଭର ରଖିଥାଅ, ସତକୁ ସତ ଯଦି ତୁମର ତାଙ୍କ ଉପରେ ଭରସା ଥାଏ, ତାହାହେଲେ ତୁମେ ସଙ୍ଗେ ସଙ୍ଗେ ବୁଝିପାରିବ ଯେ, ତୁମପାଇଁ ଏହା ଏକ ଶିକ୍ଷା, ଯେହେତୁ ତୁମର ଅସୁବିଧା ବା ଭୁଲ୍‌ଟି ଅନ୍ୟକିଛି ପାଇଁ ନୁହେଁ, ଏହା ଆସିଛି ତୁମକୁ ଏହି ଶିକ୍ଷା ଦେବା ପାଇଁ ଯେ ତୁମ ଭିତରେ କ'ଣ ପରିବର୍ତ୍ତନ ଆବଶ୍ୟକ ତାହା ଜାଣ । ଏବଂ ଭଗବାନଙ୍କ କୃପାର ଏହି ସାହାଯ୍ୟ ଦ୍ୱାରା ତୁମେ ଆବିଷ୍କାର କରିବ ଯେ ତୁମ ଭିତରେ କ'ଣ ପରିବର୍ତ୍ତନ କରିବାକୁ ହେବ ଏବଂ ତାହାକୁ ତୁମେ ପରିବର୍ତ୍ତିତ କରିପାରିବ । ଏହିଭଳି ଭାବରେ ତୁମେ ଏକ ଅସୁବିଧା ମଧ୍ୟରେ ଏକ ବିରାଟ ଅଗ୍ରଗତି କରିପାରିବ, ଏଥିରୁ ତୁମେ ଜାଣିପାରିବ ଯେ ଗୋଟିଏ ଅସୁବିଧା ଭିତରେ କିପରି ଏକ ବିରାଟ ଅଗ୍ରଗତି କରିପାରିଛ, ସମ୍ମୁଖ ଦିଗରେ କିପରି ଏକ ଉଲ୍ଲେଖନୀୟ ଲମ୍ଫ ଦେଇପାରିଛ । ସବୁବେଳେ ଏହାହିଁ ଘଟିଥାଏ, କେବଳ ତୁମକୁ ଏ ଦିଗରେ ଅଧିକ ନିଷ୍ଠାପର ହେବାକୁ ପଡ଼ିବ, ଏହା ହେଉଛି ପ୍ରଧାନ କଥା, ଭଗବାନଙ୍କ କୃପା ଉପରେ ନିର୍ଭର ରଖ ଏବଂ ତାକୁ ତୁମ ନିଜ ଭିତରେ କାର୍ଯ୍ୟ କରିବାକୁ ଦିଅ ।

# ବାଧାବିଘ୍ନ ଓ ଉପଲବ୍ଧି

ଯେତେବେଳେ ତୁମର କିଛି ଉପଲବ୍ଧି କରିବାର ଥାଏ, ସେତେବେଳେ ସାଧାରଣତଃ ଦେଖାଯାଏ ଯେ, ତୁମ ଭିତରେ ତା'ର ବିପରୀତ କଥାଟିଏ ମଧ୍ୟ ଅଛି । ତୁମେ ଯେତେବେଳେ ତୁମର ସେହି ଦୋଷ ଓ ଅସୁବିଧାର ମୁହାଁମୁହିଁ ହୋଇଯାଅ, ତୁମେ କୁହ – ''ଆଃ ! ମୁଁ ଏହିପରି ! ଏହା କି ଭୟଙ୍କର !'' କିନ୍ତୁ ତୁମେ ସେଇ ଅବସ୍ଥାର ଯଥାର୍ଥ ସତ୍ୟଟିକୁ ବୁଝିବା ଉଚିତ । ନିଜକୁ କୁହ – ''ମୋର ଅସୁବିଧା ମୋତେ ପରିଷ୍କାର ଦେଖେଇ ଦେଉଛି ଯେ, ଶେଷ ସୁଦ୍ଧା ମୋତେ କ'ଣ କରିବାକୁ ହେବ । ନିଜକୁ କୁହ ଯେ, ଏଇ ଯେ ବାଧାବିଘ୍ନ ମୁଁ ମୋ ଭିତରେ ଦେଖୁଛି, ମୋତେ ତାକୁ ଅତିକ୍ରମ କରିବାକୁ ପଡ଼ିବ । ଏହି କୁତ୍ସିତତାର ବିପରୀତ ପାର୍ଶ୍ୱରେ ଏହାର ବିପରୀତ ଯେଉଁ ସତ୍ୟଟି ଅଛି, ତାକୁହିଁ ମୋତେ ପ୍ରାପ୍ତ କରିବାକୁ ପଡ଼ିବ, ଏହାହିଁ ମୋ ଜୀବନର ଲକ୍ଷ୍ୟ ।

ଏପରିକି ସାଧାରଣ ଜୀବନରେ କେତେକ ସମୟରେ ଆମର ଏହି ପରସ୍ପର ବିରୁଦ୍ଧାତ୍ମକ ଅଭିଜ୍ଞତା ହୋଇଥାଏ । ଆମେ ଏପରି ଭୀରୁ ଲୋକ ଦେଖିଛୁ, ଯେ କି କେଉଁ ପରିସ୍ଥିତିରେ ବି ସାହସ ଦେଖାଇ ନାହିଁ, ଅଥଚ ସେ ଦିନେ ହୁଏତ ସବୁଠୁ ବଡ଼ ବିପଦ ବରଣ କରିବା ପାଇଁ ସମର୍ଥ ବୋଲି ପ୍ରମାଣ କରି ଦେଇଛି ।

ଏହା ମଧ୍ୟ ଏକ ସତ୍ୟ ଯେ ଯଦି ଜଣକର ଶହ ଶହ ବାଧାବିଘ୍ନ ଥାଏ ତେବେ ତାହାର ଅର୍ଥ ହେଉଛି ସେ ନିଶ୍ଚୟ ଦିନେ ମହାନ୍ ଉପଲବ୍ଧିର ଅଧିକାରୀ ହେବ, ଅବଶ୍ୟ ସେ ଯଦି ନିଜର ଧୈର୍ଯ୍ୟ ଓ ସହ୍ୟ କରିବାର ଶକ୍ତିକୁ ବଜାୟ ରଖିପାରେ ଏବଂ ସେହିସବୁ ଦୋଷ ଦୁର୍ବଳତା ଓ ବାଧାବିଘ୍ନକୁ ଜୟ କରିବା ପାଇଁ ଅବିରତ ନିଜର ଆସ୍ପୃହାର ଅଗ୍ନିକୁ ଜଳାଇ ରଖିପାରେ ।

ଏକଥା ମନେରଖ ଯେ, ତୁମ ଆଗରେ ବା ତୁମ ଭିତରେ ବାଧାବିଘ୍ନ ଯେତିକି ରହିଛି, ସେଇ ଅନୁପାତରେ ଈଶ୍ୱରଙ୍କ କୃପା ମଧ୍ୟ ତୁମକୁ ଘେରି ରହିଛି ।

## ଦୋଷ ଓ ବାଧାବିଘ୍ନ

ଯଦିଓ ମୁଁ ଏଠାରେ ଦୋଷତ୍ରୁଟି ଓ ବାଧାବିଘ୍ନ ଉପରେ ଜୋର୍ ଦେଉଛି, ଏହାର ଅର୍ଥ ନୁହେଁ ମୁଁ ତୁମକୁ କୌଣସି ଚେଷ୍ଟା କରିବାରୁ ନିବର୍ତ୍ତାଉଛି । ବରଂ ମୁଁ ତୁମକୁ ଏହିକଥା କହିବାକୁ ଚାହେଁ ଯେ, ଯଥୋଚିତ ସାହସର ସହିତ କାର୍ଯ୍ୟ କରିବାକୁ ପଡ଼ିବ । ବିଶେଷ କରି, ଥରକରେ ସଫଳ ହେଲ ନାହିଁ ବୋଲି ଆଦୌ ହତୋତ୍ସାହିତ ହେବ ନାହିଁ; ଯଦି ତୁମ ଭିତରେ ଆସ୍ପୃହା ରହିଛି, ଯଦି ତୁମ ଭିତରେ ସଂକଳ୍ପ ରହିଛି, ତେବେ ଏହା ନିଶ୍ଚିତ ଯେ, ବିଳମ୍ବରେ ହେଉ ବା ଶୀଘ୍ର ହେଉ ତୁମେ ସଫଳ ହେବ । ମୁଁ ଏକଥା ସେଇମାନଙ୍କୁ କହୁଛି, ଯେଉଁମାନେ ଅତି ସାଧାରଣ ପରିସ୍ଥିତିରେ ଅଛନ୍ତି, ଯେଉଁମାନେ ତୁମ ଅପେକ୍ଷା ଖୁବ୍ କମ୍ ଅନୁକୂଳ ଅବସ୍ଥାରେ ଅଛନ୍ତି । କିନ୍ତୁ ସେମାନେ ଯଦି ନିଜକୁ ଜାଣିବାକୁ ଚାହୁଁଥା'ନ୍ତି, ନିଜକୁ ଜୟ କରିବାକୁ ଚାହୁଁଥା'ନ୍ତି, ନିଜ ଉପରେ ପ୍ରଭୁତ୍ୱ ଅର୍ଜନ କରିବାକୁ ଚାହୁଁଥା'ନ୍ତି ଓ ନିଜକୁ ସଂଯତ କରିବାକୁ ଚାହୁଁଥା'ନ୍ତି, ତା'ହେଲେ ସେମାନେ ନିଶ୍ଚୟ ସଫଳ ହେବେ । ସୁତରାଂ ଯଦି ପରିସ୍ଥିତି ଅନୁକୂଳ ହୁଏ, ତା'ହେଲେ ସଫଳତା ଲାଭ କରିବାର ସମ୍ଭାବନା ନିଶ୍ଚୟ ଅଧିକ ଉଜ୍ଜ୍ୱଳ । ଗୋଟିଏ କଥା କିନ୍ତୁ ସବୁବେଳେ ଆବଶ୍ୟକ, କେବେ ଏହି ଖେଳ ଛାଡ଼ିବ ନାହିଁ– କାରଣ ଏହା ଏକ ମହାନ୍ ଖେଳ । ଏବଂ ଶେଷ ପର୍ଯ୍ୟନ୍ତ ଖେଳ ଚାଲିଲେ ତହିଁରେ ଯେଉଁ ଫଳ ଲାଭ ହୁଏ ତାହା, ସେଥିପାଇଁ କରାଯାଉଥିବା ଶ୍ରମ ଓ ଆୟାସ ତୁଳନାରେ ଅନେକ ଅଧିକ ମୂଲ୍ୟବାନ୍ ।

## କେବେ ସାହସ ହରାଅ ନା

ତୁମେ ନିଶ୍ଚୟ ନିଜକୁ କହିବ – ''ଯାତ୍ରା ପାଇଁ ମୋ ପାଖରେ ଯେତିକି ସମ୍ବଳ ଥିଲା ତାହା ସାହାଯ୍ୟରେ ମୁଁ ଏକ ନିର୍ଦ୍ଦିଷ୍ଟ ଜାଗାରେ ଆସି ପହଞ୍ଚିଗଲି, କିନ୍ତୁ ଏତିକି ମାତ୍ର ସମ୍ବଳ ମୋତେ ଆଉ ବେଶୀ ଦୂରକୁ ନେଇଯାଇ ପାରିବ ନାହିଁ। ମୁଁ ଏବେ କ'ଣ କରିବି ? ... କେବଳ କ'ଣ ଏଇଠି ବସି ରହିବି ? ହଲ୍‌ଚଲ୍ ହେବି ନାହିଁ ? ନା, ନା, ସେକଥା ଆଦୌ ନୁହେଁ। ଯାତ୍ରା ପାଇଁ ମୋତେ ଅନ୍ୟ ସମ୍ବଳମାନ ଯୋଗାଡ଼ କରିବାକୁ ହେବ।'' ଏହିଭଳି ଅବସ୍ଥା ବହୁବାର ଘଟିବ। କିନ୍ତୁ କିଛି ସମୟ ପରେ ତୁମେ ଏ ପରିସ୍ଥିତି ସହିତ ଅଭ୍ୟସ୍ତ ହୋଇଯିବ। ତୁମେ ଏପରି ଅବସ୍ଥାରେ କିଛି ସମୟ ପାଇଁ ଚୁପ୍‌ଚାପ୍ ବସିଯିବ, ଧ୍ୟାନସ୍ଥ ହେବ, ତା'ପରେ ଅନ୍ୟ ଉପାୟଗୁଡ଼ିକୁ ଖୋଜିବ। ତୁମେ ତୁମର ମନର ଏକାଗ୍ରତା, ଆସ୍ପୃହା ଓ ତୁମର ବିଶ୍ୱାସକୁ ବଢ଼ାଇ ଦେବ ଏବଂ ସେତେବେଳେ ଆଗକୁ ଯିବା ଲାଗି ଯେଉଁ ସହାୟତା ବା ଅବଲମ୍ବନଟି ତୁମ ନିକଟକୁ ଆସିଗଲା, ତାକୁ ନେଇ ଗୋଟିଏ ନୂଆ କାର୍ଯ୍ୟ-ନିର୍ଘଣ୍ଟ ତିଆରି କରିବ। ଏବଂ ଯେଉଁସବୁ ଉପାୟ ବା ଅବଲମ୍ବନଗୁଡ଼ିକୁ ପଛରେ ଛାଡ଼ି ଆସିଛ ତା ସ୍ଥାନରେ ଏହି ନୂତନ ଅବଲମ୍ବନଗୁଡ଼ିକୁ କିପରି କାର୍ଯ୍ୟକାରୀ କରାଇବ ତାହା ସ୍ଥିର କରିବ। ଏହିପରି ଭାବରେ ଜଣେ ସ୍ତର ପରେ ସ୍ତର ଅଗ୍ରଗତି କରିଚାଲେ ...।

ତୁମ ଗତିପଥରେ ଯଦି କେବେ ଗୋଟିଏ କାନ୍ଥ ଆସି ପଡ଼େ ତେବେ ହତୋସାହ ହୁଅ ନାହିଁ। କେବେ କୁହ ନାହିଁ ଯେ, ''ଓହୋ ! ମୁଁ କ'ଣ କରିବିଟି ? ଏହା ଯେ ତଥାପି ରହିଛି !'' ଏହି ଭାବରେ କିନ୍ତୁ ସେଇ ଅସୁବିଧାଟି ସେଇଠି ସେମିତି ରହିଥିବ, ତଥାପି ରହିଥିବ – ଶେଷ ପର୍ଯ୍ୟନ୍ତ ସେ ଅସୁବିଧାଟି ସେଇଠି ସେମିତି ରହିଥିବ। କେବଳ ତୁମେ ଯେତେବେଳେ ଲକ୍ଷ୍ୟସ୍ଥଳରେ ପହଞ୍ଚିଯିବ, ସେତିକି ବେଳେହିଁ ସବୁ ବାଧାବିଘ୍ନ ଭୁଶୁଡ଼ି ପଡ଼ିବ।

## ସହିଷ୍ଣୁତାର ସାରକଥା

ସହିଷ୍ଣୁତା ଯେପରି ସର୍ବଦା ତୁମର ସ୍ମରଣରେ ରହେ । ତୁମ ପ୍ରାଣସତ୍ତାରେ ଥିବା ଜୀବନୀ ଶକ୍ତିକୁ ଏହି କଥା ଶିକ୍ଷା ଦିଅ ଯେ, ସେ ଯେପରି କୌଣସି କଥାରେ ଅଭିଯୋଗ ନ କରେ – ବରଂ ଏକ ବିଶେଷ ସିଦ୍ଧି ଲାଗି ଯାହା ଆବଶ୍ୟକ, ତାହା ଯେପରି ସଜାଡ଼ି ରଖେ ... ସହିଷ୍ଣୁତାର ସାରକଥା ହେଲା – ତୁମ ପ୍ରାଣଶକ୍ତିକୁ ତା'ର ଅହଂକୈନ୍ଦ୍ରିକ ଭଲ ଲାଗିବା ବା ଭଲ ନ ଲାଗିବାରୁ ନିଜକୁ ମୁକ୍ତ ରଖିବା ଏବଂ ଯେକୌଣସି ସଂକଟ ପରିସ୍ଥିତିରେ ନିଜ ଭିତରେ ଯେପରି ହେଉ ଏକ ସମତା ବଜାୟ ରଖିବା । ଯଦି ତୁମକୁ କେହି ଅତ୍ୟନ୍ତ କର୍କଶ ବ୍ୟବହାର ଦେଖାଏ, କିଂବା ଅସ୍ୱସ୍ତିଭାବକୁ ଦୂର କରିବା ପାଇଁ ଯଦି ତୁମ ନିଜ ଭିତରେ କୌଣସି ଶକ୍ତି ସାମର୍ଥ୍ୟ ଖୋଜି ନ ପାଅ, ତଥାପି ତୁମେ ଖୁସ୍‌ମିଜାଜ୍ ରହିବାକୁ ଚେଷ୍ଟା କର – ନିଜକୁ ସେଇ କଥାରେ ଉତ୍ପୀଡ଼ିତ ହେବାକୁ ଦିଅ ନାହିଁ । ତୁମକୁ କିଛିବି ଯେପରି ସାମାନ୍ୟ ଟିକିଏ ବିଚଳିତ ନ କରେ । ଯେତେବେଳେ ଦେଖିବ ଯେ ତୁମର ପ୍ରାଣସତ୍ତା ତାହାର ତିଳ ପ୍ରମାଣ ଅସୁବିଧାକୁ ତାଳ କରି ତୁମ ଆଗରେ ଥୋଉଛି, ସେତେବେଳେ ତୁମେ ତହିଁରୁ ଟିକିଏ କ୍ଷାନ୍ତ ରହି ଭାବ ଯେ, ଏ ଦୁନିଆର ଅଗଣିତ ନରନାରୀଙ୍କ ଦୁଃଖ-ପାହାଡ଼ ପାଖରେ ତୁମର ଏଇ ଦୁଃଖଟି ବା ଅସୁବିଧାଟି କେତେ ସାମାନ୍ୟ । ଥରେ ଭାବି ଦେଖ ତ ଗତ ମହାଯୁଦ୍ଧରେ ସେଇସବୁ ସୈନ୍ୟମାନେ କି ଅକଳନୀୟ କଷ୍ଟକର ପରିସ୍ଥିତିରେ ଯୁଦ୍ଧ କରୁଥିଲେ । ତୁମକୁ ଯଦି ସେହି ଧରଣର କଷ୍ଟ ସହ୍ୟ କରିବାକୁ ପଡ଼ିଥା'ନ୍ତା ତାହେଲେ ତୁମେ ବୁଝନ୍ତ ଯେ ତୁମର ଦୁଃଖ ଅସନ୍ତୋଷଗୁଡ଼ିକ କେତେ ତୁଚ୍ଛ ।

## ଜଣକର ଯଦି ସହନଶୀଳତା ଥାଏ

ବେଳେବେଳେ ଜଣକର ଚମତ୍କାର ଉପଲବ୍ଧିଟିଏ ହୋଇଯାଏ – ସେ କହେ, ''ଆଃ, ଏବେ ହୋଇଗଲା !...'' ତା'ପରେ ଦେଖାଯାଏ ହଠାତ୍ ସେ ଉପଲବ୍ଧିଟି ନିମ୍ନଗାମୀ ହେଲାଣି, ହ୍ରାସ ପାଇଲାଣି, ତା'ଉପରେ କିଛି ପରଦା ପଡ଼ିଗଲାଣି, ଏବଂ ହଠାତ୍ ଅପ୍ରତ୍ୟାଶିତ ଓ ଅବାଞ୍ଛିତ କିଛି, ନିତାନ୍ତ ସାଧାରଣ କିଛି ଓ ଆପାତତଃ କିଛି ଆଗ୍ରହ ସୃଷ୍ଟି କରୁ ନ ଥିବା ନିତାନ୍ତ ଇତର କିଛି ଆସି ତୁମ ଆଗରେ ପହଞ୍ଚିଛି ଏବଂ ତୁମର ବାଟ ଓଗାଳୁଛି । ଏବଂ ସେତେବେଳେ ତୁମେ କୁହ ''ଆଃ, ପୁଣି ମୂଳରୁ ଆରମ୍ଭ କରିବାକୁ ହେବ, ତେବେ ଏତେଦୂର ଉଠି ଆସିବାର ଲାଭ କ'ଣ ହେଲା ? କାହିଁକି ବା ମୁଁ ଆଉ ଏହାକୁ କରିବି ? ଏତେ କଷ୍ଟରେ ଏହାକୁ ସାଧିଲି, କିଛି ସଫଳତା ପାଇଲି, ଉପଲବ୍ଧି ବି କିଛି ହେଲା, ଆଉ ବର୍ତ୍ତମାନ ଦେଖୁଛି, ସତେକି କିଛି ହୋଇ ନାହିଁ ! ତେବେ ଆଉ ତାହାହେଲେ କିଛି ଆଶା ନାହିଁ ।'' ଏହାହିଁ ଜଣାଇ ଦିଏ ଯେ, ତୁମର ସହନଶୀଳ-ଧୈର୍ଯ୍ୟ ନାହିଁ ।

ଯଦି ଜଣକର ସହନଶୀଳ-ଧୈର୍ଯ୍ୟ ଥାଏ, ତେବେ ସେ କହିବ – ''ଠିକ୍ ଅଛି, ଭଲ ହେଲା – ଯେତେଥର ଦରକାର ପଡ଼େ ସେତେଥର ମୁଁ ପୁଣି ମୂଳରୁ ଆରମ୍ଭ କରିବି । ଦରକାର ପଡ଼ିଲେ ହଜାର ଥର କରିବି, ଦଶ ହଜାର ଥର, ଲକ୍ଷେ ଥର ହୋଇପାରେ, ମୁଁ ପୁଣି ଥରେ ଆରମ୍ଭ କରିବି । ମୁଁ ମୋ ଲକ୍ଷ୍ୟସ୍ଥଳୀରେ ନିଶ୍ଚୟ ପହଞ୍ଚିବି । ଏପରି କୌଣସି ଶକ୍ତି ନାହିଁ ଯାହା ମୋତେ ଅଟକାଇ ଦେବ ।''

ଏହାହିଁ ନିତାନ୍ତ ଦରକାର, ନିତାନ୍ତ ଦରକାର ।

# ମୂଲ୍ୟ ଦିଅ

ତୁମେ ଏପରି ଗୋଟିଏ ପରିବେଶରେ ରହିଛ, ଯେଉଁଠି ସତ୍ୟ ପୂର୍ଣ୍ଣଭାବରେ ରହିଛି, ତୁମକୁ ସତ୍ୟର ସେହି ଜଗତ ସହ ସମ୍ପର୍କିତ କରି ରଖାଯାଇଛି, ତୁମେ ତାହା ଭିତରେ ବାସ କରୁଛ, ତୁମର ପ୍ରତିଟି ନିଶ୍ୱାସରେ ଯେଉଁ ପବନ ଗ୍ରହଣ କରୁଛ ତାହା ସେହି ସତ୍ୟରେ ପରିପୂର୍ଣ୍ଣ ହୋଇ ରହିଛି । ତଥାପି ତୁମ ଭିତରୁ କେତେ ଜଣ ଜାଣ ଯେ, ସେଇ ସତ୍ୟକୁ କାର୍ଯ୍ୟକାରୀ କଲେହିଁ ଯାଇ ସେଇ ସତ୍ୟର ମୂଲ୍ୟ ରହିଛି ? କେବଳ କଥାରେ କଥାରେ ଚେତନା, ଜ୍ଞାନ, ଆତ୍ମାର ଐକ୍ୟ, ସାର୍ବଜନୀନତା, ଅନନ୍ତ, ସନାତନତା, ପରମ ସତ୍ୟ, ଦିବ୍ୟ ଉପସ୍ଥିତି ଏବଂ ... ଏଭଳି କେତେକ କଥା କହି ଲାଭ କ'ଣ ? ଯଦି ତୁମେ ସେଗୁଡ଼ିକୁ ନେଇ ନ ବଞ୍ଚୁଛ ଏବଂ ନିଜ ଭିତରେ ସେଗୁଡ଼ିକୁ ନେଇ ଉପଲବ୍ଧି ନ କରୁଛ, ତେବେ ତୁମ ପାଇଁ ସେଗୁଡ଼ିକର କିଛି ଅର୍ଥ ନାହିଁ । ତୁମେ ଜାଣିବା ଉଚିତ ଯେ, ଏଇ ସବୁକୁ ଉପଲବ୍ଧି କରିବା ପାଇଁ ତୁମକୁ ଖୁବ୍ ଅଧ୍ୟବସାୟ କରିବାକୁ ହେବ – ଖୁବ୍ ଧୈର୍ଯ୍ୟର ସହିତ ସହିଷ୍ଣୁ ହେବାକୁ ପଡ଼ିବ ଏବଂ ତୁମ ଭିତରେ ଥିବା ସାମାନ୍ୟତମ ଦୁର୍ବଳତାକୁ, ସାମାନ୍ୟତମ କ୍ଷୁଦ୍ରାଶୟ ଓ ସଂକୀର୍ଣ୍ଣତାକୁ ଜୟ କରିବା ଲାଗି ତୁମକୁ ପ୍ରତି ମୁହୂର୍ତ୍ତରେ ନିରବଚ୍ଛିନ୍ନ ଭାବେ ସାଧନାରତ ରହିବାକୁ ପଡ଼ିବ ... ।

ତଥାପି ତୁମେ ବୟସର ସୀମା ପାର ହୋଇଯାଇ ନାହିଁ । ତୁମକୁ **ଠିକ୍ ଭାବରେ** ଏହି କଥାଟି ଶିକ୍ଷା କରିବାକୁ ହେବ ଯେ, ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ତୁମକୁ ଆହୁରି ବହୁତ ମୂଲ୍ୟ ଦେବାକୁ ପଡ଼ିବ । ପରମସତ୍ୟକୁ ଜାଣିବା ଲାଗି ତୁମର ଦୈନନ୍ଦିନ ଜୀବନରେ ସେଗୁଡ଼ିକୁ ବାରଂବାର ଅଭ୍ୟାସ କରିବାକୁ ପଡ଼ିବ ।

## ଯାହା ଜାଣିଛ ଅଭ୍ୟାସ କର

ଯେତେବେଳେ ତୁମେ ଏପରି କିଛି ପାଇଲ ଯାହାର ଶକ୍ତି ରହିଛି ତୁମ ଅଚେତନତା ଓ ଜଡ଼ତା ଉପରେ ବିଜୟ ହାସଲ ଦିଗରେ ତୁମକୁ ସାହାଯ୍ୟ କରିବା ପାଇଁ, ତେବେ ଶେଷ ପରିଣାମ ଘଟିବା ପର୍ଯ୍ୟନ୍ତ ସେହି ଶବ୍ଦ ବା ବାକ୍ୟରୁ ଉତ୍ପନ୍ନ ହେଉଥିବା ପ୍ରଭାବଗୁଡ଼ିକୁ ତୁମେ ନିଶ୍ଚୟ ବିନିଯୋଗ କରି ଚାଲିବ, ତା'ପରେ ଯାଇ ଅନ୍ୟ କିଛିର ଅନ୍ୱେଷଣ କରିଚାଲିବ । ମନେକର ତୁମ ଭିତରେ କୌଣସି ଏକ ଭାବ ପ୍ରବେଶ କଲା, ତେବେ ସେଇ ଭାବକୁ ପ୍ରତିଷ୍ଠିତ କରିବା ପାଇଁ ତୁମେ ଲାଗିପଡ଼ । ତାହା ନ କରି କେବଳ ଗୁଡ଼ାଏ ଏଣୁତେଣୁ ବଡ଼ ବଡ଼ ଭାବ ମୁଣ୍ଡରେ ପୂରାଇ, ସେଇ ଭାବ ସଂଗ୍ରହରେ ମାତିବା ଆଦୌ ଠିକ୍ ନୁହେଁ । ଭାବଗୁଡ଼ିକ ନିଶ୍ଚୟ ତା' ବେଳାରେ ଖୁବ୍ ଦରକାରୀ, କିନ୍ତୁ ତାହା ଯେପରି ତୁମକୁ ଠିକ୍ ବେଳାରେ ସେଇ ଉପଲବ୍ଧିଟି ଆଣି ଦେଇପାରେ । ତା'ମାନେ ବିଶେଷତଃ ସେଇସବୁ ଉପସ୍ଥିତ ଚରମ ବେଳାରେ ଯଦି ତୁମ ମନ ଭିତରେ ରଖିଥିବା ଭାବଟି ତୁମକୁ ଏକ ଆନ୍ତର ବିଜୟରେ ସାହାଯ୍ୟ କରେ, ତେବେ ଯାଇ ସେ ଭାବଟିର ମୂଲ୍ୟ ତୁମ ପାଖେ ରହିଛି । ତା'ମାନେ ତୁମକୁ ଯେଉଁ ଯେଉଁ ଭଲ କଥା ଜଣା ଅଛି, ତାକୁ ଯଦି ତୁମେ କାର୍ଯ୍ୟ କ୍ଷେତ୍ରରେ ପ୍ରୟୋଗ କରି ନିଜ ଉପରେ ବିଜୟ ହାସଲ ନ କରୁଛ, ତାହାହେଲେ ସେଇ ଭାବଗୁଡ଼ିକ ତୁମ ଭିତରେ କେବଳ ବାହ୍ୟ ଜ୍ଞାନ ବା ନିଷ୍ଫଳ ତଥ୍ୟ ଓ ତତ୍ତ୍ୱ ରୂପେ ରହିଥିବ ।

ଏକଥାର ସାରାଂଶ ହେଲା : ତୁମେ ଯାହା ଜାଣିଛ, ତାକୁ ପୂର୍ଣ୍ଣତଃ ଅଭ୍ୟାସ କର । ତାହାହେଲେ ଯାଇ ତୁମର ତତ୍ତ୍ୱଜ୍ଞାନକୁ ବ୍ୟବହାର-ଉପଯୋଗୀ କରି ବଢ଼ାଇ ପାରିବ ।

## ନିଷ୍ଠାପର ଅଭ୍ୟାସ

ତୁମେ ଯେତେ ଅଳ୍ପ ଜାଣିଛ, ସେତିକି ଅଭ୍ୟାସ କର, ତାହାହିଁ ଅଧିକ ଜାଣିବାର ଶ୍ରେଷ୍ଠ ଉପାୟ, ଅଗ୍ରଗତି କରିବାର ଏହାହିଁ ସବୁଠାରୁ ଶକ୍ତିଶାଳୀ ମାର୍ଗ – ସାମାନ୍ୟ ଟିକେ ଆନ୍ତରିକ ଭାବେ ଅଭ୍ୟାସ କର । ଉଦାହରଣସ୍ୱରୂପ ଯାହା କରିବା ଉଚିତ ନୁହେଁ ବୋଲି ଜାଣିଛ, ତାହା କର ନାହିଁ । ତୁମେ ତୁମ ଭିତରେ ଗୋଟିଏ ଦୁର୍ବଳତା, ଏକ ଅସାମର୍ଥ୍ୟ ଦେଖିଛ, ଚେଷ୍ଟାକର ଯେପରି ସେଇ ଦୁର୍ବଳତାରେ ତୁମେ ଆଉଥରେ ପଡ଼ି ନ ଯାଅ ବା ସେଇ ଅସାମର୍ଥ୍ୟ ଯେପରି ତୁମକୁ ଆଉଥରେ କାବୁ କରି ନ ଦିଏ; ସେ ଦିଗରେ ତୁମର ଚେଷ୍ଟା ଅବ୍ୟାହତ ରଖ । ଯଦି କୌଣସି ମୁହୂର୍ତ୍ତରେ ତୁମ ଆଗରେ ତୁମର କ'ଣ ହୋଇଉଠିବା ଉଚିତ ଏହା କୌଣସି ପ୍ରକାରେ ପ୍ରତିଭାତ ହୋଇଥାଏ, ଏକ ତୀବ୍ର ଆସ୍ପୃହା ଭିତରେ, ତୁମେ କ'ଣ ହେବା ଉଚିତ, ତାହା ତୁମକୁ ଜଣା ପଡ଼ି ଯାଇଥାଏ, ତେବେ ତୁମେ ତାହା ହୋଇଉଠିବା ଲାଗି କେବେ ଯେପରି ଭୁଲି ନ ଯାଅ ।

କେତେକ ଲୋକ ସବୁବେଳେ ଅଭିଯୋଗ କରନ୍ତି ଯେ, ସେମାନେ ଅସମର୍ଥ । କିନ୍ତୁ ଏପରି ମନୋଭାବ ତୁମକୁ ବେଶୀ ବାଟ ନେଇଯାଇ ପାରେନା । ଯଦି ଥରେ ତୁମେ ତୁମର ଦୁର୍ବଳତାକୁ ସତକୁ ସତ ଦେଖିପାରିଛ, ସତକୁ ସତ ଆନ୍ତରିକଭାବେ ତାହା ବୁଝିପାରିଛ ଯେ ତୁମର ସେପରି ହେବା ଉଚିତ ନୁହେଁ – ତେବେ ତୁମର ଆଉ କୌଣସି ଅଭିଯୋଗ ରହିବ ନାହିଁ । ତା'ପରେ ତୁମେ ପ୍ରତିଦିନହିଁ ଅଭ୍ୟାସ କରିଚାଲିବ – ତୁମର ସଂକଳ୍ପକୁ ଦୃଢ଼ କରି ଚାଲିବ, ତୁମ ଭିତରେ ନିଜ ପ୍ରତି ସତର୍କତା ମଧ୍ୟ ବୃଦ୍ଧି କରିଚାଲିବ – ଚିହ୍ନି ନେଇ ପାରିଥିବା ଭୁଲ୍‌କୁ ପୁଣି ଥରେ ହେବାକୁ ଯେପରି ନ ଦିଅ ।

# ଚେଷ୍ଟାହିଁ ଆନନ୍ଦ ଦିଏ

ପ୍ରକୃତରେ ଚେଷ୍ଟାହିଁ ଆନନ୍ଦ ଦେଇଥାଏ । ଯେଉଁ ମଣିଷ କିପରି ଚେଷ୍ଟା କରିବାକୁ ହୁଏ ଜାଣେ ନାହିଁ, ସେ କେବେ ଆନନ୍ଦ ପାଇବ ନାହିଁ । ଯେଉଁମାନେ ପ୍ରକୃତରେ ଅଳସୁଆ, ସେମାନେ କେବେ ଆନନ୍ଦ ପାଇବେ ନାହିଁ । ଆନନ୍ଦ ପାଇବା ପାଇଁ ସେମାନଙ୍କ ଭିତରେ ଶକ୍ତି ନ ଥାଏ ! ପ୍ରଚେଷ୍ଟାହିଁ ଆନନ୍ଦ ଦିଏ । ଏହି ପ୍ରଚେଷ୍ଟା ତୁମର ସତ୍ତା ଭିତରେ ଏପରି ଏକ ସ୍ପନ୍ଦନ ସୃଷ୍ଟି କରେ, ଯାହାକି ତୁମକୁ ଆନନ୍ଦ ପାଇବାରେ ସକ୍ଷମ କରେ ।

ଯେକୌଣସି ପ୍ରକାର ଚେଷ୍ଟା ହେଉ – ବସ୍ତୁଗତ ପ୍ରଚେଷ୍ଟା ହେଉ କି ନୈତିକ ପ୍ରଚେଷ୍ଟା ହେଉ କିଂବା ବୌଦ୍ଧିକ ସ୍ତରରେ ପ୍ରଚେଷ୍ଟା ହେଉ, ତାହା ତୁମ ସତ୍ତାରେ ଏପରି ସ୍ପନ୍ଦନ ସୃଷ୍ଟି କରିବ, ଯାହା ଦ୍ୱାରା କି ତୁମେ ବିଶ୍ୱଗତ ସ୍ପନ୍ଦନ ସଙ୍ଗେ ଯୁକ୍ତ ହୋଇପାରିବ, ଏବଂ ଏହାହିଁ ଆନନ୍ଦ ଦିଏ । ଏହି ପ୍ରଚେଷ୍ଟାହିଁ ତୁମକୁ ଜଡ଼ତା ଭିତରୁ ଟାଣି ଆଣେ; ଏହି ପ୍ରଚେଷ୍ଟାହିଁ ତୁମକୁ ବିଶ୍ୱଗତ ଶକ୍ତିଗୁଡ଼ିକ ସହିତ ଯୁକ୍ତ କରେ । ଏପରିକି ଯେଉଁମାନେ କୌଣସି ଯୋଗାଭ୍ୟାସ କରୁ ନାହାନ୍ତି, ଯେଉଁମାନଙ୍କର କୌଣସି ଆଧ୍ୟାତ୍ମିକ ଅଭୀପ୍ସା ନାହିଁ, ଯେଉଁମାନେ ଅତି ସାଧାରଣ ଜୀବନଟିଏ ଯାପନ କରନ୍ତି, ସେମାନେ ଯେତେବେଳେ ଏହି ଚେଷ୍ଟା ବା ଅଧ୍ୟବସାୟ ଆରମ୍ଭ କରିଦିଅନ୍ତି, ତାହାରି ବଳରେହିଁ ସେମାନେ ବିଶ୍ୱଶକ୍ତିଗୁଡ଼ିକର ସ୍ପନ୍ଦନ ସଙ୍ଗେ ନିଜର ସ୍ପନ୍ଦନ ମିଶିଯିବା ଫଳରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଏହି ଆନନ୍ଦ ଲାଭ କରି ଥାଆନ୍ତି ।

# ବିଶ୍ୱପ୍ରାଣଶକ୍ତି – ୧

ପ୍ରଶ୍ନ : ମଧୁମୟି ମା', ଆମେ କିପରି ''ବିଶ୍ୱ-ପ୍ରାଣଶକ୍ତି''କୁ ଆମ ନିଜ ଭିତରକୁ ଆହରଣ କରିପାରିବୁ ?

ଉତ୍ତର : ପ୍ରଥମରୁ ତୁମେ ଜାଣିରଖ ଯେ ବିଶ୍ୱପ୍ରାଣଶକ୍ତି ରହିଛି ଏବଂ ଜଣେ ଇଚ୍ଛା କଲେ ତା' ସଙ୍ଗେ ସମ୍ବନ୍ଧ ରଖିପାରିବ । ଦ୍ୱିତୀୟତଃ ତୁମକୁ ଏହି ସଂସର୍ଗ ରଖିବା ପାଇଁ ଚେଷ୍ଟା କରିବାକୁ ପଡ଼ିବ ଏବଂ ସର୍ବତ୍ର ପ୍ରବାହିତ ହେଉଥିବାର ଅନୁଭବ କରିବାକୁ ପଡ଼ିବ । ତୁମକୁ ଅନୁଭବ କରିବାକୁ ହେବ ଯେ, ଏ ବିଶ୍ୱପ୍ରାଣଶକ୍ତି ସବୁ ଭିତର ଦେଇ ପ୍ରବାହିତ ହେଉଛି, ସମସ୍ତଙ୍କ ଭିତର ଦେଇ ପ୍ରବାହିତ ହେଉଛି ଏବଂ ସବୁ ପରିସ୍ଥିତିରେ ପ୍ରବାହିତ ହେଉଛି । ଏହି ଅଭିଜ୍ଞତା ପାଇବାକୁ ହେଲେ – ମନେକର, ତୁମେ ମଫସଲ ଅଞ୍ଚଳରେ ବୁଲୁଛ ଓ ଗଛ, ଲତା, ତୋଟା, ବଣ ଦେଖୁଛ – ଜାଣିରଖ ଯେ, ଏହି ବିଶ୍ୱପ୍ରାଣଶକ୍ତି ସମଗ୍ର ପ୍ରକୃତିରେ ଖେଳି ବୁଲୁଛି, ଗଛ, ପାହାଡ଼, ନଦୀ ସବୁଠି । ତା'ପରେ ତୁମେ ତା' ସହିତ ସଂପର୍କ ସ୍ଥାପନ କର, ତା' ସହିତ ଘନିଷ୍ଠ ହୋଇଛ ବୋଲି ଅନୁଭବ କର । ଆଉ ଏପରିକି ଯେତେବେଳେ ତୁମେ ଏହା କରିବାକୁ ଚାହୁଁଛ ସେତେବେଳେ ବି ତୁମେ ସେଇ, ସେଇ କଥାକୁ ମନେ ପକାଅ, ଚେଷ୍ଟା କର ସେଇ ସାନ୍ନିଧ୍ୟରେ ବାସ କରିବାକୁ ।

କେତେକ ଲୋକ ବୁଝି ପାରନ୍ତି ଯେ, କେତେକ ଗତି, କେତେକ ଭାବଭଙ୍ଗୀ ଏବଂ କେତେକ କ୍ରିୟା ଦ୍ୱାରା ସେମାନେ ନିବିଡ଼ ଭାବେ ଏହି ସମ୍ବନ୍ଧ ରଖିପାରିବେ । ମୁଁ ଏପରି କେତେକ ଲୋକଙ୍କୁ ଜାଣେ, ସେମାନେ ଚାଲିଲା ବେଳେ ବିଭିନ୍ନ ଭାବଭଙ୍ଗୀ କରିଥା'ନ୍ତି ... ଏହାଦ୍ୱାରା ସେମାନେ ଏହି ପ୍ରାଣଶକ୍ତି ସହ ସମ୍ବନ୍ଧ ରଖିଛନ୍ତି ବୋଲି ଧାରଣା କରିଥା'ନ୍ତି । ଚାଲିଲା ବେଳେ ସେମାନଙ୍କର କେତେକ ଭାବଭଙ୍ଗୀ ଦ୍ୱାରା ଏହା ବୁଝାପଡ଼େ ।

## ବିଶ୍ୱପ୍ରାଣଶକ୍ତି – ୨

ମୁଁ ଏପରି ଯୁବକଯୁବତୀଙ୍କୁ ଜାଣିଛି, ଯେଉଁମାନେ କି ସବୁବେଳେ ସହରରେ ବାସ କରୁଥିଲେ ଏବଂ ଏହିସବୁ ବଡ଼ ବଡ଼ ସହରରେ ଥିବା ଚାରିକାନ୍ଥବୁଜା ଛୋଟ ଛୋଟ କୋଠରିରେ ଆବଦ୍ଧ ହୋଇ ରହିଥିଲେ – ତା' ଭିତରେ ସେମାନେ ଅଣନିଃଶ୍ୱାସୀ ହୋଇଯାଉଥିଲେ, ଥରେ ସେମାନେ ଫ୍ରାନ୍ସର ଦକ୍ଷିଣ ଅଞ୍ଚଳରେ ଥିବା ଗ୍ରାମ୍ୟ ଅଞ୍ଚଳକୁ ବୁଲି ଯାଇଥିଲେ । ସେସବୁ ଜାଗାରେ ସୂର୍ଯ୍ୟଙ୍କ କିରଣ ବଡ଼ ପ୍ରଖର ... ଯେତେବେଳେ ପ୍ରଥମେ ସେମାନେ ସେହି ଅଞ୍ଚଳରେ ବୁଲିଲେ, କିଛିଦିନ ଧରି ସେମାନଙ୍କର ମୁଣ୍ଡବ୍ୟଥା ହେଲା । ସୂର୍ଯ୍ୟଙ୍କର ପ୍ରଚଣ୍ଡତାରେ ସେମାନେ ବଡ଼ ଅସ୍ୱସ୍ତି ଅନୁଭବ କଲେ । ହଠାତ୍ ଦିନେ ସେମାନଙ୍କର ମନେହେଲା : ''ଆଚ୍ଛା ଆମେ ଯଦି ସୂର୍ଯ୍ୟଙ୍କ ସଙ୍ଗେ ବନ୍ଧୁ ହୋଇ ପାରନ୍ତୁ, ତାହାହେଲେ ଆମକୁ ଏତେ କଷ୍ଟ ହୁଅନ୍ତା ନାହିଁ ।'' ତା'ପରେ ସେମାନେ ଭିତରେ ଭିତରେ ସୂର୍ଯ୍ୟଙ୍କ ସହିତ ଏକ ପ୍ରକାର ବନ୍ଧୁତ୍ୱ ସ୍ଥାପନ କଲେ ଏବଂ ସୂର୍ଯ୍ୟଙ୍କ ପ୍ରତି ଏକ ପ୍ରକାର ବିଶ୍ୱାସ ଓ ଆସ୍ଥା ସ୍ଥାପନ କଲେ । ଏହାପରେ ପୁଣି ସେମାନେ ଯେତେବେଳେ ଖରାକୁ ବାହାରିଲେ, ସେମାନେ ଆତଙ୍କିତ ହେବା ଏବଂ ''ଓଃ କି ଭୟଙ୍କର ଗରମ, ଏହି ସୂର୍ଯ୍ୟ ଆମକୁ ପୋଡ଼ି ପକାଇବ'' ଏହି କଥା ପରିବର୍ତ୍ତେ ସେମାନେ କହିଲେ – ''ଆଃ; ଏ ଖରାରେ କେତେ ପ୍ରାଣଶକ୍ତି ରହିଛି, କେତେ ଆନନ୍ଦ ରହିଛି, ଏବଂ କେତେ ପ୍ରେମ ରହିଛି !'' ଇତ୍ୟାଦି, ଇତ୍ୟାଦି । ସେମାନେ ନିଜକୁ ସୂର୍ଯ୍ୟଙ୍କ ପାଖରେ ଏହିପରି ଖୋଲି ଧରିଲେ । (ମା' ନିଜେ ଖୋଲି ଧରିବାର ଭଙ୍ଗୀ କଲେ)

## ବିଶ୍ୱ-ପ୍ରାଣଶକ୍ତି – ୩

ଆମେ କିପରି [ବିଶ୍ୱପ୍ରାଣଶକ୍ତିଗୁଡ଼ିକୁ] ଗ୍ରହଣ କରିବା ଦିଗରେ ଆମର କ୍ଷମତା ବଢ଼ାଇ ପାରିବା ? ଅଗ୍ରଗତି କରିବା ଦ୍ୱାରା ।

ଜଣେ ପ୍ରଥମେ ଜାଣିବା ଉଚିତ – ନିଜକୁ କିପରି ଖୋଲି ଧରିବାକୁ ହେବ । ତା'ପରେ ଖୁବ୍ ଶାନ୍ତ ରହି ଆହରଣ କରିଥିବା ସେହି ଶକ୍ତିକୁ ନିଜ ଭିତରେ ମିଞ୍ଜେଇବାକୁ ହେବ, ଧାରଣ କରିବାକୁ ହେବ ଏବଂ ଦେଖିବାକୁ ହେବ ଯେ, ଯେମିତି ସେହି ଶକ୍ତିକୁ ତୁମେ ଫୋପାଡ଼ି ନ ଦେଉଛ । ସେହି ଶକ୍ତିକୁ କିପରି ତୁମେ ତୁମ ସତ୍ତାରେ ମିଞ୍ଜେଇବାକୁ ହେବ, ତୁମର ଜାଣିବା ଉଚିତ ।

ତେଣୁ ତୁମର ଅଗ୍ରଗତି ହେବା ଉଚିତ ଏକ ସ୍ୱାଭାବିକ ଅଥଚ କ୍ରମବର୍ଦ୍ଧମାନ ଭାରସାମ୍ୟ ଭିତରେ – କେଉଁ ସମୟରେ ତୁମେ ଏହି ଶକ୍ତିକୁ ଗ୍ରହଣ କରିବ ଏବଂ କେତେବେଳେ ଏହାକୁ ତୁମ ଭିତରେ ମିଞ୍ଜେଇବ ଏବଂ କେତେବେଳେ ତୁମେ ଏହାକୁ ଖର୍ଚ୍ଚ କରିବ, ଏସବୁ ଭିତରେ ତୁମକୁ ଗୋଟିଏ ଭାରସାମ୍ୟ ରକ୍ଷା କରିବାକୁ ହେବ ଏବଂ ଏହା ଯେପରି ତୁମ ଜୀବନରେ ଏକ ସୁସମଞ୍ଜସ ଛନ୍ଦ ଭିତରେ ପ୍ରକାଶିତ ହୁଏ – ଏହି ଛନ୍ଦଟି ତୁମର ଏକାନ୍ତ ବ୍ୟକ୍ତିଗତ । ମନେରଖ, ତୁମେ ଯେପରି ତୁମ କ୍ଷମତାର ବାହାରକୁ ନ ଯାଅ ଏବଂ ତୁମ କ୍ଷମତାର ତଳେ ରହି ନ ଯାଅ । କାରଣ, ବିଶ୍ୱ ପ୍ରାଣଶକ୍ତି ଏପରି ଜିନିଷ ନୁହେଁ – ଯାହାକୁ ତୁମେ ଏକ ବାକ୍ସ ଭିତରେ ଆବଦ୍ଧ କରି ରଖିପାରିବ । ଏହି ଶକ୍ତିର ବିନିମୟ ଓ ଆଦାନ-ପ୍ରଦାନ ହେବା ଉଚିତ । ଏହାରି ମାଧ୍ୟମରେ ତୁମେ ଜାଣି ପାରିବ କିପରି ଗ୍ରହଣ କରିବାକୁ ହୁଏ, ଏବଂ ତାହା ସଙ୍ଗେ ସଙ୍ଗେ କିପରି ଖର୍ଚ୍ଚ କରିବାକୁ ହୁଏ । କିନ୍ତୁ ଗ୍ରହଣ କରିବାର କ୍ଷମତା ବଢ଼ାଇବାକୁ ହେଲେ ଜିନିଷଗୁଡ଼ିକୁ ଅଧିକରୁ ଅଧିକ କାର୍ଯ୍ୟରେ ବିନିଯୋଗ କରିବାକୁ ହେବ, ଖର୍ଚ୍ଚ କରିବାକୁ ହେବ ।

# ବିଶ୍ୱ-ପ୍ରାଣଶକ୍ତି – ୪

ବିଶ୍ୱ-ପ୍ରାଣଶକ୍ତିକୁ ଗ୍ରହଣ କରିବାରେ ବିଭିନ୍ନ ଲୋକର ବିଭିନ୍ନ ଗ୍ରହଣଶୀଳତା ରହିଛି । କୌଣସି ଦୁଇଜଣ ଲୋକଙ୍କର ଗ୍ରହଣଶୀଳତା ଗୁଣରେ ଓ ପରିମାଣରେ ସମାନ ନୁହେଁ । ବିଶେଷତଃ ଗୁଣଗତ ପାର୍ଥକ୍ୟ ବେଶୀ ଦେଖାଯାଏ । ଜଣେ କେହି ଖୁବ୍ ଗଭୀର ଏବଂ ଶୁଦ୍ଧ ପ୍ରାଣଶକ୍ତିମାନଙ୍କର ସଂସ୍ପର୍ଶରେ ଆସିପାରେ । ସେଗୁଡ଼ିକୁ ଗୁଣାନ୍ତରିତ ପ୍ରାଣଶକ୍ତି ବୋଲି କୁହାଯାଇପାରେ । ତା'ମାନେ ସେହି ବିଶ୍ୱ-ପ୍ରାଣଶକ୍ତିଗୁଡ଼ିକ ଭଗବାନଙ୍କ ସଂସ୍ପର୍ଶରେ ଆସିଛି । କେବଳ ଭଗବାନଙ୍କୁ ପାଇବା ପାଇଁ ନୁହେଁ, ପରନ୍ତୁ ତାଙ୍କୁ ପାଇବା ଲାଗି ସେହି ପ୍ରାଣଶକ୍ତିଗୁଡ଼ିକରେ ଖୁବ୍ ଅଭୀପ୍ସା ଓ ଆକୂତି ରହିଛି । ତେଣୁ ତୁମେ ଯଦି ଏହି ପ୍ରକାର ପ୍ରାଣଶକ୍ତିକୁ ଗ୍ରହଣ କର, ଏହାହିଁ ଅଗ୍ରଗତି କରିବାରେ ତୁମକୁ ବହୁତ ଶକ୍ତି ଓ ସାମର୍ଥ୍ୟ ଦିଏ । ଏହି ଦୃଷ୍ଟିରୁ ବିଭିନ୍ନ ପ୍ରକାର ପ୍ରାଣଶକ୍ତିର ଗୁଣାତ୍ମକ ଉତ୍କର୍ଷ ଉପରେ ଗୁରୁତ୍ୱ ଦିଆଯାଇଥାଏ । କିନ୍ତୁ ଏହି ପ୍ରକାର ପ୍ରାଣଶକ୍ତିକୁ ଯିଏ ଗ୍ରହଣ କରିବ, ସେ ମଧ୍ୟ ନିଜେ ଉତ୍କୃଷ୍ଟ ପ୍ରକୃତିର ହୋଇଥିବା ଉଚିତ । ଆଉ ମଧ୍ୟ ଏହି ଉତ୍କର୍ଷ ନିର୍ଭର କରେ ଜଣେ କିଭଳି କାର୍ଯ୍ୟ କରୁଛି ତା' ଉପରେ ।

କିନ୍ତୁ ଜଣେ ଯଦି ଏହି ପ୍ରାଣଶକ୍ତିକୁ ସଂପୂର୍ଣ୍ଣ ଭାବେ ତା' ନିଜର ଏକ ସ୍ୱାର୍ଥପର ନିମ୍ନସ୍ତରୀୟ କାମନା-ବାସନାର ଚରିତାର୍ଥରେ ଲଗାଏ, ତେବେ ଏହା ନିଶ୍ଚିତ କଥା ଯେ, ତା' ପକ୍ଷରେ ସୂକ୍ଷ୍ମ ଗୁଣାତ୍ମକ ନୂତନ ଶକ୍ତି ଗ୍ରହଣ କରିବା ଏକାନ୍ତ ଅସମ୍ଭବ ହୋଇ ପଡ଼ିବ । ସବୁ ନିର୍ଭର କରୁଛି, ଜଣେ ଗ୍ରହଣ କରୁଥିବା ଶକ୍ତିଗୁଡ଼ିକୁ କିପରି ବ୍ୟବହାର କରୁଛି । ଅନ୍ୟପକ୍ଷରେ ତୁମେ ଯଦି ଏହି ଶକ୍ତିକୁ ଆଧ୍ୟାତ୍ମିକ ଅଗ୍ରଗତିରେ ବ୍ୟବହାର କରିବ କିଂବା ତୁମର ପରିପୂର୍ଣ୍ଣତା ଲାଗି ବ୍ୟବହାର କରିବ, ତେବେ ଏହା ନିଶ୍ଚୟ ତୁମକୁ ସାହାଯ୍ୟ କରିବ ... ଏକଥା ନିଶ୍ଚିତ ଯେ, ଏପରି ଅବସ୍ଥାରେ ତୁମେ ସେହି ଉଚ୍ଚତର ପ୍ରାଣଶକ୍ତିକୁ ଗ୍ରହଣ କରିବାରେ ଅଧିକରୁ ଅଧିକ ସକ୍ଷମ ହେବ ।

## ପ୍ରାଣଶକ୍ତିର ତିନୋଟି ଉତ୍ସ

ସଂସାରରେ ଅଧିକାଂଶ ଲୋକଙ୍କ କ୍ଷେତ୍ରରେ ପ୍ରାଣଶକ୍ତି ନିମ୍ନଭୂମିରୁହିଁ ଆସିଥାଏ, ଏହି ପୃଥିବୀରୁ, ଖାଦ୍ୟରୁ ଏବଂ ସବୁପ୍ରକାର ଇନ୍ଦ୍ରିୟାନୁଭୂତି ଭିତରୁ । ଧର ଖାଦ୍ୟରୁ ... ଖାଦ୍ୟରୁ ସେମାନେ ପ୍ରାଣଶକ୍ତି ଆହରଣ କରନ୍ତି ଏବଂ ସେମାନେ... ଦେଖିବା ଦ୍ୱାରା, ଶୁଣିବା ଦ୍ୱାରା, ସ୍ପର୍ଶ କରିବା ଦ୍ୱାରା, ଅନୁଭବ ଦ୍ୱାରା ବସ୍ତୁ ଭିତରେ ରହିଥିବା ଶକ୍ତିର ସଂପର୍କରେ ସେମାନେ ଆସି ଥାଆନ୍ତି । ଏହି ପ୍ରକାରେ ସେମାନେ ପ୍ରାଣଶକ୍ତିକୁ ଆକର୍ଷଣ କରଥା'ନ୍ତି । ଏଇଟାହିଁ ହେଲା ସେମାନଙ୍କର ପାରମ୍ପରିକ ଖାଦ୍ୟ ।

ଆଉ କେତେକ ବ୍ୟକ୍ତି ଅଛନ୍ତି, ସେମାନଙ୍କର ଖୁବ୍ ବିକଶିତ ପ୍ରାଣସତ୍ତା ରହିଛି, ତାକୁ ସେମାନେ ଖୁବ୍ ଶୃଙ୍ଖଳିତ କରି ରଖିଥା'ନ୍ତି । ସେମାନଙ୍କର ଚିତ୍ତ ବା ହୃଦୟ ଖୁବ୍ ବିଶାଳ ହୋଇଥାଏ । ସେମାନେ ବିଶ୍ୱର ବିଭିନ୍ନ ପ୍ରାଣଶକ୍ତି ସଙ୍ଗେ ଓ ସେଗୁଡ଼ିକର ଗତିବୃତ୍ତି ସଙ୍ଗେ ସଂପର୍କିତ ହୋଇଥା'ନ୍ତି । ତେଣୁ ସେମାନେ ତାହାହିଁ ଗ୍ରହଣ କରିପାରନ୍ତି ... ଯଦି ଆହ୍ୱାନର ଗତି ଦ୍ୱାରା ... ସେମାନେ ବିଶ୍ୱର ପ୍ରାଣଶକ୍ତିକୁ ନିଜ ଭିତରକୁ ଆହ୍ୱାନ କରିପାରନ୍ତି ଓ ସେସବୁ ଶକ୍ତି ସେମାନଙ୍କ ଭିତରକୁ ପ୍ରବେଶ କରେ ଏବଂ ସେମାନଙ୍କର ଯେତିକି ଶକ୍ତି ଦରକାର ହୁଏ, ତାହା ସେମାନେ ନିଜ ଭିତରେ ନୂଆ କରି ପୂରଣ କରି ନିଅନ୍ତି ।

ଆଉ କେତେକ ଅଛନ୍ତି, ସେମାନଙ୍କର ସଂଖ୍ୟା ଖୁବ୍ କମ୍ କିଂବା ସେମାନଙ୍କ ବ୍ୟକ୍ତିଗତ ଜୀବନରେ ଏପରି କେତେକ କମ୍ ମୁହୂର୍ତ୍ତ ଆସେ – ଯେତେବେଳେ ସେମାନେ ଏକ ଉଚ୍ଚତର ଚେତନା, ଉଚ୍ଚତର ଶକ୍ତି, ଉଚ୍ଚତର ଜ୍ଞାନ ପାଇଁ ଆସ୍ପୃହା କରନ୍ତି, ଏହି ଆବାହନ ଫଳରେ ସେମାନେ ନିଜ ଭିତରକୁ ଉଚ୍ଚତର ସ୍ତରରୁ ଶକ୍ତିସବୁକୁ ଆହରଣ କରିଥା'ନ୍ତି । ଏମାନଙ୍କ ଭିତରେ ସେହିସବୁ ଉଚ୍ଚତର ଶକ୍ତି ପ୍ରବେଶ କରି ଏପରି ନୂତନ ଶକ୍ତି ସଂଚାର କରିଥାଏ ଯାହା ଖୁବ୍ ସ୍ୱତନ୍ତ୍ର ଧରଣର ଏବଂ ତାହାର ମୂଲ୍ୟ ମଧ୍ୟ ଖୁବ୍ ସ୍ୱତନ୍ତ୍ର ।

## ଗ୍ରହଣଶୀଳତା : ନିଜକୁ ଖୋଲିଧର

କ୍ରିୟାଶୀଳ ହେବା ଅର୍ଥ ନିଜ ଭିତରେ ଥିବା ଚେତନା କିଂବା ଶକ୍ତି କିଂବା କୌଣସି ଗତିକୁ ଭିତରୁ ବାହାରକୁ ନିକ୍ଷେପ କରିବା । ନିଷ୍କ୍ରିୟ ରହିବା ଅର୍ଥ ହେଲା– ଭିତରେ ନିଶ୍ଚଳ ରହିବା ଓ ବାହାରୁ ଯାହା ଆସୁଛି ତାକୁ ଗ୍ରହଣ କରିବା ... ।

ଯଦି ତୁମେ ପ୍ରକୃତ ପ୍ରେରଣା ପାଇବାକୁ ଚାହୁଁଥାଅ ଅର୍ଥାତ୍ ଆନ୍ତର ନିର୍ଦ୍ଦେଶ ପାଇବାକୁ ଚାହୁଁଥାଅ ଏବଂ ଯଦି ତୁମେ ଶକ୍ତି ଚାହୁଁଥାଅ – ସେଇ ପ୍ରକାର ଶକ୍ତି ଚାହୁଁଥାଅ, ଯାହା ତୁମକୁ ପଥ ପ୍ରଦର୍ଶନ କରିବ ଏବଂ ତୁମର କର୍ତ୍ତବ୍ୟ ନିର୍ଦ୍ଧାରଣ କରିବ ତା'ହେଲେ ପ୍ରଥମେ ତୁମକୁ ସ୍ଥିର ରହିବାକୁ ପଡ଼ିବ । ତା'ମାନେ ମୁଁ କହୁ ନାହିଁ ଯେ ତୁମେ ଶାରୀରିକ ଭାବେ ଗତିହୀନ ହେବ, କିନ୍ତୁ ତୁମ ଭିତରୁ ଯେପରି କୌଣସି ଜିନିଷ ବାହାରକୁ ନିକ୍ଷିପ୍ତ ନ ହୁଏ । ଅନ୍ୟ ପକ୍ଷରେ ଯଦିଓ ତୁମେ ନିଜ ଭିତରେ ବସ୍ତୁଟିଏ ଭଳି ନିଶ୍ଚଳ ରହିଥିବ, ତଥାପି ନିଜକୁ ଖୋଲି ଧରିବ, ଏବଂ ସେହି ଶକ୍ତି ତୁମ ଭିତରକୁ ପ୍ରବେଶ କରିବା ପାଇଁ ଅପେକ୍ଷା କରିବ । ତା'ପରେ ତୁମେ ନିଜକୁ ଖୁବ୍ ପ୍ରଶସ୍ତ କରିବ, ଯେତେଦୂର ପାର ନିଜକୁ ବିସ୍ତାରିତ କରିବ ଯାହା ଫଳରେ କି ଯାହାକିଛି ତୁମ ପାଖକୁ ଆସିବ, ସେସବୁକୁ ତୁମେ ଧାରଣ କରିପାରିବ । ଏବଂ ଏହାହିଁ ସେହି ଗତି – ବାହାରକୁ ସ୍ପନ୍ଦନଗୁଡ଼ିକ ଛାଡ଼ିବା ପରିବର୍ତ୍ତେ ଭିତରେ ଏକ ଶାନ୍ତ ନିଶ୍ଚଳତା ରକ୍ଷା କରିବା, ନିଜକୁ ସଂପୂର୍ଣ୍ଣ ଖୋଲି ରଖିବା । ଯେପରିକି ତୁମେ ସେହି ଦିବ୍ୟଶକ୍ତିକୁ ଆଣିବା ଲାଗି ତୁମ ଭିତରର ସବୁ ଦ୍ୱାରକୁ ତା' ପାଇଁ ଖୋଲି ଦେଇଛ । ଏହା ଫଳରେ ସେହି ଦିବ୍ୟ ଶକ୍ତି ତୁମ ଭିତରକୁ ପ୍ରବେଶ କରିବ ଏବଂ ତୁମର କ୍ରିୟା, କର୍ମ ଓ ଚେତନାକୁ ରୂପାନ୍ତରିତ କରିବ ।

ତୁମେ ଯେତେ ନିଜକୁ ସୁନ୍ଦରଭାବେ ଶାନ୍ତ ଓ ନିଶ୍ଚଳ ରଖିପାରିବ, ସେତିକି ତୁମେ ଦିବ୍ୟଚେତନାକୁ ଗ୍ରହଣ କରିବାରେ ସକ୍ଷମ ହୋଇପାରିବ ।

# ଆସ୍ପୃହା ଓ ଗ୍ରହଣଶୀଳତା – ୧

ତୁମେ ଏକକାଳୀନ ଦୁଇଟି ଅବସ୍ଥାରେ ରହିପାର । ସେତେବେଳେ ତୁମେ ଆସ୍ପୃହା କରିପାର, ଯାହାଫଳରେ କି ଉର୍ଦ୍ଧ୍ୱରୁ ଉତ୍ତର ଆସେ ଏବଂ ଠିକ୍ ସେଇ ସମୟରେ ବି ଏକାବେଳେକେ ଉର୍ଦ୍ଧ୍ୱର ସେଇ ପ୍ରତ୍ୟୁତ୍ତରକୁ ଗ୍ରହଣ କରିପାର । ସେଥିପାଇଁ ନିଜକୁ ଉନ୍ମୋଚିତ ରଖିପାର । **ଏକାବେଳେକେ** ଏଇ ଦୁଇଟି ଜିନିଷ ଆସିବା ପାଇଁ ପ୍ରଥମ ସର୍ତ୍ତ ହେଲା – ତୁମେ ତୁମ ଭିତରେ ଖୁବ୍ ନିଶ୍ଚଳ ରହିବ, ଯାହା ଫଳରେ କି ଉର୍ଦ୍ଧ୍ୱରୁ ଆସୁଥିବା ସେହି ପ୍ରତ୍ୟୁତ୍ତରଟି ପୂର୍ଣ୍ଣ ଭାବରେ ପ୍ରବେଶ କରିପାରିବ । ତୁମ ଭିତରଟି ଅବିଚଳିତ ରହିଲେହିଁ ଚିତ୍ତର ସ୍ଥିରତା ଆସିବ ଏବଂ ତାହା ଏକ ଉର୍ଦ୍ଧ୍ୱତର ଶକ୍ତି ଓ ଚେତନାକୁ ନିଜ ଭିତରକୁ ଆଣିପାରିବ ... । ଜଣେ ନିଜ ଭିତରେ ଏପରି ଅନୁଭବ କରିବା ଉଚିତ ଯେ, ତା' ଚିତ୍ତଟି ଏକ ଆସ୍ପୃହାର ଅଗ୍ନିଶିଖା ଭଳି ଉପରକୁ ଉଠୁଛି । କ୍ରମଶଃ ଏହି ଅଗ୍ନିଶିଖା ତୁମ ଚିତ୍ତକୁ ଏଭଳି ପ୍ରସାରିତ କରିବ ଯେ, ତାହା ହୋଇଉଠିବ ଏକ ପାତ୍ର, ବିଶାଳ ପାତ୍ର । ଯାହା ଫଳରେ କି ଉର୍ଦ୍ଧ୍ୱରୁ ଆଗତ ସବୁକିଛି ରହିପାରିବ ।

ଏବଂ ଏହି ଦୁଇଟି ଏକ ସଙ୍ଗେ ଗତି କରିପାରେ । ଏବଂ ଯେତେବେଳେ ଏଇ ଦୁଇଟି ଏକତ୍ର ରଖିବାରେ ଜଣେ ସକ୍ଷମ ହୋଇ ପାରିବ, ସେତେବେଳେ ସେ ଯାହାକିଛି କରୁଥାଉ ପଛକେ ତା' ଭିତରେ ବି ଏକକାଳୀନ ଏ ଦୁଇଟି କଥା କରିପାରିବ । ଅର୍ଥାତ୍, ତା' ଭିତରେ ଆସ୍ପୃହା ଓ ଗ୍ରହଣଶୀଳତା ଏକାବେଳେକେ ଚାଲିପାରିବ । କେବଳ ଚେତନାର ସାମାନ୍ୟ, ଅତିସାମାନ୍ୟ ଓଲମ ବିଲମ ଘଟିପାରେ । ଏହି ଓଲମ ବିଲମ ଏତେ କମ୍ ହେବ ଯେ, ଜାଣି ହେବନି । ଏହା ପ୍ରଥମେ ଆସ୍ପୃହାର ପ୍ରଜ୍ୱଳନ୍ତ ଶିଖା ଉପରେ ସଚେତନ ହୁଏ, ଏବଂ ମୁହୂର୍ତ୍ତକ ପରେହିଁ ସେ ତା'ର ଗ୍ରହଣଶୀଳ ପାତ୍ର ଉପରେ ସଚେତନ ହୋଇଯାଏ । ତା' ଅର୍ଥ, ତୁମ ଆସ୍ପୃହାର ଶିଖାଟି ଉର୍ଦ୍ଧ୍ୱକୁ ଉଠି ତୁମେ ଯାହା ଚାହୁଁଛ, ତାହା ଡାକିଆଣେ ଏବଂ ଠିକ୍ ପରେ ପରେହିଁ ତୁମ ଭିତରର ଗ୍ରହଣଶୀଳ ପାତ୍ରଟି ଉର୍ଦ୍ଧ୍ୱରୁ ଆସୁଥିବା ସେହି ଶକ୍ତି ଓ ଚେତନାକୁ ଧରି ରଖିବାରେ ସଚେତନ ହୋଇଯାଏ ।

## ଆସ୍ପୃହା ଓ ଗ୍ରହଣଶୀଳତା – ୨

ପ୍ରତିଟି ଆସ୍ପୃହା ଊର୍ଦ୍ଧ୍ୱରୁ ଏକ ଉତ୍ତର ଡାକି ଆଣେ, ଏବଂ ସେହି ଆସ୍ପୃହାର ଫଳସ୍ୱରୂପ ଏହି ଉତ୍ତରଟି କିନ୍ତୁ ପ୍ରତିଟି ଲୋକର ଗ୍ରହଣଶୀଳତା ଉପରେ ନିର୍ଭର କରେ । ମୁଁ ଏପରି କେତେକ ଲୋକଙ୍କୁ ଜାଣେ : ସେମାନେ କହନ୍ତି – ''ଓହୋ ! ମୁଁ ସବୁବେଳେ ଆସ୍ପୃହା କରି ଆସୁଛି ତଥାପି ମୋତେ କିଛି ମିଳୁ ନାହିଁ ।'' ସେମାନେ ଯେ କିଛି ପାଇବେ ନାହିଁ, ଏକଥା ଅସମ୍ଭବ । ତା'ମାନେ – ପ୍ରତିଟି ଆସ୍ପୃହାର ନିଶ୍ଚୟ ଉତ୍ତର ରହିଛି । ଉତ୍ତର ଆସେ । କିନ୍ତୁ ସେମାନେ ଗ୍ରହଣଶୀଳ ନୁହନ୍ତି । ତେଣୁ ସେମାନେ କିଛି ଉତ୍ତର ପାଇ ପାରନ୍ତି ନାହିଁ ... ।

ଯେତେବେଳେ ତୁମର ଆସ୍ପୃହା ଥାଏ – ଏକ ଅତ୍ୟନ୍ତ କ୍ରିୟାଶୀଳ ଆସ୍ପୃହା – ତେବେ ବୁଝିବ ତୁମ ଆସ୍ପୃହାଟି ତା'ର କାର୍ଯ୍ୟ କରିବାକୁ ଯାଉଛି । ତୁମେ ଯେଉଁଥି ପାଇଁ ଅଭୀପ୍ସା କରୁଛ ତାହାକୁ ଡାକି ଆଣିବା ପାଇଁ ସେ ଯାଉଛି । କିନ୍ତୁ ପରେ ତୁମେ ଯଦି ଆଉ କିଛି ଆଡ଼କୁ ମନ ଦିଅ, କିଂବା ସେ ଦିଗରେ ଏକାଗ୍ର ନ ହୁଅ ବା ଗ୍ରହଣଶୀଳ ନ ହୁଅ, ତାହେଲେ ତୁମର ଆସ୍ପୃହାଟିର ଉତ୍ତର ତୁମ ପାଖକୁ ଆସିଯାଇଥିଲେ ବି ତୁମେ ତାକୁ ଲକ୍ଷ୍ୟ କରିପାର ନାହିଁ । ଏହା ଅଧିକାଂଶ ବେଳେ ଘଟେ । ତେଣୁ ଲୋକେ ତୁମକୁ କହନ୍ତି – ''ମୁଁ ଆସ୍ପୃହା କଲି – କିନ୍ତୁ କିଛି ପାଇଲି ନାହିଁ, କିଛି ଉତ୍ତର ମିଳିଲା ନାହିଁ !'' କିନ୍ତୁ ନା – ସେକଥା ନୁହଁ । ତୁମେ ପ୍ରକୃତରେ ଉତ୍ତର ପାଇଥାଅ, କିନ୍ତୁ ତୁମେ ସେ ସମ୍ବନ୍ଧେ ସଚେତନ ନ ଥାଅ । କାରଣ, ତୁମେ ସବୁବେଳେ ଘୂରୁଥିବା ଗୋଟିଏ କଳ ଭଳି ଘୂରୁଥାଅ ।

# ସେହି 'ଅନ୍ୟ କିଛି'କୁ ଖୋଜ

ଏକ ନିଷ୍ପାପର ଆସ୍ପୃହା ଦ୍ୱାରା ଆମେ ଯଦି ଆମ ଅନ୍ତରର ଗୋଟିଏ ରୁଦ୍ଧଦ୍ୱାର ଖୋଲି ଦେଇପାରନ୍ତେ, ତେବେ ଆମେ ଏମିତି କିଛି ଗୋଟାଏ...ର ସନ୍ଧାନ ପାଆନ୍ତେ ଯାହାକି ଆମ ଜୀବନର ସମଗ୍ର ତାତ୍ପର୍ଯ୍ୟକୁ ବଦଳାଇ ଦିଅନ୍ତା, ଆମର ସବୁ ଜିଜ୍ଞାସାର ଉତ୍ତର ଦେଇଦିଅନ୍ତା – ଆମର ସବୁ ସମସ୍ୟାର ସମାଧାନ କରିଦିଅନ୍ତା ଏବଂ ସେହି ପରିପୂର୍ଣ୍ଣତା ଆଡ଼କୁ ଆମକୁ ନେଇଯା'ନ୍ତା, ଯାହାକି ଆମକୁ ଏପର୍ଯ୍ୟନ୍ତ ଜଣା ନାହିଁ ଅଥଚ ତାକୁ ପାଇବା ଲାଗି ଆମେ ଆସ୍ପୃହା କରିଆସିଛୁ । ସେହି ''ଅନ୍ୟକିଛି'' ବସ୍ତୁଟି ଆମକୁ ସେହି ସତ୍ୟ ବା ବାସ୍ତବତା ପାଖରେ ପହଞ୍ଚାଇ ଦିଅନ୍ତା, ଏବଂ କେବଳ ସେହି ସତ୍ୟହିଁ ଆମକୁ ସନ୍ତୋଷ ଦେଇପାରେ ଓ ଆମ ପାଇଁ ଆଣି ଦେଇପାରେ ଆନନ୍ଦ, ସମତା, ଶକ୍ତି ସାମର୍ଥ୍ୟ ଆଉ ଜୀବନ ।...

ଏହି କାର୍ଯ୍ୟଟି ଆରମ୍ଭ ହୋଇଯିବ : ଯେତେବେଳେ ସତକୁ ସତ ତୁମେ ଏହା ଚାହିଁବ, ତୁମେ ଏହାର ଆବଶ୍ୟକତା ଅନୁଭବ କରିବ । ତା' ପରବର୍ତ୍ତୀ କାମଟି ହେଲା : **ସର୍ବୋପରି** କେବଳ ଏହା ବିଷୟରେ ଚିନ୍ତା କରିବା । ତା'ପରେ ଏପରି ଏକ ଦିନ ଆସିବ, ଖୁବ୍ ଶୀଘ୍ର ଆସିବ, ଯେତେବେଳେ ତୁମେ ତାହାଛଡ଼ା ଆଉକିଛିକୁ ବି ଚିନ୍ତା କରିପାରିବ ନାହିଁ ।

ଏହାହିଁ ତୁମଠାରୁ ଆଶା କରାଯାଉଛି । ତା'ପରେ ... ।

ତୁମ ନିଜ ଆସ୍ପୃହାଟିକୁ ଏକ ରୂପ ଦିଅ, ସଂଗଠିତ କର, ତୁମ ହୃଦୟରୁ ସେଥିପାଇଁ ଯଥାର୍ଥ ପ୍ରାର୍ଥନାଟିଏ ଉତ୍ସାରିତ ହେଉ, ସେହି ପ୍ରାର୍ଥନାଟି ଭିତରେ ତୁମ ଆବଶ୍ୟକତାଟି ଆନ୍ତରିକ ଭାବରେ ପ୍ରକାଶିତ ହେଉ । ତା'ପରେ... ତୁମେ ଦେଖିବ, କ'ଣ ତା'ପରେ ଘଟୁଛି ।

କିଛି ଗୋଟାଏ ଘଟିବ । ନିଶ୍ଚୟ କିଛି ଘଟିବ । ପ୍ରତ୍ୟେକ ବ୍ୟକ୍ତି ପାଇଁ ଏହା ଭିନ୍ନ ଭାବେ ରୂପାୟିତ ହେବ ।

# ଆସ୍ପୃହା ଏବଂ ଅଗ୍ରଗତି

ତୁମେ ଯଦି ଏକ ସଚେତନ ଆସ୍ପୃହା ଭିତରେ ଅଛ ଏବଂ ଖୁବ୍ ନିଷ୍ଠାପର ରହିଛ – ତା'ହେଲେ, ତୁମ ଚତୁଃପାର୍ଶ୍ୱରେ ସବୁକିଛି ପ୍ରତ୍ୟକ୍ଷ ଭାବେ ହେଉ ବା ପରୋକ୍ଷ ଭାବେ ହେଉ ତୁମ ଆସ୍ପୃହାକୁ ସହାୟତା କରିବା ଲାଗି ସଜାଡ଼ି ହୋଇଯିବ, ତା'ମାନେ, ହୁଏତ ସବୁକିଛି ତୁମକୁ ଅଗ୍ରଗତି କରିବାରେ ସାହାଯ୍ୟ କରିବ, ନୂତନ କିଛି ସଙ୍ଗେ ତୁମକୁ ସମ୍ପର୍କିତ କରିଦେବ – କିଂବା ତୁମ ପ୍ରକୃତିରେ ବହୁଦିନ ରହି ଆସିଥିବା କୌଣସି ଖରାପ ଗୁଣକୁ ଦୂର କରିଦେବ । ଏହା ନିଶ୍ଚୟ ଖୁବ୍ ଉଲ୍ଲେଖନୀୟ ବ୍ୟାପାର ହେବ । ତୁମେ ଯଦି ସତକୁ ସତ ଆସ୍ପୃହାରେ ଗଭୀର ହୋଇଛ, ତା'ହେଲେ ଏମିତି କିଛି ଘଟନା ଆସିବ ନାହିଁ, ଯାହାକି ତୁମକୁ ଏହି ଆସ୍ପୃହାକୁ ଫଳପ୍ରଦ କରିବାରେ ସହାୟତା ନ କରିବ । ସବୁକିଛି ଆସିବ, ସବୁକିଛି – ସତେ ଯେପରି ଏକ ପୂର୍ଣ୍ଣ ଓ ପରମ ଚେତନା ତୁମ ଚାରିପଟେ ସବୁକିଛିକୁ ସଂଗଠିତ କରି ଚାଲିଛି, ଅଥଚ ତୁମେ ତୁମ ବାହ୍ୟସ୍ତରର ଅଜ୍ଞାନରେ ତାହାକୁ ଚିହ୍ନିପାରୁ ନାହଁ ବା ବୁଝିପାରୁ ନାହଁ । ଏବଂ ପରିସ୍ଥିତି ବା ଘଟନାଗୁଡ଼ିକ ଯେପରି ଆବିର୍ଭୂତ ହେଉଛନ୍ତି, ସେଗୁଡ଼ିକୁ ଦେଖି ତୁମେ ସଙ୍ଗେ ସଙ୍ଗେ ବିରୋଧ କରୁଛ, ଅଭିଯୋଗ କରୁଛ କିଂବା ସେଗୁଡ଼ିକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଛ; କିନ୍ତୁ କିଛି କାଳ କଟିଗଲା ପରେ, ଯେତେବେଳେ ତୁମେ ଅଧିକତର ବିଜ୍ଞ ହୋଇଛ, ଏବଂ ସେହି ଘଟନା ଓ ତୁମ ଭିତରେ ଟିକିଏ ଦୂରତ୍ୱ ଆସିଯାଇଛି – ବେଶ୍, ଠିକ୍ ସେତିକିବେଳେ ତୁମେ ଭଲ ଭାବେ ବୁଝିପାରିବ ଯେ, ତୁମେ ଯେଉଁ ଅଗ୍ରଗତି କରିବାକୁ ଚାହିଁଥିଲ – ତାହା ସେହି ଅତୀତ ପରିସ୍ଥିତି ବା ଘଟନାଗୁଡ଼ିକର ମାଧ୍ୟମରେ ଘଟିଯାଇଛି ।

## ଆସ୍ପୃହା ଏକ ତୀରଭଳି

ଆସ୍ପୃହା ହେଉଛି ଏକ ତୀର ଭଳି, ଠିକ୍ ଏମିତି (ମା' ତାଙ୍କ ଆଙ୍ଗୁଳିରେ ସେ ଭଙ୍ଗୀଟି ଦେଖାଇଲେ) । ତେଣୁ ତୁମେ ଆସ୍ପୃହା କର, **ଖୁବ୍** ଆନ୍ତରିକତା ସହ ବୁଝିବାକୁ ଚାହଁ, ଜାଣ, ସତ୍ୟ ଭିତରକୁ ପ୍ରବେଶ କର । ନୁହେଁ କି ? ତା'ପରେ ସେହି ଆସ୍ପୃହା ସହିତ ତୁମେ ଏହା କର (ମା' ହାତରେ ଭଙ୍ଗୀ ଦେଖାଇଲେ) । ତୁମର ଆସ୍ପୃହା ଉଠିଚାଲିଛି, ଉଠିଚାଲିଛି, ଉଠିଚାଲିଛି ସିଧା ଉପରକୁ ଉଠି ଉଠି ଚାଲିଛି, ଖୁବ୍ ଶକ୍ତିଶାଳୀ ହୋଇ ଉଠିଚାଲିଛି । ତା'ପରେ ଏହା ସେହି ଜାଗାରେ ଯାଇ ବାଜୁଛି, ଯେଉଁ ଜାଗାଟି ହେଲା ... କେମିତି କୁହାଯିବ ?... ଗୋଟିଏ ଢାଙ୍କୁଣୀ ଥିବ, ଲୁହା ଭଳି ଶକ୍ତ, ଖୁବ୍ ମୋଟା, ତା' ଭିତର ଦେଇ ଆଉ ହୁଏତ ତୁମର ଆସ୍ପୃହା ତା' ଆର ପଟକୁ ଯାଇ ପାରୁନି, ଏବଂ ତା'ପରେ ତୁମେ କୁହ – ''ଦେଖ, ଆଉ ଏତେ ଆସ୍ପୃହା କରି ଲାଭ କ'ଣ ? ଏହା ଦ୍ୱାରା କିଛି ମିଳିବ ନାହିଁ । ଏଇତ, ମୁଁ ଆସି ଏମିତି ଗୋଟେ ଜାଗାରେ ପହଞ୍ଚିଗଲି – ଯେଉଁଠିକି ଏଇ ମୋଟା ପାହାଡ଼ ଭଳି କାନ୍ଥକୁ ଭେଦି ତା' ଆର ପଟକୁ ଯିବା ମୋ ପକ୍ଷରେ ଅସମ୍ଭବ ହେଲାଣି !'' କିନ୍ତୁ ତୁମେ ତ ସେହି ଉଦାହରଣଟି ଜାଣିଥିବ । ଗୋଟିଏ ପଥର ଚଟାଣ ଉପରେ ବର୍ଷ ବର୍ଷ ଧରି ଠୋପା ଠୋପା ହୋଇ ପାଣି ପଡ଼ିଚାଲିଛି । ବହୁ ଯୁଗ ବିତି ଗଲା । ଶେଷରେ ଦେଖାଗଲା – ସେଠାରେ ଗୋଟେ ଗାତ ହୋଇ ଗଲାଣି – ଉପରୁ ତଳ ପର୍ଯ୍ୟନ୍ତ ତାହା ପଥରଟିକୁ କାଟି ଦେଲାଣି । ତୁମର ଆସ୍ପୃହା ହେଲା ସେହି ପାଣି ଠୋପା ଭଳି – କିନ୍ତୁ ଏହା ତଳକୁ ନ ଯାଇ ଉପରକୁ ଉଠୁଥାଏ । ଏହି ଉଠିବା ପ୍ରକ୍ରିୟାରେ ଏହା ଆଘାତ କରୁଥାଏ, କରୁଥାଏ, କରୁଥାଏ, ଏବଂ ଏହି କ୍ରମାଗତ ଆଘାତ ଦ୍ୱାରା ଦିନେ ସେଠି ଗାତଟିଏ ହୋଇଯାଏ, ଗାତଟି ହୋଇଯିବା ମାତ୍ରେ ହଠାତ୍ ତୁମର ଆସ୍ପୃହାଟି ତା' ଭିତରକୁ ପଶି ଉଠିଚାଲେ, ଏବଂ ତା' ଭିତରେ ଭିତରେ ଯାଇ ଭେଟେ ସେଇ ବିପୁଳ ଆଲୋକର ରାଜ୍ୟ । ସେତେବେଳେ ଯାଇ ତୁମେ କୁହ – ''ଆଃ ! ଏବେ ମୁଁ ବୁଝିଲି'' ।

# ମନୋଯୋଗର ଏକାଗ୍ରତା

ଜୀବନରେ ତୁମେ ଯାହା କରିବାକୁ ଇଚ୍ଛା କର ନା କାହିଁକି, ଗୋଟିଏ କଥା ଅନିବାର୍ଯ୍ୟ ବୋଲି ଜାଣିବ, ଏବଂ ତାହା ହେଉଛି **ସବୁକଥା**ର ମୂଳ । ସେଇଟି ହେଉଛି ତୁମ ମନୋଯୋଗ ଏକାଗ୍ର ହେବାର ସାମର୍ଥ୍ୟ । ଯଦି ତୁମେ ତୁମ ଏକାଗ୍ରତାର ଓ ଚେତନାର ସମସ୍ତ ସୂତ୍ରକୁ ଗୋଟିଏ ବିନ୍ଦୁରେ ଏକତ୍ର କରିପାରିବ, ଏବଂ ଏକ ନିରବଚ୍ଛିନ୍ନ ସଂକଳ୍ପ ଦ୍ୱାରା ସେଇ ଏକାଗ୍ରତାକୁ ଧାରଣ କରି ପାରିବ, ତାହାହେଲେ **କୌଣସି ବିଷୟ** ତାକୁ ପ୍ରତିରୋଧ କରିପାରିବ ନାହିଁ । ଏହା ସବୁ କ୍ଷେତ୍ରରେ ସତ୍ୟ । ପାର୍ଥିବ ବା ଜଡ଼ ଜଗତର ବିକାଶଠାରୁ ଆରମ୍ଭ କରି ଉଚ୍ଚତମ ଆଧ୍ୟାତ୍ମିକ ବିକାଶ ପର୍ଯ୍ୟନ୍ତ । ସବୁ କ୍ଷେତ୍ରରେ ଏକାଗ୍ରତାହିଁ ମୂଳ, କିନ୍ତୁ ଏହି ଶୃଙ୍ଖଳାକୁ ଅବିଶ୍ରାନ୍ତ ଭାବେ ରକ୍ଷା କରିବାକୁ ପଡ଼ିବ, ଏବଂ ଅଖଣ୍ଡ ଭାବରେ ରକ୍ଷା କରିବାକୁ ପଡ଼ିବ ।

ଏକାଗ୍ରତାର ଭେଦନକ୍ଷମ ଶକ୍ତି ପାଇଁ କୌଣସି ଆଧ୍ୟାତ୍ମିକ ପ୍ରତିବନ୍ଧକ ନାହିଁ । ଉଦାହରଣ ସ୍ୱରୂପ – ଚୈତ୍ୟସତ୍ତାର ଆବିଷ୍କାର, ଅନ୍ତର୍ନିହିତ ଦିବ୍ୟ ଚେତନା ସହିତ ମିଳନ, ଊର୍ଦ୍ଧ୍ୱସ୍ଥ ବଳୟଗୁଡ଼ିକ ପ୍ରତି ଉନ୍ମୀଳନ – **ସବୁକିଛି** ଅର୍ଜନ କରା ଯାଇପାରେ ଏକ ଗଭୀର ଏବଂ ଦୁର୍ବାର ଏକାଗ୍ରତାର ଶକ୍ତି ଦ୍ୱାରା – କିନ୍ତୁ ଏହା କିପରି କରିବାକୁ ହେବ, ତାହା ଜଣେ ଜାଣିବା ଉଚିତ ।...

ସେହି ଗୁଣ ଦ୍ୱାରା ତୁମେ ଜଣେ ସର୍ବୋତ୍ତମ ଖେଳାଳି ହୋଇପାରିବ, ତୁମେ ଜଣେ ସର୍ବୋତ୍ତମ ଛାତ୍ର ହୋଇପାରିବ, ତୁମେ ଜଣେ ବଡ଼ କଳାବିତ୍ ହୋଇପାରିବ, କବି ବା ବୈଜ୍ଞାନିକ ହୋଇପାରିବ, ଏବଂ ଜଣେ ମହାନ୍ ସନ୍ଥ ବି ହୋଇପାରିବ । ଏବଂ ସମସ୍ତଙ୍କ ଭିତରେ ବି ସବୁକିଛି ହେବା ଲାଗି ଏକ କ୍ଷୁଦ୍ରତମ ଆରମ୍ଭ-ସୂତ୍ର ରହିଛି – ସମସ୍ତଙ୍କୁ ଏହା ଦିଆଯାଇଛି, କିନ୍ତୁ ଲୋକେ ଏହାକୁ କର୍ଷଣ କରନ୍ତି ନାହିଁ ।

# ଏକାଗ୍ରତା

ପ୍ରଶ୍ନ : ଏକାଗ୍ରତା କହିଲେ କ'ଣ ବୁଝାଏ ?

ଉତ୍ତର : ଚାରିଆଡ଼େ ବିକ୍ଷିପ୍ତ ହୋଇ ପଡ଼ିଥିବା ଚେତନାର ସୂତ୍ରଗୁଡ଼ିକୁ ଗୋଟିଏ କେନ୍ଦ୍ରକୁ ବା ଗୋଟିଏ ଧାରଣାକୁ ଫେରାଇ ଆଣିବାହିଁ ଏକାଗ୍ରତା। ଯେଉଁମାନେ ପରିପୂର୍ଣ୍ଣ ଏକାଗ୍ରତା ଅର୍ଜନ କରିପାରିଛନ୍ତି, ସେମାନେ ଯେଉଁ କାମ ହାତକୁ ନିଅନ୍ତି, ସେଥିରେ ସଫଳତା ଅର୍ଜନ କରନ୍ତି। ସେମାନେ ସର୍ବଦା ଦ୍ରୁତ ଅଗ୍ରଗତି କରିଥା'ନ୍ତି। ଠିକ୍ ମାଂସପେଶୀର ବିକାଶ ଭଳି ତୁମେ ଏହି ପ୍ରକାର ଏକାଗ୍ରତାର ବିକାଶ ମଧ୍ୟ କରିପାରିବ। ଏହା ଶିକ୍ଷା କରିବାକୁ ତୁମେ ବିଭିନ୍ନ ପ୍ରକାରର ପଦ୍ଧତି, ରକ୍ଷଣଶୀଳତା ବା ପ୍ରଣାଳୀ ଗ୍ରହଣ କରିପାର। ଆଜି ଆମେ ଜାଣୁ, ଉଦାହରଣସ୍ୱରୂପ ସବୁଠାରୁ ଦୟନୀୟ ଦୁର୍ବଳ ଲୋକଟିଏ ମଧ୍ୟ ଶୃଙ୍ଖଳା ଓ ସାଧନା ଦ୍ୱାରା ଅନ୍ୟ ଯେକୌଣସି ଲୋକ ପରି ସବଳ ଓ ଦୃଢ଼ ହୋଇପାରେ। ପବନରେ ଆନ୍ଦୋଳିତ ହେଉଥିବା ଦୀପଶିଖାଟି ପରି ତୁମର ଚିତ୍ତ ଚଞ୍ଚଳ ଓ ଆନ୍ଦୋଳିତ ହେବା ଉଚିତ ନୁହେଁ।

ସଂକଳ୍ପ ଓ ଏକାଗ୍ରତାର କ୍ଷମତାକୁ ସାଧନା କରିବା ଉଚିତ। ଏହା କେବଳ ଏକ ନିୟମିତ ପ୍ରଣାଳୀର ପ୍ରଶ୍ନ – ନିୟମିତ ଅଧ୍ୟବସାୟର ପ୍ରଶ୍ନ। ତୁମେ ଯଦି ଇଚ୍ଛା କରିବ – ନିଶ୍ଚୟ ପାରିବ।

କିନ୍ତୁ ଏଭଳି ଏକ ପ୍ରଶ୍ନ ଯଦି ତୁମ ମୁଣ୍ଡକୁ ଢୁକିଲା ଯେ, 'ଏସବୁର କ'ଣ ଦରକାର ?' ତା'ହେଲେ ଅସୁବିଧା ଆସିଯାଏ। ଏପରି ଭାବ ଆସିଲେ ସଙ୍କଳ୍ପ ଦୁର୍ବଳ ହୋଇଯାଏ। ଜଣେ ଗୋଟିଏ ପ୍ରକାର ଚରିତ୍ର ବା ପ୍ରକୃତି ନେଇ ଜନ୍ମ ହୋଇଛି – ଏବଂ ସେ ତା' ପ୍ରକୃତିକୁ ପରିବର୍ତ୍ତନ କରିପାରିବ ନାହିଁ – ଏପରି ଏକ ଧାରଣା ନିଶ୍ଚୟ ନିର୍ବୋଧତା।

## ଧ୍ୟାନ ଓ ଏକାଗ୍ରତା

ପ୍ରଶ୍ନ : ଧ୍ୟାନ ଓ ଏକାଗ୍ରତା ମଧ୍ୟରେ ପାର୍ଥକ୍ୟ କ'ଣ ?

ଉତ୍ତର : ଧ୍ୟାନ ହେଉଛି ସଂପୂର୍ଣ୍ଣଭାବେ ଏକ ମାନସିକ ପ୍ରକ୍ରିୟା, ଏହା କେବଳ ମାନସିକ ସତ୍ତାକୁ ସାହାଯ୍ୟ କରେ ... ତୁମେ ଦିନକୁ କୋଡ଼ିଏ ଘଣ୍ଟା ଧ୍ୟାନରେ ରହିପାର, କିନ୍ତୁ ଅବଶିଷ୍ଟ ଚାରିଘଣ୍ଟା ତୁମେ ଅତି ସାଧାରଣ ଲୋକର ଅବସ୍ଥାକୁ ଚାଲି ଆସିପାର । କାରଣ, ସେତେବେଳେ ମନଟି କେବଳ ଧ୍ୟାନ ଧାରଣାର ବଶୀଭୂତ ଥାଏ – ବ୍ୟକ୍ତିର ଅନ୍ୟ ସତ୍ତାଗୁଡ଼ିକ, ଯଥା : ତା'ର ପ୍ରାଣସତ୍ତା ଏବଂ ଦେହସତ୍ତା ଦୁଇଟି ସେଇ ଚାପର ଅଧୀନରେ ଥାଆନ୍ତି, ତେଣୁ ସେମାନେ ଗୋଳମାଳ କରି ପାରନ୍ତି ନାହିଁ । ଧ୍ୟାନାବସ୍ଥାରେ ଥିଲାବେଳେ ତୁମର ଅନ୍ୟାନ୍ୟ ସତ୍ତାମାନଙ୍କ ଉପରେ ପ୍ରତ୍ୟକ୍ଷ ଭାବେ କୌଣସି କାର୍ଯ୍ୟ କରାଯାଇ ପାରେ ନାହିଁ ...

ଏକାଗ୍ରତା କିନ୍ତୁ ଆଉ ଏକ ଅଧିକ ସକ୍ରିୟ ଅବସ୍ଥା । ତୁମେ ମାନସିକ ସ୍ତରରେ ଏକାଗ୍ର ହୋଇପାର, ତୁମେ ପ୍ରାଣିକ ସ୍ତରରେ, ଚୈତ୍ୟ-ସ୍ତରରେ ଓ ଦେହ-ସ୍ତରରେ ଏକାଗ୍ର ହୋଇପାର ଏବଂ ସମଗ୍ର ସତ୍ତାରେ ବି ଏକାଗ୍ର ହୋଇପାର । ଏକାଗ୍ରତା ବା ଗୋଟିଏ ବିନ୍ଦୁରେ ନିଜକୁ ସଂକେନ୍ଦ୍ରିତ କରିବାର କ୍ଷମତା ସାଧାରଣ ଧ୍ୟାନ ଅପେକ୍ଷା ଅଧିକ କଷ୍ଟସାଧ୍ୟ ।

## ଧ୍ୟାନର ପ୍ରକାରଭେଦ

ବିଭିନ୍ନ ପ୍ରକାର ଧ୍ୟାନ ଅଛି ! ସାଧାରଣତଃ ଲୋକେ ଯେଉଁ ଧ୍ୟାନର କଥା କହନ୍ତି, ଉଦାହରଣ ସ୍ୱରୂପ ତୁମେ ଗୋଟିଏ ବିଷୟ ନିର୍ବାଚନ କରିଛ, କିଂବା ଗୋଟିଏ ଭାବନା ତୁମ ଭିତରେ ଉଦୟ ହୋଇଛି, ତୁମେ ତା'ର ବିକାଶ-ପ୍ରଣାଳୀକୁ ଅନୁସରଣ କରି କରି ଚାଲିଲ କିଂବା ତାହାର ଅର୍ଥ କ'ଣ ସେ ବିଷୟଟିକୁ ବୁଝିବାକୁ ଚେଷ୍ଟାକଲ । ଏଥିରେ ଏକାଗ୍ରତା ଅଛି, କିନ୍ତୁ ପ୍ରକୃତ ଏକାଗ୍ରତା ବୋଲି ଯାହାକୁ କୁହାଯାଏ, ସେଇ ଏକାଗ୍ରତାର ସଂପୂର୍ଣ୍ଣତା ଏଥିରେ ନାହିଁ । ଏଥିରେ ଯେଉଁ ବିନ୍ଦୁଟି ଉପରେ ଏକାଗ୍ରତା ରଖାଯାଉଛି, ତା'ଛଡ଼ା ଆଉ କିଛି ରହେ ନାହିଁ । ଧ୍ୟାନ କିନ୍ତୁ ଏକ ଚାପହୀନ ସହଜ ଗତି । ଏଥିରେ ଏକାଗ୍ରତା ଅପେକ୍ଷା ଚାପ(tense) କମ୍ ଥାଏ ।

ଗୋଟିଏ ସମସ୍ୟା ଆସିଲେ, ତୁମେ ଯେତେବେଳେ ତାହାକୁ ବୁଝିବାକୁ ଚେଷ୍ଟାକର – ସେହି ସମସ୍ୟାଟି ମନସ୍ତାତ୍ତ୍ୱିକ ହୋଇପାରେ ବା ପରିସ୍ଥିତିଗତ ହୋଇପାରେ – ତୁମେ ସ୍ଥିର ହୋଇ ବସ, ସମସ୍ୟାଟିକୁ ଦେଖ, ତା'ର ସବୁକିଛି ସମ୍ଭାବନାକୁ ନିରୀକ୍ଷଣ କର, ସେମାନଙ୍କୁ ତୁଳନା କର, ଅଧ୍ୟୟନ କର, ଏହା ହେଲା ଗୋଟିଏ ପ୍ରକାର ଧ୍ୟାନ; ସମସ୍ୟାଟି ଆସିଲେ ଜଣେ ହୁଏତ ସ୍ୱାଭାବିକ ଭାବେ ଏପରି କରିଥାଏ । ଜଣେ ଯେତେବେଳେ ଗୋଟିଏ ସିଦ୍ଧାନ୍ତ ନେବା ପାଇଁ ବସେ, ଉଦାହରଣ ସ୍ୱରୂପ କେଉଁ ସିଦ୍ଧାନ୍ତ ନେବ, ଜାଣି ପାରୁ ନ ଥାଏ – ସେପରି କ୍ଷେତ୍ରରେ ଜଣେ ସାଧାରଣତଃ ଚିନ୍ତାକରେ, ତା' ବିଚାରଶକ୍ତିର ପ୍ରୟୋଗ କରେ, ସବୁ ପ୍ରକାର ସମ୍ଭାବନାଗୁଡ଼ିକୁ ତୁଳନା କରେ, ଏବଂ ଶେଷରେ ପସନ୍ଦ ମୁତାବକ ସିଦ୍ଧାନ୍ତଟିଏ ନିଏ ... ଉଣାଧିକେ ଆମେ ଏହାକୁ ମଧ୍ୟ ଏକ ପ୍ରକାର ଧ୍ୟାନ ବୋଲି କହି ପାରିବା ।

## ଗତିଶୀଳ ଧ୍ୟାନ

ମୁଁ ଭାବୁଛି, ଜଣେ କାହିଁକି ଧ୍ୟାନ କରିବ ସେହି କଥାଟି ଜାଣିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହାହିଁ ଧ୍ୟାନର ଗୁଣାତ୍ମକ ଦିଗଟିକୁ ଦର୍ଶାଇ ଥାଏ, ଏବଂ ସେଇଥିରୁ ଧ୍ୟାନଟି କେଉଁ ପ୍ରକାର ବୁଝାପଡ଼େ ।

ତୁମେ ଈଶ୍ୱରଙ୍କ ଶକ୍ତିଆଡ଼କୁ ନିଜକୁ ଖୋଲିଧରିବା ପାଇଁ ଧ୍ୟାନ କରିପାର, ତୁମ ନିମ୍ନ ଚେତନାକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଧ୍ୟାନ କରିପାର, ତୁମ ସତ୍ତାର ଗଭୀରତମ ପ୍ରଦେଶକୁ ପ୍ରବେଶ କରିବା ପାଇଁ ଧ୍ୟାନ କରିପାର, ତୁମେ କିପରି ନିଜକୁ ପୂର୍ଣ୍ଣାଙ୍ଗ ଭାବେ ଈଶ୍ୱରଙ୍କୁ ଦେଇ ପାରିବ, ସେଥିପାଇଁ ଧ୍ୟାନ କରିପାର, ଏହି ଭାବେ ତୁମେ ବହୁ ପ୍ରକାର ବିଷୟ ଉପରେ ଧ୍ୟାନସ୍ଥ ରହିପାର । ତୁମେ ଶାନ୍ତି, ସ୍ଥିରତା ଓ ନୀରବତା ଭିତରେ ପ୍ରବେଶ କରିବା ପାଇଁ ଧ୍ୟାନ କରିପାର – ସାଧାରଣତଃ ଲୋକେ ଏହିସବୁ ବିଷୟ ଉପରେ ଧ୍ୟାନ କରନ୍ତି । କିନ୍ତୁ ଏଥିରେ ବିଶେଷ କିଛି ସଫଳତା ମିଳେ ନାହିଁ । କିନ୍ତୁ ତୁମେ ରୂପାନ୍ତରର ଦିବ୍ୟଶକ୍ତି ଗ୍ରହଣ କରିବା ପାଇଁ, ତୁମ ସତ୍ତାର ଯେଉଁ ଯେଉଁ ଅଂଶ ରୂପାନ୍ତରିତ ହେବା ଦରକାର, ତାକୁ ଜାଣିବା ପାଇଁ ଏବଂ ତୁମ ଅଗ୍ରଗତିର ପଥ ପାଇବା ପାଇଁ ମଧ୍ୟ ତୁମେ ଧ୍ୟାନ କରିପାର ।

ମୁଁ ଭାବୁଛି ପ୍ରତ୍ୟେକ ଲୋକର ନିଜସ୍ୱ ଧ୍ୟାନ-ପ୍ରଣାଳୀ ଅଛି । ଜଣେ ଯଦି ନିଜର ଧ୍ୟାନକୁ ଗତିଶୀଳ କରିବାକୁ ଚାହେଁ, ତାହାହେଲେ ଅଗ୍ରଗତି ପାଇଁ ତା'ର ଅଭୀପ୍ସା ରହିବା ଉଚିତ, ଏବଂ ଅଗ୍ରଗତିର ସେହି ଅଭୀପ୍ସାକୁ ପୂରଣ କରିବା ଲାଗି ସେ ଧ୍ୟାନର ସାହାଯ୍ୟ ନେବା ଉଚିତ, ତାହାହେଲେ ଯାଇ ଧ୍ୟାନ ଗତିଶୀଳ ହେବ ।

## ଆସ୍ପୃହା-କେନ୍ଦ୍ରରେ ଏକାଗ୍ରତା

ଧ୍ୟାନ ପାଇଁ ଏହା ସବୁବେଳେ ଉତ୍ତମ ଓ ଶ୍ରେୟସ୍କର, ... ଗୋଟିଏ କେନ୍ଦ୍ରରେ ଏକାଗ୍ର ହେବାକୁ ଚେଷ୍ଟା କରିବା, ସେହି କେନ୍ଦ୍ରଟି ହେଉଛି ଅଭୀପ୍ସାର କେନ୍ଦ୍ର, ତୁମେ କହିପାର ଯେଉଁଠାରେ ଅଭୀପ୍ସାର ବହ୍ନିଶିଖା ପ୍ରଜ୍ୱଳିତ, ସେହିଠାରେ, ହୃଦ୍‌ଚକ୍ରର ସେହି କେନ୍ଦ୍ରରେ ସମସ୍ତ ଶକ୍ତିକୁ ଗୋଟାଇ ଆଣି ଏକତ୍ରୀଭୂତ କରିବାକୁ ହେବ, ଯଦି ସମ୍ଭବ ହୁଏ ସେହିଠାରେହିଁ ଏପରି ଏକାଗ୍ରଭାବେ ନୀରବ ରହିବ, ସତେକି ତୁମେ ଅତି ସୂକ୍ଷ୍ମ ବିଷୟ କିଛି ଶୁଣିବାକୁ ଚାହୁଁଚ, ଯାହାକି ପୂର୍ଣ୍ଣ ମନୋଯୋଗ, ପୂର୍ଣ୍ଣ ଏକାଗ୍ରତା ଏବଂ ପୂର୍ଣ୍ଣ ନୀରବତା ଦାବି କରେ, ଏବଂ ତା' ପରେ ଆଦୌ ହଲଚଲ ହୁଅ ନାହିଁ, ଚିନ୍ତା କର ନାହିଁ, ଗୋଳେଇ ଘାଣ୍ଟି ହୁଅ ନାହିଁ, ଏବଂ ଯାହା ଗ୍ରହଣ କରିବା କଥା ସେଗୁଡ଼ିକୁ ଗ୍ରହଣ କରିବା ପାଇଁ ନିଜକୁ ଖୋଲି ଧରିବାର ଏକ ଅବସ୍ଥା ସୃଷ୍ଟି କର ... ଏକ ଗଭୀର ଏକାଗ୍ରତା ମଧ୍ୟରେ ନୀରବ ରୁହ, ଯଥାସମ୍ଭବ ସମ୍ପୂର୍ଣ୍ଣ ନୀରବ ରୁହ ଏବଂ ତା' ପରେ ସ୍ଥିର ଏବଂ ନିଶ୍ଚଳ ରୁହ ।

ଯଦି ଜଣେ ଏଥିରେ ସଫଳ ହୁଏ, ତେବେ ଧ୍ୟାନ ସରିଗଲା ପରେ, ଯେତେବେଳେ ଜଣେ ଧ୍ୟାନରୁ ମୁକ୍ତ ହୁଏ, କିଛି ସମୟ ପରେ, ସାଧାରଣତଃ ଠିକ୍ ପରେ ପରେ ନୁହେଁ – ନିଜର ଭିତରେ ଜଣେ ଅନୁଭବ କରେ ଯେ, ତା' ଚେତନାରେ ନୂତନ କିଛିର ଅଭ୍ୟୁଦୟ ହୋଇଛି – ହୁଏତ ଏକ ନୂତନ ବୁଝାମଣା – ହୁଏତ ସବୁବିଷୟକୁ ଆଉ ଏକ ପ୍ରକାରେ ପସନ୍ଦ କରିବା, ଏକ ନୂତନ ରୁଚିବୋଧ, କିଂବା ହୁଏତ ଜୀବନ ପ୍ରତି ଏକ ନୂତନ ଦୃଷ୍ଟିକୋଣ, ସଂକ୍ଷେପରେ କହିଲେ ଜଣେ ତା' ଭିତରେ ଏକ ନୂତନ ଜୀବନର ପରିଚୟ ପାଇପାରେ ।

# ହୃଦୟରେ ଏକାଗ୍ର ହୁଅ

ପ୍ରଶ୍ନ : ମା, କାହିଁକି, ହୃଦୟରେ ଏକାଗ୍ର ହେବା ଅଧିକ ଭଲ ?

ଉତ୍ତର : ଶ୍ରୀଅରବିନ୍ଦ କହନ୍ତି ... ଯେ ଏହା ସହଜତର । କିନ୍ତୁ କେତେକଙ୍କ ପାଇଁ ମଧ୍ୟ ଏହା କଷ୍ଟକର, ତୁମ ପ୍ରକୃତି ଉପରେ ଏହା ନିର୍ଭର କରେ । କିନ୍ତୁ ହୃଦ୍ କେନ୍ଦ୍ରରେ ଏକାଗ୍ର ହେବା ଭଲ ଏହି କାରଣରୁ ଯେ, ଯଦି ତୁମର ଏକାଗ୍ରତା ସେଠାରେ ଖୁବ୍ ଗଭୀର ହୁଏ, ସେହିଠାରେହିଁ ପ୍ରଥମ ଥର ପାଇଁ ତୁମେ ତୁମର ଚୈତ୍ୟର ସ୍ପର୍ଶ ଲାଭ କର । ଅନ୍ୟ ପକ୍ଷରେ ତୁମେ ଯେତେବେଳେ ମସ୍ତିଷ୍କରେ ଏକାଗ୍ର ହୁଅ, ସେତେବେଳେ ତୁମକୁ ପୁଣି ମସ୍ତିଷ୍କରୁ ହୃଦ୍‌କେନ୍ଦ୍ରକୁ ଫେରି ଆସିବାକୁ ହୁଏ, କାରଣ ସେହିଠାରେହିଁ ତୁମକୁ ତୁମର ଚୈତ୍ୟସତ୍ତା ସଙ୍ଗେ ଏକାତ୍ମ ହେବାକୁ ପଡ଼ିଥାଏ । ଶକ୍ତିଗୁଡ଼ିକୁ ଏକତ୍ର କରି ତୁମେ ଯଦି ଏକାଗ୍ର ହେଉଛ ତେବେ ସେଗୁଡ଼ିକୁ ଏହିଠାରେ ଏକତ୍ର କର, କାରଣ ଏହି କେନ୍ଦ୍ରରେହିଁ, ସତ୍ତାର ଏହି ଅଞ୍ଚଳରେହିଁ ତୁମେ ଅଗ୍ରଗତି କରିବାର ସଂକଳ୍ପ ଅର୍ଜନ କରିପାରିଥାଅ । ଏହିଠାରେହିଁ ତୁମକୁ ଶୁଦ୍ଧୀକରଣର ଶକ୍ତି ମିଳିଥାଏ, ଏବଂ ଏହିଠାରେହିଁ ତୁମେ ସବୁଠାରୁ ଗଭୀର ଏବଂ ଫଳପ୍ରଦ ଅଭୀପ୍ସା ଲାଭ କରିଥାଅ । ହୃଦୟ ଭିତରୁ ଯେଉଁ ଅଭୀପ୍ସା ଜାତ ହୁଏ, ତାହା ମସ୍ତିଷ୍କରୁ ଉଦ୍‌ଭୂତ ଅଭୀପ୍ସାଠାରୁ ଅଧିକ ଫଳପ୍ରଦ ।

# ନିବିଡ଼ ଏକାଗ୍ରତା

ମୁଁ କହୁ ନାହିଁ ଯେ ହୃଦ୍‌କେନ୍ଦ୍ରରେ ଚିନ୍ତା କର, ମୁଁ କହୁଛି ଏକାଗ୍ର ହୁଅ, ଶକ୍ତିକୁ ଏକାଗ୍ର କର, ଚେତନାକୁ ଏକାଗ୍ର କର, ଆସ୍ପୃହାକୁ ଏକାଗ୍ର କର ଏବଂ ସଂକଳ୍ପକୁ ଏକାଗ୍ର କର । **ଏକାଗ୍ର ହୁଅ ।** ତୁମେ ଗୋଟିଏ ମାତ୍ର ଚିନ୍ତା ନ କରି ମଧ୍ୟ ଖୁବ୍ ଏକାଗ୍ର ହୋଇପାର ଏବଂ ପ୍ରକୃତରେ ତୁମେ ଯେତେବେଳେ କିଛି ଚିନ୍ତା ନ କରୁଥାଅ, ସେତିକିବେଳେହିଁ ତୁମର ଏକାଗ୍ରତା ଖୁବ୍ ନିବିଡ଼ ହୁଏ । (ମା, କିଛିକ୍ଷଣ ନୀରବ ହେଲେ) ତୁମେ ଯଦି ଆତ୍ମସଂଯମରେ ସଫଳ ହେବାକୁ ଚାହୁଁଥାଅ ବା କିଛି ପରିମାଣରେ ଆତ୍ମଜ୍ଞାନ ଚାହୁଁଥାଅ, ତେବେ ଏହା ତୁମ ପକ୍ଷରେ ଏକ ଅପରିହାର୍ଯ୍ୟ ସାଧନା ହେବା ଉଚିତ । ତୁମ ଚେତନାକୁ ଗୋଟିଏ ଜାଗାରେ ଠୁଳ କରିବା ପାଇଁ ଏବଂ ସେଠାରୁ ତୁମ ସତ୍ତାର ଅନ୍ୟ ଅଂଶକୁ ତାହା ପ୍ରେରଣ କରିବା ପାଇଁ ସମର୍ଥ ହେବା ଉଚିତ ଏବଂ ତୁମର ଏପରି ସାମର୍ଥ୍ୟ ଥିବା ଦରକାର ଯାହା ଫଳରେ କି ତୁମେ ତୁମ ଚେତନାଠାରୁ ତୁମର ଚିନ୍ତା, ଅନୁଭବ, ପ୍ରବେଗ ଇତ୍ୟାଦିକୁ ତୁମେ ପୃଥକ୍ ବୋଲି ଜାଣିପାରିବ ଏବଂ ପ୍ରକୃତ ଚେତନା କ'ଣ ତାହା ସଠିକ୍ ଭାବେ ବୁଝି ପାରିବ ... ।

ଏହି ଚେତନା ଗତିଶୀଳ ହେବା ଉଚିତ । ତୁମେ ଜାଣିବା ଉଚିତ ଯେ, କିପରି ଏହି ଚେତନା ତୁମ ସତ୍ତାର ଅନ୍ୟ ସବୁ ଅଂଶଠାରୁ ସ୍ୱତନ୍ତ୍ର ଏବଂ ପ୍ରକୃତ ପକ୍ଷେ ସେଗୁଡ଼ିକ ହେଲେ ଚେତନାର ଯନ୍ତ୍ର ସ୍ୱରୂପ ଏବଂ ଅଭିବ୍ୟକ୍ତିର ବିଭିନ୍ନ ପ୍ରକାର ମାଧ୍ୟମ ସ୍ୱରୂପ । ଚେତନା ସେଇ ସବୁଗୁଡ଼ିକୁ ବ୍ୟବହାର କରିବା ଉଚିତ । କିନ୍ତୁ ସେଗୁଡ଼ିକୁ ଯେପରି ତୁମେ ଚେତନା ବୋଲି ନ ଭାବ ।

# ଧ୍ୟାନ ଓ ଅଗ୍ରଗତି – ୧

ତୁମେ କେତେ ଘଣ୍ଟା ଧ୍ୟାନରେ କଟାଇଲ ତାହା ତୁମ ଆଧ୍ୟାତ୍ମିକ ଅଗ୍ରଗତିର ପ୍ରମାଣ ନୁହେଁ । ସେତିକିବେଳେ ତୁମ ଅଗ୍ରଗତିର ପ୍ରମାଣ ମିଳିବ ଯେତେବେଳେ ତୁମକୁ ଆଉ ଧ୍ୟାନ କରିବା ପାଇଁ ପ୍ରଚେଷ୍ଟା କରିବାକୁ ପଡୁ ନ ଥିବ । ସେତେବେଳେ ବରଂ ତୁମକୁ ଧ୍ୟାନ ବନ୍ଦ କରିବା ପାଇଁ ପ୍ରଚେଷ୍ଟା କରିବାକୁ ପଡ଼ିବ : ସେତେବେଳେ ଧ୍ୟାନ ବନ୍ଦ କରିବା କଷ୍ଟକର ହୋଇ ଉଠିବ ଏବଂ ଈଶ୍ୱରଙ୍କ ବିଷୟରେ ନ ଭାବିବାହିଁ କଷ୍ଟକର ହୋଇ ପଡ଼ିବ, ସାଧାରଣ ଚେତନାକୁ ଖସି ଆସିବା ମଧ୍ୟ କଷ୍ଟକର ହୋଇ ଉଠିବ । ତାହେଲେ ଯାଇ ତୁମେ ଅଗ୍ରଗତି କରିଛ ବୋଲି ନିଶ୍ଚିତ ହେବ, ଯେତେବେଳେ ତୁମେ ଅନୁଭବ କରିବ ଯେ, ଈଶ୍ୱରଙ୍କ ପ୍ରତି ଏକାଗ୍ର ହେବା ତୁମ ଜୀବନର ଏକ ଆବଶ୍ୟକତା ହୋଇ ଉଠିଛି, ଯେତେବେଳେ ତୁମେ ଈଶ୍ୱରଙ୍କ ଭାବନା ବ୍ୟତୀତ ଆଉ ଚଳି ପାରୁନ, ଯେତେବେଳେ ତୁମେ ସକାଳୁ ରାତି ପର୍ଯ୍ୟନ୍ତ ଯେଉଁ କାମ କରୁଥାଅ ନା କାହିଁକି, ଯେପରି ଭାବେ ଥାଅନା କାହିଁକି, ଏହା ଅବ୍ୟାହତ ରହିଥାଏ, ସେତିକିବେଳେ ଜାଣିବ ଯେ, ତୁମର ଯଥାର୍ଥରେ ଅଗ୍ରଗତି ହୋଇଛି । ତୁମେ ଧ୍ୟାନ କରିବା ପାଇଁ ଯେଉଁଠି ବସ, କିଂବା କୁଆଡ଼େ ଏଣେ ତେଣେ ବୁଲୁଥାଅ ବା କେଉଁ କର୍ମ କାର୍ଯ୍ୟରେ ବ୍ୟସ୍ତ ଥାଅ, ତୁମ ଲାଗି ଦରକାର ହେଲା – ''ଚେତନା''; ଈଶ୍ୱରଙ୍କ ସମ୍ପର୍କରେ ନିରବଚ୍ଛିନ୍ନ ଭାବେ ଚେତନଶୀଳ ରହିବାହିଁ ଏକମାତ୍ର ଆବଶ୍ୟକତା ।

## ଧ୍ୟାନ ଓ ଅଗ୍ରଗତି – ୨

କେବଳ ଶୃଙ୍ଖଳା ପାଇଁ ଶୃଙ୍ଖଳା ରକ୍ଷା କରିବା ଆମର ଉଦ୍ଦେଶ୍ୟ ନୁହେଁ । ଆମେ ଯାହା ଚାହୁଁଛୁ ତାହାହେଲା – ସବୁ ସମୟରେ, ଯାହାକିଛି ଆମେ କରୁଥାଉ ନା କାହିଁକି, ଆମର ସବୁ କର୍ମରେ ଓ ସବୁ ପ୍ରକାର ଗତିବୃତ୍ତିରେ ଆମେ ଯେପରି ଈଶ୍ୱରଙ୍କ ପ୍ରତି ଏକାଗ୍ର ରହୁ । ଏଠାରେ କେତେକେ ଅଛନ୍ତି, ଯେଉଁମାନଙ୍କୁ ଧ୍ୟାନ କରିବା ପାଇଁ କୁହାଯାଇଛି; କିନ୍ତୁ ଆଉ କେତେକେ ଅଛନ୍ତି ଯେଉଁମାନଙ୍କୁ କୌଣସି ଧ୍ୟାନ କରିବା ପାଇଁ ଆଦୌ କୁହାଯାଇ ନାହିଁ । କିନ୍ତୁ ଏପରି ଭାବିବା ଉଚିତ ନୁହେଁ ଯେ, ସେମାନେ ଅଗ୍ରଗତି କରୁ ନାହାନ୍ତି । ସେମାନେ ମଧ୍ୟ ଗୋଟିଏ ଶୃଙ୍ଖଳା ଅବଲମ୍ବନ କରି ଥାଆନ୍ତି, କିନ୍ତୁ ସେ ଶୃଙ୍ଖଳାର ଧାରା ଅଲଗା । ଭକ୍ତିର ସହିତ ଏବଂ ଆନ୍ତରିକ ଉତ୍ସର୍ଗର ସହିତ ଯଦି ସମସ୍ତ କାର୍ଯ୍ୟ କରାଯାଏ, ତାହା ମଧ୍ୟ ଏକ ଆଧ୍ୟାତ୍ମିକ ଶୃଙ୍ଖଳା । ଆମର ସର୍ବଶେଷ ଲକ୍ଷ୍ୟହେଲା – ଈଶ୍ୱରଙ୍କ ସହିତ ନିରବଚ୍ଛିନ୍ନ ଭାବେ ମିଳିତ ହୋଇ ରହିବା, କେବଳ ଧ୍ୟାନ ବେଳେ ନୁହେଁ କିନ୍ତୁ ସମସ୍ତ ପରିସ୍ଥିତିରେ ଏବଂ ସବୁ ପ୍ରକାର ସକ୍ରିୟ ଜୀବନ ଭିତରେ ... ।

ଯଦି ଧ୍ୟାନସ୍ଥ ହେବାକୁ ତୁମକୁ ପ୍ରୟାସ କରିବାକୁ ପଡୁଥାଏ, ତା'ହେଲେ ତୁମେ ଆଧ୍ୟାତ୍ମିକ ଜୀବନଠାରୁ ବହୁଦୂରରେ ଅଛ ବୋଲି ବୁଝିବାକୁ ହେବ । ଅନ୍ୟ ପକ୍ଷରେ ଯଦି ଐଶ୍ୱରିକ ଭାବଠାରୁ ତୁମକୁ ଅଲଗା ହେବା ପାଇଁ ପ୍ରୟାସ ଦରକାର ପଡ଼େ, ତା'ହେଲେ ବୁଝିବାକୁ ହେବ ଯେ, ତୁମେ ଆଧ୍ୟାତ୍ମିକ ଜୀବନରେ ଅଛ ବୋଲି ତୁମର ଧ୍ୟାନ ସୂଚନା ଦେଇ ପାରୁଛି ।

# ଯେ କୌଣସି ପରିସ୍ଥିତିରେ ଧ୍ୟାନ

ତୁମେ ଅତି ସ୍ଥୂଳ ଯେକୌଣସି କାର୍ଯ୍ୟରେ ବ୍ୟସ୍ତ ରହିପାର । ଏପରିକି ଉଦାହରଣ ସ୍ୱରୂପ ତୁମେ ବାସ୍କେଟ୍ ବଲ୍ ଖେଳୁଥାଇପାର, ଯେଉଁଥିରେ କି ତୁମକୁ ବହୁତ ଦଉଡ଼ଧାପଡ଼ କରିବାକୁ ପଡ଼େ, ତା' ସତ୍ତ୍ୱେ ବି ତୁମେ ନିଜ ହୃଦୟ ଭିତରେ ଧ୍ୟାନରତ ରହିପାର ଏବଂ ଈଶ୍ୱରଙ୍କ ପ୍ରତି ଏକାଗ୍ର ରହିପାର, ଯେତେବେଳେ ଏପରି ରହିପାରୁଛ, ତୁମେ ଦେଖିବ ଯେ ଯାହା ତୁମେ କରୁଛ ସେସବୁର ଗୁଣାତ୍ମକ ପରିବର୍ତ୍ତନ ଘଟିଯାଇଛି । ଖାଲି ଯେ ସେ କାମଟିକୁ ଅଧିକ ଭଲ ଭାବେ କରିପାରିବ ତା' ନୁହେଁ, ବରଂ ତୁମେ ତାହା ସଂପୂର୍ଣ୍ଣ ଏକ ଆଶାତୀତ ଶକ୍ତି ଲାଭ କରି ସେ କାର୍ଯ୍ୟଟି କରି ପାରିବ ଏବଂ ସେହି ଏକା ସମୟରେ ତୁମ ଚେତନାକୁ ତୁମେ ଏତେ ଉଚ୍ଚରେ ରଖିପାରିବ ଯେ, ଏବଂ ଏତେ ଶୁଦ୍ଧତା ଆଣିପାରିବ ଯେ, ତୁମକୁ ଆଉ କିଛି ସ୍ପର୍ଶ କରି ପାରିବ ନାହିଁ ... ।

ସାଧାରଣତଃ ଲୋକେ ଯେପରି ଗୋଟିଏ ଭୁଲ୍ ବିଶ୍ୱାସ କରନ୍ତି ଯେ, ତୁମେ ଗୋଟିଏ ନିର୍ଜନ ନିସ୍ତବ୍ଧ ସ୍ଥାନରେ ଏକୁଟିଆ ବସିବ, ଯେଉଁବାଟେ କେହି ଯାଉ ନ ଥିବେ, ଏବଂ ସେଠି ତୁମେ ''ପଦ୍ମାସନ'' ଭଳି ଏକ ପାରମ୍ପରିକ ଆସନରେ ବସିବ ଓ ତା'ହେଲେ ଯାଇ ତୁମେ ଧ୍ୟାନ କରିବାକୁ ସକ୍ଷମ ହେବ – ଏଥିରେ ତୁମେ ପଡ଼ ନାହିଁ । ତୁମ ପକ୍ଷରେ ଆବଶ୍ୟକତା ହେଉଛି, ସବୁପ୍ରକାର ପରିସ୍ଥିତିରେ ତୁମେ ଯେପରି ଧ୍ୟାନସ୍ଥ ରହିପାରିବ । ମୁଁ ''ଧ୍ୟାନସ୍ଥ'' ହେବା କଥା କହୁଛି, ତା' ଅର୍ଥ ମୁଁ ତୁମ ମସ୍ତିଷ୍କକୁ ଖାଲି କରିଦେବା କଥା କହୁନି, ବରଂ ସବୁ ସମୟରେ ତୁମ ମନଟି ଯେପରି ଈଶ୍ୱରଙ୍କ ଭାବ-ଭାବନାରେ ପରିପୂର୍ଣ୍ଣ ରହେ, ମୁଁ ସେହିକଥା କହୁଛି ।

## ସମାଧି

ଯଦି ତୁମର ଅନ୍ତର୍ଜଗତ ସହିତ ଧ୍ୟାନ ବା ଧାରଣାରେ ସଂଯୁକ୍ତ ହେବାକୁ ଯାଇ ତୁମକୁ ''ସମାଧି''ରେ ନିମଗ୍ନ ହେବାକୁ ପଡ଼ିଲା – ତେବେ ତୁମର କ୍ରିୟାଶୀଳ ଚେତନା ଯେମିତି ଥିଲା ସେମିତି ରହିଥିବ – କିଛି ପରିବର୍ତ୍ତନ ହେବ ନାହିଁ । ସେହି କଥା ମୁଁ ଅନ୍ୟ ଭାବରେ କହିଥିଲି । ତୁମେ ଦେଖ – ମୁଁ ଯେତେବେଳେ କହିଥିଲି ଯେ, ଲୋକେ ଗଭୀର ଧ୍ୟାନରେ ଥିଲାବେଳେ ଖୁବ୍ ଉଚ୍ଚତର ଚେତନା ଭିତରେ ରହିଥା'ନ୍ତି । କିନ୍ତୁ ଯେତେବେଳେ ସେହି ଧ୍ୟାନାବସ୍ଥାରୁ ବାହାରି ଆସନ୍ତି, ସେତେବେଳେ ସେମାନେ ପୂର୍ବରୁ ଯେପରି ଥିଲେ, ତା'ଠାରୁ ଅଧିକ କିଛି ଭଲ ଅବସ୍ଥାରେ ନ ଥା'ନ୍ତି । ସେମାନଙ୍କର ସବୁକିଛି ପୂର୍ବ ଦୋଷ ସେମିତି ରହିଥାଏ – ଯେମିତି ସେମାନେ ଧ୍ୟାନରୁ ଓହ୍ଲାଇ ପଡ଼ନ୍ତି, ସେମିତି ସେହି ଦୋଷଗୁଡ଼ିକ ତାଙ୍କର ଜାଗ୍ରତ ଚେତନା ଭିତରକୁ ପୁଣି ପଶି ଆସନ୍ତି । ସେମାନଙ୍କର କିଛି ଅଗ୍ରଗତି ହୁଏ ନାହିଁ, କାରଣ ସେମାନଙ୍କ ଧ୍ୟାନଲବ୍ଧ ଗଭୀର ଉପଲବ୍ଧି ସହିତ ଓ ସେମାନଙ୍କର ବାହ୍ୟସତ୍ତା ସଙ୍ଗେ, ସେମାନଙ୍କର ସତ୍ତାର ସତ୍ୟ ସଙ୍ଗେ ସେମାନେ କୌଣସି ସଂପର୍କ ପ୍ରତିଷ୍ଠା କରି ନ ଥା'ନ୍ତି । ତୁମେ ଦେଖ, ସେମାନେ ଧ୍ୟାନ କଲାବେଳେ, ସେମାନଙ୍କର ବାହ୍ୟସତ୍ତାକୁ ଗୋଟିଏ ପୋଷାକ ଭଳି ନିଜଠାରୁ ଓହ୍ଲାଇ ଦେଇ ଗୋଟିଏ କୋଣରେ ଥୋଇ ଦେଇଥା'ନ୍ତି ।...

ଯଦି ତୁମେ ତୁମର ବାହ୍ୟସତ୍ତାକୁ ପରିବର୍ତ୍ତିତ କରିବାକୁ ଚାହଁ, ତେବେ ତୁମେ ତା' ବିଷୟରେ ସଚେତନ ଥାଇ ଅନ୍ୟ ଉଚ୍ଚତର ଅନୁଭୂତିଟି ଲାଭ କରିବା ଉଚିତ । ଏବଂ ଯଦି ଏହି ଅନୁଭୂତି ଦ୍ୱାରା ତୁମର ସାଧାରଣ ବାହ୍ୟ ଚେତନା ଲାଭବାନ୍ ହେଉ ବୋଲି ଚାହୁଁଥାଅ ତେବେ ତୁମେ ତା' ସହିତ ସମ୍ପର୍କ ଛିନ୍ନ କର ନାହିଁ ।

## ବିନା କର୍ମରେ ଧ୍ୟାନ

ଯଦି ତୁମେ କୌଣସି କର୍ମ ନ କରି, କେବଳ ଧ୍ୟାନଧାରଣାରେ ନିବିଷ୍ଟ ହୋଇ ରୁହ, ତା'ହେଲେ ତୁମେ ଅଗ୍ରଗତି କରୁଛ କି ନାହିଁ, ତାହା ଆଦୌ ଜାଣିପାରିବ ନାହିଁ । ତୁମେ ଗୋଟିଏ ଭ୍ରମ ଧାରଣାରେ ରହିଯାଇପାର ଯେ ତୁମର ଯଥେଷ୍ଟ ଆଧ୍ୟାତ୍ମିକ ଅଗ୍ରଗତି ହେଉଛି । କିନ୍ତୁ ତୁମେ ଯଦି କାର୍ଯ୍ୟ ଆରମ୍ଭ କର, ତୁମର ସେହିସବୁ କାର୍ଯ୍ୟ ସଂଲଗ୍ନ ସବୁକିଛି ପରିସ୍ଥିତି, ଲୋକମାନଙ୍କ ସହ ସମ୍ପର୍କ, ବାହ୍ୟ କର୍ମ ଓ ଜୀବିକା, ଏହିସବୁ କିଛି ହେଲା ତୁମ ଅନୁଭୂତିର ପରିସର –, ଯାହା ଭିତରେ କି ତୁମେ ବୁଝି ପାରିବ ଯେ ତୁମେ ଚେତନାରେ କେତେଦୂର ଅଗ୍ରଗତି କରିଛ ଏବଂ ଆଉ କେତେ ବାକି ଅଛି । ଯଦି ତୁମେ ନିଜ ଭିତରେ ନିଜେ ଆବଦ୍ଧ ରୁହ, କୌଣସି କାର୍ଯ୍ୟ ନ କର, ସେତେବେଳେ ତୁମେ ଗୋଟିଏ ସଂପୂର୍ଣ୍ଣ ଆତ୍ମକୈନ୍ଦ୍ରିକ ମାୟାଲୋକ ରଚନା କରି ତା' ଭିତରେ ମନକୁ ମନ ସନ୍ତୁଷ୍ଟ ହୋଇ ରହିଥାଅ । ଯେଉଁ ମୁହୂର୍ତ୍ତରେ ତୁମେ ବାହ୍ୟ ଜଗତର କର୍ମପରିସର ଭିତରକୁ ଓହ୍ଲାଇ ଆସ ଏବଂ ଅନ୍ୟମାନଙ୍କ ସଂପର୍କ ଭିତରକୁ ପ୍ରବେଶ କର, ଯେତେବେଳେ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହୁଅ, ଜୀବନର ବିଭିନ୍ନ ବିଷୟବସ୍ତୁ ତୁମ ଆଗରେ ଆସି ଠିଆ ହୁଏ, ସେଇସବୁ ଭିତରେ ତୁମେ ସଂପୂର୍ଣ୍ଣ ଭାବେ ଏକ ବାସ୍ତବ ଧାରଣା ପାଇଥାଅ ଯେ ତୁମେ ସତକୁ ସତ ଚେତନାରେ ଅଗ୍ରଗତି କରୁଛ କି ନାହିଁ । ତୁମେ ଅଧିକ ଶାନ୍ତ, ଅଧିକ ସଚେତନ, ଅଧିକ ଶକ୍ତିଶାଳୀ, ଅଧିକ ନିଃସ୍ୱାର୍ଥପର ହୋଇଛ କି ନାହିଁ; ତୁମ ମଧ୍ୟରେ କୌଣସି କାମନା, କୌଣସି ଅନୁଚିତ ପସନ୍ଦ ଅପସନ୍ଦର ଭାବ, କୌଣସି ଦୁର୍ବଳତା, କୌଣସି ଅବିଶ୍ୱସ୍ତତା ରହିଛି କି ନାହିଁ – କର୍ମ କରିବା ଦ୍ୱାରାହିଁ ତୁମେ ଏସବୁ ବିଷୟରେ ସଚେତନ ହୋଇ ପାରିବ ।

# ଦୈହିକ ସଂଯମ

ଯେଉଁମାନେ ଦୈହିକ କର୍ମକୁ ଅବଜ୍ଞା କରନ୍ତି, ସେମାନେ ଯଦି ଏହି ଅବଜ୍ଞା ଭାବକୁ ନ ଛାଡ଼ନ୍ତି, ତେବେ ପୂର୍ଣ୍ଣାଙ୍ଗ ଯୋଗପଥରେ ପାଦେ ବି ଅଗ୍ରସର ହୋଇ ପାରିବେ ନାହିଁ । ଯେକୌଣସି ପ୍ରକାରେ ଶରୀର ଉପରେ ପ୍ରଭୁତ୍ୱ ଆଣିବାହିଁ ଏକ ଅପରିହାର୍ଯ୍ୟ ଭିତ୍ତି । ଯେଉଁ ଶରୀର ତୁମ ଉପରେ ପ୍ରଭୁତ୍ୱ ବିସ୍ତାର କରେ, ତାହା ତୁମର ଶତ୍ରୁ । ଏହା ଏପରି ଏକ ବିଶୃଙ୍ଖଳା, ଯାହା ତୁମ ପକ୍ଷରେ ଗ୍ରହଣୀୟ ନୁହେଁ । ତୁମ ମନ ଭିତରେ ଯେଉଁ ଚୈତନ୍ୟମୟ ଶୁଦ୍ଧ ସଙ୍କଳ୍ପ ରହିଛି, ତାହା ଯେପରି ତୁମ ଶରୀରକୁ ଶାସନ କରେ । ତୁମ ମନ ଉପରେ ତା' ନିୟମଗୁଡ଼ିକୁ ଲଦି ଦେଉଥିବା ଶରୀର ଯେପରି ଶାସନ ନ କରେ । ଜଣେ ଯେତେବେଳେ ଜାଣେ ଯେ ଏ ବିଷୟଟି ଖରାପ, ସେତେବେଳେ ସେଇ ଖରାପ କଥାଟିକୁ ନ କରିବାର ସାମର୍ଥ୍ୟ ତା'ର ଥିବା ଉଚିତ । ତୁମେ ଯେତେବେଳେ କୌଣସି କଥା ଉପଲବ୍ଧି କରିବା ପାଇଁ ଚାହଁ, ସେତେବେଳେ ତୁମେ ତାହା କରିବା ପାଇଁ ସମର୍ଥ ହେବା ଉଚିତ, ଏବଂ ଶରୀରର ଅସାମର୍ଥ୍ୟ ଯୋଗୁଁ କିଂବା ଅସଦିଚ୍ଛା କିଂବା ସହଯୋଗର ଅଭାବ ହେତୁ ଏହା ଯେପରି ସ୍ଥଗିତ ନ ହୁଏ; ଏଥିପାଇଁ ସାଧକ ପକ୍ଷରେ ଶାରୀରିକ ଶୃଙ୍ଖଳା ଅର୍ଜନ କରିବା ଉଚିତ ଏବଂ ନିଜ ଘରେ ନିଜେ ପ୍ରଭୁ ହେବା ଉଚିତ ।

ପଳାୟନପନ୍ଥୀ ଭଳି ''ଧ୍ୟାନ ଧାରଣା'' ଭିତରକୁ ଚାଲିଯିବା ଏବଂ ସେହି ତଥାକଥିତ ସମୁଚ୍ଚ ଆଧ୍ୟାତ୍ମିକ ଶିଖର ଉପରେ ଠିଆହୋଇ ବସ୍ତୁଜଗତର ବିଷୟଗୁଡ଼ିକୁ ହେୟ ଦୃଷ୍ଟିରେ ଚାହିଁବା ଖୁବ୍ ସୁନ୍ଦର କଥା । କିନ୍ତୁ ଏହାଦ୍ୱାରା ତୁମେ ନିଜ ଗୃହର ପ୍ରଭୁ ନ ହୋଇ କ୍ରୀତଦାସ ହୋଇଥାଅ ।

# ଶରୀର କର୍ମ ଆବଶ୍ୟକ କରେ

ଶରୀର ପକ୍ଷରେ କର୍ମର ନିଶ୍ଚିତ ଆବଶ୍ୟକତା ରହିଛି । ତୁମେ ଯଦି ଶରୀରକୁ ସକ୍ରିୟ ନ କରେଇବ, ତେବେ ସେ ରୋଗ ବା ଅକ୍ଷମତା ଦ୍ୱାରା ବିଦ୍ରୋହ ପ୍ରକାଶ କରିବ । ଶରୀର କର୍ମ ଚାହେଁ, ଫୁଲଗଛ ଲଗାଇବା ହେଉ ବା ଘର ତିଆରି କରିବା ହେଉ ବା କୌଣସି ସ୍ଥୂଳ ବାସ୍ତବ କର୍ମ କରିବା ହେଉ, ପ୍ରକୃତରେ ଏହା ଏହିଭଳି ବାସ୍ତବ କର୍ମ ଚାହେଁ । ତୁମେ ଏହା ଅନୁଭବ କରିବା ଉଚିତ । କେତେକ ଲୋକ ବ୍ୟାୟାମ କରନ୍ତି, କେତେକେ ସାଇକେଲ ଚଢ଼ନ୍ତି ଏବଂ ଏହିଭଳି ଅସଂଖ୍ୟ ଶାରୀରିକ କର୍ମ ରହିଛି ... । ପ୍ରତ୍ୟେକ ଲୋକ ତା' ରୁଚି ଅନୁସାରେ କିଂବା ତା ପ୍ରକୃତି ଓ ଆବଶ୍ୟକତା ଅନୁଯାୟୀ କର୍ମ କରିପାରେ, 'ଭାବନାରେ' ରହିବା ଦ୍ୱାରା ନୁହେଁ । ଭାବନାରେ ରହିବା ବିଶେଷ କିଛି ଭଲ କଥା ନୁହେଁ । ଭାବନା ତୁମକୁ କେବଳ ଗୁଡ଼ାଏ ଆଗତୁରା ଧାରଣା ଦେଇଥାଏ । ଯଥା – ''ସେଇଟା ଭଲ କାମ, ଏ କାମଟା ମୋ ଲାଖି ନୁହେଁ '', ଏବଂ ଆହୁରି ଯେତେ ବାଜେ କଥା । ମନ୍ଦକର୍ମ ବୋଲି କିଛି ନାହିଁ, କିନ୍ତୁ ମନ୍ଦକର୍ମୀ ଅଛନ୍ତି । ତୁମେ ଯଦି ଠିକ୍ ଭାବରେ କାମଟି କରି ଜାଣିବ, ତାହାହେଲେ ସବୁକାମ ଭଲ । ସବୁ କାମ । ଏହା ହେଉଛି ଏକ ପ୍ରକାର ସଂଯୋଗ ସ୍ଥାପନ । ସୌଭାଗ୍ୟବଶତଃ ତୁମେ ଯଦି ତୁମର ଭିତର ଆଲୋକ ସମ୍ପର୍କରେ ସଚେତନ ଥାଅ, ତେବେ ତୁମେ ଦେଖିବ ଯେ, ତୁମର ଶାରୀରିକ ଶ୍ରମ ଭିତରେ ସତେ କି ତୁମେ ଭଗବାନଙ୍କୁ ବସ୍ତୁ ଭିତରକୁ ଡାକି ଆଣୁଛ, ସେତିକିବେଳେହିଁ ଈଶ୍ୱରଙ୍କ ସଙ୍ଗେ ତୁମର ମିଳନଟା ବସ୍ତୁଗତ ଭାବେ ଦୃଢ଼ ହୋଇଯାଏ । ଦେଖ ବହୁତ କଥା କରିବାକୁ ଅଛି, ସାରା ପୃଥିବୀକୁ ଆବିଷ୍କାର କରିବାକୁ ଅଛି, ଏହା ଖୁବ୍ ଚମତ୍କାର, ଚମତ୍କାର ।

# ତିନୋଟି ବିଜୟ

ପ୍ରଥମ ବିଜୟ ହେଲା – ତୁମ ଭିତରେ ଏକକ ବ୍ୟକ୍ତିତ୍ୱଟିକୁ ଗଠନ କରିବା । ତାହାପରେ ଦ୍ୱିତୀୟ ବିଜୟଟି ହେଲା ଏଇ ଏକକ ବ୍ୟକ୍ତିତ୍ୱଟିକୁ ଭଗବାନଙ୍କୁ ଦେଇଦେବା । ଏବଂ ତୃତୀୟ ବିଜୟଟି ହେଲା, ଯେତେବେଳେ ଈଶ୍ୱର ତୁମର ବ୍ୟକ୍ତିତ୍ୱକୁ ପରିବର୍ତ୍ତନ କରି ତାହାକୁ ଏକ ଦିବ୍ୟ ସତ୍ତାରେ ପରିଣତ କରିବେ ...

ତିନୋଟି ସ୍ତର ବା ସୋପାନ ରହିଛି : ପ୍ରଥମ ସୋପାନଟି ହେଲା – ନିଜେ ଏକ ବ୍ୟକ୍ତିତ୍ୱର ଅଧିକାରୀ ହେବ; ଦ୍ୱିତୀୟଟି ହେଲା – ବ୍ୟକ୍ତିଟିର ଈଶ୍ୱରଙ୍କ ପାଖେ ଆତ୍ମସମର୍ପଣ, ତା'ମାନେ ସେ ନିଜକୁ ସଂପୂର୍ଣ୍ଣ ଭାବେ ସମର୍ପିଦେବ ଏବଂ ତାଙ୍କ ସଙ୍ଗେ ଏକ ହୋଇଯିବ; ତୃତୀୟ ସୋପାନଟି ହେଲା – ଈଶ୍ୱର ସେହି ବ୍ୟକ୍ତିତ୍ୱଟିକୁ ନିଜ ଅଧିକାରକୁ ନେଇଯିବେ ଓ ତାକୁ ତାଙ୍କ ଅନୁରୂପ ଗଢ଼ିବେ, ତା'ମାନେ ସେ ନିଜେ ମଧ୍ୟ ଈଶ୍ୱର ହୋଇଯିବ ।

ସାଧାରଣତଃ ଅନ୍ୟସବୁ ଯୋଗପଥର ଲକ୍ଷ୍ୟ ଦ୍ୱିତୀୟ ବିଜୟଟିରେ ସମାପ୍ତ ହୋଇଥାଏ । ଯେତେବେଳେ ଜଣେ ନିଜକୁ ଈଶ୍ୱରଙ୍କ ପାଖେ ସବୁକିଛି ସମର୍ପଣ କରିଦିଏ, ନିଜ ପାଇଁ କିଛି ହାତରେ ପାଞ୍ଚ ନ ରଖେ, ଏବଂ ଈଶ୍ୱରଙ୍କ ସହିତ ଏକୀଭୂତ ହୋଇଯାଏ, ସେତେବେଳେ ସେ ଭାବେ ଯେ, ତା' କାମ ସରିଗଲା, ତା'ର ଆଉ କିଛି କରିବାର ନାହିଁ । ତା'ର ସବୁକିଛି ହୋଇଗଲା ।

କିନ୍ତୁ **ଆମେ** ଏହିଠାରୁହିଁ ଆରମ୍ଭ କରୁ । ଆମେ କହୁ, ''ନା-ନା, ଏହା କେବଳ ଏକ ଆରମ୍ଭ ମାତ୍ର । ଆମେ ଏହି ଈଶ୍ୱରଙ୍କୁ ଚାହୁଁ, ଯାହାଙ୍କ ସଙ୍ଗେ ଆମେ ଏକୀଭୂତ ହୋଇଛୁ ଆମ ବ୍ୟକ୍ତିତ୍ୱ ଭିତରକୁ ପ୍ରବେଶ କରିବା ପାଇଁ ଏବଂ ଆମ ନିଜ ବ୍ୟକ୍ତିତ୍ୱକୁ ଦିବ୍ୟ ବ୍ୟକ୍ତିତ୍ୱରେ ପରିଣତ କରି ଏକ ଦିବ୍ୟ ପୃଥିବୀରେ କାର୍ଯ୍ୟ କରିବା ପାଇଁ ।

# ଦିବ୍ୟ କର୍ମ ପାଇଁ ଆଗେଇ ଆସ

ଯଦି କେହି ମୋ ପାଖକୁ ଆସି କହେ ଯେ, ''ମୁଁ କାମ କରିବା ପାଇଁ ଆସିଛି, ନିଜକୁ ଉପଯୋଗୀ କରିବାକୁ ଆସିଛି'' ତାହାହେଲେ ଠିକ୍ ଅଛି । କିନ୍ତୁ ଯଦି କେହି ଆସି କହେ, ''ବାହାରେ ମୋର ବହୁତ କଷ୍ଟ, ସେସବୁ କଷ୍ଟ ବାଧାବିପତ୍ତିକୁ ମୁଁ ଅତିକ୍ରମ କରିପାରୁ ନାହିଁ, ତେଣୁ ମୁଁ ଏଠାକୁ ଆସିଛି, କାରଣ ଏଠି ମୁଁ କିଛି ସାହାଯ୍ୟ ପାଇବି,'' ତାହାହେଲେ ମୁଁ ତାକୁ କହିବି, ''ନା, ନା – ଏ ଜାଗା ତୁମକୁ ଆହୁରି **ଅଧିକ** କଷ୍ଟ ଦେବ, ବରଂ ତୁମ କଷ୍ଟ ଆହୁରି **ଅଧିକ ମାତ୍ରାରେ** ଏଠି ବଢ଼ିଯିବ ।'' ଏବଂ ଏହାର ଅର୍ଥ ଏହିପରି ଯେ, ସେହି ଦୁଃଖକଷ୍ଟ ଆପଦ ବିପଦଗୁଡ଼ିକ ଜଣକର ବ୍ୟକ୍ତିଗତ ବ୍ୟାପାର ନୁହେଁ, ସେଗୁଡ଼ିକ ସାମୂହିକ ଦୁଃଖକଷ୍ଟ ବା ଆପଦ ବିପଦ । ...

ତେଣୁ ଲୋକେ ଯେତେବେଳେ ଆସି ମୋତେ କହନ୍ତି, ''ମୁଁ ଏଠାକୁ ଶାନ୍ତି ପାଇଁ ଆସିଛି – ସ୍ଥିରତା ଲାଭ ପାଇଁ ଆସିଛି, ଅବସର ଯାପନ ପାଇଁ ଏବଂ ମୋ ଯୋଗ କରିବା ପାଇଁ ଆସିଛି'', ସେତେବେଳେ ମୁଁ କହେ, ''ନା-ନା-ନା ! ଶୀଘ୍ର ଏଠାରୁ ଅନ୍ୟ କେଉଁଠାକୁ ଚାଲିଯାଅ, ଏଠା ଅପେକ୍ଷା ଅନ୍ୟ ଜାଗାରେ ବରଂ ଅଧିକ ଶାନ୍ତି ପାଇବ ।''

ଯଦି କେହି ଏଠାକୁ ଆସି କହେ – ''ମୁଁ ଏଠାକୁ ଆସିଛି, ମୁଁ ଅନୁଭବ କରୁଛି ଭଗବାନଙ୍କ କର୍ମ ସକାଶେ ନିଜକୁ ଉତ୍ସର୍ଗ କରିବି, ମୋତେ ତୁମେ ଯେଉଁ କାମ ଦେବ, ତାହା କରିବାକୁ ପ୍ରସ୍ତୁତ ଅଛି ।'' ତାହାହେଲେ ମୁଁ କହିବି, ''ଭଲ, ଠିକ୍ ଅଛି, ତୁମର ଯଦି ଶୁଭେଚ୍ଛା ଅଛି, ସହନଶୀଳତା ଅଛି, ଏବଂ କିଛି ସାମର୍ଥ୍ୟ ଅଛି, ତାହାହେଲେ ଠିକ୍ ଅଛି । କିନ୍ତୁ ତୁମେ ଯଦି ତୁମର ଆନ୍ତର ବିକାଶ ପାଇଁ ବିଜନତା ଚାହୁଁଥାଅ, ତାହାହେଲେ ତୁମ ପକ୍ଷେ ଠିକ୍ ହେବ ଅନ୍ୟ କେଉଁଠିକୁ ଯିବା – **ଅନ୍ୟ କେଉଁଠିକି** – ଏଠି କିନ୍ତୁ ନୁହେଁ ।

## ଏହି ଦିବ୍ୟ କର୍ମ କାହିଁକି ?

ଯାହାକିଛି ପରିପୂର୍ଣ୍ଣତା ଆମେ ଅର୍ଜନ କରିବାକୁ ଚାହୁଁଛୁ; ତାହା ବ୍ୟକ୍ତିଗତ ନୁହେଁ ବା ଏଥିରେ କିଛି ସ୍ୱାର୍ଥକୈନ୍ଦ୍ରିକ ଲକ୍ଷ୍ୟ ନାହିଁ। ଏହାର ଉଦ୍ଦେଶ୍ୟ କେବଳ ଈଶ୍ୱରଙ୍କୁ ପ୍ରକାଶ କରିବା, ଈଶ୍ୱରଙ୍କ ସେବାରେ ନିୟୋଜିତ ରହିବା। ବ୍ୟକ୍ତିଗତ ପରିପୂର୍ଣ୍ଣତା ପାଇଁ ଆମେ ସ୍ୱାର୍ଥପର ଭାବେ ଏହି ଅଗ୍ରଗତିର ଅନୁସରଣ କରୁ ନାହୁଁ। ଆମେ ଏହା କରୁଛୁ କେବଳ ପ୍ରଭୁଙ୍କର କାର୍ଯ୍ୟଟି ସମାହିତ ହେବା ପାଇଁ।

ପ୍ରଶ୍ନ : କିନ୍ତୁ କାହିଁକି ଭଗବାନଙ୍କ କାମ କରୁ ? ଏହା କେବଳ ଆମକୁ ...

ଉତ୍ତର : ନା ଆଦୌ ନୁହେଁ ! ଏହା କେବଳ ଈଶ୍ୱର ଇଚ୍ଛା କରୁଛନ୍ତି ବୋଲି କରିବାକୁ ହେବ। କୌଣସି ବ୍ୟକ୍ତିଗତ କାରଣରୁ ଆଦୌ ନୁହେଁ। ଏହା ସେପରି ହେବା ଆଦୌ ଉଚିତ ନୁହେଁ। ଏହାର ଏକାମାତ୍ର ଉଦ୍ଦେଶ୍ୟ ହେଲା – ଏହା ଈଶ୍ୱର ଇଚ୍ଛା କରୁଛନ୍ତି ଏବଂ ଏହା ଈଶ୍ୱରଙ୍କର କାମ।

ଯେତେବେଳ ପର୍ଯ୍ୟନ୍ତ ତୁମ କର୍ମ ସହିତ ତୁମର ବ୍ୟକ୍ତିଗତ ଆଗ୍ରହ ବା କାମନା,ଏକ ସ୍ୱାର୍ଥପର ସଂକଳ୍ପ ମିଶି ଯାଉଥିବ, ସେତେବେଳ ପର୍ଯ୍ୟନ୍ତ ଏହା ଏକ 'ମିଶ୍ରଣ' ହୋଇ ରହିବ ଓ ସେତେବେଳ ପର୍ଯ୍ୟନ୍ତ ଏହା ଦିବ୍ୟ ସଂକଳ୍ପର ଅଭିବ୍ୟକ୍ତି ଆଦୌ ନୁହେଁ। ଯାହାକିଛି ଗଣ୍ୟ କରିବାର କଥା, ତାହାହେଲା କେବଳ ଈଶ୍ୱର, ତାଙ୍କର ସଂକଳ୍ପ, ତାଙ୍କର ପ୍ରକାଶ ଓ ସୃଷ୍ଟି ଭିତରେ ତାଙ୍କର ଅଭିବ୍ୟକ୍ତି। ଆମେ ଏଠି ସେଥିପାଇଁ ଅଛୁ, ଆମେ ତାହାହିଁ, ଆଉ କିଛି ନୁହଁ।

## ଜଣେ କିପରି ଦିବ୍ୟ କର୍ମ କରେ ?

ପ୍ରଶ୍ନ : ମା, ଉଦାହରଣସ୍ୱରୂପ ଜଣେ ଲମ୍ଫ ଡିଆଁ ଅଭ୍ୟାସ କରୁଥିଲାବେଳେ ପ୍ରୟାସ କରୁଥାଏ ଯେ ବେଶୀ ବେଶୀ ଦୂରକୁ ଡେଇଁବା ପାଇଁ, ଏଥିରେ ଜଣେ ଭଗବାନଙ୍କ କର୍ମ କିପରି କରିପାରିବ ?

ଉତ୍ତର : ଆଃ ମୋତେ କ୍ଷମାକର, ଜଣେ ନିଜର ଆମୋଦ ପାଇଁ ଲମ୍ଫ ଡିଆଁ ଅଭ୍ୟାସ କରେ ନାହିଁ, ବରଂ ତା'ର ଉଦ୍ଦେଶ୍ୟ ହେଲା ଶରୀରକୁ ତା'ର କାର୍ଯ୍ୟ କରିବାରେ ଅଧିକ ପରିପୂର୍ଣ୍ଣ କରି ଗଢ଼ି ତୋଳିବା, ଯାହା ଫଳରେ ଏହା ଅଧିକ ଉପଯୁକ୍ତ ଯନ୍ତ୍ର ଭାବରେ ଭଗବତ୍ ଶକ୍ତିଗୁଡ଼ିକୁ ଗ୍ରହଣ କରିପାରିବ ଏବଂ ପ୍ରକାଶ କରିପାରିବ ।

କେବଳ ଖେଳ କଥା ନୁହଁ, ସବୁକଥା । ଏଠି ତୁମେ ଯେତେ କଥା କର, ସବୁ ପଛରେ ସେଇ ଭାବ ରହିବା ଉଚିତ । ତା' ନ ହେଲେ ତୁମକୁ ଯେଉଁ ସୁଯୋଗ ଓ ପରିସ୍ଥିତି ଦିଆଯାଇଛି, ତୁମେ ତାହାର କିଛି ଉପଯୋଗ କରିପାରିବ ନାହିଁ । ମୁଁ ତୁମକୁ ସେଦିନ ଏକଥା କହି ନ ଥିଲି ? ଯେହେତୁ ଏଠାରେ ଦିବ୍ୟଚେତନା ରହିଛି, ଏବଂ ସବୁ ଭିତରେ ପ୍ରବେଶ କରୁଛି ଏବଂ ସବୁପ୍ରକାର ଗତିବୃତ୍ତିରେ ନିଜକୁ ପ୍ରକାଶ କରୁଛି, ସେଇ ହେତୁ ତୁମର ସମସ୍ତ କର୍ମ ତଦନୁଯାୟୀ ପରିଚାଳିତ ହେବା ଉଚିତ । କିନ୍ତୁ ଯଦି ତୁମେ ତୁମ ପକ୍ଷରୁ ନିଜକୁ କୁହ ଯେ, ଯାହାକିଛି ପ୍ରୟାସ ତୁମେ ଏଠି କରୁଛ, ଯାହାକିଛି ଅଗ୍ରଗତି ତୁମେ ଏଠାରେ କରୁଛ, ସେସବୁ କରୁଛ କାରଣ ଏହି ଦିବ୍ୟଚେତନାକୁ ଅଧିକରୁ ଅଧିକ ଗ୍ରହଣ କରିବା ପାଇଁ ଓ ନିଜ କର୍ମ ଭିତରେ ତାକୁ ଅଧିକରୁ ଅଧିକ ଭାବେ ପ୍ରକାଶ କରିବା ପାଇଁ, ଏବଂ ତା' ଫଳରେ ବି ତୁମର କର୍ମ ସ୍ୱାଭାବିକ ଭାବେ ଅଧିକ ଭଲ ହେବ ଏବଂ ତ୍ୱରାନ୍ୱିତ ହେବ ।

## ଦିବ୍ୟକର୍ମର ଉପଲବ୍ଧି

କିଏ ଭାବୁଛି ଯେ ଏଠାରେ ଯେଉଁସବୁ ଶକ୍ତି ରହିଛି ତାହା ସମସ୍ତ ଅର୍ଥଶକ୍ତିଠାରୁ ଅସୀମ ଭାବେ ମହାନ୍ ଓ ଅସୀମ ଭାବେ ମୂଲ୍ୟବାନ୍ ? ଯେଉଁ ଦିବ୍ୟଶକ୍ତି ଏଠାରେ ରହିଛି ଏବଂ ସଚେତନ ଭାବେ ଅସୀମ ଧୈର୍ଯ୍ୟର ସହିତ ଓ ପ୍ରୟାସର ସହିତ ନିରବଚ୍ଛିନ୍ନ ଭାବେ ତୁମକୁ ଦିଆଯାଉଛି, **କେବଳ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ** ଯେ ଦିବ୍ୟକର୍ମକୁ ସାକାର, ବାସ୍ତବ ରୂପ ଦେବାକୁ ହେବ – ତୁମ ଭିତରୁ କିଏ ଭଲା ଏହାକୁ ନଷ୍ଟ ନ କରିବାକୁ ଚାହୁଁଛି ? କିଏ ଉପଲବ୍ଧି କରୁଛି ଯେ ଅଗ୍ରଗତି କରିବା ଓ ଅଧିକ ଭଲ ଭାବେ ବୁଝିବା ପାଇଁ ପ୍ରସ୍ତୁତ ହେବା ଏବଂ ଉନ୍ନତତର ଭାବେ ବଞ୍ଚିବା ତୁମର ଏକ ପବିତ୍ର କର୍ତ୍ତବ୍ୟ ବୋଲି ? କାରଣ ମୁଁ ଦେଖୁଛି ଯେ ଲୋକେ ଦିବ୍ୟଶକ୍ତି **ଦ୍ୱାରା** ବଞ୍ଚିଛନ୍ତି, ଦିବ୍ୟ ଚେତନା **ଦ୍ୱାରା** ବଞ୍ଚିଛନ୍ତି, କିନ୍ତୁ 'ତାକୁ' ସେମାନେ ବ୍ୟକ୍ତିଗତ ସ୍ୱାର୍ଥ ସକାଶେ ବ୍ୟବହାର କରୁଛନ୍ତି ।

ଯଦି କେତେ ହଜାର ଟଙ୍କା ନଷ୍ଟ ହୋଇଗଲା, ତୁମେ ବିଚଳିତ ହୋଇପଡୁଛ, କିନ୍ତୁ ତୁମକୁ ତ କିଛି ଲାଗୁ ନାହିଁ ଯେତେବେଳେ ... ଅସଂଖ୍ୟ ପରିମାଣର ଚେତନା ଓ ଶକ୍ତି ତା' ନିଜ ଲକ୍ଷ୍ୟଠାରୁ ଦୂରେଇ ଯାଉଛି !

ଯଦି ଜଣେ ପୃଥିବୀରେ କିଛି ଦିବ୍ୟକର୍ମ କରିବାକୁ ଚାହେଁ, ତେବେ ତା'ର ଖୁବ୍ ଖୁବ୍ ଧୈର୍ଯ୍ୟ ଓ ସହିଷ୍ଣୁତା ରହିବା ଆବଶ୍ୟକ । ଶାଶ୍ୱତ ଚେତନାରେ କିପରି ବଞ୍ଚିବାକୁ ହୁଏ ତୁମର ତାହା ଜାଣିବା ଉଚିତ ଏବଂ ସମସ୍ତଙ୍କ ଭିତରେ ଚେତନା ଜାଗ୍ରତ ହେବା ପର୍ଯ୍ୟନ୍ତ ଖୁବ୍ ଧୀର ଭାବେ ଅପେକ୍ଷା କରିବା ଉଚିତ । ଏହି ଚେତନାଟି ହେଲା – ଯାହାକୁ କହନ୍ତି – **ଯଥାର୍ଥ** ପୂର୍ଣ୍ଣାଙ୍ଗତା ।

# କର୍ମର ଭ୍ରାନ୍ତି

ଉତ୍ତେଜନା, ତ୍ୱରା ଏବଂ ଅସ୍ଥିରତା ତୁମକୁ କେଉଁଠାରେ ହେଲେ ପହଞ୍ଚାଇ ପାରିବ ନାହିଁ । ଏହା ସମୁଦ୍ର ଉପର ଫେଣ ଭଳି; ଏହା ଗୋଟେ ପ୍ରକାର ହୋ-ହୋ, ତମ୍ବି ତୋଫାନ, ଯାହା ଅଳ୍ପକ୍ଷଣ ଭିତରେ ଫୁସୁକି ଯାଏ । ଲୋକଙ୍କର ଗୋଟିଏ ଧାରଣା ଅଛି ଯେ, ଯଦି ସେମାନେ ପ୍ରତିମୁହୂର୍ତ୍ତରେ ଧାଁ-ଦଉଡ଼ ନ କରିବେ ଏବଂ ଉତ୍ତେଜନାପୂର୍ଣ୍ଣ କର୍ମ ଭିତରେ ପଶି ନ ଯିବେ, ତା'ହେଲେ ସେମାନେ କିଛି କାର୍ଯ୍ୟ କରୁ ନାହାନ୍ତି । ଏହି ତଥାକଥିତ ଡିଆଁ-ଡେଇଁ ଦ୍ୱାରା କିଛି ପରିବର୍ତ୍ତନ କରିଦେଇ ହେବ ବୋଲି ଯଦି କେହି ଭାବୁଥା'ନ୍ତି, ତେବେ ତାହା ମିଥ୍ୟା । ଏହା ହେଲା – ଗୋଟିଏ କପ୍‌ରେ କପେ ପାଣି ନେଇ ସେଇ ପାଣିକୁ ଚାମଚରେ ତରବର କରି ଘାଣ୍ଟିବା ଭଳି ବ୍ୟାପାର । ସେଥିରେ ଅବଶ୍ୟ ପାଣି ଘାଣ୍ଟି ହେଉଥାଏ, କିନ୍ତୁ ତଦ୍ୱାରା ପାଣିର କିଛି ପରିବର୍ତ୍ତନ ହେଉ ନ ଥାଏ । କର୍ମ ଉପରେ ଯେଉଁ ମିଥ୍ୟା ଧାରଣା ଥାଏ, ତାହା ମଣିଷ ପ୍ରକୃତିର ସବୁଠାରୁ ବଡ଼ ଭ୍ରାନ୍ତି । ଏହା ଅଗ୍ରଗତିରେ ବାଧା ଦିଏ, କାରଣ, ଏହା ତୁମକୁ ଏକ ଉତ୍ତେଜିତ ଗତିବୃତ୍ତିରେ ପକାଇଥାଏ ... ।

ଶାନ୍ତି ଭିତରେ, ନୀରବତା ଭିତରେ ଏବଂ ଅବିଚଳିତତା ବା ସ୍ଥିରତା ଭିତରେ ଏ ପୃଥିବୀ ତିଆରି ହୋଇଥିଲା । ଏବଂ ସତକୁ ସତ ତୁମେ ଯଦି କିଛି ଗଢ଼ିବାକୁ ଚାହୁଁଥାଅ, ତାହାହେଲେ ଶାନ୍ତି, ନୀରବତା ଓ ସ୍ଥିରତା ଭିତରେହିଁ ତୁମେ କିଛି କରିପାରିବ । ଏପରି ଭାବିବା ଅଜ୍ଞାନ ଯେ ସକାଳୁ ସଞ୍ଜଯାଏ ତୁମେ ଖାଲି ଦଉଡୁଥିବ ଏବଂ ତୁଚ୍ଛ ଜିନିଷଗୁଡ଼ାକ ଉପରେ ପଣ୍ଡଶ୍ରମ କରି ଚାଲିଥିବ ଆଉ ଭାବୁଥିବ ଯେ, ତଦ୍ୱାରା ତୁମେ ପୃଥିବୀର କ'ଣ ଗୋଟାଏ କରି ପକାଉଛ ।

## ଶାନ୍ତ ରହିବାକୁ ଶିକ୍ଷା କର

ତୁମ ମୁଣ୍ଡ ଭିତରେ ନାନାଦି ବାକ୍ୟ ଓ ନାନାଦି ଚିନ୍ତା ଏପରି କର୍ଣ୍ଣବିଦାରକ ଗୋଳମାଳ ସୃଷ୍ଟି କରନ୍ତି ଏବଂ ସେଗୁଡ଼ିକ ତୁମ ଭିତରେ ଏଭଳି ବଧିର ପରିବେଶ ସୃଷ୍ଟି କରନ୍ତି ଯେ, ସତ୍ୟ ନିଜକୁ ପ୍ରକାଶ କରିବାକୁ ଚାହିଁଲେ ମଧ ତାହା ତୁମେ ଶୁଣି ପାର ନାହିଁ ।

କିପରି ଅବିଚଳିତ ଓ ନୀରବ ରହିବା ପାଇଁ ଶିଖିବ ... ମନେକର ତୁମେ ଗୋଟିଏ ସମସ୍ୟାରେ ପଡ଼ିଛ, ସମାଧାନ ପାଇପାରୁ ନାହଁ, ତା'ହେଲେ ସେତେବେଳେ ସେଇ ସମସ୍ୟା ସମାଧାନର ସମ୍ଭବନାଗୁଡ଼ିକ ବିଷୟରେ, ଫଳାଫଳ ବିଷୟରେ, ସେହି ସଂପର୍କୀୟ କର୍ତ୍ତବ୍ୟ ଅକର୍ତ୍ତବ୍ୟ ବିଷୟରେ ତୁମ ମୁଣ୍ଡକୁ ଇତସ୍ତତଃ ଚିନ୍ତାରେ ନ ଖେଳାଇ ତୁମେ ଯଦି ଶୁଭେଚ୍ଛାମୂଳକ ଏକ ସଂକଳ୍ପରେ ଧୀର ଓ ଅବିଚଳିତ ରହିପାର କିଂବା ସମ୍ଭବ ହେଲେ କଲ୍ୟାଣମୟ ଇଚ୍ଛାଟିଏ ପୋଷଣ କରିପାର, ତା' ହେଲେ ସମାଧାନଟି ଖୁବ୍ ଶୀଘ୍ର ମିଳିଯିବ । ଏବଂ ତୁମେ ସେତେବେଳେ ନୀରବ ଥିବାରୁ ତୁମେ ସେକଥା ଶୁଣିପାରିବ ।

ତୁମେ ଯେତେବେଳେ ଏକ କଷ୍ଟରେ ପଡ଼ିଯାଇଛ, ଏହି ଉପାୟଟି ଚେଷ୍ଟା କର : ଉତ୍‌କ୍ଷିପ୍ତ ହୋଇ ସବୁପ୍ରକାର ଚିନ୍ତାକୁ ଏପଟ ସେପଟ କରି ସମାଧାନ ପାଇଁ ଇତସ୍ତତଃ ଧୁନ୍ଦାଳି ପକାଇ ବ୍ୟସ୍ତ ବିବ୍ରତ ହୋଇ, ଧଇଁସଇଁ ହୋଇ, ମୁଣ୍ଡ ଭିତରେ ଏଣେତେଣେ ଦୌଡ଼ାଦୌଡ଼ି କରି, ସବୁକଥାକୁ ନଷ୍ଟଭ୍ରଷ୍ଟ କରିବା ପରିବର୍ତ୍ତେ ... **ନୀରବ ଆଉ ନିଶ୍ଚଳ ହୋଇ ରୁହ ।** ଏବଂ ତୁମ ପ୍ରକୃତି ଅନୁଯାୟୀ ଶାନ୍ତି ଓ ସନ୍ତୋଷର ସହିତ କିଂବା ଗଭୀରତା ଓ ଉଦାରତାର ସହିତ କିଂବା ଏସବୁ କଥା ସହିତ ନୀରବରେ ଆଲୋକକୁ ଆବାହନ କର ଓ ତା'ର ଆଗମନକୁ ଧୈର୍ଯ୍ୟର ସହିତ ଅପେକ୍ଷା କରି ରୁହ ।

ଏହି ଭାବରେ ସମାଧାନର ବାଟଟି ଶୀଘ୍ର ମିଳିଯିବ ।

# ସାକ୍ଷିସ୍ୱରୂପ ମାନସିକ ସତ୍ତା

ପ୍ରଶ୍ନ : ମଧୁମୟି ମା, ମାନସିକ ସତ୍ତାକୁ ସାକ୍ଷୀର ସ୍ଥାନରେ ବସାଇବା ଅର୍ଥ କ'ଣ ?

ଉତ୍ତର : ... ସାକ୍ଷୀର ଅର୍ଥ ନିରୀକ୍ଷକ, ଦ୍ରଷ୍ଟା । କେହି ଜଣେ, ଯେ ନିଜେ କିଛି କରେ ନାହିଁ, କିନ୍ତୁ ସବୁ ଦେଖେ । ମନ ଯେତେବେଳେ ନିଶ୍ଚଳ ଥାଏ, ସେତେବେଳେ ତୁମେ ଏହି ଭାବରେ ପରିସ୍ଥିତିରୁ ନିଜକୁ ଟିକିଏ ଅଲଗା କରିଦେବ ଓ ଭାବିବ ଯେ, ତୁମେ ଏ ପରିସ୍ଥିତିର ଜଣେ ଦେଖଣାହାରୀ ସାକ୍ଷୀ, କ୍ରିୟା ସଙ୍ଗେ ତୁମେ ଭାଗୀଦାର ନୁହଁ । ଏଇଟାହିଁ ତୁମକୁ ଦେବ ଖୁବ୍ ଅନାସକ୍ତି, ଖୁବ୍ ଗୋଟାଏ ନିଶ୍ଚଳତା ଏବଂ ସବୁକଥାର ଯଥାର୍ଥ ମୂଲ୍ୟବୋଧ । କାରଣ, ଏହା ତୁମ ଭିତରୁ କ୍ରିୟା ପ୍ରତି ଆସକ୍ତିକୁ କାଟିଦିଏ । ତୁମେ ଯେତେବେଳେ ଏହାକୁ ତୁମ ନିଜ ମଧ୍ୟରେ କିପରି କରିବାକୁ ହେବ ତାହା ଜାଣିବ, ତୁମେ ଯେତେବେଳେ ନିଜକୁ ସେଥିରୁ ଦୂରେଇ ନେବାର କୌଶଳଟି ଜାଣିବ ଓ ତୁମେ କ'ଣ କରୁଛ, ତାହା ଦେଖିପାରିବାର କ୍ଷମତା ଅର୍ଜନ କରିବ, ସେତେବେଳେ ତୁମେ ନିଜ ବିଷୟରେ ବହୁତ କଥା ଜାଣିପାରିବ । ଯେତେବେଳେ ତୁମ ଭିତରେ ସବୁକିଛି ଗୋଳିଆମିଶା ହୋଇ ରହିଛି ଏବଂ ତୁମେ ସେଥିରେ କାର୍ଯ୍ୟ କରୁଥାଅ, ସେତେବେଳେ ତୁମେ ସେ କାର୍ଯ୍ୟ କରୁଥିବାର ଦେଖିପାର ନାହିଁ ଓ ତୁମେ ନିଜେ କ'ଣ ତାହା ଜାଣିପାର ନାହିଁ । ଯେତେବେଳେ ତୁମେ ନିଜକୁ ପଛକୁ ଫେରାଇ ଆଣି ସ୍ଥିର ଭାବେ ନିଜକୁ ଦେଖ, ସେତେବେଳେ ତୁମେ ତୁମର ଅନେକ ଅସଂପୂର୍ଣ୍ଣତାକୁ ଦେଖିପାରିବ । ଯାହାକୁ କି ତୁମେ ଅନ୍ୟ ଭାବରେ ଜାଣିପାରି ନ ଥା'ନ୍ତ ।

# ଶାନ୍ତି, ଶାନ୍ତି, ଶାନ୍ତି – ୧

ପ୍ରଶ୍ନ : ଆମେ କିପରି ଏକ ସ୍ଥିର ଶାନ୍ତି ପ୍ରତିଷ୍ଠା କରିବୁ ? ଏବଂ କିପରି ମନକୁ ନୀରବ କରିପାରିବୁ ?

ଉତ୍ତର : ପ୍ରଥମେ ତୁମେ ଏହା ଚାହିଁବା ଉଚିତ ।

ଏବଂ ତା'ପରେ ତୁମେ ସେଥିପାଇଁ ଚେଷ୍ଟା କରିବା ଉଚିତ, ପ୍ରୟାସ କରିବା ଉଚିତ, ନିରନ୍ତର ଚେଷ୍ଟା କରିବା ଉଚିତ ... । ଆରମ୍ଭରେ ନିଶ୍ଚଳ ହୋଇ ବସ, ତା'ପରେ ଏଣୁତେଣୁ ପଚାଶଟା କଥା ଭାବିବା ପରିବର୍ତ୍ତେ ନିଜକୁ କହିବାକୁ ଆରମ୍ଭ କର – ''ଶାନ୍ତି, ଶାନ୍ତି, ଶାନ୍ତି, ଶାନ୍ତି, ଶାନ୍ତି, ସ୍ଥିରତା, ଶାନ୍ତି !'' ମନ ଭିତରେ ଶାନ୍ତି ଓ ସ୍ଥିରତାର କଳ୍ପନା କର । ଶାନ୍ତି ପାଇଁ ଆସ୍ପୃହା କର, ତା'ପରେ ଶାନ୍ତିକୁ ଡାକ, ''ଶାନ୍ତି, ଶାନ୍ତି, ଶାନ୍ତି, ସ୍ଥିରତା'' । ତା'ପରେ ତୁମ ଭିତରକୁ କିଛି ଗୋଟେ ଆସି ତୁମକୁ ସ୍ପର୍ଶ କରେ ଏବଂ ତୁମ ଭିତରେ କ୍ରିୟା କରେ, ତା' ହେଲେ ଖୁବ୍ ନୀରବତାର ସହିତ ଏହିପରି କୁହ – ''ଶାନ୍ତି, ଶାନ୍ତି, ଶାନ୍ତି'' । ତୁମେ ଜାଣିରଖ, ଯଦି କୌଣସି ଚିନ୍ତା ଆସେ, ସେ ଚିନ୍ତା ଆଡ଼େ ଚାହଁ ନାହିଁ ଓ ସେଗୁଡ଼ିକର କଥା ଶୁଣ ନାହିଁ । ଯାହା ତୁମ ମୁଣ୍ଡକୁ ଆସୁଛି, ସବୁଗୁଡ଼ିକ ଉପରେ ଦୃଷ୍ଟି ଦିଅ ନାହିଁ । ତୁମେ ଏକଥା ଜାଣ ଯେ, କେହି ଯଦି ତୁମକୁ ଅତ୍ୟଧିକ ଭାବେ ଗୋଳମାଳରେ ପକାଏ, ଏବଂ ତୁମେ ତାହାଠାରୁ ମୁକ୍ତି ଚହୁଁଥାଅ, ତା'ହେଲେ ତୁମେ କ'ଣ କର ? ତା'କଥା ତୁମେ କାନକୁ ନିଅ ନାହିଁ – ନୁହେଁ କି ? ଭଲ କଥା । ସେହିପରି, ଯେଉଁ ଚିନ୍ତା ତୁମ ମୁଣ୍ଡ ଭିତରକୁ ଆସି ଗୋଳମାଳ କରୁଛି (ମା' ଭଙ୍ଗୀ ଦେଖାଇଲେ), ସେଥିରୁ ତୁମ ମନୋଯୋଗକୁ ଅଲଗା କରିଦିଅ, ଅନ୍ୟକଥା ଭାବ ।

# ଶାନ୍ତି, ଶାନ୍ତି, ଶାନ୍ତି – ୨

ଯେତେବେଳେ ଚିନ୍ତାସବୁ ଆସେ, ତୁମେ ସେଗୁଡ଼ିକୁ ଜମା ଚାହିଁବ ନାହିଁ, ସେଗୁଡ଼ିକୁ ଜମା ଶୁଣିବ ନାହିଁ, ସେଗୁଡ଼ିକ ପ୍ରତି କୌଣସି ମନୋଯୋଗ ଦେବ ନାହିଁ । ତୁମେ ଏପରି ବ୍ୟବହାର କରିବ ସତେକି ସେଗୁଡ଼ିକ ନ ଥିଲେ ! ତା'ପରେ ତୁମେ ସବୁ ସମୟରେ ସେଇ ଗୋଟିଏ କଥାର ପୁନରାବୃତ୍ତି କରିବ । କିପରି ତୁମକୁ ତାହା ବୁଝାଇ ପାରିବି ?– ଗୋଟିଏ ଗବା ଲୋକ ସେଇ ଗୋଟିଏ କଥାକୁ ଯେମିତି ବାରଂବାର ପୁନରାବୃତ୍ତି କରୁଥାଏ । ହଁ, ତୁମେ ସେଇଭଳି କରିଚାଲିବ, ''ଶାନ୍ତି, ଶାନ୍ତି, ଶାନ୍ତି'' ଜପ କରିବାକୁ ହେବ । ବାସ୍ କେତୋଟି ମିନିଟ୍ ଏହିପରି କରୁଥାଅ, ତା'ପରେ ଯେଉଁ କାର୍ଯ୍ୟ ତୁମର କରିବାକୁ ଅଛି କର; ତା'ପରେ ଅନ୍ୟ ଏକ ସମୟରେ ପୁଣି ଥରେ ଆରମ୍ଭ କର, ପୁନରାୟ ଚୁପ୍‌ଚାପ୍ ହୋଇ ବସିଯାଅ ଓ ସେଇଭଳି ''ଶାନ୍ତି, ଶାନ୍ତି, ଶାନ୍ତି'' ଉଚ୍ଚାରଣ କର । ସକାଳୁ ଉଠି ସେଇଭଳି କର, ରାତିରେ ଶୋଇଲା ପୂର୍ବରୁ ସେଇଭଳି କର ।... ତା'ପରେ ଏପରି ଏକ ସମୟ ଆସିବ ତୁମର ଆଉ ସେଥିପାଇଁ ବସିବା ଦରକାର ପଡ଼ିବ ନାହିଁ । ତୁମେ ଯେକୌଣସି କାର୍ଯ୍ୟ କରୁଥାଅ, ଯେକୌଣସି କଥା କହୁଥାଅ, କିନ୍ତୁ ସବୁଟି ଭିତରେ ରହୁଥିବ, ଶାନ୍ତି, ଶାନ୍ତି, ଶାନ୍ତି ।...

ଏସବୁ ବିଷୟରେ ତୁମେ ଖୁବ୍ ସରଳ ଓ ସହଜ ହୋଇଯିବା ଉଚିତ । ସତେକି ଜଣେ ବନ୍ଧୁଙ୍କୁ କିପରି ସ୍ନେହରେ ଡାକିବାକୁ ହୁଏ, ତାହା ଶିଖୁଛ, ତୁମେ ବାଧ୍ୟକରି ସ୍ନେହରେ ଡାକିଲେ ସେ ନିଶ୍ଚୟ ଆସିବେ । ବାସ୍ ଶାନ୍ତି ଓ ନିଶ୍ଚଳତାକୁ ତୁମର ବନ୍ଧୁ ବୋଲି ମନେକର ଏବଂ ଡାକ,– ''ହେ ଶାନ୍ତି, ଶାନ୍ତି, ଶାନ୍ତି, ଦୟାକରି ଆସ ! ଶାନ୍ତି, ଶାନ୍ତି, ଶାନ୍ତି ଆସ, ତୁମେ ଆସ, ଆସ, ଆସ ।''

# ଚୁପ୍ ହୋଇ ବସ

ତୁମ ହାତରେ ଯେତେବେଳେ ଟିକେ ସମୟ ଅଛି, ଘଣ୍ଟାଏ ହେଉ କି କେତୋଟି ମିନିଟ୍ ହେଉ, ସେତେବେଳେ ତୁମେ ନିଜକୁ କୁହ, ''ଯାହାହେଉ ଶେଷରେ ମୋତେ ଟିକେ ସମୟ ମିଳିଲା – ଏକାଗ୍ର ହେବା ପାଇଁ, ନିଜକୁ ସଂଗୃହୀତ କରିବା ପାଇଁ, ଜୀବନର ଉଦ୍ଦେଶ୍ୟକୁ ପୁନରୁଜ୍ଜୀବିତ କରିବା ପାଇଁ, ସତ୍ୟ ଏବଂ ଶାଶ୍ୱତଙ୍କ ପାଖରେ ନିଜକୁ ସମର୍ପଣ କରିବା ପାଇଁ ।'' ଯଦି ତୁମେ ଏଇ କଥାଟି ବରାବର କରୁଥାଅ, ତାହାହେଲେ ବାହ୍ୟ ପରିସ୍ଥିତି ଦ୍ୱାରା ତୁମେ କେବେ ଆକ୍ରାନ୍ତ ହେବ ନାହିଁ । ତା'ହେଲେ ତୁମେ ଦେଖିବ ଯେ, ତୁମେ ଠିକ୍ ରାସ୍ତାରେ ଶୀଘ୍ର ଶୀଘ୍ର ଅଗ୍ରସର ହୋଇ ଚାଲିଛ । ଏଣୁ ତେଣୁ ବକ୍‌ବାଜି କରି, ଏଣୁତେଣୁ ବାଜେ କାମ କରି ଏବଂ ଚେତନାକୁ ନିମ୍ନଗାମୀ କରୁଥିବା ଏଣୁତେଣୁ ବହି ପଢ଼ି ସମୟ ନଷ୍ଟ କରିବା ପରିବର୍ତ୍ତେ ... ନିଜକୁ ଉଦାର, ଶାନ୍ତ, ସମାହିତ ରଖିବା, ଭାରସାମ୍ୟ ଭିତରେ ରଖିବା, ନିଜେ ଧୈର୍ଯ୍ୟଶୀଳ ହେବା, ନୀରବ ଓ ନିଶ୍ଚଳ ରହିବା ଅତ୍ୟନ୍ତ କଲ୍ୟାଣକର । କିନ୍ତୁ ଯେଉଁ ସୁଯୋଗ ତୁମକୁ ଦିଆଯାଇଛି, ତାକୁ କେତେବେଳେ ହେଲେ ବି ଛାଡ଼ିବା ଉଚିତ ନୁହଁ । ତା'ମାନେ, ଯେଉଁ କେତୋଟି ଅବସରପୂର୍ଣ୍ଣ ମୁହୂର୍ତ୍ତ ତୁମକୁ ମିଳୁଛି, ତାକୁ ଏହିପରି ଯଥାର୍ଥ ଉଦ୍ଦେଶ୍ୟରେ ବିନିଯୋଗ କରିବା ଉଚିତ ।

... କେଉଁଠି ଟିକେ ନିର୍ଜନ ସ୍ଥାନକୁ ଯାଇ ଆକାଶ ତଳେ ବସ, କିଂବା ସମୁଦ୍ର କୂଳରେ କିଂବା ଗୋଟିଏ ଗଛମୂଳରେ, ଯେଉଁଠି ସମ୍ଭବ, ସେଠି ଯାଇ ଚୁପ୍‌ଚାପ୍ ବସ ... ବୁଝିବାକୁ ଚେଷ୍ଟା କର, କେଉଁଥିପାଇଁ ବଞ୍ଚୁଛ, କିପରି ବଞ୍ଚିବା ଉଚିତ ତାହା ଶିକ୍ଷା କର, କ'ଣ ତୁମେ କରିବାକୁ ଚାହୁଁଛ, ଏବଂ କ'ଣ କରିବା ଉଚିତ, ଯେଉଁ ଅଜ୍ଞାନ ମିଥ୍ୟା ଓ ଯନ୍ତ୍ରଣା ଭିତରେ ତୁମେ ବଞ୍ଚୁଛ ସେଥିରୁ ରକ୍ଷା ପାଇବା ପାଇଁ ସର୍ବୋତ୍ତମ ଉପାୟ କଅଣ ? ସେ ସମ୍ବନ୍ଧେ ନୀରବ ନିଶ୍ଚଳ ଓ ଶାନ୍ତ ଭାବେ ଏକାଗ୍ର ହୁଅ ।

# ତୁମ ଚେତନାକୁ ପ୍ରସାରିତ କର – ୧

ପ୍ରଶ୍ନ: ମଧୁମୟି ମା ! ଆମେ ଆମ ଚେତନାକୁ କିପରି ପ୍ରସାରିତ କରିପାରିବୁ ?

ଉତ୍ତର: ପ୍ରସାରିତ ? ଆଃ ! ଏହା କରିବା ପାଇଁ ବହୁତ ବାଟ ଅଛି ।

ସବୁଠାରୁ ସହଜ ବାଟଟି ହେଲା – କୌଣସି ଏକ ବିରାଟ ଜିନିଷ ସହିତ ନିଜକୁ ଏକୀଭୂତ କରିବା ବା ମିଶାଇ ଦେବା । ଉଦାହରଣସ୍ୱରୂପ, ଯେତେବେଳେ ତୁମେ ଭାବିବ ଯେ, ତୁମେ ଗୋଟିଏ ସଂପୂର୍ଣ୍ଣ ସଂକୀର୍ଣ୍ଣ ଓ ସୀମାବଦ୍ଧ ଚିନ୍ତାରେ ଆବଦ୍ଧ ହୋଇଯାଇଛ, କିଂବା ଏକ ସଂକୀର୍ଣ୍ଣ ସଂକଳ୍ପ ବା ଚେତନା ଭିତରେ ବନ୍ଦୀ ହୋଇପଡ଼ିଛ, ଯେତେବେଳେ ତୁମର ମନେ ହେବ ଯେ, ତୁମେ ଗୋଟାଏ ଗେଣ୍ଡା ଖୋଳ ଭିତରେ ଆବଦ୍ଧ ହୋଇଯାଇଛ, ସେତିକିବେଳେ ତୁମେ ଭାବିବାକୁ ଆରମ୍ଭ କରିଦିଅ କିଛି ଗୋଟାଏ ଖୁବ୍ ବିରାଟ ଜିନିଷ ସଂପର୍କରେ । ଉଦାହରଣସ୍ୱରୂପ – ତୁମେ ସମୁଦ୍ରର ଅତଳ ପ୍ରସାରିତ ଜଳରାଶି କଥା ଚିନ୍ତାକର । ଭାବ ଯେ, ଏ ସମୁଦ୍ର କେତେ ଦୂର ଦିଗ୍‌ବଳୟ ଆଡ଼କୁ ପ୍ରସାରିତ ହୋଇଯାଇଛି, କେତେ ଦୂରକୁ, ଦୂରକୁ ବ୍ୟାପି ଯାଇଛି, ଏମିତି (ମା' ନିଜର ବାହୁ ବିସ୍ତାର କରି ଦେଖାଇଲେ), ଭାବ ଯେ, ତୁମ ତୁଳନାରେ ଏହା କେତେ ଦୂରକୁ ପ୍ରସାରିତ ହୋଇଯାଇଛି, ଏତେ ଦୂର ଯେ, ତୁମେ ସମୁଦ୍ରର ଅପର ତଟଟିକୁ ଦେଖିପାରୁ ନାହଁ, ତୁମେ ତା'ର ଶେଷ ସୀମାରେ ପହୁଞ୍ଚିପାରୁ ନାହଁ, ତା' ଆଗପଛ ଜାଣିପାରୁ ନାହଁ, ତା'ର ବାମ କି ଡାହାଣ କେଉଁ ପଟକୁ ତୁମର ଆଖି ପାଉ ନାହିଁ, ଏହା ବିସ୍ତାରିତ ହୋଇ ଚାଲିଛି ତ ଚାଲିଛି – ଏଇଭଳି ତୁମେ ତୁମ ଚେତନାକୁ ସମୁଦ୍ର ସହ ବିସ୍ତାରି ଚାଲିବ, ତା'ପରେ ତୁମେ ଅନୁଭବ କରିବ ଯେ, ତୁମେ ସେହି ସମୁଦ୍ରର ଅତଳ ଜଳରେ ଭାସୁଛ, ସେହିପରି, ଠିକ୍ ସେହିପରି ତୁମର ଚେତନା ହୋଇ ଉଠୁଛି ବିରାଟ ବିସ୍ତାରିତ – ତା'ର କିଛି ସୀମାହିଁ ନାହିଁ ..., ଏହା ଖୁବ୍, ଖୁବ୍ ସହଜ । ତା'ହେଲେ ଯାଇ ତୁମେ ଦେଖିବ ଯେ, ତୁମର ଚେତନା ସାମାନ୍ୟ ଟିକେ ବିସ୍ତାରିତ ହୋଇଯାଇଛି ।

## ତୁମ ଚେତନାକୁ ପ୍ରସାରିତ କର – ୨

ତୁମ ଚେତନାକୁ ବିଶାଳ କରିବା ପାଇଁ ଆଉ ଗୋଟିଏ ବାଟ ରହିଛି । ତାହା ହେଲା – ପୃଥିବୀରେ ଯାହାକିଛି ଅଛି, ସବୁକିଛି ସଙ୍ଗେ ନିଜକୁ ଏକାତ୍ମ କରିବା । ଉଦାହରଣସ୍ୱରୂପ – ତୁମର ଯେତେବେଳେ କୌଣସି ବିଷୟରେ ଏକ ସଂକୀର୍ଣ୍ଣ ଦୃଷ୍ଟିକୋଣ ରହିଛି ଏବଂ ତୁମେ ଅନ୍ୟର ଦୃଷ୍ଟିକୋଣ ଓ ମତ ଦ୍ୱାରା ଆହତ ହେଉଛ, ସେତେବେଳେ ତୁମେ ତୁମ ଚେତନାକୁ ଟିକେ ପ୍ରସାରିତ କରିବାକୁ ଆରମ୍ଭ କର ଏବଂ ତୁମ ଚେତନାକୁ ଅନ୍ୟମାନଙ୍କ ଭିତରେ ରଖିବାକୁ ଚେଷ୍ଟାକର, ଧୀରେ ଧୀରେ ଚେଷ୍ଟା କର ଅନ୍ୟମାନଙ୍କର ଚିନ୍ତାଧାରାର ବିଭିନ୍ନ ଦିଗ ସହିତ ନିଜକୁ ଏକାତ୍ମ କରିବା ପାଇଁ ।... କେତେକ ଲୋକ ଏହାକୁ ଖୁବ୍ ସହଜରେ କରିପାରନ୍ତି । ଉଦାହରଣସ୍ୱରୂପ – ସେମାନେ ଯେତେବେଳେ ଅନ୍ୟ ସହିତ ଏକମତ ହୋଇପାରନ୍ତି ନାହିଁ, ସେତେବେଳେ, ନିଜ ଚେତନାକୁ ପ୍ରସାରିତ କରିବା ପାଇଁ ଅନ୍ୟମାନଙ୍କ ସ୍ଥାନରେ ନିଜକୁ ରଖନ୍ତି ଏବଂ ବିଷୟଟିକୁ ନିଜ ଦୃଷ୍ଟିରୁ ନ ଦେଖି ଅନ୍ୟର ଦୃଷ୍ଟିରେ ଦେଖନ୍ତି । ଏହାହିଁ ଚେତନାକୁ ବିସ୍ତାରିତ କରେ ଯଦିଓ ପ୍ରଥମେ ଯେଉଁ ସରଳ ବାଟଗୁଡ଼ିକ କଥା କହିଥିଲି ତାହା ଅପେକ୍ଷା ଏହା ସେତେ ସହଜ ଓ ସରଳ ନୁହେଁ । ସେଥିରେ ତୁମର କିଛି କ୍ଷତି ହୁଏନି, ବରଂ ବହୁତ ଲାଭ ହୁଏ । ସେ ବାଟେ ଶାନ୍ତି ମିଳେ ।

# ତୁମ ଚେତନାକୁ ପ୍ରସାରିତ କର – ୩

ତୁମେ ଯଦି ଉପଲବ୍ଧି କରିପାର ... ଦେଖିପାର ଓ ସେହି ଛବିଟି ମନରେ ଆଙ୍କିପାର ଯେ ଏଇ ଯେଉଁ ଛୋଟ ପୃଥିବୀରେ ତୁମେ ରହିଛ, ତା' ଭିତରେ ତୁମେ କେଡ଼େ ଛୋଟ ବ୍ୟକ୍ତିଟିଏ, ଏବଂ ସେହି ଛୋଟ ମୁହୂର୍ତ୍ତକର ଚେତନାଟି ମଧ୍ୟ କେତେ କ୍ଷୁଦ୍ର ଯାହା ବର୍ତ୍ତମାନ ତୁମକୁ ଏତେ କଷ୍ଟଦାୟକ ଓ ଅପ୍ରୀତିକର ଲାଗୁଥିଲା, ହଠାତ୍ ତୁମେ ବୁଝିପାର ଯେ, ଯେଉଁ ଘଟନାଟି ତୁମକୁ ଏତେ କଷ୍ଟ ଦେଇଥିଲା, ତା' ଉପରେ ଗୁରୁତ୍ୱ ଦେବା କେଡ଼େ ହାସ୍ୟକର କଥା ... । ସତକୁ ସତ ତୁମେ ଅନୁଭବ କର ଯେ, କେବଳ ନିଜ ଜୀବନ ଉପରେ, ନିଜ ଉପରେ ଏବଂ ତୁମ ପାଇଁ ଯାହା ଘଟିଗଲା ତା' ଉପରେ କୌଣସି ଗୁରୁତ୍ୱ ଦେବା କେଡ଼େ ଉଦ୍‌ଭଟ ବ୍ୟାପାର । ତୁମେ ଯଦି ଏହା ଠିକ୍ ଭାବେ କରିପାର, ତେବେ ତିନି ମିନିଟ୍ ଭିତରେ ସବୁକିଛି ଅପ୍ରୀତିକର ଅବସ୍ଥା ଭାସିଯିବ । ଏପରିକି ଅତି ଗଭୀର ଯନ୍ତ୍ରଣାଟିଏ ମଧ୍ୟ ପୋଛି ହୋଇଯିବ । ନିଜକୁ ସେଇ ଅସୀମ ଓ ଶାଶ୍ୱତଙ୍କ ଭିତରକୁ ନେଇଯିବା ଲାଗି ଏଇଭଳି ଟିକିଏ ଏକାଗ୍ରତା ଦରକାର । ତା'ପରେ ସବୁକିଛି ଚାଲିଯାଏ । ଜଣେ ତା' ଭିତରୁ ପରିଷ୍କାର ହୋଇ ବାହାରି ଆସେ । ଜଣେ ସବୁ ପ୍ରକାର ଆସକ୍ତିରୁ ମୁକ୍ତିପାଏ, ଏବଂ ଏପରିକି, ମୁଁ କହୁଛି, ତୁମେ ତୁମର ଗଭୀରତମ ଦୁଃଖରୁ ମଧ୍ୟ ରକ୍ଷା ପାଇଯିବ, ଏବଂ ଯଦି ତୁମେ ଠିକ୍ ଭାବେ ଏହା କରିପାରିବ, ତାହାହେଲେ ଏହି ବାଟରେ ସବୁ କଥାରୁ ମୁକ୍ତି ପାଇଯିବ । ଏହା ସଙ୍ଗେ ସଙ୍ଗେ ତୁମକୁ ତୁମ କ୍ଷୁଦ୍ର ଅହଂକାର ଭିତରୁ ବାହାର କରି ଆଣେ । ବାସ୍ ସେତିକି ।

## ଚେତନାକୁ ଉଚ୍ଚରେ ରଖ – ୧

ଏକ ଉଚ୍ଚତର ସ୍ତରରେ ଚେତନାକୁ ରଖିବା ଅର୍ଥ – ସତ୍ତାର ନିମ୍ନତର ସ୍ତରମାନଙ୍କରୁ ତାକୁ ଉପରକୁ ଉଠାଇ ନେବା । ତା' ଅର୍ଥ, ଚେତନାକୁ ଆଲୋକ, ଶାନ୍ତି, ଉଚ୍ଚତର ଜ୍ଞାନ ଓ ସଂଗତି ମଧ୍ୟରେ ସ୍ଥାପନ କରିବା । ତା' ଅର୍ଥ – ତୁମେ ତୁମ ଚେତନାକୁ ନିଜ ସତ୍ତାର ଯେତେ ଉଚ୍ଚକୁ ଉଠାଇପାରିବ, ତୁମର ଚେତନା ସେଇଭଳି ଏକ ଉଚ୍ଚ ସ୍ତରରେ ରହିପାରିବ, ଯେଉଁଠାରେ କି ତୁମେ ସବୁପ୍ରକାର ନିମ୍ନତର ଗତିବୃତ୍ତିଠାରୁ ମୁକ୍ତ ରହିପାରିବ । ତେଣୁ ସ୍ୱାଭାବିକ ଭାବେ ତୁମ ଚେତନା ଯଦି ଉଚ୍ଚରେ ଥାଏ, ତେବେ ସେଠାକୁ ଯେଉଁସବୁ ଚିନ୍ତା ଆସିବ ସେଗୁଡ଼ିକ ନିଶ୍ଚୟ ଉଚ୍ଚସ୍ତରର ହେବ । ଚିନ୍ତା ହେଉଛି ଚେତନାର ଗୋଟିଏ ଧରଣର କ୍ରିୟା ମାତ୍ର, ଏହା ଚେତନାର ମୂଳ ଉପାଦାନ ନୁହେଁ । ଏପରି ଚେତନା ଅଛି, ଯେଉଁଥିରେ ଚିନ୍ତା ଆଦୌ ନାହିଁ । ଚେତନାର ଏକ ଅତ୍ୟନ୍ତ ଉଚ୍ଚ ଅବସ୍ଥା ରହିଛି ଯାହା ମଧ୍ୟରେ ଆଦୌ କୌଣସି ଚିନ୍ତା ନାହିଁ । ଏହା ଏପରି ଏକ ଚେତନା ଯାହାର ବସ୍ତୁଗୁଡ଼ିକ ସମ୍ପର୍କରେ ଅତି ନିର୍ଭୁଲ ଜ୍ଞାନ ଥାଏ ଏବଂ ଚିନ୍ତାରେ ବା ଶବ୍ଦରେ ତାହା ପ୍ରକାଶିତ ହେବା ଦରକାର ପଡ଼େ ନାହିଁ । ଚିନ୍ତା ହେଉଛି କାର୍ଯ୍ୟର ଗୋଟିଏ ରୂପ ।

## ଚେତନାକୁ ଉଚ୍ଚରେ ରଖ – ୨

ତୁମେ ଯଦି ନିଜକୁ ଉଚ୍ଚତର ଭୂମିର ଚେତନା ଆଡ଼କୁ ଖୋଲିଧର ଏବଂ ଊର୍ଦ୍ଧ୍ୱରୁ ତୁମ ଭିତରକୁ ଉଚ୍ଚତର ଶକ୍ତି ଯଦି ଓହ୍ଲାଇ ଆସେ ତେବେ ସ୍ୱାଭାବିକ ଭାବରେ ଏହା ତୁମର ନିମ୍ନ ଭାଗରେ ଏକ ନୀରବତା ସ୍ଥାପିତ କରିଦିଏ, କାରଣ, ସେଗୁଡ଼ିକ ଅବତରଣ କରିଥିବା ଉଚ୍ଚତର ଶକ୍ତି ଦ୍ୱାରା ଶାସିତ ହୁଅନ୍ତି । ଏହା ମନର ଉଚ୍ଚତର ଶକ୍ତିମାନଙ୍କଠାରୁ ଆସିଥାଏ କିଂବା ତା' ଊର୍ଦ୍ଧ୍ୱରୁ ଆସିଥାଏ, ଏପରିକି ଅତିମାନସରୁ ଆସିଥାଏ । ଏଣୁ ଯେତେବେଳେ ଏହି ଶକ୍ତି ଓ ଚେତନା ତଳକୁ ଓହ୍ଲାଇ ଆସନ୍ତି ଏବଂ ତୁମ ନିମ୍ନତର ଚେତନା ଭିତରକୁ ପ୍ରବେଶ କରନ୍ତି ସେତେବେଳେ ଏହି ଚେତନା ସ୍ୱାଭାବିକଭାବେ ନୀରବ ହୋଇଯାଏ । କାରଣ, ସତେକି ସେହି ଉଚ୍ଚତର ଆଲୋକ ଏହାକୁ ଅଧିକାର କରିନିଏ, ପ୍ଲାବିତ କରିନିଏ, କାରଣ, ଏହା ତୁମକୁ ରୂପାନ୍ତର କରିବା ପାଇଁ ଆସିଥାଏ ।

ପ୍ରକୃତରେ ଏହାହିଁ ମନ ଭିତରେ ନିରବଚ୍ଛିନ୍ନ ନୀରବତା ପ୍ରତିଷ୍ଠା କରିବାର ଏକମାତ୍ର ଉପାୟ । ସବୁବେଳେ ଉଚ୍ଚତର ଚେତନାର ସ୍ତର ଆଡ଼କୁ ନିଜକୁ ଖୋଲିଧର ଏବଂ ଏହି ଉଚ୍ଚତର ଚେତନା, ଶକ୍ତି ଓ ଆଲୋକ ତୁମ ନିମ୍ନତର ମନରେ ଅବତରଣ କରୁ ଏବଂ ତାହାକୁ ଅଧିକାର କରୁ । ଏବଂ ଯେତେବେଳେ ଏହା ଘଟେ, ସେତେବେଳେ ଏହି ନିମ୍ନସ୍ତରୀୟ ମନ ନିରବଚ୍ଛିନ୍ନ ଭାବେ ନୀରବ ଓ ଅବିଚଳିତ ରହିପାରେ । କାରଣ, ଏହା ସେହି ଉଚ୍ଚଚେତନା, ଯାହାକି ତୁମର ସମଗ୍ର ସତ୍ତାକୁ ପୂର୍ଣ୍ଣ କରିଦିଏ ଏବଂ ତା' ଭିତରେ କାର୍ଯ୍ୟ କରେ ।

# ଆଧ୍ୟାତ୍ମିକ ଅଭିଜ୍ଞତା

ପ୍ରଶ୍ନ : ମା ! ଆପଣ ଆଧ୍ୟାତ୍ମିକ ଅଭିଜ୍ଞତାର କଥା କହନ୍ତି । ସେହି ଅଭିଜ୍ଞତାଟି କ'ଣ ? ଏବଂ ତାହା କିପରି ଲାଭ କରାଯାଏ ?

ଉତ୍ତର : ଏହା ଏପରି ଏକ ଅଭିଜ୍ଞତା, ଯାହାକି ତୁମେ ସାଧାରଣତଃ ଯେଉଁ ଚେତନାର ସ୍ତରରେ ଥାଅ, ତା'ଠାରୁ ବହୁ ଊର୍ଦ୍ଧ୍ୱରେ ଏକ ଚେତନା ସହିତ ତୁମକୁ ସଂପର୍କିତ କରାଇଥାଏ । ତୁମ ନିଜ ସମ୍ବନ୍ଧେ ତୁମର ଏକ ନିର୍ଦ୍ଦିଷ୍ଟ ଅନୁଭବ ହୁଏ, ତୁମେ ନିଜେ ବି ସେ ସମ୍ବନ୍ଧେ ଜାଣିପାରି ନ ଥାଅ, ତୁମେ ବୁଝିଥାଅ ଯେ, ଏହା ହେଉଛି ତୁମ ପାଇଁ ଏକ ସାଧାରଣ ଅବସ୍ଥା । ଆଚ୍ଛା, ଯଦି ହଠାତ୍ ଏକ ସମୟରେ ତୁମ ଭିତରେ ତୁମେ ସଚେତନ ହୋଇଉଠିଲ ଯେ, କିଛି ଗୋଟାଏ ଖୁବ୍ ସ୍ୱତନ୍ତ୍ର ଅନୁଭବ, ଖୁବ୍ ଊର୍ଦ୍ଧ୍ୱସ୍ତରର ଅନୁଭବ ତୁମ ଭିତରକୁ ଆସିଗଲା ତା'ହେଲେ ସେ ଯାହା ହେଉ ପଛକେ ନିଶ୍ଚୟ ଏକ ଆଧ୍ୟାତ୍ମିକ ଅଭିଜ୍ଞତା । ତୁମେ ସେହି ଅନୁଭବଟିକୁ ତୁମର ମାନସିକ ଧାରଣା ଦେଇ ଗୋଟିଏ ରୂପ ଦେଇପାର କିଂବା ନ କରି ମଧ୍ୟ ପାର; ତୁମେ ତୁମ ନିକଟରେ ତାକୁ ବ୍ୟାଖ୍ୟା କରିପାର ବା କରି ନ ପାର; ସେହି ଅନୁଭବଟି ତୁମ ଭିତରେ ରହିପାରେ ବା ଚାଲିଯାଇପାରେ; ଏହା ହଠାତ୍ ଆସି ହଠାତ୍ ଲିଭି ମଧ୍ୟ ଯାଇପାରେ । କିନ୍ତୁ ତୁମ ଚେତନାରେ ଯେତେବେଳେ ତୁମେ ଏହି ମୌଳିକ ପାର୍ଥକ୍ୟଟି ଲକ୍ଷ୍ୟ କରିବ, ଏବଂ ଯେତେବେଳେ, ସ୍ୱାଭାବିକ ରୂପେ, ଚେତନାରେ ସେହି ବିଶେଷ ଗୁଣଟି ... ଖୁବ୍ ଊର୍ଦ୍ଧ୍ୱସ୍ତରର ହୋଇଥିବ, ଅଧିକ ସ୍ୱଚ୍ଛ ବା ପରିଚ୍ଛନ୍ନ ହୋଇଥିବ, ଅଧିକ ଶୁଦ୍ଧ ପବିତ୍ର ହୋଇଥିବ, ତା'ହେଲେ, ତୁମେ ତାକୁ ଆଧ୍ୟାତ୍ମିକ ଅଭିଜ୍ଞତା କହିପାର । ତା'ମାନେ – ଏହିପରି ହଜାର ହଜାର ଅନୁଭବକୁ ତୁମେ ଆଧ୍ୟାତ୍ମିକ ଉପଲବ୍ଧି ବୋଲି ମନେ କରିପାର ।

## ଶବ୍ଦମାନଙ୍କ ଭିତରୁ ବାହାରି ଆସ

ଅସୁବିଧା କଥାଟି ହେଲା, ତୁମେ ଶବ୍ଦମାନଙ୍କ ସାହାଯ୍ୟରେ ଚିନ୍ତା କରୁଥାଅ । କିନ୍ତୁ ଏହି ଶବ୍ଦଗୁଡ଼ିକ ହେଲା ଅର୍ଥ ଶୂନ୍ୟ । ବହୁବେଳେ ସେଗୁଡ଼ିକ କେବଳ ଶବ୍ଦମାତ୍ର – ତୁମେ କହିଥାଅ ''ଈଶ୍ୱର'', ତୁମେ କହିଥାଅ ''ପରମ'', ତୁମେ କହିଥାଅ ''ଯୋଗ'', ତୁମେ ଏମିତି ବହୁକଥା କହିଥାଅ, କିନ୍ତୁ ସେହି ଶବ୍ଦଗୁଡ଼ିକୁ କହିଲାବେଳେ ସେଗୁଡ଼ିକ ତୁମ ମୁଣ୍ଡ ଭିତରେ କିଛି ଗୋଟାଏ ବାସ୍ତବ ବସ୍ତୁ ସହିତ ଭାବର ଆଦାନ ପ୍ରଦାନ କରିଛନ୍ତି କି ? ଧର କୌଣସି ଏକ ନିର୍ଦ୍ଦିଷ୍ଟ ଚିନ୍ତା କିଂବା ଅନୁଭୂତି କିଂବା ଏକ ସ୍ୱଷ୍ଟ ଧାରଣା କିଂବା ଏକ ଅଭିଜ୍ଞତା, ଏସବୁ ସହିତ ତୁମ ଉଚ୍ଚାରିତ ଶବ୍ଦଗୁଡ଼ିକର ସତକୁ ସତ କିଛି ସଂପର୍କ ଥାଏ କି ? କିଂବା ସେଗୁଡ଼ିକ କେବଳ ଶବ୍ଦମାତ୍ର ?...

ତୁମେ ବିଷୟଟିକୁ ଅବଶ୍ୟ ଦେଖିବା ଉଚିତ, ଶବ୍ଦମାନଙ୍କ ପଛରେ ଥିବା ଅଭିଜ୍ଞତା ସହ ପରିଚିତ ହେବା ଉଚିତ । ଏଠାରେ ଆମେ ''ଯୋଗ'' ବିଷୟରେ କଥାବାର୍ତ୍ତା ହେଉ । କିନ୍ତୁ ଅନ୍ୟଠାରେ ଆଉ ଜଣେ ତାକୁ ଅନ୍ୟପ୍ରକାରେ କହିପାରେ । କେହି ହୁଏତ କହିବ, ''ମୁଁ ମୋର **ଜୀବନର ଉଦ୍ଦେଶ୍ୟ** କ'ଣ ତାହା ଖୋଜୁଛି'' ବା ଏହିପରି ଆଉ କ'ଣ କହିପାରେ । ଯାହାର ଧର୍ମାନୁରାଗ ରହିଛି, ସେ ହୁଏତ କହିବ, ''ମୁଁ ଦିବ୍ୟ ଉପସ୍ଥିତି ଚାହେଁ'' । ସେଇ କଥାକୁ ପଚାଶ ପ୍ରକାରେ କହି ହୁଏ । କିନ୍ତୁ ଏଠାରେ **ଯାହା** ବିଷୟରେ କୁହାଯାଏ, ସେ ବିଷୟଟି ଗୁରୁତ୍ୱପୂର୍ଣ୍ଣ । ତାହା ତୁମେ ତୁମର ମୁଣ୍ଡ ଭିତରେ ଅନୁଭବ କରିବା ଉଚିତ । ତୁମ ହୃଦୟରେ ଅନୁଭବ କରିବା ଉଚିତ, ସବୁ କ୍ଷେତ୍ରରେ । ମୋଟ ଉପରେ ତୁମର ଅଭିଜ୍ଞତାଟି ବାସ୍ତବ, ଜୀବନ୍ତ ହେବା ଉଚିତ । ତା' ନ ହେଲେ ତୁମେ ଅଗ୍ରଗତି କରିପାରିବ ନାହିଁ । ଶବ୍ଦମାନଙ୍କ ଭିତରୁ ତୁମେ ବାହାରି ଆସିବା ଉଚିତ ଓ ବାହାରି ଆସି ତୁମର କାର୍ଯ୍ୟ ଭିତରେ ପଶିବା ଉଚିତ । ଅଭିଜ୍ଞତା ଭିତରେ ଓ ଜୀବନ ଭିତରେ ପଶିବା ଉଚିତ ।

# ଏକମାତ୍ର ଆବଶ୍ୟକତା

ଯେତେବେଳେ ଜଣକର ହୃଦ୍‌ବୋଧ ହେବ ଯେ ଏକ ଜୀବନ୍ତ ପରମ ବାସ୍ତବ ସତ୍ୟ ଏହି ପ୍ରକାଶମାନ ବସ୍ତୁ-ଜଗତରେ ନିଜକୁ ଅଭିବ୍ୟକ୍ତ କରିବାକୁ ଚାହୁଁଛି, ସେତେବେଳେ ତା' ପକ୍ଷରେ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ୍ କଥା ହେଲା, ସେହି ପରମ ସତ୍ୟ ସଙ୍ଗେ ସଂପର୍କିତ ହେବା, ଏବଂ ଯେତେ ପରିପୂର୍ଣ୍ଣ ଭାବେ ହେଉ ତା' ସହିତ ଏକାତ୍ମ୍ ହେବା, ଏବଂ ତାକୁ ପ୍ରକାଶ କରିବାର ମାଧ୍ୟମ ବ୍ୟତୀତ ଆଉ କିଛି ନ ହେବା । ତା' ପକ୍ଷରେ ଉଚିତ ହେଉଛି, ତା'ର ଏଇ ସଂପର୍କକୁ ଅଧିକରୁ ଅଧିକ ଜୀବନ୍ତ ଏବଂ ପ୍ରତ୍ୟକ୍ଷ କରିବା, ଯାହା ଫଳରେ କି ଏହା ଅଧିକରୁ ଅଧିକ ପରିପୂର୍ଣ୍ଣ ଭାବେ ପ୍ରକଟିତ ହୋଇପାରିବ । ଏ ଜଗତରେ ଯେତେ କିଛି ସୂତ୍ର ଅଛି, ଯେତେ କିଛି ତତ୍ତ୍ୱ ଅଛି, ଯେତେ କିଛି ଉପାୟ ଅଛି, ସେଗୁଡ଼ିକ ଏଇ ପରମ ସତ୍ୟକୁ ଯେତିକି ଯେତିକି ପ୍ରକାଶ କରିପାରନ୍ତି, ସେଇ ପରିମାଣରେ ଗୁଣା ଅଧିକେ ସେଗୁଡ଼ିକର ଉପାଦେୟତା ରହିଛି । ଜଣେ ଏ ପଥରେ ଯେତିକି ଅଗ୍ରସର ହୋଇ ଚାଲିଥିବ, ଏବଂ ଜଣେ ଯଦି ଅଜ୍ଞାନର ସୀମାକୁ ପାରି ହୋଇଯିବ, ତାହାହେଲେ ସେ ବୁଝିବ ଯେ ସେଇ ପରମ ସତ୍ୟକୁ ପ୍ରକାଶ କରିବା ପାଇଁ ଅଭିବ୍ୟକ୍ତିର ସମଗ୍ରତା, ସମଷ୍ଟି ଓ ସଂହତିର ପୂର୍ଣ୍ଣାଙ୍ଗତା ନିଶ୍ଚିତ ଆବଶ୍ୟକ । ଜୀବନର କୌଣସି କଥାକୁ ବାଦ୍ ଦେଇ ହେବ ନାହିଁ, ଏବଂ ବୋଧହୁଏ ଏହି କାରଣରୁ ଜୀବନର କୌଣସି କଥାକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବା କମ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିହେବ ନାହିଁ । ମନେହୁଏ ଗୋଟିଏ କଥା ନିତାନ୍ତ ଆବଶ୍ୟକ ଯେ ଜୀବନର ପ୍ରତି ବିଷୟକୁ ସଂଗତିମୟ କରିବା, ଯାହାକି ପ୍ରତିଟି ବିଷୟକୁ ତା'ର ଯଥାସ୍ଥାନରେ ରଖେ, ଏବଂ ଅବଶିଷ୍ଟ ପ୍ରତିଟି ବିଷୟର ସଙ୍ଗେ ଯଥାଯଥ ସମ୍ବନ୍ଧ ନିରୂପଣ କରେ । ଯାହା ଫଳରେ କି ତୁମ ଜୀବନରେ ସତ୍ୟର ଏକ ସମଗ୍ର ଐକ୍ୟ ଯେପରି ସଂଗତିପୂର୍ଣ୍ଣ ଭାବେ ପ୍ରକାଶ ପାଇପାରେ ।

# 'ତାହା' ସହିତ ସଂପର୍କିତ ହେବା – ୧

ଏପରି କିଛି ଜିନିଷ ଅଛି, ଯାହାକୁ ଧରି ହୁଏନା – ଚିନ୍ତାରେ ବି ଧରି ହୁଏନା କିନ୍ତୁ ତାହା ଅଛି । ତୁମେ ତାକୁ ଯେଉଁ ନାମ ଦିଅ ନା କାହିଁକି, ସେଥିରେ କିଛି ଯାଏ ଆସେ ନାହିଁ, ତାହା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ, ତାହା ଅଛି; ତେଣୁ ଗୋଟିଏ କଥା କରିବାକୁ ଅଛି, ତାହା ହେଲା ''ତାହାରି'' ସଙ୍ଗେ ସଂପର୍କିତ ହେବା, ସେଇ ''ତାକୁ'' କିଛି ନାମ ଦେବାରେ କିଂବା ବର୍ଣ୍ଣନା କରିବାରେ କିଛି ଲାଭ ନାହିଁ । ତାହାରି ସଂସ୍ପର୍ଶରେ ଆସିବାକୁ, ତାହାରି ଉପରେ ମନୋନିବେଶ କରିବାକୁ, ତାକୁହିଁ ବଞ୍ଚିବାକୁ, ସେହି ବାସ୍ତବ ସତ୍ୟକୁ ବଞ୍ଚିବାକୁ ଚେଷ୍ଟା କରିବା ଉଚିତ । ଏବଂ 'ତାହା' ସଂପର୍କରେ ତୁମର ଅଭିଜ୍ଞତା ହେଲା ପରେ, ତୁମେ ତାକୁ ଯେଉଁ ନାମ ଦିଅ, ସେଥିରେ କିଛି ଯାଏ ଆସେ ନାହିଁ । ତୁମର ଅଭିଜ୍ଞତାରହିଁ ଯାହାକିଛି ମୂଲ୍ୟ ଅଛି । କେହି ଯେତେବେଳେ ତା'ର ଅଭିଜ୍ଞତାକୁ ଏକ ନିର୍ଦ୍ଦିଷ୍ଟ ବାକ୍ୟରେ ପ୍ରକାଶ କରେ, ଯଦି ସେ ତାକୁ ଏକ ସଂକୀର୍ଣ୍ଣ ଅର୍ଥରେ ପ୍ରକାଶ କରେ, ସେଇ ପ୍ରକାଶ ଏତେ ଅବରୁଦ୍ଧ ହୋଇଥାଏ ଯେ, ସେଇ ସୂତ୍ର ଛଡ଼ା ଜଣେ ଆଉ କିଛି ପାଏ ନାହିଁ, ଏହା ଏକ କ୍ଷୁଦ୍ରତା । ସମସ୍ତ ସମ୍ଭାବ୍ୟ ପଥରେ ଜଣେ ସେଇ ସତ୍ୟକୁ ପାଇବା ପାଇଁ ବା ବଞ୍ଚିବା ପାଇଁ ଜଣେ ସବୁପ୍ରକାର ସମ୍ଭାବ୍ୟ ପଥରେ ଗତି କରିବା ଉଚିତ । ସବୁକିଛି ଘଟନାରେ, ସବୁକିଛି ସଂଗଠନରେ ତୁମେ ତାକୁହିଁ ନେଇ **ବଞ୍ଚିବା** ଉଚିତ । କାରଣ ତାହାହିଁ ଯଥାର୍ଥ ସତ୍ୟ । ତାହାହିଁ ପରମ ମଙ୍ଗଳ, ତାହାହିଁ ସର୍ବଶକ୍ତିମାନ୍, ତାହାହିଁ ସର୍ବଜ୍ଞାତା, ତାହାହିଁ ... । ହଁ, ଜଣେ ତାକୁହିଁ ବଞ୍ଚିପାରେ କିନ୍ତୁ ଜଣେ ସେକଥା ବର୍ଣ୍ଣନା କରିପାରିବ ନାହିଁ । ଜଣେ ଯଦି କିଛି କହେ ତେବେ ତା' କହିବାର ବିଶେଷ କିଛି ଗୁରୁତ୍ୱ ନାହିଁ ।

# 'ତାହା' ସହିତ ସଂପର୍କିତ ହେବା – ୨

ଗୋଟିଏ ଶ୍ରେଣୀର ଦାର୍ଶନିକ ଅଛନ୍ତି, ଏବଂ ଲୋକ ବି ଅଛନ୍ତି, ଯେଉଁମାନେ ଈଶ୍ୱର ସମ୍ବନ୍ଧୀୟ ସାଧାରଣ ଯେଉଁ ଧାରଣା ରହିଛି, ତା' ସ୍ଥାନରେ ଏକ ନୈର୍ବ୍ୟକ୍ତିକ ପରମର ଧାରଣା ଦିଅନ୍ତି । କେହି ବା କହନ୍ତି, ସେ ହେଉଛନ୍ତି ପରମ ସତ୍ୟ, କେହି ବା କହନ୍ତି ସେ ପରମ ନ୍ୟାୟବିଧାତା, ଆଉ କେତେକଙ୍କ ମତ ଯେ, ସେ ହେଉଛନ୍ତି ଏକ ଚିରନ୍ତନ ଗତିଶୀଳତାର ଗତି । କିନ୍ତୁ ଯାହାର 'ତାଙ୍କ' ସଙ୍ଗେ ଏକାତ୍ମ ହେବାର କ୍ଷମତା ରହିଛି, ତା' ପାଇଁ ଏହିସବୁ ମତବାଦର ବିଶେଷ କିଛି ଗୁରୁତ୍ୱ ନାହିଁ । ଜଣେ ଏକ ବିରାଟ ଦର୍ଶନଗ୍ରନ୍ଥ ପଢ଼ି ଶେଷ କରି ଦେଇପାରେ, କିନ୍ତୁ ଗୋଟିଏ ପାଦ ଅଗ୍ରସର ନ ହୋଇଥାଇପାରେ । ବେଳେବେଳେ ଜଣେ ଗୋଟିଏ ଧର୍ମ-ସଂପ୍ରଦାୟର ପ୍ରଗାଢ଼ ଅନୁରକ୍ତ ହୋଇପାରେ, କିନ୍ତୁ ଏ ଦିଗରେ କୌଣସି ଅଗ୍ରଗତି ନ ହୋଇପାରେ । ଏପରି ଲୋକ ଅଛନ୍ତି, ଯେଉଁମାନେ ସାରାଜୀବନ ଧ୍ୟାନ, ଧାରଣାରେ କଟାଇ ଦେଇଛନ୍ତି, କିନ୍ତୁ କିଛି ପାଇ ନାହାନ୍ତି । ଏପରି କିନ୍ତୁ ଲୋକ ଅଛନ୍ତି, (ଖୁବ୍ ଜଣାଶୁଣା ସେମାନେ) ଯେଉଁମାନେ ଅତି ସାଧାରଣ ଶାରୀରିକ ଶ୍ରମ କରି ବଞ୍ଚୁଥା'ନ୍ତି, ହୁଏତ ପୁରୁଣା ଜୋତା ମରାମତ କରୁଥିବା ସେ ଜଣେ ମୋଚି; କିନ୍ତୁ ତାଙ୍କର ସେ ଅଭିଜ୍ଞତା ହୋଇଯାଇଛି । ଜଣେ ଏ ବିଷୟରେ ଯାହା ଚିନ୍ତା କରେ ବା କହେ – ତାହାଠାରୁ ଏହି ବାସ୍ତବ ଅଭିଜ୍ଞତା ବହୁ ଦୂରରେ । କହିବାକୁ ଗଲେ ଏହା ଏକ କୃପା, ଆଉ କିଛି ନୁହେଁ । ସୁତରାଂ ଯାହାକିଛି ଆବଶ୍ୟକ, ତାହାହେଲା : ତାଙ୍କ ସଙ୍ଗେ ଏକାତ୍ମ ହେବାରେ ସଫଳ ହେବା ଏବଂ ତାଙ୍କୁହିଁ ନେଇ ବଞ୍ଚିବା ।

# 'ତାହା' ସହିତ ସଂପର୍କିତ ହେବା – ୩

ଗୋଟିଏ କଥା ହେଉଛି ଗୁରୁତ୍ୱପୂର୍ଣ୍ଣ, ତାହା ହେଲା 'ତାଙ୍କ' ସହିତ ଏକାତ୍ମ ହେବା ଲାଗି ଏକ ନିଷ୍ଠାପର ଓ ନିରବଚ୍ଛିନ୍ନ ସଂକଳ୍ପ । କାରଣ ଏଭଳି କଥାସବୁ ଆଖି ପିଛୁଳାକେ ଘଟିଯାଏ ନାହିଁ । ତେଣୁ ଏଥିପାଇଁ ଅଧ୍ୟବସାୟ କରିବା ଉଚିତ । ଜଣେ ଯେତେବେଳେ ଅନୁଭବ କରିବ ଯେ ସେ କିଛି ଅଗ୍ରଗତି କରୁ ନାହିଁ, ସେତେବେଳେ ସେ ହତାଶ ହେବା ଉଚିତ ନୁହେଁ । ତା' ପ୍ରକୃତି ଭିତରେ ଏପରି କ'ଣ ଅଛି, ଯାହାକି ତା'ର ଅଗ୍ରଗତିରେ ବାଧା ଦେଉଛି, ତାକୁ ଖୋଜି ବାହାର କରିବା ଉଚିତ । ତା'ପରେ ଯାଇ ତୁମର ଅଗ୍ରଗତି ସମ୍ଭବ ହେବ । ହଠାତ୍ ଦେଖିବ ଯେ ତୁମେ ଆଗକୁ ଗତି କଲଣି । ଯେତେବେଳେ ତୁମେ ଶେଷରେ ପହଞ୍ଚିବ ସେତେବେଳେ ତୁମର ଏକ ଅନୁଭୂତି ଲାଭ ହେବ । ଏ ସଂପର୍କରେ ଉଲ୍ଲେଖନୀୟ କଥା ହେଉଛି, ଯେଉଁମାନେ ସଂପୂର୍ଣ୍ଣ ବିଭିନ୍ନ ପନ୍ଥାରେ ଗତି କରୁଥାଆନ୍ତି ଏବଂ ଯେଉଁମାନଙ୍କର ମାନସିକ ଗଠନ ସଂପୂର୍ଣ୍ଣ ଭିନ୍ନ ଭିନ୍ନ, ଏପରିକି ମହା ଆସ୍ତିକଠାରୁ ଆରମ୍ଭ କରି ମହା ନାସ୍ତିକ ପର୍ଯ୍ୟନ୍ତ, ଏପରିକି ବସ୍ତୁବାଦୀମାନେ ବି, ଆମେ ଯେଉଁ ଅଭିଜ୍ଞତାର କଥା କହୁଛୁ, ତାହା ପାଇ ଯାଇଛନ୍ତି, ସମସ୍ତଙ୍କ ପାଇଁ ସେଇ ଗୋଟିଏ ଉପଲବ୍ଧି । କାରଣ ଏହା ସତ୍ୟ – କାରଣ ଏହାହିଁ ବାସ୍ତବ, କାରଣ ଏହାହିଁ ଏକମାତ୍ର ବାସ୍ତବତା । ଏବଂ ଖୁବ୍ ସରଳ ଭାବରେ ଏହା ହେଉଛି **'ସେଇ'** । ମୁଁ ଆଉ ଅଧିକା କଥା କହୁ ନାହିଁ । କିଏ କେଉଁ ବାଟରେ କହୁଛି, ତାହା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଲା ପ୍ରକୃତ ପଥ ଅନୁସରଣ କରିବା; ସେଠିକି ଯିବା ପାଇଁ **ତୁମରି** ବାଟରେ ତୁମେ ଚାଲ, ସେ କେଉଁ ବାଟ ସେଥିରେ କିଛି ଯାଏ ଆସେ ନାହିଁ ।

## ଆତ୍ମାରେ ଜନ୍ମଲାଭ କରିବା

ବ୍ୟକ୍ତିଗତ ସ୍ଥିତିରେ, ତାହାହିଁ (ବ୍ୟକ୍ତିଗତ ଆତ୍ମା) ସବୁପ୍ରକାର ପାର୍ଥକ୍ୟ ସୃଷ୍ଟି କରିଥାଏ । ଯେତେବେଳଯାଏ ଜଣେ କେବଳ ଆତ୍ମା ବିଷୟରେ କହୁଥାଏ, ଏବଂ କେବଳ ବହି ପଢ଼ି ସେ ସମ୍ବନ୍ଧେ ଧାରଣା କରିଥାଏ, ପ୍ରକୃତରେ ତାହାର ଅସ୍ତିତ୍ୱ ବିଷୟରେ କେବଳ କିଛି ଅସ୍ପଷ୍ଟ ଭାବେ ଜାଣିଥାଏ, ଅଥଚ ତା' ଚେତନାରେ ଆତ୍ମା ଏକ ବାସ୍ତବ ଅଭିଜ୍ଞତା ରୂପେ ଦେଖାଯାଇ ନ ଥାଏ, ସେତେବେଳେ ବୁଝିବାକୁ ହେବ ଯେ ସେ ଆତ୍ମା ଭିତରେ ଜନ୍ମି ନାହିଁ । କିନ୍ତୁ ସତକୁ ସତ ଜଣେ ଯେତେବେଳେ 'ଆତ୍ମା' ଭିତରେ ଜନ୍ମଲାଭ କରେ, ସେତେବେଳେ ତା'ର ଏଇ ଅଭିଜ୍ଞତାଟି ଖୁବ୍ ବାସ୍ତବ ହୋଇଉଠେ, ଖୁବ୍ ଜୀବନ୍ତ ମଧ୍ୟ ହୋଇଉଠେ, ସ୍ପଷ୍ଟ ହୋଇଉଠେ । ସେତେବେଳେ ଏହି ସମଗ୍ର ଜଡ଼ ଜଗତ୍ ଅପେକ୍ଷା ଆତ୍ମିକ ଜଗତହିଁ ତା' ପକ୍ଷରେ ଅଧିକ ପ୍ରତ୍ୟକ୍ଷ ଓ ସ୍ପର୍ଶଯୋଗ୍ୟ ଜଣା ପଡ଼େ । ଏହି ଅଭିଜ୍ଞତା ଯୋଗୁଁହିଁ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଅସଲ ପାର୍ଥକ୍ୟ ବୁଝା ପଡ଼େ । ଯେତେବେଳେ **ତାହା** ସ୍ୱତଃସ୍ଫୂର୍ତ୍ତ ଭାବରେ ତୁମ ପାଖରେ ବାସ୍ତବ ହୋଇଯିବ, ଏବଂ ସତ୍ୟ ହୋଇଯିବ, ଯେତେବେଳେ ସେଇ ଆତ୍ମିକ ଜୀବନକୁ ତୁମେ ସ୍ଥୂଳ ଭାବରେ ଅନୁଭବ କରିପାରିବ, ଯେତେବେଳେ ତୁମେ ସେହି ବାୟୁମଣ୍ଡଳରେ ମୁକ୍ତଭାବେ ନିଃଶ୍ୱାସ ନେଇପାରିବ, ସେତେବେଳେ ବୁଝିବାକୁ ହେବ ଯେ ତୁମେ ଅନ୍ୟ ପଟକୁ ଚାଲିଯାଇଛ । କିନ୍ତୁ ଯେତେବେଳ ପର୍ଯ୍ୟନ୍ତ ସେଇ ଅଭିଜ୍ଞତାଟି ତୁମ ପାଇଁ ଅସ୍ପଷ୍ଟ ହୋଇ ରହିଛି, କୁହୁଡ଼ି ଆବୃତ ଭଳି ହୋଇ ରହିଛି, ତୁମେ କେବଳ 'ସେ' ବିଷୟରେ ଶୁଣିଛ, ତୁମେ ଜାଣ ଯେ 'ତାହା' ଅଛି, କିନ୍ତୁ ... ତୁମ ପାଇଁ ତାହାର କୌଣସି ପ୍ରତ୍ୟକ୍ଷ ବାସ୍ତବ ଅଭିଜ୍ଞତା ନାହିଁ । ବାସ୍, ଏଥିରୁ ବୁଝାଯିବ ଯେ ତୁମ ଭିତରେ ସେଇ ଆତ୍ମିକ ନବଜନ୍ମ ବାସ୍ତବରେ ଘଟି ନାହିଁ ।

## ଚେତନାର ଓଲଟିଯିବା – ୧

ଗୋଟିଏ ପ୍ରଶ୍ନ ବାରଂବାର ମନକୁ ଆସେ – ''ତାହେଲେ ପ୍ରକୃତରେ ମୁଁ କ'ଣ ?'' ହଁ, ଏପରି ମୁହୂର୍ତ୍ତ ସବୁ ଆସେ ଯେତେବେଳେ ଏଇ ପ୍ରସଙ୍ଗଟି ଖୁବ୍ ଏକାଗ୍ର ଓ ଖୁବ୍ ନିବିଡ଼ ହୋଇଉଠେ । ଏହା ଏତେ ନିବିଡ଼ ଭାବେ ଏକାଗ୍ର ହୋଇଉଠେ ଯେ, ହଠାତ୍ ଏକାଗ୍ରତାର ଏହି ନିବିଡ଼ତା ଦ୍ୱାରା ତୁମର ସବୁକିଛି ଓଲଟିଗଲା ଭଳି ଲାଗେ, ତା'ପରେ ତୁମେ ଅନୁଭବ କର ଯେ, ତୁମେ ଆଉ ଏପାଖରେ ନାହଁ, ସେପାଖକୁ ଚାଲିଗଲଣି । ଏବଂ ତୁମେ ଯେତେବେଳେ ସେପାଖରେ ରହିଛ, ସବୁକିଛି ସରଳ ହୋଇଯାଇଛି । ତୁମେ ବୁଝିପାରୁଛ – ଜାଣିପାରୁଛ, ତୁମେ ରହିଛ ଆଉ ବଞ୍ଚୁଛ, ତା'ପରେ ତୁମେ ପରିଷ୍କାର ଭାବେ ଦେଖିପାରୁଛ ଯେ, ପୂର୍ବପଟର ସବୁକିଛି ଅବାସ୍ତବ । ବାସ୍, ଏତିକି ଯଥେଷ୍ଟ ... ।

ତୁମେ ଦେଖ, ଏହି ମୁହୂର୍ତ୍ତଟି ଆସିବାକୁ ତୁମକୁ ଦିନ-ଦିନ, ମାସ-ମାସ, ବର୍ଷ-ବର୍ଷ, ଶତାବ୍ଦୀ-ଶତାବ୍ଦୀ ଓ ଜନ୍ମ-ଜନ୍ମ ଅପେକ୍ଷା କରିବାକୁ ପଡ଼ିପାରେ । କିନ୍ତୁ ତୁମେ ଯଦି ଏହି ଅଭୀପ୍ସାଟିକୁ ନିବିଡ଼ ଆଉ ଗଭୀର କରିଦେଇପାରିବ, ତା'ହେଲେ ତୁମ ପାଖକୁ ଏହିପରି ମୁହୂର୍ତ୍ତଟିଏ କେତେବେଳେ ଆସିଯାଇପାରେ, ଯେତେବେଳେ କି ଏଇ ପ୍ରଶ୍ନଟିର ନିବିଡ଼ତା ଏତେ ଶକ୍ତିଶାଳୀ ହୋଇଉଠେ ଯେ, ସେତେବେଳେ ତୁମ ଚେତନାର ଗୋଟିଏ ପରିବର୍ତ୍ତନ ଆସିଯାଏ, ଏବଂ ସେତିକିବେଳେହିଁ ସଂପୂର୍ଣ୍ଣଭାବେ ତୁମେ ଯେଉଁ ଅନୁଭବଟି ପାଇଥାଅ ତା'ହେଲା : ତୁମେ ଆଉ 'ଏଠି' ନାହଁ 'ସେଠି' ରହିଛ । ସବୁକଥାକୁ ବାହ୍ୟ ଦୃଷ୍ଟିରେ ନ ଦେଖି ଏତିକିବେଳେ ତୁମେ ଆନ୍ତର ଦୃଷ୍ଟିରେ ଦେଖିବାକୁ ଆରମ୍ଭ କର । କାରଣ, ସେତେବେଳେ ତୁମେ ଭିତରେ ରହିଯାଇଛ ଏବଂ ଯେଉଁ ମୁହୂର୍ତ୍ତରେ ତୁମେ ଭିତରେ ଥାଅ, ପ୍ରକୃତରେ ସେତିକିବେଳେହିଁ ସବୁକିଛି ବଦଳି ଯାଏ, ସଂପୂର୍ଣ୍ଣଭାବେ ବଦଳିଯାଏ ... ସେତିକିବେଳେହିଁ ଜଣେ ଏପରି କିଛି ବିଷୟକୁ ସ୍ପର୍ଶ କରିଛି, ଯାହାକି ପରମସତ୍ୟ ଏବଂ ଶାଶ୍ୱତ ଭାବେ ସୁନ୍ଦର । ଏବଂ ଏହି ଅନୁଭବ ଆଉ କେବେ ହଜିଯାଏ ନାହିଁ ।

## ଚେତନାର ଓଲଟି ଯିବା – ୨

ଥରେ ଯଦି ତୁମେ ଚେତନାର ଆରପଟରେ ପହଞ୍ଚି ପାରିଛ, ତା' ହେଲେ ତୁମେ ବାହ୍ୟ ଚେତନା ଭିତରକୁ ମଧ୍ୟ ଓହ୍ଲାଇ ଆସିପାର । ଜୀବନର ଅନ୍ୟାନ୍ୟ ବିଷୟଗୁଡ଼ିକ ସହିତ ତୁମର ସଂସର୍ଗ ମଧ୍ୟ ରହିପାରେ କିନ୍ତୁ ଏଣିକି ଆଉ ତୁମ ଚେତନାର ସେହି ଅନ୍ତର୍ଦୃଷ୍ଟିଟି ରହିଥିବ । ଏହା ଆଉ ଚାଲିଯିବ ନାହିଁ । ଅନ୍ୟମାନଙ୍କ ସଙ୍ଗେ କାରବାର କଲାବେଳେ ସେମାନଙ୍କ ଅଜ୍ଞାନତା, ଅନ୍ଧତ୍ୱ ଭିତରେ ବି ତୁମେ କିଛି ସମୟ ପାଇଁ ପଡ଼ି ଯାଇପାର, କିନ୍ତୁ ଏହା ସତ୍ତ୍ୱେ ବି ତୁମ ଭିତରେ କିଛି ଗୋଟାଏ ରହିଥାଏ, ତୁମ ଅନ୍ତର ଭିତରେ ଜୀବନ୍ତ ଭାବେ ଠିଆ ହୋଇଥାଏ । ଏହା ଆଉ ସ୍ଖଳିତ ହୁଏ ନାହିଁ, ଶେଷରେ ତାହାହିଁ ତୁମର ସବୁବିଷୟ ଭିତରକୁ ଭେଦିଯାଏ, ଏବଂ ସେତିକିବେଳେହିଁ ସବୁକିଛି ଶେଷ ହୋଇଯାଏ, ଅନ୍ଧତ୍ୱ ମଧ୍ୟ ସବୁଦିନ ପାଇଁ ଦୂରୀଭୂତ ହୋଇଯାଏ । ଏବଂ ଏହା ପୂରାପୂରି ଗୋଟିଏ ପ୍ରତ୍ୟକ୍ଷ ଅଭିଜ୍ଞତା । ସବୁକିଛି ବାସ୍ତବ ବିଷୟ ଅପେକ୍ଷା ଏହାହିଁ ଅଧିକ ବାସ୍ତବ । ତୁମ ମୁଣ୍ଡରେ କିଏ ଆଘାତ କଲେ ତାହା ଯେପରି ତୁମକୁ ଏକ ବାସ୍ତବ ଅନୁଭୂତି ଦିଏ, ଏହା ତାହାଠାରୁ ମଧ୍ୟ ଅଧିକ ବାସ୍ତବ । ମୋଟ ଉପରେ ସବୁକିଛି ବାସ୍ତବତାଠାରୁ ଏହା ଅଧିକ ବାସ୍ତବ ।

ସେଇଥିପାଇଁ ମୁଁ ସବୁବେଳେ କହେ ... ଯେତେବେଳେ ମୋତେ ଲୋକେ ପଚାରନ୍ତି ଯେ, ସେମାନେ ସେମାନଙ୍କର ଚୈତ୍ୟସତ୍ତା ସଂପର୍କରେ ଆସିଛନ୍ତି କି ନାହିଁ କିପରି ଜାଣିବେ ? କିଂବା ସେମାନେ ଈଶ୍ୱରଙ୍କୁ ପାଇଛନ୍ତି କି ନାହିଁ କିପରି ଜାଣିବେ – ଏହା ଶୁଣି ମୋତେ ହସ ଲାଗେ । କାରଣ, ଏହା ଯେତେବେଳେ ତୁମ ପାଇଁ ଘଟେ, ସେତେବେଳେ ତାହା ସତକୁ ସତ ଘଟିଯାଏ, ଆଉକିଛି ବାକି ରହେ ନାହିଁ । ସେତେବେଳେ ତୁମେ ମଧ୍ୟ ଆଉ କିଛି ପ୍ରଶ୍ନ କର ନାହିଁ । ଏହା ଘଟି ଯାଇଛି, କିପରି ଘଟିଲା ସେସମ୍ବନ୍ଧେ ତୁମେ ମଧ୍ୟ କିଛି ପ୍ରଶ୍ନ କର ନାହିଁ । କାରଣ, ଯାହା ଘଟିବାର କଥା, ତାହା ଘଟିଯାଇଛି ।

# ଚୈତ୍ୟସତ୍ତା ସହ ସଂପର୍କ

ସାଧାରଣ ଜୀବନରେ କୋଟିଏ ଲୋକଙ୍କ ଭିତରେ ଜଣେ ବି ନ ଥିବେ, ଯାହାର ଚୈତ୍ୟସତ୍ତା ସହ ସଂପର୍କ ରହିଛି, ଏପରିକି ମୁହୂର୍ତ୍ତକ ପାଇଁ ମଧ୍ୟ । ଚୈତ୍ୟସତ୍ତା ତୁମ ଭିତରେ ରହି କାମ କରିପାରେ । କିନ୍ତୁ ତୁମର ବାହ୍ୟସତ୍ତା ତାହା ନ ଜାଣିପାରେ । କାରଣ ଚୈତ୍ୟସତ୍ତାର କ୍ରିୟା ଏତେ ଅଦୃଶ୍ୟ ଭାବେ ଚାଲିଥାଏ ଯେ, ଏତେ ଅଜ୍ଞାତ ଭାବେ ଚାଲିଥାଏ ଯେ, ମନେହେବ, ସତେକି ତାହା ଆଦୌ ନାହିଁ । ଏବଂ ଅଧିକାଂଶଙ୍କ କ୍ଷେତ୍ରରେ, ବହୁ ବହୁ ଲୋକଙ୍କ କ୍ଷେତ୍ରରେ, ପ୍ରାୟ ସମସ୍ତଙ୍କ କ୍ଷେତ୍ରରେ କହିଲେ ଚଳେ, ସେମାନଙ୍କ ଭିତରେ ସତେକି ଚୈତ୍ୟସତ୍ତା ଶୋଇ ରହିଥାଏ, ଆଦୌ ସକ୍ରିୟ ନ ଥାଏ, ଏକ ପ୍ରକାର ସୁଷୁପ୍ତ ଅବସ୍ଥାରେ ରହିଥାଏ ।

କେବଳ ସାଧନା ବଳରେହିଁ ଏବଂ ଖୁବ୍ ନିରବଚ୍ଛିନ୍ନ ଶ୍ରମ ଦ୍ୱାରାହିଁ ଜଣେ ତା'ର ଚୈତ୍ୟସତ୍ତା ସହ ସଚେତନ ସଂପର୍କ ରଖିବାରେ ସଫଳ ହୋଇପାରେ ...

ପ୍ରାୟ ସବୁ କ୍ଷେତ୍ରରେ, ଚୈତ୍ୟସତ୍ତା ସମ୍ବନ୍ଧେ କେବଳ ଅବଗତ ହେବା ଲାଗି ଖୁବ୍ ଦୃଢ଼ ସାଧନା କରିବାକୁ ପଡ଼ିବ । ଏପରି ସିଦ୍ଧାନ୍ତ ଦିଆଯାଇପାରେ ଯେ ଜଣେ ଯଦି କଠିନ ସାଧନା କରେ ଏବଂ ସେ ଯଦି ତିରିଶବର୍ଷ ଭିତରେ ଏହି ସଫଳତା ପାଏ, ତେବେ ସେ ବଡ଼ ଭାଗ୍ୟବାନ୍ ବୋଲି ମୁଁ କହିବି । ତିରିଶବର୍ଷ ଧରି ଅବ୍ୟାହତ ପ୍ରଚେଷ୍ଟା ! ଏହାଠାରୁ ଶୀଘ୍ର ମଧ୍ୟ ହୋଇପାରେ । କିନ୍ତୁ ଏହା ଏତେ ବିରଳ ଯେ, ଜଣେ କହିବ – ''ଏ ଜଣେ ସାଧାରଣ ମଣିଷ ନୁହଁ ।'' ଏହିଭଳି ଲୋକମାନେ ସାଧାରଣରେ ଊଣା ଅଧିକେ ଭାଗବତ ସତ୍ତା, ବିରାଟ ଯୋଗୀ ବା ମହାନ୍ ଦିବ୍ୟ ଦୀକ୍ଷାଧାରୀ ରୂପେ କଥିତ ହୁଅନ୍ତି ।

# ଦିବ୍ୟ ଚେତନାର ଆସନ

ଚୈତ୍ୟସତ୍ତାହିଁ ହେଉଛନ୍ତି ଦିବ୍ୟ ଚେତନାର ଆସନ । ବ୍ୟକ୍ତିସତ୍ତା ଭିତରେ ସେହିଁ ଦିବ୍ୟପୁରୁଷ । ସେ ହେଉଛନ୍ତି ଆଲୋକ, ସତ୍ୟ, ଜ୍ଞାନ, ସୌନ୍ଦର୍ଯ୍ୟ ଏବଂ ସଂଗତିର କେନ୍ଦ୍ର । ତୁମ ସମସ୍ତଙ୍କ ଭିତରେ ସେହି ଦିବ୍ୟପୁରୁଷ ରହି ଏହି କଥାସବୁ ଧୀରେ ଧୀରେ ସୃଷ୍ଟି କରୁଛନ୍ତି । ଏହି ଚୈତ୍ୟସତ୍ତା ହେଉଛନ୍ତି ଦିବ୍ୟ ଚେତନାର ଅଂଶ ଓ ଅଙ୍ଗବିଶେଷ, ତେଣୁ ସେ ଏହି ଚେତନା ଦ୍ୱାରା ପ୍ରଭାବିତ, ସଂଗଠିତ ଓ ଗତିଶୀଳ ମଧ୍ୟ ହୋଇଥା'ନ୍ତି । ତୁମ ସମସ୍ତଙ୍କ ଭିତରେ ସେହି ଯେଉଁ ଗଭୀର ଅନ୍ତଃପୁରୁଷ ରହିଛନ୍ତି, ତାଙ୍କୁ ତୁମେ ଖୋଜି ବାହାର କରିବ, କାହିଁକିନା ତାଙ୍କରି ସହାୟତାରେହିଁ ତୁମେ ତୁମ ଭିତରେ ରହିଥିବା ଈଶ୍ୱରଙ୍କ ସମ୍ପର୍କ ଲାଭ କରିପାରିବ । ସେହି ଚୈତ୍ୟସତ୍ତା ହେଉଛନ୍ତି ଦିବ୍ୟ ଚେତନା ଓ ବାହ୍ୟ ଚେତନା ଭିତରେ ସଂଯୋଗକାରୀ । ଏହାଙ୍କ ଦ୍ୱାରାହିଁ ଆମର ଆନ୍ତର ଜୀବନ ଗଠିତ ହୁଏ । ଏହି ଚୈତ୍ୟସତ୍ତାହିଁ ତୁମର ବାହ୍ୟ ପ୍ରକୃତି ଭିତରେ ଦିବ୍ୟ ଶୃଙ୍ଖଳା ଓ ଶାସନ ପ୍ରତିଷ୍ଠା କରନ୍ତି । ଯଦି ତୁମେ ତୁମର ବାହ୍ୟ ଚେତନାରେ ତୁମ ଚୈତ୍ୟସତ୍ତା ସମ୍ବନ୍ଧେ ଜାଗ୍ରତ ହୋଇପାରିବ ଏବଂ ଅନ୍ତରସ୍ଥିତ ଏହି ସତ୍ତାଙ୍କ ସହିତ ତୁମର ବାହ୍ୟ ପ୍ରକୃତିକୁ ଯୋଗ କରିପାରିବ, ତା'ହେଲେ ତୁମେ ଶୁଦ୍ଧ ଚିରନ୍ତନ ଚେତନାକୁ ପାଇପାରିବ ଓ ତା' ଭିତରେ ବାସ କରିପାରିବ ।... ତୁମେ ତୁମ ଅନ୍ତର ଭିତରେ ସେହି ଚିରନ୍ତନ ଆଲୋକ ଓ ଜ୍ଞାନର ଅବସ୍ଥିତି ସମ୍ବନ୍ଧେ ମଧ୍ୟ ଧୀରେ ଧୀରେ ସଚେତନ ହୋଇଉଠିବ । ଏବଂ ତାଙ୍କରି ପାଖରେ ନିଜକୁ ସମର୍ପିତ କରିଦେବ, ତା'ପରେ କ୍ରମେ କ୍ରମେ ତୁମେ ତାଙ୍କରି ପାଖରେ ପୂର୍ଣ୍ଣାଙ୍ଗ ଭାବେ ଉତ୍ସର୍ଗୀକୃତ ହୋଇଯିବ ଏବଂ ସବୁ ବିଷୟରେ ତାଙ୍କରି ଦ୍ୱାରା ପରିଚାଳିତ ହୋଇପାରିବ ।

# ତୁମ ଅନ୍ତରରେ ଥିବା ମନ୍ଦିର

ତୁମର ଚେତନାର ଗଭୀରରେ ରହିଛନ୍ତି ତୁମର ଚୈତ୍ୟସତ୍ତା, ତାହାହିଁ ତୁମ ଭିତରେ ରହିଥିବା ଈଶ୍ୱରଙ୍କ ମନ୍ଦିର । ଏହାହିଁ ହେଉଛନ୍ତି କେନ୍ଦ୍ର, ଯାହାଙ୍କ ଚାରିପଟେ ତୁମର ବିଭିନ୍ନ ଅଂଶଗୁଡ଼ିକ ଆସି ଏକତ୍ରିତ ହେବା ଉଚିତ, ତୁମ ବିଭିନ୍ନ ସତ୍ତାର ବିରୋଧାତ୍ମକ ଗତିବୃତ୍ତିଗୁଡ଼ିକ ବି ଏହିଠାରେ ଆସି ମିଳିତ ହେବା ଉଚିତ । ଥରେ ଯଦି ତୁମେ ତୁମ ଚୈତ୍ୟସତ୍ତାର ଚେତନା ଲାଭ କଲ, ଏବଂ ତା'ର ଅଭୀପ୍ସା ତୁମ ଭିତରେ ଜାଗ୍ରତ ହେଲା, ତୁମର ସବୁକିଛି ସଂଶୟ ଓ ଅସୁବିଧାଗୁଡ଼ିକ ନିଶ୍ଚୟ ଦୂର ହୋଇଯିବ । ଏଥିପାଇଁ ଟିକିଏ ବା ବେଶୀ ସମୟ ହୁଏତ ଲାଗିପାରେ, କିନ୍ତୁ ଶେଷରେ ତୁମେ ସଫଳ ହେବହିଁ ହେବ । ଥରେ ଯେତେବେଳେ ତୁମେ ଈଶ୍ୱରଙ୍କ ଆଡ଼କୁ ଢଳିଲ ଏବଂ କହିଲ ଯେ, ''ପ୍ରଭୁ ! ମୁଁ ଏକାନ୍ତ ଭାବେ ତୁମର ହେବାକୁ ଚାହେଁ,'' ଏବଂ ଈଶ୍ୱର ମଧ୍ୟ କହିଲେ ''ହଁ'', ତାହାହେଲେ ସମଗ୍ର ପୃଥିବୀ ମଧ୍ୟ ତୁମକୁ ସେଥିରୁ ଟାଣିନେଇପାରିବ ନାହିଁ । ଯେତେବେଳେ କେନ୍ଦ୍ର-ସତ୍ତା ନିଜକୁ ସମର୍ପଣ କରିସାରିଛି, ସେତେବେଳେ ମୁଖ୍ୟ ଅସୁବିଧାଟି ଅଦୃଶ୍ୟ ହୋଇଯାଏ । ବାହ୍ୟ ସତ୍ତାଟି ହେଲା – ଗୋଟିଏ ପରଦା ଭଳି, ସାଧାରଣ ଲୋକଙ୍କ ଭିତରେ ଏହି ପରଦାଟି ଏତେ ଶକ୍ତ ଓ ମୋଟା ଯେ, ସେମାନେ କେତେବେଳେ ହେଲେ ବି ନିଜ ଭିତରେ ଦିବ୍ୟତା ସମ୍ବନ୍ଧେ ସଚେତନ ହୋଇପାରନ୍ତି ନାହିଁ । ଯଦି ଥରକ ପାଇଁ ଏପରିକି ଗୋଟିଏ ମୁହୂର୍ତ୍ତ ପାଇଁ କେବଳ ଅନ୍ତଃପୁରୁଷ କହିଛି ଯେ, ''ମୁଁ ଏହିଠାରେ ତୁମ ଭିତରେ ଅଛି ଓ ମୁଁ ତୁମର,'' ସେତେବେଳେ ତୁମର ବାହ୍ୟ ସତ୍ତା ସହିତ ଏକ 'ସେତୁ' ବାନ୍ଧି ହୋଇଯାଏ ଏବଂ ତା' ଫଳରେ ଆସ୍ତେ ଆସ୍ତେ ସେହି ମୋଟା ପରଦାଟି ପତଳା ହୋଇ ହୋଇ ଆସେ ଏବଂ ଶେଷରେ ଏପରି ଏକ ସମୟ ଆସେ, ଯେତେବେଳେ ତୁମର ଦୁଇଟି ଯାକ ସତ୍ତା ଏକାଠି ହୋଇଯାଏ – ଆନ୍ତର ଓ ବାହ୍ୟ ଏକ ହୋଇଯାଏ ।

## ଜଡ଼ ଶରୀରର ମୂଲ୍ୟ

ଦିବ୍ୟକେନ୍ଦ୍ର ଚାରିପଟେ ସତ୍ତାକୁ ସଂଗଠିତ ଓ ସୁସଂଗତ କରି ଗଢ଼ିବାକୁ ହେଲେ, ତାହା କେବଳ ଏହି ପୃଥିବୀ ଉପରେ ଜଡ଼ ଶରୀର ମଧ୍ୟରେ କରିବାକୁ ହେବ । ତାହାହିଁ ଏହି ଭୌତିକ ଜୀବନ ଲାଗି ସତକୁ ସତ ମୁଖ୍ୟ ଓ ମୂଳ ହେତୁ । କାରଣ ଯେତେବେଳେ ତୁମେ ଏହି ଜଡ଼ ଶରୀରରେ ନ ଥିବ, ସେତେବେଳେ ତୁମ ପକ୍ଷେ ଆଉ ଏ କାର୍ଯ୍ୟଟି କରିବା **ଆଦୌ** ସମ୍ଭବ ନୁହଁ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କେବଳ ମଣିଷହିଁ ଏହା ସାଧନ କରିପାରେ । କାରଣ ମଣିଷର ଅନ୍ତର ଭିତରେହିଁ ସେହି କେନ୍ଦ୍ର ରହିଛି, ଯେଉଁଠାରେ ଚୈତ୍ୟସତ୍ତାରେହିଁ ଈଶ୍ୱର ଉପସ୍ଥିତ ରହିଛନ୍ତି ... ।

ତଥାପି ମନୁଷ୍ୟମାନେ ଏକ ଏକ ଶରୀର ଧରି ବଞ୍ଚୁଥା'ନ୍ତି, କିନ୍ତୁ ତା' କାରଣ ଜାଣି ନ ଥା'ନ୍ତି । ଜୀବନର ବିଭିନ୍ନ କ୍ଷେତ୍ରରେ ଆତଯାତ ହେଉଥାଆନ୍ତି, କିନ୍ତୁ ସେଗୁଡ଼ିକର ଉଦ୍ଦେଶ୍ୟ କି ଲକ୍ଷ୍ୟ ବୁଝି ନ ଥା'ନ୍ତି, ଶେଷରେ ସେମାନେ ଶରୀର ଛାଡ଼ନ୍ତି ସେଇଭଳି ଅଜ୍ଞାନ ଭାବରେ ଏବଂ ସେମାନଙ୍କୁ ବାରଂବାର ଏଇଭଳି ବଞ୍ଚିବାକୁ ଓ ମରିବାକୁ ପଡୁଥାଏ । ତା'ରି ଭିତରେ ଦିନେ ହୁଏତ କେହି ଜଣେ ଆସି ତାଙ୍କୁ କହିବ ''ସାବଧାନ ! ତୁମେ ଜାଣ ଯେ ଏହାର କିଛି ଏକ ଉଦ୍ଦେଶ୍ୟ ଅଛି । ଏହି ଉଦ୍ଦେଶ୍ୟ ସାଧନ କରିବା ପାଇଁ ତୁମେ ଏହିଠାକୁ ଆସିଅଛ । ଦେଖ ! ଏଥରକ ଯେପରି ତୁମେ ତୁମର ସେହି ସୁଯୋଗ ନ ହରାଅ ।''

# ଚୈତ୍ୟ ସତ୍ତାର କାର୍ଯ୍ୟ

ପ୍ରଶ୍ନ : ଚୈତ୍ୟ ସତ୍ତାର କାର୍ଯ୍ୟ କ'ଣ ?

ଶ୍ରୀମା : ଜଣେ ତାକୁ ଏହିପରି ବୁଝାଇପାରେ ଯେ ଏହା ହେଲା ଏକ ବିଦ୍ୟୁତ୍ ତାର ଭଳି, ଯାହାକି ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର ସହିତ ଦୀପଗୁଡ଼ିକୁ ସଂଯୁକ୍ତ କରୁଥାଏ । ବର୍ତ୍ତମାନ ଯଦି କେହି ଏକଥା ବୁଝିପାରିଲା, ମୁଁ ଯାହା କହିଲି, ସେ ତାହା ବୁଝାଉ !...

ଜଣେ କହିଲେ : ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର ହେଲା ଈଶ୍ୱର (ପରମାତ୍ମା) ଏବଂ ଦୀପ (ଲ୍ୟାମ୍ପ) ହେଲା ଏହି ଶରୀର ।

ଶ୍ରୀମା : ଏହାହିଁ ଶରୀର, ଯାହାକି ଆମ ଦୃଶ୍ୟମାନ ସତ୍ତା ।

ସୁତରାଂ ଏହାହିଁ ହେଲା ତା'ର କାର୍ଯ୍ୟ । ତା' ଅର୍ଥ ଜଡ଼ବସ୍ତୁରେ ଯଦି ଚୈତ୍ୟ ନାହିଁ ତାହା ଈଶ୍ୱରଙ୍କ ସଙ୍ଗେ ପ୍ରତ୍ୟକ୍ଷ ସଂପର୍କ ରଖିପାରିବ ନାହିଁ । ସୁଖର କଥା ଯେ, ଜଡ଼ ବସ୍ତୁ ଭିତରେ ଏହି ଚୈତ୍ୟର ଅନୁପ୍ରବେଶ ହେତୁ ଜଡ଼ ଓ ଈଶ୍ୱରଙ୍କ ଭିତରେ ସଂଯୋଗ ପ୍ରତ୍ୟକ୍ଷ ହୋଇଯାଏ । ଏତିକିବେଳେହିଁ ସବୁ ମନୁଷ୍ୟଙ୍କୁ କୁହାଯାଇପାରେ, ''ତୁମ୍ଭେମାନେ ତୁମ ଭିତରେ ଈଶ୍ୱରଙ୍କୁ ବହନ କରୁଛ, ତୁମକୁ କେବଳ ତୁମ ଭିତରକୁ ପ୍ରବେଶ କରିବାକୁ ହେବ ଓ ସେହିଠାରେହିଁ ତାଙ୍କୁ ତୁମେ ପାଇବ ।''

## ଈଶ୍ୱର ତୁମ ଭିତରେ

ଯଦି ତୁମେ ପ୍ରତ୍ୟେକେ ତୁମର ଚୈତ୍ୟସତ୍ତାକୁ ଖୋଜି ପାଇବ ଏବଂ ନିଜକୁ ତା' ସହିତ ସଂଯୁକ୍ତ କରିବ, ତା'ହେଲେ ସବୁ ସମସ୍ୟାର ସମାଧାନ ହୋଇଯିବ ।

ଏହି ଚୈତ୍ୟସତ୍ତା ହେଉଛି ମଣିଷ ଭିତରେ ଥିବା ଈଶ୍ୱରଙ୍କର ପ୍ରତିନିଧି । ଏହାହିଁ କଥା । ତୁମେ ଏତେକ ବୁଝ ଯେ ଈଶ୍ୱର ଏକ ଦୂରସ୍ଥ ବିଷୟ ନୁହନ୍ତି, ସେ ମଧ୍ୟ ଦୁରଧିଗମ୍ୟ ନୁହନ୍ତି । ଈଶ୍ୱର ତୁମ ଭିତରେ ଅଛନ୍ତି – କିନ୍ତୁ ତୁମେ ସେ ସମ୍ବନ୍ଧେ ପୂର୍ଣ୍ଣଭାବେ ସଚେତନ ହୋଇ ନାହଁ ... ବର୍ତ୍ତମାନ ତୁମ ମଧ୍ୟରେ ଏହା ଏକ ପ୍ରଭାବରୂପେ କ୍ରିୟାଶୀଳ – ପ୍ରତ୍ୟକ୍ଷ ଉପସ୍ଥିତି ରୂପେ ନୁହେଁ । କିନ୍ତୁ ତୁମେ ତାଙ୍କର ଉପସ୍ଥିତି ବିଷୟରେ ସଚେତନ ହେବ – ପ୍ରତି ମୁହୂର୍ତ୍ତରେ ତୁମେ ଯେପରି ନିଜକୁ ପଚାରି ପାରିବ ... ଈଶ୍ୱର କିପରି ସବୁ ଦେଖୁଛନ୍ତି । ଏହା ଏହି ଭଳି କଥା : ପ୍ରଥମେ ଈଶ୍ୱର କିପରି ସବୁ ଦେଖୁଛନ୍ତି ତା'ରି ଅନୁଭବ ତୁମେ ପାଇବ । ତା'ପରେ ବୁଝିପାରିବ ଯେ ଈଶ୍ୱର କ'ଣ କିପରି ଇଚ୍ଛା କରୁଛନ୍ତି, ଶେଷରେ ତୁମେ ବୁଝିବ ଯେ ଈଶ୍ୱର କିପରି କାର୍ଯ୍ୟ କରୁଛନ୍ତି । କିନ୍ତୁ ଏତେକ ଜାଣିବା ପାଇଁ ତୁମକୁ ଅଗମ୍ୟ ସ୍ଥାନକୁ ଯିବାକୁ ପଡ଼ିବ ନାହିଁ, ଠିକ୍ ଏହିଠାରେହିଁ ଜାଣିବ । କିନ୍ତୁ ତୁମର ବର୍ତ୍ତମାନ କ'ଣ ହୋଇଛି ନା, ତୁମର ସମସ୍ତ ପୁରାତନ ଅଭ୍ୟାସ ଏବଂ ସମସ୍ତ ସାଧାରଣ ଅଚେତନା ତୁମ ଉପରେ ଏକ ପରଦା ପକାଇ ଦେଇଛି । ତାହା ଫଳରେ ଆମେ ନା ଦେଖି ପାରୁଛୁ, ନା ଅନୁଭବ କରି ପାରୁଛୁ । ତୁମକୁ ନିଶ୍ଚୟ ... ତୁମକୁ ନିଶ୍ଚୟ ସେହି ପରଦାଟିକୁ ହଟାଇ ଦେବାକୁ ପଡ଼ିବ ।

ଅସଲ କଥାଟି ହେଲା – ତୁମକୁ ସଚେତନ ଯନ୍ତ୍ର ହେବାକୁ ପଡ଼ିବ ।... ସଚେତନ ... ଈଶ୍ୱରଙ୍କ ସମ୍ବନ୍ଧେ ସଚେତନ ।

# ଚୈତ୍ୟ ଓ ସତ୍ୟ

ଚୈତ୍ୟ ପ୍ରଚାଳିତ ହୁଏ ସତ୍ୟ ଦ୍ୱାରା । ସତ୍ୟ ହେଲା ଏପରି ବିଷୟ ଯାହାକି ଶାଶ୍ୱତ ଭାବେ ସ୍ୱୟଂସ୍ଥିତିରେ ବିଦ୍ୟମାନ, ଏବଂ ଏହା କାଳ ବା ସ୍ଥାନ ବା କାହା ଉପରେ ନିର୍ଭରଶୀଳ ନୁହେଁ । ଅନ୍ୟପକ୍ଷରେ ଆମର ଏହି ଚୈତ୍ୟସତ୍ତା ହେଲା ଏକ ବିକାଶଶୀଳ ସତ୍ତା, ଏହା ବଢ଼ି ବଢ଼ି ଚାଲେ, ଆକୃତି ଗ୍ରହଣ କରେ, ଆଗକୁ ଆଗକୁ ଗତିକରେ, ଏବଂ କ୍ରମଶଃ ନିଜକୁ ଅଧିକରୁ ଅଧିକ ଏକ ବ୍ୟକ୍ତିତ୍ୱରେ ପରିଣତ କରୁଥାଏ । ଏହି ରୀତିରେ ଏହା ଏହି ସତ୍ୟକୁ, ଏହି ନିତ୍ୟ ଅଦ୍ୱୈତ, ଏକ ଓ ଚିରନ୍ତନ ସତ୍ୟକୁ ପ୍ରକାଶ କରିବାରେ ଅଧିକରୁ ଅଧିକ ସମର୍ଥ ହେଉଥାଏ । ଚୈତ୍ୟସତ୍ତା ହେଲା ଏକ ଅଗ୍ରଗତିଶୀଳ ସତ୍ତା । ଏହାର ଅର୍ଥ ହେଲା – ଚୈତ୍ୟସତ୍ତା ଓ ସତ୍ୟ ଭିତରେ ସମ୍ବନ୍ଧଟି ହେଉଛି ଅଗ୍ରଗତିଶୀଳ । ତୁମେ ଯଦି ସେଇ ଏକ ସଙ୍ଗରେ ତୁମ ଅନ୍ତରର ସତ୍ୟଟି ସମ୍ପର୍କରେ ସଚେତନ ହୋଇ ନ ଥିବ, ତେବେ ତୁମେ ତୁମର ଚୈତ୍ୟସତ୍ତାଟି ସମ୍ପର୍କରେ ମଧ୍ୟ ସଚେତନ ହୋଇ ପାରିବ ନାହିଁ । ଯେଉଁମାନଙ୍କର ଏହି ଅଭିଜ୍ଞତା ବା ଉପଲବ୍ଧି ହୋଇଛି – ମୁଁ ମାନସିକ ଅଭିଜ୍ଞତା କଥା କହୁ ନାହିଁ – ମୁଁ କହୁଛି ଚୈତ୍ୟସତ୍ତା ସହିତ ପୂର୍ଣ୍ଣାଙ୍ଗ ସଂଲଗ୍ନ ହୋଇଯିବାର ଅଭିଜ୍ଞତା କଥା – ତୁମେ ଆଗରୁ ଏ ସମ୍ପର୍କରେ ମନରେ ପୋଷିଥିବା କୌଣସି ଚିନ୍ତା ବା ଧାରଣା ସହିତ ସଂଲଗ୍ନ ହୋଇଯିବା କଥା ମଧ୍ୟ ଏହା ନୁହେଁ, ମୁଁ କହୁଛି ସତକୁ ସତ ଏକ ଯଥାର୍ଥ ସଂଲଗ୍ନତାର କଥା – ସମସ୍ତେ ମଧ୍ୟ ସେହି କଥା କହନ୍ତି : ଯେଉଁ ମୁହୂର୍ତ୍ତରୁ ତୁମର ଏହି ସଂଲଗ୍ନତା ଘଟିଯିବ, ତୁମେ ସେହି ମୁହୂର୍ତ୍ତରୁ ନିଜ ଭିତରେ ଶାଶ୍ୱତ ସତ୍ୟ ସମ୍ବନ୍ଧେ ସମ୍ପୂର୍ଣ୍ଣ ସଚେତନ ହୋଇଯିବ । ତା'ପରେ ତୁମେ ବୁଝିଯିବ ଯେ ଏହାହିଁ ଜୀବନର ଉଦ୍ଦେଶ୍ୟ ଏବଂ ଏହାହିଁ ବିଶ୍ୱର ପଥପ୍ରଦର୍ଶକ ।

# ଆନ୍ତର ନୀତି

ଆନ୍ତର ନୀତି, ଯାହାକି ସତ୍ତାର ସତ୍ୟ ରୂପେ ପ୍ରତ୍ୟେକ ମନୁଷ୍ୟ ଭିତରେ ଭଗବତ୍ ଉପସ୍ଥିତି ରୂପେ ବିଦ୍ୟମାନ, ଏହାହିଁ ଆମ ଜୀବନର ପ୍ରଭୁ ଓ ପଥପ୍ରଦର୍ଶକ ହେବା ଉଚିତ।

ତୁମେ ଯେତେବେଳେ ଏହି ଆନ୍ତର ନୀତିର ଆହ୍ୱାନ ବା ନିର୍ଦ୍ଦେଶ ଶୁଣିବାରେ ଅଭ୍ୟସ୍ତ ହେବ, ଯେତେବେଳେ ତୁମେ ଏହାର କଥାକୁ ମାନ୍ୟ କରିବ, ତାକୁ ଅନୁସରଣ କରିବ, ତୁମ ଜୀବନକୁ ପରିଚାଳିତ କରିବା ଲାଗି ଏହାକୁ ଅଧିକରୁ ଅଧିକ ଭାବରେ ପ୍ରଶ୍ରୟ ଦେବ, ସେତେବେଳେ ତୁମେ ତୁମର ଚତୁଃପାର୍ଶ୍ୱରେ ସତ୍ୟ, ଶାନ୍ତି ଓ ସଙ୍ଗତିର ଏକ ପରିବେଶ ସୃଷ୍ଟି କରିଦେଇ ପାରିବ। ଏବଂ ସ୍ୱାଭାବିକ ଭାବେ ଏହା ପରିସ୍ଥିତିଗୁଡ଼ିକ ଉପରେ ପ୍ରତିକ୍ରିୟା ଦେଖାଇବ, ତା' ଭିତରେ ଆତଯାତ ହେଉଥିବା ଆକୃତିଗୁଡ଼ିକ ଉପରେ ମଧ୍ୟ ଏହା କ୍ରିୟା କରିବ, ମୋଟ ଉପରେ ତୁମେ ଯେଉଁ ପରିସ୍ଥିତିରେ ବଞ୍ଚୁଛ ତାହା ମଧ୍ୟ ନିଶ୍ଚୟ ପ୍ରଭାବିତ ହେବ। ଯେତେବେଳେ ତୁମେ ନ୍ୟାୟ, ସତ୍ୟ, ସଙ୍ଗତି, ଅନୁକଂପା, ବୁଝାମଣା ଓ ସଂପୂର୍ଣ୍ଣ ସଦିଚ୍ଛାରେ ପରିପୂର୍ଣ୍ଣ ଏକ ବ୍ୟକ୍ତି ହୋଇ ଉଠିବ ଏହି ଆନ୍ତର ମନୋଭାବ, ତାହା ଯେତିକି ନିଷ୍ଠାପର ଏବଂ ସାମଗ୍ରିକ ହେଉଥିବ, ସେତିକି ଅଧିକ ଭାବରେ ତାହା ବାହ୍ୟ ପରିସ୍ଥିତି ଉପରେ ମଧ୍ୟ କ୍ରିୟା କରି ଚାଲିବ। ଅବଶ୍ୟ ମୁଁ କହୁ ନାହିଁ ଯେ ଏହା ଦ୍ୱାରା ଜୀବନର ସବୁ କିଛି କଷ୍ଟକର ସମସ୍ୟା ଦୂରୀଭୂତ ହୋଇଯିବ, କିନ୍ତୁ ଏହା ନିଶ୍ଚୟ ଜୀବନର ଏହିସବୁ କଷ୍ଟକର ସମସ୍ୟାଗୁଡ଼ିକୁ ଏକ ନୂତନ ଅର୍ଥ ଦେବ, ଏବଂ ତାହା ତୁମକୁ ଏଗୁଡ଼ିକୁ ସମ୍ମୁଖୀନ ହେବା ପାଇଁ ଏକ ନୂତନ ଶକ୍ତି ଯୋଗାଇବ ଏବଂ ତୁମେ ମଧ୍ୟ ଏକ ନୂତନ ଜ୍ଞାନ ବା ପ୍ରଜ୍ଞା ଲାଭ କରିବ।

# ବାଧାବିଘ୍ନ ଓ ଚୈତ୍ୟସତ୍ତା

ମୁଁ ଲକ୍ଷ୍ୟ କରିଛି – ବହୁ ସମୟରେ, ଯେଉଁ ଲୋକମାନେ ବହୁ ଅସୁବିଧା ଭିତରେ ଥା'ନ୍ତି, ସେମାନେ ପ୍ରାୟହିଁ ଊଣା ଅଧିକେ ସେମାନଙ୍କ ଚୈତ୍ୟସତ୍ତା ସହିତ ନିକଟତର ହୋଇ ରହିଥା'ନ୍ତି । ତୁମେ ଯଦି ବାହାର ପରିସ୍ଥିତି ସମ୍ବନ୍ଧେ କହିବାକୁ ଚାହଁ – ମୁଁ ତାହାର ଗୁଣଧର୍ମ ସମ୍ବନ୍ଧେ କିଛି କହୁ ନାହିଁ, ସେ କଥା ଅଲଗା – କିନ୍ତୁ ବାହ୍ୟ ପରିସ୍ଥିତି ଭିତରେ – ଯେଉଁଥିରେ ଲୋକମାନେ ଅଧିକ ସଂଘର୍ଷ କରୁଥା'ନ୍ତି ଓ ସେଥିଯୋଗୁଁ ଦୁଃଖକଷ୍ଟ ପାଉଥା'ନ୍ତି, ସେମାନେ ନିଶ୍ଚୟ ଖୁବ୍ ବିକଶିତ ଚୈତ୍ୟସତ୍ତାର ଅଧିକାରୀ ।

... କିନ୍ତୁ ଏହାର ବିପରୀତ ପାର୍ଶ୍ୱଟିଏ ବି ଅଛି । ତା' ହେଲା ଚୈତ୍ୟସତ୍ତା ସହିତ ଜଣେ କେତେଦୂର ସଂପର୍କ ରଖିଛି; ତଦନୁଯାୟୀ ସେ ତା'ର ଜୀବନର ପରିସ୍ଥିତିକୁ ସଂପୂର୍ଣ୍ଣ ଏକ ଭିନ୍ନ ବାଟରେ ସମ୍ମୁଖୀନ ହୁଏ । ତା'ର ମଧ୍ୟ ଥାଏ ଏକ ଆନ୍ତର ସ୍ୱାଧୀନତା । ତା' ଫଳରେ ସେ ତା' ପରିସ୍ଥିତି ଭିତରୁ ନିଜକୁ ମୁକୁଳାଇ ନେବାରେ ମଧ୍ୟ ସମର୍ଥ ହୋଇଥାଏ, ଏବଂ ସାଧାରଣ ଲୋକଙ୍କ ଭଳି ସେ ତା' ପରିସ୍ଥିତିର ସଂଘାତ ଅନୁଭବ କରେ ନାହିଁ । ଏପରି ଅବସ୍ଥାରେ ତୁମେ ତୁମ ଜୀବନର ବାଧାବିଘ୍ନଗୁଡ଼ିକୁ କିଂବା ବାହ୍ୟ ବିଷୟଗୁଡ଼ିକୁ ଖୁବ୍ ଶାନ୍ତ, ଧୀର ଭାବରେ ସମ୍ମୁଖୀନ ହୋଇ ପାରିବ ଏବଂ ତୁମର ସମଧିକ ଆନ୍ତର ଜ୍ଞାନ ସହ ତୁମେ ଆଦୌ ବିଚଳିତ ହେବ ନାହିଁ । ସୁତରାଂ ଏକ ଦିଗରେ ତୁମେ ଖୁବ୍ ସମ୍ବେଦନଶୀଳ ରହିବ ଏବଂ ଅନ୍ୟ ଦିଗରେ ତୁମର ଏହି ସଂବେଦନଶୀଳତାକୁ ସହ୍ୟ କରିବାର ଶକ୍ତି ମଧ୍ୟ ଅଧିକ ହେବ ।

## ଚୈତ୍ୟର ଜ୍ଞାନ

ଆମର ବାହ୍ୟ ଚେତନାର ଦୃଷ୍ଟି ଆମର ଚୈତ୍ୟ-ଦୃଷ୍ଟିକୁ ଅସ୍ୱୀକାର କରିପାରେ । କିନ୍ତୁ ଚୈତ୍ୟରହିଁ ରହିଛି ପ୍ରକୃତ ଜ୍ଞାନ । ଏ ଜ୍ଞାନ ହେଉଛି ଏକ ସହଜାତ ସଂବୋଧିଗତ ଜ୍ଞାନ, ଅନ୍ତର୍ଜ୍ଞାନ । ଏହା କହେ – ''ମୁଁ ଜାଣେ । ମୁଁ କିଛି କାରଣ ଦର୍ଶାଇ ପାରିବି ନାହିଁ, କିନ୍ତୁ ମୁଁ ଜାଣେ ।'' କାରଣ, ଏହାର ଜ୍ଞାନ ଅଭିଜ୍ଞତା କିଂବା ପ୍ରମାଣ-ଲବ୍ଧ ସତ୍ୟ ଉପରେ ଆଧାରିତ ମାନସିକ ଜ୍ଞାନ ନୁହେଁ । ଏହାର ବିଶ୍ୱାସ ପାଇଁ ପ୍ରମାଣର ଆବଶ୍ୟକତା ପଡ଼େ ନାହିଁ, ବିଶ୍ୱାସ ହେଉଛି ଆତ୍ମାର ଏକ ଗତିବୃତ୍ତି ଯାହାର ଜ୍ଞାନ ସ୍ୱତଃସ୍ଫୂର୍ତ୍ତ ଏବଂ ପ୍ରତ୍ୟକ୍ଷ, ସିଧାସଳଖ । ଏପରିକି, ଯଦି ସାରା ବିଶ୍ୱ ଏହାର ସତ୍ୟକୁ ଅସ୍ୱୀକାର କରେ ଏବଂ ସହସ୍ରେ ପ୍ରମାଣ ହାଜିର କରାଇ ଏହାକୁ ମିଥ୍ୟା ବୋଲି ପ୍ରମାଣିତ କରେ, ତଥାପି ଏହା ଏକ ଆନ୍ତର ଜ୍ଞାନରୁ, ଏକ ପ୍ରତ୍ୟକ୍ଷ ଅବବୋଧରୁ ଜାଣିଥାଏ, ଯାହାକି ସବୁ ପ୍ରତିକୂଳ ପ୍ରମାଣ ବିରୋଧରେ ସିଧା ହୋଇ ଦଣ୍ଡାୟମାନ ହୋଇପାରେ । ଏହି ଅବବୋଧ ଏକାତ୍ମତା ଦ୍ୱାରା ଲାଭ ହୋଇଥାଏ । ଚୈତ୍ୟର ଜ୍ଞାନ ହେଲା ଏପରି ବିଷୟ ଯାହାକି ବାସ୍ତବ ଏବଂ ସ୍ପର୍ଶନୀୟ, ଏକ ନିବାବସ୍ତୁ । ତୁମେ ମଧ୍ୟ ଏହାକୁ ତୁମର ମାନସିକ, ପ୍ରାଣିକ ଏବଂ ଦୈହିକ ସ୍ତରର ଚେତନା ଭିତରକୁ ଆଣିପାରିବ । ତା'ପରେ ଯାଇ ତୁମର ହେବ ଏକ ପୂର୍ଣ୍ଣାଙ୍ଗ ବିଶ୍ୱାସ – ଏପରି ବିଶ୍ୱାସ, ଯାହାକି ପ୍ରକୃତରେ ପାହାଡ଼ ପର୍ବତକୁ ଟଳାଇ ଦେଇପାରେ ।

# ତୁମ ଚୈତ୍ୟସତ୍ତା ଜାଣନ୍ତି

ତୁମ ଭିତରେ କେବଳ ଜଣେ ଜାଣିଲାବାଲା ଅଛନ୍ତି – ସେ ହେଉଛନ୍ତି ତୁମର ଚୈତ୍ୟସତ୍ତା । ସେ କେବେ ଭୁଲ୍ କରନ୍ତି ନାହିଁ । ସେ ତୁମକୁ ତତ୍କ୍ଷଣାତ୍ କହିଦେବେ, ସାଙ୍ଗେ ସାଙ୍ଗେ କହିଦେବେ, ତୁମେ ଯଦି ସେଥିରେ ପାଟି ନ ଫିଟାଇ, କୌଣସି ଚିନ୍ତାକଳ୍ପନା ନ କରି, ଯୁକ୍ତିତର୍କ ନ କରି ତାଙ୍କ କଥାକୁ ମାନିଯାଅ, ତା'ହେଲେ ସେ ତୁମକୁ ଠିକ୍ କାମଟିଏ କରିବା ପାଇଁ ସାହାଯ୍ୟ କରି ପାରିବେ । ଆଉ ତାଙ୍କ ବ୍ୟତୀତ ଆଉ କାହା କଥା ଶୁଣ ତାହେଲେ ଜାଣ ତୁମ ଅବସ୍ଥା ଶେଷ । ଆଉ, ପ୍ରତିଟି କଥା ପାଇଁ – ତୁମେ କ'ଣ ପଢ଼ିବାକୁ ଚାହୁଁଛ, ତୁମେ କ'ଣ ନ ପଢ଼ିବାକୁ ଚାହୁଁଛ, କେଉଁ କାମ କରିବାକୁ ଚାହୁଁଛ, କେଉଁ ବାଟରେ ଗତି କରିବାକୁ ଚାହୁଁଛ – ସବୁ ସେଇ ଚୈତ୍ୟ-ସତ୍ତାଠାରୁ ନିର୍ଦ୍ଦେଶ ପାଇଁ ଅପେକ୍ଷା କରିବ । କିନ୍ତୁ ଅନ୍ୟଦିଗରେ ବହୁପ୍ରକାର ସମ୍ଭାବନା ମଧ୍ୟ ରହିଛି ଓ ମଝିରେ ଆସିପାରେ । ତୁମେ ଆଗରୁ ଯାହା ସବୁ ପଢ଼ିଛ, ଯାହାସବୁ ଜୀବନରେ ଭେଟିଛ, ବିଭିନ୍ନ ଆଡୁ ଯେଉଁସବୁ ଉପଦେଶ ପରାମର୍ଶ ଆଦି ତୁମକୁ ମିଳିଛି – ସେସବୁ ମଧ୍ୟ ତୁମ ମନ ଭିତରେ ରହିଛି, ଏବଂ ତୁମ ଚାରିପଟେ ସେମାନଙ୍କର ନର୍ତ୍ତନ ଆରମ୍ଭ ହୋଇଯାଇଛି । ତେଣୁ ତୁମେ କାହାକୁ ମାନିବ, କାହାକୁ ଛାଡ଼ିବ ?...

ଏହି କଥା ଶ୍ରୀଅରବିନ୍ଦ କହିବାକୁ ଚାହାନ୍ତି ଯେତେବେଳେ ସେ କୁହନ୍ତି ଯେ ମଣିଷ ସର୍ବଦା ଅଜ୍ଞାନ ଭିତରେ ବଞ୍ଚୁଥାଏ; ଏବଂ ଯେପର୍ଯ୍ୟନ୍ତ ଆଲୋକିତ ମନ ଅଜ୍ଞାନାଚ୍ଛାଦିତ ମନର ସ୍ଥାନରେ ଯାଇ ନ ବସିଛି, ସେ ପର୍ଯ୍ୟନ୍ତ ତୁମେ କେବେବି ଠିକ୍ ବାଟରେ ଚାଲିପାରିବ ନାହିଁ; ଏବଂ କୌଣସି ପ୍ରକାର ପୂର୍ଣ୍ଣାଙ୍ଗ ରୂପାନ୍ତର ଘଟିବା ପୂର୍ବରୁ ତୁମ ଭିତରେ ଏହି ପ୍ରସ୍ତୁତିହିଁ ଅପରିହାର୍ଯ୍ୟ ହୋଇ ପଡ଼ିଥାଏ ।

# ମସ୍ତିଷ୍କକୁ ନେଇ ଯୋଗସାଧନ – ୧

ମୋର ବିଶ୍ୱାସ, ସତ୍ତାର ଚୈତ୍ୟକେନ୍ଦ୍ରରୁ ପ୍ରେରଣା ଓ ଶକ୍ତି ଲାଭ କରି ରୂପାନ୍ତର ଉଦ୍ଦେଶ୍ୟରେ ଯୋଗ ସାଧନା କରିବା ଓ ଅନ୍ୟ କୌଣସି ଲକ୍ଷ୍ୟଲାଭ ପାଇଁ ମସ୍ତିଷ୍କର ଶକ୍ତି ଓ ପ୍ରେରଣାରେ ଏକ ଧରଣର ମାନସିକ ଗଠନ କରିବା ଭିତରେ ବହୁତ ପାର୍ଥକ୍ୟ ରହିଛି ।

ମୁଁ ଜାଣେନା – ଏକଥା ଜଣକୁ ବୁଝାଇବା ମଧ୍ୟ ବହୁତ କଷ୍ଟକର ବ୍ୟାପାର । କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ଏଇ ପ୍ରଚେଷ୍ଟା ତୁମର ମସ୍ତିଷ୍କରେ ଚାଲିଥିବ, (ମା' ତାଙ୍କର ଗୋଟିଏ ଆଙ୍ଗୁଠିକୁ ତାଙ୍କ କପାଳ ଉପରେ ବୁଲାଇଲେ ।) ତା'ର କୌଣସି ଶକ୍ତି ରହିବ ନାହିଁ । ଏହାର ଶକ୍ତି ଖୁବ୍ ଅଳ୍ପ, ଅର୍ଥାତ୍ ଖୁବ୍ ସୀମିତ, ଏବଂ ସବୁବେଳେ ଏହା ନିଜକୁ ମିଥ୍ୟା ପ୍ରମାଣିତ କରେ । ସାଧକ ଭାବୁଥିବ ବହୁ କଷ୍ଟ ସାଧନା କରି ଗୋଟିଏ ସଂକଳ୍ପଶକ୍ତି ବା ଇଚ୍ଛାଶକ୍ତି ସଂଗୃହୀତ କରାଗଲା । କିନ୍ତୁ ଏ ଇଚ୍ଛାଶକ୍ତି ଭାରି କୃତ୍ରିମ ଏବଂ ସାଧକ କିଛି ଗୋଟାଏ ଧରିବାକୁ ଚେଷ୍ଟା କରୁଥିବ, କିନ୍ତୁ ଠିକ୍ ପର ମୁହୂର୍ତ୍ତରେ ସବୁ କିଛି କୁଆଡ଼େ ଉଭାଇ ଯିବ । ସାଧକ ଏ କଥା ଉପଲବ୍ଧି କରିପାରୁ ନ ଥିବ । ସେ ନିଜକୁ ପଚାରୁଥିବ – ''ଏହା କିପରି ଘଟିଲା ? ସବୁ କିପରି ଏକାବେଳେକେ ଉଭାଇ ଗଲା ?''

ମୁଁ ଜାଣେନା, ପ୍ରକୃତରେ କିନ୍ତୁ ମସ୍ତିଷ୍କରେ ଯୋଗ କରିବା କଥା ମୋ ପାଇଁ ଖୁବ୍ କଷ୍ଟକର । ଅବଶ୍ୟ ଯେ ଦୃଢ଼ଭାବେ ଏଥିରେ ଲାଗିଥିବ, ତାକୁ ଏପରି କଷ୍ଟ ନ ହୋଇପାରେ ।

## ମସ୍ତିଷ୍କକୁ ନେଇ ଯୋଗସାଧନ – ୨

ଇଚ୍ଛା ବା ସଂକଳ୍ପଶକ୍ତି ମସ୍ତିଷ୍କରେ ନ ଥାଏ ।

ଇଚ୍ଛା ବା ସଂକଳ୍ପଶକ୍ତି – ମୁଁ ଯାହାକୁ ସଂକଳ୍ପ ବୋଲି କହେ – ତାହା ଥାଏ ଏହି ଜାଗାରେ । (ମା' ତାଙ୍କର ହାତରେ ନିଜ ବକ୍ଷଦେଶର କେନ୍ଦ୍ରସ୍ଥଳୀକୁ ସ୍ପର୍ଶ କଲେ ।) ଏହାର ଏକ କ୍ରିୟାଶୀଳ ସାମର୍ଥ୍ୟ ଅଛି । ଏକ ଉପଲବ୍ଧି-କ୍ଷମତା ଅଛି ।

କେବଳ ମସ୍ତିଷ୍କରେ ସାଧନା କରିବାରେ ବହୁବିଧ ବ୍ୟତିକ୍ରମ ଆସି ପହଞ୍ଚି ଯାଏ । ତୁମେ ଗୋଟାଏ ବି ସିଦ୍ଧାନ୍ତ କରିପାରିବ ନାହିଁ । ଉଦାହରଣସ୍ୱରୂପ, ତୁମେ ଗୋଟାଏ ସିଦ୍ଧାନ୍ତ ନେଲାବେଳକୁ ହଠାତ୍ ତା'ର ବିପରୀତ ଯୁକ୍ତିମାନ ଆସି ପହଞ୍ଚିଯିବେ । ମନର ଗୋଟାଏ ଅଦ୍ଭୁତ କୌଶଳ ରହିଛି । ଏହା ଯେକୌଣସି ବିଷୟରେ ଯୁକ୍ତିତର୍କ ଦେଖାଇ ସିଦ୍ଧାନ୍ତଟିଏ ନେଇପାରେ । ପୁଣି ତା'ର ବିପରୀତ ଯୁକ୍ତିଗୁଡ଼ାକ ଦର୍ଶାଇ ସେ ସିଦ୍ଧାନ୍ତକୁ ବାତିଲ୍ ମଧ୍ୟ କରିଦେଇପାରେ । ଫଳରେ ତୁମେ ଗୋଟିଏ ପାଦ ବି ଆଗକୁ ଯାଇପାରିବ ନାହିଁ । ଏପରିକି, ମନେକର, ତୁମେ ଗୋଟିଏ ମୁହୂର୍ତ୍ତରେ ଏକ ଚିନ୍ତା ବା ଭାବ ପାଇଗଲ, ଏବଂ ତା'ର ଗୋଟାଏ ଶକ୍ତି ମଧ୍ୟ ରହିଛି । ଯଦି ତୁମେ ତାହାକୁ ଦୃଢ଼ଭାବେ ଧରି ରଖି ନ ଥିବ, ତେବେ ସେଥିରେ ସାମାନ୍ୟ ଶିଥିଳତା ଆସିବା ମାତ୍ରେ ଚାରିଆଡ଼େ ସବୁକିଛି ବିପରୀତ କଥା ଆସି ଦେଖା ଦିଅନ୍ତି, ଏବଂ ନିଜ ସପକ୍ଷରେ ଚମତ୍କାର ଯୁକ୍ତିସବୁ ବାଢ଼ନ୍ତି, ତୁମେ ଜାଣ ସେମାନଙ୍କ ଯୁକ୍ତିସବୁ କିପରି ଚିତ୍ତାକର୍ଷକ ହୋଇଥାଏ । ତେଣୁ ଏହା ହେଉଛି ଏକ ଅବିରାମ ସଂଗ୍ରାମ ।

ଏହାର କିଛି ସମାଧାନ ନାହିଁ ।

# ହୃଦୟର ଡେଣା ଅଛି

କେତେକ ଲୋକ ଅଛନ୍ତି । ଯେଉଁମାନଙ୍କ ଭିତରେ ଚୈତ୍ୟସତ୍ତା କ୍ରିୟାଶୀଳ ହୋଇଥାଏ ଏବଂ ସେମାନଙ୍କର ବୌଦ୍ଧିକ ବୁଝାମଣା ଅପେକ୍ଷା ଭାବାବେଗ-ଜନିତ ବୁଝାମଣା ଅଧିକ ହୋଇଥାଏ । ଏମାନେ ଈଶ୍ୱରଙ୍କୁ ଜାଣି ନ ଥା'ନ୍ତି, ଈଶ୍ୱରଙ୍କ ସମ୍ବନ୍ଧେ ସେମାନଙ୍କର ସାମାନ୍ୟତମ ଧାରଣା ମଧ୍ୟ ନ ଥାଏ – ଈଶ୍ୱର କ'ଣ ହୋଇ ପାରନ୍ତି, ଈଶ୍ୱର କହିଲେ କ'ଣ ସବୁ ବୁଝାଏ – ଏସବୁ ସେମାନଙ୍କୁ କିଛି ମାଲୁମ୍ ନ ଥାଏ – ଏସବୁ ସମ୍ବନ୍ଧେ ବି ସେମାନଙ୍କର କୌଣସି ବୌଦ୍ଧିକ ଧାରଣା ନ ଥାଏ – କିନ୍ତୁ ସେମାନଙ୍କର ଈଶ୍ୱରଙ୍କ ପ୍ରତି ଥାଏ ଏକ ଗଭୀର ଆକର୍ଷଣ, ଥାଏ ଏକ ଆକୁଳ ପ୍ରବେଗ, ଏକ ବ୍ୟାକୁଳ ଅନୁରକ୍ତି, ସେମାନେ ଈଶ୍ୱରଙ୍କର ଆବଶ୍ୟକତା ଅନୁଭବ କରନ୍ତି – ଅନୁଭବ କରନ୍ତି ଏକ ଅନିବାର୍ଯ୍ୟ ଆବଶ୍ୟକତା ।

ଏବଂ ଏହି ଧରଣର ଲୋକମାନେ, ଯେଉଁମାନଙ୍କର ଏହିପରି ଭାବାବେଗପୂର୍ଣ୍ଣ ଈଶ୍ୱର-ଆକର୍ଷଣ ରହିଛି, ଏବଂ ମୁଁ କହିପାରେ, ଈଶ୍ୱରଙ୍କ କୃପାରୁ ସେମାନଙ୍କର ମନ ଏସବୁ ବ୍ୟାପାରରେ କିଛି ବ୍ୟାଘାତ ଘଟାଏ ନାହିଁ, କୌଣସି ପ୍ରଶ୍ନ କରେ ନାହିଁ, କିଛି ବିଚାର ବିମର୍ଶ କରେ ନାହିଁ – ଏବଂ ଏହି ଲୋକମାନେ ଏହି ପଥରେ ଶୀଘ୍ର ଆଗେଇ ଯାଆନ୍ତି ।...

ଆଉ କେତେକେ ଅଛନ୍ତି, ଯେଉଁମାନେ ପ୍ରଥମରୁ ସବୁ କଥା ବୁଝିଯା'ନ୍ତି, ସେମାନେ ଖୁବ୍ ବୁଦ୍ଧିପ୍ରବଣ, ସେମାନେ ପଢ଼ିଛନ୍ତି, ସେମାନେ ଶବ୍ଦ ଓ ଚିନ୍ତା-ଭାବନାଗୁଡ଼ିକ ସଙ୍ଗେ ଖେଳି ପାରନ୍ତି, ସେମାନେ ତୁମ ଆଗରେ ସବୁ ପ୍ରକାର ଦାର୍ଶନିକ ଚିନ୍ତା ଓ ତତ୍ତ୍ୱ ଉପରେ, ସବୁ ଧର୍ମଧାରା ଉପରେ, ସବୁପ୍ରକାର ମାନବୀୟ ଚିନ୍ତାଦର୍ଶ ଉପରେ ଚମତ୍କାର ଭାଷଣ ଦେଇପାରିବେ । ଏବଂ ଅନ୍ୟପକ୍ଷରେ ଗୋଟିଏ ପାଦ ଆଗକୁ ଯିବା ଲାଗି ସେମାନଙ୍କୁ ବର୍ଷ ବର୍ଷ ଲାଗିଯିବ, କାରଣ, ସେମାନଙ୍କର ସବୁ କଥା ସେମାନଙ୍କ ମୁଣ୍ଡ ଭିତରେ ଚାଲୁଥାଏ ।

ମଣିଷର ମସ୍ତିଷ୍କରେ ଡେଣା ନ ଥାଏ : ଡେଣା ଥାଏ ହୃଦୟରେ ।

# ଚୈତ୍ୟ ଓ ମନ

ବିଶ୍ୱରେ ଚୈତ୍ୟ ଜୀବନ ହେଉଛି ପରମେଶ୍ୱରଙ୍କର ଏକ କୃପାପ୍ରସୂତ କର୍ମ । ଚୈତ୍ୟ ଅଭିବୃଦ୍ଧି ମଧ୍ଯ ଈଶ୍ୱରଙ୍କର କୃପାରେ ଘଟିଥାଏ । ଏବଂ ଶେଷରେ ଏହି ଜଡ଼-ସତ୍ତା ଉପରେ ଚୈତ୍ୟସତ୍ତାର ପ୍ରଭାବ ମଧ୍ୟ ସେହି ଦିବ୍ୟ କୃପା ବଳରେ ସମ୍ଭବିଥାଏ । ଆଉ ଆମର ମନ, ଯଦି ଏହା ନିଜର ଆଦୌ କୌଣସି ଉପଯୋଗିତା ଚାହୁଁଥାଏ, ତେବେ ତାକୁ ଖୁବ୍ ନୀରବ ହେବାକୁ ପଡ଼ିବ, ଯେତେଦୂର ସମ୍ଭବ ନୀରବ ରହିବାକୁ ହେବ, କାରଣ ଯଦି ଚୈତ୍ୟର କାର୍ଯ୍ୟରେ ଆମ ମନ ନାକ ପୂରାଏ, ତା'ହେଲେ ତାହା ସବୁ କିଛିକୁ ନଷ୍ଟ କରିଦେବ ।...

କିଛି ଗୋଟାଏକୁ ସଂଗଠିତ କରିବାରେ ବା ରୂପାୟଣ କରିବାରେ ମନ ହେଉଛି ଏକ ଯନ୍ତ୍ର, ଏବଂ ଏହି ମନ ଯଦି ତା'ର ଏଇସବୁ ସଂଗଠନ ବା ରୂପାୟଣକୁ ଚୈତ୍ୟର ବ୍ୟବହାର ପାଇଁ ତାହା ହାତରେ ଛାଡ଼ି ଦିଏ, ତେବେ ତାହା ଖୁବ୍ ଭଲ କଥା ହେବ । କିନ୍ତୁ ମନ କୌଣସି ପ୍ରକାରେ ଚୈତ୍ୟକୁ ପ୍ରକାଶମାନ ହେବା ପାଇଁ ସାହାଯ୍ୟ କରେ ନାହିଁ । ଉଭୟଙ୍କର ଭୂମିକା ହେଲା ଓଲଟା । ମନ ଅବଶ୍ୟ ପରେ ଚୈତ୍ୟର ପ୍ରକାଶ ପାଇଁ ଯନ୍ତ୍ର ହୋଇପାରେ, କିନ୍ତୁ ସେତେବେଳକୁ ଚୈତ୍ୟଚେତନା ବାହ୍ୟଚେତନା ଉପରେ ନିଜର ଅଧିକାର ସାବ୍ୟସ୍ତ କରିସାରିଥିବ । କିନ୍ତୁ ତା' ପୂର୍ବରୁ ଏହା ଘଟିବା ଖୁବ୍ ଦୁଷ୍କର । ସାଧାରଣତଃ, ଏହା ଏକ ପରଦା ଭଳି କାର୍ଯ୍ୟ କରିଥାଏ ଏବଂ ତା'ଫଳରେ ବାଧା ସୃଷ୍ଟି କରିଥାଏ । ଏକଥା ନିଶ୍ଚିତ ଯେ ଏହା କେବେ ଚୈତ୍ୟକୁ ପ୍ରକାଶିତ ହେବା ଲାଗି ସାହାଯ୍ୟ କରେ ନାହିଁ । ତେବେ ମନ ଯଦି ତା'ର ଯଥାର୍ଥ ସ୍ଥାନରେ ରହେ, ଏବଂ ଠିକଣାଭାବେ ପରିଚାଳିତ ହୁଏ, ତେବେ ଏହା ଚୈତ୍ୟକାର୍ଯ୍ୟରେ ସହାୟତା କରିପାରେ । ଯେତେବେଳେ ଚୈତ୍ୟସତ୍ତାରୁ ପ୍ରେରଣା ଆସେ, ସେତେବେଳେ ଆମର ମନ ଯଦି ସଂପୂର୍ଣ୍ଣ ଭାବେ ପୋଷା ମାନି ରହେ, ତା'ହେଲେ ଆମର ଜୀବନକୁ ସଂଗଠିତ କରିବା ଦିଗରେ ଏହା ସହାୟକ ହୋଇପାରେ । କାରଣ ମନର କାର୍ଯ୍ୟ ମଧ୍ଯ ଏହାହିଁ ଏବଂ ଏଇଥିଲାଗି ଆମକୁ ମନଟିଏ ଦିଆଯାଇଛି ।

# ବିଚାର ବିମର୍ଶ ଓ ଆଧ୍ୟାତ୍ମିକ ଜୀବନ – ୧

ସବୁ ପ୍ରକାର ନୈତିକତା, ନ୍ୟାୟାନ୍ୟାୟ ସିଦ୍ଧାନ୍ତ, ଆତ୍ମସଂଯମ ଇତ୍ୟାଦି ପାଇଁ ବିଚାର ବିମର୍ଶଶୀଳ ମନ ଏକ ଉତ୍ତମ ଯନ୍ତ୍ର ନିଶ୍ଚୟ । କିନ୍ତୁ ଆଧ୍ୟାତ୍ମିକ ଜୀବନ ଏସବୁର ଊର୍ଦ୍ଧ୍ୱରେ । ଆମର ବିଚାରବୁଦ୍ଧି ଏହାର ବିନ୍ଦୁବିସର୍ଗ ବୁଝିପାରେ ନାହିଁ ।

... ଯଦି ଏହା ଆଧ୍ୟାତ୍ମିକ ଜୀବନ ଉପରେ ହସ୍ତକ୍ଷେପ କରେ ତେବେ ଏହା ଏକ ବାଧା ହୋଇ ଉଠେ । ଯଦି ଏହା ଠିକ୍ ବାଟରେ ନିଜକୁ ଅପସାରଣ କରିନିଏ ଏବଂ ଚୁପ୍‌ଚାପ୍ ରହେ, ତା'ହେଲେ ଏହା ଖୁବ୍ ଭଲ ।

ତୁମେ ଯଦି ଏହାକୁ ବିଚାରକ ଓ ପ୍ରଭୁ ରୂପେ ବ୍ୟବହାର କରିବ ତେବେ ଏହା ଏକ ବାଧାରେ ପରିଣତ ହୁଏ । କିନ୍ତୁ ତୁମେ ଯଦି ଏହାକୁ କେବଳ ଯନ୍ତ୍ର ରୂପେ ବ୍ୟବହାର କରିବ, ଯେପରି ତୁମେ ତୁମର ସତ୍ତାର ଅନ୍ୟ ଅଂଶଗୁଡ଼ିକୁ ବ୍ୟବହାର କରିଥାଅ, ତେବେ ଏହା ଆଉ ବାଧା ହୋଇ ଉଠେ ନାହିଁ । ଆମର ବିଚାର ବୁଦ୍ଧି ଯେତେବେଳେ କେବଳ ଯନ୍ତ୍ର ରୂପେ ବ୍ୟବହୃତ ହୁଏ, ସେତେବେଳେ ଏହା ଅତି ଚମତ୍କାର ଯନ୍ତ୍ର ହୋଇଉଠେ । ସେତେବେଳେ ସେ ଆଉ ତୁମ ଉପରେ ସିଦ୍ଧାନ୍ତ ଓ ବିଚାର କରୁଥିବା ପ୍ରଭୁ ହେବାକୁ ଚାହେଁ ନାହିଁ । ତା' ନିଜ କ୍ଷେତ୍ରରେ ସେତେବେଳେ ସେ ହୋଇଉଠେ ଏକ ବିଚାରକ । ଏବଂ ସେହି କ୍ଷେତ୍ରରେ ସେ ଠିକ୍ କାମ କରୁଥାଏ । କିନ୍ତୁ ଯେତେବେଳେ ସେ ନିଜ ରାଜ୍ୟ ଅତିକ୍ରମ କରିଯାଏ, ସେତେବେଳେ ସେ କିଛି ବୁଝି ପାରେ ନାହିଁ, ଠିକ୍-ଭୁଲର ବିବେଚନା ମଧ୍ୟ କରିପାରେ ନାହିଁ ।

ତେଣୁ ଆମର ବିଚାର ବୁଦ୍ଧି ଯେତେବେଳେ ଏତିକି କଥା ବୁଝିପାରେ ଓ ନୀରବ ହୋଇଯାଏ – ନିଜକୁ ଯନ୍ତ୍ର ବୋଲି ଭାବେ, ପ୍ରଭୁ ଓ ବିଚାରପତି ବୋଲି ଭାବେ ନାହିଁ, ସେତେବେଳେ ସେ ନିର୍ଭୁଲ ହୋଇ ରହେ ।

# ବିଚାରବିମର୍ଶ ଓ ଆଧାତ୍ମିକ ଜୀବନ – ୨

ଯେଉଁଲୋକ ଅନ୍ଧକାରର ବାତଚକ୍ର ଭିତରେ ପଡ଼ିଯାଇଥାଏ, ସେ ଆତ୍ମାକୁ ଗ୍ରହଣ କରିବା ପାଇଁ କେବେ ପ୍ରସ୍ତୁତ ନୁହେଁ ବୋଲି ଜାଣିବ । କିନ୍ତୁ ଯେ ତା'ର ବିଚାର ବିବେକ ବୁଦ୍ଧି ଖଟାଇ ନିଜକୁ ସୁସଂଗଠିତ କରିପାରିଛି – ଅନ୍ତତଃ ସେ ନିଜକୁ ଯୁକ୍ତିଯୁକ୍ତ ଓ ବିଚାରବନ୍ତ କରିପାରିଛି, ନିଜର ଭାରସାମ୍ୟ ବଜାୟ ରଖି ନିଜକୁ ସୁସଂଗତ ଓ ବିଜ୍ଞ କରିପାରିଛି, ସେ କ୍ଷେତ୍ରରେ ବିଚାରବୁଦ୍ଧି ନିଶ୍ଚୟ ଜ୍ଞାନ ଓ ବିଜ୍ଞତାର ଏକ ସମ୍ୟକ୍ ଯନ୍ତ୍ର ହୋଇଉଠେ । ପ୍ରକୃତରେ ଉର୍ଦ୍ଧ୍ୱସ୍ତରୀୟ ଚେତନାକୁ ଯିବା ଲାଗି ଏହା ନିଶ୍ଚୟ ଏକ ଚମତ୍କାର ପ୍ରସ୍ତୁତି । କିନ୍ତୁ ଏ କ୍ଷେତ୍ରରେ ତୁମର ଜାଣିବା ଉଚିତ ଯେ ଏହି ଅବସ୍ଥା ଶେଷ ଅବସ୍ଥା ନୁହେଁ, ଏହା କେବଳ ଏକ ପ୍ରସ୍ତୁତି ମାତ୍ର । ଏହା ଏକ ଭିତ୍ତି ମାତ୍ର ହୋଇପାରେ, ତୁମେ ଦେଖ ଯେଉଁମାନଙ୍କର ଆଧାତ୍ମିକ ଅଭିଜ୍ଞତା ହୋଇଛି, ଯେଉଁମାନଙ୍କର ଉଚ୍ଚତର ଜଗତଗୁଡ଼ିକ ସହିତ ସମ୍ପର୍କ ଅଛି, ଅଥଚ ସେମାନେ ନିମ୍ନତର ସ୍ତର ଗୁଡ଼ିକରେ ପ୍ରସ୍ତୁତ ହୋଇ ନ ଥାନ୍ତି, ସେମାନଙ୍କୁ ବହୁ କଷ୍ଟ ଭୋଗ କରିବାକୁ ହୁଏ । କାରଣ, ସେମାନଙ୍କୁ ଅନବରତ ଗଦାଗଦା ଉପାଦାନଗୁଡ଼ିକ ସହିତ ସଂଗ୍ରାମ କରିବାକୁ ପଡୁଥାଏ । ଯେଉଁଗୁଡ଼ିକ କି ସଂଗଠିତ କିଂବା ଶୁଦ୍ଧୀକୃତ ହୋଇ ନ ଥାନ୍ତି କି ଶ୍ରେଣୀଭୁକ୍ତ ହୋଇ ନ ଥାନ୍ତି, ସେଗୁଡ଼ିକ ପ୍ରତ୍ୟେକେ ତୁମକୁ ତାଙ୍କ ନିଜ ଆଡ଼କୁ ଟାଣୁଥାନ୍ତି । ଏଇଗୁଡ଼ିକ ହେଲେ ତୁମର ପ୍ରବେଗସବୁ, ତୁମର କାମନା-ବାସନା ଏବଂ ତୁମର ସ୍ୱାର୍ଥପର ଅଭିରୁଚିସବୁ । ସେଥିପାଇଁ ଉର୍ଦ୍ଧ୍ୱସ୍ତରରୁ ଆସୁଥିବା ଆଲୋକ ଏହି ନିମ୍ନସ୍ତରର ବୃତ୍ତି ବା ଉପାଦାନଗୁଡ଼ିକୁ ସଂଗଠିତ କରିବା ଉଚିତ । ଏତିକିବେଳେ ଯଦି ତୁମର ବିଚାରବୁଦ୍ଧି ଏହି କାର୍ଯ୍ୟରେ ତୁମର ସହାୟକ ହୁଏ, ଏବଂ ତୁମଭିତରେ ବାସ-ଉପଯୋଗୀ ଏକ ଶୁଦ୍ଧ ଆସ୍ଥାନ ତିଆରି କରି ଦେଇପାରେ ତେବେ ଯେତେବେଳେ ତୁମେ ଆତ୍ମାକୁ ଉପଲବ୍ଧି କରିବ, ସେତେବେଳେ ଏହି ଆସ୍ଥାନରେହିଁ ତୁମେ ସହଜରେ ତାଙ୍କୁ ପ୍ରତିଷ୍ଠିତ କରି ପାରିବ ।

# ବିଚାରବୁଦ୍ଧି ଠିକ୍ ରଖ

ସାଧାରଣତଃ ଦେଖାଯାଏ, ଯେଉଁମାନେ ଏଇସବୁ ନିତିଦିନିଆ ଧରାବନ୍ଧା ଜୀବନର ଅଭିଜ୍ଞତା ଭିତରୁ ବାହାରି ଯାଇ ଅନ୍ୟ ଏକ ଅସାଧାରଣ ଅଭିଜ୍ଞତା ଚାହାନ୍ତି, ସେମାନେ ସେମାନଙ୍କ ବିଚାରବୁଦ୍ଧିକୁ ନେଇ ବଡ଼ ହଇରାଣରେ ପଡ଼ନ୍ତି । ଏପରିକି ଏହି ବିଚାର ବୁଦ୍ଧିର ସୀମା ଓ କ୍ରିୟାକୁ ଅତିକ୍ରମ କରିବାକୁ ପ୍ରସ୍ତୁତ ହେବା ପୂର୍ବରୁ ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରି ବସନ୍ତି । ତା'ଫଳରେ କ'ଣ ହୁଏ ନା, ସେମାନେ ସଂପୂର୍ଣ୍ଣଭାବେ ବୁଦ୍ଧିବିଚାରଶୂନ୍ୟ ହୋଇ ବସନ୍ତି, ଏବଂ କ୍ରମଶଃ ଅର୍ଦ୍ଧପାଗଳ ଅବସ୍ଥାରେ ଉପନୀତ ହୁଅନ୍ତି । ସେଥିପାଇଁ କହୁଛି, ତୁମେ ଯେଉଁ ସ୍ତରକୁ ଯିବାକୁ ଚାହୁଁଛ, ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମେ  ତୁମ ଭିତରେ ବିଚାରବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ । ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରି ପାରିବ । ଏହି କଥାଟି ଖୁବ୍ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଜାଣିଥାଅ । ଯେପର୍ଯ୍ୟନ୍ତ ତୁମେ ଉର୍ଦ୍ଧ୍ୱସ୍ତରୀୟ ଅଭିଜ୍ଞତା ସମ୍ବନ୍ଧେ ସଂପୂର୍ଣ୍ଣ ନିଶ୍ଚିତ ନ ହୋଇଛ – ଯେ ପର୍ଯ୍ୟନ୍ତ ସେହି ଅଭିଜ୍ଞତାଟି ପରମ ସତ୍ୟ ରୂପେ ସଂପୂର୍ଣ୍ଣ ଭାବେ ତୁମ ପାଖରେ ପ୍ରକଟିତ ନ ହୋଇଛି, ସେ ପର୍ଯ୍ୟନ୍ତ ତୁମେ ତୁମ ଭିତରୁ ବିଚାର ବୁଦ୍ଧିକୁ ବିସର୍ଜନ ଦିଅ ନାହିଁ । ଏଇ ଉର୍ଦ୍ଧ୍ୱସ୍ତରର ଅନୁଭୂତି ବା ଅଭିଜ୍ଞତା ସବୁବେଳେ ଆସେ ନାହିଁ । ସେଥିପାଇଁ ମୁଁ ସବୁବେଳେ ଲୋକମାନଙ୍କୁ ପରାମର୍ଶ ଦେଇଥାଏ ଯେ ବିଚାରବୁଦ୍ଧିକୁ ସଜାଗ ରଖ । କିନ୍ତୁ ଏକଥା ସତ ଯେ, ଗୋଟିଏ ସ୍ତର ପର୍ଯ୍ୟନ୍ତ ବିଚାରବୁଦ୍ଧି ତା'ର ଗୁରୁତ୍ୱ ବଜାୟ ରଖିପାରେ – ତା'ଉପରକୁ ଆଦୌ ନୁହଁ । ବିଚାରବୁଦ୍ଧି କେବେ ବି ଆଧ୍ୟାତ୍ମିକ ଅଭିଜ୍ଞତାଗୁଡ଼ିକୁ ବିଚାର କରିପାରିବ ନାହିଁ, ତା'ର ସେ କ୍ଷମତା ବା ଶକ୍ତି ନାହିଁ । ଏହା ତାକୁ ବୁଝି ବି ପାରିବ ନାହିଁ । କିନ୍ତୁ ସେ କ୍ଷେତ୍ରରେ ତୁମର ଅଭିଜ୍ଞତାଟି ମଧ୍ୟ ଯଥାର୍ଥ ଆଧ୍ୟାତ୍ମିକ ଅଭିଜ୍ଞତା ହୋଇଥିବା ଉଚିତ, ଯେପରି ଏହା ଆଧ୍ୟାତ୍ମିକତାକୁ ନକଲ କରିବାର ଏକ ପ୍ରଚେଷ୍ଟା ହୋଇ ନ ଥିବ । ଏ କ୍ଷେତ୍ରରେ ତୁମର ଚରମ ନିଷ୍ଠା ରହିବା  ଆବଶ୍ୟକ ।

# ବିଚାରବୁଦ୍ଧି ଓ ଜ୍ଞାନ

ଜୀବନରେ ବହୁକାଳ ପର୍ଯ୍ୟନ୍ତ, ଯେତେବେଳ ଯାଏ ତୁମେ ଯଥାର୍ଥ ଜ୍ଞାନ ଭଳି କିଛି ଲାଭ ନ କରିଛ, ସେ ପର୍ଯ୍ୟନ୍ତ ଏହା ଅପରିହାର୍ଯ୍ୟ ଯେ ବିଚାରବୁଦ୍ଧି ତୁମ ଜୀବନର ପ୍ରଭୁ ହୋଇ ରହିବା ଉଚିତ, ତା' ନ ହେଲେ ତୁମେ ତୁମର ଆବେଗପ୍ରବେଗ ବା ଖିଆଲ ଖୁସୀ ହାତରେ ଏକ କ୍ରୀଡ଼ନକ ହୋଇ ପଡ଼ିବ ।... କିନ୍ତୁ ଯେତେବେଳେ ତୁମେ ତୁମର ବିଚାର-ବୁଦ୍ଧି ଦ୍ୱାରା ତୁମର ସମସ୍ତ ନିମ୍ନ ପ୍ରବୃତ୍ତିକୁ ସଂଯମିତ କରିବାରେ ସକ୍ଷମ ହୋଇ ଉଠିବ, ସେତେବେଳେ ଅବଶ୍ୟ ଯଦି ତୁମେ ଏହାର ଊର୍ଦ୍ଧ୍ୱକୁ ଯିବା ପାଇଁ ଚାହଁ, ଯଦି ତୁମେ ଏହି ସାଧାରଣ ପ୍ରାପଂଚିକ ଜୀବନରୁ ମୁକ୍ତି ପାଇବାକୁ ଚାହଁ, ସାଧାରଣ ଚିନ୍ତା ଭାବନାରୁ ମୁକ୍ତ ହେବାକୁ ଚାହଁ, ସାଧାରଣ ସୀମିତ ଦୃଷ୍ଟିକୁ ପ୍ରସାରିତ କରିବାକୁ ଚାହଁ, ସେତେବେଳେ ଅବଶ୍ୟ ତୁମକୁ ଏହି ବିଚାରବୁଦ୍ଧିର ମସ୍ତକ ଉପରେ ଦଣ୍ଡାୟମାନ ହେବାକୁ ପଡ଼ିବ । ଅବଶ୍ୟ ତୁମକୁ ଏହି ବିଚାରବୁଦ୍ଧିକୁ ରାଗ ଘୃଣା ବିରକ୍ତିରେ ତଳକୁ ଠେଲି ଦେବାକୁ ହେବ ନାହିଁ; ତା' ପରିବର୍ତ୍ତେ ତୁମକୁ ଏହାକୁ ଏକ ପାହୁଚରୂପେ ବ୍ୟବହାର କରି କିଛି ଗୋଟାଏ ଉଚ୍ଚତର ସ୍ତରରେ ଉପନୀତ ହେବାକୁ ପଡ଼ିବ । ସେହି ଉଚ୍ଚତର ସ୍ତରଟି ବୁଦ୍ଧି-ସ୍ତରର ଊର୍ଦ୍ଧ୍ୱରେ ଅବସ୍ଥିତ । ଏବଂ ଏହି ସ୍ତରରେ ପହଞ୍ଚିଲେ ତୁମକୁ ସ୍ୱାଭାବିକ ଭାବେ ବୁଦ୍ଧିର କରାମତି ଖୁବ୍ ମଳିନ ଦେଖାଯିବ । ସେତେବେଳେ ହୁଏତ ତୁମ ବ୍ୟବହାରରେ କିଛି ଅଯୌକ୍ତିକତା ଦେଖାଦେଇ ପାରେ । କିନ୍ତୁ ଏହି ଅଯୌକ୍ତିକତା ଏକ ଊର୍ଦ୍ଧ୍ୱସ୍ତରର ଜିନିଷ, ଏହାକୁ ଏକ ଊର୍ଦ୍ଧ୍ୱସ୍ତରୀୟ ଆଲୋକ ପରିଚାଳନା କରୁଥାଏ । ଏହା ସାଧାରଣସ୍ତରର ଜ୍ଞାନଠାରୁ ଖୁବ୍ ଉଚ୍ଚରେ । ଏବଂ ଏହା ଊର୍ଦ୍ଧ୍ୱସ୍ତରରୁ ତା'ର ପ୍ରେରଣା ଗ୍ରହଣ କରୁଥାଏ । ଖୁବ୍ ଉଚ୍ଚସ୍ତରରୁ ଅବଶ୍ୟ – ତାକୁ ତୁମେ ଦିବ୍ୟଜ୍ଞାନର ସ୍ତର କହିପାର ।

# ଚିନ୍ତାର ଆପେକ୍ଷିକତା – ୧

ଯଦି ତୁମେ କୁହ ଯେ, ଏ ବିଶ୍ୱରେ ଏମିତି କିଛି ନାହିଁ, ଯାହାକୁ ଈଶ୍ୱର ସୃଷ୍ଟି କରି ନାହାନ୍ତି – ତେବେ ଏକଥା ସାରତଃ, ତତ୍ତ୍ୱତଃ ଠିକ୍ । କିନ୍ତୁ ଏଇ ଜାଗାରେ ନୁହେଁ । ଜୀବନର ଏଇ ସାଧାରଣ ବାହ୍ୟସ୍ତରରେ ଏହାକୁ ଠିକ୍ ବୋଲି ଚଳାଇ ନେବା ଭୁଲ ହେବ । ତୁମେ କହିଥାଅ – ''ଠିକ୍ ଅଛି, ଈଶ୍ୱର ତ ତାଙ୍କ ସୃଷ୍ଟିରେ ସବୁ କରୁଛନ୍ତି; ତେଣୁ ଏଠି ଯାହାସବୁ ବାଧାବିପତ୍ତି ରହିଛି ସେ ସବୁକୁ ମଧ ସେଇ ଈଶ୍ୱର ସୃଷ୍ଟି କରିଛନ୍ତି ।'' କିନ୍ତୁ ଏପରି କହିବା ହେଲା ପିଲାଳିଆ ଢଙ୍ଗରେ ସବୁ ବଡ଼ବଡ଼ କଥାକୁ ଆଣି ଅତ୍ୟଧିକ ସରଳକରି ଥୋଇଦେବା । କିନ୍ତୁ ଅସଲ କଥାଟି ହେଲା – ମୁଁ ଆଗରୁ ଯେମିତି କହିଥିଲି ଯେ ''ଯଦି ତୁମକୁ ଏହିପରି ଢଙ୍ଗରେ ଭାବିବାକୁ ଭଲ ଲାଗୁଛି, ତା'ହେଲେ ତୁମେ ଏପରି ଢଙ୍ଗରେ ଭାବିପାର । ତୁମେ ଏକଥା ଜାଣିରଖ ଯେ ଆମର ମାନସିକ ଚିନ୍ତାସବୁ ହେଲା ମୂଳସତ୍ୟର ପ୍ରାୟହିଁ ପାଖାପାଖି କଥା । କିନ୍ତୁ ମାନବୀୟ ଚିନ୍ତାସବୁ ପରମସତ୍ୟଠାରୁ ବହୁତ ବହୁତ ଦୂରରେ ।... ଏହା ଏକପ୍ରକାର ଅସ୍ପଷ୍ଟ, ଅସଂପୂର୍ଣ୍ଣ, ଗୋଳମାଳିଆ ପ୍ରତିବିମ୍ବନ ମାତ୍ର ! ସର୍ବୋତ୍ତମ ଅବସ୍ଥାରେ ମଧ ଏହା ପ୍ରକୃତ ସତ୍ୟଠାରୁ ବହୁ ଦୂରରେ ଏବଂ ମିଥ୍ୟାରେ ପରିପୂର୍ଣ୍ଣ । ତେଣୁ, ସତକଥାଟି ହେଲା, ତୁମେ ଯେଉଁ ମୁହୂର୍ତ୍ତରେ ଏକ ମାନସିକ ଚିନ୍ତା ବା ଭାବନା ପାଇଲ ସେତେବେଳେ ନିଜକୁ କୁହ – ''ଠିକ୍ ଅଛି । ମୁଁ ବର୍ତ୍ତମାନ ପାଇଁ ମୋର ଏହି ଚିନ୍ତାଟିକୁ ନେଇ ଚାଲିବି । ଦେଖେଁ, ଏହା କେତେଦୂର ମୋତେ ସତ୍ୟ ଆଡ଼କୁ ଅଗ୍ରଗତି କରିବାରେ ସାହାଯ୍ୟ କରୁଛି ।'' କିନ୍ତୁ ତୁମେ ଯଦି ତୁମର ଚିନ୍ତାଟିକୁ ପରମ ସତ୍ୟ ବୋଲି ଭାବିନେବ, ତା'ହେଲେ ନିଶ୍ଚିତ ରୂପେ ତୁମେ ଏକ ପ୍ରମାଦ କରି ବସିବ । କାରଣ, କୌଣସି ମାନବୀୟ ମସ୍ତିଷ୍କ-ସମ୍ଭୂତ-ଚିନ୍ତା କେବେବି ପରମ ସତ୍ୟ ହୋଇ ପାରେନା ।

## ଚିନ୍ତାର ଆପେକ୍ଷିକତା – ୨

ତୁମର ମସ୍ତିଷ୍କ-ପ୍ରସୂତ ଚିନ୍ତାର ସ୍ୱରୂପ ଯାହାହେଉ ପଛକେ, ଏପରିକି ତାହା ବହୁତ ଉଚ୍ଚ ହୋଇଥାଉ, ବହୁତ ପବିତ୍ର ମଧ ହୋଇଥାଉ, ଖୁବ୍ ମହତ୍ ହୋଇଥାଉ, ଆଉ ମଧ ଖୁବ୍ ବାସ୍ତବ ହୋଇଥାଉ, ପ୍ରକୃତରେ କିନ୍ତୁ ପରମସତ୍ୟର ଏହା ଏକ ଅତିକ୍ଷୁଦ୍ର ଅଣୁ ଅଂଶ ମାତ୍ର । ଫଳରେ ଏହାକୁ ତୁମେ କଦାପି ସତ୍ୟ ବୋଲି ସଂପୂର୍ଣ୍ଣଭାବେ ଧରିନିଅ ନାହିଁ । ତେଣୁ ସେ କ୍ଷେତ୍ରରେ ତୁମକୁ ବାସ୍ତବବାଦୀ ହେବାକୁ ପଡ଼ିବ । ମୁଁ ଯେମିତି କହୁଥିଲି – କିଛିକ୍ଷଣ ପାଇଁ ତୁମେ ସେଇ ଚିନ୍ତାଟିକୁ ଗ୍ରହଣ କରିପାର ଯେଉଁ ଚିନ୍ତାଟି ତୁମ ଭିତରେ ରହିଥିବା ପର୍ଯ୍ୟନ୍ତ ତାହା ତୁମର ଅଗ୍ରଗତି ପଥରେ ସହାୟକ ହୋଇପାରୁଥିବ । ବେଳେବେଳେ ମଧ ଏହା ଏକ ଆଲୋକ ଭଳି ଉଜ୍ଜ୍ୱଳି ଉଠିପାରେ, ସେତେବେଳେ ଏହା ମଧ ତୁମକୁ ଅଗ୍ରଗତିରେ ସାହାଯ୍ୟ କରିପାରେ । ଯେତେବେଳ ପର୍ଯ୍ୟନ୍ତ ଏହା ତୁମକୁ ଅଗ୍ରଗତିରେ ସାହାଯ୍ୟ କରୁଥିବ, ସେତେବେଳ ଯାଏ ତାକୁ ରଖ । କିନ୍ତୁ ଯେତେବେଳେ ଦେଖିବ ଯେ ଏହା ଭାଙ୍ଗି ପଡ଼ିବାକୁ ଆରମ୍ଭ କଲାଣି, ଏହା ଆଉ ତୁମର କିଛି କାର୍ଯ୍ୟରେ ଆସୁ ନାହିଁ – ଠିକ୍ ଅଛି – ସେତେବେଳେ ଏହାକୁ ଫୋପାଡ଼ି ଦିଅ । ତା'ପରେ ଆଉ ଏକ ସତ୍ୟ ଖୋଜ, ଯାହା ତୁମକୁ ଆଉ ଟିକିଏ ଆଗକୁ ନେଇ ଯାଇପାରିବ ।

ଲୋକେ ଯଦି ତାଙ୍କର ଏଇ ମସ୍ତିଷ୍କ-ପ୍ରସୂତ ଜ୍ଞାନର ସୀମା ଜାଣିପାରନ୍ତେ, ତା'ର ଆପେକ୍ଷିକତାକୁ ବୁଝିପାରନ୍ତେ, ସେମାନଙ୍କ ବିଶ୍ୱାସର ସୀମା ମଧ ବୁଝିପାରନ୍ତେ, ଶିକ୍ଷାଗୁଡ଼ିକର ଆପେକ୍ଷିକତା ବୁଝନ୍ତେ – ଏବଂ ସର୍ବୋପରି ପରିସ୍ଥିତିଗୁଡ଼ିକର ଆପେକ୍ଷିକତା ମଧ ବୁଝି ପାରନ୍ତେ – ତା'ହେଲେ ଏ ପୃଥିବୀରୁ ଅନେକ ଦୁଃଖ ଯନ୍ତ୍ରଣା ଓ ଦୁର୍ଭାଗ୍ୟ ବିଲୁପ୍ତ ହୋଇଯାନ୍ତା ।... ଲୋକେ ଯଦି ଏତିକି ବୁଝନ୍ତେ ଯେ ଯେଡ଼େ ଗୁରୁତ୍ୱପୂର୍ଣ୍ଣ ବିଷୟଟିଏ ହେଉ ପଛେ – କିନ୍ତୁ ବୃହତ୍ତମ ସତ୍ୟ ପାଖରେ ତାହାର ଗୁରୁତ୍ୱ ବଡ଼ ଆପେକ୍ଷିକ ମାତ୍ର ।

# ଚିନ୍ତାର ଆପେକ୍ଷିକତା – ୩

ଆଧାତ୍ମିକ ଦୃଷ୍ଟିରୁ ଯେତେବେଳେ ତୁମର ବୟସ କିଛିବର୍ଷ ବଢ଼ିଥାଏ, ସେତେବେଳେ ତୁମେ ଯଦି ପଛକୁ ଦୃଷ୍ଟି ଫେରାଇବ, ସେତେବେଳେ ଦେଖିବ ଯେ କୌଣସି ଚିନ୍ତା ବା ପରିସ୍ଥିତି, ଯାହା କିଛି ତୁମର ଜୀବନକୁ ଏହି ପଥରେ ଯିବା ପାଇଁ ସାହାଯ୍ୟ କରିଛି, ସେସବୁ ତୁମକୁ ଖୁବ୍ ଆପେକ୍ଷିକ ଓ ଗୁରୁତ୍ୱହୀନ ମନେ ହେବ ।... ଏବଂ ସେତେବେଳେ ତୁମର ନୂତନ ଅଗ୍ରଗତି ପାଇଁ ତୁମେ ଖୋଜିବ ଆହୁରି ଉଚ୍ଚତର କିଛି ।

ଯଦି କେହି ଏଇ କଥାଟିକୁ ସର୍ବଦା ସ୍ମରଣରେ ରଖେ, ତେବେ ସେ ସଙ୍ଗେ ସଙ୍ଗେ ଗୋଷ୍ଠୀଗତ ବହୁ ସଂକୀର୍ଣ୍ଣତା ଓ ବହୁ ଅସହିଷ୍ଣୁତାକୁ ଏଡ଼ାଇ ଦେଇପାରିବ ଏବଂ ସମସ୍ତ କଳହକୁ ନିଶ୍ଚିହ୍ନ କରିଦେଇପାରିବ, କାରଣ, କଳହ ମାନେ ଏଇସବୁ – ଜଣେ ଗୋଟିଏ ବାଟରେ ଚିନ୍ତାକରେ, ଆଉ ଜଣେ ଆଉ ଗୋଟେ ବାଟରେ ଚିନ୍ତାକରେ, ଜଣେ ଗୋଟିଏ ମନୋଭାବ ଗ୍ରହଣ କରିଛି ତ ଆଉ ଜଣେ ଆଉ ଗୋଟିଏ ମନୋଭାବ ରଖି ଚାଲିଛି । କିନ୍ତୁ ଏଇ ସବୁ ଭିନ୍ନ ଭିନ୍ନ ମତବାଦକୁ ଏକତ୍ର କରିବା ବା ସମନ୍ୱିତ କରିବା ପରିବର୍ତ୍ତେ, ଏବଂ ସେଇ ସବୁ ଆପାତବିରୋଧୀ ମତବାଦ ବା ମନୋଭାବଗୁଡ଼ିକ ଭିତରେ ଏକ ସଙ୍ଗତି ଆଣିବା ପରିବର୍ତ୍ତେ ଲୋକେ କ'ଣ କରନ୍ତି ନା ବିରୋଧୀ ଚିନ୍ତାଗୁଡ଼ିକୁ ପରସ୍ପର ସହିତ ଲଢ଼ାନ୍ତି । ତା'ପରେ ତ ମୁଷ୍ଟିଯୁଦ୍ଧ ଆରମ୍ଭ ହୋଇଯାଏ । ଏହା ଏଇଆ – ଆଉ କିଛି ନୁହେଁ ।

କିନ୍ତୁ ତୁମେ ଯଦି ତୁମ ମତବାଦର ସଂପୂର୍ଣ୍ଣ ଆପେକ୍ଷିକ ଗୁଣଟି ବିଷୟରେ ସଚେତନ ହେବ, ତୁମ ଚିନ୍ତାର ଆପେକ୍ଷିକତା ସମ୍ବନ୍ଧେ ସଜାଗ ହେବ, ଏବଂ ମଙ୍ଗଳ ସମ୍ବନ୍ଧେ ତୁମ ବିଶ୍ୱାସର ଆପେକ୍ଷିକତା ସମ୍ବନ୍ଧେ ମଧ୍ୟ ସଚେତନ ହେବ, ଯେତେବେଳେ ତୁମେ ବୁଝିପାରିବ ଯେ ତୁମର ଚିନ୍ତା, ଧାରଣା, ବିଶ୍ୱାସାଦି ଜଗତର ଅଗ୍ରଗତି ପକ୍ଷରେ କେତେଦୂର ଆପେକ୍ଷିକ, ତା'ହେଲେ ତୁମେ ତୁମର ପ୍ରତିକ୍ରିୟା ଦେଖାଇବାରେ କମ୍ ହିଂସ୍ର ହେବ ଏବଂ ଅନ୍ୟମତବାଦ ବା ବିଶ୍ୱାସଟି ପ୍ରତି ଅଧିକ ସହନଶୀଳ ହୋଇ ଉଠିବ ।

## ବିଶ୍ୱ ଏବଂ ତୁମର ଅହଂକାର

ସାରାବିଶ୍ୱ ତୁମରି ଅହଂ ଅନୁଯାୟୀ ଚାଲିଛି : ତୁମେ ରହିଛ ତା'ର କେନ୍ଦ୍ରରେ, ଏବଂ ବିଶ୍ୱ ତୁମ ଚାରିପଟେ ଘୂରୁଛି । ତୁମେ ଯଦି ଏକାଗ୍ରଭାବେ ତୁମ ଭିତରକୁ ଚାହିଁବ, ତୁମେ ଦେଖିବ ଯେ ବ୍ୟାପାରଟି ଏହିପରି । ତୁମ ଦୃଷ୍ଟିରେ ଏ ବିଶ୍ୱ – ତା' ଅର୍ଥ ହେଲା ତୁମେ କେନ୍ଦ୍ରରେ ଏବଂ ବିଶ୍ୱ ତୁମ ଚାରିପଟେ ବୁଲୁଛି । ଏ କ୍ଷେତ୍ରରେ ଆଉ କିଛି ପାଇଁ ସ୍ଥାନ ନାହିଁ । ପ୍ରକୃତରେ କିନ୍ତୁ ତୁମେ ବିଶ୍ୱକୁ ଦେଖୁ ନାହଁ – ତୁମେ କେବଳ ବିଶ୍ୱଭିତରେ ନିଜକୁହିଁ ଦେଖୁଛ ।...

କିନ୍ତୁ ତୁମେ ଯଦି ସବୁ କଥାକୁ ସେଗୁଡ଼ିକ ପ୍ରକୃତରେ ଯେମିତି ତାହା ଜାଣିବାକୁ ଚାହଁ, ଅର୍ଥାତ୍ ସେଗୁଡ଼ିକର ପ୍ରକୃତ ସ୍ୱରୂପ କ'ଣ ତାହା ଦେଖିବାକୁ ଚାହଁ, ତା'ହେଲେ ତୁମକୁ ସଂପୂର୍ଣ୍ଣ ଭାବେ ଏକ ଦର୍ପଣପରି ହେବାକୁ ପଡ଼ିବ : ତୁମକୁ ହେବାକୁ ପଡ଼ିବ ନୀରବ, ଶାନ୍ତ, ଅବିଚଳିତ, ନିରପେକ୍ଷ ଓ କୌଣସି ପ୍ରକାର ବ୍ୟକ୍ତିଗତ ଅଭିରୁଚି-ବିହୀନ । ଏକ ସଂପୂର୍ଣ୍ଣ ଗ୍ରହଣଶୀଳ ଅବସ୍ଥାରେ ରହିବାକୁ ପଡ଼ିବ । ଯଦି ତୁମେ ଏପରି ରହିପାର, ତେବେ ଦେଖିବ ଯେ ତୁମ ଦୃଷ୍ଟି ବା ବିଚାରର ବାହାରେ ଏପରି ସବୁ ବିଷୟ ବା ବସ୍ତୁ ରହିଛି ଯାହାକୁ ତୁମେ ଅବଗତ ହୋଇ ନାହଁ କିନ୍ତୁ ସେଗୁଡ଼ିକ ରହିଛନ୍ତି । ତା'ପରେ ସେସବୁ ତୁମ ଭିତରକୁ ପ୍ରବେଶ କରିବେ ଓ କ୍ରିୟାଶୀଳ ହେବାକୁ ଆରମ୍ଭ କରିବେ ।

ତା'ପରେ ତୁମେ ଆଉ ଏ ବିଶ୍ୱରେ ତୁମ ଭଳି ଏକ କ୍ଷୁଦ୍ର ବିନ୍ଦୁ ଭିତରେ ଆବଦ୍ଧ ହୋଇ ରହିବା ପରିବର୍ତ୍ତେ ତୁମେ ସେଇ ସବୁ ବସ୍ତୁ ବା ବିଷୟ ଭିତରେ ରହିବାକୁ ସମର୍ଥ ହେବ ।

# ଗୋଟିଏ ଯନ୍ତା, ଗୋଟିଏ ଖୋଳ ଓ ଗୋଟିଏ ବନ୍ଦିଘର

ଜଣକର ଏହି ନିଜତ୍ୱ ବୋଧ ଅର୍ଥାତ୍ ତୁମର ଏହି ନିଜକୁ ନେଇ ନିଜ କେନ୍ଦ୍ରରେ ବଞ୍ଚିବା ହେଲା ଏକ ପ୍ରକାର ଯନ୍ତା, ଏକ ବନ୍ଦିଘର ଯାହା ତୁମକୁ ତା' ଭିତରେ ଆବଦ୍ଧ କରି ରଖିଛି । ତାହାହିଁ ତୁମକୁ ଯଥାର୍ଥ ଭାବେ ସତ୍ ହେବାରେ, ଯଥାର୍ଥ ଜ୍ଞାନଲାଭ କରିବାରେ, ଯଥାର୍ଥ କର୍ମ କରିବାରେ, ଠିକ୍‌ଭାବେ ବୁଝିପାରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଛି । ଏହା ଯେପରି କିଏ ତୁମକୁ ଏକ କଠିଣ ଖୋଳ ଭିତରେ ବନ୍ଦ କରି ରଖିଛି, ଏବଂ ତୁମେ ତା'ଭିତରେ ରହିବାକୁ ବାଧ୍ୟ ହୋଇ ପଡ଼ିଛ ।

ଏହାହିଁ ହେବ ତୁମର ପ୍ରଥମ ଅନୁଭବ, ତା'ପରେ ତୁମେ ସେହି ଖୋଳଟିକୁ ଭାଙ୍ଗିବା ପାଇଁ ତା' ଉପରେ ଆଘାତ କରିବାକୁ ଆରମ୍ଭ କର । ବେଳେବେଳେ ସେହି ଟାଣ ଖୋଳ ଭାଙ୍ଗିବା ପାଇଁ ବହୁ ସମୟ ଲାଗିଯାଏ । କିନ୍ତୁ ତୁମେ ଯେତେବେଳେ ଏହା ଅନୁଭବ କରିବାକୁ ଆରମ୍ଭ କର ଯେ ଏହା ହେଉଛି ଏକ କାରାଗାର ଏବଂ ତୁମେ ପ୍ରକୃତରେ ଯାହା ଅର୍ଥାତ୍ ଯାହା ତୁମର ଯଥାର୍ଥ ସ୍ୱରୂପ ତାହା ହୋଇଉଠିବା ଦିଗରେ ଏହା ବାଧାସୃଷ୍ଟି କରୁଛି ସେତେବେଳେ ବୁଝିବ ଯେ ତୁମେ ବେଶ୍ ଅଗ୍ରଗତି କରିଛ ଏବଂ ତୁମ ପାଇଁ ଆଶା ରହିଛି । ସେତେବେଳେ ତୁମେ ଅନୁଭବ କର ଯେ ସତେକି ତୁମେ ଅଣନିଃଶ୍ୱାସୀ ହୋଇ ପଡୁଛ, ତୁମକୁ କିଏ ମଛି ପକାଉଛି, ତୁମକୁ ଗୋଟାଏ ଅମୁହାଁ କୋଠରିରେ କିଏ ବନ୍ଦ କରି ଦେଇଛି, ସେଠାରେ ଆଲୁଅ ନାହିଁ, ପବନ ନାହିଁ, କେଉଁଠି ଗୋଟିଏ ଦୁଆର ବା ଝରକା ବି ନାହିଁ । ସେତେବେଳେ ତୁମେ ଭିତରୁ ଧକ୍କା ମାରିବାକୁ ଆରମ୍ଭ କରିବ, ଏବଂ ଧକ୍କା ମାରିମାରି ଚାଲିବ, ଯେପର୍ଯ୍ୟନ୍ତ ତାହା ଭାଙ୍ଗି ନ ଯାଇଛି ।

ଏବଂ ଯେଉଁଦିନ ତାହା ଭାଙ୍ଗିଯାଏ, ଯେଉଁଦିନ ତାହା ଖୋଲିଯାଏ, ସେହିଦିନ ତୁମେ ଚୈତ୍ୟଚେତନା ଭିତରକୁ ପ୍ରବେଶ କର । ତା'ପରେ ତୁମେ ସବୁକିଛି ବୁଝିପାର । ତା'ପରେ ତୁମର ଯଦି ପ୍ରକୃତରେ କିଛି ରସିକତା ଥାଏ, ତା'ହେଲେ ତୁମେ ନିଜକୁ ନେଇ ହସିବ : ନିଜର ନିର୍ବୋଧତାକୁ ତୁମେ ବୁଝିପାରିବ ।

# ଅହଂକାରର ଗଣ୍ଠି – ୧

ପ୍ରଶ୍ନ : ମଧୁମୟି ମା ! ଆମେ କିପରି ଆମର ଅହଂର ଗଣ୍ଠି କାଟି ପାରିବୁ ?

ଉତ୍ତର : କିପରି କାଟିବାକୁ ହେବ ? ତୁମେ ଯେତେବେଳେ ତା'ସମ୍ବନ୍ଧେ ସଚେତନ ହୁଅ ସେତେବେଳେ ଗୋଟାଏ ଖଣ୍ଡା ଧର, ଆଉ ସେଥିରେ ଚୋଟେ ପକାଅ (ମା ହସିଲେ) । କାରଣ, ସାଧାରଣତଃ କେହି ସେ ବିଷୟରେ ସଚେତନ ନ ଥା'ନ୍ତି; ଆମ କ୍ଷେତ୍ରରେ ଯାହା ଘଟେ ଆମେ ତାହାକୁ ଖୁବ୍ ସାଧାରଣ ସ୍ୱାଭାବିକ ବୋଲି ଧରିନେଇଥାଉ । ସତକଥା ବି ଯେ ଏହା ଖୁବ୍ ସ୍ୱାଭାବିକ । କିନ୍ତୁ ଆମେ ମଧ୍ୟ ଏହାକୁ ଖୁବ୍ ଭଲ ବୋଲି ଭାବି ନେଇଥାଉ । ତେଣୁ ପ୍ରଥମରୁ କେମିତି ଆରମ୍ଭ କରିବ ନା, ତୁମେ ଖୁବ୍ ପରିଚ୍ଛନ୍ନ ଦୃଷ୍ଟି ଦେଇ ପ୍ରଥମେ ଦେଖିନେବ ଯେ, ତୁମେ ଏଇସବୁ ମାଳମାଳ ଗଣ୍ଠି ଭିତରେ ବାନ୍ଧି ହୋଇ ଯାଇଛ, ଏବଂ ସବୁ ମିଶି ତୁମ ପାଇଁ ଏହା ଏକ ମହାବନ୍ଧନ ହୋଇ ପଡ଼ିଛି । ତା'ପରେ ତୁମେ ଯେବେ ବୁଝିବ ଯେ ତୁମ ଭିତରେ କିଛି ଗୋଟାଏ ଦୃଢ଼ ଭାବେ ବାନ୍ଧିହୋଇ ଯାଇଛି – ଏବଂ ସେ ବନ୍ଧନ ଏତେ ଦୃଢ଼ ଯେ ତୁମେ ତାକୁ ଯେତେ ଚେଷ୍ଟାକଲେ ବି କାଟି ପାରୁ ନାହଁ – ସେତେବେଳେ ତୁମେ କଳ୍ପନାରେ ତୁମର ଇଚ୍ଛାଶକ୍ତିକୁ ଗୋଟିଏ ଧାରୁଆ ଖଣ୍ଡା ବୋଲି ମନେକର ଏବଂ ତୁମର ସମସ୍ତ ଶକ୍ତି ଦେଇ ସେଇ ଗଣ୍ଠି ଉପରେ ଗୋଟାଏ ଶକ୍ତ ଚୋଟ ପକାଅ । (ଅବଶ୍ୟ କଳ୍ପନାରେ – ସତକୁ ସତ ଖଣ୍ଡାରେ ନୁହେଁ) ଦେଖିବ, ଏଥିରେ ଫଳ ଭଲ ହେବ ।

## ଅହଂକାରର ଗଣ୍ଠି – ୨

ତୁମେ ଏହି ଅହଂକାରର ଗଣ୍ଠି କାଟିବା କ୍ରିୟାଟିକୁ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଆରମ୍ଭ କରିପାର । ତୁମକୁ ପ୍ରଥମେ ଆବିଷ୍କାର କରିବାକୁ ହେବ କେଉଁ କେଉଁ ଉପାଦାନ ତୁମର ଏ ଗଣ୍ଠିକୁ ତିଆରି କରିଛି । ତୁମେ ବର୍ତ୍ତମାନ ଦେଖିବ ଯେ ତୁମେ ତୁମର ଅନେକ ପ୍ରତିରୋଧ ପ୍ରବୃତ୍ତି, ଅଭ୍ୟାସ ଓ ଅଭିରୁଚି ଇତ୍ୟାଦି ଦ୍ୱାରା ବନ୍ଧା ହୋଇଛ । ଏ ବିଷୟରେ ସଚେତନ ହେବା ମାତ୍ରେ ତୁମେ ତୁମ ଭିତରେ ଏକାଗ୍ର ହୋଇ ଦିବ୍ୟଶକ୍ତିକୁ ଓ ଦିବ୍ୟକୃପାକୁ  ଆହ୍ୱାନ କରିବ । ଏବଂ ତା'ପରେ ତୁମର ସେଇ ଅହଂକାରୀ ସଙ୍ଗଠନ ଉପରେ କଷିକରି ଆଘାତ କରିବ । ଦେଖିବ ଯେ ଏହି ସବୁ ଅହଂ-ବୃତ୍ତିଗୁଡ଼ିକ ପରସ୍ପର ସହିତ ଏପରି ଛନ୍ଦି ହୋଇଥାନ୍ତି ଯେ ତୁମେ ପ୍ରଥମରୁ ଗୋଟିକୁ ଅନ୍ୟଟି ଠାରୁ କେବେ ଅଲଗା କରି ପାରିବ ନାହିଁ । ତୁମେ କିନ୍ତୁ ସେଇ ମୂହୂର୍ତ୍ତରେ ଗୋଟାଏ ସିଦ୍ଧାନ୍ତ ନେବ ଯେ, ତୁମେ ଆଉ କେବେହେଲେ ବି ସେମାନଙ୍କ କଥା ଶୁଣିବ ନାହିଁ – ତୁମେ କେବଳ ଦିବ୍ୟଚେତନାର କଥା ଶୁଣିବ, ଦିବ୍ୟକର୍ମ ବ୍ୟତୀତ ଆଉ କୌଣସି କର୍ମ କରିବ ନାହିଁ – ନିଜର କର୍ମଫଳ ସମ୍ବନ୍ଧେ ଆଦୌ ବିଚଳିତ ହେବ ନାହିଁ – ସବୁକିଛି ଆସକ୍ତିରୁ ନିଜକୁ ଦୂରେଇ ନେବ, ସବୁକିଛି ବ୍ୟକ୍ତିଗତ ଅଭିରୁଚିକୁ ତ୍ୟାଗ କରିବ, ସଫଳତା ପାଇଁ ଆଦୌ ଆକାଂକ୍ଷା  ରଖିବ ନାହିଁ – କ୍ଷମତା, ସନ୍ତୋଷଲିପ୍ସା, ଗର୍ବ ଇତ୍ୟାଦି କୌଣସି କଥା ଯେପରି ଆଉ ତୁମକୁ ସେମାନଙ୍କ ଫାଶରେ ବାନ୍ଧି ନ ରଖେ ... ଏସବୁ କଥା ତୁମ ଭିତରୁ ଯେପରି ନିଶ୍ଚିହ୍ନ ହୋଇଯାଏ ! ତୁମେ କେବଳ ଦେଖିବ ଯେ ଦିବ୍ୟ ସଂକଳ୍ପ ଯେପରି ତୁମର ବ୍ୟକ୍ତିଗତ ସଂକଳ୍ପ ଭିତରକୁ ଓହ୍ଲାଇ ଆସେ – ଏବଂ ସେହି ଦିବ୍ୟ ସଂକଳ୍ପ ଯେପରି ତୁମକୁ କାର୍ଯ୍ୟରେ ନିୟୋଜିତ କରେ ! ଏତିକି କଳାପରେ ଦେଖିବ – ତୁମେ ଅହଂକାରର ବ୍ୟାଧିରୁ ଆରୋଗ୍ୟ ଓ ମୁକ୍ତ ହୋଇ ଯାଇଛ ।

# ଟାଣ ନାହିଁ

ଅହଙ୍କାରୁ ମୁକ୍ତ ହେବାର ନିଶ୍ଚିତ ଉପାୟ ହେଲା ଈଶ୍ୱରଙ୍କ ପାଖେ ନିଜକୁ ଦେଇଦେବା । କେବେହେଲେ ବି ଈଶ୍ୱରଙ୍କୁ ତୁମ ପାଖକୁ ଟାଣ ନାହିଁ, ଅନ୍ୟପକ୍ଷରେ ନିଜକୁ ତାଙ୍କ ହାତରେ ସମର୍ପି ଦିଅ । ତା' ଫଳରେ ଅନ୍ତତଃ ତୁମେ ନିଜ ଅହଂ ପାଖରୁ କିଞ୍ଚିତ୍ ମୁକ୍ତ ହେବାକୁ ବାଧ୍ୟ ହେବ । ସାଧାରଣତଃ ଦେଖାଯାଏ ଯେ, ଲୋକେ ଯେତେବେଳେ ଈଶ୍ୱରଙ୍କ କଥା ଭାବନ୍ତି, ପ୍ରଥମ କଥା ସେମାନେ କରନ୍ତି ଯେ ସେମାନଙ୍କ ପାରୁପର୍ଯ୍ୟନ୍ତ ଈଶ୍ୱରଙ୍କୁ ସେମାନଙ୍କ ପାଖକୁ ଟାଣି ଲାଗନ୍ତି । ଫଳରେ, ସାଧାରଣତଃ ସେମାନେ କିଛି ଲାଭ କରନ୍ତି ନାହିଁ । ସେମାନେ କହନ୍ତି – ''ଆଃ ! ଏତେ ଡାକିଲି – ଏତେ ସ୍ତବ ସ୍ତୁତି ପ୍ରାର୍ଥନା କଲି – କିନ୍ତୁ ମୋ ଡାକ ଶୁଣାଗଲା ନାହିଁ । କିଛି ଉତ୍ତର ପାଇଲି ନାହିଁ – କିଛି ମିଳିଲା ନାହିଁ ।'' କିନ୍ତୁ ଏଇ ଲୋକକୁ ଯଦି ତୁମେ ପଚାରିବ – ''ତୁମେ ନିଜକୁ ତାଙ୍କ ପାଖେ ସମର୍ପଣ କରି ଦେଇଥିଲ କି ?'' ସେ ଉତ୍ତର ଦେବ – ''ନା ନା ! ମୁଁ ତାଙ୍କୁ ମୋ ପାଖକୁ ଟାଣୁଥିଲି ।''– ''ଓ ହୋ ! ଏଇଥି ପାଇଁ ତୁମେ କିଛି ଉତ୍ତର ପାଇଲ ନାହିଁ ।'' କିନ୍ତୁ ପ୍ରକୃତ କଥା ହେଲା– ଈଶ୍ୱର ଯେ ଉତ୍ତର ଦେଲେ ନାହିଁ ତା'ନୁହେଁ । କିନ୍ତୁ ତୁମେ ତୁମର ଅହଂକାର ଭିତରେ ବନ୍ଦି ହୋଇ ତାଙ୍କୁ ଟାଣୁଥିଲ ତୁମ ପାଖକୁ ... ଏହାହିଁ ତୁମ ଭିତରେ ଓ ଈଶ୍ୱରଙ୍କ ଉତ୍ତର ଭିତରେ ଗୋଟିଏ କାନ୍ଥ ହୋଇ ଠିଆ ହୋଇଗଲା । ତୁମେ ନିଜକୁ ତୁମ ଅହଙ୍କାର ବନ୍ଦିଘରେ ଆବଦ୍ଧ ରଖିଲ । ତା'ପରେ ତୁମେ ଆଶ୍ଚର୍ଯ୍ୟ ହୋଇ କହୁଚ କ'ଣ ନା ତୁମକୁ କିଛି ମିଳିଲାନି ।...

(ମା ତାଙ୍କର ହାତ ମେଲା କରି କହିଲେ) ନିଜକୁ ଫୋପାଡ଼ି ଦିଅ । କିଛି ତୁମର ବୋଲି ଜାବୁଡ଼ି ନ ଧରି ନିଜକୁ ତାଙ୍କ ଆଗରେ ସମର୍ପିଦିଅ । କେବଳ ତାଙ୍କୁ ଦେଇଦେବାର ଆନନ୍ଦରେ ନିଜକୁ ଓ ନିଜର ସବୁକିଛିକୁ ତାଙ୍କୁ ଦେଇଦିଅ । ତା'ହେଲେ ଯାଇ ତୁମେ କିଛି ଅନୁଭବ କରିବାର ସୁଯୋଗ ପାଇବ ।

# ଶକ୍ତିକୁ ଟାଣିବାକୁ ଚେଷ୍ଟା କର ନାହିଁ

ମୁଁ ତୁମକୁ ଗୋଟିଏ ପରାମର୍ଶ ଦେବି । ଯଦି ତୁମେ ଅଗ୍ରଗତି କରିବାକୁ ଇଚ୍ଛା କରୁଛ, କିଛି ଉପଲବ୍ଧି କରିବାକୁ ଆସ୍ପୃହା କରୁଛ, ତେବେ ସାବଧାନ ଥାଅ ଯେପରି ଶକ୍ତିମାନଙ୍କୁ ନିଜ ଆଡ଼କୁ ଟାଣିବାର ଚେଷ୍ଟା କରିବ ନାହିଁ। ତୁମେ ନିଜକୁ ଦେଇଦିଅ – ଯଥେଷ୍ଟ ନିରାସକ୍ତିର ସହିତ ନିଜକୁ ତାଙ୍କ ଆଗରେ ଖୋଲିଧର ଯେପରି ସର୍ବଦା ନିଜକୁ ଭୁଲିଯାଅ, ନିଜର ଗ୍ରହଣଶୀଳତାକୁ ଯଥେଷ୍ଟ ବଢ଼ାଇ ଚାଲ, କିନ୍ତୁ **କେବେବି** ଈଶ୍ୱରଙ୍କ ଶକ୍ତିକୁ ତୁମ ଆଡ଼କୁ ଟାଣ ନାହିଁ। କାରଣ ଶକ୍ତିକୁ ଆକର୍ଷଣ କରିବାର ଇଚ୍ଛା ହେଲା ଏକ ଭୟଙ୍କର ଅହଂକାର । ତୁମେ ଅଭୀପ୍ସା କରିପାର, ତୁମେ ନିଜକୁ ଖୋଲି ଧରିପାର, ତୁମେ ନିଜକୁ ଦେଇ ଦେଇପାର, କିନ୍ତୁ କେବେ ନେବା ପାଇଁ ଅଭିଳାଷ କର ନାହିଁ । ଯେତେବେଳେ କିଛି ବିଗିଡ଼ି ଯାଏ, ଲୋକେ ଈଶ୍ୱରଙ୍କ ଶକ୍ତି ଉପରେ ଦୋଷ ଦିଅନ୍ତି । କିନ୍ତୁ ସେଥିପାଇଁ ଶକ୍ତି ଦାୟୀ ନୁହେଁ : ଦାୟୀ ତୁମର ଉଗ୍ର ଉଚ୍ଚାକାଂକ୍ଷା, ଅହଙ୍କାର, ଅଜ୍ଞାନ ଏବଂ ତୁମ ଆଧାରର ଦୁର୍ବଳତା ।

ଖୁବ୍ ଉଦାର ଭାବେ ନିଜକୁ ଦେଇଦିଅ – ଦେଇଦିଅ ସଂପୂର୍ଣ୍ଣ ନିରାସକ୍ତ ଭାବରେ ଏବଂ ଗଭୀର ଦୃଷ୍ଟିରୁ ଦେଖିବ ଯେ କୌଣସି ମନ୍ଦ କଥା ତୁମ ପାଇଁ ଘଟିବ ନାହିଁ। କିଛି ଗୋଟାଏ ନେବା ପାଇଁ ଚେଷ୍ଟାକର (ଈଶ୍ୱରଙ୍କଠାରୁ) – ଦେଖିବ, ତୁମେ ଗହ୍ୱରର ଫନ୍ଦ ଉପରେ ଠିଆ ହୋଇଛ ।

## ନେବା ବଦଳରେ ଦିଅ

ଲୋକେ ଖାଲି ନେବା ପାଇଁ ଚେଷ୍ଟା କରୁଥାନ୍ତି – ସଂଗ୍ରହ କରୁଥାନ୍ତି, ସଂଚୟ କରି ଲାଗିଥାନ୍ତି । କିନ୍ତୁ ତାହା ଅସମ୍ଭବ । କେହି ସଂଚୟ କରି ରଖି ପାରିବ ନାହିଁ । ତୁମେ କେବଳ ନିଜକୁ ଏକାମ୍ କରିବ । ତା'ପରେ ଆଉ ଗୋଟେ ହେଲା – ତୁମେ କ'ଣ ଟିକିଏ ଦେଇଦେଲ, ସଙ୍ଗେ ସଙ୍ଗେ ତା'ର ପ୍ରତିଦାନ ପାଇବାକୁ ଚାହିଁଥାଅ । କେହି ଗୋଟିଏ ଭଲ ଚିନ୍ତା ଦେଲା, ଭାବନାଟିଏ ଦେଲା – ସେ ଚାହିଁଲା ସମସ୍ତେ ସେଥିପାଇଁ ତାକୁ ସ୍ୱୀକୃତି ଦିଅନ୍ତୁ । କେହି ଟିକିଏ ସ୍ନେହ ଦେଲା – ସେ ମଧ୍ୟ ଅନ୍ୟମାନଙ୍କ ଠାରୁ ସେତକର ପ୍ରତିଦାନ ଚାହିଁ ବସିଲା ।... ତା'ର କାରଣ ହେଲା – ପ୍ରତିଟି ବିଷୟରେ କିପରି ନିଜକୁ ଭଲ ଭାବନାଟିଏ କରି ମିଶାଇ ଦେବାକୁ ହୁଏ, ସେ କ୍ଷମତା ତାଙ୍କର ନ ଥାଏ । ପ୍ରତିଟି ସ୍ଥାନରେ କିପରି ନିଜକୁ କୋମଳ ସ୍ନେହଟିଏ କରି ମିଶାଇ ଦେବାକୁ ହୁଏ ସେ କ୍ଷମତା ବି ତାଙ୍କର ନ ଥାଏ । ସେ ଏହିପରି ଭାବେ : ସମସ୍ତେ ଅନ୍ୟଠାରୁ ନିଜକୁ ବିଚ୍ଛିନ୍ନ କରିନେଇ ନିଜର କ୍ଷୁଦ୍ର ସୀମା ଭିତରେ ସଂକୁଚି ରହିଥାନ୍ତି ଏବଂ ସମସ୍ତଙ୍କର ମଧ୍ୟ ଭୟ ଥାଏ ଯେ ବୋଧେ ସେ ତା'ର ସବୁ ହରେଇ ବସିବ – ବୋଧେ ସେ ନିଃସ୍ୱ ହୋଇଯିବ । ଅନ୍ୟପକ୍ଷରେ ଜଣେ ଯଦି ନିଜକୁ ମିଶାଇ ଦିଏ, ତେବେ ତା'ର କିଛିକୁ ନିଜ ଆଡ଼କୁ ଆକର୍ଷଣ କରିବା ଦରକାର ପଡ଼େ ନାହିଁ । ତୁମେ ନିଜକୁ ଯେତିକି ବିସ୍ତାରି ଦେବ, ତୁମେ ସେତିକି ପରିପୂର୍ଣ୍ଣ ହୋଇ ଉଠୁଥିବ । ତୁମେ ଯେତିକି ନିଜକୁ ମିଶାଇ ଚାଲିଥିବ, ତୁମେ ସେତିକି ମଧ୍ୟ ହୋଇ ଚାଲିଥିବ । ତା'ପରେ କିଛି ନେବା ପରିବର୍ତ୍ତେ, ତୁମେ ଦେଇ ଚାଲିବ । ଆଉ ଯେତିକି ତୁମେ ଦେଉଥିବ, ସେତିକି ମଧ୍ୟ ତୁମେ ବଢ଼ି ଚାଲିଥିବ ।

# ଆଦର୍ଶ ମନୋଭାବ

ଅତି ସରଳ କଥାଟି ହେଲା – ଭଗବାନଙ୍କ ପାଖେ ନିଜକୁ ଦେଇଦିଅ । ଏବଂ ଭଗବାନ ତୁମକୁ ଗ୍ରହଣ କରିନେବେ ଏବଂ ତାଙ୍କର ଯେପରି ଇଚ୍ଛା, ସେ ସେହିପରି ଭାବେ ତୁମକୁ ତିଆରି କରିବେ । ଅବଶ୍ୟ ତୁମର ଏହି ସମର୍ପଣଭାବଟି ଶୁଦ୍ଧ ଭାବରେ ଅବିରତ ରହିବା ଉଚିତ । କିନ୍ତୁ ବହୁଲୋକ ଏହିପରି ଭାବେ ନିଜକୁ ଈଶ୍ୱରଙ୍କ ପାଖେ ସମର୍ପି ଦିଅନ୍ତି ନାହିଁ। ତଥାପି, ଏହାହିଁ ଏକମାତ୍ର କରଣୀୟ ସତ୍ୟ । ଏତିକି କରିପାରିଲେ ଜଣେ ସିଧା ତା' ଲକ୍ଷ୍ୟସ୍ଥଳୀରେ ଯାଇ ପହଞ୍ଚିବ, ଆଉ ତା'ର ଭୁଲ୍ ପ୍ରମାଦର ଭୟ ନ ଥିବ । କିନ୍ତୁ ଏହା ବ୍ୟତୀତ ଆଉ ଯେତେ ଯାହା ଉଦ୍ଦେଶ୍ୟ ରହିଛି ସେସବୁ ବଡ଼ ଗୋଳିଆମିଶା ଏବଂ ସେଥିରେ ଅହଂକାର ମିଶି ରହିଥାଏ । ଫଳରେ ସେଇ ସବୁ ଉଦ୍ଦେଶ୍ୟ ତୁମକୁ ଏଣେ ତେଣେ ନେଇଯାଏ, ତୁମେ ଲକ୍ଷ୍ୟଠାରୁ ମଧ୍ୟ ବହୁଦୂରରେ ଯାଇ ପଡ଼ ।

କିନ୍ତୁ ତୁମର ଯଦି ଏପରି ଭାବନା ରହିବ ଯେ ମୁଁ କେବଳ ଈଶ୍ୱରଙ୍କ ପାଇଁ ବଂଚିବି, ମୋର ତାହାହିଁ ଏକମାତ୍ର ଲକ୍ଷ୍ୟ, ଏକମାତ୍ର ଉଦ୍ଦେଶ୍ୟ ଏବଂ ତୁମେ ଯଦି ସମଗ୍ରଭାବେ, ସଂପୂର୍ଣ୍ଣଭାବେ, ପରିପୂର୍ଣ୍ଣଭାବେ ତୁମକୁ ଓ ତୁମର ସବୁକିଛିକୁ ଈଶ୍ୱରଙ୍କ ପାଖେ ଏପରି ସମର୍ପଣ କରିଦେବ ଯେ, ଯେପରିକି ତୁମେ ଆଉ ଈଶ୍ୱରଙ୍କ ଠାରୁ ନିଜକୁ ପୃଥକ୍ ବୋଲି ଭାବି ପାରିବ ନାହିଁ, ସମ୍ପୂର୍ଣ୍ଣ, ପୂର୍ଣ୍ଣାଙ୍ଗ ଓ ସମଗ୍ରଭାବେ ଈଶ୍ୱରଙ୍କ ସହିତ ଏକ ହୋଇ ଉଠିବ, ଏବଂ ତୁମର ଏହି ଅନୁଭବ ଓ କାର୍ଯ୍ୟରେ ଯେପରି ତୁମର କୌଣସି ବ୍ୟକ୍ତିଗତ ପ୍ରତିକ୍ରିୟା ହସ୍ତକ୍ଷେପ ନ କରେ, ତେବେ ଏହାହିଁ ହେବ ତୁମର ଆଦର୍ଶ ମନୋଭାବ; ଏବଂ ଏକଥା ସତ ଯେ ତୁମର ଜୀବନପଥରେ ଅଗ୍ରଗତି କରିବା ପାଇଁ ଏବଂ ଯଥାର୍ଥ କର୍ମ କରିବା ପାଇଁ ଏହାହିଁ ଏକମାତ୍ର ସହାୟକ ପନ୍ଥା । ଏହା ଫଳରେ ତୁମେ ସବୁ ଆଡୁ ସୁରକ୍ଷିତ ହୋଇ ରହିବ – ତୁମ ନିଜ ପାଖରୁ ମଧ୍ୟ ସୁରକ୍ଷିତ ହୋଇ ରହିବ । କାରଣ – ଏଇ ନିଜ ପାଖରୁହିଁ ତୁମେ ସବୁଠାରୁ ବଡ଼ ବିପଦ ଆଶଙ୍କା କରିଥାଅ ।

# ସବୁକିଛି ଦେଇଦିଅ

ତୁମେ ଯେତିକି ଯେତିକି ନିଜକୁ ଭଗବାନଙ୍କୁ ଦେଇ ଚାଲିଥିବ, ସେତିକି ସେତିକି ସେ ତୁମ ପାଖେ ପାଖେ ରହିଥିବେ । ତୁମେ ନିଜକୁ ସଂପୂର୍ଣ୍ଣ ଓ ସମଗ୍ର ଭାବେ, ଈଶ୍ୱରଙ୍କୁ ଦେଇଦେଲେ ଈଶ୍ୱର ମଧ୍ୟ ତୁମ ପାଖେ ସଂପୂର୍ଣ୍ଣ ଭାବେ ସର୍ବଦା ପ୍ରତିଟି ମୁହୂର୍ତ୍ତରେ ରହିଥିବେ । ରହିଥିବେ ତୁମର ପାଖାପାଖି ତୁମର ପ୍ରତିଟି ଭାବନା ଚିନ୍ତା ଭିତରେ – ତୁମର ସମସ୍ତ ଆବଶ୍ୟକତା ଭିତରେ, ଏବଂ ତୁମର ଏପରି କିଛି ଆସ୍ପୃହା ନ ଥିବ, ଯାହାର ପ୍ରତ୍ୟୁତ୍ତର ସେ ସଙ୍ଗେ ସଙ୍ଗେ ଦେଉ ନ ଥିବେ । ତୁମେ ମଧ୍ୟ ଈଶ୍ୱରଙ୍କ ସହିତ ଏକ ସଂପୂର୍ଣ୍ଣ ଅବିରତ ଏକାତ୍ମତା ଅନୁଭବ କରିବ ଓ ତାଙ୍କର ଖୁବ୍ ନୈକଟ୍ୟ ଅନୁଭବ କରିବ । ସତେକି ତୁମେ ତାଙ୍କୁ ସର୍ବଦା ବହନ କରିଚାଲିଛ ... ସତେକି ଈଶ୍ୱର ସବୁସମୟରେ ତୁମ ପାଖରେହିଁ ରହିଛନ୍ତି, ତୁମେ ଚାଲିଲେ ସେ ତୁମ ସଙ୍ଗେ ଚାଲୁଛନ୍ତି, ତୁମେ ଶୋଇଲେ ସେ ତୁମ ସହିତ ଶୋଉଛନ୍ତି, ତୁମେ ଖାଇଲେ ସେ ତୁମ ସହ ଖାଉଛନ୍ତି, ତୁମେ ଭାବିଲେ ସେ ତୁମ ସହ ଭାବୁଛନ୍ତି, ତୁମେ ଭଲ ପାଇଲେ ସେ ତୁମର ପ୍ରେମ ରୂପେ ତୁମ ସହ ରହିଛନ୍ତି । କିନ୍ତୁ ଏଥିପାଇଁ ତୁମେ ନିଜକୁ ସମ୍ପୂର୍ଣ୍ଣଭାବେ ତାଙ୍କୁ ଅର୍ପଣ କରିଦେବ । ସମଗ୍ରଭାବେ, ଏକାନ୍ତଭାବେ, କୌଣସି କୁଣ୍ଠା ନ ରଖି, କିଛି ନିଜ ପାଇଁ ନ ରଖି, କିଛି ଜାବୁଡ଼ି ନ ଧରି, ସବୁ କିଛି ତାଙ୍କୁ ଦେଇ ଦେବାକୁ ହେବ ।... ଯଦି ତୁମେ ତାଙ୍କୁ ସବୁ ସବୁକିଛି ଦେଇଦିଅ – ଯଦି ତୁମେ ତୁମର ବୋଲି ଆଉକିଛି ନ ରଖ, ସେ ନିଶ୍ଚୟ ସର୍ବଦା ସଂପୂର୍ଣ୍ଣଭାବେ ତୁମ ସହିତ ରହିବେ । ତୁମର ସମସ୍ତ ଭାବନାରେ, ସମସ୍ତ କର୍ମରେ, ତୁମର ସମସ୍ତ ଚିନ୍ତାରେ, ସବୁବେଳେ, ସବୁ ମୁହୂର୍ତ୍ତରେ ରହିବେ । କିନ୍ତୁ ଏଥିପାଇଁ ତୁମେ ନିଜକୁ ଓ ତୁମର ସବୁକିଛିକୁ ତାଙ୍କ ପାଖେ ନିଃଶେଷରେ ସମର୍ପି ଦେବାକୁ ହେବ । କିଛି ବୋଲି କିଛି ରଖିବାକୁ ହେବ ନାହିଁ । ଯଦି କିଛି ରଖ – ତେବେ ତାହା ପଥରଟିଏ ପରି ତୁମର ଓ ଈଶ୍ୱରଙ୍କ ଭିତରେ କାନ୍ଥଟିଏ ହୋଇ ବ୍ୟବଧାନ ସୃଷ୍ଟି କରିବ ।

# ନିଜ ସଂକଳ୍ପକୁ ବି ଉପହାର ଦିଅ

ପ୍ରତି ମୁହୂର୍ତ୍ତରେ ତୁମେ ଯାହା ଇଚ୍ଛା କରୁଛ ବା ସଂକଳ୍ପ କରୁଛ ତାକୁ ଏକ ଆସ୍ପୃହାରେ ପରିଣତ କରି ଈଶ୍ୱରଙ୍କୁ ଉପହାର ସ୍ୱରୂପ ଅର୍ପଣ କରିଦିଅ – ତୁମର ଆସ୍ପୃହାଟି ଖାଲି ''ହେ ପ୍ରଭୁ, ତୁମର ଇଚ୍ଛାହିଁ ପୂର୍ଣ୍ଣ ହେଉ'', ଏତିକି ହେବ ନାହିଁ କିନ୍ତୁ ଖୁବ୍ ସରଳ ଭାବେ ଏହିପରି ହେବା ଉଚିତ – ''ହେ ଈଶ୍ୱର ! ମୋର ଯେଉଁ କାର୍ଯ୍ୟ ଯେପରି ଭାବେ କରିବା କଥା, ମୁଁ ଯେପରି ତାହା ମୋର ପାରୁ ପର୍ଯ୍ୟନ୍ତ ଉତ୍ତମ ରୂପେ ସଂପାଦନ କରେ, ସେଥିପାଇଁ ମୋତେ କୃପା କର ।''

ପ୍ରତି ମୁହୂର୍ତ୍ତରେ ତୁମେ ହୁଏତ ଜାଣି ନ ଥାଇପାର ଯେ ସର୍ବୋତ୍ତମ କାର୍ଯ୍ୟଟି କ'ଣ ଓ ତାହାକୁ କିପରି କରାଯାଏ, କିନ୍ତୁ ଯେଉଁ ସର୍ବୋତ୍ତମ କର୍ତ୍ତବ୍ୟଟି କରାଯାଇପାରେ ତାହା ହେଲା, ତୁମର ଇଚ୍ଛାକୁ ଭଗବାନଙ୍କ ବିଚାର ପାଖରେ ଛାଡ଼ିଦେବ । ତୁମେ ଦେଖିବ ଯେ ଏହା ଦ୍ୱାରା ଚମତ୍କାର ଫଳ ମିଳୁଛି । ସଚେତନ ଭାବେ, ନିଷ୍ଠାପର ଭାବେ ଓ ଧୈର୍ଯ୍ୟର ସହିତ ଏଥିପାଇଁ ପ୍ରୟାସ କର । ତୁମେ ଦେଖିବ, ଏହା ଦ୍ୱାରା କି ବିରାଟ ଉପଲବ୍ଧି ହେଉଛି । କଥାଟି ଏତିକି, ଓ ଏଇଆ, ନୁହେଁ କି ? ତୁମେ ତୁମର ସମସ୍ତ ଆତ୍ମଶକ୍ତି ଓ ତୁମର ସମସ୍ତ ସଂକଳ୍ପଶକ୍ତି ନେଇ କାର୍ଯ୍ୟ କର । ପ୍ରତିଟି ମୁହୂର୍ତ୍ତରେ ଯାହା ସର୍ବାଧିକ ସମ୍ଭବ ତାହା କର – ଯାହା ସର୍ବୋତ୍କୃଷ୍ଟ ତାହା କର । ଅନ୍ୟମାନେ କ'ଣ କରୁଛନ୍ତି, ସେଥିରେ ତୁମର କିଛି ଯାଏ ଆସେ ନାହିଁ । ଏହା ଏପରି କଥା ଯେ, ମୁଁ ତୁମକୁ ବାରଂବାର ଏଇ ଗୋଟିକ କଥା କହିବାକୁ ସମର୍ଥ ହେବି ନାହିଁ ।

# ନିଜ ସଂକଳ୍ପକୁ ଅର୍ପଣ କର

ତୁମ ମନରେ ଏକ ସଂକଳ୍ପ ହେଲା – ତୁମେ ତାକୁ ଈଶ୍ୱରଙ୍କ ନିକଟରେ ଅର୍ପଣ କର । ରାତ୍ରିରେ ସଚେତନ ହେବା ପାଇଁ ତୁମ ସଂକଳ୍ପକୁ ଉଦାହରଣ ସ୍ୱରୂପ ନିଅ । ତୁମେ ଯଦି ନିଷ୍କ୍ରିୟ ସମର୍ପଣର ମନୋଭାବ ନିଅ ତେବେ ତୁମେ କହିବ – ‘‘ଯେବେ ଭଗବାନ ଚାହିଁବେ ମୁଁ ସଚେତନ ହୁଏ ବୋଲି ତେବେ ମୁଁ ସଚେତନ ହେବି ।’’ ଅନ୍ୟ ପକ୍ଷରେ, ତୁମେ ଯଦି ତୁମର ନିଜ ସଂକଳ୍ପଟିକୁ ଈଶ୍ୱରଙ୍କୁ ସମର୍ପଣ କରିଦିଅ, ତୁମେ ସଂକଳ୍ପ କରିବା ଲାଗି ଆରମ୍ଭ କରି ଦେଇଥାଅ, ତୁମେ କହିବ – ‘‘ମୁଁ ମୋ ରାତ୍ରିଗୁଡ଼ିକ ସମ୍ବନ୍ଧେ ସଚେତନ ହେବି ।’’ ଏତେବେଳେ ଏହା ତୁମର ପ୍ରକୃତ ସଂକଳ୍ପ ହେଲା । ଏତେବେଳେ ଆଉ ତୁମେ ଅଳସୁଆଙ୍କ ପରି ନିଷ୍କ୍ରିୟ ହୋଇ ବସିଗଲନି କି ଅପେକ୍ଷାରେ ରହିଲନି । ସେତିକିବେଳେ ତୁମେ ପ୍ରକୃତ ସମର୍ପଣ କରିଥାଅ, ଯେତେବେଳେ ତୁମେ କହିଥାଅ – ‘‘ମୁଁ ମୋର ସଂକଳ୍ପକୁ ଭଗବାନଙ୍କୁ ଦେଲି । ମୁଁ ଗଭୀର ଭାବେ ଚାହେଁ ଯେ ମୁଁ ମୋ ରାତିଗୁଡ଼ିକ ସମ୍ବନ୍ଧେ ସଚେତନ ହେବି । କିନ୍ତୁ ମୋର ଏ ସମ୍ବନ୍ଧେ କିଛି ଜ୍ଞାନ ନାହିଁ । ଭଗବାନଙ୍କ ଇଚ୍ଛା ମୋ ଭିତରେ ଏହା ସମ୍ପାଦନ କରୁ ।’’ ତୁମର ସଂକଳ୍ପ ଏହି ଦିଗରେ କ୍ରିୟାଶୀଳ ହେବାରେ ଅବ୍ୟାହତ ରହିବ, କିନ୍ତୁ ତା’ମାନେ ନୁହଁ ଯେ, ତୁମେ ଗୋଟିଏ ବିଶେଷ କାର୍ଯ୍ୟ କରି ବସିବ କିଂବା ଗୋଟିଏ କିଛି ବିଶେଷ ବସ୍ତୁ ଦାବିକରି ବସିବ, କିନ୍ତୁ ଏହା ହେବ ଏକ ତୀବ୍ର ଅଭୀପ୍ସା ଯାହାକି ଲକ୍ଷ୍ୟ ଦିଗରେ ଏକାଗ୍ର ହୋଇଥାଏ । ଏହାହିଁ ପ୍ରଥମ ସୋପାନ ।

# ଅନ୍ୟମାନଙ୍କ ଭିତରେ ଦିବ୍ୟ-ସଂକଳ୍ପ

ଯଦି ତୁମେ ଦୃଢ଼ ଭାବରେ ପ୍ରୟାସ କର, ତେବେ ତୁମେ ଈଶ୍ୱରଙ୍କ ସଂକଳ୍ପକୁ ଅଧିକରୁ ଅଧିକ ପରିଚ୍ଛନ୍ନ ଭାବେ ଦେଖିପାରିବ । କିନ୍ତୁ ଏହା କ'ଣ ତାହା ଦେଖିବା ବା ବୁଝିବା ପୂର୍ବରୁ ତୁମେ ତୁମର ନିଜସ୍ୱ ସଂକଳ୍ପକୁ ଈଶ୍ୱରଙ୍କ ପାଖରେ ସମର୍ପଣ କରିପାରିବ । ତା'ହେଲେ ତୁମେ ଦେଖିବ ଯେ, ତୁମେ ଠିକ୍ କାର୍ଯ୍ୟଟି କରିବା ଲାଗି ସବୁ ପ୍ରକାର ପରିସ୍ଥିତି ତୁମ ପାଇଁ ତିଆରି ହୋଇଯାଇଛି । କିନ୍ତୁ ମୁଁ ଜାଣିଥିବା ସେହି ଲୋକଟି ପରି ତୁମେ କେବେ କହିବ ନାହିଁ – ''ମୁଁ ସର୍ବଦା ଅନ୍ୟମାନଙ୍କଠାରେ ଈଶ୍ୱରଙ୍କ ସଂକଳ୍ପ ଦେଖିପାରେ'' । ଏପରି କଥା କିନ୍ତୁ ତୁମକୁ ଯେକୌଣସି ସ୍ଥାନରେ ପହଞ୍ଚାଇ ଦେଇପାରେ । ତୁମେ ଅନ୍ୟଠାରେ ଈଶ୍ୱରଙ୍କ ସଂକଳ୍ପକୁ ଦେଖିପାରୁଛ ବୋଲି ଭାବିବାଠାରୁ ଅଧିକ ବିପଜ୍ଜନକ କଥା ତୁମ ପାଇଁ ଆଉ ନାହିଁ । କାରଣ, ଏ କ୍ଷେତ୍ରରେ ତୁମେ ନିଶ୍ଚିତ ଭାବେ ଅନ୍ୟ ଲୋକଟିର ସଂକଳ୍ପକୁ କାର୍ଯ୍ୟକାରୀ କରିବସିବ – ଈଶ୍ୱରଙ୍କ ସଂକଳ୍ପକୁ ନୁହେଁ । ଆମେ ଏ କ୍ଷେତ୍ରରେ ମଧ୍ୟ କହିପାରୁ ଯେ, ବହୁ ବହୁ ମଣିଷଙ୍କ ଭିତରେ ଜଣେ ସୁଦ୍ଧା ଈଶ୍ୱରଙ୍କ ସଂକଳ୍ପ ଅନୁଯାୟୀ କାର୍ଯ୍ୟ କରେ ନାହିଁ ।

ତୁମେ ସେହି ପାଗଳା ହାତୀ ଓ ତା'ର ମାହୁନ୍ତଟିର ଗଳ୍ପ ଶୁଣିଥିବ । ପାଗଳାହାତୀଟି ଯିବା ବାଟରେ ଲୋକଟିଏ ଠିଆ ହୋଇ ରହିଲା । ବାଟ ଛାଡ଼ିଲାନି । ମଝିରାସ୍ତାରେ ଠିଆହୋଇ ସେ ହାତୀର ମାହୁନ୍ତକୁ କହିଲା – ''ଈଶ୍ୱର ମୋ ଭିତରେ ଅଛନ୍ତି ଏବଂ ସେ ଇଚ୍ଛା କରୁଛନ୍ତି ଯେ ମୁଁ ଯେମିତି ଏ ରାସ୍ତାରୁ ନ ଘୁଞ୍ଚିବି ।'' ହାତୀର ମାହୁନ୍ତଟି ଥିଲା ଜଣେ ରସିକ ବ୍ୟକ୍ତି । ସେ କହିଲା – ''କିନ୍ତୁ ଈଶ୍ୱର ହାତୀ ଭିତରେ ବି ଅଛନ୍ତି । ଏବଂ ସେ ଚାହୁଁଛନ୍ତି ତୁମେ ରାସ୍ତା ମଝିରୁ ହାତୀ ଆଗରୁ ଉଠିଯାଅ !''

# ସଠିକ୍ ମନୋଭାବ

ମୋର ଜଣେ ଭଦ୍ରମହିଳାଙ୍କ ସଙ୍ଗେ ଜଣାଶୁଣା ଥିଲା । ସେ ଥିଲେ ଜଣେ ପରଲୋକତତ୍ତ୍ୱ ଶିକ୍ଷାର୍ଥିନୀ । ସେ ଦିନେ ମୋତେ କହିଲେ – ''ଆମକୁ ଶିକ୍ଷା ଦିଆଯାଇଛି କି, ଆମର ସମସ୍ତ କର୍ମ ଉପରେ ଈଶ୍ୱରଙ୍କ ଇଚ୍ଛା କାର୍ଯ୍ୟ କରିବା ଉଚିତ । ସକାଳେ ମୁଁ ଯେତେବେଳେ ମୋର ଜଳଖିଆ ଖାଇବସେ, ସେତେବେଳେ ମୁଁ କିପରି ଜାଣିବି ଯେ ଈଶ୍ୱର ମୁଁ ମୋ କଫିରେ ଦୁଇ ଚାମୁଚ ଚିନି ଖାଇବି ବୋଲି ଚାହୁଁଛନ୍ତି କି ଚାମୁଚେ ଚିନି ଖାଇବି ବୋଲି ଚାହୁଁଛନ୍ତି ?''... କଥାଟି ମୋତେ ବେଶ୍ ସ୍ପର୍ଶ କଲା – ବୁଝିଲ ? ମୁଁ ବହୁ କଷ୍ଟରେ ତାକୁ ବୁଝାଇଲି ଯେ, ଯେଉଁ ମାନସିକତା ବା ମିଜାଜ୍ ନେଇ ସେ ତା'ର କଫି ପିଇଲା, ଖାଦ୍ୟ ପ୍ରତି ତା'ର ଯେଉଁ ମନୋଭାବ ଥିଲା, ତାହାହିଁ ତା' ପକ୍ଷରେ ଅଧିକ ଗୁରୁତ୍ୱପୂର୍ଣ୍ଣ । କଫିରେ କେତେ ଚାମୁଚ ଚିନି ଖାଇବ, ସେଇଟା ଆଦୌ ବଡ଼ କଥା ନୁହଁ ।

ପ୍ରତି ମୁହୂର୍ତ୍ତରେ ତୁମେ ଯାହା କରୁଛ, ଯେଉଁ ଛୋଟ ଛୋଟ କାମ ବି କରୁଛ– ସେସବୁ ସମ୍ବନ୍ଧେ ମଧ୍ୟ ସେଇ ଏକାକଥା । ଈଶ୍ୱରଙ୍କ ଚେତନାଶକ୍ତି ମାନବିକ ଧାରାରେ କାର୍ଯ୍ୟ କରେ ନାହିଁ । ତୁମ କଫିରେ ତୁମେ କେତେ ଚିନି ଖାଇବ, ସେକଥା ସେ ସ୍ଥିର କରନ୍ତି ନାହିଁ । ଏହା ତୁମକୁ କ୍ରମେ କ୍ରମେ ତୁମେ କର୍ମ କରିବା ପଛରେ ତୁମର ମନୋଭାବକୁ ସଜାଡ଼ି ଦେଉଥାଏ । ତୁମକୁ ଦିଏ ଏକ ତ୍ୟାଗ ତିତିକ୍ଷାର ମନୋଭାବ, ଏକ କୋମଳ ନମନୀୟତାର ମନୋଭାବ – ଏବଂ ତୁମ ଭିତରେ ସୃଷ୍ଟି କରେ ଊର୍ଦ୍ଧ୍ୱକୁ ଉଠିବାର ସଂକଳ୍ପ, ଅଭୀପ୍ସା । ଏହା ମଧ୍ୟ ତୁମ ମନ ଓ ହୃଦୟରେ ଭରିଦିଏ ଶୁଭାଭିଳାଷ, ନମନୀୟତା, ଅଗ୍ରଗତି ପାଇଁ ପ୍ରୟାସ ଓ ଉତ୍ସାହ । ଏହାହିଁ ହେଉଛି ଦିବ୍ୟ-ସଂକଳ୍ପ ପାଇଁ ସଠିକ୍ ମନୋଭାବ । ପ୍ରତିଟି ମୁହୂର୍ତ୍ତରେ ଛୋଟ ଛୋଟ ସିଦ୍ଧାନ୍ତଗୁଡ଼ିକ ଅପେକ୍ଷା ଏଗୁଡ଼ିକ ହେଲା ଅଧିକ ଗୁରୁତ୍ୱପୂର୍ଣ୍ଣ ।

## ଉପଯୁକ୍ତ ମନୋଭାବ

ପ୍ରତିଟି ପରିସ୍ଥିତିରେ ଦେଖିବ, ତୁମ ପାଇଁ ଉପଯୁକ୍ତ ମନୋଭାବଟିଏ ରହିଛି । ସେ ପରିସ୍ଥିତିରେ ତୁମେ ଅନ୍ୟ ପ୍ରକାର ମନୋଭାବ ନ ରଖି ଭିତରର ସେଇ ଭାବଟିକୁ ଧରିରଖିବ । ତାକୁହିଁ ନିଜ ଅନ୍ତର ଭିତରେ ସ୍ଥାନ ଦେବ । ଏହା ନିର୍ଭର କରେ ଘଟନାଟି ଉପରେ ...

ସ୍ୱାଭାବିକ ଭାବେ ଏହା ସେଇ ଏକା କଥାକୁ ଫେରି ଆସେ । କଥା ହେଉଛି – ତୁମେ ଈଶ୍ୱରଙ୍କୁହିଁ ସ୍ମରଣ କରିବ ଏବଂ ତାଙ୍କରି ସେବାରେ ନିଜକୁ ଛାଡ଼ିଦେବ ଏବଂ ତାଙ୍କରି ଇଚ୍ଛାକୁ ନିଜ ଇଚ୍ଛା ବୋଲି ଗ୍ରହଣ କରିବ ।...

ଜଣେ ଯେତେବେଳେ ବିପର୍ଯ୍ୟସ୍ତ ବୋଧ କରେ, ଯେତେବେଳେ ତାକୁ ବହୁ କଥାରୁ ଗୋଟିଏ କଥାକୁ ବାଛି ନେବାକୁ ପଡ଼େ, ଯେତେବେଳେ ଜଣେ ବୁଝିପାରେ ନା କ'ଣ ତା'ର କର୍ତ୍ତବ୍ୟ – ଯେତେବେଳେ ତାକୁ ଦୁଇଟା ତିନିଟା ଚାରିଟା ସମ୍ଭାବ୍ୟ ସିଦ୍ଧାନ୍ତ ଭିତରୁ ଗୋଟାଏ ବାଛି ନେବାକୁ ପଡ଼ିବ, କିନ୍ତୁ ସେ କେଉଁଟାକୁ ବାଛି ନେଇପାରେ ନା, କେଉଁଟାକୁ ସବୁଠାରୁ ଠିକ୍ ବୋଲି ବୁଝି ପାରେନା, ସେତେବେଳେ ତାକୁ ଯଥାସମ୍ଭବ ନିଜ ଅନ୍ତରସ୍ଥ ଚୈତ୍ୟସତ୍ତା ସହିତ ସଂଯୋଗ ରଖିବାକୁ ପଡ଼ିବ, ନିଜ ଭିତରେ ଥିବା ଈଶ୍ୱରଙ୍କ ଉପସ୍ଥିତି ସହିତ ସଂଯୋଗ ରଖିବାକୁ ପଡ଼ିବ । ତା'ପରେ ତୁମ ସମସ୍ୟାଟି ତୁମେ ଏହି ଚୈତ୍ୟ ଚେତନା ଆଗରେ ଉପସ୍ଥାପିତ କରିବସିବ । ତାଙ୍କୁହିଁ ସତ୍ୟ ଆଲୋକ, ଯଥାର୍ଥ ସିଦ୍ଧାନ୍ତ ମାଗିବାକୁ ପଡ଼ିବ । ଈଶ୍ୱରଙ୍କ ଇଚ୍ଛା ଅନୁଯାୟୀ ତାକୁ ଶୁଣିବାକୁ ଚେଷ୍ଟାକର ଏବଂ ତାଙ୍କରିଠାରୁହିଁ ପ୍ରେରଣା ଲାଭ କର ।

ସବୁ କ୍ଷେତ୍ରରେ, ତୁମେ ଦେଖ, ଏଇଟାହିଁ ଉପଯୁକ୍ତ ମନୋଭାବ ।

# ଈଶ୍ୱରଙ୍କ ଇଚ୍ଛାକୁ କିପରି ଜାଣିବ

ପ୍ରଶ୍ନ : ଈଶ୍ୱରଙ୍କ ଇଚ୍ଛା କ'ଣ, ତାହା ଆମେ କିପରି ଜାଣିବା ?

ଉତ୍ତର : ତୁମେ ତାହା ଜାଣିପାରିବ ନାହିଁ, ତୁମେ କେବଳ ତାହା ଅନୁଭବ କରିପାରିବ । ଏବଂ ତାହା ଅନୁଭବ କରିବାକୁ ହେଲେ, ତୁମକୁ ଏପରି ଗଭୀର ଭାବେ ସଂକଳ୍ପ କରିବାକୁ ହେବ ଯେ, ଏପରି ନିଷ୍ପାପର ଭାବେ ତାହା ଚାହିଁବାକୁ ହେବ ଯେ, ତୁମର ସବୁ ପ୍ରତିବନ୍ଧକ ଉଭେଇଯିବ । ଯେତେବେଳ ଯାଏ ତୁମେ ତୁମର ଗୋଟାଏ ନିଜସ୍ୱ ଅଭିରୁଚିକୁ ଧରି ରଖିଥିବ, ତୁମର ଗୋଟାଏ କାମନାକୁ ଧରି ବସିଥିବ, କୌଣସି ଏକ ଆକର୍ଷଣକୁ ମନରୁ ଛାଡୁ ନ ଥିବ, କିଂବା କିଛି ଗୋଟାଏ ତୁମକୁ ଖୁବ୍ ଭଲ ଲାଗୁଥିବ – ଏସବୁ କିଛି ତୁମ ଓ ସତ୍ୟ ଭିତରେ ଗୋଟାଏ ପରଦା ପକାଇ ଦେବ । ତେଣୁ ପ୍ରଥମ କଥାଟି ହେଲା – ତୁମ ଚେତନା ଉପରେ ତୁମର ପ୍ରଭୁତ୍ୱ ଆଣିବା, ତୁମ ଚେତନା ଭିତରେ ଥିବା ସମସ୍ତ ପ୍ରତିକୂଳ ବୃତ୍ତିଗୁଡ଼ିକୁ ଶାସନ କରିବା ଓ ସଂଶୋଧନ କରିବା । ତା'ପରେ ତୁମେ ଚେଷ୍ଟା କରିବ, ଯେପରି ତୁମ ଭିତରେ ଥିବା କୌଣସି ଗତିବୃତ୍ତି ଯାହା ଆଦୌ ପରିବର୍ତ୍ତିତ ହେବାକୁ ଚାହେଁ ନାହିଁ – ସେଇଟିକୁ ପ୍ରତ୍ୟାଖ୍ୟାନ କରିବା ବା ନିଜ ପ୍ରକୃତି ଭିତରୁ ତାକୁ ବିତାଡ଼ିତ କରିବା । ତୁମର ଏହି ସାଧନାଟି ଚାଲୁରଖିବ, ଯେପର୍ଯ୍ୟନ୍ତ ତୁମ ଭିତରେ ସବୁକିଛି ସତ୍ୟକୁ ପରିପୂର୍ଣ୍ଣ ଭାବେ ଓ ସ୍ଥାୟିଭାବେ ପ୍ରତିଷ୍ଠିତ କରିବାରେ ସମର୍ଥ ନ ହୋଇଛି ।

ଏବଂ ଏକଥା ବି ଜାଣିରଖ ଯେ ଏସବୁ ପାଇଁ ତୁମେ କେବଳ ସଂକଳ୍ପ କରିଦେଲେ ଚଳିବ ନାହିଁ । କାରଣ, ବହୁ ସମୟରେ ଦେଖିବ ଯେ ତୁମେ ତୁମର ସେ ସଂକଳ୍ପଟିକୁ ଭୁଲିଯାଇଛ ।

ପ୍ରକୃତ କରଣୀୟ କଥାଟି ହେଲା – ତୁମ ସତ୍ତା ଭିତରେ ଅନିର୍ବାଣ ଅଗ୍ନି ଭଳି ତାହାକୁ ସର୍ବଦା ଜଳାଇ ରଖ । ଏବଂ ଯେତେବେଳେ ତୁମ ଭିତରେ କାମନାଟିଏ, ଅଭିରୁଚିଟିଏ ଜାଗିଉଠିଛି ବୋଲି ଜାଣିବ, କିଂବା କିଛିପ୍ରତି ଆକର୍ଷଣଟିଏ ତେଜି ଉଠୁଛି ବୋଲି ଜାଣିବ, ସେତେବେଳେ ସଙ୍ଗେ ସଙ୍ଗେ ତୁମେ ସେଇଟିକୁ ଏଇ ଆସ୍ପୃହାର ଅଗ୍ନି ଭିତରକୁ ନିକ୍ଷେପ କରିଦେବ ।

## ଈଶ୍ୱରଙ୍କ ଇଚ୍ଛା ଅଭ୍ରାନ୍ତ

ତୁମେ ପଚାରିବ – ଆମେ କିପରି ଜାଣିବା ଯେ ଈଶ୍ୱରଙ୍କ ଇଚ୍ଛାହିଁ ଆମକୁ କର୍ମ କରାଉଛି ? ଈଶ୍ୱରଙ୍କ ଇଚ୍ଛାକୁ ଚିହ୍ନିବା କଷ୍ଟକର ନୁହଁ । ଏହା ଅଭ୍ରାନ୍ତ । ଏହି ପଥରେ (ଯୋଗ ପଥରେ) ବହୁଦୂର ନ ଯାଇଥିଲେ ବି ତୁମେ ତାହା ଜାଣିପାରିବ । ତୁମକୁ କେବଳ ସେହି ଦିବ୍ୟ-ଇଚ୍ଛାର ସ୍ୱର ଶୁଣିବାକୁ ପଡ଼ିବ, ଏଇ ହୃଦୟ ଭିତରେ ସେଇ ଛୋଟ ସ୍ୱରଟି ରହିଛି । ଏହି ସ୍ୱରକୁ ଶୁଣିବାରେ ଥରେ ଅଭ୍ୟସ୍ତ ହୋଇଗଲା ପରେ, ଯେତେବେଳେ ତୁମେ ଈଶ୍ୱରଙ୍କ ଇଚ୍ଛା ବିରୋଧୀ କିଛି କରିବସିବ, ତୁମକୁ ଏକ ଅସ୍ୱସ୍ତି ବୋଧ ହେବ । ଆଉ, ଯଦି ତୁମେ ସେହି ଭୁଲବାଟରେ ତଥାପି ଚାଲ, ତା'ହେଲେ ତୁମକୁ ଭାରି ଗୋଳମାଳିଆ ଲାଗିବ ।... ଯଦି ତୁମେ କିଛି ଅବସାଦ ଅନୁଭବ କରୁଥାଅ, କିଂବା ଟିକିଏ ଅସ୍ୱସ୍ତି ଅନୁଭବ କରୁଥାଅ ତେବେ ସେଥିଲାଗି ଗୋଟାଏ ବସ୍ତୁଗତ କୈଫିୟତ ଦିଅ ନାହିଁ । ତୁମେ ଯେତେବେଳେ ଚୁପ୍ ହେବ ଏବଂ ଏହାର କାରଣ ଖୋଜି ବସିବ ସେତେବେଳେ ସଂପୂର୍ଣ୍ଣ ଭାବେ ସିଧାସଳଖ ଓ ନିଷ୍ଠାପର ଭାବେ ଚିନ୍ତାକର । ପ୍ରଥମେ ଦେଖିବ, ତୁମର ମନ ଏକ ଆପାତ ପ୍ରୀତିକର ଏବଂ ସୁନ୍ଦର କୈଫିୟତ୍‌ଟିଏ ତିଆରି କରି ବସିବ । ମନର ଏହି କୈଫିୟତ୍‌ଟିକୁ ଗ୍ରହଣ କର ନାହିଁ । ଏହାର ଊର୍ଦ୍ଧ୍ୱକୁ ଚାହଁ ଓ ପ୍ରଶ୍ନକର – ''ମୋର ଏହି ଗତିବୃତ୍ତି ପଛରେ କ'ଣ ଅଛି ? କାହିଁକି ମୁଁ ଏହା କରୁଛି ?'' ଶେଷରେ ତୁମେ ଆବିଷ୍କାର କରିବ ଯେ, ତୁମ ଭିତରେ ଗୋଟିଏ କୋଣରେ – ଛୋଟିଆ ଢେଉଟିଏ – ସାମାନ୍ୟ ଭୁଲ୍ ଗତିଟିଏ କିଂବା ସାମାନ୍ୟ ମିଥ୍ୟାଟିଏ ତୁମର ମନୋଭାବ ଭିତରେ ଲୁଚି ରହିଛି ଯାହାକି ତୁମକୁ ଏହି ଅସୁବିଧା ବା ଗୋଳମାଳ ଭିତରେ ପକାଇଛି ।

## ଈଶ୍ୱରଙ୍କ ଇଚ୍ଛାରେ ବଞ୍ଚ

ଜଣେ କିପରି ତା'ର ଇଚ୍ଛାକୁ ଈଶ୍ୱରଙ୍କ ଇଚ୍ଛାରେ ପରିବର୍ତ୍ତିତ କରିଦେଇ ପାରିବ ?

ବାସ୍ । ପ୍ରଥମେ ତୁମେ ଏହା ଚାହିଁବା ଉଚିତ । ତା'ପରେ ତୁମେ ଏକ ମହାନ୍ ଆସ୍ପୃହା ନିଜ ଭିତରେ ରଖିବା ଉଚିତ । ତା'ପରେ, ତୁମେ ଏହି ଆସ୍ପୃହାକୁ ଅନବରତ ନିଜ ଭିତରେ ଧରି ରଖିବ । ଯେକୌଣସି ବାଧାବିଘ୍ନ ଆସିଲେ ବି ତୁମେ ଯେପରି ଏହାକୁ ପରିତ୍ୟାଗ ନ କର । ତୁମେ ସଫଳତା ଲାଭ କରିବା ପର୍ଯ୍ୟନ୍ତ ଏହିପରି ଦୃଢ଼ ଅଭୀପ୍ସା କରି ଚାଲିଥିବ । ବାସ୍ – ଏତିକି ଯଥେଷ୍ଟ । ତା'ପରେ ଆଉ କେତୋଟି କଥା ମଧ୍ୟ ଆବଶ୍ୟକ । ଉଦାହରଣସ୍ୱରୂପ – କେବେ ସ୍ୱାର୍ଥପର ହେବ ନାହିଁ, କେବେ ସଂକୀର୍ଣ୍ଣମନା ହେବ ନାହିଁ, ନିଜର ଅଭିରୁଚିଗୁଡ଼ିକୁ ପ୍ରାଧାନ୍ୟ ଦେଇ ବଞ୍ଚିବ ନାହିଁ, କାମନା ବାସନା ରଖିବ ନାହିଁ, କୌଣସି କଥା ଉପରେ ମାନସିକ ମତାମତ ଦେବ ନାହିଁ, ଏହିପରି ଅନେକ କଥା ରହିଛି । ଏହା ଏକ ବେଶ୍ ଲମ୍ବା କାର୍ଯ୍ୟକ୍ରମ । କାରଣ, ଏଥିରେ ତୁମକୁ ତୁମର ନିମ୍ନପ୍ରକୃତିର ପରିବର୍ତ୍ତନ କରିବାକୁ ପଡ଼ିଥାଏ । ଏହାହିଁ ପ୍ରଥମ ସର୍ତ୍ତ ।

ନିଜର ବୁଦ୍ଧିଗତ ମନର ସମସ୍ତ ସୀମାକୁ ଭାଙ୍ଗିବାକୁ ହେଲେ, ନିଜ ପ୍ରାଣର ସମସ୍ତ କାମନା ବାସନାକୁ ଭାଙ୍ଗି ଦେବାକୁ ହେବ, ତୁମର ଦୈହିକ ପ୍ରକୃତିର ସମସ୍ତ ଅଭିରୁଚିକୁ ଭାଙ୍ଗି ଦେବାକୁ ହେବ । ତା'ପରେ ଯାଇ ତୁମେ ଈଶ୍ୱରଙ୍କ ଇଚ୍ଛା ସହ ସମ୍ବନ୍ଧିତ ହେବାକୁ ଆଶା କରିପାର । ତା'ପରେ, ତୁମେ ଯେ କେବଳ ଈଶ୍ୱରଙ୍କ ଇଚ୍ଛା ସହ ସମ୍ପର୍କରେ ଆସିବ ସେତିକି ନୁହେଁ, ପରନ୍ତୁ ତୁମେ ତାଙ୍କର ଇଚ୍ଛା ସହିତ ପୂର୍ଣ୍ଣାଙ୍ଗ ଭାବେ ଜୀବନ ଧାରଣ କରିବ । ତା'ମାନେ, ନିଜ ଭିତରେ ତୁମର ସମଗ୍ର ସତ୍ତା ଈଶ୍ୱରଙ୍କ ଇଚ୍ଛା ସହ ଏକ ହୋଇଯିବ, ସତ୍ତାର ଗୋଟିଏ ଅଂଶ ଯେପରି ଗୋଟିଏ ଆଡ଼କୁ, ଅନ୍ୟ କିଛି ଏକ ଅନ୍ୟ ଆଡ଼କୁ ଯାଉ ନ ଥିବେ । ତୁମେ ସମଗ୍ରଭାବେ ଗୋଟିଏ ଇଚ୍ଛା ମଧ୍ୟରେ ରହିଥିବ ।

## ବିଶ୍ୱାସ ରଖ

ଯାହା ସବୁଠାରୁ ଭଲ ତାହାହିଁ ଘଟିଥାଏ – ଏଥିରେ ବିଶ୍ୱାସ ରଖିବା ଉଚିତ । ହୁଏତ ବର୍ତ୍ତମାନ ଯାହା ଆମ ପାଇଁ ଘଟିଛି ବା ଘଟୁଛି ସେସବୁ ଆମକୁ ସର୍ବୋତ୍ତମ ବୋଲି ମନେ ନ ହୋଇପାରେ, କାରଣ ଆମ୍ଭେମାନେ ଅଜ୍ଞାନ, ଅନ୍ଧ ମଧ୍ୟ, କାରଣ ଆମେ କେଉଁ କଥାର ଫଳାଫଳ ବିଚାର କରିପାରୁନା – ଅତଃପର କ'ଣ ଘଟିବ, ସେକଥା ମଧ୍ୟ ଆମକୁ ଜଣା ନାହିଁ । କିନ୍ତୁ ଆମର ଏଇ ବିଶ୍ୱାସ ରହିବା ଉଚିତ ଯେ ଆମ ପାଇଁ ଘଟନାଟି ଯେପରି ଘଟୁ ନା କାହିଁକି, ଆମେ ଯଦି ଈଶ୍ୱରଙ୍କ ଉପରେ ଭରସା ରଖିଥିବା, ଯଦି ଆମେ ତାଙ୍କ ଉପରେ ଆମର ସବୁ ଦାୟିତ୍ୱ ଛାଡ଼ିଦେବା, ଯଦି ଆମେ ଈଶ୍ୱରଙ୍କୁ ଆମର ସବୁକିଛି ନିଷ୍ପତ୍ତି କରିବାକୁ ଛାଡ଼ିଦେବା, ତେବେ ଆମର ଜାଣିରଖିବା ଉଚିତ ଯେ, ଆମ ପାଇଁ ଯାହା ସର୍ବୋତ୍ତମ ତାହାହିଁ ଘଟୁଛି । ଏହା ଏକ ନିର୍ବିବାଦ ସତ୍ୟ । ତୁମେ ଯେତେ ପରିମାଣରେ ତାଙ୍କ ପାଖେ ନିଜକୁ ସମର୍ପଣ କରିଛ, ସେଇ ପରିମାଣରେ ତୁମେ ତା'ର ସର୍ବୋତ୍ତମ ଫଳ ପାଇବ । ଅବଶ୍ୟ, ତୁମେ କ'ଣ ଚାହଁ ବା ଭଲପାଅ ତା' ସହିତ ଏଇ ଈଶ୍ୱର-ପ୍ରଦତ୍ତ ଫଳ ସମାନ ନ ହୋଇପାରେ । ତୁମର ଅଭିରୁଚି ବା କାମନା ଅନୁସାରେ ଈଶ୍ୱର ତୁମକୁ ଫଳ ନ ଦେଇପାରନ୍ତି । କାରଣ ତୁମର କାମନା ବା ଅଭିରୁଚିଗୁଡ଼ିକ ଅନ୍ଧ : ଆଧ୍ୟାତ୍ମିକ ଦୃଷ୍ଟିରୁ ଯାହା ସର୍ବୋତ୍ତମ, ତୁମର ଅଗ୍ରଗତି ହେବା ପାଇଁ, ତୁମର ବିକାଶ ପାଇଁ, ତୁମର ଆଧ୍ୟାତ୍ମିକ ଉନ୍ନତି ପାଇଁ ଏବଂ ତୁମର ସତ୍-ଜୀବନ ପାଇଁ ଯାହା ସର୍ବୋତ୍ତମ ତାହାହିଁ ସେ ତୁମକୁ ଦେଇଥା'ନ୍ତି । ଏହା ସର୍ବଦା ସେହିପରି ହୋଇଥାଏ । ତେଣୁ ତୁମକୁ ଏହି ବିଶ୍ୱାସ ରଖିବାକୁ ହେବ । କାରଣ, ବିଶ୍ୱାସହିଁ ଈଶ୍ୱରଙ୍କ ପ୍ରତି ତୁମର ଭରସାର ପରିପ୍ରକାଶ । ଏବଂ ଏହି ବିଶ୍ୱାସହିଁ ତୁମକୁ ଈଶ୍ୱରଙ୍କ ପାଖେ ପୂର୍ଣ୍ଣ ଆତ୍ମ-ସମର୍ପଣ କରିବାକୁ ସାହାଯ୍ୟ କରେ । ତୁମେ ଯେତେବେଳେ ଏହା କରିଥାଅ, ତାହା ତୁମ ପାଇଁ ଅତି ଚମତ୍କାର ହୁଏ ।

# ଶିଶୁ ଭଳି ଭରସା ରଖ

''ମୋର ଯାହା ଆବଶ୍ୟକ, ତାହା ମୋତେ ଦିଆଯିବ : ମୁଁ ଯଦି ପ୍ରାର୍ଥନା କରେ, ମୋତେ ଉତ୍ତର ମିଳିବ : ଯଦି ମୁଁ କିଛି ଆପଦ ବିପଦରେ ପଡ଼ି ସାହାଯ୍ୟ ପ୍ରାର୍ଥନା କରେ, ତେବେ ମୋ ପାଇଁ ସେହି ସାହାଯ୍ୟ ଆସିବ – କେବଳ ଆସିବ ନାହିଁ, ତାହା ମଧ୍ୟ ମୋର ସବୁକିଛିକୁ ପରିଚାଳିତ କରିବ ।'' ଈଶ୍ୱରଙ୍କ ଉପରେ ଯଦି ତୁମର ଏହିଭଳି ଭରସା ରହେ, ଆଉ ତୁମର ଏଇ ଭରସା ଯଦି ସ୍ୱତଃସ୍ଫୂର୍ତ୍ତ ହୋଇଥାଏ, ସରଳ ହୋଇଥାଏ, ଆଉ ତୁମ ମନରେ ଯଦି କିଛି ସନ୍ଦେହ ନ ଥାଏ, ତାହାହେଲେ ସବୁକିଛି ଅପେକ୍ଷା ଏହି ଈଶ୍ୱର-ଭରସାହିଁ ବେଶୀ କାର୍ଯ୍ୟ କରିଥାଏ ଏବଂ ତା'ର ଫଳ ମଧ୍ୟ ଚମତ୍କାର ହୋଇଥାଏ । କେବଳ ମନର ସନ୍ଦେହ ଓ ପରସ୍ପର ବିରୋଧୀ ଭାବନା ହିଁ ସବୁ କଥାକୁ ନଷ୍ଟ କରିଦିଏ । ଯଦି କେହି ଆପଦ ସଂକଟ ଭିତରେ ଥାଇ ଏହିପରି ଧାରଣା କରୁଥାଏ – ''ଓଃ ! ଏହା ଅସମ୍ଭବ । ମୁଁ କୌଣସି ପ୍ରକାରେ ଏଥିରୁ ନିଷ୍କୃତି ପାଇପାରିବି ନାହିଁ । ଯଦି ମୋର ଏହି ଦୁରବସ୍ଥା ବଢ଼ି ବଢ଼ି ଯାଏ, ମୁଁ ଚାହୁଁ ନ ଥିବା ଏହି ଦୁରବସ୍ଥା ଯଦି ଦିନକୁ ଦିନ ଆହୁରି ଖରାପରୁ ଖରାପ ଆଡ଼କୁ ଗତି କରେ, ଯଦି ଦୁର୍ଭାଗ୍ୟ ମୋତେ ଏମିତି ତଳକୁ ତଳକୁ ଖସାଇ ନିଏ, ଯଦି, ଯଦି, ଯଦି, ଯଦି ... ।'' ଏହିପରି ଦ୍ୱନ୍ଦ୍ୱାକୁଳ ଭାବନା ଦ୍ୱାରା ଜଣେ ଗ୍ରହଣ କରିବାକୁ ଚାହୁଁଥିବା ଈଶ୍ୱରଙ୍କ ଶକ୍ତି ଓ ତା' ନିଜ ଭିତରେ ଗୋଟାଏ କାନ୍ଥ ତିଆରି କରିଦିଏ । କିନ୍ତୁ ଚୈତ୍ୟସତ୍ତା ଏହିପରି ବିଶ୍ୱାସ ରଖିଥାଏ, ଅତି ଆଶ୍ଚର୍ଯ୍ୟଜନକ ଭାବେ ରଖିଥାଏ, ତା' ଭିତରେ କୌଣସି ସନ୍ଦେହର ଛାୟା ନ ଥାଏ, କୌଣସି ତର୍କ ବିଚାର ନ ଥାଏ, କୌଣସି ଦ୍ୱନ୍ଦ୍ୱ ମଧ୍ୟ ନ ଥାଏ । ଆଉ ତୁମର ଆସ୍ଥା ଓ ଭରସା ଯେତେବେଳେ ଏହିଭଳି ହୋଇଥାଏ, ସେତେବେଳେ ଏପରି କୌଣସି ପ୍ରାର୍ଥନା ନ ଥାଏ, ଯାହାର ଉତ୍ତର ଈଶ୍ୱରଙ୍କ ଆଡୁ ନ ଆସେ । ଏପରି କୌଣସି ଅଭୀପ୍ସା ମଧ୍ୟ ନ ଥାଏ, ଯାହା ବାସ୍ତବତାରେ ରୂପାୟିତ ହୁଏ ନାହିଁ ।

# ଆସ୍ପୃହା ମଧ୍ୟଦେଇ ବିଶ୍ୱାସ

ପ୍ରଶ୍ନ : ଜଣେ କ'ଣ ଆସ୍ପୃହା ଭିତର ଦେଇ ବିଶ୍ୱାସ ରଖିପାରେ ?

ଉତ୍ତର : କ'ଣ କହିଲ ? ଆସ୍ପୃହା ଭିତର ଦେଇ ବିଶ୍ୱାସ ? ହଁ ମୁଁ ତାହାହିଁ ଭାବେ । କାରଣ, ଖୁବ୍ କମ୍ ଲୋକଙ୍କର ବିଶ୍ୱାସ ସ୍ୱତଃସ୍ଫୂର୍ତ୍ତ ଭାବେ ଆସିଥାଏ । ଖୁବ୍ କମ୍ ଲୋକ ବିଶ୍ୱାସକୁ ନେଇ ଜନ୍ମିଥା'ନ୍ତି । ଖୁବ୍ କମ୍ ଲୋକଙ୍କର ସ୍ୱତଃସ୍ଫୂର୍ତ୍ତ ବିଶ୍ୱାସ ରଖିବାର ସୌଭାଗ୍ୟ ଥାଏ । କିନ୍ତୁ ଜଣେ ଯଦି ତା'ର ଆସ୍ପୃହାରେ ଖୁବ୍ ନିଷ୍ଠାପର ଥାଏ, ତେବେ ସେ ତାହା ପାଇଥାଏ । ଆସ୍ପୃହା ସବୁକିଛି ନେଇଆସି ପାରେ, କିନ୍ତୁ ସେଥିପାଇଁ ସେହି ଆସ୍ପୃହା ନିଷ୍ଠାପର ଓ ଅବିରତ ହେବା ଉଚିତ । ଜଣକର ଅନ୍ତର ଭିତରେ ବିଶ୍ୱାସର ଖୁବ୍ କ୍ଷୁଦ୍ର ଉପାଦାନଟିଏ ସର୍ବଦା ରହିଥାଏ । ହୁଏତ ସେହି ବିଶ୍ୱାସ ତା'ର ପିତାମାତାଙ୍କଠାରୁ ଶୁଣିଥିବା କଥା ଉପରେ କିଂବା ପଢ଼ିଥିବା କୌଣସି ପୁସ୍ତକର କଥା ଉପରେ ଆଧାରିତ ହୋଇଥାଇ ପାରେ । ମୋଟ ଉପରେ ତୁମର ସବୁପ୍ରକାର ଶିକ୍ଷା ଏହିପ୍ରକାର ଏକ ବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇଛି । ଯେଉଁମାନେ ତୁମକୁ ଶିକ୍ଷା ଦେଇଛନ୍ତି, ସେମାନେ ତୁମକୁ କେତେକ କଥା କହିଛନ୍ତି । ତୁମେ ସେସବୁକୁ ବିନା ପ୍ରଶ୍ନରେ ମାନି ନେଇଛ । କାରଣ, ତୁମେ ସେତେବେଳେ ପିଲା ଥିଲ ଏବଂ ତୁମର କିଛି ଅଭିଜ୍ଞତା ନ ଥିଲା । କିନ୍ତୁ ସେମାନଙ୍କ କଥା ଉପରେ ତୁମର ବିଶ୍ୱାସ ଥିଲା ଏବଂ ସେହି ବିଶ୍ୱାସ ଧରି ତୁମେ ଆଗକୁ ଆଗକୁ ଚାଲି ଆସିଛ । ତେଣୁ ପ୍ରତି ଲୋକ ଭିତରେ ବିଶ୍ୱାସର କ୍ଷୁଦ୍ର ଉପାଦାନଟିଏ ଆଗରୁ ରହିଥାଏ ଏବଂ ଜଣେ ନିଜ ଆସ୍ପୃହା ଦ୍ୱାରା ତାହାକୁ ବଢ଼ାଇପାରେ ।

# ବିଶ୍ୱାସକୁ ଜଗି ରଖ

ଜଣେ ଯଦି ଜଡ଼ ନିଷ୍କ୍ରିୟ ହୋଇ ବସେ, ଆଉ କୁହେ – ''ଯଦି ମୋର ବିଶ୍ୱାସ ହେବା କଥା, ତେବେ ତାହା ମନକୁ ମନ ମୋ ଭିତରେ ଉଦୟ ହେବ, ଭଗବାନ ମୋତେ ସେ ବିଶ୍ୱାସ ଦେବେ।'' ଏହା ହେଲା ଏକ ଅଳସୁଆ ମନୋଭାବ – ଏହା ଅଚେତନା ଓ ପ୍ରାୟ ଏକ ମନ୍ଦ ଇଚ୍ଛା ମଧ୍ୟ ।

ତୁମର ଅନ୍ତରରେ ଅଗ୍ନିକୁ ଜାଳି ରଖିବାକୁ ହେଲେ, ତୁମକୁ ସର୍ବଦା ତାକୁ ସମିଧ (ଜାଳେଣି) ଯୋଗାଇବାକୁ ପଡ଼ିବ । ତୁମକୁ ସର୍ବଦା ସେ ଅଗ୍ନି ଉପରେ ଆଖି ରଖିବାକୁ ହେବ । ତୁମ ଭିତରେ ଯେତେସବୁ ଭ୍ରମ ପ୍ରମାଦ ଭୁଲ୍‌ଭ୍ରାନ୍ତି ରହିଛି, ସେଗୁଡ଼ିକୁ ଅନବରତ ସେହି ଅଗ୍ନି ଭିତରେ ଜାଳେଣି ରୂପେ ନିକ୍ଷେପ କରିବାକୁ ହେବ । ଯେଉଁଗୁଡ଼ିକୁ ତୁମେ ଛାଡ଼ିବାକୁ ଚାହଁ, ଯାହାସବୁ ତୁମର ଅଗ୍ରଗତିକୁ ବିଳମ୍ବିତ କରୁଥାଏ, ଯାହାସବୁ ତୁମ ବାଟକୁ ଅନ୍ଧାରିଆ କରୁଛି, ସେସବୁକୁ ତୁମେ ତୁମର ସେହି ଅନ୍ତରସ୍ଥ ଅଗ୍ନି ଭିତରକୁ ନିକ୍ଷେପ କର । ଜଣେ ଯଦି ଅଗ୍ନିରେ ଇନ୍ଧନ ନ ଯୋଗାଏ ତେବେ ତୁମର ଅଚେତନା ଓ ଜଡ଼ତାର ପାଉଁଶ ତଳେ ତାହା କୁହୁଳିବାକୁ ଲାଗିବ । ଏବଂ ତା'ପରେ ତୁମ ଲକ୍ଷ୍ୟରେ ପହଞ୍ଚିବା ପାଇଁ ତୁମକୁ କେତେ ବର୍ଷ ନୁହେଁ, କେତେ ଜନ୍ମ, କେତେ ଶତାବ୍ଦୀ ମଧ୍ୟ ବିତିଯିବ ।

ଜଣେ ଯେପରି **ଅନନ୍ତଭାବେ** ମୂଲ୍ୟବାନ୍ କିଛି ଗୋଟାଏର ଜନ୍ମକୁ ସତର୍କ ହୋଇ ଜଗି ରହିଥାଏ, ତୁମେ ସେହିପରି ତୁମର ବିଶ୍ୱାସକୁ ଖୁବ୍ ଯତ୍ନର ସହିତ ଜଗି ରହିବ । ତାକୁ ସବୁପ୍ରକାର ବିନଷ୍ଟି ହାତରୁ ରକ୍ଷା କରି ଚାଲିଥିବ ।

ମୂଳରୁ ଯେତେବେଳେ ସବୁକିଛି ଥିଲା ଅଜ୍ଞାନ ଆଉ ଅନ୍ଧକାରରେ ପରିପୂର୍ଣ୍ଣ, ଭଗବାନଙ୍କ ଶକ୍ତି ସେତେବେଳେ ପ୍ରଥମ କରି ବିଶ୍ୱାସ ରୂପେ ପ୍ରକାଶିତ ହେଲା । ଏବଂ ସେହି ବିଶ୍ୱାସ ଏଠାକୁ ଆସିଲା ସଂଗ୍ରାମ କରିବାକୁ ଓ ଜୟ କରିବାକୁ ।

# ଭଗବତ୍ କୃପାର ସୀମା କେଉଁ ପର୍ଯ୍ୟନ୍ତ

ଈଶ୍ୱରଙ୍କ କୃପା ଉପରେ ତୁମର ଯେତେ ବଡ଼ ବିଶ୍ୱାସ ଥାଉପଛେ, ସବୁ ପରିସ୍ଥିତିରେ ତାଙ୍କ କୃପା କିପରି କାର୍ଯ୍ୟ କରୁଛି ତାହା ମଧ ତୁମେ ଦେଖିବାରେ ସକ୍ଷମ ହୋଇପାର – ପ୍ରତି ମୁହୂର୍ତ୍ତରେ, ଜୀବନର ପ୍ରତିଟି ସାନବଡ଼ କ୍ଷେତ୍ରରେ ତାଙ୍କ କୃପା କାର୍ଯ୍ୟକାରୀ ହେଉଥିବାର ମଧ ତୁମେ ପ୍ରତ୍ୟକ୍ଷ କରୁଥାଇପାର – କିନ୍ତୁ ତୁମେ କେବେହେଲେ ବି ଈଶ୍ୱରଙ୍କ କୃପା କି ବିପୁଳ ଭାବେ କାର୍ଯ୍ୟ କରୁଛି ତାହା ସମଗ୍ର ଭାବେ ବୁଝିବାକୁ ସମର୍ଥ ହୋଇପାରିବ ନାହିଁ । ସେହି ଦିବ୍ୟକୃପା ମଧ କି ନିର୍ଦ୍ଦିଷ୍ଟ ରୂପରେ କାର୍ଯ୍ୟ କରେ, କେତେ ସଠିକ ଓ ନିର୍ଭୁଲ ଭାବେ କାର୍ଯ୍ୟ କରେ – କେତେଦୂର ପର୍ଯ୍ୟନ୍ତ ଓ କିପରି ଭାବରେ କାର୍ଯ୍ୟ କରେ – କିପରି ଏହା ସବୁକିଛି ଘଟନାର ପଶ୍ଚାତରେ ସକ୍ରିୟ ରହିଥାଏ – କିପରି ଏହା ସବୁକଥାକୁ ସଂଗଠିତ କରୁଥାଏ – ସବୁ କଥାକୁ ପରିଚାଳନା କରୁଥାଏ – କିପରି ଏହା ଈଶ୍ୱର-ଉପଲବ୍ଧି ଆଡ଼କୁ ଯିବା ପାଇଁ ଆମକୁ ତ୍ୱରାନ୍ୱିତ କରୁଥାଏ – ଆମକୁ ଅଗ୍ରଗତି କରିବା ପାଇଁ ଆମର ସମସ୍ତ ପରିସ୍ଥିତିକୁ ସଜାଡ଼ି ସେଇ ଅଭିମୁଖୀ କରୁଥାଏ – ଆମକୁ ସଂପୂର୍ଣ୍ଣ ଭାବେ, ସମଗ୍ର ଭାବେ ଏବଂ ଯଥାସମ୍ଭବ ସୁସଙ୍ଗତ ଭାବେ ଏହି ବିଶ୍ୱପରିସ୍ଥିତି ଭିତରେ ଆମକୁ ଈଶ୍ୱରଙ୍କ ଆଡ଼କୁ ଟାଣି ନେଉଥାଏ – ସେକଥା ତୁମେ କେବେ ବି ଧରିପାରିବ ନାହିଁ ।

କିନ୍ତୁ ତୁମେ ଯେତେବେଳେ ସେହି କୃପା ସହିତ ସଂପର୍କିତ ହୋଇଯିବ, ସେତେବେଳେ ସମୟର ପ୍ରତିଟି ମୁହୂର୍ତ୍ତରେ ସ୍ଥାନର ପ୍ରତିଟି ବିନ୍ଦୁରେ ତୁମେ ତାଙ୍କର ଏହି ନିରବଚ୍ଛିନ୍ନ କୃପାର କାର୍ଯ୍ୟକୁ ଦେଖିପାରିବ, ଯଦିଓ ସେଥିରେ ତୁମର ଦୃଷ୍ଟି ଝଲସି ଯାଉଥିବ । ତୁମେ ସେତିକିବେଳେ ବୁଝିବ ଯେ ତୁମର ଓ ବିଶ୍ୱର ପ୍ରତିଟି ଘଟନାରେ କିପରି ପରମେଶ୍ୱରଙ୍କର କୃପା ନିରବଚ୍ଛିନ୍ନ ଭାବେ ହସ୍ତକ୍ଷେପ କରିଚାଲିଛି ।

# କୃପାର ଆବଶ୍ୟକତା – ୧

ପ୍ରଶ୍ନ : କୃତଜ୍ଞତାର ସହିତ କିପରି ଭଗବତ୍ କୃପାକୁ ଗ୍ରହଣ କରାଯାଇପାରେ ?

ଉତ୍ତର : ଆଃ ! ସର୍ବପ୍ରଥମେ ତୁମେ ତା'ର ଆବଶ୍ୟକତା ଅନୁଭବ କରିବା ଉଚିତ ।

ଏହାହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା । ନିଜ ଭିତରେ ଏକ ଆନ୍ତର ବିନମ୍ରତା ଅନୁଭବ କରିବାକୁ ହେବ ଏବଂ ସେହି ବିନମ୍ରତା ତୁମକୁ ସଚେତନ କରାଇ ଦେବ ଯେ ଭଗବାନଙ୍କ କୃପା ବିନା ତୁମେ କେତେ ଅସହାୟ । ସତକଥା – ତାଙ୍କ କୃପା ବ୍ୟତୀତ ତୁମେ ଅସମ୍ପୂର୍ଣ୍ଣ ଓ ଶକ୍ତିହୀନ ...

ଏହା ହେଲା ପ୍ରଥମ ସର୍ତ୍ତ । ତା'ପରେ ତୁମେ ଯଦି ଜାଣିବ ଯେ କେବଳ ଈଶ୍ୱର କୃପାହିଁ ତୁମକୁ ତୁମ ସଂକଟ ଭିତରୁ ପରିତ୍ରାଣ କରିପାରେ, ତୁମକୁ ସମାଧାନ ବତାଇ ଦେଇପାରେ, ତୁମକୁ ବିପଦର ଘେର ଭିତରୁ ବାହାରି ଆସିବା ଲାଗି ସାମର୍ଥ୍ୟ ଦେଇପାରେ, ସେହି ବେଳାରେ ଖୁବ୍ ସ୍ୱାଭାବିକ ଭାବରେ ଏକ ଗଭୀର ଆସ୍ପୃହା ତୁମ ଭିତରେ ଜାଗିଉଠେ – ତୁମ ଭିତରେ ଚେତନାର ଏକ ଦ୍ୱାର ଖୋଲିଯାଏ । ଯଦି ତୁମେ ଡାକ, ଆସ୍ପୃହା କର, ଏବଂ ଯଦି ତୁମେ ତାଙ୍କଠାରୁ ପ୍ରତ୍ୟୁତ୍ତର ପାଇବା ପାଇଁ ଆଶାକର, ତୁମେ ତେବେ ଖୁବ୍ ସ୍ୱାଭାବିକ ଭାବେ ତାଙ୍କ କୃପାପାଖେ ନିଜକୁ ଖୋଲି ଧରିବ ।...

କିନ୍ତୁ ଯେତେବେଳେ ତୁମେ ତୁମ ବାଧାବିଘ୍ନରୁ ମୁକ୍ତ ହୋଇଗଲ, ଏବଂ ବିପଦର ଘେର ଭିତରୁ ମୁକୁଳିଗଲ – ସେତେବେଳେ କେବେ ବି ଭୁଲି ଯାଅନା ଯେ ତୁମେ କେବଳ ଈଶ୍ୱରଙ୍କ କୃପାବଳରୁହିଁ ସମସ୍ତ ବିପଦ ଓ ବାଧାବିଘ୍ନ ଭିତରୁ ରକ୍ଷା ପାଇପାରିଲ । କେବେ ଭାବ ନାହିଁ ଯେ ତୁମେ ତୁମ ବଳରେ ରକ୍ଷା ପାଇଲ ବୋଲି । କାରଣ, ଏହାହିଁ ହେଲା ଗୁରୁତ୍ୱପୂର୍ଣ୍ଣ ବିଷୟ ।

# କୃପାର ଆବଶ୍ୟକତା – ୨

ଅଧିକାଂଶ ଲୋକ ଯେତେବେଳେ ସେମାନଙ୍କ ଆପଦ ବିପଦ ସଂକଟ ବାଧାବିଘ୍ନର ଘେର ଭିତରୁ ମୁକୁଳିଯା'ନ୍ତି ସେତେବେଳେ ଖୁବ୍ ଦମ୍ଭର ସହିତ କହିଥା'ନ୍ତି – ''ଯାହାହେଉ, କୌଣସି ପ୍ରକାରେ ମୁଁ ମୋର ବିପଦ ଭିତରୁ ନିଜକୁ ସୁନ୍ଦର ଭାବେ ମୁକୁଳାଇ ଦେଇ ପାରିଲି ।''

ଏଇଠି ରହିଛି ଅସୁବିଧାଟି । ତା'ପରେ ତୁମେ ତୁମ ଘରର ଦ୍ୱାରଟିରେ ତାଲା ପକାଇ କିଳିଣି ଲଗାଇ ଦେଲ । ଦେଖ, ଏହାପରେ ତୁମେ ଆଉ କିଛି ଗ୍ରହଣ କରିପାରିବ ନାହିଁ । ତା'ପରେ ହୁଏତ, ତୁମକୁ ଆଉ ଥରେ ଏକ ଅଧିକ ଭୟଙ୍କର ମନସ୍ତାପ ଭୋଗିବାକୁ ପଡ଼ିବ, କିଂବା ତୁମର ଏହି ଆନ୍ତର ନିର୍ବୋଧତା ଦୂର ହେବା ପାଇଁ ତୁମକୁ ଆହୁରି ଏକ ଭୟଙ୍କର ଦୁର୍ବିପାକ ଭିତରେ ପଡ଼ିବାକୁ ହେବ – ତା'ପରେ ଯାଇ ତୁମେ ବୁଝିବ ଯେ ତୁମେ କିଛି କରିପାର ନାହିଁ । କାରଣ ତୁମେ ସଚେତନଭାବେ ବୁଝିବ ଯେ ତୁମର ପ୍ରକୃତରେ କିଛି ଶକ୍ତି ନାହିଁ, ସେତିକିବେଳେହିଁ ତୁମ ଭିତରେ ସାମାନ୍ୟ କିଛି ଖୋଲିବାକୁ ଆରମ୍ଭ କରିବ ଏବଂ ତୁମର କିଛି ନମନୀୟତା ମଧ୍ୟ ଆସିବ । କିନ୍ତୁ ଯେତେଦିନ ଯାଏ ତୁମେ ଭାବୁଥିବ ଯେ ତୁମେ ଯାହାସବୁ କରୁଛ, ତାହା ସବୁ ତୁମର କର୍ମ-କୌଶଳ ଉପରେ ନିର୍ଭର କରେ, ତୁମର ନିଜର କର୍ମକ୍ଷମତା ଉପରେ ନିର୍ଭର କରେ – ସେତେଦିନ ପର୍ଯ୍ୟନ୍ତ ତୁମେ କେବଳ ତୁମ ଅନ୍ତରର ଗୋଟିଏ ଦ୍ୱାର ବନ୍ଦ କରିଦେଇ ନ ଥାଅ, ତୁମେ ଗୋଟିଏ ପରେ ଗୋଟିଏ ଏମିତି ବହୁତ ଦ୍ୱାର ବନ୍ଦ କରି ଦେଇଥାଅ ଓ ସବୁଥିରେ କିଳିଣି ମଧ୍ୟ ଲଗାଇ ଦେଇଥାଅ । ତା'ପରେ ତୁମେ ତୁମର ଗୋଟିଏ ଦୁର୍ଗରେ ନିଜକୁ ବନ୍ଦିକରି ରଖ ଏବଂ ତା' ଭିତରକୁ କିଛି ପ୍ରବେଶ କରିପାରେ ନାହିଁ । ତାହାହିଁ ହୋଇଉଠେ ସବୁଠାରୁ ବଡ଼ ତ୍ରୁଟି । ଜଣେ ଶୀଘ୍ର ସବୁକିଛି ଭୁଲିଯାଏ । ଅତି ସ୍ୱାଭାବିକଭାବେ, ଜଣେ ତା' ନିଜ କ୍ଷମତାକୁ ନେଇ ସନ୍ତୁଷ୍ଟ ରହିଯାଏ ।

# ଈଶ୍ୱର-କୃପା ଓ ପାପୀ

ପ୍ରଶ୍ନ : ଜଣେ ପାପୀକୁ ଈଶ୍ୱର-କୃପା କିପରି ସାହାଯ୍ୟ କରେ ?

ଉତ୍ତର : ଏହା ପାପୀକୁ ପାପୀ ହେବାରେ ସାହାଯ୍ୟ କରେ ନାହିଁ ଅବଶ୍ୟ ! ଏହା ପାପୀକୁ ତା'ର ପାପପ୍ରବୃତ୍ତି ତ୍ୟାଗ କରିବାରେହିଁ ସାହାଯ୍ୟ କରିଥାଏ । ଅନ୍ୟ ଭାଷାରେ କହିଲେ, ଈଶ୍ୱରଙ୍କ କୃପା ପାପୀକୁ ଦୂରକୁ ଠେଲି ଦିଏ ନାହିଁ । ଏହା କହେ ନାହିଁ – ''ମୁଁ ତୋ ପାଇଁ କିଛି କରିବି ନାହିଁ ।'' ଏହି କୃପା ତାହାର ପାଖରେ ଥାଏ, ସବୁବେଳେ ଥାଏ, ଏପରିକି ସେ ଯେତେବେଳେ ପାପ କରୁଥାଏ, ସେତେବେଳେ ବି ତାକୁ ସେଇ ପାପରୁ ନିବର୍ତ୍ତାଇବାକୁ ତା' ପାଖେ ପାଖେ ଥାଏ । କିନ୍ତୁ ଏହା ତାକୁ ପାପରେ ପ୍ରବର୍ତ୍ତାଇବାକୁ ତା' ପାଖେ ନ ଥାଏ ।

ଦୁଇଟି କଥା ଭିତରେ ବହୁତ ପାର୍ଥକ୍ୟ ରହିଛି । କେତେକଙ୍କର ଧାରଣା ଯେ – ତୁ ଭାରି ଖରାପ । ''ମୁଁ ତୋର ଦାୟିତ୍ୱ ନେବି ନାହିଁ, ମୁଁ ତୋତେ ମୋ ପାଖରୁ ଦୂରକୁ ଫିଙ୍ଗି ଦେବି, ତୋ ପାଇଁ ଯାହା ଘଟିବାର କଥା ଘଟୁ, ମୋର ସେଥିରେ କିଛି ଯାଏ ଆସେନା ।'' ଈଶ୍ୱରଙ୍କର ପାପୀ ପ୍ରତି ଏହି ମନୋଭାବ ଥିବ ବୋଲି ଲୋକମାନେ ସାଧାରଣତଃ ଭାବିଥା'ନ୍ତି । ତୁମେ ଜାଣ କେହି କେହି କହୁଥା'ନ୍ତି – ''ଈଶ୍ୱର ମୋତେ ପରିତ୍ୟାଗ କରିଛନ୍ତି ।'' କିନ୍ତୁ ପ୍ରକୃତ କଥା ତା' ନୁହଁ । ତୁମେ ତାଙ୍କର କୃପାକୁ ଅନୁଭବ ନ କରିପାର, କିନ୍ତୁ ତାହା ସବୁବେଳେ ରହିଛି ଓ ରହିଥିବ । ଏପରିକି ମହାମହା ପାପୀ, ମହାମହା ଅପରାଧୀଙ୍କ ପାଖେ ପାଖେ ମଧ୍ୟ ବିଭୁ-କୃପା ସର୍ବଦା ରହିଥାଏ । ଏହି କୃପା ତାକୁ ପରିବର୍ତ୍ତନ କରିବାକୁ, ତାକୁ ତା'ର ଅପରାଧ ଓ ପାପରୁ ମୁକ୍ତ କରିବାକୁ ରହିଥାଏ ଯଦି ସେ ତହିଁରୁ ମୁକ୍ତ ହେବାକୁ ଚାହୁଁଥାଏ । ଏହା କେବେ ତାକୁ ପରିତ୍ୟାଗ କରିବ ନାହିଁ । କିନ୍ତୁ ଏହା ତାକୁ ପାପ କରିବାକୁ ସାହାଯ୍ୟ କରିବ ନାହିଁ । ତା'ହେଲେ, ତାହା ଆଉ ବିଭୁ-କୃପା ହୋଇରହିବ ନାହିଁ ।

# ବିଭୁ-କୃପା ଓ ମିଥ୍ୟାବୃତ୍ତି – ୧

ଈଶ୍ୱରଙ୍କ କୃପା ଆସିଯାଇଛି; ଏହା ସତ୍ୟକୁ ଉପଲବ୍ଧି କରିବାରେ ସାହାଯ୍ୟ କରିବ । କିନ୍ତୁ ଏହା ଉପରେ ମିଥ୍ୟା ଯେଉଁସବୁ ସର୍ତ୍ତ ଆରୋପ କରୁଛି ସେ ଯଦି ତାହାକୁ ଗ୍ରହଣ କରିନିଏ ତେବେ ସେ ଆଉ କିଛି କାର୍ଯ୍ୟ କରିପାରିବ ନାହିଁ । ଏହି ପ୍ରସଙ୍ଗରେ ମୁଁ ତୁମମାନଙ୍କୁ **ଅସଂଖ୍ୟ** ଉଦାହରଣ ଦେଇପାରିବି – ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଜିଦ୍ କରନ୍ତି ଯେ ସେମାନଙ୍କୁ ଯାହା ଭଲ ଲାଗେ ଘଟନାଗୁଡ଼ିକ ସେହିପରି ଘଟୁ । ସେମାନେ ପ୍ରାର୍ଥନା କରନ୍ତି, ଏପରିକି ବେଳେ ବେଳେ ଦାବି କରନ୍ତି ଯେ ଘଟନାଗୁଡ଼ିକ ସେହିପରି ଘଟୁ । ଏବଂ ସେମାନେ ଯାହା ଇଚ୍ଛା କରନ୍ତି, ତାହା ସମ୍ପୂର୍ଣ୍ଣଭାବେ ସତ୍ୟର ବିପରୀତ ବିଷୟ । ଆଉ ଦେଖ, ଯଦି ବିଭୁକୃପା ସେମାନଙ୍କ ଦାବି ଅନୁଯାୟୀ କାର୍ଯ୍ୟ କରେ, ତେବେ ତାହା ତା'ର ଉଦ୍ଦେଶ୍ୟ ସାଧନର ବିରୋଧରେ ଯିବ ଓ  ତା'ର ଉଦ୍ଦେଶ୍ୟ ବ୍ୟର୍ଥ ହୋଇଯିବ । ତା'ମାନେ, ବିଭୁ-କୃପା ତା' ନିଜ ଲକ୍ଷ୍ୟ ଓ କର୍ତ୍ତବ୍ୟର ବିରୁଦ୍ଧ କାମ କରିବସିବ । ସେହି କୃପା ଏଠାକୁ ଆସେ ସତ୍ୟକୁ ଉପଲବ୍ଧି କରିବା ପାଇଁ । ଯଦି ତାହା ମିଥ୍ୟାକୁ ମାନିନିଏ, ତେବେ ତାହା ସତ୍ୟକୁ ପଛରେ ପକାଇଦେବ । ଆଉ ଲୋକମାନେ କ'ଣ କରନ୍ତି ଜାଣ ? ସେମାନେ ରଥ ଆଗରେ ଘୋଡ଼ାଙ୍କୁ ନ ଯୋଚି, ଘୋଡ଼ାଙ୍କ ଆଗରେ ରଥକୁ ଯୋଚିଥା'ନ୍ତି । ଅଧିକାଂଶ ସମୟରେ ସେମାନେ ଏହା କରନ୍ତି ସେମାନଙ୍କ ଅଜ୍ଞାନ ଓ ନିର୍ବୋଧତା ହେତୁ । କିନ୍ତୁ କେବେକେବେ ଲୋକେ ସେମାନଙ୍କ ଅସଦିଚ୍ଛା ହେତୁ ସେମାନଙ୍କର ସର୍ତ୍ତ (କାମନାମୂଳକ) ପୂରଣ କରିବା ପାଇଁ ବିଭୁକୃପାକୁ ବାଧ କରିଥା'ନ୍ତି । ତଦ୍ଦ୍ୱାରା ସେମାନେ ଈଶ୍ୱରଙ୍କ ପାଖରେ ନିଜକୁ ସମର୍ପଣ କରି ତାଙ୍କ ସମର୍ପଣ ପାଇଁ ମୂଲ୍‌ଚାଲ୍ ବି କରିଥା'ନ୍ତି ।

## ବିଭୁକୃପା ଓ ମିଥ୍ୟାବୃତ୍ତି – ୨

ଏପରି ଲୋକ ଅଛନ୍ତି, ଯେଉଁମାନେ କି ଭଗବାନଙ୍କୁ କହନ୍ତି – ''ହେ ଭଗବାନ୍ ! ତୁମେ ଯଦି ଏପରି କିଂବା ସେପରି ହୋଇଥାଅ, ଯଦି ତୁମେ ମୋର ଦେଇଥିବା ସର୍ତ୍ତଗୁଡ଼ିକ ମଞ୍ଜୁର କରିବ, ତା'ହେଲେ ମୁଁ ତୁମ ପାଦତଳେ ମଥା ନତ କରିବି ଓ ତୁମର ଆଜ୍ଞା ପାଳନ କରିବି !'' ଅବଶ୍ୟ ସେମାନେ ମୋ କହିଲା ଭଳି ଢଙ୍ଗରେ କହନ୍ତି ନାହିଁ – କାରଣ ଏପରି ଭାବେ ଭଗବାନଙ୍କୁ ରୋକ୍‌ଠୋକ୍ କହିବା ହାସ୍ୟାସ୍ପଦ କଥା ହେବ । କିନ୍ତୁ ସେମାନେ ପ୍ରାୟ ସବୁବେଳେ ଭଗବାନଙ୍କୁ ଏହି ଭାବରେହିଁ କହିଥା'ନ୍ତି । ସେମାନେ କହନ୍ତି – ''ଓଃ ! ଭଗବାନ ହେଉଛନ୍ତି ଏହିପରି । ଭଗବାନ ଏଇସବୁ କଥା କରନ୍ତି । ସେ ମଧ୍ୟ ମୋର ପ୍ରାର୍ଥନା ଅବଶ୍ୟ ପୂରଣ କରିବେ ।'' ଏମାନେ ଏହିପରି ପ୍ରାର୍ଥନା କରିଚାଲିଥା'ନ୍ତି । କିନ୍ତୁ ସେମାନେ ଜାଣିପାରନ୍ତି ନାହିଁ ଯେ, ସେମାନେ ଏତଦ୍ୱାରା ଭଗବାନଙ୍କ ଉପରେ ସେମାନଙ୍କର ଧାରଣାସବୁକୁ ଲଦି ଦେଉଛନ୍ତି ଏବଂ ଭଗବାନ କ'ଣ ହେବା ଉଚିତ ଓ କ'ଣ କରିବା ଉଚିତ ସେ ସମ୍ପର୍କରେ ନିଜର ଇଚ୍ଛା ଓ କାମନାଗୁଡ଼ିକୁ ମଧ୍ୟ ଲଦି ଦେଉଛନ୍ତି । ତେଣୁ ଭଗବାନ ଯେତେବେଳେ ସେମାନଙ୍କ ମନୋବାଞ୍ଛା ପୂରଣ ନ କରନ୍ତି, କିଂବା ସେମାନଙ୍କ ସର୍ତ୍ତସବୁ ପାଳନ କରନ୍ତି ନାହିଁ – ସେତେବେଳେ ସେମାନେ ଭଗବାନଙ୍କୁ କହନ୍ତି – ''ତୁମେ ତା'ହେଲେ ଭଗବାନ୍ ନୁହଁ ।'' (ହାସ୍ୟ) ଏ ଅତି ସରଳ କଥା – ''ତୁମେ ମୋର ମନସ୍କାମନା ସବୁ ପୂରଣ କଲ ନାହିଁ – ତେଣୁ ତୁମେ ଭଗବାନ ନୁହଁ !'' ସବୁବେଳେ ସେମାନେ ଏମିତି କରୁଥା'ନ୍ତି – ବୁଝିଲ ? ତେଣୁ ଏହା ସ୍ୱାଭାବିକ ଯେ ଯଦି ଲୋକମାନଙ୍କୁ ସନ୍ତୁଷ୍ଟ କରିବାକୁ ଭଗବତ୍ କୃପା ସେମାନଙ୍କର ଦାବିଗୁଡ଼ିକୁ ମାନି ନିଅ ତେବେ ଏହା ପୂରାପୂରି ନିଜର ଉଦ୍ଦେଶ୍ୟ ବିରୋଧରେ କାର୍ଯ୍ୟ କରିବ ଏବଂ ନିଜର ପ୍ରକୃତ କାମଟିକୁ ବିନଷ୍ଟ କରିବ ।

## ବିଭୁ-କୃପା ସହ ଏକାତ୍ମତା

ଈଶ୍ୱରଙ୍କ କୃପାହିଁ ତୁମର ଅଗ୍ରଗତି କରାଏ – ଏବଂ ଏହି ଈଶ୍ୱର-କୃପା ଦ୍ୱାରାହିଁ ତୁମେ ଦିବ୍ୟ ଆନନ୍ଦ ଅନୁଭବ କର । କିନ୍ତୁ ତୁମେ ଏହି ଅଗ୍ରଗତିରେ ସାହାଯ୍ୟକାରୀ ଈଶ୍ୱର-କୃପା ସହ ଏକାତ୍ମ ହେବା ପରିବର୍ତ୍ତେ, ତୁମେ କ'ଣ କରନା, ତୁମେ ଛାଡ଼ିବାକୁ ଚାହୁଁଥିବା ସେହି କୁତ୍ସିତ ବିଷୟଟି ସହିତ ଏକାତ୍ମ ହୋଇଯାଅ । ଫଳରେ ସ୍ୱାଭାବିକ ଭାବେ ତୁମେ ଏପରି ଅନୁଭବ କରିଥାଅ ଓ ଦୁଃଖ କଷ୍ଟ ଭୋଗ କରିଥାଅ ।

ଯଦି ତୁମେ ସାମାନ୍ୟ ଟିକିଏ ସଚେତନ ହୁଅ, ତେବେ ଏହାକୁ ଏକ ପରୀକ୍ଷା ରୂପେ ଗ୍ରହଣ କରିପାର । ତୁମ ଭିତରେ ଏପରି କିଛି ଅଛି, କିଛି ଗୋଟିଏ ଖରାପ କଥା, ଯାହାକୁ ତୁମେ ଚାହଁ ନାହିଁ । କୌଣସି କାରଣରୁ ତୁମେ ସେଇ ଖରାପ କଥାଟିକୁ ଚାହଁ ନାହିଁ ଓ ତୁମ ଭିତରୁ ସେଇଟିକୁ ଦୂର କରିଦେବାକୁ ଚାହଁ । କିନ୍ତୁ ତୁମେ ଯଦି ଖୁବ୍ ସାମାନ୍ୟ ଅଂଶରେ ବି ସେଇ ଖରାପ କଥାଟି ସଙ୍ଗେ ସଂଯୁକ୍ତ ହୋଇ ରହିଥାଅ, ତା'ହେଲେ ସେଇ ଖରାପ କଥାଟିକୁ ତୁମ ପ୍ରକୃତିରୁ ଉତ୍ପାଟିତ କାଲାବେଳେ, ତୁମକୁ ନିଶ୍ଚୟ କଷ୍ଟ ହେବ । ଅନ୍ୟ ପକ୍ଷରେ ତୁମେ ଯଦି ଈଶ୍ୱରଙ୍କ ଶକ୍ତି ସହ ସଂପୃକ୍ତ ହୋଇଯାଅ, ଯେଉଁ ଶକ୍ତି ତୁମକୁ ମୁକ୍ତ କରିବାକୁ ଆସିଛି, ତା'ହେଲେ, ତୁମେ ଦିବ୍ୟକୃପାକୁ ନେଇ ଆନନ୍ଦ ଅନୁଭବ କରିବ । ଏବଂ ତୁମେ ତୁମର ଅଗ୍ରଗତି ପାଇଁ ମଧ୍ୟ ଗଭୀର ଆନନ୍ଦ ଅନୁଭବ କରିବ ।

ଏହା ତୁମ ପାଇଁ ଏକ ନିଶ୍ଚିତ ଲକ୍ଷଣ, ତୁମେ ପ୍ରକୃତରେ କାହା ସହିତ ଏକାତ୍ମ ହୋଇଛ ତାହାରି ଏକ ନିଶ୍ଚିତ ସୂଚନା । ଯଦି ତୁମେ ନିମ୍ନସ୍ତରର ଶକ୍ତିଗୁଡ଼ିକ ସହିତ ଏକାତ୍ମ ହୁଅ, ତୁମେ ନିଶ୍ଚୟ କଷ୍ଟ ପାଇବ । ତୁମେ ଯଦି ଊର୍ଦ୍ଧ୍ୱଗତ ଶକ୍ତି ସହ ସଂପୃକ୍ତ ହୋଇଯିବ, ତେବେ ତୁମେ ନିଶ୍ଚୟ ଆନନ୍ଦ ଅନୁଭବ କରିବ ।

# ସବୁ ନିର୍ଭର କରେ ତୁମ ମନୋଭାବ ଉପରେ

ଏପରି ଏକ ଅବସ୍ଥା ତୁମର ଆସିପାରେ, ଯେତେବେଳେ ତୁମେ ଉପଲବ୍ଧି କରିବ ଯେ, ସବୁକିଛିର ଫଳାଫଳ, ପରିସ୍ଥିତି, ଜୀବନର ଚେତନା ଉପରେ ସବୁକିଛି ଗତିବୃତ୍ତି ଓ କ୍ରିୟାକର୍ମ ଇତ୍ୟାଦି ସବୁକିଛି ନିର୍ଭର କରେ ସଂପୂର୍ଣ୍ଣ ଭାବେ ଏସବୁ ପ୍ରତି ତୁମର ମନୋଭାବ ଉପରେ । ଗୋଟିଏ ମୁହୂର୍ତ୍ତରେ ତୁମେ ଖୁବ୍ ସଚେତନ ଭାବେ ଉପଲବ୍ଧି କରିବ ଯେ କେଉଁ କଥା ବା ବସ୍ତୁ ତା' ନିଜ ଆଡ଼ୁ ଭଲ ନୁହେଁ କି ମନ୍ଦ ନୁହେଁ : ସେସବୁ କେବଳ ଆମ ସଂପର୍କରେ ଭଲ କି ମନ୍ଦ ହୋଇଥାଏ; ଆମର ସେମାନଙ୍କ ପ୍ରତି ମନୋଭାବ ଉପରେହିଁ ସେମାନେ ଆମ ଉପରେ ପ୍ରଭାବ ପକାଇଥା'ନ୍ତି । ସେଇ ଏକାକଥା, ଅବିକଳ ସେଇ ଏକା ବିଷୟ, ଯଦି ଆମେ ତାକୁ ଈଶ୍ୱରଙ୍କ ଦାନ ରୂପେ ଗ୍ରହଣ କରୁ, ଈଶ୍ୱରଙ୍କ କୃପା ରୂପେ ଗ୍ରହଣ କରୁ, ଆମର ସଂପୂର୍ଣ୍ଣ ସଂଗତିର ଫଳ ବୋଲି ମନେ କରୁ, ତେବେ ତାହାହିଁ ଆମକୁ ଅଧିକ ସଚେତନ, ଅଧିକ ଶକ୍ତିଶାଳୀ, ଅଧିକ ସତ୍ୟପରାୟଣ ହେବାରେ ସାହାଯ୍ୟ କରିଥାଏ । ଏବଂ ସେହି ଏକା ପରିସ୍ଥିତିକୁ ଯଦି ଆମେ ଭାଗ୍ୟର ବିପର୍ଯ୍ୟୟ ବୋଲି ମନେ କରୁ, ଯଦି ମନେକରୁ ଯେ ଆମେ ଏକ ଦୁଷ୍ଟଶକ୍ତିର ଶିକାର ହେବାକୁ ଯାଉଛୁ, ତେବେ ତାହା ଆମକୁ ବାନ୍ଧିପକାଏ, ତଳକୁ ତଳକୁ ଠେଲି ପକାଏ, ଏବଂ ଆମ ଭିତରୁ ସମସ୍ତ ଚେତନା, ସବୁ ବଳ ଏବଂ ଆମର ସମସ୍ତ ସଙ୍ଗତିବୋଧ ହରଣ କରିନିଏ । ଅଥଚ ଦୁଇଟିଯାକ କ୍ଷେତ୍ରରେ ପରିସ୍ଥିତି ଥିଲା **ଅବିକଳ** ଏକାଭଳି । ମୁଁ ଚାହୁଁଛି ତୁମର ଏପରି ଅଭିଜ୍ଞତା ହେବା ଉଚିତ । କାରଣ, ତା'ହେଲେ ଯାଇ ତୁମେ ତୁମର ପ୍ରଭୁ ହୋଇପାରିବ ।

# ମନ୍ଦ ଚିନ୍ତା

ଶ୍ରୀଅରବିନ୍ଦ କହନ୍ତି – ଜଣେ ଯାହାସବୁ ଭାବୁଥାଏ, ସେ ତାହାହିଁ ହୋଇଉଠେ । ସେ ଯେପରି ଚିନ୍ତା କରେ, ସେହି ଚିନ୍ତାହେତୁହିଁ ସେ ତାହା ହୋଇପାରେ । ଏହି ଜ୍ଞାନଟି ଆମକୁ ଏତିକି ଜଣାଉଛି ଯେ ଜଣେ ନିଜେ ଯାହା ହୋଇପାରିବ ବୋଲି ଯେଉଁସବୁ ଚିନ୍ତା କରେ ତାହା ହେଉଛି ତା'ର ବ୍ୟକ୍ତିସତ୍ତାର ବିକାଶ ପାଇଁ ଏକ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଚାବି ।...

ଏଥିରୁ ଆମେ ଏତିକି ବୁଝିଲୁ ଯେ ଯେଉଁସବୁ ଚିନ୍ତା ଆମର ଅଭୀପ୍ସାକୁ ନଷ୍ଟ କରେ, ଏବଂ ଯେଉଁସବୁ ଚିନ୍ତା ଆମ ସତ୍ତାରେ ସତ୍ୟର ସୃଷ୍ଟିକୁ ବ୍ୟାହତ କରେ, ସେସବୁ ଚିନ୍ତାକୁ କେବେ ବି ଆମେ ଆମ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେବା ନାହିଁ । ତୁମେ ଯାହା ହେବାକୁ ଚାହଁ ନାହିଁ କିଂବା ଯାହା କରିବାକୁ ଚାହଁ ନାହିଁ ସେସବୁ ସଂକ୍ରାନ୍ତୀୟ ଚିନ୍ତାକୁ ତୁମେ କେବେ ବି ନିଜ ଭିତରକୁ ଆସିବାକୁ ଦେବ ନାହିଁ – କିଂବା ସେସବୁ ଚିନ୍ତା ତୁମ ଅନ୍ତରରେ ଯେପରି ସଂଗଠିତ ରୂପ ନ ନିଏ, ସେସମ୍ବନ୍ଧେ ଖୁବ୍ ସଚେତନ ଓ ସକ୍ରିୟ ରହିବ । ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ବୋଲି ତୁମେ ଜାଣିରଖ । କାରଣ, ଏଇସବୁ ବିଷୟରେ ଚିନ୍ତା କରିବା ମାତ୍ରେ ତୁମ ଭିତରେ ସେଗୁଡ଼ିକର କାର୍ଯ୍ୟ ଆରମ୍ଭ ହୋଇଯାଏ । ତୁମେ ଯେଉଁ କଥା ଚାହଁ ନାହିଁ, ଯାହା ତୁମର ବର୍ଜନୀୟ, ଯାହା ତୁମେ ହେବାକୁ ଅସ୍ୱୀକାର କରୁଛ ସେ ସମ୍ବନ୍ଧେ ଏକାଗ୍ର ହେବା ସବୁ ଦୃଷ୍ଟିରୁ ଖରାପ କଥା ।...

କେବେ ବି ତୁମେ ମନ୍ଦଚିନ୍ତାଗୁଡ଼ିକୁ ତୁମ ଭିତରକୁ ପ୍ରବେଶ କରିବାକୁ ଦେବ ନାହିଁ । କେବେ ବି ଭାବିବ ନାହିଁ ଯେ ଏଗୁଡ଼ିକ କେବଳ ସାମାନ୍ୟ ନିରୀହ ଚିନ୍ତା ମାତ୍ର । ଅସଲରେ କିନ୍ତୁ ଏହି ଚିନ୍ତାଗୁଡ଼ିକହିଁ ସେସବୁର କାର୍ଯ୍ୟ ପାଇଁ ଉପକରଣ ହୋଇ ଉଠନ୍ତି । ଯଦି ତୁମେ ଏହି ମନ୍ଦ ଚିନ୍ତାଗୁଡ଼ିକ ତୁମ ଭିତରେ ଥିବା ଭଲ କଥାଗୁଡ଼ିକୁ ନଷ୍ଟ ନ କରନ୍ତୁ ବୋଲି ଚାହୁଁଥାଅ, ତେବେ କେବେ ବି ସେହି ମନ୍ଦ ଚିନ୍ତାଗୁଡ଼ିକୁ ନିଜ ଭିତରକୁ ଆସିବାକୁ ଦିଅ ନାହିଁ ।

# ଅପ୍ରୀତିକର ଚିନ୍ତା – ୧

ପ୍ରଶ୍ନ : ମା ! ବେଳେବେଳେ ଏଣୁତେଣୁ ଅପ୍ରୀତିକର ଚିନ୍ତାସବୁ ଆମ ମନ ଭିତରକୁ ପଶି ଆସନ୍ତି – ଆଉ ଆମକୁ ଗୋଳମାଳରେ ପକାଇ ଦିଅନ୍ତି । କିପରି ଆମେ ସେମାନଙ୍କ ଦାଉରୁ ରକ୍ଷାପାଇବୁ ?

ଉତ୍ତର : ସେଥିଲାଗି ବହୁ ଉପାୟ ଅଛି । ସାଧାରଣତଃ – କିନ୍ତୁ ଏହା ନିର୍ଭର କରେ ଲୋକଙ୍କ ଉପରେ – ସାଧାରଣତଃ ସବୁଠାରୁ ସହଜ ଉପାୟଟି ହେଲା, ସେତେବେଳେ ତୁମେ ଅନ୍ୟ ବିଷୟରେ ଚିନ୍ତା କରିବ । ତା'ହେଲା, ତୁମେ ଅନ୍ୟ ଗୋଟିଏ ବିଷୟରେ ଏକାଗ୍ର ହେବ, ଯେଉଁ ବିଷୟଟି ସହିତ ତୁମର ସେହି ଅପ୍ରୀତିକର ଚିନ୍ତାର କିଛି କାରବାର ନ ଥିବ, କିଛି ସମ୍ବନ୍ଧ ମଧ୍ୟ ନ ଥିବ, ଯଥା : ସେତେବେଳେ ତୁମେ ବହିଟିଏ ପଢ଼ିପାର କିଂବା କିଛି ଗୋଟାଏ କାମ ମଧ୍ୟ କରିପାର – ସାଧାରଣ ଲୋକେ ସୃଜନମୂଳକ କାମଟିଏ କରିଥା'ନ୍ତି ... ଯେଉଁମାନେ ସେମାନଙ୍କ ଚିନ୍ତାଗୁଡ଼ିକ ଉପରେ ନିୟନ୍ତ୍ରଣ ରଖିବାକୁ ଆରମ୍ଭ କରିଛନ୍ତି, ସେମାନେ ସେପରି ଚିନ୍ତାଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାରେ ସଚେଷ୍ଟ ହେବେ । ଗୋଟିଏ ବସ୍ତୁକୁ ହାତରେ ଧରି ଠେଲି ଫୋପାଡ଼ି ଦେଲାଭଳି ସେମାନେ ସେହି ମନ୍ଦ ଚିନ୍ତାକୁ ମନ ଭିତରୁ ଫୋପାଡ଼ି ଦେବେ । ଅବଶ୍ୟ ଏହା ଅପେକ୍ଷାକୃତ କଷ୍ଟକର କଥା । ନିଜ ଉପରେ ଖୁବ୍ କର୍ତ୍ତୃତ୍ୱ ନ ଥିଲେ ଏହା ସମ୍ଭବ ନୁହେଁ । କିନ୍ତୁ ଯଦି ଜଣେ ଏହା କରିପାରେ, ତେବେ ଏହାହିଁ ଅଧିକ କ୍ରିୟାଶୀଳ ହୋଇଥାଏ । ଏହାର ଅର୍ଥ ହେଲା, ତୁମେ ଯଦି ସେହି ମନ୍ଦ ଚିନ୍ତାଗୁଡ଼ିକୁ ବା ତୁମ ମନର ସେଇସବୁ ମନ୍ଦବୃତ୍ତିଗୁଡ଼ିକୁ ତୁମ ଭିତରୁ ତଡ଼ିବାରେ ଲାଗିଥିବ, ଏବଂ ସେଥିରେ ସଫଳ ମଧ୍ୟ ହେଉଥିବ – ଯେତେଥର ସେଗୁଡ଼ିକ ତୁମ ମନ ଭିତରେ ଉଦୟ ହେଉଥିବେ, ସେତେଥର ତୁମେ ସେଗୁଡ଼ିକୁ ମନରୁ ବିତାଡ଼ିତ କରୁଥିବ, ଶେଷପର୍ଯ୍ୟନ୍ତ ସେମାନେ ଆଉ ତୁମ ଭିତରକୁ ପ୍ରବେଶ କରିବେ ନାହିଁ । କିନ୍ତୁ ମୁଁ ମୂଳରୁ ଯେଉଁ ଉପାୟଟିର କଥା କହିଲି – ସେଥିରେ ମନ୍ଦ ଚିନ୍ତାଗୁଡ଼ିକ ବାରଂବାର ଆସୁଥା'ନ୍ତି ଯାଉଥା'ନ୍ତି, ଯାଉଥା'ନ୍ତି ଫେର୍ ଆସୁଥା'ନ୍ତି । ଏଇ ହେଲା ସେଥିପାଇଁ ଦୁଇଟି ଉପାୟ ।

## ଅପ୍ରୀତିକର ଚିନ୍ତା – ୨

ଅପ୍ରୀତିକର ଚିନ୍ତାଗୁଡ଼ିକ ହାତରୁ ମୁକ୍ତି ପାଇବାର ତୃତୀୟ ପନ୍ଥାଟି ହେଲା – ଊର୍ଦ୍ଧ୍ୱରୁ ନିଜ ଭିତରକୁ ଉଚ୍ଚତର ଆଲୋକ ଓହ୍ଲାଇ ଆଣିବାର କ୍ଷମତା । ଗଭୀର ଅର୍ଥରେ ଏହାହିଁ ସବୁପ୍ରକାର ମନ୍ଦ ଚିନ୍ତାବୃତ୍ତିର ''ନିବାରକ'' ହୋଇଥାଏ । ଅର୍ଥାତ୍ ଯଦି ତୁମ ଭିତରକୁ ଏକ ପ୍ରକାର ଅନ୍ଧକାର-ଚିନ୍ତା ପ୍ରବେଶ କରିଥାଏ (ବିଶେଷତଃ ଏପରି ଚିନ୍ତାସବୁ ଆସେ ଅବଚେତନରୁ ବା ନିଶ୍ଚେତନା ଭିତରୁ ଏବଂ ମଣିଷର ପ୍ରବୃତ୍ତିଗୁଡ଼ିକ ସେଗୁଡ଼ିକୁ ପୋଷିରଖନ୍ତି) ଯଦି ତୁମେ ଊର୍ଦ୍ଧ୍ୱରୁ ସତ୍ୟ-ଜ୍ଞାନର ଆଲୋକ ତୁମ ଭିତରକୁ ଓହ୍ଲାଇ ଆଣିପାରିବ, ସେହି ଆଲୋକ ହେଉଛି ଏକ ମହାନ୍ ଶକ୍ତି, ଏବଂ ସେହି ଆଲୋକକୁ ତୁମେ ତୁମର ମନ୍ଦଚିନ୍ତା ଉପରେ ପ୍ରକ୍ଷେପ କରିବ, ତା'ହେଲେ ତୁମେ ସେହି ମନ୍ଦଚିନ୍ତାକୁ ନିଶ୍ଚିହ୍ନ କରିଦେଇପାରିବ କିଂବା ତାକୁ ଏକ ଆଲୋକିତ ଚିନ୍ତାରେ ରୂପାନ୍ତରିତ କରିପାରିବ – ଅନ୍ତତଃ ସେହି ଊର୍ଦ୍ଧ୍ୱାଗତ ଆଲୋକରେ ତୁମେ ତାକୁ ମାର୍ଜିତ କରିଦେଇ ପାରିବ । ଏହି ଉପାୟଟି ହେଲା ସର୍ବୋତ୍କୃଷ୍ଟ ଉପାୟ । ତଥାପି, ଏ ଉପାୟଟି ମଧ୍ୟ ଅଧିକତର କଷ୍ଟସାଧ୍ୟ । କିନ୍ତୁ ଏହା କରାଯାଇପାରେ । ଏବଂ ଯଦି ଜଣେ ଏହା କରେ – ତେବେ ସେ ଏହି ଦୁରବସ୍ଥାରୁ ଆରୋଗ୍ୟ ହୋଇଯାଇପାରିବ । ଏହି ଉପାୟ ଅବଲମ୍ବନ କଲେ କେବଳ ଯେ ସେଇସବୁ ମନ୍ଦ ଇଚ୍ଛାଗୁଡ଼ିକ ଆଉ ଥରେ ପ୍ରତ୍ୟାବର୍ତ୍ତନ କରିବେ ନାହିଁ ଏତିକି ନୁହଁ – ଏହାର ମୂଳ କାରଣଟିକୁ ମଧ୍ୟ ବିଦୂରିତ କରାଯାଇପାରିବ ।

ପ୍ରଥମ ଉପାୟଟି ହେଲା – ମନ୍ଦ ଇଚ୍ଛାଟିଏ ଉଦୟ ହେଲା ମାତ୍ରେ ମନକୁ ଅନ୍ୟ ଚିନ୍ତା ଭିତରେ ପ୍ରବେଶ କରାଇଦେବା । (କିନ୍ତୁ ଏ ଉପାୟରେ କ୍ଷଣସ୍ଥାୟୀ ଫଳ ମିଳେ । ସେମାନେ ପୁଣି ବେଳ ପାଇଲେ ଲେଉଟି ଆସନ୍ତି ।) ଦ୍ୱିତୀୟ ଉପାୟଟି ହେଲା – ମନ୍ଦ ଇଚ୍ଛାଗୁଡ଼ିକ ସହିତ ସଂଗ୍ରାମ କରିବା । ଏବଂ ତୃତୀୟଟି ହେଲା ମନ୍ଦ ଇଚ୍ଛାଗୁଡ଼ିକୁ ରୂପାନ୍ତରିତ କରିବା । ଯେତେବେଳେ ଜଣେ ତୃତୀୟ ସୋପାନରେ ପହଞ୍ଚିଯାଇଛି – ସେତେବେଳେ ସେ ତ ନିଜେ ଆରୋଗ୍ୟ ହୋଇଯିବ – କିନ୍ତୁ ସେ ଏକ ସ୍ଥାୟୀ ଅଗ୍ରଗତି କରିବାକୁ ମଧ୍ୟ ସମର୍ଥ ହୋଇଯିବ ।

# ତୁମେ ଯାହା ହେବାକୁ ଚାହୁଁଚ, ତା' ଉପରେ ଏକାଗ୍ର ହୁଅ

କାଳେ ତୁମେ ତୁମର ଦୋଷଗୁଡ଼ିକ ଦ୍ୱାରା ନିରୁତ୍ସାହିତ ହୋଇପଡ଼ିବ, ଧମ୍ମପଦ (ବୁଦ୍ଧଙ୍କ ବାଣୀ ଥିବା ଏକ ଗ୍ରନ୍ଥ) ତୁମକୁ ଏହି ପ୍ରକାର ଆଶ୍ୱାସବାଣୀ ଶୁଣାଇଛନ୍ତି । ବୁଦ୍ଧ କହନ୍ତି – ସବୁଠାରୁ ପବିତ୍ର ଫୁଲ ପଦ୍ମ ଜନ୍ମ ହୁଏ କୁତ୍ସିତ ପଙ୍କ ଭିତରୁ । ରାସ୍ତାକଡ଼ର ଖତଗଦା ଉପରେ ବି ଫୁଲଭଳି ପବିତ୍ର ଜିନିଷ ଫୁଟିଥାଏ । ତା'ର ଅର୍ଥ ହେଲା – ଏପରି କିଛି କୁତ୍ସିତ କଥା ନାହିଁ ଯାହା ଭିତରୁ ପବିତ୍ରତମ ଉପଲବ୍ଧି ହୋଇପାରେନା ।

ତୁମର ଅତୀତ ଯାହା ମନ ତାହା ହୋଇଥାଉ, ତୁମେ ଯେତେ ଯାହା ଭ୍ରମପ୍ରମାଦ କରିଥାଅ, ଜଣେ ଯେତେବଡ଼ ଅଜ୍ଞାନ ପରିସ୍ଥିତିରେ ବଢ଼ିଥାଉ, ସେ ତା'ର ଅନ୍ତରର ଗଭୀର ମଧ୍ୟରେ ପରମ ପବିତ୍ରତାକୁ ବହନ କରିଥାଏ ଯାହାକି ତା'ର ସମସ୍ତ କିଛିକୁ ଅପୂର୍ବ ଉପଲବ୍ଧିରେ ରୂପାନ୍ତର କରିଦେଇପାରେ ।

ଏତେକଥା କହିବାର କାରଣ ହେଲା – ତୁମମାନଙ୍କର ସେ ବିଷୟରେ ଭାବିବା ଉଚିତ । ତାହାରି ଉପରେ ଏକାଗ୍ର ହେବା ଉଚିତ । କେବେହେଲେ ବି ତୁମେ ତୁମର ବାଧାବିଘ୍ନଗୁଡ଼ିକ ଉପରେ ବା ପ୍ରତିବନ୍ଧକଗୁଡ଼ିକ ଉପରେ ବା କୌଣସି ପ୍ରକାର ପ୍ରତିରୋଧ ସମ୍ବନ୍ଧେ ଉଦ୍‌ବିଗ୍ନ ହୁଅ ନାହିଁ ।

ତୁମେ ଯାହା ହେବାକୁ ଚାହଁ, ତା'ରି ଉପରେ ଏକାଗ୍ର ହୋଇ ରହ । ତୁମେ ଯାହା ହେବାକୁ ଚାହଁ ନାହିଁ ସେସବୁ ସମ୍ବନ୍ଧେ ଆଦୌ ଭାବ ନାହିଁ, ସେସବୁକୁ ଯେତେଦୂର ସମ୍ଭବ ସଂପୂର୍ଣ୍ଣ ଭୁଲିଯାଅ ।

## କଳ୍ପନା

ମୁଁ ତୁମକୁ କହିରଖୁଛି – କେବେ ବି ନିରୁତ୍ସାହିତ ବୋଧ କର ନାହିଁ ଓ କେବେ ବି ନିରାଶ ହୋଇଯାଅ ନାହିଁ। ତୁମର କଳ୍ପନା ସର୍ବଦା ଆଶାନ୍ୱିତ ହୋଇ ରହୁ ଏବଂ ଉଚ୍ଚତର ସତ୍ୟକୁ ବହନ କରିବା ଲାଗି ଆନନ୍ଦରେ ନମନୀୟ ହୋଇ ରହୁ। ତା'ହେଲେ ଯାଇ ସେଇ ଉଚ୍ଚତର ସତ୍ୟ ତୁମ ଭିତରେ ତା'ର ସୃଜନଶୀଳ ଆଲୋକ ଧରି ରଖିବା ପାଇଁ ଆବଶ୍ୟକ ଗଠନମାନ ପାଇପାରିବ।

କଳ୍ପନା ହେଲା ଏକ ଛୁରୀ ସଦୃଶ। ଏହା ଭଲ ଓ ମନ୍ଦ ଉଭୟ ଦିଗରେ ବ୍ୟବହୃତ ହୋଇପାରେ। ତୁମେ ଯଦି ସବୁବେଳେ ଏପରି ଏକ ଧାରଣା ଭିତରେ ରହିପାରିବ – ତା'ମାନେ, ତୁମେ ଯଦି ସବୁବେଳେ ମନେ ମନେ ଭାବିବ ଯେ ତୁମେ ରୂପାନ୍ତରିତ ହେବା ଦିଗରେ ଗତିକରୁଛ, ତା'ହେଲେ ତୁମେ ଯୋଗ ପ୍ରକ୍ରିୟାରେ ସାହାଯ୍ୟ କରିପାରିବ। ଯଦି, ଅନ୍ୟ ଦିଗରେ ତୁମେ ଉତ୍ସାହହୀନ ହୋଇପଡ଼ିବ, ଏବଂ ବିଳାପ କରି ବସିବ ଯେ ତୁମର କିଛି ଯୋଗ୍ୟତା ନାହିଁ, ତୁମେ କୌଣସି ଉଚ୍ଚ ଉପଲବ୍ଧି କରିବା ପାଇଁ ଅସମର୍ଥ, ତା'ହେଲେ ତୁମେ ତୁମର ସତ୍ତାକୁ ବିଷାକ୍ତ କରିଦେବ। ଏହି ଗୁରୁତ୍ୱପୂର୍ଣ୍ଣ ସତ୍ୟଟିକୁ ତୁମେ ସଠିକ୍ ଭାବେ ଉପଲବ୍ଧି କରିବ ବୋଲି ମୁଁ ଏଇ କଥାଟିକୁ ବାରଂବାର ଅକ୍ଳାନ୍ତ ଭାବେ ତୁମକୁ କହି ଆସୁଛି ଯେ, ତୁମର ଯାହା କିଛି ଘଟୁପଛେ – ଭଗବାନଙ୍କ ଦ୍ୱାହି – ତୁମେ କେବେ ବି ଅବସନ୍ନ ହୋଇପଡ଼ିବ ନାହିଁ। ନିରବଚ୍ଛିନ୍ନ ଭାବେ ଆଶା ମଧ୍ୟରେ ବଞ୍ଚି ରହ ଏବଂ ସ୍ଥିର ସିଦ୍ଧାନ୍ତରେ ରହ ଯେ ଆମ୍ଭେମାନେ ଯାହା କରୁଛୁ ତାହା ନିଶ୍ଚେ ଦିନେ ସଫଳ ହେବ। ଅନ୍ୟ ଭାଷାରେ କହିଲେ – ଶ୍ରୀଅରବିନ୍ଦଙ୍କଠାରେ ବିଶ୍ୱାସ ରଖ – ସେହି ବିଶ୍ୱାସରେ ତୁମର ସମସ୍ତ ଶୁଭ କଳ୍ପନାଗୁଡ଼ିକ ଗଢ଼ିଉଠୁ।

## କଳ୍ପନାହିଁ ବାଟ ଫିଟାଏ

ପ୍ରଶ୍ନ : କଳ୍ପନାର କାର୍ଯ୍ୟ କ'ଣ ? ତା'ର ବ୍ୟବହାର କିପରି କରାଯାଇ ପାରିବ ?

ଉତ୍ତର : ମୁଁ ଯେପରି ଆଗରୁ କହିଛି – ଜଣେ ଯଦି ଏହି କଳ୍ପନାକୁ କିପରି ବ୍ୟବହାର କରିବାକୁ ହୁଏ ଜାଣିବ ତା'ହେଲେ ସେ ତା'ର ବାହ୍ୟ ଓ ଆନ୍ତର ଜୀବନକୁ ତିଆରି କରିପାରିବ । ଜଣେ ତା'ର କଳ୍ପନା ଦ୍ୱାରା ତା'ର ନିଜ ଅସ୍ତିତ୍ୱକୁ ଗଠନ କରିପାରିବ – ଅବଶ୍ୟ ତୁମକୁ ଯଦି ଏହାର ବ୍ୟବହାର ଜଣାଥିବ ଓ ତୁମର ସେ କ୍ଷମତା ମଧ୍ୟ ଥିବ । ପ୍ରକୃତରେ ଏହା ଏକ ପ୍ରାଥମିକ ଉପାୟ – ଯାହା ଦ୍ୱାରା ତୁମେ ପୃଥିବୀରେ କିଛି ତିଆରି କରିପାରିବ ବା କିଛି ରୂପାୟଣ କରିପାରିବ । ମୁଁ ଏହା ଅନୁଭବ କରିଛି ଯେ, ଯଦି କାହାର କଳ୍ପନା କରିବାର କ୍ଷମତା ନ ଥିବ, ତେବେ ସେ କିଛି ଅଗ୍ରଗତି କରିପାରିବ ନାହିଁ । ତୁମ ଜୀବନର ଆଗେ ଆଗେ ତୁମର କଳ୍ପନା ଚାଲିଥାଏ । ଯେତେବେଳେ ତୁମେ ନିଜ ବିଷୟରେ ଚିନ୍ତାକର, ସାଧାରଣତଃ ତୁମେ କ'ଣ ହେବାକୁ ଚାହଁ, ତାହାହିଁ କଳ୍ପନା କରିଥାଅ, ନୁହେଁ କି ? କଳ୍ପନା ତୁମ ଆଗେ ଆଗେ ଚାଲିଥାଏ ଓ ତୁମେ ତାକୁ ଅନୁସରଣ କରିଚାଲିଥାଅ । ଏବଂ ସେ ସେହିପରି ତୁମ ଆଗେ ଆଗେ ଥାଏ ଏବଂ ତୁମେ ତା' ପଛେ ପଛେ ଚାଲିଥାଅ । କଳ୍ପନାହିଁ ତୁମ ଆଗରେ ତୁମ ଉପଲବ୍ଧିର ପଥ ଖୋଲି ଖୋଲି ଯାଉଥାଏ । ଯେଉଁ ଲୋକମାନେ କଳ୍ପନା-ପ୍ରବଣ ନୁହନ୍ତି – ସେମାନଙ୍କୁ ଗତିଶୀଳ କରାଇବା ବଡ଼ କଷ୍ଟ । ସେମାନେ କେବଳ ତାଙ୍କ ନାକ ଆଗରେ ଯାହା ଥୁଆ ହୋଇଥାଏ, ସେତିକି ଦେଖନ୍ତି । ସେମାନେ ଉପସ୍ଥିତ ମୁହୂର୍ତ୍ତଗୁଡ଼ିକୁହିଁ ଅନୁଭବ କରନ୍ତି । କିନ୍ତୁ ସେମାନେ ତା' ଆଗକୁ ଯାଇପାରନ୍ତି ନାହିଁ । କାରଣ ତାତ୍‌କ୍ଷଣିକ ବସ୍ତୁଗୁଡ଼ିକ ଦ୍ୱାରା ସେମାନେ ବନ୍ଧା ହୋଇଥା'ନ୍ତି ।

# କଳ୍ପନାର ଶକ୍ତି

ଯଦି ତୁମର ଖୁବ୍ ଶକ୍ତିଶାଳୀ କଳ୍ପନାବୃତ୍ତି ଥାଏ ଏବଂ ତୁମର କାମନାକୁ ବାସ୍ତବରେ ପରିଣତ କରିବା ପାଇଁ ତାହାକୁ ରୂପଦେଇ ଗଢ଼ିପାର ତା'ହେଲେ ତୁମେ ପୁଙ୍ଖାନୁପୁଙ୍ଖ ଭାବେ ତାହା କରିଚାଲ, ଯେପରିକି ତୁମର କାମ୍ୟ ବିଷୟଟି ଚମତ୍କାର ଭାବେ ଏକ ରୂପ ଗ୍ରହଣ କରିପାରିବ ଏବଂ ସେହି ଉପଲବ୍ଧ ରୂପଟି ତା' ଛାଏଁ ଛାଏଁ ତିଷ୍ଠି ରହିବ । ଆଉ, ଦେଖ ... ତୁମେ ବର୍ତ୍ତମାନ ନିର୍ଣ୍ଣିତ ରହିପାର – ଯଦି ତୁମେ ବହୁବର୍ଷ ବଞ୍ଚିରହ, ତେବେ ତୁମର କାମ୍ୟ ବସ୍ତୁଟି ବାସ୍ତବରେ ତୁମ ଜୀବନରେ ରୂପାୟିତ ହେବହିଁ ହେବ । ଏପରିକି ତାହା ତା' ପରଦିନ ମଧ୍ୟ ସାକାର ହୋଇପାରେ – ଏପରିକି ପରମୁହୂର୍ତ୍ତରେ ମଧ୍ୟ ତାହା ହୋଇପାରେ । ଅନ୍ୟ ପକ୍ଷରେ ଏହା ବର୍ଷ ବର୍ଷ ଲାଗିପାରେ, ଶତାବ୍ଦୀ ଶତାବ୍ଦୀ ମଧ୍ୟ ଲାଗିପାରେ । କିନ୍ତୁ ଏକଥା ନିର୍ଣ୍ଣିତ ଯେ ଏହା ଦିନେ ନା ଦିନେ ସାକାର ହେବ । ଆଉ ଗୋଟିଏ କଥା ହେଲା – ତୁମେ ଯଦି ତୁମର ଏହି କଳ୍ପନାବୃତ୍ତି ସହିତ ତୁମର ସୃଜନଶୀଳ ପ୍ରାଣଶକ୍ତିକୁ ମିଶାଇ ଦେଇପାର, ତା'ହେଲେ ତୁମେ ଏହାକୁ ଏକ ଜୀବନ୍ତ ଶକ୍ତିରେ ପରିଣତ କରି ଦେଇପାରିବ । ଏବଂ ଯେହେତୁ ସମସ୍ତ ଜୀବନ୍ତ ଶକ୍ତିଗୁଡ଼ିକ ବାସ୍ତବରେ ରୂପାୟିତ ହେବା ଦିଗରେ ଗତି କରନ୍ତି, ସେହେତୁ ଏହା ପାର୍ଥିବ ଘଟନା ବା ପରିବେଶମାନଙ୍କ ଉପରେ ଏପରି ଚାପ ପକାଇବ ଯେ, ତୁମର ସେହି କଳ୍ପନାର ବସ୍ତୁଟି ଖୁବ୍ ଶୀଘ୍ର ବାସ୍ତବରେ ରୂପାୟିତ ହେବାକୁ ବାଧ୍ୟ ହୋଇପଡ଼ିବ ।...

ଯଦି ... ତୁମର କଳ୍ପନା କାମନା ନ ହୋଇ ଆସ୍ପୃହା ହୋଇଯାଏ – ଏବଂ ଆଧ୍ୟାତ୍ମିକ ଉପଲବ୍ଧି ପାଇଁ ଆସ୍ପୃହା ହୋଇଯାଏ, ଏବଂ ତୁମେ କ୍ରମଶଃ ସେ ଦିଗରେ ଅଗ୍ରଗତି କରି ଚାଲିବ, ତେବେ ତୁମେ ଦିନେ ଯାହା ପାଇବା ପାଇଁ କଳ୍ପନା କରିଥିଲ, ତାହା ନିଶ୍ଚୟ ଦିନେ ନା ଦିନେ ତୁମେ ବାସ୍ତବରେ ଲାଭ କରିପାରିବ ।

# ଯେଉଁ ପରିବେଶ ତୁମେ ସୃଷ୍ଟି କର

ତୁମେ ଯେଉଁ କର୍ମ କର, ତାହା ଯେଉଁ ପରିବେଶ ସୃଷ୍ଟି କରେ ତୁମେ ସେହି ପରିବେଶକୁ ତୁମ ସହିତ ବହନ କରି ଆତଯାତ ହେଉଥାଅ । ଏବଂ ସେହି ପରିବେଶ ତୁମ ଚାରିପଟେ ରହେ, ତୁମ ଭିତରେ ମଧ୍ୟ ରହିଥାଏ । ଏବଂ ତୁମର କର୍ମ ଯଦି ସୁନ୍ଦର, ଉତ୍ତମ ଓ ସଂଗତିପୂର୍ଣ୍ଣ ହୋଇଥାଏ, ତେବେ ତୁମର ନିଜସ୍ୱ ପରିବେଶଟି ମଧ୍ୟ ସେହିପରି ସୁନ୍ଦର, ଉତ୍ତମ ଓ ସୁସଙ୍ଗତ ହୋଇଥାଏ ...

ଯେତେବେଳେ ତୁମେ ଭଲ ହୋଇଥାଅ – ଯେତେବେଳେ ତୁମେ ଉଦାର, ମହତ୍, ନିର୍ଲିପ୍ତ, ଦୟାଳୁ ହୋଇଥାଅ, ସେତେବେଳେ ତୁମେ ତୁମ ନିଜ ଭିତରେ ଓ ତୁମ ଚଉପାଶରେ ଏକ ନିର୍ଦ୍ଦିଷ୍ଟ ପରିବେଶ ତିଆରି କରିଥାଅ ଏବଂ ଏହି ପରିବେଶଟି ସ୍ୱତଃ ଆଲୋକମୟ ହୋଇଥାଏ । ସେତେବେଳେ ତୁମେ ସୂର୍ଯ୍ୟାଲୋକରେ ଫୁଲଟିଏ ଫୁଟିଲା ପରି ଫୁଟିଉଠ – ଏବଂ ତହିଁରେ ନିଃଶ୍ୱାସ-ପ୍ରଶ୍ୱାସ ମଧ୍ୟ ନେଉଥାଅ । ସେତେବେଳେ ତୁମ ଭିତରେ ସେହି ଯନ୍ତ୍ରଣାକର ସଙ୍କୋଚ ନ ଥାଏ, ତିକ୍ତତା ନ ଥାଏ, ବିଦ୍ରୋହ ନ ଥାଏ, ଦୁଃଖ ବି ନ ଥାଏ । ସ୍ୱତଃସ୍ଫୂର୍ତ୍ତ ଭାବରେ, ସ୍ୱାଭାବିକ ଭାବରେ ତୁମଠାରୁ ନିଃସୃତ ପରିବେଶଟି ଆଲୋକିତ ହୋଇଉଠେ ଏବଂ ଏକ ସୁଖପ୍ରଦ ବାୟୁକୁ ତୁମେ ତୁମର ଶ୍ୱାସ-ପ୍ରଶ୍ୱାସରେ ନେଇଥାଅ ।...

ଯେକୌଣସି ଭୁଲ କାର୍ଯ୍ୟ ତୁମ ଚେତନା ଉପରେ ଏକ ଶୁଷ୍କ ପବନ ବୁହାଇ ତୁମକୁ ଶୁଖାଇ ଦିଏ – ଏକ ଥଣ୍ଡା ପବନ ବୁହାଇ ତୁମକୁ ତୁଷାର ଭଳି ବସାଇ ଦିଏ – କିଂବା ଏକ ଗରମ ଝଞ୍ଜାପବନ ବୁହାଇ ତୁମକୁ ପୋଡ଼ି ପକାଏ ।

ପ୍ରତିଟି ଭଲ ଆଉ ଦୟାର୍ଦ୍ର କର୍ମ ଆଲୋକ ନେଇଆସେ । ନେଇଆସେ ଶାନ୍ତି, ଆନନ୍ଦ – ଆଉ ନେଇଆସେ ସେଇ ନରମ ସୂର୍ଯ୍ୟକିରଣ ଯାହା ଭିତରେ ଫୁଲମାନେ ଫୁଟୁଥା'ନ୍ତି ।

# ନିଜ ପରିବେଶ ନିଜେ ସୃଷ୍ଟି କର – ୧

ପ୍ରଶ୍ନ : ମଧୁମୟି ମା ! ଏହି ଜାଗାରେ ଲେଖା ହୋଇଛି – ''ବାହ୍ୟ ପରିସ୍ଥିତି ଅପେକ୍ଷା ଆଧ୍ୟାତ୍ମିକ ପରିବେଶଟିଏ ଅଧିକ ଗୁରୁତ୍ୱପୂର୍ଣ୍ଣ । ଯଦି ଜଣେ ସେ ପରିବେଶଟି ପାଏ ଏବଂ ଯଦି ସେ ନିଜ ପାଇଁ ଆଧ୍ୟାତ୍ମିକ ପରିବେଶଟିଏ ନିଜ ଆଡୁ ସୃଷ୍ଟି କରେ, ଏବଂ ତା'ରି ଭିତରେ ନିଃଶ୍ୱାସ-ପ୍ରଶ୍ୱାସ ନିଏ ଓ ବଞ୍ଚେ, ତା'ହେଲେ ତାହାହିଁ ହେବ ଅଗ୍ରଗତି ପାଇଁ ଯଥାର୍ଥ ସର୍ତ୍ତ ବା ଅବସ୍ଥା ।'' (ଏ ଉକ୍ତିଟି ଶ୍ରୀଅରବିନ୍ଦଙ୍କର) ମା ! ଜଣେ ତା'ହେଲେ କିପରି ସେହି ପରିବେଶ ଲାଭ କରିପାରିବ ? ଏବଂ ଜଣେ କିପରି ନିଜର ପ୍ରକୃତ ଆଧ୍ୟାତ୍ମିକ ପରିବେଶ ତିଆରି କରିପାରିବ ?

ଉତ୍ତର : ... ସଂକ୍ଷେପରେ କହିଲେ, ଆନ୍ତର ଶୃଙ୍ଖଳା ଦ୍ୱାରା । ତୁମେ ତୁମର ଚିନ୍ତା ଓ ଭାବନାଗୁଡ଼ିକୁ ନିୟନ୍ତ୍ରଣ କରିବା ଦ୍ୱାରା, ସେସବୁକୁ ତୁମର ସାଧନା ଅଭିମୁଖୀ କରିବା ଦ୍ୱାରା, ତୁମର କ୍ରିୟାକର୍ମକୁ ନିୟନ୍ତ୍ରଣ କରିବା ଦ୍ୱାରା, ସେସବୁକୁ ମଧ୍ୟ ତୁମର ସାଧନା ଅଭିମୁଖୀ କରିବା ଦ୍ୱାରା, ତୁମର ସମସ୍ତ କାମନାବାସନା, ଏବଂ ସବୁପ୍ରକାର ନିରର୍ଥକ ବାହ୍ୟ ତଥା ନିମ୍ନତର କ୍ରିୟାକଳାପଗୁଡ଼ିକୁ ବିଲୋପ କରିବା ଦ୍ୱାରା, ଏବଂ ଏକ ଗଭୀର ଆନ୍ତରଜୀବନକୁ ନେଇ ବଞ୍ଚିବା ଦ୍ୱାରା, ଆଉ ମଧ୍ୟ ନିମ୍ନତର ବ୍ୟାପାରଗୁଡ଼ିକଠାରୁ ନିଜକୁ ଦୂରେଇ ରଖିବା ଦ୍ୱାରା, ନିମ୍ନମାନର ଚିନ୍ତା କଳ୍ପନା, କ୍ରିୟା ପ୍ରତିକ୍ରିୟାଦିଠାରୁ ନିଜକୁ ମୁକ୍ତ ରଖିବା ଦ୍ୱାରା; ତେବେଯାଇ ତୁମେ ତୁମର ଏକ ନିଜସ୍ୱ ଆଧ୍ୟାତ୍ମିକ ପରିବେଶ ତୁମ ଚାରିପଟେ ସୃଷ୍ଟି କରିପାରିବ ।

# ନିଜ ପରିବେଶ ନିଜେ ସୃଷ୍ଟି କର – ୨

ଏଣୁତେଣୁ ବାଜେ ବହି ପଢ଼ିବା, ଏଣୁତେଣୁ ଲୋକଙ୍କ ସଙ୍ଗେ ଏଣୁତେଣୁ ଗପ ମାରିବା, ଏଣୁତେଣୁ କାମରେ ମାତିବା ପରିବର୍ତ୍ତେ ଯଦି ତୁମେ ଏପରି ଗ୍ରନ୍ଥସବୁ ପାଠକର, ଯାହା କି ତୁମକୁ ଠିକ୍ ବାଟରେ ନେଇ ଯିବାରେ ସହାୟକ ହେବ, ଏପରି କିଛି କାର୍ଯ୍ୟ କର, ଯାହାକି ତୁମକୁ ଈଶ୍ୱର-ଉପଲବ୍ଧି ପାଇଁ ଅନୁକୂଳ ହେବ, ତେବେ ତୁମର ଆଧାତ୍ମିକ ପରିବେଶ ସୃଷ୍ଟି କରିବା ସମ୍ଭବ ହେବ । ଯଦି ତୁମ ଭିତରୁ ସବୁପ୍ରକାର କାମନାବାସନା ଦୂର କରିଦିଅ, ସବୁ ପ୍ରକାର ପ୍ରବୃତ୍ତି ଓ ପ୍ରବେଗଗୁଡ଼ିକୁ ଦୂର କରିଦିଅ, ତୁମର ମାନସ-ସତ୍ତାକୁ ପ୍ରଶାନ୍ତ ରଖ, ପ୍ରାଣସତ୍ତାକୁ ମନେଇ ପାର, ବାହାରୁ ଆସୁଥିବା ମନ୍ଦ ପରାମର୍ଶ ବା ପ୍ରଚୋଦନାଗୁଡ଼ିକୁ ନିଜ ଭିତରକୁ ନ ନିଅ, ତୁମ ଚାରିପଟେ ଥିବା ଲୋକମାନଙ୍କ କ୍ରିୟାକଳାପଗୁଡ଼ିକ ଦ୍ୱାରା ପ୍ରଭାବିତ ନ ହୁଅ; ତେବେ ତୁମେ ନିଶ୍ଚୟ ତୁମ ପାଇଁ **ଏପରି ଏକ** ଆଧାତ୍ମିକ ପରିବେଶ ସୃଷ୍ଟି କରିପାରିବ, ଯାହାକୁ କିଛି ସ୍ପର୍ଶ କରିପାରିବ ନାହିଁ । ଏବଂ ଏହା ଆଉ ତୁମର ବାହ୍ୟ ପରିସ୍ଥିତି ଉପରେ ଆଦୌ ନିର୍ଭର କରିବ ନାହିଁ । ତୁମେ ଯେଉଁ ସାଂସାରିକ ପରିସ୍ଥିତିରେ ବଞ୍ଚୁଛ, କିଂବା ତୁମେ ଯେଉଁ ସାଂସାରିକ ଅବସ୍ଥାରେ ରହୁଛ, ତାହା ଆଉ ତୁମ ଉପରେ କିଛି ପ୍ରଭାବ ପକାଇ ପାରିବ ନାହିଁ । କାରଣ, ତୁମେ ଏତେବେଳେ ତୁମ ନିଜର ଆଧାତ୍ମିକ ପରିବେଶ ଭିତରେ ନିରାପଦରେ ରହିପାରିଛ । ଏବଂ ଏହି ଭାବରେ ତୁମେ ତୁମର ଏ ପରିବେଶଟିକୁ ଲାଭ କରିପାରିବ : ତୁମକୁ ସଂପୂର୍ଣ୍ଣଭାବେ ଆଧାତ୍ମିକ ଜୀବନ ଆଡ଼କୁ ନିଜ ଜୀବନକୁ ସଳଖି ଦେବାକୁ ହେବ । ସେହି ଜୀବନ ବଞ୍ଚିବାରେ ଯେଉଁ ବହି ଆଲୋକ ଦେଖାଇପାରିବ, ସେଇସବୁ ବହି ପଢ଼ । ସେହି ଦିଗକୁ ନେଇ ଯିବାରେ ଯେଉଁସବୁ କର୍ମ ତୁମକୁ ସାହାଯ୍ୟ କରିବ ସେଇସବୁ କର୍ମ କର । ଏମିତି ଏମିତି କଥା । ତା'ହେଲେ ଯାଇ ତୁମେ ତୁମର ଆଧାତ୍ମିକ ପରିବେଶ ସୃଷ୍ଟି କରିପାରିବ ।

# ନିଜ ଧାରାରେ ଚିନ୍ତା କରିବା

''ନିଜ ଧାରାରେ ଚିନ୍ତା କରିବା''– ଏଇ ଛୋଟିଆ କଥାଟି ହାସଲ କରିବା ପାଇଁ ଜଣକୁ ବର୍ଷ ବର୍ଷ ଲାଗି ରହିବାକୁ ହେବ । ଏଥିପାଇଁ ଦରକାର ବହୁତ ଏକାଗ୍ରତା, ବହୁ ଯତ୍ନଶୀଳତା, ବହୁ ବିଚାରଶୀଳତା, ବହୁ ସଙ୍ଗତ କାର୍ଯ୍ୟ, ସଂଗଠନ, ନିର୍ବାଚନ, ନିର୍ମାଣ ଇତ୍ୟାଦି ବହୁତ ବହୁତ ନିଷ୍ଠାପର ସାଧନା ।

ଜଣେ ଭାବେ ଯେ, ସେ ତା'ର ନିଜ ବାଟରେ ଚିନ୍ତା କରି ବଞ୍ଚୁଛି । ଆଦୌ ନୁହେଁ । ଏହା ପୂରାପୂରି ନିର୍ଭର କରେ ଜଣେ ଯେଉଁ ଲୋକମାନଙ୍କ ସହିତ କଥାବାର୍ତ୍ତା କରେ, ଯେଉଁସବୁ ବହି ପଢ଼େ ଏବଂ ଯେଉଁ ମିଜାଜରେ ସେ ଥାଏ । ଆହୁରି ମଧ୍ୟ ଏହା ନିର୍ଭର କରେ ତୁମର ଭଲ ବା ମନ୍ଦ ହଜମ କ୍ରିୟା ଉପରେ । ଏହା ନିର୍ଭର କରେ ତୁମେ ଯଦି ଗୋଟିଏ ବନ୍ଦଗୃହରେ ରହୁଥାଅ ଯଦି ତା' ଭିତରେ ପବନର ଯିବା ଆସିବା ଲାଗି ବାଟ ନ ଥାଏ, କିଂବା ତୁମେ ଗୋଟିଏ ଖୋଲା ମେଲା ଜାଗାରେ ରହୁଥାଅ, ଯଦି ତୁମେ ଗୋଟିଏ ସୁନ୍ଦର ପ୍ରାକୃତିକ ଦୃଶ୍ୟସମ୍ବଳିତ ପରିବେଶ ଭିତରେ ଥାଅ – କିଂବା ତୁମେ ଯେଉଁଠି ଥାଅ, ସେଠାରେ ଯଦି ଉଜ୍ଜ୍ୱଳ ସୂର୍ଯ୍ୟକିରଣ ପଡୁଥାଏ କି ବର୍ଷା ହେଉଥାଏ, ତେବେ ସେ କ୍ଷେତ୍ରରେ ମଧ୍ୟ ତୁମର ଚିନ୍ତା ଧାରଣା ଅଲଗା ହୋଇଯିବ । ତୁମେ ହୁଏତ ସେ ସମ୍ବନ୍ଧେ ସଚେତନ ନୁହଁ, କିନ୍ତୁ ତୁମେ ସବୁପ୍ରକାର ଚିନ୍ତା ଧାରଣା କରିଥାଅ । ତୁମ ଆଗରେ ଗୁଡ଼ାଏ ଅନାବଶ୍ୟକ ଅସଙ୍ଗତ ପଦାର୍ଥ ଥୁଆ ଯାଇଥିଲା ବେଳେ ତୁମେ ଅବଶ୍ୟ ଭିନ୍ନ ଭାବରେ ଚିନ୍ତା ବା ଧାରଣା କରିବସିବ ।

ଏହିସବୁ କାରଣରୁ ତୁମର ଚିନ୍ତା ବା ଧାରଣା ସୁସଂଲଗ୍ନ, ସୁସଂଯୋଜିତ, ଯୁକ୍ତିସମ୍ମତ ଓ ସୁସଙ୍ଗତ ହେବା ପାଇଁ ତୁମକୁ ବହୁ ବିଶଦ କର୍ମ କରିବାକୁ ପଡ଼ିବ ।

# ଚିନ୍ତାସବୁ ଦାନାବାନ୍ଧି ଏକ ସୁନିର୍ଦ୍ଦିଷ୍ଟ ରୂପ ନେଉ

କର୍ମର ଉପଯୋଗିତା ହେଲା ... ମାନସିକ ଶକ୍ତିକୁ ଏକ ସୁନିର୍ଦ୍ଦିଷ୍ଟ ଗଠନ ଓ ଆକୃତି ଦେବା । କାରଣ, ତୁମେ ଯାହା ଶିକ୍ଷା କରିଥାଅ ବା ପଢ଼ିଥାଅ, ଯଦି ସେଗୁଡ଼ିକୁ କାର୍ଯ୍ୟରେ ବ୍ୟବହାର ନ କର, କିଂବା ଆହୁରି ଅଧିକ ଗଭୀର ଭାବେ ଅଧ୍ୟୟନ ନ କର, ତେବେ ସେଥିରୁ ଅତି କମ୍‌ରେ ଅର୍ଦ୍ଧେକ ଭାଗ ତୁମେ ନିଶ୍ଚୟ ସମୟାନୁକ୍ରମେ ଭୁଲିଯିବ । କିଂବା ତୁମ ମୁଣ୍ଡରୁ ସେଗୁଡ଼ିକ ଉଭେଇ ଯିବେ । କିନ୍ତୁ ସେଗୁଡ଼ିକ ଗୋଟିଏ କଥା ତୁମ ଭିତରେ ରଖିଯିବେ : ସେଇଟି ହେଲା ତୁମର ଚିନ୍ତା ଧାରଣାଦିକୁ ସ୍ପଷ୍ଟରୂପ ଦେବାର ଏକ କ୍ଷମତା । ଯାହାକି ତୁମର ଅସ୍ପଷ୍ଟ ଧାରଣାଗୁଡ଼ିକୁ ସ୍ପଷ୍ଟ କରିଥାଏ, ଗୋଳମାଳିଆ ଚିନ୍ତାଗୁଡ଼ିକୁ ସଜାଡ଼ି ଦିଏ, ଆଜେବାଜେ ଏଣୁତେଣୁ ଧାରଣାଗୁଡ଼ିକୁ ଗୋଟିଏ ସଂକ୍ଷିପ୍ତ ସରଳ ସଠିକ୍, ସୁଗଠିତ ଚିନ୍ତାରେ ପରିଣତ କରେ । ଏବଂ ଏହାହିଁ ହେଲା କାର୍ଯ୍ୟର ଉପଯୋଗିତା : କିପରି ତୁମେ ତୁମର ମସ୍ତିଷ୍କଗତ ଶକ୍ତିର ବିନିଯୋଗ କରିପାରିବ ।...

ମୁଖ୍ୟତଃ, ସର୍ବସାଧାରଣ ଦୃଷ୍ଟିରୁ, ବିଶେଷ କରି ବୌଦ୍ଧିକ ଦୃଷ୍ଟିକୋଣରୁ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି – ଏକାଗ୍ରତା ଓ ମନୋଯୋଗିତା ଅର୍ଜନ କରିବାର କ୍ଷମତା । ଏ ଦିଗରେ ତୁମେ ଅବଶ୍ୟ ଚେଷ୍ଟା କରିବ ଓ ଏହି କ୍ଷମତାର ବିକାଶ ଅବଶ୍ୟ କରିବ । ତା'ପରେ ଶାରୀରିକ କର୍ମ ପାଇଁ ସଂକଳ୍ପ-ଶକ୍ତିର ବିନିଯୋଗ କରାଯାଏ । ଏକ ଅଟଳ ଇଚ୍ଛାଶକ୍ତି ବା ସଂକଳ୍ପ-ଶକ୍ତିକୁ ତୁମେ ଯେପରି ନିଜ ଭିତରେ ଗଠନ କରିବା ଉଚିତ । ବୌଦ୍ଧିକ ଦୃଷ୍ଟିରୁ ତୁମେ ଏପରି ଏକ ଏକାଗ୍ରତା ଅର୍ଜନ କରିବ, ଯେପରିକି ତାହାକୁ କେହି ହଲଚଲ୍ କରିପାରିବେ ନାହିଁ । ଏବଂ ଯଦି ତୁମର ଏକାଗ୍ରତା ଓ ସଂକଳ୍ପ ଉଭୟ ଶକ୍ତି ରହିଛି, ତା'ହେଲେ ତୁମେ ଖୁବ୍ ପ୍ରତିଭାଶାଳୀ ହୋଇଯାଇପାରିବ, କେହି ତୁମର ପ୍ରତିରୋଧ କରିପାରିବେ ନାହିଁ ।

# କର୍ମ କଲାବେଳେ ଏକାଗ୍ର ହୁଅ

ଯେତେବେଳେ ତୁମେ କୌଣସି କର୍ମ କରୁଛ, ଯଦି ତୁମର ଏକାଗ୍ର ହେବାର ସାମର୍ଥ୍ୟ ଥାଏ, ତେବେ ତୁମେ ସେଇ କାମଟିକୁ ଦଶ ମିନିଟରେ କରିପାରିବ, ଯାହା ତୁମକୁ ଅନ୍ୟଥା ଘଣ୍ଟାଏ ଲାଗିଥା'ନ୍ତା । ଯଦି ସମୟ ବଞ୍ଚାଇବାକୁ ଚାହଁ, ତେବେ କାମ କଲାବେଳେ ଏକାଗ୍ର ହୋଇ କାମଟି କରିବାକୁ ଶିକ୍ଷା କର । କେବଳ ମନୋଯୋଗ ଦେଇ କାମ କଲେ ତୁମେ କାମଟି ଖୁବ୍ ଶୀଘ୍ର ସମାପନ କରିପାରିବ ଏବଂ ତା' ସଙ୍ଗେ ସଙ୍ଗେ କାମଟିକୁ ଅଧିକ ଭଲଭାବେ ମଧ୍ୟ ସଂପନ୍ନ କରିପାରିବ । ଧର, ତୁମକୁ କିଛି ଗୋଟାଏ ଲେଖିବା ପାଇଁ ଦିଆଯାଇଛି ଏବଂ ଏହା ଅଧଘଣ୍ଟାଏ ସମୟ ନେବା କଥା – ଅବଶ୍ୟ ମୁଁ କହୁ ନାହିଁ ଯେ ତୁମକୁ ଅଧଘଣ୍ଟାଏ ଧରି ଲେଖିବାକୁ ହେବ – କିନ୍ତୁ ସେତେବେଳେ ଯଦି ତୁମର ମୁଣ୍ଡ ଚିନ୍ତା କରିବାକୁ ଲାଗିଲା, ତୁମର ମନ ଏଣେତେଣେ ଧାଇଁଲା, ତୁମେ ଯଦି ଉପସ୍ଥିତ ବିଷୟଟି ଉପରେ ଚିନ୍ତା କରିବା ସଙ୍ଗେ ସଙ୍ଗେ ତୁମେ ଆଗରୁ କ'ଣ ସବୁ କରିଥିଲ ଏବଂ ପରେ କ'ଣ ସବୁ କରିବ,ଏବଂ ତା' ସହିତ ପୁଣି ଅନ୍ୟସବୁ ବିଷୟଗୁଡ଼ିକ ଉପରେ ଚିନ୍ତା କରିବାକୁ ଆରମ୍ଭ କରିଦେବ, ତେବେ ତୁମେ ଅଧଘଣ୍ଟାଏ ଭିତରେ ଲେଖିବାକୁ ଥିବା ବିଷୟଟି ଲେଖିବା ଲାଗି ତିନିଗୁଣ ସମୟ ନେବ । ଯେତେବେଳେ ତୁମକୁ ବହୁତ ବହୁତ କାର୍ଯ୍ୟ କରିବାକୁ ପଡ଼େ, ସେତେବେଳେ ତୁମେ ଯାହାସବୁ କରୁଛ ତା' ଉପରେ ବହୁତ ବହୁତ ଏକାଗ୍ର ହୋଇ କାମ କରିବାକୁ ପଡ଼ିବ । ତୁମର ଉପସ୍ଥିତ କର୍ମଟି ଉପରେ ଗଭୀର ଏକାଗ୍ରତା ଓ ମନୋନିବେଶ ସହିତ କରିବାକୁ ହେବ । ତା'ହେଲେ ଯାଇ ତୁମେ ଗୋଟିଏ କାମକୁ ଦଶ ମିନିଟରେ କରିଦେବ, ଯାହା ତୁମକୁ ଘଣ୍ଟାଏ ଲାଗନ୍ତା ।

# ଯାହା ଶିଖୁଛ, ତାକୁ ବୁଝ

ପ୍ରକୃତ ଉପାୟ ହେଲା ତୁମେ ଯାହା ଶିକ୍ଷା କରୁଛ ତାହାକୁ ବୁଝିବା, ଘୋଷି ମନେ ରଖିବା ନୁହେଁ । ତୁମେ ଦେଖ, ଘୋଷାଘୋଷି କରି କିଛି ଶିକ୍ଷା କରିବା ହେଉଛି ଏକ ଯାନ୍ତ୍ରିକ ପଦ୍ଧତି;  କିନ୍ତୁ ଯଦି ବାରଂବାର ତୁମେ ତାକୁ ବ୍ୟବହାର ନ କର ତେବେ ଅଳ୍ପ ସମୟ ପରେ ତୁମେ ସେତେକ ଭୁଲିଯିବ ।...

କିନ୍ତୁ ତୁମେ ଯଦି ବିଷୟଟିକୁ ବୁଝିଛ, ଯଦି ତୁମେ ବିଷୟଟିର ପୃଷ୍ଠଭୂମିରେ ରହିଥିବା ସୂତ୍ରଟିକୁ ବୁଝିନେଇଛ – ତେବେ ତାହା ତୁମର ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ମନେ ରହିଯିବ । ତୁମେ ଶହେ ବର୍ଷ ବଞ୍ଚିଲେ ବି ତାହା ତୁମର ସେତେଦିନ ପର୍ଯ୍ୟନ୍ତ ମନେ ରହିଥିବ । ଅନ୍ୟ ପକ୍ଷରେ ତୁମେ କିଛି ଗୋଟାଏ ଘୋଷି କରି ବର୍ତ୍ତମାନ ପାଇଁ ମନେ ରଖିଦେଲ ... କିଛି ଦିନପରେ ତୁମର ମସ୍ତିଷ୍କର ଜୀବକୋଷଗୁଡ଼ିକ ବହୁ ପରିମାଣରେ ବଢ଼ିଚାଲିଲେ – ଏବଂ ପୁରୁଣା ଜୀବକୋଷଗୁଡ଼ିକ ମରିଯିବା ପରେ ତା' ସ୍ଥାନ ଅଧିକାର କଲେ ନୂଆ ଜୀବକୋଷମାନେ । ଏବଂ ସେତିକିବେଳେ ତୁମର ଅନେକ କଥା ଭୁଲି ହୋଇଗଲା ବା ମସ୍ତିଷ୍କରୁ ଲୋପ ପାଇଗଲା । ... ଜଣକର ଜୀବନରେ ଏମିତି କିଛି କଥା ଚିରଦିନ ପର୍ଯ୍ୟନ୍ତ ରହିଥାଏ, ଯାହା କି ତା' ଜୀବନରେ ଏକ ବିଶେଷ ସ୍ମାରକୀ ହୋଇ ରହିଯାଏ, ଆଉ କେତେକ କଥା ମଧ୍ୟ ତା' ଜୀବନରୁ ପୂରା ଲୋପପାଇ ଯାଏ, କେବେ ବି ତାହା ତା'ର ସ୍ମରଣକୁ ଆସେ ନାହିଁ, ସେସବୁର ଆଉ ଚିହ୍ନବର୍ଣ୍ଣ ନ ଥାଏ । କିନ୍ତୁ ଆଉ କେତେକ କଥା ଜୀବନରେ ପଥପରିମାପକ ପରି,  ମାଇଲ୍‌ଖୁଣ୍ଟ ହୋଇ ରହିଥାଏ । ଏଗୁଡ଼ିକ ହେଲା ସଚେତନ ଅଭିଜ୍ଞତା, ତା'ମାନେ ସେଗୁଡ଼ିକ ବୁଝାଯାଇଛି – ହୃଦୟଙ୍ଗମ କରାଯାଇଛି; ତେଣୁ ଅଭିଜ୍ଞତାଟି ଅନିର୍ଦ୍ଦିଷ୍ଟ କାଳ ପାଇଁ ସେମିତି ରହିଯାଇଛି । ତୁମେ ଯେତେବେଳ ଇଚ୍ଛା ସାମାନ୍ୟ ଭାବେ ଚେତନାର ଚାଳନା କଲାମାତ୍ରେ ସେଇ ସ୍ମୃତି ବା ଅଭିଜ୍ଞତାଗୁଡ଼ିକ ତୁମ ଆଖି ଆଗରେ ଜୀବନ୍ତ ରୂପେ ଭାସି ଉଠିବେ । କିନ୍ତୁ ଆଉ ଯାହାସବୁ ତୁମେ ଯାନ୍ତ୍ରିକ ଭାବେ ଶିକ୍ଷା କରିଛ – ସେଗୁଡ଼ିକ ଯଦି ତୁମେ ପ୍ରତିଦିନ ବ୍ୟବହାର ନ କର, ତେବେ ଖୁବ୍ ଶୀଘ୍ର ସେଗୁଡ଼ିକ ତୁମ ସ୍ମୃତିପଟରୁ ଲିଭିଯିବେ ।

# ନିଜ ଜୀବନକୁ ସଂଗଠିତ କର – ୧

ଜଣେ ନିଜର ସବୁ ଜିନିଷକୁ ସଜାଡ଼ି ରଖିବା ଉଚିତ । ତା' ସହିତ ନିଜର ଚିନ୍ତା ଓ ଧାରଣାଗୁଡ଼ିକୁ ମଧ୍ୟ ଏକ ଭାବରେ ସଂଗଠିତ କର, ଯେପରି କି, କେଉଁ କଥା କେଉଁଠି ରହିଛି ସେସବୁ ନିର୍ଭୁଲଭାବେ ଜାଣିପାରିବ । ଏବଂ ସିଧା ସେ ସବୁ ଜାଗାରେ ପହଞ୍ଚିପାରିବ, କାରଣ, ତାଙ୍କର ସଂଗଠନଟି ଯୁକ୍ତିସଂଗତ । ଏହି ଯୁକ୍ତି-ସଂଗତ କରିବାଟା ହେଲା ସଂପୂର୍ଣ୍ଣ ତୁମ ନିଜ ଯୁକ୍ତିଯୁକ୍ତ ଚିନ୍ତା ବା ପରିକଳ୍ପନା ଅନୁସାରେ । ତୁମର ଆଉ କାହାର ଯୁକ୍ତି ଅନୁସାରେ ପରିଚାଳିତ ହେବା ଦରକାର ନାହିଁ । ତୁମ ଚିନ୍ତା ବା ସଂଯୋଜନାଟି ସଂପୂର୍ଣ୍ଣ ଭାବେ ନିଜ ଯୁକ୍ତି ଅନୁଯାୟୀ ହେବା ଉଚିତ । ତା'ହେଲେ କ'ଣ ହେବ ନା, ତୁମେ ତୁମର କେଉଁ କଥା କେଉଁଠି ଅଛି ଜାଣିପାରିବ ଓ ଯଦି କେଉଁ କଥା ଠିକଣା ଜାଗାରେ ନ ଥିବ, ତାହା ତୁମେ ସଙ୍ଗେ ସଙ୍ଗେ ଜାଣିପାରିବ । ଯେଉଁମାନେ ଏକଥା କରିପାରନ୍ତି, ସେମାନେ ତାଙ୍କର ଚିନ୍ତାରେ ମଧ୍ୟ ଶୃଙ୍ଖଳା ଆଣିପାରନ୍ତି, ସେମାନେ ତାଙ୍କର ଚରିତ୍ରକୁ ମଧ୍ୟ ସୁସଙ୍ଗଠିତ କରିପାରନ୍ତି ଏବଂ ଶେଷରେ ସେମାନଙ୍କର ଗତିବୃତ୍ତି ଚାଲିଚଳନକୁ ମଧ୍ୟ ଭଲ ଭାବେ ନିୟନ୍ତ୍ରଣ କରିପାରନ୍ତି । ତା'ପରେ ଯେତେବେଳେ ତୁମେ କିଛିଭାବେ ଅଗ୍ରଗତି କରିବ, ସେତେବେଳେ ତୁମେ ତୁମର ଦେହଗତ ଜୀବନକୁ ମଧ୍ୟ ସୁଶାସନରେ ରଖିପାରିବ : ତୁମର ଦୈହିକ ଗତିବୃତ୍ତି ଉପରେ ତୁମର ସଂଯମ ମଧ୍ୟ ଆସିଯିବ । ଯଦି ତୁମେ ଜୀବନକୁ ସେଇବାଟରେ ନେଇଯାଇପାର, ପ୍ରକୃତରେ ଜୀବନ ତୁମର ପ୍ରୀତିପ୍ରଦ ହୋଇପାରିବ । ଯଦି ତୁମେ ସବୁବେଳେ ଗଣ୍ଡଗୋଳିଆ ଅବସ୍ଥାରେ ରହିବ, ଯଦି ତୁମ ଜୀବନ ବିଶୃଙ୍ଖଳାମୟ ହୋଇଯିବ, ଯଦି ତୁମର ବାହ୍ୟ ଓ ଆନ୍ତର ଜୀବନ ଗୋଳମାଳିଆ ଓ ଏଣୁତେଣୁ ମିଶାମିଶି ହୋଇ ରହିଥାଏ, ତେବେ ତୁମେ କେଉଁ ବିଷୟରେ ସଚେତନ ହୋଇପାରିବ ନାହିଁ ଏବଂ ତୁମର ନିଜ ଜୀବନ ଉପରେ ଆଦୌ ପ୍ରଭୁତ୍ୱ ରହିବ ନାହିଁ । ଏଭଳି ବଞ୍ଚିବା ପ୍ରକୃତ ବଞ୍ଚିବା ନୁହେଁ ।

# ନିଜ ଜୀବନକୁ ସଂଗଠିତ କର – ୨

କେହି କେହି... ନିଜ ଆଲମାରିଟିକୁ ବା ଡ୍ରୟାର୍ ଇତ୍ୟାଦିକୁ ଠିକ୍ ଭାବେ ସଜାଡ଼ି ରଖିପାରନ୍ତି ନାହିଁ କିଂବା ସେମାନେ ଯେଉଁ କୋଠରିରେ ଥା'ନ୍ତି ତାହା ବାହାରକୁ ଛାପ ଚିକ୍କଣ ଦେଖା ଯାଉଥାଇପାରେ, କିନ୍ତୁ ତା' ଭିତରକୁ ପଶି ତୁମେ ଆଲମାରିର ଡ୍ରୟାର୍‌ରୁ କ'ଣ ଗୋଟାଏ ଖୋଜିବ – ଦେଖିବ ସବୁକିଛି ଗୋଳମାଳ, ସତେକି ଗୋଟିଏ ଯୁଦ୍ଧକ୍ଷେତ୍ର ! ସବୁ ଜିନିଷ ଖେଳିଆ ମେଳିଆ ହୋଇ ପଡ଼ିଛି । ତୁମେ ଦେଖିବ ସବୁ ଜିନିଷ ଅସଜଡ଼ା; କେଉଁ ଜିନିଷ ଠିକ୍ ଜାଗାରେ ନାହିଁ । ଏହି ଧରଣର ଲୋକଙ୍କର ଛୋଟ ମୁଣ୍ଡଟିର ଅବସ୍ଥା ବି ଠିକ୍ ଏମିତି ଗୋଳମାଳିଆ । ସେମାନେ ତାଙ୍କର କୌଣସି ଚିନ୍ତା ବା ଧାରଣାକୁ ସଂଗଠିତ କରି ନ ଥା'ନ୍ତି । ସେମାନେ ସେଗୁଡ଼ିକୁ ଶୃଙ୍ଖଳିତ ମଧ୍ୟ କରି ନ ଥା'ନ୍ତି । ସେମାନେ ସବୁବେଳେ ଏକ ଗଣ୍ଡଗୋଳିଆ ମନ ନେଇ ବଞ୍ଚୁଥା'ନ୍ତି । ଏଭଳି ଲୋକଙ୍କୁ ଦେଖିଲେ ତୁମେ ଠିକ୍ ଜାଣିପାରିବ । ମୁଁ ଏଭଳି ଲୋକଙ୍କ ସମ୍ବନ୍ଧେ ଯାହା କହିଲି, ସେହି ନିୟମର ବ୍ୟତିକ୍ରମ ମୁଁ ଦେଖି ନାହିଁ : ଏ ଲୋକମାନେ ଜାଣି ନ ଥା'ନ୍ତି ଘରେ କୌଣସି ଜିନିଷପତ୍ର କିପରି ଶୃଙ୍ଖଳାରେ ରଖାଯାଏ – ସେମାନଙ୍କ ମସ୍ତିଷ୍କରେ ଚିନ୍ତାଧାରାଗୁଡ଼ିକ ମଧ୍ୟ ସବୁବେଳେ ବିଶୃଙ୍ଖଳ । ସେମାନଙ୍କ ମୁଣ୍ଡ ଭିତରେ ଦୁଇଟି ବିରୋଧାତ୍ମକ ଚିନ୍ତା ସେହି ଏକ ସଙ୍ଗରେ ଖେଳୁଥା'ନ୍ତି, ତହିଁରେ କୌଣସି ଉଚ୍ଚତର ସମନ୍ୱୟ ନ ଥାଏ । ତୁମେ ଏକଥା ବିଶ୍ୱାସ କରୁନ କି ? ସେମାନଙ୍କର ଏହି ଧରଣର ବିଶୃଙ୍ଖଳା ଓ ସେମାନଙ୍କର ଚିନ୍ତାକୁ ସଂଗଠିତ ନ କରିପାରିବା ହେଉଛି ଏହାର କାରଣ । ଏ ଲୋକଙ୍କ ସହିତ ତୁମେ ଦଶମିନିଟ ବି କଥା କହିବା ଦରକାର ନାହିଁ – ଯଦି ତୁମେ ତାଙ୍କ କୋଠରି ଭିତରକୁ କୌଣସି ପ୍ରକାରେ ଯାଇପାରିବ ଓ ତା' ଭିତରକୁ ଯାଇ ତାଙ୍କର ଆଲମିରା, ଅଳଗୁଣୀ, ବହିଥାକ, ବିଛଣାଦି ଦେଖିବ, ତେବେ ସେ ଲୋକ ସମ୍ବନ୍ଧେ ତୁମେ ସବୁ ଜାଣିପାରିବ । ସେମାନେ କେଉଁ ସ୍ତରରେ ଅଛନ୍ତି ତୁମକୁ ଜଣାପଡ଼ିବ । ନୁହେଁ କି ?

# ଦ୍ରବ୍ୟଗୁଡ଼ିକ ପ୍ରତି ଖାତିର୍ ରଖ

ପ୍ରଶ୍ନ : ମା ! ଆମେ ଜିନିଷପତ୍ରଗୁଡ଼ିକୁ କିପରି ବ୍ୟବହାର କରିବୁ ?

ଉତ୍ତର : ଆଃ – କଥାଟି ହେଉଛି ... ପ୍ରଥମେ ପ୍ରତିଟି ଦ୍ରବ୍ୟ ବା ଜିନିଷର ପ୍ରକୃତ ଆବଶ୍ୟକତାଟି ବୁଝି ତାହା ବ୍ୟବହାର କର । ସେଗୁଡ଼ିକର ଯଥାର୍ଥ ବ୍ୟବହାର ସମ୍ବନ୍ଧେ ଜ୍ଞାନ ଅର୍ଜନ କର । ଏପରି ଯତ୍ନର ସହିତ ଜିନିଷଗୁଡ଼ିକୁ ବ୍ୟବହାର କର ଯେ, ସେଗୁଡ଼ିକ ଯେପରି ନଷ୍ଟ ହୋଇ ନ ଯା'ନ୍ତି । ଦ୍ରବ୍ୟଗୁଡ଼ିକର ବ୍ୟବହାର ସମ୍ବନ୍ଧେ ଯେପରି ତୁମର କୌଣସି ଗୋଳମାଳିଆ ଧାରଣା ନ ରୁହେ ।...

ଯେଉଁ ଜିନିଷଟି ତୁମେ ବ୍ୟବହାର ପାଇଁ ରଖିଛ, ତା'ପ୍ରତି ତୁମର ଏକ ପ୍ରକାର ସମ୍ମାନବୋଧ ରହିବା ଉଚିତ । ତେଣୁ ଜିନିଷଟି ବ୍ୟବହାର କଲାବେଳେ ତୁମକୁ ବୁଝିବିଚାରି କରିବାକୁ ହେବ । ପ୍ରତି ବ୍ୟବହୃତ ଜିନିଷକୁ ଯେତେଦିନ ପାର ସାଇତି କରି ରଖିବ । ତା'ମାନେ ନୁହଁ ଯେ, ତୁମେ ସେ ଦ୍ରବ୍ୟଟି ପ୍ରତି ଆସକ୍ତ ବା ତା' ପ୍ରତି ତୁମର କିଛି କାମନା ରହିଛି । ତୁମେ ପ୍ରତିଟି ଦ୍ରବ୍ୟକୁ ସମ୍ମାନଜନକ ଦୃଷ୍ଟିରୁ ଦେଖିବାର କାରଣ ହେଲା, ତୁମେ ଭାବ ତ ଜିନିଷଟିଏ ତିଆରି କରିବାକୁ କେତେ ଶ୍ରମ ଲାଗିଥିବ, କେତେ ନିଷ୍ଠା ଲାଗିଥିବ । ଏଇଥିଲାଗି କେବଳ ଆମେ ପ୍ରତିଟି ଜିନିଷକୁ ଖୁବ୍ ଖାତିର୍ କରିବା ଉଚିତ ।...

ବହୁବେଳେ ମୁଁ କହେ – ''ନା ! ଯାହା ତୁମର ଅଛି ତାକୁ ବ୍ୟବହାର କର । ତା'ର ଯେତେ ସଦୁପଯୋଗ କରିପାର କର । ଅଦରକାରୀ ଭାବେ ଜିନିଷପତ୍ରଗୁଡ଼ିକୁ ଫିଙ୍ଗାଫୋପଡ଼ା କର ନାହିଁ । ଅଯଥାରେ ମଧ୍ୟ ଗୁଡ଼ାଏ ଜିନିଷପତ୍ର ଚାହଁ ନାହିଁ । ତୁମର ଯାହା ଯେତିକି ଜିନିଷପତ୍ର ବ୍ୟବହାର ପାଇଁ ଅଛି ସେଇଥିରେ ଚଳ, ସବୁଗୁଡ଼ିକର ଠିକ୍ ଯତ୍ନ ନିଅ, ସବୁଗୁଡ଼ିକୁ ଶୃଙ୍ଖଳିତ ଭାବେ ରଖ । ପ୍ରତିଟି ଜିନିଷକୁ ତା' ନିଜ ବାଗରେ ବ୍ୟବହାର କର । ସବୁପ୍ରକାର ଗଣ୍ଡଗୋଳିଆ ଅବସ୍ଥାକୁ ଦୂର କର ।''

# ଦଣ୍ଡ ଓ ପୁରସ୍କାର

ତୁମ ଭିତରେ ଯେଉଁ ପ୍ରବୃତ୍ତିସବୁ କାମଗୁଡ଼ିକୁ ଭଲଭାବରେ କରିବାକୁ ଚେଷ୍ଟା କରନ୍ତି, ସ୍ୱତଃସ୍ଫୂର୍ତ୍ତ ଓ ଆନ୍ତରିକ ଭାବେ କରିବାକୁ ଚେଷ୍ଟା କରନ୍ତି, ତାହାର ପ୍ରେରଣା ତୁମ ଅନ୍ତର ଭିତରୁହିଁ ଆସିଥାଏ; ତାହା ଏହି କାରଣରୁ ଆସି ନ ଥାଏ ଯେ ଭଲ ଭାବରେ କାମଟି କଲେ ତୁମେ ପୁରସ୍କୃତ ହେବ ଓ ଖରାପ ଭାବରେ କାମଟି କଲେ ତୁମେ ଦଣ୍ଡ ପାଇବ । ଆମ କାର୍ଯ୍ୟପଦ୍ଧତିର ଭିତ୍ତି ଏହା ନୁହେଁ ।

ତେବେ ଏହା ମଧ୍ୟ ସମ୍ଭବ ହୋଇପାରେ ଯେ, କେବେ କେମିତି ତୁମର କୌଣସି କର୍ମକୁ ଅନ୍ୟମାନେ ପସନ୍ଦ କରି ତାକୁ ଏକ ବିଶେଷ ମୂଲ୍ୟ ଦେଲେ – କିନ୍ତୁ ଏଥିପାଇଁ ଯେ ତୁମେ ସେହି କର୍ମଟିକୁ ଏଡ଼େ ସୁନ୍ଦର କରି ସଂପନ୍ନ କରିଥିଲ ତା' ନୁହେଁ । ତା'ମାନେ, ଏହି ସୁନ୍ଦର କର୍ମଟି ଲାଗି ତୁମକୁ ପୁରସ୍କାର ମିଳିବ ବୋଲି ଆଗରୁ କୌଣସି ପ୍ରତିଶ୍ରୁତି ଦିଆଯାଇ ନ ଥିଲା । ଅପର ପକ୍ଷରେ ଏପରି ମଧ୍ୟ ସତର୍କବାଣୀ ତୁମକୁ ମିଳି ନ ଥିଲା ଯେ ଯଦି ତୁମର କର୍ମଟି ଆଶାନୁରୂପ ଉତ୍କୃଷ୍ଟ ନ ହୁଏ, ତେବେ ତୁମକୁ ଦଣ୍ଡ ମିଳିବ । ଆମ ଜୀବନ-ସାଧନାର ଧାରାରେ ଏପରି ନୀତି ଆମେ ଅନୁସରଣ କରୁ ନାହୁଁ । ଆମ ପଦ୍ଧତିଟି ହେଲା – ତୁମେ ଯଦି ଗୋଟିଏ କର୍ମକୁ ସୁଚାରୁରୂପେ ତୁମ ସାଧ୍ୟାନୁସାରେ ନିଷ୍ଠାର ସହିତ ସଂପାଦନ କଲ, ତେବେ ତୁମକୁ ଏକ ସ୍ୱାଭାବିକ ସ୍ୱତଃସ୍ଫୂର୍ତ୍ତ ଆତ୍ମ-ସନ୍ତୋଷ ମିଳେ । ତାହାହିଁ ତୁମ କର୍ମ ପାଇଁ ତୁମର ସମୁଚିତ ପୁରସ୍କାର । ଏବଂ ଯେତେବେଳେ ତୁମେ ଅନୁଭବ କଲ ଯେ କାର୍ଯ୍ୟଟି ତୁମ ଦ୍ୱାରା ସୁଚାରୁରୂପେ ସଂପନ୍ନ ହୋଇପାରିଲା ନାହିଁ – ତାହାହିଁ ସ୍ୱାଭାବିକ ଭାବେ ତୁମ ପାଇଁ ଏକ ଦଣ୍ଡ ସ୍ୱରୂପ ହେଲା । କାରଣ, ତଦ୍ଦ୍ୱାରା ତୁମ ମନରେ ଦୁଃଖ ହେଲା ଓ ତୁମେ ବଡ଼ ଅସ୍ୱସ୍ତି ଅନୁଭବ କଲ । ଏବଂ ଏହାହିଁ ତୁମ ପାଇଁ ସବୁଠାରୁ ବାସ୍ତବ ଦଣ୍ଡ । ତେଣୁ, ତୁମର ଆନ୍ତର ଆଧ୍ୟାତ୍ମିକ ବିକାଶ ଦୃଷ୍ଟିରୁ ଯେତେ ଯାହା ତୁମ ମନରେ ଗତିବୃତ୍ତି କ୍ରିୟା-ପ୍ରତିକ୍ରିୟା ସୃଷ୍ଟି ହେବ, ତାହାହିଁ ଆମ ପାଇଁ ସବୁଠାରୁ ମୂଲ୍ୟବାନ କଥା । ବାହାରୁ କୌଣସି ପ୍ରକାର ଚାପ ଦ୍ୱାରା ନିୟନ୍ତ୍ରିତ ହେବା ଆମ ପାଇଁ ବିଶେଷ ବଡ଼ କଥା ନୁହେଁ ।

# ବିଭିନ୍ନ ପ୍ରକାର କର୍ମ କର

କ୍ରମାଗତ ଭାବେ ବହୁଲୋକ ମୋତେ ଗୋଟିଏ କଥା ବାରଂବାର କହିଥା'ନ୍ତି – ଯଦି ଗୋଟିଏ କାର୍ଯ୍ୟକୁ ଖୁବ୍ ଭଲ ଭାବରେ କରିବାକୁ ହେବ, ତେବେ ସେହି କାର୍ଯ୍ୟଟି ପାଇଁ ଜଣକୁ ସେଥିରେ ବିଶେଷଜ୍ଞ ହେବାକୁ ପଡ଼ିବ ।... ମୋତେ ଏହା ବାରଂବାର କୁହାଯାଇଛି ଏବଂ କେତେକ ଲୋକ ମଧ୍ୟ ଏହା ପ୍ରମାଣ କରିବାକୁ ଆଗେଇ ଆସନ୍ତି ଯେ ଭଲ କରି କାର୍ଯ୍ୟଟିକୁ ସଂପନ୍ନ କରିବାକୁ ହେଲେ ତୁମକୁ ସେଥିରେ ଜଣେ ବିଶେଷଜ୍ଞ ହେବାକୁ ପଡ଼ିବ ।... ଏ କ୍ଷେତ୍ରରେ ମୁଁ କହିବି, ମୁଁ କିନ୍ତୁ ସେପରି ଭାବେ ନାହିଁ । ମୋ ଅଭିଜ୍ଞତା ଅଲଗା । ମୋର ଧାରଣା ଯେ ବହୁ ବିଷୟରେ କିଛି କିଛି ଜ୍ଞାନ ଅର୍ଜନ କରିବା ଭଲ । ଜଣେ ଗୋଟିଏ ବିଷୟରେ ବିଶେଷଜ୍ଞ ହେବା ଅପେକ୍ଷା ବହୁ ବିଷୟରେ ନିଜର କୃତି ଅର୍ଜନ କରିବା ଭଲ ।...

ମୋ କଥା କ'ଣ କହିବି ? ମୁଁ ମୋ ପ୍ରାରମ୍ଭିକ ଜୀବନରେ ବହୁ ବିଷୟରେ ଲାଗି କାମ କରିଛି ଓ ସେଥିପାଇଁ ମଧ୍ୟ ଗାଳି ଖାଇଛି ! ମୋତେ ସମସ୍ତେ କହୁଥିଲେ – ତୁ କେଉଁ ବିଷୟରେ ପାରଦର୍ଶିତା ଦେଖାଇପାରିବୁ ନାହିଁ । ମୁଁ ପାଠ ପଢୁଥିଲି, ଛବି ଆଙ୍କୁଥିଲି, ସଂଗୀତ ସାଧୁଥିଲି, ଏବଂ ଏସବୁ ସହିତ ଅନ୍ୟାନ୍ୟ ନାନା କାର୍ଯ୍ୟରେ ମଧ୍ୟ ମନ ଦେଉଥିଲି ଓ ଜଡ଼ିତ ହେଉଥିଲି । ତାହା ଦେଖି ମୋତେ କୁହାଯାଇଥିଲା ଯେ, ମୁଁ ସଂଗୀତରେ ଉଚ୍ଚ ପର୍ଯ୍ୟାୟକୁ ଉଠିପାରିବି ନାହିଁ, ମୋ ଛବିଅଙ୍କନ ମଧ୍ୟ ଲୋକଙ୍କ ଦ୍ୱାରା ଗ୍ରାହ୍ୟ ହେବ ନାହିଁ ଏବଂ ମୋର ପାଠ ପଢ଼ା ମଧ୍ୟ ସେମିତି ଅଧାପନ୍ତରିଆ ହୋଇରହିବ । ସମ୍ଭବତଃ ଏହାହିଁ ସତ, କିନ୍ତୁ ତଥାପି ମୁଁ ଭାବୁଛି ଯେ ମୋର ବିଭିନ୍ନ ବିଷୟ ନେଇ ମାତିବା ଦ୍ୱାରା କିଛି ଉପକାର ବି ହୋଇଛି । ସେଇସବୁ ଉପକାର, ଯାହା ମୁଁ ତୁମ୍ଭମାନଙ୍କୁ କହେ – ଏହା ଦ୍ୱାରା ଜଣକର ମାନସିକ ବିସ୍ତୃତି ହୋଇଥାଏ, ବୁଦ୍ଧିବୃତ୍ତିର ନମନୀୟତା ଆସିଥାଏ, ଏବଂ ଜୀବନ ପ୍ରତି ବୁଝାମଣା ମଧ୍ୟ ଖୁବ୍ ବଢ଼ିଥାଏ ।

# ମାନସିକ କୃଷ୍ଟି

ମାନସିକ କର୍ଷଣ ବା ବୌଦ୍ଧିକ ଶିକ୍ଷା ତୁମର ମସ୍ତିଷ୍କର ଗଠନକୁ ପରିବର୍ତ୍ତନ କରିଥାଏ । ଏହା ଫଳରେ ବୁଦ୍ଧି ସମୃଦ୍ଧ ହୁଏ । ଏବଂ ଅଭିବ୍ୟକ୍ତି ଅଧିକ ସୁସଂପନ୍ନ ହୋଇଥାଏ ଏବଂ ଅଧିକ ଯଥାଯଥ ମଧ ହୋଇଥାଏ ।

ତୁମେ ଯଦି ଜୀବନରୁ ଅବ୍ୟାହତି ନେଇ ଏକ ଅବ୍ୟକ୍ତ ଉଚ୍ଚତା ବା ଉର୍ଦ୍ଧ୍ୱତନ ସ୍ତରରେ ରହିବାକୁ ଚାହଁ, ତେବେ ଏଇ ବୌଦ୍ଧିକ ବା ମାନସିକ କର୍ଷଣର କିଛି ଆବଶ୍ୟକତା ନାହିଁ । କିନ୍ତୁ ତୁମେ ଯଦି ତୁମର ଉର୍ଦ୍ଧ୍ୱସ୍ତରୀୟ ଚେତନାକୁ ତୁମର ଏଇ ବାହ୍ୟ ବା ସାଂସାରିକ ଜୀବନରେ ପ୍ରକାଶ କରିବାକୁ ଚାହଁ, ତେବେ ଏହାର ଆବଶ୍ୟକତା ନିଶ୍ଚୟ ଅଛି ।...

ସଂଗୀତର ବାଦ୍ୟଯନ୍ତ୍ରଗୁଡ଼ିକ ସହିତ ଏହାର ତୁଳନା ଭଲଭାବେ ହୋଇପାରେ । ଗୋଟିଏ ବାଦ୍ୟଯନ୍ତ୍ରରେ ହୁଏତ କେତୋଟି ନୋଟ୍ ଅଛି – କିନ୍ତୁ ଆଉ ଗୋଟିଏ ବାଦ୍ୟଯନ୍ତ୍ରରେ ତା'ର ଦଶଗୁଣ ନୋଟ୍ ଥାଇପାରେ । ଯେଉଁ ବାଦ୍ୟ ଯନ୍ତ୍ରରେ ଚାରି ପାଞ୍ଚଟି ମାତ୍ର ନୋଟ୍ ଅଛି, ତାକୁ ବାଦନ କରିବା ନିଶ୍ଚୟ ସହଜ । କିନ୍ତୁ ଏକ ସଂପୂର୍ଣ୍ଣ କି-ବୋର୍ଡ଼ରେ ଯେଉଁ ବାଦ୍ୟସବୁ ବାଦନ କରାଯାଏ ତାହା ନିଶ୍ଚୟ ଖୁବ୍ ଉଚ୍ଚ କୋଟୀର !

ଏହାକୁ ଏକ ସରଳ ବାଦ୍ୟଯନ୍ତ୍ର ଅପେକ୍ଷା ଏକ ଜଟିଳ ଅର୍କେଷ୍ଟ୍ରା ସହିତ ତୁଳନା କରାଯାଇପାରେ । ଜଣେ ମଣିଷ, ମାନେ ଜଣେ ପୂର୍ଣ୍ଣ ବିକଶିତ ମନୁଷ୍ୟକୁ ସେହିସବୁ ବିରାଟ ଅର୍କେଷ୍ଟ୍ରା ସହିତ ତୁଳନା କରାଯାଇପାରେ । ଯେଉଁଥିରେ ଥା'ନ୍ତି ଶହ ଶହ ବାଦ୍ୟବାଦନକାରୀ । ଏହା ନିଶ୍ଚିତ କଥା ଯେ ସେମାନଙ୍କୁ ନିୟନ୍ତ୍ରଣ କରିବା ଓ ପରିଚାଳନା କରିବା ଖୁବ୍ କଷ୍ଟକର ବ୍ୟାପାର । କିନ୍ତୁ କରିପାରିଲେ ତା'ର ଫଳ ଖୁବ୍ ଚମତ୍କାର ହୋଇଥାଏ ।

## ବିଦ୍ୟାର୍ଜନ ଓ ସାଧନା

ଯଦି ତୁମେ ଜୀବନର ଗଭୀର ନୀତିଗୁଡ଼ିକୁ ବୁଝିବାକୁ ଚାହଁ, ଯଦି ତୁମେ ଈଶ୍ୱରଙ୍କର ତୁମ ପ୍ରତି ବାର୍ତ୍ତା ଗ୍ରହଣ କରିବାକୁ ଚାହଁ, ଏ ସୃଷ୍ଟିର ରହସ୍ୟ ଭେଦ କରିବାରେ ଯଦି ତୁମେ ମଗ୍ନ ହେବାକୁ ଚାହଁ, ତେବେ ସେଥିପାଇଁ ଆବଶ୍ୟକ ହେବ ତୁମର ଏକ ବିକଶିତ ମନ । ଏବଂ ଏହି ବିକଶିତ ମନଟିଏ ପାଇବା ପାଇଁ ଗ୍ରନ୍ଥାଧ୍ୟୟନ ଆବଶ୍ୟକ । କିନ୍ତୁ ମନର ଏହି ବିକାଶ ଆସିଗଲା ପରେ ଜଣେ ଆଉ ଗ୍ରନ୍ଥ ଅଧ୍ୟୟନର ଆବଶ୍ୟକତା ଅନୁଭବ ନ କରିପାରେ । କାରଣ, ଏକ ବିକଶିତ ଉତ୍କୃଷ୍ଟ ମନ ଜୀବନର ଖୁବ୍ ଛୋଟ ଛୋଟ ଘଟନା ଓ ପରିସ୍ଥିତିରୁ ବି ବହୁକଥା ଶିକ୍ଷା କରିପାରେ । ସେହି ଅଭିଜ୍ଞତା ତୁମକୁ ଶିଖାଇ ଦେବ ତୁମେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ବା ଅବସ୍ଥାରେ କିପରି କ'ଣ ଚିନ୍ତା କରିବ ଓ କିପରି କ'ଣ କାର୍ଯ୍ୟ କରିବ । ଏପରିକି – ମୁଁ ଭାବୁଛି ଏହା ମୁଁ ନିର୍ଦ୍ଦିଷ୍ଟଭାବେ କହିଛି – ଗୋଟିଏ ଅଜ୍ଞାନ ଛୋଟ ପିଲାର ସାମାନ୍ୟ କିଛି କ୍ରିୟାପ୍ରତିକ୍ରିୟା ତୁମକୁ ଏକ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ଶିକ୍ଷାଦେବ, ଯାହା ତୁମେ ଆଗରୁ ଜାଣି ନ ଥିଲ । ତୁମର ମନୋଭାବ ଅଲଗା ହୋଇଯିବ । ତୁମର ମନୋଭାବ ଏପରି ହେବ, ଯେମିତିକି ତୁମେ ସବୁବେଳେ କିଛି ଗୋଟାଏ ସତ୍ୟ ଆବିଷ୍କାର କରିବା ପାଇଁ ଅପେକ୍ଷା କରିଛ । ଏହି ମନୋଭାବ ରଖିଲେ ପ୍ରତିଟି ବ୍ୟାପାର ବା ପରିସ୍ଥିତି ତୁମକୁ ଅଗ୍ରଗତି କରିବାରେ ସାହାଯ୍ୟ କରିବ । ତୁମେ ମଧ୍ୟ ତୁମର ଏକ ପ୍ରମାଦପୂର୍ଣ୍ଣ ଗତିବୃତ୍ତିକୁ ସଜାଡ଼ି ନେଇପାରିବ । ଆଗକୁ ମଧ୍ୟ ପାଦେ ଗତିକରିଯିବ । ଏପରି ହେବ ଯେ ଏକ ଚୁମ୍ବକ ପ୍ରସ୍ତର ପରି ତୁମ ଚାରିପଟେ ଥିବା ସର୍ବବିଧ ପରିସ୍ଥିତିରେ ରହିଥିବା ସୁଯୋଗକୁ ଆକର୍ଷଣ କରି ତୁମକୁ ଆଗକୁ ଆଗକୁ ଟାଣି ନେବାରେ ସାହାଯ୍ୟ କରିବ । ସାମାନ୍ୟ କଥାଟିଏ ବି ତୁମକୁ ଅଗ୍ରଗତି କରିବା ପାଇଁ ଶିକ୍ଷାଦେବ । ଯେହେତୁ ଅଗ୍ରଗତି ପାଇଁ ତୁମର ଚେତନା ଓ ସଂକଳ୍ପ ରହିଛି, ତେଣୁ ତୁମ ପାଇଁ ଜୀବନର ସବୁକିଛି ସୁଯୋଗରେହିଁ ପରିଣତ ହୋଇଯିବ । ତୁମେ ତୁମର ଏହି ଚେତନା ଓ ସଂକଳ୍ପକୁ ସବୁଥିରେ ଅଗ୍ରଗତି କରିବାରେ ଲଗାଇ ଦେଇପାରିବ ।

# ଜ୍ଞାନ ତୁମ ଭିତରେ ଅଛି

ତୁମର ଅନ୍ତରାତ୍ମାରେ ତୁମେ ଆଗରୁ ଯାହା ଜାଣିସାରିଛ, ତାହାହିଁ କେବଳ ତୁମେ ବାହାରେ ବୁଝିପାର । ବହିଟିଏ ପଢ଼ିଲାବେଳେ ତା'ର ଯେଉଁ କଥାଟି ତୁମ ମନକୁ ପାଇଯାଏ, ତୁମେ ସେ କଥାଟିକୁ ଆଗରୁ ତୁମ ଅନ୍ତରରେ ଗଭୀର ଭାବେ ଅନୁଭବ କରିସାରିଥିଲ । ଲୋକେ କହିଥା'ନ୍ତି – ''ଆଃ ! ସେ ବହିଟି କି ଚମତ୍କାର ! ସେହି ବାଣୀଟି କି ଅଦ୍ଭୁତ ! ଏହା କହି ସାରି ସେମାନେ ପୁଣି କହନ୍ତି – ''ସେଇ ବିଷୟଟି ବା ସେହି ବାଣୀଟି ମୁଁ ମଧ୍ୟ ଆଗରୁ ଅନୁଭବ କରିଥିଲି । କିନ୍ତୁ ମୁଁ ସେତେକ ଏପରି ସୁନ୍ଦର ଭାବେ ପ୍ରକାଶ କରିପାରି ନ ଥିଲି ।''

ଯେତେବେଳେ ଲୋକେ ଜ୍ଞାନପୂର୍ଣ୍ଣ ବହିଟିଏର ସଂସ୍ପର୍ଶରେ ଆସନ୍ତି, ସେତେବେଳେ ସେମାନେ ପ୍ରତ୍ୟେକେ ସେ ବହିରେ ନିଜକୁ ଖୋଜି ପାଇଥା'ନ୍ତି । ପ୍ରତିଟି ବହି ପଢ଼ିଲା ବେଳେ ସେ ପ୍ରଥମରୁ ଦେଖି ନ ଥିବା କେତେକ ବିଷୟ ଆବିଷ୍କାର କରେ । ପ୍ରତିଟିଥର ସେ ସେହି ବହିଟିରୁ ଜ୍ଞାନର ଏକ ନୂତନ ସ୍ତର ଖୋଲିଯିବାର ଦେଖେ, ଯାହା ସେ ପ୍ରଥମବାର ଦେଖିପାରି ନ ଥିଲା । ତା'ର କାରଣ ହେଲା – ତୁମ ଅବଚେତନ ଭିତରେ ବହୁସ୍ତର ଥାଏ, ଯେଉଁଗୁଡ଼ିକ କି ଅଭିବ୍ୟକ୍ତ ହେବା ଲାଗି ଅପେକ୍ଷା କରିଥା'ନ୍ତି । ବର୍ତ୍ତମାନ ଯେତେବେଳେ ତୁମେ ବହିଟିଏ ପଢ଼ିଲ, ସେତେବେଳେ ଆଉ ଜଣେ ତୁମ ଲାଗି ସେ ବହିରେ ସେହି ଜ୍ଞାନଟିକୁ ତୁମ ଲାଗି ପ୍ରକାଶ କରିଦେଲା । ତୁମେ ଯାହା ପ୍ରକାଶ କରିଥା'ନ୍ତ, ତା'ଠାରୁ ସେ ଅଧିକ ଭଲ ଭାବେ ସେ କଥାଟିକୁ ତା' ବହିରେ ପ୍ରକାଶ କରିଦେଇଛି । ଏବଂ ବହିଟିରେ ତାହା ପ୍ରକାଶିତ ହେବାର ଦେଖି ସେ ତାକୁ ଚିହ୍ନିପାରେ ଏବଂ ବୁଝିପାରେ ଏହାହିଁ ସତ୍ୟ । ଯେଉଁ ସତ୍ୟ ବା ଜ୍ଞାନ ବାହାରୁ ତୁମ ଭିତରକୁ ଆସୁଛି ବୋଲି ତୁମେ ଅନୁଭବ କରୁଛ – ତାହା ପ୍ରକୃତରେ ତୁମ ଭିତରେ ଅପ୍ରକଟ ରହିଥିବା ସତ୍ୟ ବା ଚିନ୍ତାଟିର ବାହାରେ ପ୍ରକାଶ ପାଇଥିବା ସତ୍ୟ ଓ ଚିନ୍ତାରୂପେ ଦେଖାଯାଏ ।

## ଯେଉଁ ପଠନ ଜାଗରିତ କରେ

ଯେଉଁମାନେ କିଛି ଗୋଟାଏ ଖୋଜୁଛନ୍ତି, କିଛିଗୋଟେ ପାଇବା ପାଇଁ ଅଣ୍ଡାଳି ହେଉଛନ୍ତି, ଯେଉଁମାନେ କେଉଁ ବିଷୟରେ ପୂର୍ଣ୍ଣଭାବେ ନିଶ୍ଚିତ ହୋଇ ନାହାନ୍ତି, ଯେଉଁମାନେ ଇତସ୍ତତଃ ହେଉଛନ୍ତି, ଯେଉଁମାନଙ୍କର ଜୀବନରେ ନାନାଦି ସରାଗ ରହିଛି, ଯେଉଁମାନେ ସ୍ଥିର ହୋଇ ନାହାନ୍ତି, ଯେଉଁମାନେ କୌଣସି ଉପଲବ୍ଧି ପାଇ ସ୍ଥିର-ସଂକଳ୍ପ ହୋଇପାରି ନାହାନ୍ତି, ସେମାନଙ୍କ ପାଇଁ ଗ୍ରନ୍ଥପାଠ ନିଶ୍ଚୟ ଖୁବ୍ ଭଲ । କାରଣ, ଏହା ଦ୍ୱାରା ସେମାନେ ପ୍ରକୃତ ବିଷୟଟିର ପରିଚୟ ଲାଭ କରିବେ । ଏହା ସେମାନଙ୍କୁ ବିଷୟଟି ଦିଗରେ କିଛି ଆଗ୍ରହ ଆଣିଦିଏ ।

... ଗ୍ରନ୍ଥ ପଠନର ଗୋଟିଏ ପ୍ରଣାଳୀ ରହିଛି, ଯେଉଁ ପ୍ରଣାଳୀରେ ପଢ଼ିଲେ ସେହି ଗ୍ରନ୍ଥଟି ତୁମ ଭିତରେ ବିଷୟଟି ପ୍ରତି ସରାଗ ସୃଷ୍ଟି କରିବ । ଏବଂ ପ୍ରାଥମିକ ଅନ୍ୱେଷଣରେ ମଧ୍ୟ ତୁମକୁ ସାହାଯ୍ୟପ୍ରଦ ହେବ । ସାଧାରଣତଃ, କାହାର ଯଦି ସେ ସମ୍ବନ୍ଧେ ପୂର୍ବରୁ କିଛି ଧାରଣା ବା ଅଭିଜ୍ଞତା ବି ଥାଏ, ତା'ର ମଧ୍ୟ ସେହି ସମ୍ବନ୍ଧୀୟ ଚିନ୍ତା ବା ଧାରଣା ସହିତ କିଛି ଅଧିକ ସଂଯୋଗର ଆବଶ୍ୟକତା ଥାଏ ଯାହା ଫଳରେ ଅଧିକ ସଚେତନ ଭାବେ ସେ ଧାରଣାକୁ ସଫଳତାର ସହିତ ରୂପାୟିତ କରିପାରିବ । କିନ୍ତୁ ଜଣେ ଯେତିକି ଜାଣିବ, ସେ ତା'ର ବାସ୍ତବ ଅଭିଜ୍ଞତାରେ ସେତିକି ନିଷ୍ଠାପର ହେବା ଉଚିତ । ତା'ମାନେ, ସେ କେବଳ ଜ୍ଞାନକୁ ତା' ମନ ଭିତରେ ରଖି ତା'ର ସବୁକିଛି ଅଭିଜ୍ଞତା ହୋଇଗଲାଣି ବୋଲି ମନେ ମନେ କଳ୍ପନା କରିନେବା ଉଚିତ ନୁହେଁ ।... ଏସବୁ କଥା ଭିତରେ ଗୋଟାଏ ସଂଗତି ବା ଭାରସାମ୍ୟ ରହିବା ଉଚିତ । ପ୍ରତ୍ୟେକେ ନିଜ ପାଇଁ କ'ଣ କେତେ ଦରକାର ତାହା ଜାଣିଯିବା ଉଚିତ । କେତେ ପଢ଼ିବ, କେତେ ଧ୍ୟାନ କରିବ, କେତେ ଏକାଗ୍ର ହେବ, କେତେ... ସମସ୍ତଙ୍କ ପାଇଁ ସବୁ କଥାର ଆବଶ୍ୟକତା ଅଲଗା ଅଲଗା ।

# ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥସବୁ କିପରି ପଢ଼ିବ

ଶ୍ରୀଅରବିନ୍ଦଙ୍କ ଲେଖାସବୁ କିପରି ପଢ଼ିବ, ସେ ସମ୍ବନ୍ଧେ ମୁଁ ସାଧାରଣ ଭାବେ ଓ ପରମ ନିଶ୍ଚିତ ଭାବେ ଏଇଆ କହୁଛି । ତୁମେ ଯଦି ସତକୁ ସତ ତାଙ୍କ ଲେଖାରୁ କିଛି ଉପକୃତ ହେବାକୁ ଚାହଁ, ତା'ର ସର୍ବୋତ୍ତମ ପ୍ରଣାଳୀ ହେଲା — ତୁମର ଚେତନାକୁ ସଂଗୃହୀତ କର ଏବଂ ତୁମେ ପଢୁଥିବା ବିଷୟଟି ଉପରେ ତୁମର ଏକାଗ୍ରତାକୁ ଗୋଟାଇ ଆଣି, ତୁମକୁ ନିଶ୍ଚୟ ଯଥାସମ୍ଭବ ମାନସିକ ଭାବେ ଶାନ୍ତ ରହିବାକୁ ପଡ଼ିବ — ସବୁଠାରୁ ଭଲ ହେବ ତୁମେ ଯଦି ସଂପୂର୍ଣ୍ଣ ଭାବେ ନୀରବ ରହିପାର ଏବଂ ତୁମର ମସ୍ତିଷ୍କକୁ ନିଶ୍ଚଳ ରଖିପାର — ଯାହା ଫଳରେ କି, ମୁଁ କହିପାରେ, ତୁମର ଏକାଗ୍ରତା ଗୋଟିଏ ଦର୍ପଣ ଭଳି ସ୍ଥିର ଓ ସ୍ୱଚ୍ଛ ରହିବ — ଏବଂ ନିସ୍ତରଙ୍ଗ ଜଳ ଭଳି ମଧ୍ୟ ସ୍ଥିର ଓ ସ୍ୱଚ୍ଛ ହୋଇଉଠିବ । ସେତେବେଳେ ଯାଇ ତୁମେ ଯାହା ପଢ଼ିବ, ତାହା ତୁମ ଚେତନାର ବାହ୍ୟ ସ୍ତରକୁ ଭେଦ କରି ତୁମ ସତ୍ତାର ଗଭୀରକୁ ପ୍ରବେଶ କରିବ ଏବଂ ସେଠାରେ ଏହା ଯଥାସମ୍ଭବ ଅବିକୃତ ଓ ଅବିମିଶ୍ର ଭାବେ ଗୃହୀତ ହୋଇରହିବ । ତା'ପରେ, ବେଳେବେଳେ, ବହୁଦିନ ପରେ, ଏହା ତୁମର ଗଭୀରତା ଭିତରୁ ପୁଣି ଉପରକୁ ଉଠିଆସି ପ୍ରକାଶମାନ ହେବ — ମାନେ ତୁମର ମସ୍ତିଷ୍କ ଭିତରେ ନିଜର ସମସ୍ତ ଧାରଣା-ସାମର୍ଥ୍ୟ ନେଇ ନିଜକୁ ପ୍ରକାଶ କରିବ । ସେତେବେଳେ ତାହା ଆଉ ବାହାରୁ ଆଗତ ଜ୍ଞାନ ଭଳି କ୍ରିୟା କରିବ ନାହିଁ — ତାହା ତୁମ ଅନ୍ତର ଭିତରେ ଧାରଣ କରିଥିବା ଆଲୋକ ଭଳି ଜଳିଉଠିବ ।

# ସଙ୍ଗୀତ ଶ୍ରବଣ

ପ୍ରଶ୍ନ : ମା ! ଯଦି ଜଣେ ସଂଗୀତ ଶୁଣିବାକୁ ଚାହେଁ ତେବେ ସେ ପ୍ରକୃତରେ କିପରି ଭାବରେ ସଂଗୀତ ଶୁଣିବା ଉଚିତ ?

ଉତ୍ତର : ସଂଗୀତ ଶୁଣିବାକୁ ହେଲେ – ପ୍ରଥମେ ଜଣେ ନିଜକୁ ସଂପୂର୍ଣ୍ଣ ଭାବେ ନୀରବ କରିଦେବା ଉଚିତ । ନୀରବ ଓ ଏକାଗ୍ର ହେବା ଉଚିତ । ନିଜକୁ ଏପରି ଭାବିବ, ଯେପରିକି ତୁମେ ଗୋଟିଏ ଯନ୍ତ୍ର, ଯାହାକି ସଂଗୀତଟିକୁ ରେକର୍ଡ଼ କରିବ । ତୁମ ଭିତରେ ଆଦୌ କୌଣସି ବିଚଳନ ରହିବ ନାହିଁ । ନିଜକୁ ଭାବିବ କେବଳ ଏକ ଶ୍ରବଣଯନ୍ତ୍ର ଭଳି । ଯଦି ତୁମେ ସଂପୂର୍ଣ୍ଣ ଭାବେ ନୀରବ ରହିବ, ପୂରାପୂରି ନିଶ୍ଚଳ ରହିବ, ଏମିତି ରହିପାରିଲେ ତୁମ ଭିତରେ ସଂଗୀତର ବସ୍ତୁ ପ୍ରବେଶ କରିବ ...

କିନ୍ତୁ ସର୍ବୋତ୍ତମ ଉପାୟଟି ହେଲା – ତୁମେ ନିଜକୁ ଏକ ନିଶ୍ଚଳ ଦର୍ପଣଟିଏ ପରି କରିଦିଅ, ଖୁବ୍ ଏକାଗ୍ର ଏବଂ ଖୁବ୍ ନୀରବ ରହ । ପ୍ରକୃତରେ, ଆମେ ଏପରି ଲୋକଙ୍କୁ ଜାଣୁ, ଯେଉଁମାନେ ସତକୁ ସତ ସଙ୍ଗୀତକୁ ଭଲପା'ନ୍ତି ।... ଗଭୀର ଆଗ୍ରହ ନେଇ ସଂଗୀତ ଶୁଣୁଥିବାର ଅନେକ ସଂଗୀତଜ୍ଞଙ୍କୁ ମୁଁ ଦେଖିଛି; କଣ୍ଠଶିଳ୍ପୀ, ବାଦ୍ୟଯନ୍ତ୍ର-ଶିଳ୍ପୀ, ସଂଗୀତର ରଚୟିତା ଓ ସୁରକାର ଏପରି ଅନେକଙ୍କୁ ଦେଖିଛି ଯେଉଁମାନେ ସଂଗୀତ ଶୁଣିବାକୁ ପ୍ରକୃତରେ ଖୁବ୍ ଭଲ ପାଆନ୍ତି । ମୁଁ ଦେଖିଛି – ସେମାନେ ମନୋଯୋଗ ଦେଇ ସଂଗୀତ ଶୁଣୁଛନ୍ତି ... ସେମାନେ ଧୀରସ୍ଥିର ଭାବେ ବସି ରହନ୍ତି, ତୁମେ ଜାଣ, ସେମାନେ ସେହିପରି ସ୍ୱଭାବର, ସେମାନଙ୍କ ଭିତରେ ବାହାରେ କୌଣସି ବିଚଳନ ନ ଥାଏ । ସବୁକଥା, ସବୁକଥା ସେମିତି । ଯଦି ତୁମେ ତୁମର ମନରୁ ଚିନ୍ତା-ଭାବନାସବୁ ଦୂର କରିଦେବ, ତା'ହେଲେ ଖୁବ୍ ଭଲ ହେବ । ତା'ହେଲେ ତୁମର ସଂଗୀତ ଶୁଣିବାରୁ ପୂରା ଲାଭ ପାଇପାରିବ ।... ଏହା ହେଉଛି ତୁମ ଅନ୍ତରର ଦ୍ୱାର ଖୋଲିଯିବା ପାଇଁ ଏକ ଉପାୟ ମଧ୍ୟ ଏବଂ ଏହା ମଧ୍ୟ ଖୁବ୍ ଶକ୍ତିଶାଳୀ ଉପାୟ ।

# ସୌନ୍ଦର୍ଯ୍ୟବୋଧ

ଏହି ଯୋଗ (ପୂର୍ଣ୍ଣାଙ୍ଗ ଯୋଗ) କରିବାକୁ ହେଲେ ଜଣକର ଅନ୍ତତଃ ସାମାନ୍ୟ ସୌନ୍ଦର୍ଯ୍ୟ-ବୋଧ ରହିବା ଉଚିତ । ଯଦି ସୌନ୍ଦର୍ଯ୍ୟବୋଧ ନ ଥାଏ, ତେବେ ତୁମେ ଏହି ପ୍ରାକୃତିକ ବିଶ୍ୱର ଏକ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବିଭବକୁ ହରାଇ ବସିବ ।

ଏହି ସୌନ୍ଦର୍ଯ୍ୟ ରହିଛି – ଆତ୍ମାର ଏହି ମର୍ଯ୍ୟାଦା ରହିଛି, ଏହି ବିଷୟଟି ପ୍ରତି ମୋର ଖୁବ୍ ସମ୍ବେଦନଶୀଳତା ରହିଛି । ଏହା ମୋତେ ସ୍ପନ୍ଦିତ କରେ ଏବଂ ମୋ ଭିତରେ ସବୁବେଳେ ଏକ ବିରାଟ ସମ୍ମାନବୋଧ ଜାଗ୍ରତ କରେ ।

ହଁ, ଆତ୍ମାର ଏହି ସୌନ୍ଦର୍ଯ୍ୟ ମଣିଷର ମୁହଁରେ ଦୃଶ୍ୟମାନ ହୋଇଥାଏ । ଜଣକର ମୁହଁରେ ଫୁଟିଉଠେ ତା'ର ଆତ୍ମାର ମର୍ଯ୍ୟାଦା, ଏବଂ ପୂର୍ଣ୍ଣାଙ୍ଗ ଉପଲବ୍ଧିର ସଂଗତି । ଆତ୍ମା ଯେତେବେଳେ ଦୈହିକ ସ୍ତରରେ ଦୃଶ୍ୟମାନ ହୁଅନ୍ତି, ସେତେବେଳେ ତାହା ବସ୍ତୁକୁ ଏହିପ୍ରକାର ମର୍ଯ୍ୟାଦା, ଏହି ପ୍ରକାର ସୌନ୍ଦର୍ଯ୍ୟ, ଏହି ପ୍ରକାର ମହିମା ଦେଇଥାଏ – ଯେଉଁ ମହିମା କି ବ୍ୟକ୍ତିର ଅନ୍ତଃସତ୍ତାରୂପକ ମନ୍ଦିରରୁ ଆସିଥାଏ । ତା'ପରେ ଯେଉଁସବୁ ଜିନିଷର ନିଜସ୍ୱ ସୌନ୍ଦର୍ଯ୍ୟ ବୋଲି ସ୍ୱତନ୍ତ୍ରଭାବେ କିଛି ନ ଥାଏ, ସେଗୁଡ଼ିକ ଉପରେ ଶାଶ୍ୱତ ସୌନ୍ଦର୍ଯ୍ୟର ଏକ ସ୍ପର୍ଶ ମଧ୍ୟ ଆସିଯାଏ ସେହି ଶାଶ୍ୱତ ସୌନ୍ଦର୍ଯ୍ୟର କିଛି ଆଭାସ ମଧ୍ୟ ସେହିସବୁ ଜଡ଼ବସ୍ତୁ ଦେହରେ ପ୍ରତିଫଳିତ ହୋଇଯାଏ ।

# ସ୍ୱତଃସ୍ଫୂର୍ତ୍ତ ଶ୍ରଦ୍ଧା

ଯେଉଁଠି... ସତ୍ୟ ପ୍ରତି, ସୌନ୍ଦର୍ଯ୍ୟ ପ୍ରତି, ମହତ୍ତ୍ୱ ପ୍ରତି ଏକ ସ୍ୱତଃସ୍ଫୂର୍ତ୍ତ ଶ୍ରଦ୍ଧା ପ୍ରକାଶ ପାଏ, ସେଠାରେ ଭଗବାନଙ୍କର କିଛି ବିଭବ ପ୍ରକଟିତ ହୋଇଥାଏ ବୋଲି ଜାଣିବ । ତୁମର ନିଶ୍ଚିତ ଭାବେ ଜାଣିରଖିବା ଉଚିତ ଯେ – ଏସବୁ ସ୍ଥଳରେ ତୁମ ଭିତରେ ଥିବା ଚୈତ୍ୟ ସତ୍ତା ବା ଆତ୍ମା ସହିତ ତୁମର ଶାରୀରିକ ଚେତନା ସଂପର୍କିତ ହୋଇଯାଇ ଥାଏ, ତା' ଫଳରେ ତୁମର ହୃଦୟ ଯାହାକିଛି ଦିବ୍ୟ-ଉତ୍ସରୁ ଆସିଛି, ତାକୁ ଉପାସନା କରିବାକୁ ବା ଶ୍ରଦ୍ଧା କରିବାକୁ ଡେଇଁପଡ଼େ ।

ଏହିପରି ଅନୁଭବ କରିବା ମୁହୂର୍ତ୍ତରେ, ତୁମର ଆଖିରୁ ନିଶ୍ଚୟ ଆନନ୍ଦାଶ୍ରୁ ଝରି ପଡୁଥିବ ।... ଏହି ଆନନ୍ଦାନୁଭବ ଜଣାଇ ଦିଏ ଯେ ତୁମର ଅନ୍ତରାତ୍ମା ଜାଗିଉଠିଛି ଓ ସତ୍ୟକୁ ଜାଣିପାରିଛି । ଏତିକିବେଳେହିଁ ତୁମେ ଊର୍ଦ୍ଧ୍ୱରୁ ନିମ୍ନକୁ ଅବତରି ଆସିଥିବା ଦିବ୍ୟସତ୍ୟ ପ୍ରତି ନିଜକୁ ଖୋଲି ଧରିପାରିବ ଓ ତଦ୍ୱାରା ନିଜକୁ ଗଠନ କରିପାରିବ । ମୋର ବି ସମୟ-ସମୟର କଥା ମନେ ପଡୁଛି, ଯେତେବେଳେ କି ଛୋଟ ପିଲାମାନଙ୍କୁ ଦେଖିଲା ମାତ୍ରେହିଁ ମୋ ଆଖିକି ଲୁହ ଆସିଯାଉଥିଲା । ଏପରିକି ଛୋଟ ଛୋଟ ଶିଶୁମାନେ ବି ବେଳେବେଳେ ଏମିତି କିଛି କରନ୍ତି ଯାହାକି ଦିବ୍ୟସୁନ୍ଦର ଆଉ ଶୁଭ୍ରସରଳ ହୋଇଥାଏ । ଏହି ଆନନ୍ଦକୁ ଅନୁଭବ କର, ଯାହା ଫଳରେ ତୁମେ ତୁମମାନଙ୍କ ଭିତରେ ଭଗବାନଙ୍କ ଉପସ୍ଥିତିକୁ ଅନୁଭବ କରିପାରିବ ।

## କୃତଜ୍ଞତା-ବୋଧ

ତୁମର ହୃଦୟ ଏକ ଦିବ୍ୟ କୃତଜ୍ଞତାରେ ଭରିଉଠିବ, ଯେତେବେଳେ ତୁମେ ଦୃଢ଼ଭାବେ ଜାଣିବ ଯେ ଭଗବାନ ଅଛନ୍ତି ସେତେବେଳେ ତୁମର ମନ ପ୍ରାଣ ଏକ ଚମତ୍କାର ଧନ୍ୟବାଦ ଅର୍ପଣର ଭାବରେ ଭରିଉଠିବ – ସେତେବେଳେ ''ଭଗବାନ ସତରେ ଅଛନ୍ତି''– ଏଇ ନିଶ୍ଚିତ ବିଶ୍ୱାସ ତୁମ ଅନ୍ତରକୁ ଏକ ଦିବ୍ୟ ଉଲ୍ଲାସରେ ପରିପୂର୍ଣ୍ଣ କରିଦେବ – ତୁମର ବିଶ୍ୱାସ ସ୍ଥିର ହୋଇଉଠିବ ଯେ ଭଗବାନ ବୋଲି କିଛି ଗୋଟାଏ ଏ ବିଶ୍ୱବ୍ରହ୍ମାଣ୍ଡରେ ଅଛନ୍ତି – ଆଉ ଏଟା ବି ନିଶ୍ଚିତ ଯେ ଆମର ଏଇ ବିଶ୍ୱରେ ଆମେ କେବଳ ସଇତାନୀ କାଣ୍ଡକାରଖାନା ଦେଖୁ ନାହୁଁ କିନ୍ତୁ ଭଗବାନ୍ ଅଛନ୍ତି ଓ ଭଗବାନ୍ ପୂର୍ଣ୍ଣ ଭାବରେ ଅଛନ୍ତି । ଆଉ ପ୍ରତିଟି ମୁହୂର୍ତ୍ତରେ ଯେକୌଣସି ସାମାନ୍ୟ ବ୍ୟାପାର ବି ତୁମକୁ ପ୍ରତ୍ୟକ୍ଷ ଭାବେ ବା ପରୋକ୍ଷ ଭାବେ ସେହି ଦିବ୍ୟସତ୍ୟ ବା ଭଗବତ୍ ଅସ୍ତିତ୍ୱର ସେହି ଦିବ୍ୟ ବାସ୍ତବତା ସଙ୍ଗେ ସଂଯୁକ୍ତ କରିଦିଏ, ସେତେବେଳେ ତୁମର ହୃଦୟ ଏତେ ନିବିଡ଼, ଗଭୀର ଆଉ ଚମତ୍କାର ଆନନ୍ଦରେ ଭରିଉଠେ ଯେ ତୁମେ ସଙ୍ଗେ ସଙ୍ଗେ ଅନୁଭବ କର ଏପରି ଏକ କୃତଜ୍ଞତାର ଭାବ ଯେ ତୁମକୁ ସବୁକିଛି ଆହ୍ଲାଦନୀୟ ଲାଗେ ।

ଜୀବନରେ ବା ସଂସାରରେ ଆଉ ଏମିତି କିଛି ନାହିଁ, ଯାହାକି ସେହି କୃତଜ୍ଞତାର ଆନନ୍ଦବୋଧ ସହିତ ସମାନ ହେବ । କେଉଁ ମୁହୂର୍ତ୍ତରେ ତୁମ କାନରେ ପଡ଼ିଗଲା ଚଢ଼େଇଟିଏ ଗୀତ ଗାଉଛି – କିଂବା କେଉଁ ମୁହୂର୍ତ୍ତରେ ତୁମେ ଦେଖିଲ ସୁନ୍ଦର ଫୁଲଟିଏ କେଉଁ ଗଛରେ ଫୁଟିଛି – କେତେବେଳେ ବା ତୁମେ ଛୋଟ ପିଲାଟିଏ ଦେଖିଲ – କିଂବା କେଉଁଠି ବା କାହାଠାରେ ଏକ ମହାନ୍ ସଦାଶୟତା ଦେଖିଲ – କିଂବା କେଉଁ ବହିଟି ପଢୁପଢୁ ଗୋଟିଏ ସୁନ୍ଦର ବାକ୍ୟ ତୁମ ମନ ଭିତରକୁ ପଶିଗଲା – କିଂବା ତୁମ ଆଖିରେ ପଡ଼ିଗଲା ଅସ୍ତଗାମୀ ସୂର୍ଯ୍ୟଙ୍କର ସୌନ୍ଦର୍ଯ୍ୟ – ମାନେ ମୋଟ ଉପରେ ଯାହା ତୁମେ ଦେଖ ବା ଶୁଣ, ହଠାତ୍ ତୁମ ଅନ୍ତରରେ ଏହି ପ୍ରକାର ଭାବାବେଗଟିଏ ଜାଗିଉଠେ – ଆଉ ଏଇ ଭାବାବେଗଟି ଏତେ ଗଭୀର ଏତେ ନିବିଡ଼ ହୋଇଥାଏ ଯେ, ତୁମର ସଙ୍ଗେ ସଙ୍ଗେ ଉପଲବ୍ଧି ହୋଇଯାଏ – ଏଇ ପୃଥିବୀରେ ଈଶ୍ୱର ସବୁ କିଛି ଭିତରେ ନିଜକୁ ପ୍ରକାଶ କରୁଛନ୍ତି ଏବଂ ଏ ପୃଥିବୀର ସବୁକିଛି ପଛରେ କିଛି ଗୋଟାଏ ରହିଛି ଏବଂ ତାହାହିଁ ଭଗବାନ ।

# ଯଥାର୍ଥ କଳା

ସୁନ୍ଦରକୁ ପ୍ରକାଶ କରିବାହିଁ ପ୍ରକୃତ କଳାର ଉଦ୍ଦେଶ୍ୟ । କିନ୍ତୁ ଏହା ବିଶ୍ୱର ଗତି ସହିତ ନିକଟ ଘନିଷ୍ଠତା ରଖିବା ଉଚିତ । ମହାନ୍ ଜାତିସବୁ ଏବଂ ସର୍ବୋଚ୍ଚ ସଂସ୍କୃତିସଂପନ୍ନ ଜାତି ଓ ପ୍ରଜାତିମାନେ କଳାକୁ ସେମାନଙ୍କ ଜୀବନର ଏକ ଅଂଶ ବୋଲି ଗ୍ରହଣ କରିଛନ୍ତି । ଏବଂ ଏହାକୁ ଜୀବନର ଏକ ଉପଜୀବ୍ୟ ବସ୍ତୁ ବୋଲି ଗ୍ରହଣ କରିଛନ୍ତି । ଜାପାନର ସମୁନ୍ନତ ଅବସ୍ଥାରେ ଜାପାନୀମାନେ ଏହିଭାବେ କଳାକୁ ଗ୍ରହଣ କରିଥିଲେ । କଳା-ଇତିହାସର ସେହିସବୁ ସର୍ବୋତ୍ତମ ମୁହୂର୍ତ୍ତଗୁଡ଼ିକରେ ଏହିପରିହିଁ ଘଟିଥିଲା । କିନ୍ତୁ ଏହା ମଧ୍ୟ ଦେଖାଯାଇଛି ଯେ, ଅଧିକାଂଶ କଳାକାର ଜୀବନର ଧାରରେହିଁ ପରାଙ୍ଗପୁଷ୍ପରୂପେ ବଢ଼ି ଆସିଛନ୍ତି । ମନେହୁଏ ସେମାନେ ଏହା ଜାଣନ୍ତି ନାହିଁ ଯେ କଳାର ଉଦ୍ଦେଶ୍ୟ ହେବା ଉଚିତ ଜୀବନ ଭିତରେ ଓ ଜୀବନ ମାଧ୍ୟମରେ ଭଗବାନଙ୍କୁ ପ୍ରକାଶ କରିବା । ଜୀବନର ସବୁ ବସ୍ତୁରେ, ସର୍ବସ୍ଥାନରେ, ପ୍ରତିଟି ସଂପର୍କ ସମ୍ବନ୍ଧ ଭିତରେ ସତ୍ୟ ଏକ ସର୍ବାଲିଙ୍ଗିତ ଛନ୍ଦରେ ପ୍ରକଟିତ ହେବା ଉଚିତ । ଏବଂ ଜୀବନର ପ୍ରତ୍ୟେକ ଗତିରେ ସୌନ୍ଦର୍ଯ୍ୟ ଓ ସଙ୍ଗତି ଫୁଟିଉଠିବା ଉଚିତ । କାରୁ-କୌଶଳକୁ ଆମେ କଳା ବୋଲି କହିବା ନାହିଁ । ପ୍ରତିଭା ମଧ୍ୟ କଳା ନୁହଁ । କଳା ହେଲା ଏକ ଜୀବନ୍ତ ସଙ୍ଗତି ଓ ସୌନ୍ଦର୍ଯ୍ୟ ଯାହା ଆମ ଅସ୍ତିତ୍ୱର ପ୍ରତିଟି ଗତି ଭିତରେ ଫୁଟିଉଠିବା ଉଚିତ । ସୌନ୍ଦର୍ଯ୍ୟ ଓ ସଙ୍ଗତିର ଅଭିବ୍ୟକ୍ତି ହେଉଛି ପୃଥିବୀପୃଷ୍ଠରେ ଭଗବାନଙ୍କର ପରିପ୍ରକାଶର ଏକ ଅଙ୍ଗ, ବୋଧହୁଏ ତାହାର ଏକ ସର୍ବୋତ୍ତମ ଅଙ୍ଗ ।

# କଳା ଓ ଯୋଗ

ପ୍ରଶ୍ନ : ମା ! ଯଦି ଜଣେ କଳାବିଦ୍ ଯୋଗ କରେ, ତେବେ ତା'ର କଳାକୃତିର ଉତ୍କର୍ଷ ଘଟିବ କି ?

ଉତ୍ତର : କଳାସାଧନାର କେନ୍ଦ୍ରରେ ଯେଉଁ ଶୃଙ୍ଖଳା ରହିଛି ଯୋଗସାଧନାର ଶୃଙ୍ଖଳାରେ ମଧ୍ୟ ରହିଛି ସେହି ସମାନ ନୀତିନିୟମ । ଉଭୟଙ୍କର ଲକ୍ଷ୍ୟ ହେଲା ଅଧିକରୁ ଅଧିକ ସଚେତନ ହେବା । ଉଭୟ କ୍ଷେତ୍ରରେ ତୁମକୁ ଶିକ୍ଷା କରିବାକୁ ହେବ କିପରି ସାଧାରଣ ଜୀବନର ଦୃଷ୍ଟି ଓ ଅନୁଭବ ଅପେକ୍ଷା ବହୁତ କିଛି ଅଧିକ ଦେଖିବାକୁ ହୁଏ, ଶିଖିବାକୁ ହୁଏ ଓ ଅନୁଭବ କରିବାକୁ ହୁଏ । ଉଭୟ କ୍ଷେତ୍ରରେ ସାଧକକୁ (କଳାସାଧକ ଓ ଯୋଗ ସାଧକକୁ) ବହୁତ ଭିତରକୁ ଯିବାକୁ ହୋଇଥାଏ ଏବଂ ସେଠାରୁ ଗଭୀରତମ ବସ୍ତୁସବୁ ଆଣିବାକୁ ପଡ଼ିଥାଏ । ଯେଉଁମାନେ ଚିତ୍ରକର, ସେମାନଙ୍କର ଆଖିର ଚେତନାବୃଦ୍ଧି କରିବା ପାଇଁ ଏକ ସାଧନ-ଶୃଙ୍ଖଳାକୁ ଅନୁସରଣ କରିବାକୁ ପଡ଼ିଥାଏ । ଏହି କାର୍ଯ୍ୟଟି ମଧ୍ୟ ଏକ ପ୍ରକାର ଯୋଗ-ସାଧନା । ଯଦି ସେମାନେ ଯଥାର୍ଥ କଳାକାର ହୋଇଥା'ନ୍ତି, ଏବଂ ସାଧାରଣ ଦୃଷ୍ଟିର ଉର୍ଦ୍ଧ୍ୱକୁ ଦେଖିବାକୁ ଚାହୁଁଥା'ନ୍ତି, ଏବଂ ଯଦି ସେମାନେ ଆନ୍ତରଜଗତର ବିଷୟଗୁଡ଼ିକୁ ସେମାନଙ୍କ କଳାରେ ଫୁଟାଇବାକୁ ଚାହୁଁଥା'ନ୍ତି, ସେମାନଙ୍କୁ ଏହି ଏକାଗ୍ରତା ଫଳରେ ସେମାନଙ୍କ ଚେତନାର ଅଭିବୃଦ୍ଧି ଘଟାଇବାକୁ ପଡ଼ିବ । ଯାହାକି ଯୋଗଲବ୍ଧ ଚେତନାଠାରୁ ଭିନ୍ନ ନୁହେଁ । ତା'ହେଲେ, କାହିଁକି ଯୋଗଲବ୍ଧ ଚେତନା କଳାସୃଷ୍ଟିର ସହାୟକ ନ ହେବ ? ମୁଁ ଏପରି କେତେକଙ୍କୁ ଜାଣେ, ଯେଉଁମାନେ ବିଶେଷ ତାଲିମ୍ ପାଇ ନ ଥା'ନ୍ତି କି ସେମାନଙ୍କର ସେପରି କିଛି କଳା-କୌଶଳ ନାହିଁ,– ତଥାପି ଯୋଗ ବଳରେହିଁ ସେମାନେ ସାହିତ୍ୟ ଓ ଚିତ୍ରକଳାରେ ଚମତ୍କାର ଦକ୍ଷତା ପ୍ରଦର୍ଶନ କରିଥା'ନ୍ତି ।

# ଏକ ଜୀବନ୍ତ କଳା

ଯେ ଛବି ଆଙ୍କେ, ଯେ ସଂଗୀତ ଗାନ କରେ, ଯେ କବିତା ଲେଖେ ସେମାନେ ପ୍ରତ୍ୟେକେ ନିଜ ନିଜ ମାର୍ଗରେ ତାହାକୁ ପ୍ରକାଶ କରନ୍ତି । ପ୍ରତ୍ୟେକ ଚିତ୍ରକର, ପ୍ରତ୍ୟେକ ସଂଗୀତକାର, ପ୍ରତ୍ୟେକ କବି ଓ ପ୍ରତ୍ୟେକ ଭାସ୍କରର ଭଗବାନଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧରଣର ବ୍ୟକ୍ତିଗତ ସଂଯୋଗ ଥାଏ, ବା ରହିବା ଉଚିତ । ଏବଂ ସେହି ସଂଯୋଗକୁ ସେ ପ୍ରକାଶ କରିବା ଉଚିତ ତା'ର କଳା ଓ କୃତିଗୁଡ଼ିକ ଭିତରେ, ଯେଉଁଥିରେ ସେ ସ୍ୱାତନ୍ତ୍ର୍ୟ ଓ ଦକ୍ଷତା ଅର୍ଜନ କରିଛି – ଏହି ପ୍ରକାଶ ମଧ୍ୟ ହେବା ଉଚିତ ନିଜସ୍ୱ ଧାରାରେ, ନିଜସ୍ୱ ଶବ୍ଦରାଜିର, ନିଜସ୍ୱ ରଙ୍ଗସମୂହର ସାହାଯ୍ୟ ନେଇ । ତା' ନିଜ ପାଇଁ, ପ୍ରକୃତିର ବାହ୍ୟ ରୂପକୁ ନକଲ କରିବା ପରିବର୍ତ୍ତେ, ସେ ପ୍ରକୃତିର ଏହି ବାହ୍ୟଗଠନ ବା ଆକୃତିଗୁଡ଼ିକୁ ଗ୍ରହଣ କରିବ ଯେପରିକି ସେଗୁଡ଼ିକ ଆଉ କିଛି ଗୋଟାଏ ସତ୍ୟକୁ ଆଚ୍ଛାଦନ କରୁଛନ୍ତି । ସଂକ୍ଷେପରେ କହିଲେ, କଳାକାର କ'ଣ କରେନା, ବାହ୍ୟବସ୍ତୁଗୁଡ଼ିକ ପଛରେ ଯେଉଁ ଗଭୀରତର ସତ୍ୟ ଲୁଚି ରହିଛି ତା' ସହିତ ସଂପର୍କ ସ୍ଥାପନ କରେ ଓ ସେହି ସଂପର୍କର ଅନୁଭବକୁ ନିଜର କଳା ଭିତରେ ପ୍ରକାଶ କରେ । ଯାହା ସେ ଦେଖେ ତାକୁ କେବଳ ଅନୁକରଣ କରିବା ପରିବର୍ତ୍ତେ, ସେସବୁର ପଶ୍ଚାତରେ ଯେଉଁ ସତ୍ୟ ଲୁଚି ରହିଛି ତାହାକୁ ପ୍ରକାଶ କରିବା ପାଇଁ ଚେଷ୍ଟା କରିଥାଏ । ଏବଂ ଏହା ସୂଚାଇ ଦିଏ ଯେ ଗୋଟିଏ ଜୀବନ୍ତ କଳା ଓ ପ୍ରକୃତିକୁ ନକଲ କରିଥିବା କଳା ମଧ୍ୟରେ ରହିଥିବା ଯାବତୀୟ ପାର୍ଥକ୍ୟ ।

# ଭଲ ଗପଟିଏ କୁହ

ତୁମେ କ'ଣ ଜାଣନା ଯେ, ଆମର ଏ ପୃଥିବୀରେ ବହୁତ ବହୁତ କୁତ୍ସିତ ଆଉ ବୀଭତ୍ସ କଥାସବୁ ଥିଲା ଓ ଏବେ ବି ଅଛି ? ଯଦିଓ ସେସବୁ କଥା କୌଣସି ବହିରେ କେହି ସଂପୂର୍ଣ୍ଣଭାବେ ବର୍ଣ୍ଣନା କରି ନାହାନ୍ତି ... କ'ଣ ଲାଭ ହେବ ଭଲା, ଯଦି ଜଣେ ଲେଖକ ତା'ଠାରୁ ଅଧିକ କୁତ୍ସିତ ଆଉ ବୀଭତ୍ସ କଥା କଳ୍ପନା କରି ବହିଟିଏ ଲେଖେ ? ତା' ପରିବର୍ତ୍ତେ ଯଦି ତୁମେ ଏପରି କିଛି ଅଧିକ ସୁନ୍ଦର ବିଷୟଟିଏ କଳ୍ପନା କରନ୍ତ, ସୁନ୍ଦର ଜୀବନଟିଏ କଳ୍ପନା କରିପାରନ୍ତ, ତା'ହେଲେ ତୁମ ବହିଟିଏ ଲେଖିବାର ଶ୍ରମ ସାର୍ଥକ ହୁଅନ୍ତା । ଯେଉଁ ଲୋକମାନେ କୁତ୍ସିତ କଥାସବୁ ଲେଖିବାରେ ଆନନ୍ଦ ପାଆନ୍ତି – ସେମାନଙ୍କର ମାନସିକ ଦୀନତାହିଁ ତଦ୍ଦ୍ୱାରା ପ୍ରମାଣିତ ହୁଏ । କୁତ୍ସିତ ଓ ବୀଭତ୍ସ କଥା ଲେଖିବା ସର୍ବଦା ଏକ ବିକଳ ମାନସିକତାର ପରିଚୟ ଦିଏ । ମୂଳରୁ ଶେଷପର୍ଯ୍ୟନ୍ତ ସୁନ୍ଦର ଗଳ୍ପଟିଏ କହିବା ବରଂ ବହୁବହୁ ଗୁଣରେ କଷ୍ଟକର ବ୍ୟାପାର । ଅପର ପକ୍ଷରେ ଉତ୍ତେଜନାମୟ ସମାପ୍ତି ଥିବା କିଂବା ଏକ ଭୟଙ୍କର ବିପଦପୂର୍ଣ୍ଣ ବିପର୍ଯ୍ୟୟରେ ଶେଷ ହୋଇଥିବା ଗଳ୍ପଟିଏ କହିବା ବା ଲେଖିବା ବରଂ ଖୁବ୍ ସହଜ । ବହୁ ଲେଖକଙ୍କ ପକ୍ଷରେ ସୁନ୍ଦର ଓ ଆନନ୍ଦମୟ ପରିଣତି ଥିବା ଗଳ୍ପଟିଏ କଳ୍ପନା କରିବା ଓ ଲେଖିବା ସମ୍ଭବ ହୋଇପାରେ ନାହିଁ । କାରଣ, ସେଥିପାଇଁ ସେମାନଙ୍କର କଳ୍ପନାଶକ୍ତି ନିଅଣ୍ଟ ହୁଏ । ଖୁବ୍ କମ୍ ଗଳ୍ପର ପରିଣତି ପାଠକକୁ ଊର୍ଦ୍ଧ୍ୱକୁ ଉଠାଇ ନେଇଥାଏ । ବହୁ ଗଳ୍ପର ସମାପ୍ତି ଏକ ବିଫଳତା । ତା'ର ସରଳ କାରଣଟି ହେଲା – ଉପରକୁ ଉଠିବା ଅପେକ୍ଷା, ତଳକୁ ଖସିବା ଅଧିକତର ସହଜ । ଗଳ୍ପର ପରିଣତିରେ ପାଠକକୁ ଏକ ମହାନତା ବା ମହିମ୍ନ ଭାବରେ ଉଦ୍‌ବୁଦ୍ଧ କରିବାର କ୍ଷମତା ସବୁ ଲେଖକଙ୍କର ନ ଥାଏ । ଗଳ୍ପର ନାୟକକୁ ଏପରି ପ୍ରତିଭାଶାଳୀ କରିବାକୁ ହେବ, ଯେପରିକି ସେ ନିଜର କ୍ଷୁଦ୍ର ସୀମାଗୁଡ଼ିକୁ ଅତିକ୍ରମ କରିବା ପାଇଁ ପ୍ରୟାସ କରୁଥିବ । କିନ୍ତୁ ଏପରି ନାୟକ ସୃଷ୍ଟି କରିବାର ପ୍ରତିଭା ସବୁ ଗାଳ୍ପିକର ନ ଥାଏ । ସେଥିପାଇଁ ପ୍ରତି ଗାଳ୍ପିକକୁ ସେହି ପ୍ରତିଭା ଆଗ ନିଜ ପାଇଁ ଅର୍ଜନ କରିବାକୁ ହେବ ।

# ଆଧୁନିକ ଯୁଗର ବସ୍ତୁବାଦିତା

ବୁଦ୍ଧଦେବଙ୍କ ସମୟରେ ଆଧାତ୍ମିକ ଜୀବନଟିଏ ବଞ୍ôବା ଥିଲା ଏକ ଆନନ୍ଦର ବିଷୟ, ସୁଖ ଓ ସୌନ୍ଦର୍ଯ୍ୟ ଭୋଗର ବିଷୟ, ଏକ ସର୍ବୋତ୍ତମ ଆନନ୍ଦର ଅବସ୍ଥା । ଏହା ଜଣକୁ ସମସ୍ତ ସାଂସାରିକ ଜଞ୍ଜାଳରୁ, ସବୁପ୍ରକାର ପାର୍ଥିବ ଦୁଃଖ ଯନ୍ତ୍ରଣାଠାରୁ, ସର୍ବବିଧ ଦାୟଦାୟିତ୍ୱରୁ ମୁକ୍ତ କରିଦେଇ ପାରୁଥିଲା, ଏହା ତୁମକୁ ସୁଖୀ, ସନ୍ତୁଷ୍ଟ ଆଉ ପରିପୂର୍ଣ୍ଣ କରିଦେଇ ପାରୁଥିଲା ।

କିନ୍ତୁ ଆମର ଏହି ଆଧୁନିକ ଯୁଗର ବସ୍ତୁବାଦିତାର ପ୍ରଭାବ ଏତେ ତୀବ୍ର ହୋଇଛି ଯେ – ତାହା ଏ ଯୁଗରେ ଆଧାତ୍ମିକ ସାଧନାକୁ କରିଦେଇଛି ଏକ କଷ୍ଟକର ସଂଘର୍ଷ ଏବଂ ଏଇସବୁ ତଥାକଥିତ ଜୀବନର ଆନନ୍ଦରୁ ମୁକ୍ତିକୁ କରିଦେଇଛି ଏକ ଯନ୍ତ୍ରଣାଦାୟକ ସଂଗ୍ରାମ ।

ଏହି ଜଡ଼ ପୃଥିବୀର ବାହ୍ୟ ବିଷୟଗୁଡ଼ିକ ଉପରେ ଆଧୁନିକ ଯୁଗର ଲୋକମାନେ ଖୁବ୍ ଲାଗି ରହିଥା'ନ୍ତି – ତା'ର ସୁଖ ଆନନ୍ଦଭୋଗ କରିବାକୁ ଖୁବ୍ ବ୍ୟାକୁଳ ହୋଇପଡ଼ନ୍ତି – ସବୁବେଳେ ଇନ୍ଦ୍ରିୟସୁଖକର ଅଭିଜ୍ଞତା ପାଇଁ ଲାଳାୟିତ ହୋଇଉଠନ୍ତି – ଜଡ଼ବସ୍ତୁଗୁଡ଼ିକୁ ଅଧିକାର କରି ନିଜର କରିନେବା ପାଇଁ ସର୍ବଦା ତତ୍ପର ହୋଇ ଉଠୁଥା'ନ୍ତି – ଏ ସବୁର କାରଣ ହେଲା ମାନବସଭ୍ୟତାର ସେହି ସଂପୂର୍ଣ୍ଣ ଜଡ଼ମୁଖୀ ମନୋଭାବର ଫଳ । ପ୍ରାଚୀନ କାଳରେ କେହି ଏହା ଚିନ୍ତା ମଧ କରିପାରୁ ନ ଥିଲେ । ଅନ୍ୟ ପକ୍ଷରେ ପ୍ରାଚୀନ କାଳରେ ବହୁଲୋକ ଏସବୁ ଜଡ଼ ସାଂସାରିକତା ଭିତରୁ ନିଜକୁ ପୃଥକ୍ କରି ନେଉଥିଲେ, ସେମାନେ ସବୁପ୍ରକାର ପ୍ରପଞ୍ଚତା ଭିତରୁ ନିଜକୁ ମୁକ୍ତକରି ଆତ୍ମାର ଧ୍ୟାନ ଓ ଏକାଗ୍ରତା ଭିତରେ ନିମଜ୍ଜିତ ରହୁଥିଲେ, ଯାହା ପ୍ରକୃତ ସୁଖ, ସେହି ଆଧାତ୍ମିକ ଆନନ୍ଦ ଭିତରେ ନିଜକୁ ଉତ୍ସର୍ଗ କରୁଥିଲେ ।...

ସେମାନେ ଆଜିକାଲିର ଲୋକଙ୍କ ପରି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଓ ପୁଣି ସନ୍ଧ୍ୟାରୁ ସକାଳପର୍ଯ୍ୟନ୍ତ ଏଇସବୁ କ୍ଷୁଦ୍ର କ୍ଷୁଦ୍ର ସାଂସାରିକ ସୁଖସନ୍ତୋଷରେ, ଦୈହିକ ଆମୋଦପ୍ରମୋଦରେ ମାତି ରହୁ ନ ଥିଲେ, ଏଇସବୁ ଇନ୍ଦ୍ରିୟ ସୁଖକର ଉତ୍ତେଜନା ଚିନ୍ତା ଭାବନାରେ ମଜ୍ଜି ରହୁ ନ ଥିଲେ । ଏହାହିଁ ସାକ୍ଷ୍ୟ ଦିଏ ଯେ ସେମାନେ ଏକ ଉଲ୍ଲେଖଯୋଗ୍ୟ ଆତ୍ମିକ ଜୀବନର ଅଧିକାରୀ ହୋଇ ପାରୁଥିଲେ ।

## ଇସା ଓ ଜାକବ୍

ମୁଁ ଜାଣେନା – ତୁମମାନଙ୍କ ଭିତରୁ କେତେଜଣ ବାଇବେଲ ପଢ଼ିଛ; ଅବଶ୍ୟ ଏହି ଧର୍ମଗ୍ରନ୍ଥଟି ପଢ଼ିବା ତୁମପକ୍ଷରେ ସେତେ ଆନନ୍ଦପ୍ରଦ ନୁହେଁ – ତା'ଛଡ଼ା ମଧ୍ୟ ଏ ଗ୍ରନ୍ଥଟି ବେଶ୍ ବଡ଼ । କିନ୍ତୁ ସେ ଯାହା ହେଉ, ବାଇବେଲ୍‌ରେ ଗୋଟିଏ ଗଳ୍ପ ଅଛି – ମୋତେ ସେ ଗଳ୍ପଟି ସବୁବେଳେ ଭଲ ଲାଗେ ।... ଦୁଇଟି ଭାଇ ଥିଲେ । ଯଦି ମୁଁ ଭୁଲ ନ କହୁଥାଏ ତେବେ ଜଣକ ନାଁ ଇସା, ଆଉ ଜଣକ ନାଁ ହେଲା ଜାକବ୍ । ହଉ, ଦିନେ ଇସାକୁ ବହୁତ ଭୋକ ହେଲା । ଏମିତି ଗଳ୍ପଟିର ଆରମ୍ଭ – ଏମିତି ନା ? ମୋର ମନେ ପଡୁଛି ସେ ଥିଲା ଜଣେ ଶିକାରୀ ବା ଅନ୍ୟକିଛି । ଯାହାହେଉ ଗଳ୍ପଟି ଏହିପରି ଭାବରେ ଆରମ୍ଭ ହୁଏ । ଦିନେ ସେ ଅରଣ୍ୟରୁ ଖୁବ୍ ଭୋକିଲା ହୋଇ ଘରକୁ ଫେରିଲା । ସେ ଜାକବ୍‌କୁ ଦେଖି କହିଲା – ଭାଇ ! ମୋତେ ଖୁବ୍ ଭୋକ ହେଉଛି । ମୁଁ ଦିନ ସାରା କିଛି ଖାଇ ନାହିଁ । ତୁମେ ତ ହାଣ୍ଡିଏ ଯାଉ ରାନ୍ଧି ରଖିଛ । ମୋତେ ଯଦି ସେତେକ ଯାଉ ଖାଇବାକୁ ଦେଇଦିଅ – ମୁଁ ତୁମକୁ ମୋର ଜନ୍ମାଧିକାର ଦେଇଦେବି । (ମାନେ, ମୁଁ ତୁମକୁ ମୋର ଆତ୍ମାଟିକୁ ବିନିମୟରେ ଦେଇଦେବି ।) ଅନେକେ ଏ ଗଳ୍ପଟିକୁ ବାହ୍ୟଦୃଷ୍ଟିରୁ ଦେଖନ୍ତି । କିନ୍ତୁ ଏକଥାଟିର ଗଭୀର ଅର୍ଥ ରହିଛି । ମଣିଷ ଭିତରେ ଯେଉଁ ଆତ୍ମା ରହିଛନ୍ତି, ତାହା ହେଲା ଈଶ୍ୱରଙ୍କ ଅଂଶ । କିନ୍ତୁ ଇସା କିଛି ଯାଉ ବିନିମୟରେ ସେହି ଆତ୍ମାକୁ ବିକ୍ରି କରିଦେବାକୁ ଚାହିଁଲା । ଲୋକମାନେ ଏହାହିଁ କରନ୍ତି । ସେମାନେ ନାନାଦି ଜଡ଼ବସ୍ତୁ କାମନା କରନ୍ତି ଓ ସେହି କାମନାରେ ଜର୍ଜରିତ ହୋଇ ନିଜର ପବିତ୍ର ଆତ୍ମାକୁ ସେଥିପାଇଁ ବିକ୍ରିକରି ଦିଅନ୍ତି । ଜଡ଼ବସ୍ତୁର ଲୋଭରେ ପବିତ୍ର ଆତ୍ମାକୁ ବିକ୍ରିକରି ଦିଅନ୍ତି । କେତେ ଦୁଃଖ ଓ ଶୋଚନାର କଥା କୁହ ତ ! ଗଳ୍ପଟି ପୁରୁଣା । କିନ୍ତୁ ଏହା ଭିତରେ ରହିଛି ମଣିଷ ପାଇଁ ଏକ ଗଭୀର ବ୍ୟଞ୍ଜନା !

## ଯଥାର୍ଥ ଦାନ – ୧

ବହୁଦିନ ତଳେ ମୁଁ ଗୋଟିଏ ବହିରେ ଭାରତୀୟ କାହାଣୀଟିଏ ପଢ଼ିଥିଲି । ଗଳ୍ପଟି ହେଲା – ଭାରି ଗରିବ ବୁଢ଼ୀଟିଏ ଥିଲା – କହିବାକୁ ଗଲେ ତା'ର କିଛି ବୋଲି କିଛି ନ ଥିଲା । ଘର ତ ନ ଥିଲା । ସେ ରହୁଥିଲା ଗୋଟିଏ କୁଡ଼ିଆରେ । ଦିନେ ସେ ଭୋକିଲା ଥିଲାବେଳେ ଜଣେ ତାକୁ ପାଚିଲା ଆମ୍ବଟିଏ ଖାଇବାକୁ ଦେଇଥିଲା । ସେ ସେଇ ଆମ୍ବଟିରୁ ଅଧେ କାଟିକରି ଖାଇଲା ଓ ଆର ଅଧଟିକୁ ତା' ପରଦିନ ପାଇଁ ସାଇତି ରଖିଲା । କାରଣ, ଏଡ଼େ ସୁନ୍ଦର ମଧୁର ଆମ୍ବ ସେ କେଉଁଦିନୁ ଖାଇବାକୁ ପାଇ ନ ଥିଲା । ତା'ପରେ – ସେଦିନ ସୂର୍ଯ୍ୟ ଅସ୍ତଗଲାପରେ ରାତି ହେଲା । ଏହି ସମୟରେ କେହି ଜଣେ ଆସି ତା' କୁଡ଼ିଆର ଦଦରା ତାଟି କବାଟରେ କରାଘାତ କଲା – ଆଉ ସେ ରାତିଟି ତା' ପାଖେ ଆଶ୍ରା ନେବାକୁ ଚାହିଁଲା । ବୁଢ଼ୀଟି ତାକୁ ଆଶ୍ରା ଦେଲା । ସେଇଠୁ ଲୋକଟି କହିଲା ଯେ ସେ କିଛି ଖାଇ ନାହିଁ, ତାକୁ ଭାରି ଭୋକ କରୁଛି । ସେଇଟି ଥିଲା ଘୋର ଶୀତ ରାତି । ବୁଢ଼ୀଟି କହିଲା – ''ହଉରେ ବାପ ! ମୋ ପାଖେ ତ କିଛି ଶୁଖିଲା କାଠିକୁଟା ନାହିଁ । ମୁଁ ତୋତେ ନିଆଁ ପୋଇଁବାକୁ ଦେଇପାରୁ ନାହିଁ । ମୋର ବି କିଛି କନ୍ଥା କମ୍ବଳ ନାହିଁ ଯେ ତୁ ଘୋଡ଼ି ହୋଇ ଶୀତରୁ ରକ୍ଷା ପାଇବୁ । କିନ୍ତୁ ମୁଁ ତୋତେ ଅଧା ପାଚିଲା ଆମ୍ବଟିଏ ଖାଇବାକୁ ଦେବି – ସେଥିରୁ ମୁଁ ଆଜି ଦିନ ବେଳା ଅଧେ ଖାଇଛି ଓ ଆର ଅଧକ ଆସନ୍ତାକାଲି ପାଇଁ ରଖିଥିଲି । କିନ୍ତୁ ତୋତେ ଭୋକ କରୁଛି – ତୁ ସେ ଅଧକ ଖାଇଦେ ।'' ବୁଢ଼ୀଟି ଏତିକି କହିଛି – ହଠାତ୍ ସେ ଦେଖିଲା ଯେ ତା' ଆଗରେ ଥିବା ଲୋକଟି ଉଭେଇ ଯାଇଛି ଓ ତା' ସ୍ଥାନରେ ଠିଆ ହୋଇଛନ୍ତି ସ୍ୱୟଂ ପରମ ଦୟାଳୁ ଭଗବାନ ଶିବ । ତାଙ୍କୁ ଦେଖିଲା ମାତ୍ରେ ବୁଢ଼ୀଟିର ହୃଦୟ ପୂରିଉଠିଲା ଆନନ୍ଦରେ । ସେ ତା' ଅନ୍ତରରେ ଖୁବ୍ ମର୍ଯ୍ୟାଦା ଅନୁଭବ କଲା । ସେ ଭାବିଲା ଯେ, ତା' ଜୀବନ ଧନ୍ୟ ! ସେ ତା' ପାଖରେ ଯାହା ଥିଲା ସବୁ ଜଣକୁ ଦାନ କରିଦେଲା । ଆଉ ଦେଖ ! ସ୍ୱୟଂ ଭଗବାନ ଶିବ ଦୟାକରି ତା' ଆଗରେ ଠିଆ ହୋଇଛନ୍ତି ।

ମୁଁ ଏ ଗଳ୍ପଟି ପଢ଼ିଥିଲି । ମୋତେ ଏ ଗଳ୍ପଟି ଖୁବ୍ ମହତ୍ତ୍ୱପୂର୍ଣ୍ଣ ଲାଗିଥିଲା ।

## ଯଥାର୍ଥ ଦାନ – ୨

ତୁମେ ଯାହା, ତାକୁ ଦେଇଦିଅ; ତୁମର ଯାହା ଅଛି, ତାକୁ ଦେଇଦିଅ, ତା'ହେଲେ ତୁମର ଦାନ ପୂର୍ଣ୍ଣ ହେବ; ଆଧ୍ୟାତ୍ମିକ ଦୃଷ୍ଟିରୁ ଏହା ହେବ ଏକ ପୂର୍ଣ୍ଣଦାନ । ତୁମର କେତେ ଧନ ଅଛି ତା' ଉପରେ ଏହି ଦାନ ନିର୍ଭର କରେ ନାହିଁ କିଂବା ତୁମ ପ୍ରକୃତିରେ କେତେ ସାମର୍ଥ୍ୟ ଅଛି, ତା'ଉପରେ ବି ଏହା ନିର୍ଭର କରେ ନାହିଁ ଏହା ନିର୍ଭର କରେ ତୁମ ଦାନର ପରିପୂର୍ଣ୍ଣତା ଉପରେ । ତା'ମାନେ, ତାହା ନିର୍ଭର କରେ ତୁମ ଦାନର ସାମଗ୍ରିକତା ଉପରେ ।...

ଧନବନ୍ତ ଲୋକେ ଏପରିକି ସ୍ୱଚ୍ଛଳ ଲୋକମାନେ, ଯେଉଁମାନଙ୍କର ଜୀବନରେ ସବୁକିଛି ଭରପୂର ରହିଛି,– ଏବଂ ସେମାନେ ତାଙ୍କର ବଳକା ଧନକୁ ଭଗବାନଙ୍କ ଉଦ୍ଦେଶ୍ୟରେ ଦାନ କରିଥା'ନ୍ତି– କାରଣ, ଏହାହିଁ ସାଧାରଣ ରୀତି : ଜଣକର ତା'ର ଆବଶ୍ୟକତାଠାରୁ ଟିକିଏ ଅଧିକ ଧନ ଯଦି ହୁଏ – ଜଣକର ଆବଶ୍ୟକତାଠାରୁ ଅଧିକ କଛି ବିଷୟ ସାମଗ୍ରୀ ଯଦି ହୁଏ, ତେଣୁ ସେ ତା'ର ସଦାଶୟତାରେ ସେଇ ବଳକା ଧନ ବା ସାମଗ୍ରୀଗୁଡ଼ିକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଦାନ କରିଦିଏ । କିଛି ନ ଦେବା ଅପେକ୍ଷା ଏପରି ଏତେକ ଦାନ କରିବା ନିଶ୍ଚୟ ଭଲ । କିନ୍ତୁ ଅନ୍ୟ ପକ୍ଷରେ ଏହି ଧନୀ ଓ ସ୍ୱଚ୍ଛଳମାନଙ୍କର ବଳକା ହିସାବରେ ଦାନର ପରିମାଣ ଲକ୍ଷେଟଙ୍କା ହେଲେ ବି, ସେହି ବୁଢ଼ୀଟିର ଅର୍ଦ୍ଧେକ ଆମ୍ବ ଅପେକ୍ଷା ଏହାର ଦାନ-ମୂଲ୍ୟ ନିଶ୍ଚୟ କମ୍ । ତେଣୁ ଦାନର ସାର୍ଥକତା ବା ମୂଲ୍ୟ ଦାନର ପରିମାଣ ବା ଗୁଣ ଉପରେ ଯେତେ ନିର୍ଭର କରେ ନାହିଁ – ସେତେ ନିର୍ଭର କରେ ଦାତାର ଦାନ-ନିଷ୍ଠା ଉପରେ ଏବଂ ତା'ର ଦାନର ପରିପୂର୍ଣ୍ଣତା ଉପରେ ।

# ଖର୍ଚ୍ଚ ହେଲେ ଟଙ୍କାର ମୂଲ୍ୟ ବଢ଼େ

ଜଣେ ଧନୀ ପକ୍ଷରେ ଉତ୍ତମ ହେବା, ବିଜ୍ଞ ହେବା, ବୁଦ୍ଧିମାନ୍ ହେବା ଏବଂ ସଦାଶୟ ହେବା ଏବଂ ଅଧିକତର ଉଦାର ହେବା ବହୁତ କଷ୍ଟକର । ବରଂ ଜଣେ ଗରିବ ପକ୍ଷେ ଭଲ ଲୋକ ହେବା ସହଜ ହୋଇଥାଏ । ତୁମେ ମୋତେ ବୁଝିବାକୁ ଚେଷ୍ଟାକର । ବହୁ ଦେଶବିଦେଶରେ ମୁଁ ବହୁ ଲୋକଙ୍କୁ ଦେଖିଛି – ଏବଂ ସବୁ ଦେଶରେ ସେଇ ଏକାକଥା ଲକ୍ଷ୍ୟ କରିଛି ଯେ ସବୁଠାରୁ ଗରିବ ଲୋକମାନେହିଁ ସବୁଠାରୁ ଅଧିକ ଉଦାର ହୋଇଥା'ନ୍ତି । ଏବଂ ଯେତେବେଳେ କାହାର ପକେଟ ଟଙ୍କାରେ ପୂରିଯାଏ, ସେତେବେଳେ ତାକୁ ଗୋଟେ ପ୍ରକାର ରୋଗ ଆକ୍ରମଣ କରେ । ତାହା ହେଲା ଟଙ୍କା ପ୍ରତି ଜଘନ୍ୟ ଆସକ୍ତି । ମୁଁ ଦୃଢ଼ ଭାବରେ କହୁଛି – ଏହା ଏକ ଅଭିଶାପ ।

ସୁତରାଂ ପ୍ରଥମ କର୍ତ୍ତବ୍ୟ ହେଲା – ତୁମ ପାଖରେ ଯଦି ଟଙ୍କା ଅଛି, ତେବେ ତାକୁ ଦେଇ ଦିଅ । କିନ୍ତୁ ନୀତି ହେଉଛି – ବିନା ବିଚାରରେ ଯାକୁ ତାକୁ ଟଙ୍କା ଦେଇ ଦିଅନା । ସେଇ ଭଳି ତୁମେ କେବେ ସେଇସବୁ ମାନବହିତକାରୀମାନଙ୍କ ହାତରେ ଟଙ୍କା ଢାଳିଦେବା ଉଚିତ ନୁହଁ ସେଇସବୁ ତଥାକଥିତ ମାନବହିତକାରୀମାନେ ଏଇସବୁ ଜନକଲ୍ୟାଣକର କାମଗୁଡ଼ିକର ଅନୁଷ୍ଠାନ କରି ନିଜ ଭିତରେ ଏକପ୍ରକାର ଆତ୍ମ-ପ୍ରସାଦ ଅନୁଭବ କରନ୍ତି – ନିଜକୁ ଖୁବ୍ ଉଦାର ବୋଲି ଭାବି ସେଇ ଦୃଷ୍ଟିରୁ ନିଜକୁ ଅନ୍ୟମାନଙ୍କଠାରୁ ଖୁବ୍ ମହାନ୍ ମନେ କରନ୍ତି । ତୁମକୁ କିନ୍ତୁ ସାତ୍ତ୍ୱିକ ଭାବନାରେ ରହି କାର୍ଯ୍ୟ କରିବାକୁ ହେବ । ତା'ହେଲା – ତୁମ ଟଙ୍କାର ଯେପରି ସର୍ବୋତ୍ତମ ଉପଯୋଗ ହୁଏ, ସେଇକଥା ସ୍ଥିର କରିବା । ତେଣୁ, ପ୍ରତ୍ୟେକେ ତା'ର ସର୍ବୋଚ୍ଚ ଚେତନା ସ୍ତରରେ ଖୋଜିବା ଉଚିତ ଯେ, କି ଉପାୟରେ ସେ ତା'ର ଟଙ୍କାକୁ ଖର୍ଚ୍ଚ କରିବ । ଆଉ, ଏହା ବି ସତକଥା ଯେ, ଟଙ୍କା ଯଦି ବ୍ୟବହାରରେ ନ ଲାଗେ ତେବେ ତା'ର ମୂଲ୍ୟ କିଛି ନାହିଁ । ପ୍ରତ୍ୟେକ ବ୍ୟକ୍ତି ପାଇଁ ସେଇ ଗୋଟିଏ କଥା ସତ ଯେ, ଯେତେବେଳେ ଜଣେ ଟଙ୍କାଟିକୁ ଖର୍ଚ୍ଚ କରେ, ସେତିକିବେଳେହିଁ ସେ ଟଙ୍କାଟିର ମୂଲ୍ୟ ଥାଏ ।

# ଅର୍ଥ କାହାରି ନୁହଁ

ଅର୍ଥକୁ ନେଇ ଯେତେସବୁ ଅନର୍ଥ ହୁଏ, ତାହାକୁ ''ମାଲିକାନା ନେଇ ଅନର୍ଥ'' ବୋଲି କହିପାର କିନ୍ତୁ ପ୍ରକୃତ ସତ୍ୟଟି ହେଲା – ଟଙ୍କା ବା ଅର୍ଥ କାହାରି ନୁହଁ । ଅର୍ଥକୁ ନିଜ ଅଧିକାରରେ ରଖିବାର ଧାରଣାହିଁ ସବୁକଥାକୁ ଏପରି ବିକୃତ କରିଛି । ଅର୍ଥ ଏକ ''ଅଧିକାରଭୁକ୍ତ ବିଷୟ'' ହୋଇ ରହିପାରେନା । କର୍ମ କରିବା ପାଇଁ ଯେପରି ଜଣକୁ କ୍ଷମତା ଦିଆଯାଇଥାଏ – ଅର୍ଥ ତୁମକୁ ଦିଆଯାଇଥାଏ କର୍ମର ଏକ ଉପାୟ ରୂପେ । ଯାହାକୁ କୁହାଯାଏ ''ଦାତାର ଇଚ୍ଛା'' ସେହି ଅନୁସାରେହିଁ, ତାଙ୍କରି ଇଚ୍ଛାକୁ ପୂରଣ କରିବା ଦିଗରେହିଁ ସେହି ଅର୍ଥକୁ ବ୍ୟବହାର କରିବା ଉଚିତ । ସେଥିରେ ତୁମର ବ୍ୟକ୍ତିଗତ ଇଚ୍ଛା ବା ଅନିଚ୍ଛା ରହିବା ଠିକ୍ ନୁହଁ ଏବଂ ତୁମକୁ ସଜ୍ଞାନରେ, ସଚେତନ ଭାବରେ ତା'ର ସଦ୍‌ବ୍ୟବହାର କରିବାକୁ ପଡ଼ିବ । ତୁମେ ଯଦି ଅର୍ଥକୁ ସଦୁପାୟରେ ଖର୍ଚ୍ଚ କରିପାରିବ ବା ବ୍ୟବହାର କରିପାରିବ, ତା'ହେଲେ ଅର୍ଥ ତୁମ ପାଖକୁ ନିଶ୍ଚୟ ଆସିବ । ତୁମର ଏହି ସଦ୍‌ବ୍ୟବହାର କରିବାର କ୍ଷମତା ଅନୁଯାୟୀ ଅର୍ଥ ତୁମ ପାଖକୁ ଆସିବ। ତାହାହିଁ ହେଲା ଅର୍ଥ ବ୍ୟବହାରର ପ୍ରକୃତ ପଦ୍ଧତି ।

ଯଥାର୍ଥ ମନୋଭାବଟି ହେଲା ଏହି – ପୃଥିବୀ ଉପରେ କାର୍ଯ୍ୟ କରିବା ଲାଗି ଅର୍ଥ ଏକ ଶକ୍ତି । ସେହି କାର୍ଯ୍ୟଟି ହେଲା ଈଶ୍ୱରଙ୍କ ଶକ୍ତିସବୁକୁ ଏହି ପୃଥିବୀ ଯେପରି ଗ୍ରହଣ କରିବାରେ ଓ ତା'ର ସଦ୍‌ବ୍ୟବହାର କରିବାରେ ସମର୍ଥ ହେବ, ତଦନୁଯାୟୀ ପୃଥିବୀକୁ ପ୍ରସ୍ତୁତ କରିବା । ତା'ହେଲେ ଏହି ଅର୍ଥଶକ୍ତି ସେହିମାନଙ୍କ ହାତରେ ରହିବ ଯେଉଁମାନଙ୍କର ଦୃଷ୍ଟି ହୋଇଥିବ ସଂପୂର୍ଣ୍ଣ ଶୁଦ୍ଧ ବ୍ୟାପକ ଓ ସର୍ବାଦୌ ସତ୍ୟ ।

# ଧନ ଏକ ଶକ୍ତି

ଧନ ଏକ ଶକ୍ତି – ମୁଁ ଥରେ ତୁମମାନଙ୍କୁ ଏକଥା କହିଥିଲି – ଏହା ପ୍ରକୃତିର ଏକ ଶକ୍ତି । ଏବଂ ଏହା ଚଳମାନ ହେବାର ଏକ ମାଧ୍ୟମ ହେବା ଉଚିତ । ଏହା ଚଳମାନ ଏକ ଶକ୍ତି, ଠିକ୍ ଯେପରି ଜଳପ୍ରବାହ ଏକ ଚଳମାନ ଶକ୍ତି । କୌଣସି ଦ୍ରବ୍ୟ ଉତ୍ପାଦନ ପାଇଁ, କୌଣସି ବିଷୟ ସଂଗଠନ ପାଇଁ ଏହା ସାହାଯ୍ୟ କରେ । ଏହା ଏକ ସୁଗମ ମାଧ୍ୟମ । କାରଣ, ପ୍ରକୃତରେ ଏହାସବୁ ବିଷୟକୁ ଚଳାଚଳ ବା ସରବରାହ କରିବାରେ ମୁକ୍ତ ଓ ପୂର୍ଣ୍ଣ ଭାବରେ ସହାୟତା କରିଥାଏ ।

ଏହି ଶକ୍ତି ସେଇମାନଙ୍କ ହାତରେ ରହିବା ଉଚିତ, ଯେଉଁମାନେ ଏହାର ସର୍ବୋତ୍ତମ ବ୍ୟବହାର କିପରି କରିବାକୁ ହୁଏ, ଜାଣନ୍ତି । ତା'ମାନେ, ମୁଁ ପ୍ରଥମରୁ କହିଛି – ଯେଉଁମାନେ ନିଜ ଭିତରୁ ବ୍ୟକ୍ତିଗତ କାମନା ବାସନା ଦୂର କରିପାରିଛନ୍ତି ଏବଂ ଯେଉଁମାନେ ସବୁପ୍ରକାର ଆସକ୍ତିରୁ ନିଜକୁ ମୁକ୍ତ କରିପାରିଛନ୍ତି, ସେହିମାନେହିଁ ଏହି ଅର୍ଥଶକ୍ତିର ଅଧିକାରୀ ହେବା ଉଚିତ । ଆଉ ଗୋଟିଏ ଯୋଗ୍ୟତା ମଧ୍ୟ ସେମାନଙ୍କର ରହିବା ଉଚିତ । ତା'ହେଲା – ପୃଥିବୀର ପ୍ରକୃତ ଆବଶ୍ୟକତା କ'ଣ, ତାହା ଯେପରି ସେମାନେ ଅନ୍ତର୍ଦୃଷ୍ଟିରୁ ଦେଖିପାରୁଥିବେ । ଆଉ ମଧ୍ୟ, ସେମାନଙ୍କର ଏହିସବୁ ଆବଶ୍ୟକତାକୁ କିପରି ଉପଯୁକ୍ତ ଭାବେ ସଂଗଠିତ କରିହେବ ସେ ସମ୍ବନ୍ଧେ ସଂପୂର୍ଣ୍ଣ ଜ୍ଞାନ ଥିବା ଦରକାର – ଏବଂ ସେସବୁକୁ ପୂରଣ କରିବା ପାଇଁ ଏହି ଶକ୍ତିକୁ (ଅର୍ଥଶକ୍ତିକୁ) ବ୍ୟବହାର କରିପାରିବାର ଉପାୟ ଜଣାଥିବା ଦରକାର ।

ଆଉମଧ୍ୟ ଯଦି, ଏସବୁ ଗୁଣ ଥିବା ସଙ୍ଗେ ସଙ୍ଗେ ସେମାନଙ୍କର ଏକ ଉଚ୍ଚତର ଆଧ୍ୟାତ୍ମିକ ଜ୍ଞାନ ଥିବ, ତେବେ ସେମାନେ ଏହି ଅର୍ଥଶକ୍ତିକୁ କ୍ରମେ କ୍ରମେ ପୃଥିବୀ-ପୃଷ୍ଠରେ ଖଟାଇ ପାରିବେ, ଯେପରିକି ଏ ପୃଥିବୀ ଦିବ୍ୟ ସାମର୍ଥ୍ୟ, ଦିବ୍ୟଶକ୍ତି ଓ ନିଜ ଉପରେ ଅଭିବ୍ୟକ୍ତ କରିବାରେ ସମର୍ଥ ହୋଇପାରିବ ।

# ଅର୍ଥ-ଶକ୍ତି

ଅର୍ଥ ହେଉଛି ଏପରି ଏକ ଜଗତର ଅନ୍ତର୍ଭୁକ୍ତ ଯାହା ବିକୃତ ଭାବେ ସୃଷ୍ଟ ହୋଇଛି । ଏହି ଅର୍ଥ-ଶକ୍ତି ରହିଛି ପ୍ରାଣ-ଜଗତରେ । ଏକଥା ଶ୍ରୀଅରବିନ୍ଦ କହିଛନ୍ତି – ନୁହେଁ କି ? ସେ କହିଛନ୍ତି ଯେ ଏହା ବର୍ତ୍ତମାନ ପ୍ରାଣ ଓ ଜଡ଼ଜଗତର କବଳରେ ରହିଛି । ତେଣୁ ସର୍ବଦା ସବୁ ଯୁଗରେ ଏହା ରହି ଆସିଛି ଆନ୍ତରିକ ଶକ୍ତିର ନିୟନ୍ତ୍ରଣ ଭିତରେ । ବର୍ତ୍ତମାନ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ହେଉଛି – ଏହି ଆସୁରିକ ଶକ୍ତି କବଳରୁ ଅର୍ଥ-ଶକ୍ତିକୁ ପୁନରୁଦ୍ଧାର କରିବା ।

ଏହି କାରଣରୁ ଅତୀତରେ ଯେଉଁମାନେ ଯୋଗସାଧନା କରିବାକୁ ଚାହୁଁଥିଲେ, କିଂବା ଏକ ଯୌଗିକ ଶୃଙ୍ଖଳା ମାନିବାକୁ ଚାହୁଁଥିଲେ, ସେମାନେ କହୁଥିଲେ ଯେ, ଯୋଗୀ ବା ଅଧ୍ୟାତ୍ମସାଧକ ଅର୍ଥକୁ ସ୍ପର୍ଶ କରିବା ମଧ୍ୟ ଉଚିତ ନୁହେଁ । କାରଣ, ଏହା ଏକ ପୈଶାଚିକ ଓ ଆସୁରିକ ବ୍ୟାପାର ଏବଂ ଆଧ୍ୟାତ୍ମିକ ଜୀବନର ପ୍ରତିକୂଳ । କିନ୍ତୁ ଏହି ସମଗ୍ର ବିଶ୍ୱ ତା'ର ସମସ୍ତ ପ୍ରକାର ପ୍ରକାଶମାନତା ଭିତରେ ଈଶ୍ୱରହିଁ ବିଦ୍ୟମାନ, ତେଣୁ ଏ ବିଶ୍ୱ ଓ ତା'ର ସବୁ କିଛି ସଂପୂର୍ଣ୍ଣ ଭାବେ ତାଙ୍କରହିଁ ଅଧୀନ । ଏବଂ ଏହି ଅର୍ଥରେ ଶ୍ରୀଅରବିନ୍ଦ କହିଛନ୍ତି ଯେ ଅର୍ଥଶକ୍ତି ମଧ୍ୟ ଈଶ୍ୱରଙ୍କର । କିନ୍ତୁ ଏହା ଅସୁରମାନଙ୍କ ଦଖଲରେ ଅଛି । ତାକୁ ସେମାନଙ୍କ କବଳରୁ ପୁନରୁଦ୍ଧାର କରିବା ଆବଶ୍ୟକ ଏବଂ ଈଶ୍ୱରଙ୍କ ହାତରେ ସମର୍ପି ଦେବା ଆବଶ୍ୟକ । ଯାହାଫଳରେ ସେ ତାଙ୍କ ରୂପାନ୍ତର କାର୍ଯ୍ୟ ପାଇଁ ତାହାକୁ ନିୟୋଜିତ କରିବାକୁ ସମର୍ଥ ହେବେ ।

## ଉତ୍ପାଦନ

କେବଳ ଅପଚୟ ନ କରି ଜଣେ ଯଦି କିଛି ଉତ୍ପାଦନ କରେ – ତେବେ ଏହାକୁ ଏକ ସମୃଦ୍ଧି କହିବାକୁ ହେବ । ଏହା ଦ୍ୱାରା କ'ଣ ହୁଏ ନା, ସରଳ ଭାବରେ କହିଲେ – ଜଣେ ଯେତିକି ଟଙ୍କା ଖଟାଇ କିଛି ଉତ୍ପାଦନ କରିଥାଏ, ତା' ହେଲା ତା'ର ସେହି ଟଙ୍କାର ମୂଲ୍ୟ ସହ ସମାନ କରି ସେ ଏପରି କିଛି ବସ୍ତୁ ଉତ୍ପାଦନ କରେ, ଯାହାକି ସେ ପୃଥିବୀର ବସ୍ତୁ ସରବରାହ ଧାରା ଭିତରକୁ ପ୍ରବେଶ କରାଇଦିଏ । ଏ ପ୍ରସଙ୍ଗରେ କୁହାଯାଇଥାଏ ଯେ ଜଣେ କେଉଁଠି ଗୋଟିଏ ଖାଲ ବା ଛିଦ୍ର ନ କରି ଆଉ ଠାଏ କିଛି ଗଦାଇ ପାରିବ ନାହିଁ । କିନ୍ତୁ ଏହି ଉକ୍ତିଟି ଯେଉଁମାନେ ବ୍ୟବସାୟ କରୁଛନ୍ତି – ଷ୍ଟକ୍ ଏକ୍ସଚେଞ୍ଜରେ ବେପାର କରୁଛନ୍ତି କିଂବା ଆର୍ଥିକ ଲାଭ ପାଇଁ ଫନ୍ଦା ମେଲିଛନ୍ତି, ସେମାନଙ୍କ ପାଇଁ ସତ୍ୟ ହୋଇପାରେ । ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଲାଭ ଉଠାଇବାକୁ ହେଲେ ଆଉ କେଉଁଠି ଏକ କ୍ଷତି ଘଟାଇବାକୁ ମଧ୍ୟ ପଡ଼ିଥାଏ । କିନ୍ତୁ ଏ ସତ୍ୟ ଏହାରି ଭିତରେହିଁ ସୀମିତ । ଅନ୍ୟ ପକ୍ଷରେ ଜଣେ ଉତ୍ପାଦକ ତା'ର ଉତ୍ପାଦନ ବିନିମୟରେ ଯଦି ଲାଭ ଉଠାଇ ଟଙ୍କା ଗଦାକରେ, ତେବେ ସେ ଆଉଠାଏ ଛିଦ୍ର, ଖାଲ ବା କ୍ଷତି କରିବାକୁ ଯାଇ ନ ଥାଏ । ତେବେ ଏକଥା ଠିକ୍ ଯେ, ପ୍ରତି ଉତ୍ପାଦନର ଏକ ଆର୍ଥିକ ମୂଲ୍ୟ ରହିଛି । କିନ୍ତୁ ଯଦି ସେହି ଉତ୍ପାଦିତ ପଦାର୍ଥଟି ସାଧାରଣ ମାନବ ସଂପଦ ରୂପେ ଗଚ୍ଛିତ ରଖାଯାଇପାରେ, ତେବେ ତଦ୍ୱାରା ଆଉ କେଉଁଠି କିଛି ଖାଲ ବା କ୍ଷତି ହୁଏ ନାହିଁ । ଏହା ବରଂ ସଂପଦ ବୃଦ୍ଧି କରିଥାଏ । ଏବଂ ଆଉ ଗୋଟିଏ ବାଟରେ – କେବଳ ଏହି ବୈଷୟିକ କ୍ଷେତ୍ରରେ ନୁହେଁ – ସବୁ କ୍ଷେତ୍ରରେ – କଳା, ସାହିତ୍ୟ, ବିଜ୍ଞାନ ପ୍ରଭୃତି କ୍ଷେତ୍ରରେ ମଧ୍ୟ ଉତ୍ପାଦନର ଏହି ନୀତି ଓ ନିୟମ ଲାଗୁ ରହିବ ।

## ସଫଳତା ଓ ବିଫଳତା– ୧

ବାହାରୁ କୌଣସି ସଫଳତା ବା ବିଫଳତା ଦେଖି ତୁମେ ବିଚାର କରି କୌଣସି ସିଦ୍ଧାନ୍ତ ନେଇପାରିବ ନାହିଁ । ଆମେ କହିପାରୁ – ଏବଂ ଏହା ମଧ୍ୟ ସାଧାରଣତଃ ସବୁବେଳେ ଘଟିଥାଏ ଯେ – ଆମେ କହିପାରୁ ଜଣେ ଯାହା କାମନା କରେ ଈଶ୍ୱର ତାକୁ ତାହା ଦିଅନ୍ତି । ଏବଂ ସବୁ ପ୍ରକାର ଶିକ୍ଷା ଅପେକ୍ଷା ଏଇଟି ସର୍ବୋତ୍ତମ ଶିକ୍ଷା ! କାରଣ, ତୁମର କାମନା ଯଦି ହେଲା ଅଚେତନା, ଅଜ୍ଞାନାଚ୍ଛନ୍ନ ଓ ଅହଂକେନ୍ଦ୍ରିକ, ତା'ହେଲେ ତୁମେ ସେହି ଅଚେତନାକୁ ବଢ଼ାଇ ଚାଲିଥାଅ – ତୁମ ଭିତରର ଅନ୍ଧକାର ଓ ଅହଂକାରକୁ ବଢ଼ାଇ ଚାଲିଥାଅ, ତା'ର ମାନେ ହେଲା, ତାହାହିଁ ତୁମକୁ ସତ୍ୟଠାରୁ ଦୂରରୁ ଦୂରକୁ ନେଇ ଚାଲେ – ଚେତନା ଓ ପ୍ରକୃତ ସୁଖଠାରୁ ଦୂରେଇ ନେଇ ଯାଉଥାଏ । ଏହିପରି ଭାବେ ଈଶ୍ୱରଙ୍କଠାରୁ ତୁମକୁ ବହୁତ ବହୁତ ଦୂରକୁ ନେଇ ଯାଉଥାଏ । ଏବଂ ଈଶ୍ୱରଙ୍କ ପକ୍ଷରେ ଗୋଟିଏ କଥାହିଁ ସତ୍ୟ – ଐଶ୍ୱରିକ ଚେତନା ଓ ଈଶ୍ୱରଙ୍କ ସହ ମିଳନ । ଏବଂ ଯେତେଥର ତୁମେ ପାର୍ଥିବ କାମନାଗୁଡ଼ିକ ତୁମ ଆଗରେ ରଖିବ, ତୁମେ ସେତିକି ସେତିକି ବସ୍ତୁମୁଖୀ ହୋଇ ଚାଲିଥିବ ଏବଂ ପୂର୍ଣ୍ଣ ସଫଳତାଠାରୁ ଦୂରକୁ ଦୂରକୁ ଘୁଞ୍ଚି ଯାଉଥିବ ।

କିନ୍ତୁ ସତ୍ୟ ପାଇଁ ସେହି ଅନ୍ୟ ପ୍ରକାର ସଫଳତା ହେଲା ଏକ ଭୟଙ୍କର ପରାଜୟ ।... ତୁମେ ସତ୍ୟ ବିନିମୟରେ ମିଥ୍ୟାକୁହିଁ ସ୍ୱାଗତ କରିଥାଅ !

ବାହାରୁ କାହାର ସଫଳତା ଦେଖି ଓ ସଫଳତାର ବାହ୍ୟ ରୂପଦେଖି କୌଣସି କଥାକୁ ବିଚାର କରିବା ପ୍ରକୃତରେ ଏକ ସଂପୂର୍ଣ୍ଣ ଅଜ୍ଞାନତାର କାର୍ଯ୍ୟ ।

# ସଫଳତା ଓ ବିଫଳତା – ୨

ଜୀବନରେ କୌଣସି ସଫଳତା ପାଇ ସେହି ସଫଳତା ଦ୍ୱାରା ଆକ୍ରାନ୍ତ ନ ହେବାକୁ ହେଲେ, ଜଣକୁ ତା'ର ଚେତନା ବା ମନୋବୃତ୍ତିର ଖୁବ୍ ମହାନ୍, ଖୁବ୍ ଶୁଦ୍ଧ, ଖୁବ୍ ଉଚ୍ଚ ଓ ଖୁବ୍ ଅନାସକ୍ତ ଆଧ୍ୟାତ୍ମିକ ଭାବାପନ୍ନ ହେବାକୁ ହେବ । **ସଫଳ ହେବାଠାରୁ ବଳି ଅଧିକ କଷ୍ଟକର କଥା ଆଉ ନାହିଁ । ଏହାହିଁ ପ୍ରକୃତରେ** ଜୀବନର ଯଥାର୍ଥ ପରୀକ୍ଷା ।

ଯେତେବେଳେ ତୁମେ ସଫଳ ହେଲ ନାହିଁ, ସେତେବେଳେ ତୁମେ ଖୁବ୍ ସ୍ୱାଭାବିକ ଭାବେ ନିଜକୁ ପଛ କରିଦିଅ ଓ ନିଜ ଭିତରକୁ ପ୍ରବେଶ କର, ଏବଂ ସେଠାରେ ତୁମେ ତୁମର ବାହ୍ୟ ବିଫଳତା ପାଇଁ ସାନ୍ତ୍ୱନା ଖୋଜିଥାଅ । କିନ୍ତୁ ଯେଉଁମାନଙ୍କର ଅନ୍ତରରେ ଅଗ୍ନିଶିଖା ଜଳୁଛି – ଯଦି ଭଗବାନ ପ୍ରକୃତରେ ତାକୁ ସାହାଯ୍ୟ କରିବାକୁ ଚାହୁଁଥା'ନ୍ତି, ଏବଂ ଯଦି ସେମାନେ ଈଶ୍ୱରଙ୍କ ସାହାଯ୍ୟ ପାଇବା ଲାଗି ଯୋଗ୍ୟ ହୋଇଥା'ନ୍ତି, ଯଦି ସେମାନେ ଦିବ୍ୟ ପଥରେ ଯିବା ଲାଗି ପ୍ରସ୍ତୁତ ଥା'ନ୍ତି,– ତେବେ ମାଡ଼ ପରେ ମାଡ଼ ବସିବ ତୁମ ଉପରେ । କାରଣ, ଏହା ସାହାଯ୍ୟ କରେ ! ଏହାହିଁ ଖୁବ୍ ଶକ୍ତିଶାଳୀ, ଖୁବ୍ ପ୍ରତ୍ୟକ୍ଷ ଏବଂ ଖୁବ୍ ଫଳପ୍ରଦ ସାହାଯ୍ୟ । ଯଦି ତୁମେ ସଫଳ ହୁଅ, ତେବେ ନିଜକୁ ଜଗିରଖି ଚାଲ – ନିଜକୁ ପଚାର – ''କେଉଁ ମୂଲ୍ୟ ଦେଇ କାହା ବିନିମୟରେ ମୁଁ ଏହି ସଫଳତାର କ୍ରୟ କରିଛି ?''...

ଏବଂ ମୋଟ କଥା ହେଲା – ଭଗବାନଙ୍କର ଏହା ହେଉଛି ତୁମ ପ୍ରତି ଶେଷ ପରୀକ୍ଷା : ''ବର୍ତ୍ତମାନ ଯେହେତୁ ତୁମେ ମହତ୍, ତୁମେ ଅନାସକ୍ତ, ତୁମର କୌଣସି ଅହଂକାର ନାହିଁ, ତୁମେ ବର୍ତ୍ତମାନ ମୋର । ମୁଁ ବର୍ତ୍ତମାନ ତୁମକୁ ବିଜୟ ଦେବାକୁ ଚାହୁଁଛି । ମୁଁ ଦେଖିବାକୁ ଚାହେଁ – ତୁମେ କିପରି ଏହି ବିଜୟକୁ ଧରି ରଖିପାରୁଛ ।''

## ଏକ ସଂପୂର୍ଣ୍ଣ ସମତା

ଅନେକ ସମୟରେ ଏପରି କିଛି ଘଟେ, ଯାହା ଆମେ ଆଶା କରି ନ ଥାଉ, ଯାହା ଆମେ ଆକାଂକ୍ଷା କରି ନ ଥାଉ, ଯାହା ଆମେ ପ୍ରତ୍ୟାଶା ମଧ୍ୟ କରି ନ ଥାଉ, ଯାହାକି ଆମ ଇଚ୍ଛାର ବିପରୀତ, ଆମେ ଆମର ଅଜ୍ଞାନ ବଶରୁ ତାକୁ କହୁ ଆମର ଦୁର୍ଭାଗ୍ୟ ଏବଂ ସେଥିଲାଗି ଆମେ ଶୋକ କରୁ । କିନ୍ତୁ ଆମେ ଯଦି ଟିକିଏ ଅପେକ୍ଷାକୃତ ବିଜ୍ଞ ହୋଇପାରନ୍ତୁ ଏବଂ ସେହିସବୁ ତଥାକଥିତ ଦୁର୍ଘଟନାଗୁଡ଼ିକର ପଛପଟେ ଥିବା ଗଭୀରତର ସତ୍ୟକୁ ବୁଝିପାରନ୍ତୁ, ତେବେ ଆମେ ଜାଣନ୍ତୁ ଯେ ସେଗୁଡ଼ିକ ଆମକୁ ପରମ ପ୍ରେମିକ ଈଶ୍ୱରଙ୍କ ସନ୍ନିକଟକୁ ଦ୍ରୁତଗତିରେ ଆଗେଇ ନେଉଛନ୍ତି ।...

ଜଣକୁ ଖୁବ୍ ଶକ୍ତିଶାଳୀ ହେବାକୁ ପଡ଼ିବ, ଖୁବ୍ ଦୃଢ଼ ହୋଇ ବହୁବାଟ ଅଗ୍ରସର ହେବାକୁ ପଡ଼ିବ ଏବଂ ତା'ପରେ ଯାଇ ସେ ସଫଳତାକୁ ଭେଟିବ ଏବଂ ସେତେବେଳେ ସେ ସେହି ସଫଳତା ଓ ତହିଁ ସଙ୍ଗରେ ମିଳୁଥିବା ଛୋଟ ଛୋଟ ଆନନ୍ଦ ଉପଭୋଗଗୁଡ଼ିକରେ ଭାସି ନ ଯାଇ ଯଥାର୍ଥ ମନୋଭାବ ସହ ସେଗୁଡ଼ିକର ସମ୍ମୁଖୀନ ହୋଇପାରିବ । ଯେଉଁମାନେ ଏହା କରିପାରନ୍ତି, ଯେଉଁମାନେ ଶକ୍ତିମାନ୍ ସେମାନେ କେବେ ସଫଳତା ପଛରେ ଗୋଡ଼ାନ୍ତି ନାହିଁ । ସେମାନେ ଏହା ଖୋଜନ୍ତି ମଧ୍ୟ ନାହିଁ । ସଫଳତା ଆସିଲେ ଅନାସକ୍ତ ଭାବେ ତାକୁ ଗ୍ରହଣ କରନ୍ତି । କାରଣ ଦୁଃଖ ଓ ଦୁର୍ବିପାକ ସେମାନଙ୍କୁ ଯେଉଁ ପୀଡ଼ା ଦେଇଥିଲା ତାହାର ମୂଲ୍ୟ ସେମାନେ ବୁଝନ୍ତି ।

କିନ୍ତୁ ଶେଷକଥା ହେଲା – ଆମେ ଆମ ଲକ୍ଷ୍ୟର ନିକଟବର୍ତ୍ତୀ ହେଉଛୁ ବୋଲି ତା'ର ଚିହ୍ନ, ପ୍ରମାଣ ଓ ସେଥିପାଇଁ ଯଥାର୍ଥ ମନୋଭାବ ହେଲା – ନିଜ ଭିତରେ ଏକ ସଂପୂର୍ଣ୍ଣ ସମତାର ଭାବ ରଖିବା । ଏହି ସମତା ଭାବ ସଫଳତା ବା ବିଫଳତାକୁ, ସୌଭାଗ୍ୟ ଓ ଦୁର୍ଭାଗ୍ୟକୁ ଏବଂ ସୁଖ ଓ ଦୁଃଖକୁ ସମାନ ଭାବରେ ଏକ ପ୍ରଶାନ୍ତ ଆନନ୍ଦର ସହ ଗ୍ରହଣ କରିବା ପାଇଁ ଆମକୁ ସମର୍ଥ କରିଥାଏ । କାରଣ, ସେତେବେଳେ ଏହିସବୁ ସୁଖଦୁଃଖାଦି ହୋଇଉଠେ ଅପୂର୍ବ ଉପହାରମାନ ଭଳି ଯାହାକୁ କି ଭଗବାନ ତାଙ୍କର ପରମ ମହିମା ଓ କଲ୍ୟାଣ ନେଇ ଆମ ଉପରେ ଅଜାଡ଼ି ଦେଉଛନ୍ତି ।

# ବୁଝିବିଚାରି ଖାଅ

ଉତ୍ତମ କଥା ହେଲା ଖାଇବା ବିଷୟରେ ନ ଭାବିବା ବରଂ ସ୍ୱତଃପ୍ରବୃତ୍ତ ହୋଇ ନିଜର ଜୀବନଟିକୁ ଏପରି ଭାବେ ସଂଗଠିତ କରିବା ଉଚିତ, ଯାହା ଫଳରେ କି ଖାଇବା ବିଷୟରେ ଚିନ୍ତା କରିବା ଦରକାର ନ ଥିବ । ଏକ ନିର୍ଦ୍ଦିଷ୍ଟ ସମୟରେ ତୁମେ ଖାଅ, ଯେତିକି ଖାଇବା ଦରକାର ଖାଅ, ଯେତେବେଳେ ତୁମେ ଖାଉଛ, ସେତେବେଳେ ଖାଦ୍ୟ ସମ୍ବନ୍ଧେ କୌଣସି ଚିନ୍ତା କରିବା ବି ଅନାବଶ୍ୟକ । ତୁମେ ବେଶ୍ ଧୀରସ୍ଥିର ଭାବେ ଖାଅ, ନୀରବରେ ଏକାଗ୍ରତା ସହିତ ଖାଅ । ଏବଂ ଯେତେବେଳେ ତୁମେ ଖାଉ ନାହଁ, ସେତେବେଳେ କେବେ ବି ଖାଇବା କଥା ନେଇ ଏତେ ଚିନ୍ତା କର ନାହିଁ । ତୁମେ କେବେ ବହୁତ ଗୁଡ଼େ ଖାଇବ ନାହିଁ, କାରଣ ବହୁତ ଖାଇଲେ ତୁମକୁ ହଜମ କରିବା ବିଷୟରେ ଚିନ୍ତାଗ୍ରସ୍ତ ହେବାକୁ ପଡ଼ିବ, ଏବଂ ସେତେବେଳେ ତୁମକୁ ବଡ଼ ଖରାପ ଲାଗିବ ଓ ସେଥିଲାଗି ଅଯଥା ବହୁ ସମୟ ନଷ୍ଟ କରିବାକୁ ପଡ଼ିବ । ଯେତିକି ଆବଶ୍ୟକ ସେତିକି ଖାଅ ... ଖାଦ୍ୟ ପ୍ରତି ସମସ୍ତ ବାସନା ତ୍ୟାଗ କର – ସମସ୍ତ ଆକର୍ଷଣ ତ୍ୟାଗ କର – ତୁମ ପ୍ରାଣର ସମସ୍ତ ବିଚଳନରୁ ବିରତ ରୁହ । ଯେତେବେଳେ ତୁମେ ଭାବିବ ଯେ ଶରୀର ଦରକାର କରୁଛି ବୋଲି ମୁଁ ଖାଉଛି, ସେତେବେଳେ ତୁମର ଶରୀର ପୂରା ସଠିକ ଭାବେ ତୁମକୁ ଜଣାଇ ଦେବ ଯେ ତା'ର ଆବଶ୍ୟକତା ମୁତାବକ ଖାଦ୍ୟ ହୋଇଯାଇଛି; ତୁମେ ଦେଖ, ଜଣେ ଯେତେବେଳେ ତା'ର ପ୍ରାଣିକ ବାସନା ଓ ମନର ଧାରଣା ଦ୍ୱାରା ପରିଚାଳିତ ନ ହୁଏ ସେତେବେଳେ ସେ ଏହା ନିଶ୍ଚିତ ଭାବରେ ବୁଝିପାରେ । ଶରୀର କହିଦିଏ – ''ବର୍ତ୍ତମାନ ଯଥେଷ୍ଟ ଖାଇବା ହୋଇଗଲା – ମୋର ଆଉ ଖାଦ୍ୟ ଦରକାର ନାହିଁ ।'' ସେତେବେଳେ ତୁମେ ନିଶ୍ଚୟ ଖାଇବା ବନ୍ଦ କରିବ ।

## ଆଗ ଉନ୍ନତତର ସତ୍ତାକୁ ଶୁଦ୍ଧ କର

ତୁମ ଶରୀରକୁ ଶୁଦ୍ଧ କରିବା ପାଇଁ ଚିନ୍ତା କରିବା ଆଗରୁ ପ୍ରଥମେ ନିଶ୍ଚିତ ଭାବରେ ତୁମ ପ୍ରାଣ ଓ ମନକୁ ଶୁଦ୍ଧ କରିବା ଉଚିତ । କାରଣ, ତୁମେ ତୁମ ଶରୀରକୁ ଶୁଦ୍ଧ ରଖିବା ପାଇଁ ଯେତେ ପ୍ରକାର ସାବଧାନତା ଅବଲମ୍ବନ କରୁଥାଅ ନା କାହିଁକି, ତୁମେ ତୁମ ଶରୀର ଭିତରକୁ ପବିତ୍ର ଭାବ ଛଡ଼ା ଆଉ କୌଣସି ମନ୍ଦ ପ୍ରଭାବ ପଶି ନ ଆସିବା ପାଇଁ ଯେତେ ଯାହା ଚେଷ୍ଟା କରୁଥାଅ ପଛକେ, ଯଦି ତୁମର ମନ ଓ ପ୍ରାଣ ସବୁବେଳେ କାମନା ବାସନା, ଅଜ୍ଞାନ ଅନ୍ଧକାର, ଉତ୍ତେଜନା ଓ ସେହିପରି ସବୁ କଦର୍ଯ୍ୟ ଭାବ ଭିତରେ ସର୍ବଦା ବୁଡ଼ି ରହୁଥା'ନ୍ତି, ତା'ହେଲେ ଶରୀରକୁ ଶୁଦ୍ଧ ରଖିବା ପାଇଁ ତୁମର ସମସ୍ତ ଚେଷ୍ଟା ପଣ୍ଡ ହୋଇଯିବ । କେବଳ ତୁମର ଶରୀର ଦୁର୍ବଳ ହୋଇପଡ଼ିବାହିଁ ସାର ହେବ । ଏବଂ ତୁମ ଶରୀରଟି ତୁମର ଆନ୍ତର-ଜୀବନର ସତ୍ୟଠାରୁ ବିଚ୍ଛିନ୍ନ ହୋଇଯିବ ଓ ଏକ ସୁନ୍ଦର ଦିନରେ ରୋଗଗ୍ରସ୍ତ ହେବ ।

ତେଣୁ ଭିତର ଆଡୁ ଶୁଦ୍ଧୀକରଣ ଆରମ୍ଭ ହେବା ଉଚିତ, ମୁଁ ଆଗରୁ ତୁମମାନଙ୍କୁ ଏକଥା ଥରେ କହିଥିଲି । ସାଧନା ଉପର ସ୍ତରରୁ ଆରମ୍ଭ ହେବା ଉଚିତ । ପ୍ରଥମେ ଉଚ୍ଚତର ସ୍ତରକୁ ଶୁଦ୍ଧ କର – ତା'ପରେ ଶୁଦ୍ଧକର ନିମ୍ନତର ସ୍ତରକୁ ।... ମୋ କହିବା କଥା ହେଲା – ତୁମେ ଯଦି ତୁମର ପ୍ରାଣ ଓ ମନରେ ସାନ ଆଞ୍ଜେଲ୍‌ଟିଏ (ମାନେ ଛୋଟିଆ ଦେବୀ) ନ ହୋଇପାରିଛ, ତେବେ ତୁମେ ତୁମ ଶରୀରରେ ପୂର୍ଣ୍ଣ ଆଞ୍ଜେଲଟିଏ ହୋଇପାରିବ ନାହିଁ । ଏପରି କଲେ ତାହା ତୁମକୁ ଆଉ ଗୋଟିଏ ବାଟରେ ନେଇ ଭାଙ୍ଗିଭୁଙ୍ଗି ଦେବ । ତେଣୁ ସେ ବାଟଟା ଠିକ୍ ନୁହେଁ । ସେଦିନ ମୁଁ ତୁମକୁ କହିଥିଲି ଯେ ସବୁଠାରୁ ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ହେଲା – ତୁମେ ତୁମ ଭିତରେ ଏକ ସମତା ରକ୍ଷା କରିବା ଉଚିତ । ତା'ମାନେ, ଏହି ସମତା ରକ୍ଷା କରିବାକୁ ହେଲେ ତୁମର ସବୁ ସତ୍ତା ଏକାବେଳକେ ଅଗ୍ରଗତି କରିବା ଉଚିତ ।

## ତୁମର ଖାଦ୍ୟ ଈଶ୍ୱରଙ୍କୁ ଅର୍ପଣ କର

ତଥାପି ଖାଦ୍ୟକୁ ନେଇ ସମସ୍ୟା ରହିଛି । ଆମର ଶରୀର ବଞ୍ଚିବା ଲାଗି ଯେତେବେଳ ପର୍ଯ୍ୟନ୍ତ ବାହାରର ବସ୍ତୁଗୁଡ଼ିକୁ ଖାଦ୍ୟ ରୂପେ ଗ୍ରହଣ କରିବାକୁ ବାଧ୍ୟ ହେଉଥିବ, ସେତେବେଳ ଯାଏ ଏହା ତା' ସହିତ ବହୁ ପରିମାଣରେ ଅଜ୍ଞାନ ଓ ତାମସିକ ଶକ୍ତିଗୁଡ଼ିକୁ ମଧ୍ୟ ନିଜ ଶରୀର ଭିତରକୁ ଗ୍ରହଣ କରୁଥିବ – ଏବଂ ଅନେକ ଅବାଞ୍ଛିତ ଚେତନା ମଧ୍ୟ ଆମ ଖାଦ୍ୟ ସହିତ ଆମ ଶରୀର ଭିତରକୁ ପ୍ରବେଶ କରୁଥିବ – ଏବଂ ତା' ଫଳରେ ଆମ ଶରୀର ଭିତରେ ନାନାଦି ରାସାୟନିକ କ୍ରିୟା-ପ୍ରତିକ୍ରିୟା ମଧ୍ୟ ସୃଷ୍ଟି ହେଉଥିବ । ଆମେ ଏପର୍ଯ୍ୟନ୍ତ ଆମର ଖାଦ୍ୟ ସହିତ ଚେତନାର ମିଶ୍ରଣ କଥା କହୁଥିଲୁ । କିନ୍ତୁ ସେଇ ଖାଦ୍ୟ ସହିତ ଅଚେତନ ଶକ୍ତିଗୁଡ଼ିକର ମିଶ୍ରଣ-ସମ୍ଭାବନା ମଧ୍ୟ ରହିଛି – ଏବଂ ବେଶ୍ ପରିମାଣରେ ବି ରହିଛି । ସେଥିପାଇଁ ଅନେକ ଯୋଗ-ସାଧନା-ପ୍ରଣାଳୀରେ ନିୟମ ରହିଛି – ଖାଇବା ପୂର୍ବରୁ ପ୍ରଥମେ ଖାଦ୍ୟକୁ ଈଶ୍ୱରଙ୍କୁ ଅର୍ପଣ କରିସାରି, ତା'ପରେ ତୁମେ ନିଜେ ଖାଇବ । (ଏହି କଥା କହିଲାବେଳେ ମା' ନିଜର ଦୁଇ ପାପୁଲିକୁ ଏକତ୍ର କରି ମୁକ୍ତ ହସ୍ତରେ ଈଶ୍ୱରଙ୍କୁ ଅର୍ପଣ କରିବାର ଭଙ୍ଗୀ ଦେଖାଇଲେ) ତା'ର ଉଦ୍ଦେଶ୍ୟ ହେଲା ଖାଇବା ପୂର୍ବରୁ ଖାଦ୍ୟ ଭିତରକୁ ଈଶ୍ୱରଙ୍କୁ ଅବତରଣ କରିବା ଲାଗି ପ୍ରାର୍ଥନା କରିବା । ଈଶ୍ୱରଙ୍କୁ ଅର୍ପଣ କରାଯାଏ – ତା'ମାନେ, ତଦ୍ୱାରା ଅର୍ପଣକାରୀ ତା'ର ଖାଦ୍ୟକୁ ଈଶ୍ୱରଙ୍କ ସହ ଯୁକ୍ତ କରେ । ତା'ହେଲେ ଖାଇବା ସମୟରେ ସେହି ଖାଦ୍ୟରେ ଈଶ୍ୱରଙ୍କ ପ୍ରଭାବ ପଡ଼ିବ । ଏହି ପଦ୍ଧତି ଖୁବ୍ ଉପକାରୀ – ଏହା ଭାରି ଭଲ ପଦ୍ଧତି ମଧ୍ୟ । ତୁମେ ଯଦି ଜାଣିବ ଯେ ଏହା କିପରି ଠିକ୍ ଭାବେ କରିବାକୁ ହୁଏ, ତେବେ ଏହା ଖୁବ୍ ଉପକାରୀ । ଏହି ଖାଦ୍ୟାର୍ପଣ ବ୍ୟାପାରଟି ତୁମର ଆନ୍ତର ରୂପାନ୍ତର କ୍ରିୟାର ପ୍ରୟାସକୁ ମଧ୍ୟ ଲାଘବ କରିଥାଏ ।

# ଧୂମପାନ, ମଦ୍ୟପାନ ଓ ଡ୍ରଗ୍‌ସେବନ

କେତେକ ଲୋକ ବିଶ୍ୱାସ କରନ୍ତି ଯେ ଆସନ୍ତାକାଲିର ଜୀବନ ସହିତ ଧୂମପାନ ଓ ମଦ୍ୟପାନାଦିର ଏକ ବିଶେଷ ସମ୍ପର୍କ ରହିବ । ଏପରି ବିଶ୍ୱାସ ବା ଧାରଣା ଯେଉଁମାନେ କରନ୍ତି, ତାହା ସେମାନେ କରୁଥାନ୍ତୁ । ଯଦି ସେମାନେ ଏହି ଅଭିଜ୍ଞତା ଭିତର ଦେଇ ଯିବାକୁ ଚାହୁଁଥାନ୍ତି, ତା' ସେମାନେ କରନ୍ତୁ । ଦିନେ ସେମାନେ ଉପଲବ୍ଧି କରିବେ ଯେ, ସେମାନେ ସେମାନଙ୍କର କାମନା ବାସନା ଭିତରେ ନିଜକୁ ବନ୍ଦି କରିବାକୁ ଚାହାନ୍ତି । ସେ ଯାହା ହେଉ, ମୁଁ ଆଦୌ ଜଣେ ନୀତିବାଦୀ ନୁହଁ, ଆଦୌ ନୁହେଁ, ଆଦୌ ନୁହେଁ, ଆଦୌ ନୁହେଁ । ଏହା ସେମାନଙ୍କର ନିଜ କଥା । ଏହା ସେମାନଙ୍କର ବିଚାର ଓ କାର୍ଯ୍ୟ । ଯଦି ସେମାନେ ଏ ଅଭିଜ୍ଞତା ଭିତରେ ଗତି କରିବାକୁ ଚାହାନ୍ତି, କରନ୍ତୁ ସେମାନେ । କିନ୍ତୁ ଆଶ୍ରମ ସେହି ଅଭିଜ୍ଞତା ପାଇଁ ପ୍ରଶସ୍ତ ନୁହେଁ । ଈଶ୍ୱରଙ୍କୁ ଧନ୍ୟବାଦ, ଆଶ୍ରମରେ ରହି ଆମେ ଶିଖିଛୁ ଯେ ଜୀବନର ଅର୍ଥ ଆଉ କିଛି । ଯଥାର୍ଥ ଜୀବନର ଉଦ୍ଦେଶ୍ୟ ନୁହଁ ନିଜର କାମନା ବାସନା ଚରିତାର୍ଥ କରିବା । ମୁଁ ମୋର ନିଜର ଅଭିଜ୍ଞତାରୁ କହୁଛି – ଯେଉଁମାନେ କୌଣସି ଏକ ଡ୍ରଗ୍ ଖାଇ ଏକ ଅଲୌକିକ ଅନୁଭୂତି ବା ଉପଲବ୍ଧି ପାଉଛନ୍ତି ବୋଲି କହୁଛନ୍ତି ବା ଅଦୃଶ୍ୟ ଜଗତମାନଙ୍କ ସହିତ ସେମାନଙ୍କର ସଂସର୍ଗ ହେଉଛି ବୋଲି କହୁଛନ୍ତି – ମୁଁ ସେ ସମ୍ବନ୍ଧେ ଏତିକି କହିବି ଯେ ସେଇସବୁ ଅଲୌକିକ ଅନୁଭୂତି ବା ଉପଲବ୍ଧିଗୁଡ଼ିକ ଆହୁରି ସ୍ୱଚ୍ଛ ଓ ଭଲଭାବେ, ଆହୁରି ଶୁଦ୍ଧ ଓ ଗଭୀରଭାବେ, ସଚେତନ ଓ ନିୟନ୍ତ୍ରିତ ଭାବରେ ଡ୍ରଗ୍ ସେବନ ବିନା ଅନ୍ୟ ଉପାୟରେ ମଧ୍ୟ ସମ୍ଭବ ହୋଇପାରିବ । କଥା ହେଲା – ଜଣେ ନିଜକୁ ସଂଯତ ଓ ନିୟନ୍ତ୍ରିତ କରିବା ଉଚିତ । ବିଷ ଗିଳିବା ଅପେକ୍ଷା ଏହା ଅଧିକ କଷ୍ଟକର କଥା । କିନ୍ତୁ ମୁଁ କାହାପାଇଁ ନୀତିଶିକ୍ଷା ପ୍ରଚାର କରିବାକୁ ଯାଉ ନାହିଁ ।

## ମଦ୍ୟପାନ ଓ ଡ୍ରଗ୍‌ସେବନ : ଆତ୍ମ ସଂଯମ

ଲୋକେ ଅଛନ୍ତି : ଯେଉଁମାନେ ନାନାଦି ଦୁଷ୍କର୍ମରେ ଲିପ୍ତ ଥା'ନ୍ତି – ଯେକୌଣସି ଦୁଷ୍କର୍ମରେ ଲିପ୍ତ ରହିଥା'ନ୍ତି, ଯଥା କେହି କେହି ମଦ୍ୟପାନ କରନ୍ତି ଓ ଆଉ କେହି ଡ୍ରଗ୍-ଇଂଜେକ୍‌ସନ ନିଅନ୍ତି – ଅଥଚ ସେମାନେ ଭଲଭାବେ ଜାଣନ୍ତି ଯେ, ଏହି ଦୁରଭ୍ୟାସ ସେମାନଙ୍କୁ ଧ୍ୱଂସ ଓ ମୃତ୍ୟୁ ଆଡ଼କୁ ଆଗେଇ ନେଉଛି । କିନ୍ତୁ ସେମାନେ ଜାଣି ଜାଣି ଏପରି ଜୀବନ ବାଛନ୍ତି ।

ପ୍ରଶ୍ନ : ସେମାନଙ୍କର ନିଜ ଉପରେ କୌଣସି ସଂଯମ ନ ଥାଏ ।

ଉତ୍ତର : ପ୍ରତି ବ୍ୟକ୍ତିର ଜୀବନରେ ସବୁ ମୁହୂର୍ତ୍ତରେ ଆତ୍ମ-ସଂଯମର ଶକ୍ତି ରହିଛି । ଯଦି କେହି ଥରେ ମାତ୍ର ''ହଁ'' ବୋଲି କହି ନ ଥାଏ – ଯଦି ଜଣେ ସିଦ୍ଧାନ୍ତ ନେଇ ନ ଥାଏ (ସେଇ କଥାଟି କରିବ ବୋଲି) ତେବେ ସେ ତାହା କେବେ କରି ନ ଥା'ନ୍ତା ।

ଏପରି ଜଣେ ହେଲେ ମଣିଷ ନାହିଁ, ଯେ'କି ତା' ଉପରେ ଲଦି ହୋଇ ପଡୁଥିବା କୌଣସି ବିଷୟକୁ ନିଜ କାନ୍ଧରୁ ଝାଡ଼ି ଦେବାର ଶକ୍ତି ବା କ୍ଷମତାର ଅଧିକାରୀ ନୁହେଁ – ଯଦି ତାକୁ ଏହା କରିବା ପାଇଁ ସ୍ୱାଧୀନତା ଦିଆଯାଇଥାଏ । ଲୋକେ କହିବାର ଶୁଣା ଯାଏ – ''ମୁଁ ଏହା ନ କରି ଆଉ କିଛିପାରିବି ନାହିଁ ।– '' ଏପରି କହିବାର କାରଣ ହେଲା, ସେମାନଙ୍କର ହୃଦୟର ଗଭୀରତାରେ ସେମାନେ ଅନ୍ୟକିଛି କରିବାକୁ ଚାହାନ୍ତି ନାହିଁ; ସେମାନେ ସେମାନଙ୍କ ଦୁଷ୍କର୍ମର କ୍ରୀତଦାସ ହେବାକୁ ସର୍ବଦା ସମ୍ମତ ଥା'ନ୍ତି । ଗୋଟିଏ ମୁହୂର୍ତ୍ତ ଥାଏ, ଯେତେବେଳେ ସେମାନେ ଦୁଷ୍କର୍ମକୁ ସ୍ୱୀକାର କରିନେଇଥା'ନ୍ତି ।

# ଆଲ୍‌କୋହଲ୍ (ସୁରାସାର)

ଆଲ୍‌କୋହଲ୍‌ରେ ବିଷ ଅଛି – ଧୂଆଁ ପତ୍ରରେ ବି ବିଷ ରହିଛି । ଏବଂ ଏହି ବିଷ ମଣିଷର ଜୀବକୋଷ ଭିତରକୁ ପ୍ରବେଶ କରେ ଏବଂ ସେଗୁଡ଼ିକର କ୍ଷତି କରେ । ଆଲ୍‌କୋହଲ୍ କେବେ ବି ସମୁଦାୟ ଶରୀରରୁ ବାହାରି ଯାଏ ନାହିଁ ବୋଲି କୁହାଯାଏ । ବରଂ ଏହା ମସ୍ତିଷ୍କର କୌଣସି ଏକ ଅଂଶରେ ସଞ୍ଚିତ ହୋଇ ରହେ । ତା'ପରେ, ସେଠାରେ କ୍ରମେ ବହୁ ପରିମାଣରେ ସଞ୍ଚିତ ହୋଇଗଲା ପରେ, ଏହି ଜୀବକୋଷଗୁଡ଼ିକ ସେମାନଙ୍କର କ୍ରିୟାଶୀଳତା ହରାଇ ବସନ୍ତି – ଏପରିକି କେତେକ ଲୋକ ଏହି କାରଣରୁ ପାଗଳ ହୋଇଯା'ନ୍ତି । ସେତେବେଳେ ଏହି ଅବସ୍ଥାକୁ ପ୍ରଳାପାବସ୍ଥା କୁହାଯାଏ । ଆଲ୍‌କୋହଲ୍ ବହୁ ପରିମାଣରେ ପିଇବାର ଫଳସ୍ୱରୂପ, ତାହା ସଂପୂର୍ଣ୍ଣଭାବେ ଶରୀରରେ ଗୃହୀତ ହୋଇ ମିଶିଯାଇ ନ ପାରି ମସ୍ତିଷ୍କରେ ଏହି ପ୍ରକାରେ ଜମା ହୋଇ ରହିଯାଇଥାଏ । ଏବଂ ଏହା ଏତେ ଚରମ ଅବସ୍ଥାକୁ ଯାଏ ଯେ, ... ଉଦାହରଣସ୍ୱରୂପ ଶୁଣ – ଫ୍ରାନ୍ସରେ ଗୋଟିଏ ପ୍ରଦେଶ ଅଛି, ଯେଉଁଠି ସୁରା ପ୍ରସ୍ତୁତ ହୁଏ । କିନ୍ତୁ ସେହି ସୁରାରେ ଥାଏ ଖୁବ୍ କମ୍ ପରିମାଣରେ ଆଲ୍‌କୋହଲ୍ : ମୋର ଧାରଣା – ବୋଧହୁଏ ଶତକଡ଼ା ଚାରି ବା ପାଞ୍ଚଭାଗ, ଖୁବ୍ କମ୍ ପରିମାଣ ବୋଲି ଧର, ଏବଂ ଏହି ଲୋକମାନେ, ଯେହେତୁ ସେମାନେ ସୁରା ନିଜେ ତିଆରି କରନ୍ତି, ସେହେତୁ ପାଣି ପିଇଲା ପରି ନିରୁତା ସୁରା ପିଇ ଯା'ନ୍ତି,ଏବଂ କିଛିକାଳ ପରେ ସେମାନେ ରୋଗଗ୍ରସ୍ତ ହୁଅନ୍ତି । ସେମାନଙ୍କର ମସ୍ତିଷ୍କଗତରୋଗ ଦେଖାଦିଏ । ମସ୍ତିଷ୍କ ବିକୃତ ହୋଇଥିବା ଏହିପରି ଲୋକମାନଙ୍କୁ ମୁଁ ଜାଣେ, ସେମାନଙ୍କର ମସ୍ତିଷ୍କ ଆଉ କାର୍ଯ୍ୟ କରୁ ନ ଥିଲା ।

# ତମାଖୁ (ଧୂମପାନ, କଡ଼ାଜରଦା)

ଆଉ ମଧ୍ୟ ଧୂଆଁ ପତ୍ରରେ ଥିବା ନିକୋଟିନ୍ ଅତି ଭୟଙ୍କର ବିଷ । ଏହି ବିଷ ଜୀବକୋଷଗୁଡ଼ିକୁ ନଷ୍ଟ କରେ । ମୁଁ ଆଗରୁ ତୁମକୁ ସେ ସମ୍ବନ୍ଧେ କହିଛି – ଏହା ଏକ ମନ୍ଥର ବିଷ । କାରଣ, ହଠାତ୍ ଏହା ଜଣା ପଡ଼େ ନାହିଁ । ଅବଶ୍ୟ ପ୍ରଥମରୁ ମଧ୍ୟ ଏହା ଜଣା ପଡ଼େ, ଯେତେବେଳେ ଜଣେ ପ୍ରଥମ କରି ସିଗାରେଟ୍‌ଟିଏ ପିଏ । ସେତେବେଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼େ ... ପ୍ରଥମଥର ଶରୀର ତୀବ୍ର ଭାବେ ପ୍ରତିକ୍ରିୟା ଦେଖାଏ । ବାନ୍ତି ହୁଏ, ଶରୀର ତଦ୍ୱାରା ଜଣାଇ ଦିଏ – ''ମୁଁ ଆଦୌ ଏ ଜିନିଷ ଚାହେଁ ନାହିଁ ।'' ତୁମେ କିନ୍ତୁ ତୁମର ମନ-ପ୍ରାଣର ନିର୍ବୋଧ ପଣିଆରେ ତାକୁ ବାଧ କର, ତୁମେ ତାହା ମାନିନେବା ପାଇଁ ବଳ ପ୍ରୟୋଗ କର । ଶରୀର ତା'ର ପ୍ରତିକ୍ରିୟା ଆଉ ଦେଖାଏ ନାହିଁ, ଏବଂ ଶରୀର ନଷ୍ଟ ହେବା ପର୍ଯ୍ୟନ୍ତ ନିଜକୁ କ୍ରମେ କ୍ରମେ ବିଷାକ୍ତ ହେବାକୁ ଛାଡ଼ିଦିଏ । କିନ୍ତୁ ଇତିମଧ୍ୟରେ ଶରୀରର କ୍ରିୟାରେ ଅବକ୍ଷୟ ଘଟି ଚାଲିଥାଏ । ଆଗ ସ୍ନାୟୁଗୁଡ଼ିକ ବିକଳ ହୋଇଯା'ନ୍ତି । ସେମାନେ ସେମାନଙ୍କର ଇଚ୍ଛାଶକ୍ତି ହରାଇ ବସନ୍ତି, କାରଣ ସେମାନେ ବିଷାକ୍ତ ହୋଇଥା'ନ୍ତି ଓ ଆକ୍ରାନ୍ତ ହୋଇ ପଡ଼ିଥା'ନ୍ତି । ସେମାନଙ୍କର ଆଉ ଇଚ୍ଛାଶକ୍ତି ପ୍ରୟୋଗ କରିବାର କ୍ଷମତା ନ ଥାଏ । ତା'ପରେ ତମାଖୁ ସେବନକାରୀମାନେ ଥରିବାକୁ ଆରମ୍ଭ କରନ୍ତି । ସେମାନଙ୍କର ସ୍ନାୟୁମଣ୍ଡଳୀ ବିଚଳିତ ହୁଅନ୍ତି । ଏମାନଙ୍କର ସଂଖ୍ୟା ବେଶ୍ ଅଧିକ । ଏମାନଙ୍କୁ ଠାବ କରିବାକୁ ତୁମକୁ ଦୂରକୁ ଯିବାକୁ ପଡ଼ିବ ନାହିଁ । ସେମାନେ ଏପରି ହେବାର କାରଣ ହେଲା – ସେମାନେ ଖୁବ୍ ଅଧିକ ପରିମାଣରେ ତମାଖୁ ସେବନ କରିଛନ୍ତି । ସେମାନେ ପୁଣି ମଦ ପିଅନ୍ତି ଓ ତା' ସହିତ ସିଗାରେଟ୍ ପିଅନ୍ତି । ସେମାନେ ଯେତେବେଳେ କୌଣସି ଜିନିଷ ହାତରେ ଉଠାଇବାକୁ ବସନ୍ତି, ସେମାନଙ୍କ ହାତ ଥରିବାକୁ ଆରମ୍ଭ କରେ । (ମା' ନିଜ ହାତକୁ ଥରାଇଲା ପରି ଦେଖାଇଲେ) ଏସବୁ ବ୍ୟବହାର କଲେ, ଏହିପରି ଫଳ ମିଳିଥାଏ ।

## ଯୌନ-ପ୍ରବେଗ

ଆଉ ଗୋଟିଏ ଆପଦ ରହିଛି – ତାହା ଯୌନ-ପ୍ରବେଗ ସହିତ ସମ୍ବନ୍ଧିତ । ଯୋଗ, ତା'ର ଶୁଦ୍ଧୀକରଣ ପ୍ରକ୍ରିୟାରେ ତୁମ ଭିତରେ ଥିବା ସମସ୍ତ ଗୁପ୍ତ ପ୍ରବେଗ ଓ କାମନାଗୁଡ଼ିକୁ ଖୋଲିଦେବ ଓ ବାହାରକୁ ନେଇ ଆସିବ । ତୁମକୁ ମଧ୍ୟ ଶିକ୍ଷା କରିବାକୁ ହେବ ଯେ, ତୁମେ କୌଣସି କଥା ତୁମ ପ୍ରକୃତି ଭିତରେ ଲୁଚାଇ ରଖିବ ନାହିଁ କିଂବା ସେଗୁଡ଼ିକ ଉପରୁ ତୁମର ଦୃଷ୍ଟି ଏଡ଼ାଇ ଯିବ ନାହିଁ । ତୁମକୁ ତୁମ ପ୍ରକୃତିର ସବୁ କଥାକୁ ସମ୍ମୁଖୀନ ହେବା ପାଇଁ ପଡ଼ିବ – ସେଗୁଡ଼ିକ ଜୟ କରିବାକୁ ପଡ଼ିବ ଏବଂ ସେଗୁଡ଼ିକର ପୁନର୍ଗଠନ କରିବାକୁ ପଡ଼ିବ ... ଯୌନପ୍ରବୃତ୍ତି ଭଳି ପ୍ରବେଗଗୁଡ଼ିକ ଏତେ ଶକ୍ତିଶାଳୀ ହେବାର କାରଣ ହେଲା ଲୋକେ ତା' ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଥା'ନ୍ତି : ସେମାନେ ଖୁବ୍ ତୀବ୍ର ଭାବରେ ସେହି ପ୍ରବୃତ୍ତିର ପ୍ରତିରୋଧ କରନ୍ତି, ବଳପ୍ରୟୋଗ ପୂର୍ବକ ଦମନ କରନ୍ତି, ନିଜ ଭିତରେ ତାକୁ ଚାପିରଖି ତା' ଉପରେ ବସିଯା'ନ୍ତି । କିନ୍ତୁ କଥା ହେଲା – ତୁମେ ଯେଉଁ ବିଷୟଟି ଉପରେ ଯେତେ ଅଧିକ ଭାବିବ ଓ କହିବ, ''ମୁଁ ଏହା ଚାହେଁ ନାହିଁ, ମୁଁ ଏହା ଚାହେଁ ନାହିଁ,'' ତୁମେ ସେତିକି ସେତିକି ତାହା ଦ୍ୱାରା ବାନ୍ଧି ହୋଇଯିବ । ତୁମର କର୍ତ୍ତବ୍ୟ ହେଉଛି, ତୁମେ ତାହାଠାରୁ ନିଜକୁ ପୃଥକ୍ କରିନେବା, ତାକୁ ତୁମଠାରୁ ଦୂରେଇ ରଖିବା, ଯାଥାସମ୍ଭବ ତା' ଉପରେ ଖୁବ୍ କମ୍ ଦୃଷ୍ଟି ରଖିବା, ଏବଂ ଯଦି ସେ କଥାଟି ମନକୁ ଆସିଗଲା, ତେବେ ତା' ପ୍ରତି ଅନାସକ୍ତ ଓ ଅସଂପୃକ୍ତ ରହିବା ।

ଯେତେବେଳେ ଯୋଗର ଚାପ ଫଳରେ ତୁମ ପ୍ରକୃତି ଭିତରୁ ସେହିସବୁ ପ୍ରବେଗ ଓ କାମନାଗୁଡ଼ିକ ଜାଗି ଉଠନ୍ତି, ସେତେବେଳେ ତୁମେ ନିର୍ଲିପ୍ତ ଓ ଖୁବ୍ ସ୍ୱଚ୍ଛ ଭାବରେ ସେଗୁଡ଼ିକର ସମ୍ମୁଖୀନ ହେବ, ଯେପରିକି ଏହା ତୁମ ପାଇଁ ଏକ ବିଦେଶୀ ବସ୍ତୁ ଅଥବା ସେଗୁଡ଼ିକ ଏକ ବାହାର ଜଗତର ବିଷୟ । ତୁମେ ସେ ପ୍ରବେଗଗୁଡ଼ିକୁ ଈଶ୍ୱରଙ୍କୁ ଅର୍ପଣ କରିବ । ଈଶ୍ୱର ତୁମର ସେହି ପ୍ରବୃତ୍ତି-ପ୍ରବେଗଗୁଡ଼ିକୁ ଗ୍ରହଣ କରିବେ ଓ ରୂପାନ୍ତରିତ କରିବେ ।

# ଯୌନ-ପ୍ରବୃତ୍ତି

ମଣିଷର ଯେଉଁ ଯୌନପ୍ରବୃତ୍ତି ରହିଛି, ଗୋଟିଏ ଦୃଷ୍ଟିରୁ ତାହା ସଂପୂର୍ଣ୍ଣ ସ୍ୱାଭାବିକ, ସ୍ୱତଃସ୍ଫୂର୍ତ୍ତ ଏବଂ ମୁଁ କହିପାରେ ତାହା ଯୁକ୍ତିଯୁକ୍ତ ମଧ୍ୟ । ମଣିଷ ଭିତରୁ ଯେଉଁଦିନ ପାଶବିକତା ଯିବ, ସେହି ଦିନହିଁ ତା' ଭିତରୁ ଏଇ ଯୌନପ୍ରବୃତ୍ତିଟି ଚାଲିଯିବ ।... କିନ୍ତୁ ଆମର ପ୍ରାଚୀନ ଅଧ୍ୟାତ୍ମ-ସାଧକମାନେ ଯେଉଁ ନୀତିଟି ସ୍ଥିର କରିଥିଲେ – ଯୌନପ୍ରବୃତ୍ତିର ସଂପୂର୍ଣ୍ଣ ନିରୋଧ – ତାହା ଏକ ନିରର୍ଥକ ନୀତି । କାରଣ, ଏହା ସେହିମାନଙ୍କ ପାଇଁ ଲାଗୁ ହୋଇପାରିବ, ଯେଉଁମାନେ ଏହି ସ୍ତରରୁ ବହୁ ଊର୍ଦ୍ଧ୍ୱକୁ ଉଠି ଯାଇଛନ୍ତି ଏବଂ ସେମାନଙ୍କ ଭିତରେ ଆଉ ପାଶବିକ ପ୍ରବୃତ୍ତିସକଳ ନାହିଁ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ସ୍ୱାଭାବିକ ଭାବେ ବିନା ପ୍ରୟାସରେ ଏବଂ ବିନା ସଂଘର୍ଷରେ ଚାଲିଯିବା ଉଚିତ । ଏହି ଯୌନ-ପ୍ରବୃତ୍ତି ଓ ପ୍ରବେଗକୁ ନେଇ ଗୁଡ଼ାଏ ଦ୍ୱନ୍ଦ୍ୱ ସଂଘର୍ଷ କରିବା ଉପହସନୀୟ ବ୍ୟାପାର । ଯେତେବେଳେ ତୁମର ଚେତନା ଆଉ ମାନବ-ସୁଲଭ ହୋଇ ରହି ନାହିଁ ଏହା ସ୍ୱାଭାବିକ ଭାବରେ ତୁମ ଭିତରୁ ଅନ୍ତର୍ହିତ ହୋଇଯାଏ ।... କିନ୍ତୁ ଯେଉଁମାନେ ଏହି ସନ୍ଧିସ୍ତରରୁ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି, ସେମାନଙ୍କ ଉପରେ ଏହି ନିରୋଧ ନୀତିଟିକୁ ଲଦି ଦେବା ନିରର୍ଥକ ।

ଏହା ଏକ ସାଧାରଣଜ୍ଞାନର କଥା । ସେମାନେ ମଣିଷ, ସେମାନେ କେବେହେଲେ ବି ନିଜକୁ ମଣିଷ ନୁହଁ ବୋଲି ଛଳନା କରିବା ଅନୁଚିତ ।

କେବଳ ଯେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ଏହି ପ୍ରବୃତ୍ତିଟି ତୁମ ଭିତରେ ଅସମ୍ଭବ ହୋଇଉଠିବ, ଯେତେବେଳେ ତୁମେ ଅନୁଭବ କରିବ ଯେ ତୁମର ଗଭୀର ଆନ୍ତର ଆବଶ୍ୟକତା ପାଇଁ ଏହା ତୁମ ପ୍ରତି ଏକ ଯନ୍ତ୍ରଣାଦାୟକ ଅନୁଭବ ହୋଇଉଠୁଛି ଏବଂ ତା'ର ବିରୋଧାଚାର କରୁଛି – ସେତେବେଳେ ଏହାର ଦାଉରୁ ମୁକ୍ତ ହେବା ତୁମ ପାଇଁ ସହଜ ହୋଇଉଠିବ । ସେତେବେଳେ ଯାଇ ତୁମେ ବାହ୍ୟତଃ ଏହି ଫାଶକୁ ଛିଣ୍ଡାଇ ଦେଇପାରିବ ଏବଂ ତାହା ତୁମ ଭିତରୁ ଲୋପ ପାଇଯିବ ।

## ଭଲ ଭାବେ ଭଲପାଇବାକୁ ଚାହଁ

ମଣିଷର ପ୍ରକୃତି ଏତେ ସୀମିତ ଆଉ ପରସ୍ପର ବିରୋଧୀ ବୃତ୍ତିଗୁଡ଼ିକରେ ପରିପୂର୍ଣ୍ଣ ଯେ ଏବଂ ତା'ର ଗତିବୃତ୍ତିରେ ତାହାପୁଣି ଏତେ ଏକକୈନ୍ଦ୍ରିକ ଯେ, ତୁମେ ଯଦି ନିମ୍ନସ୍ତରରେ ଜାଗି ଉଠିଥିବା ପ୍ରେମକୁ ବର୍ଜନ କରିବାକୁ, ତା'ମାନେ, ମଣିଷମାନେ ଯେଉଁ ମାନବୀୟ ପ୍ରେମ ଅନୁଭବ କରନ୍ତି ତାକୁ ଯଦି ତୁମେ ତୁମର ଆନ୍ତର ପ୍ରୟାସ ଦ୍ୱାରା ଦୂରକୁ ଠେଲିଦିଅ, ତେବେ ତୁମେ ସମଗ୍ର ଭାବେ ଭଲ ପାଇବାର ଶକ୍ତି ବା କ୍ଷମତା ହରାଇ ବସିବ, ଏବଂ ଗୋଟିଏ ପଥରରେ ପରିଣତ ହୋଇଯିବ । ତା'ପରେ ତୁମକୁ ବର୍ଷ ବର୍ଷ ବା ଶତାବ୍ଦୀ ଶତାବ୍ଦୀ ଧରି ଅପେକ୍ଷା କରି ରହିବାକୁ ହେବ, କେତେବେଳେ ପୁଣି ତୁମ ଭିତରେ ସେହି ଭଲ ପାଇବାର ଶକ୍ତି ପୁନର୍ବାର ଜାଗିଉଠିବା ପାଇଁ – ପ୍ରେମକୁ ଗ୍ରହଣ କରିବା ପାଇଁ ଓ ପ୍ରକାଶ କରିବା ପାଇଁ ।

ସୁତରାଂ ଉତ୍ତମ ଉପାୟ ହେଲା – ଯେତେବେଳେ ପ୍ରେମ ଆସୁଛି – ଯେଉଁ ଭାବ ବା ଆକାରରେ ତାହା ଆସୁ ନା କାହିଁକି – ତାକୁ ଆସିବାକୁ ଦିଅ – ତା' ଭିତରକୁ ପ୍ରବେଶ କର – ତା'ର ବାହ୍ୟ ଆବରଣକୁ ଛିନ୍ନ କର – ଏବଂ ତା' ପଛରେ ଥିବା ଦିବ୍ୟବିଧାନଟିକୁ ଆବିଷ୍କାର କର, ଯାହାକି ପ୍ରେମକୁ ବଞ୍ଚାଇ ରଖିଥାଏ । ସ୍ୱଭାବତଃ ଏହି ବ୍ୟାପାର ବହୁ ଫାନ୍ଦ ଫାଶ ଓ କଷ୍ଟକର ବ୍ୟାପାରରେ ପରିପୂର୍ଣ୍ଣ । କିନ୍ତୁ ତା' ସତ୍ତ୍ୱେ, ଏହା ଖୁବ୍ ଫଳପ୍ରଦ । ପ୍ରକୃତ କଥାଟି ହେଲା, କାଳେ ମୋର ଭଲ ପାଇବା ଭୁଲ ବାଟରେ ଚାଲିଯିବ ସେଥିପାଇଁ ଭୟକରି ଭଲ ନ ପାଇବା ଅପେକ୍ଷା ତୁମେ ଭୁଲ୍ ବାଟରେ ପ୍ରେମ କରିବାକୁ ବନ୍ଦକର ଓ ଭଲ ବାଟରେ ଭଲ ପାଇବାକୁ ଚାହଁ ।

# କିପରି ଭଲ ପାଇବାକୁ ହୁଏ– ଜାଣ

ଭଲ ପାଇବାର ପ୍ରଥମ ସୋପାନ ହେଲା – ସ୍ୱାର୍ଥପର ହୁଅ ନାହିଁ । ଏହା ସମସ୍ତଙ୍କ ପାଇଁ ଏକ ଗୁଣ ହେବା ଉଚିତ । କେବଳ ଯୋଗ-ସାଧକମାନଙ୍କ ପାଇଁ ନୁହଁ, ସାଧାରଣ ଜୀବନରେ ମଧ୍ୟ ଏହା ଅତ୍ୟନ୍ତ ଆବଶ୍ୟକ । କେହି ଯଦି କିପରି ଭଲ ପାଇବାକୁ ହେବ ଜାଣିବାକୁ ଚାହେଁ – ତେବେ ତା'ର ପ୍ରଥମେ ନିଜକୁ ଭଲ ପାଇବା ଉଚିତ ନୁହଁ । ସ୍ୱାର୍ଥପର ଭାବେ କେବଳ ନିଜକୁ ଭଲପାଇବା ଉଚିତ ନୁହଁ । ତୁମେ ତୁମ ପ୍ରେମାସ୍ପଦଙ୍କ ପାଖେ ନିଜକୁ ଦେଇଦେବା ଉଚିତ ଏବଂ ପ୍ରତିବଦଳରେ ତାଙ୍କଠାରୁ କିଛି ଚାହିଁବା ଉଚିତ ନୁହଁ । ନିଜକୁ ଅତିକ୍ରମ କରିବାକୁ ହେଲେ ତୁମକୁ ଏହି ପ୍ରାଥମିକ ସର୍ତ୍ତ ଅବଶ୍ୟ ପାଳନ କରିବାକୁ ହେବ ଏବଂ ଏପରି ଏକ ଜୀବନ ତୁମେ ଯାପନ କରିବ ଯାହା ଆଦୌ ସ୍ଥୂଳ ହୋଇ ନ ଥିବ ।

ଯୋଗ ଉଦ୍ଦେଶ୍ୟରେ ଆମେ ଆଉ କିଛି କଥା ଏ ସଂପର୍କରେ କହିପାରୁ : ମୁଁ ପ୍ରଥମରୁ ତୁମକୁ ଯାହା କହିଥିଲି – ତୁମେ ଏହି ସୀମିତ ମାନବୀୟ ପ୍ରେମ-ସଂପର୍କଗୁଡ଼ିକର ବାହ୍ୟ ଆବରଣକୁ ଭେଦ କରିବାର ସଂକଳ୍ପ କରିବ । ଏବଂ ତା' ପଛରେ ଥିବା ଦିବ୍ୟପ୍ରେମର ସତ୍ୟକୁ ଆବିଷ୍କାର କରିବ । ତା' ହେଲେ ଯାଇ ଜଣେ ନିଶ୍ଚୟ ତା'ର ସୁଫଳ ପାଇବ । ନିଜର ହୃଦୟକୁ ଶୁଷ୍କ କରିଦେବା ଅପେକ୍ଷା ଏହି ଅଭିଜ୍ଞତାଟି ନିଶ୍ଚୟ ଭଲ । ବୋଧହୁଏ ଏହା ଟିକିଏ କଷ୍ଟକର ବ୍ୟାପାର – କିନ୍ତୁ ଏହା ସବୁଦୃଷ୍ଟିରୁ ଉତ୍ତମ ମାର୍ଗ । କାରଣ, ଅହଂକାରଗ୍ରସ୍ତ ହୋଇ ଅନ୍ୟମାନଙ୍କୁ କଷ୍ଟଦେବା ଅପେକ୍ଷା – ତୁମେ ସେମାନଙ୍କୁ ସେମାନଙ୍କ ବାଟରେ ଶାନ୍ତ ଭାବରେ ଛାଡ଼ିଦିଅ । କେବଳ ଏତିକି ଚେଷ୍ଟାକର ଯେ ତୁମେ ଯେପରି ନିଜକୁହିଁ ରୂପାନ୍ତରିତ କରି ଚାଲିଥିବ ଏବଂ ଅନ୍ୟ ଉପରେ ତୁମର ସଂକଳ୍ପକୁ ଲଦି ଦେବ ନାହିଁ । ଏହି ପ୍ରଣାଳୀଟି ତୁମ ସାଧାରଣ ଜୀବନରେ ମଧ୍ୟ ତୁମକୁ ଗୋଟିଏ ସୋପାନ ଉର୍ଦ୍ଧ୍ୱକୁ ଉଠାଇନେବ ଏବଂ ତୁମ ଜୀବନକୁ ଟିକିଏ ଅଧିକା ସୁସଂଗତ କରିଦେବ ।

## ଭଲ ପାଇବା କ'ଣ – ବୁଝ

ଜଣେ ଯଦି ପ୍ରେମ କ'ଣ ବୁଝିବାକୁ ଚାହେଁ, ତେବେ ସେ ଈଶ୍ୱରଙ୍କୁହିଁ ଭଲପାଇବା ଉଚିତ । ତା'ହେଲେ ଯାଇ ସେ ପ୍ରେମ କ'ଣ, ତାହା ବୁଝିବାର ସୁଯୋଗ ପାଇବ । ମୁଁ ତୁମମାନଙ୍କୁ କହିଛି ଯେ, ଜଣେ ଯାହାକୁ ଭଲପାଏ, ତାହାରି ଭଳିଆ ହେବାକୁ ଭଲ ପାଏ । ତେଣୁ ଜଣେ ଯଦି ଈଶ୍ୱରଙ୍କୁ ଭଲ ପାଏ, ତା'ହେଲେ ସେ କ୍ରମଶଃ ଏହି ଭଲ ପାଇବାର ସାଧନା ଭିତରେ ଅଧିକରୁ ଅଧିକ ଭାବେ ଈଶ୍ୱରଙ୍କ ଭଳି ହୋଇ ହୋଇ ଚାଲେ ଏବଂ ସେତିକିବେଳେ ଜଣେ ଦିବ୍ୟପ୍ରେମ ସହ ଏକାତ୍ମ ହୋଇପାରିବ ଏବଂ ଦିବ୍ୟ ପ୍ରେମ କ'ଣ, ତାହା ବୁଝିପାରେ । ତା' ନ ହେଲେ, ପ୍ରେମକୁ ବୁଝିବା ସହଜ ନୁହଁ ।

ଅବଶ୍ୟମ୍ଭାବୀ କଥା ହେଲା – ଦୁଇଜଣ ମଣିଷଙ୍କ ଭିତରେ ପ୍ରେମ – ସେ ପ୍ରେମ ଯାହା ହେଉ ନା କାହିଁକି, ଏହା ସର୍ବଦା ଅଜ୍ଞାନ-ପ୍ରସୂତ – ଏଥିରେ ଥାଏ ବୁଝାମଣାର ଅଭାବ, ଏଥିରେ ଥାଏ ଦୁର୍ବଳତା, ଏବଂ ଥାଏ ବିଚ୍ଛେଦର ଭୟଙ୍କର ଆଶଙ୍କା । ଯେପରିକି ଜଣେ ଚାହିଁଲା ସେ ଏକ ଅନନ୍ୟ ଐଶ୍ୱର୍ଯ୍ୟ ଭିତରକୁ, ଏକ ଉଜ୍ଜ୍ୱଳ ବୈଭବ ଭିତରକୁ ପ୍ରବେଶ କରିବ – କିନ୍ତୁ ସେ ପ୍ରଥମରୁ କ'ଣ କଲା ନା ସେହି ଐଶ୍ୱର୍ଯ୍ୟ ଓ ତା' ନିଜ ମଧ୍ୟରେ ଗୋଟିଏ ପରଦା ପକାଇଦେଲା – ତା'ପରେ ଦ୍ୱିତୀୟ ପରଦାଟି ପକାଇଦେଲା – ତା'ପରେ ତୃତୀୟ ପରଦାଟି ପକାଇ ଦେଲା – ଫଳରେ ପରଦାର ଅନ୍ତରାଳରେ ଥିବା ସେହି ପରମ ଐଶ୍ୱର୍ଯ୍ୟ ଓ ଉଜ୍ଜ୍ୱଳ ବୈଭବର ସ୍ୱରୂପକୁ ସେ ଆଉ ଦେଖି ନ ପାରି ଆଶ୍ଚର୍ଯ୍ୟ ହେଉଛି, ସେ ସଂପର୍କରେ ତା'ର ରହିଛି ଖାଲି ଏକ ଝାପ୍‌ସା, ଅସ୍ପଷ୍ଟ ଧାରଣା ମାତ୍ର । ତେଣୁ ପ୍ରଥମ କର୍ତ୍ତବ୍ୟ ହେଲା – ସେହି ପରଦାଗୁଡ଼ିକୁ ଅପସାରଣ କରିଦେବା, ସେଗୁଡ଼ିକୁ ବାହାର କରି ଦୂରକୁ ଫିଙ୍ଗି ଦେବା, ତା'ପରେ ସେହି ବୈଭବ ଭିତରକୁ ପ୍ରବେଶ କରିବା ଓ ସେହି ଉଜ୍ଜ୍ୱଳ ବୈଭବ ପାଖରେ ଉପନୀତ ହେବା । ସେତେବେଳେ ଯାଇ ତୁମେ ଜାଣିବ ଯେ ସେହି ଉଜ୍ଜ୍ୱଳ ମହିମାନ୍ୱିତ ବୈଭବଟି କ'ଣ !

# ଈଶ୍ୱର-ପ୍ରେମ

ପ୍ରଶ୍ନ : ମଧୁମୟୀ ମା ! ଶ୍ରୀଅରବିନ୍ଦ କହିଛନ୍ତି ଯେ ଜଣେ ମାନବୀୟ ପ୍ରେମ ଭିତରୁ ଈଶ୍ୱର-ପ୍ରେମ ଆଡ଼କୁ ଯାଇପାରିବ ।

ଉତ୍ତର : ସେ ସେହି ମାନବୀୟ ପ୍ରେମକଥା କହିଛନ୍ତି ଯାହା ଭକ୍ତିରୂପେ ଅଭିବ୍ୟକ୍ତ ହୋଇଥାଏ । ଏହା ହେଲା ଈଶ୍ୱରଙ୍କ ପ୍ରତି ମାନବୀୟ ପ୍ରେମର ଏକ ଶକ୍ତି । ସେ କହିଛନ୍ତି – ମୂଳରୁ ମନୁଷ୍ୟର ଈଶ୍ୱର-ପ୍ରେମ ତା'ର ପ୍ରକୃତିରେ ଖୁବ୍ ମାନବୀୟ ସ୍ତରରେ ଥାଏ । ସେଥିରେ ମାନବୀୟ-ପ୍ରୀତିର ସମସ୍ତ ଗୁଣାଗୁଣ ରହିଥାଏ । ସେ ଏହାର ବର୍ଣ୍ଣନା ଖୁବ୍ ସୁନ୍ଦର ଭାବେ କରିଛନ୍ତି । ତଥାପି, ତୁମେ ଯଦି ସାଧନାରେ ଲାଗି ରୁହ ଓ ଆବଶ୍ୟକ ପ୍ରଚେଷ୍ଟା କର, ତେବେ ତୁମର ଏହି ମାନବୀୟ ପ୍ରେମ ଭଗବତ୍ ପ୍ରେମରେ ରୂପାନ୍ତରିତ ହେବା ଅସମ୍ଭବ ନୁହଁ । କିନ୍ତୁ ଏ କ୍ଷେତ୍ରରେ ତୁମକୁ ଈଶ୍ୱରଙ୍କ ସହିତ (ଯାହାଙ୍କୁ ତୁମେ ଭଲ ପାଅ) ଏକାତ୍ମ ହେବାକୁ ପଡ଼ିବ । ଶ୍ରୀଅରବିନ୍ଦ ଏକଥା କେବେ କହି ନାହାନ୍ତି ଯେ ଦୁଇଟି ମଣିଷଙ୍କ ଭିତରେ ଥିବା ପ୍ରେମ ଦିବ୍ୟପ୍ରେମରେ ପରିଣତ ହୋଇଯାଇପାରିବ । ସେକଥା ଆଦୌ ନୁହେଁ ! ସେ ସବୁବେଳେ ତା'ର ବିପରୀତ କଥା କହିଛନ୍ତି । ଜଣେ ତାଙ୍କୁ ଭକ୍ତି ସମ୍ବନ୍ଧେ ପ୍ରଶ୍ନ କରିଥିଲେ । ସେ ତା'ର ଉତ୍ତରରେ ଏହି କଥା କହିଥିଲେ । ପ୍ରଶ୍ନଟି ଥିଲା ସାଧକର ଈଶ୍ୱର-ପ୍ରୀତି ସଂପର୍କରେ । ମୂଳରୁ ତୁମର ଈଶ୍ୱର-ପ୍ରୀତି ଥାଏ ସଂପୂର୍ଣ୍ଣ ମାନବୀୟ । ଏପରିକି ପ୍ରାଥମିକ ଅବସ୍ଥାରେ ଭକ୍ତ ଈଶ୍ୱରଙ୍କ ସହିତ କିଛି ବେପାରସୁଲଭ ନେଣଦେଣ ସଂପର୍କ ରଖିଥାଏ । ଯଦି ତୁମେ ଅଗ୍ରଗତି କର ତେବେ ତୁମର ପ୍ରେମ ଦିବ୍ୟପ୍ରେମରେ ପରିଣତ ହୁଏ । ଏବଂ ସେତିକିବେଳେହିଁ ତାହା ଯଥାର୍ଥ ଭକ୍ତି ହୁଏ ।

# ରୋଗ ନିରାକରଣ

ପ୍ରଶ୍ନ : ମଧୁମୟୀ ମା ! ଯଦି ଆମେ ରୋଗ ଆକ୍ରମଣ କରିବ ବୋଲି ଆଗରୁ ଆଭାସ ପାଉ, ତେବେ ତାକୁ କିପରି ପ୍ରତିରୋଧ କରିପାରିବୁ ?

ଉତ୍ତର : ଆଃ ! ପ୍ରଥମ କଥା ହେଲା – ତୁମେ କେବେ ରୋଗକୁ ଇଚ୍ଛା କରିବ ନାହିଁ । ଏବଂ ତୁମ ଶରୀରର କୌଣସି ଅଂଶ ମଧ୍ୟ ରୋଗକୁ ଇଚ୍ଛା କରିବ ନାହିଁ । ତୁମର ପ୍ରବଳ ଇଚ୍ଛାଶକ୍ତି ରହିବା ଉଚିତ ଯେ ତୁମେ ରୋଗରେ ପଡ଼ିବ ନାହିଁ । ଏହା ହେଲା ପ୍ରଥମ ସର୍ତ୍ତ...

ଦ୍ୱିତୀୟଟି ହେଲା – ସେତେବେଳେ ତୁମ ଭିତରକୁ ଆଲୋକ ଆହ୍ୱାନ କର, ସମତାର ଆଲୋକ, ଶାନ୍ତିର ଆଲୋକ, ନିସ୍ତବ୍ଧତା ଓ ଭାରସାମ୍ୟର ଆଲୋକ, ଏବଂ ତା'ପରେ ସେହି ଆଲୋକକୁ ତୁମେ ତୁମ ଶରୀରର ପ୍ରତିଟି ଜୀବକୋଷ ଭିତରକୁ ପ୍ରବେଶ କରାଅ, ଜୀବକୋଷମାନଙ୍କୁ ଭୟ ନ କରିବା ପାଇଁ ପ୍ରବର୍ତ୍ତାଅ, କାରଣ– ଏହି ଭୟ ନ କରିବାଟା ବି ଆଉ ଏକ ସର୍ତ୍ତ ।

ପ୍ରଥମ କଥା ହେଲା – ରୋଗ ଭୋଗିବାକୁ ଚାହଁ ନାହିଁ । ତା'ପର କଥା ହେଲା – ରୋଗକୁ ଭୟ କର ନାହିଁ । ତୁମେ ରୋଗକୁ ଆକର୍ଷଣ କର ନାହିଁ କି ରୋଗ ପ୍ରତି ଭୟ ଆଶଙ୍କାରେ ଥରହର ହୁଅ ନାହିଁ । ତୁମେ ଆଦୌ ରୋଗକୁ ଚାହିଁବା ଉଚିତ ନୁହଁ । କିନ୍ତୁ ରୋଗକୁ ଭୟ କରି ଯେ ଚାହିଁବ ନାହିଁ ତାହା ନୁହେଁ; ତୁମେ ଆଦୌ ଡରିବ ନାହିଁ; ତୁମ ଭିତରେ ଏକ ଶାନ୍ତ ପ୍ରତ୍ୟୟ ଭାବ ରହିବା ଉଚିତ । ଏବଂ ଈଶ୍ୱରଙ୍କ କୃପା ଉପରେ ପୂର୍ଣ୍ଣ ବିଶ୍ୱାସ ରଖ ଯେ ଈଶ୍ୱର ତୁମକୁ ସବୁ ଆପଦ ବିପଦରୁ ରକ୍ଷା କରି ଆଶ୍ରୟ ଦେବେ । ଏହାପରେ ତୁମେ ଅନ୍ୟ କଥା ଭାବ । ରୋଗ ବିଷୟରେ ଆଦୌ ମୁଣ୍ଡ ଖେଳାଅ ନାହିଁ ।

# ନିଦ୍ରାଯିବା ପୂର୍ବରୁ

ସବୁ ନିରାପତ୍ତା ଭିତରେ ତୁମେ ଗୋଟିଏ କଥା କରିପାର – ନିଦ୍ରାଯିବା ପୂର୍ବରୁ ତୁମ ଶରୀର ସତ୍ତାରେ ଏକାଗ୍ର ହୁଅ, ତୁମ ଶରୀରରେ ଥିବା ସମସ୍ତ ଟେନ୍‌ସନ୍ ବା ଚାପକୁ ହୁଗାଳି ଦିଅ, ଟିକିଏ ଚେଷ୍ଟା କର ... ମାନେ ଶରୀରରେ ଚେଷ୍ଟାକର ଯେମିତି ତୁମର ଶରୀର ତୁମ ଖଟ ଉପରେ ରହିଥିବା କୋମଳ କମ୍ବଳଟି ପରି ନିରୀହ ଭାବେ ପଡ଼ି ରହିବ । ଯେମିତିକି ତୁମ ଶରୀରରେ କୌଣସି ପ୍ରକାର ପେଶୀ-ସଂକୋଚନାଦି ନ ଥିବ – କିଂବା କେଉଁଠି କିଛି ଖିଲ ମାରିଗଲା ଭଳି ଲାଗୁ ନ ଥିବ । ଏପରି ଭାବେ ଶରୀରକୁ ସହଜ କରିନେବ ଯେମିତିକି ତୁମ ଶରୀର ତୁମକୁ କୋମଳ କମ୍ବଳଟିଏ ଖଟ ଉପରେ ପଡ଼ିଥିବା ଭଳି ଲାଗିବ । ତା'ପରେ, ତୁମର ପ୍ରାଣ, ତୁମ ପ୍ରାଣକୁ ଯଥାସମ୍ଭବ ଶାନ୍ତ କରିନିଅ, ନୀରବ କରିଦିଅ, ଏବଂ ଯଥାସମ୍ଭବ ନିସ୍ତବ୍ଧ କରିଦିଅ । ତା'ପରେ ମନ, ମନକୁ ମଧ୍ଯ ସେମିତି ଶାନ୍ତ ନୀରବ କରିଦିଅ, ମନ ଭିତରେ ଯେପରି କୌଣସି କ୍ରିୟା ଆଉ ନ ଚାଲେ । ତୁମର ମସ୍ତିଷ୍କରେ ତୁମେ ସେହି ମହା ପ୍ରଶାନ୍ତିକୁ ଅନୁଭବ କର, ମହା ନିସ୍ତବ୍ଧତାକୁ ଅନୁଭବ କର, ମନକୁ ଯଥାସମ୍ଭବ ନୀରବ କରିଦିଅ, କୌଣସି ପ୍ରକାର ଚିନ୍ତାକୁ ମୁଣ୍ଡରେ ଢୁକାଅ ନାହିଁ, କୌଣସି ପ୍ରକାର ମାନସିକ ବିଚେଷ୍ଟା ରଖ ନାହିଁ, କିଛି ରଖନା, କିଛି ରଖନା; ମନ ଭିତରେ ମଧ୍ଯ ତୁମେ ସବୁ ଗତିବୃତ୍ତିକୁ ବନ୍ଦ କରିଦେଇ ସହଜ ହୋଇଯାଅ, ଯେତେଦୂର ଅଧିକ ସମ୍ଭବ ଏକ ନୀରବତା ଓ ନିଶ୍ଚଳତା ଭିତରେ ନିଜକୁ ଶିଥିଳ କରିଦିଅ ।

ଏତେକ କରି ସାରିଲା ପରେ, ତୁମେ କିଛି ମୁହୂର୍ତ୍ତ ପ୍ରାର୍ଥନା କରିପାର, କିଂବା ତୁମ ପ୍ରକୃତି ଅନୁଯାୟୀ ତୁମେ କିଛି ଆସ୍ପୃହା ମଧ୍ଯ କରିପାର ।... ଈଶ୍ୱରଙ୍କ କୃପା ପ୍ରାର୍ଥନା କର, ସେ ତୁମର ନିଦ୍ରାକାଳୀନ ଅବସ୍ଥା ଉପରେ ଦୃଷ୍ଟି ରଖନ୍ତୁ; ତା'ପରେ ଶୋଇପଡ଼ । ଏହାହିଁ ହେଲା ସର୍ବୋତ୍ତମ ଭାବରେ ନିଦ୍ରା ଯିବା ।

# ମରୁଥିବା ଲୋକଟିକୁ ସାହାଯ୍ୟ କର

ସବୁ ମଣିଷ, ଯେତେବେଳେ ସେମାନେ ସେମାନଙ୍କ ଶରୀର ତ୍ୟାଗ କରନ୍ତି, ସେତେବେଳେ ସେମାନେ ନିମ୍ନ ପ୍ରାଣଜଗତର ଗୋଟିଏ ଅଞ୍ଚଳକୁ ଯାଇଥା'ନ୍ତି ଏବଂ ସେ ଜଗତଟି ସେମାନଙ୍କ ପ୍ରତି ଆଦୌ ପ୍ରୀତିପ୍ରଦ ହୋଇ ନ ଥାଏ ।...

ଏ କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା – ମୃତ୍ୟୁ ପୂର୍ବ ଶେଷ ଅବସ୍ଥାଟି – ସେତେବେଳେ ମଣିଷଟି ଯେଉଁ ଅବସ୍ଥାରେ ଥାଏ – ମାନେ, ସେତେବେଳେ ପ୍ରାଣସତ୍ତା ଓ ଶରୀର ତଥାପି ଏକାଠି ଯୁକ୍ତ ହୋଇଥା'ନ୍ତି, ତେଣୁ ଶେଷବେଳାର ଚେତନାରେ, ତୁମେ ତାକୁ ଶେଷ କାମନା ବି କହିପାର ଅଥବା ଶେଷ ଆଶା ବି କହିପାର, ଶେଷ ଆସ୍ପୃହା ମଧ୍ୟ କହିପାର, ତା'ର ଗୋଟାଏ ଖୁବ୍ ବିରାଟ ଗୁରୁତ୍ୱ ରହିଛି – ତାହାହିଁ ମୃତ୍ୟୁପର ସେହି ଅଦୃଶ୍ୟ ଜଗତ ସହିତ ଜୀବାତ୍ମାର ସଂପର୍କ ସଂବନ୍ଧ ନିରୂପଣ କ୍ଷେତ୍ରରେ ପ୍ରଥମ ପ୍ରଭାବ ପକାଇଥାଏ । ଏବଂ ଏଠି ଏଇ ଇହଲୋକରେ ମୃତ ବ୍ୟକ୍ତିର ଶବକୁ ଘେରି ରହିଥିବା ଲୋକମାନଙ୍କର କିନ୍ତୁ ବହୁ ଗୁରୁ ଦାୟିତ୍ୱ ରହିଛି, ଯାହାକି ସେମାନଙ୍କର ଭାବିବାଠାରୁ ବହୁତ ବେଶୀ । ସେମାନେ ଯଦି ମରୁଥିବା ବ୍ୟକ୍ତିଟିକୁ ତା'ର ଉଚ୍ଚତର ଚେତନାରେ ପ୍ରବେଶ କରିବାକୁ ସାହାଯ୍ୟ କରିପାରନ୍ତି, ତାହାହିଁ ହେବ ସେମାନଙ୍କର ତା' ପ୍ରତି ସର୍ବୋତ୍ତମ ସାହାଯ୍ୟ ବା ସହାୟତା । କିନ୍ତୁ ବାସ୍ତବରେ ସେମାନେ କ'ଣ କରନ୍ତି ନା, ତାକୁ ଦୃଢ଼ ଭାବରେ ବାନ୍ଧି ରଖନ୍ତି ଏବଂ ଅତ୍ୟନ୍ତ ସ୍ୱାର୍ଥପରତାରେ ସେମାନେ ତାକୁ ନିଜ ଆଡ଼କୁ ଟାଣି ଧରୁଥା'ନ୍ତି । ତା'ର ଫଳ ହୁଏ ସେହି ବ୍ୟକ୍ତି ଅପେକ୍ଷାକୃତ ଏକ ଉଚ୍ଚତର ଚେତନା ନେଇ ନିଜକୁ ପ୍ରତ୍ୟାହାର କରିବା ପରିବର୍ତ୍ତେ ସେ ଏହି ପାର୍ଥିବ ବସ୍ତୁ-ଚେତନା ଭିତରେ ବନ୍ଧା ପଡ଼ିଯାଏ । ଅନ୍ୟଥା ସେହି ଅପେକ୍ଷାକୃତ ଉଚ୍ଚତର ଚେତନା ତାକୁ ସୁରକ୍ଷା ଦେଇପାରିଥା'ନ୍ତା ।

## ଦେବଦେବୀଙ୍କ ପୂଜା ଉପାସନା – ୧

ଅଦୃଶ୍ୟ ଜଗତରେ ଯେଉଁସବୁ ସତ୍ତା ଅଛନ୍ତି – ସେମାନଙ୍କ ଭିତରୁ ଅଧିକାଂଶ ପୂଜିତ ବା ଉପାସିତ ହେବାକୁ ଚାହାନ୍ତି ନାହିଁ । କିନ୍ତୁ ପ୍ରାଣଜଗତରେ ଦେବଦେବୀମାନେ ତାହା ଚାହାନ୍ତି । ଏହି ପ୍ରାଣସ୍ତରୀୟ ଦେବଦେବୀମାନେ ମଣିଷଠାରୁ ପୂଜା ଆରାଧନା ପାଇଲେ ଭାରି ଖୁସି ହୁଅନ୍ତି । କାରଣ, ଏହା ସେମାନଙ୍କୁ ବେଶ୍ କିଛି ଗୁରୁତ୍ୱ ଦିଏ । ସେମାନେ ଏପରି ପୂଜାପୂଜି ପାଇ ଗର୍ବରେ ଫାଟି ପଡ଼ନ୍ତି ଓ ଭାରି ଖୁସି ହୁଅନ୍ତି । ଏବଂ ଯେତେବେଳେ ସେମାନେ ଦେଖନ୍ତି ଯେ ଦଳଦଳ ହୋଇ ନରନାରୀ ତାଙ୍କୁ ପୂଜା ଆରାଧନା କରୁଛନ୍ତି ସେମାନେ ଖୁବ୍ ସନ୍ତୋଷ ଲାଭ କରନ୍ତି ।

କିନ୍ତୁ ତୁମେ ଯଦି ପ୍ରକୃତ ଦିବ୍ୟସତ୍ତାମାନଙ୍କ ବିଷୟ ଜାଣିବ – ତୁମେ ଦେଖିବ ଯେ ସେମାନେ ଏସବୁ ପୂଜା ଇତ୍ୟାଦିକୁ ଖାତିର୍ କରନ୍ତି ନାହିଁ । ସେମାନେ ମଧ୍ୟ କାହାଠାରୁ ପୂଜା ପାଇବାକୁ ଚାହାନ୍ତି ନାହିଁ । ନା, ଏହା ସେମାନଙ୍କୁ ଆଦୌ କୌଣସି ବିଶେଷ ଆନନ୍ଦ ଦେଇପାରେ ନାହିଁ !... ଉଦାହରଣସ୍ୱରୂପ – ଯଦି ସେମାନେ କାହା ଭିତରେ ଏକ ମହତ୍ ଉଦ୍ଦେଶ୍ୟ ଦେଖିପାରନ୍ତି କିଂବା ଏକ ସୁନ୍ଦର ଭାବ ଦେଖିପାରନ୍ତି କିଂବା ଯଦି କାହା ଭିତରେ ସେମାନେ ଏକ ନିଃସ୍ୱାର୍ଥପରତା କିଂବା ଆବେଗ ଦେଖନ୍ତି – କିଂବା ଉନ୍ନତ ଉତ୍ସାହଟିଏ ଲକ୍ଷ୍ୟ କରନ୍ତି – କିଂବା ଏକ ନିର୍ମଳ ଆନନ୍ଦ, ଏକ ଆଧାତ୍ମିକ ଆନନ୍ଦ ଦେଖନ୍ତି ତେବେ ପୂଜା ଉପାସନା ପ୍ରାର୍ଥନା ଅପେକ୍ଷା ଏସବୁକୁ ସେମାନେ ଅଧିକ ମୂଲ୍ୟ ଦେଇଥା'ନ୍ତି ।...

ମୁଁ ତୁମକୁ ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ କଥା କହୁଛି : ତୁମେ ଯଦି ସତରେ କୌଣସି ଏକ ଦେବତାକୁ ଗୋଟିଏ ବିମାନ ବା ଖଟୁଲି ଭିତରେ ବସାଇ ରଖ – ଏବଂ ତୁମେ ତାଙ୍କୁ ନାନାବିଧିରେ ପୂଜା ଆରାଧନା କରିସାରିବା ପର୍ଯ୍ୟନ୍ତ ତାଙ୍କୁ ସେଠାରେ ବସାଇ ରଖ ତେବେ ସେ ବେଶ୍, କୌତୁକପୂର୍ଣ୍ଣ ଦୃଷ୍ଟିରେ ତୁମର ପୂଜା ଉପାସନା ରୀତିକୁ ଲକ୍ଷ୍ୟ କରିବେ, କିନ୍ତୁ ଏହା ତାଙ୍କୁ କୌଣସି ପ୍ରକାର ସନ୍ତୋଷ ଦେବ ନାହିଁ, ଆଦୌ ଦେବ ନାହିଁ,ଏଥିରେ ମୁଁ ନିଶ୍ଚିତ । ଆଦୌ ଦେବ ନାହିଁ ! ତୁମ ପୂଜା ଦ୍ୱାରା ସେ କୌଣସି ପ୍ରକାରେ ତୋଷାମୋଦ ପା'ନ୍ତି ନାହିଁ, ଖୁସୀ ହୁଅନ୍ତି ନାହିଁ, କିଂବା ଗୌରବାନ୍ୱିତ ହୁଅନ୍ତି ନାହିଁ ।

## ଦେବଦେବୀଙ୍କ ପୂଜା ଉପାସନା – ୨

ଧାର୍ମିକ ଉତ୍ସବସବୁ ! ଉଦାହରଣସ୍ୱରୂପ କାଳୀଙ୍କ ନାମରେ ଅନେକ ସତ୍ତା ଅଛନ୍ତି । ସେମାନଙ୍କୁ ଭୟଙ୍କର ଆକୃତି କରି ଗଢ଼ା ହୋଇଥାଏ – ଅନେକେ ମଧ୍ୟ ତାଙ୍କୁ ଗୃହଦେବୀ ରୂପେ ଘରେ ରଖି ପୂଜା କରନ୍ତି । ଏହିଗୁଡ଼ିକ ଭୟଙ୍କର ପ୍ରାଣଶକ୍ତିରେ ପୂର୍ଣ୍ଣ ହୋଇଥା'ନ୍ତି ! ...

ଏହି ସତ୍ତାମାନଙ୍କୁ ମୁଁ ଜାଣେ । ମୁଁ ସେମାନଙ୍କୁ ଭଲଭାବେ ଜାଣେ । କିନ୍ତୁ ସେମାନେ ସବୁ ହେଲେ ପ୍ରାଣ-ସତ୍ତା । ସେମାନଙ୍କ ଆକୃତି ମଧ୍ୟ ପ୍ରାଣସ୍ତରୀୟ । ମଣିଷର ଚିନ୍ତା ଭିତରୁ ସେହି ଆକୃତିଗୁଡ଼ିକ ଆସିଛନ୍ତି । କି ସବୁ ଆକୃତି ! ଭାବ ଦେଖି – ମଣିଷମାନେ ପୁଣି ସେହିସବୁ ଭୟଙ୍କର ପୈଶାଚିକ ସତ୍ତାମାନଙ୍କୁ ପୂଜା କରୁଛନ୍ତି । ଏହି ଦେବଦେବୀ ବିଚାରାମାନଙ୍କୁ ପୁଣି କି ସବୁ ସମ୍ମାନ ଦିଆଯାଇଛି !! ଏହି ସତ୍ତାମାନଙ୍କୁ ପୁଣି ବିଶ୍ୱାସ କରିବାକୁ ହେବ ଯେ ସେମାନେ ...

ଏହି କାରଣରୁ ଏହା ଭଲ ହେବ ଯେ ଯଦି ମନୁଷ୍ୟମାନେ କିଛିକାଳ ପାଇଁ ଏହିସବୁ ଧାର୍ମିକ ପରିବେଶରୁ ଦୂରେଇ ରହିବେ । ଏହି ଭୟାବହ ପରିବେଶ, ଏବଂ ଏହିଭଳି ଅନ୍ଧ କୁସଂସ୍କାରଗ୍ରସ୍ତ ଆତ୍ମସମର୍ପଣ, ଯାହା ଫଳରେ ସେହି ବିରୋଧୀ ଶକ୍ତିମାନେ ଏହାର ବହୁ ସୁଯୋଗ ନେଇ ଥାନ୍ତି, ତେଣୁ ଏହି କୁସଂସ୍କାର ଭିତରୁ ମୁକ୍ତି ପାଇବା ପାଇଁ କିଛି କାଳ ଲାଗି ଏହାକୁ ଅସ୍ୱୀକାର କରିବା ଏବଂ ଏ ସମ୍ବନ୍ଧେ ଏକ ନିଶ୍ଚିତ ଦୃଢ଼ ପଦକ୍ଷେପ ନେବା ନିଶ୍ଚୟ ଅପରିହାର୍ଯ୍ୟ । ଏକଥା ସତ ଯେ, ଯେତେବେଳେ ଜଣେ ଏସବୁ ପରିବେଶ ଭିତରୁ ମୁକ୍ତି ପାଇବ, ଏବଂ ସେହିସବୁ ପୈଶାଚିକ ପ୍ରାଣସତ୍ତାମାନଙ୍କ ନିକଟରେ କୁତ୍ସିତ ଆତ୍ମ-ନିବେଦନରୁ ବିରତ ହେବ, ସେତେବେଳେ ଯାଇ ସେ ପ୍ରକୃତରେ ଆଧ୍ୟାତ୍ମିକ ଉଚ୍ଚତାକୁ ଉଠିଯାଇପାରିବ ।

# ଧାର୍ମିକ କ୍ରିୟାକର୍ମାଦି

ପ୍ରଶ୍ନ : ମଧୁମୟୀ ମା ! ଯେଉଁମାନଙ୍କର ଏକ ସାଧାରଣ ଚେତନା ରହିଛି ସେମାନଙ୍କ ପାଇଁ କ'ଣ ଧାର୍ମିକ କ୍ରିୟାକର୍ମାଦି ଖୁବ୍ ଗୁରୁତ୍ୱପୂର୍ଣ୍ଣ ?

ଉତ୍ତର : ଧାର୍ମିକ କ୍ରିୟାକର୍ମ ? ମୁଁ ଜାଣେନା ! ଧାର୍ମିକ କ୍ରିୟାକର୍ମ କହିଲେ ତୁମେ କ'ଣ ବୁଝୁଛ ?

ପ୍ରଶ୍ନକର୍ତ୍ତା : ଏଇସବୁ ଜପ ପ୍ରଭୃତି ...

ଉତ୍ତର : ଓ ! ସେଇସବୁ କର୍ମ ! ଯଦି ତୁମକୁ ଏହା ସହାୟକ ହେଉଥାଏ, ତେବେ ଭଲ କଥା । ଯଦି ତୁମକୁ ଏହା କୌଣସି ପ୍ରକାରେ ସହାୟତା କରୁ ନାହିଁ, ତେବେ ଏହା ... ଏସବୁ ହେଲା ମୋଟାମୋଟି ଏକ ଆପେକ୍ଷିକ ବ୍ୟାପାର । ଏକେବାରେ ଆପେକ୍ଷିକ ବ୍ୟାପାର । ତୁମ ଉପରେ ତା'ର ଯେତିକି ପ୍ରଭାବ, ତା'ଛଡ଼ା, ତୁମେ ମଧ୍ୟ ଏଥିରେ କେତେ ବିଶ୍ୱାସ ରଖିଛ ସେଇ ଅନୁଯାୟୀ ତା'ର ମୂଲ୍ୟ ! ଯଦି ତୁମକୁ ଏକାଗ୍ର ହେବାରେ ଏହା ସାହାଯ୍ୟ କରୁଛି ତେବେ ଭଲକଥା । ସାଧାରଣ ଚେତନାର ଲୋକେ କିନ୍ତୁ ଏସବୁ କରିଥା'ନ୍ତି କେବଳ କୁସଂସ୍କାରଗ୍ରସ୍ତ ହୋଇ । ସେମାନେ ଭାବନ୍ତି – ''ଯଦି ମୁଁ ଏହା କରିବି, ଯଦି ମୁଁ ମନ୍ଦିର କିଂବା ଗିର୍ଜାକୁ ସପ୍ତାହରେ ଥରେ ଅନ୍ତତଃ ଯିବି, ଯଦି ମୁଁ ସେଠାରେ ପ୍ରାର୍ଥନା କରିବି, ତା'ହେଲେ ମୋର କିଛି ଗୋଟେ ଚମତ୍କାର ଫଳ ହେବ ।'' ଏହା ଅନ୍ଧବିଶ୍ୱାସ । ସାରା ବିଶ୍ୱରେ ଏଇ ଅନ୍ଧ ବିଶ୍ୱାସ ବିସ୍ତାରିତ ହୋଇ ରହିଛି । କିନ୍ତୁ ଆଧାତ୍ମିକ ଦୃଷ୍ଟିରୁ ଏହାର କିଛି ମୂଲ୍ୟ ନାହିଁ ।

## ତୁମର ମନ୍ତ୍ର

ମନ୍ତ୍ର ଦ୍ୱାରା ଆବାହନ କରିବା, କୌଣସି ଶବ୍ଦକୁ ବାରବାର ଜପ କରିବା, ଏହି ଅଭ୍ୟାସକୁ ତୁମେ ଯଦି ବଢ଼ାଅ, ତା'ର ଗୋଟାଏ ଅସାଧାରଣ ଫଳ ରହିଛି । ତୁମେ ତୁମର ମନ୍ତ୍ର ଠିକ୍ କର କିଂବା ଏପରି ମଧ୍ୟ ହୋଇପାରେ ଯେକୌଣସି ଏକ ସଂକଟ-ମୁହୂର୍ତ୍ତରେ ଦିନେ ଏହି ମନ୍ତ୍ରଟି ତୁମ ପାଖକୁ ସ୍ୱତଃସ୍ଫୂର୍ତ୍ତ ଭାବେ ଆସିବ । ତୁମ ଜୀବନରେ ଏପରି ଏକ ସଂକଟ-ମୁହୂର୍ତ୍ତ ଆସିପାରେ, ଖୁବ୍ ସଂକଟ ମୁହୂର୍ତ୍ତ, ଯେତେବେଳେ ତୁମ ଅନ୍ତର ଦୁଃସହବେଦନାରେ ମଳି ହୋଇଯାଉଥାଏ – ଯେତେବେଳେ ତୁମେ ଘୋର ଉଦ୍‌ବେଗରେ ଆକ୍ରାନ୍ତ ହୋଇଥାଅ, କ'ଣ ଘଟିବାକୁ ଯାଉଛି ଯେତେବେଳେ ତୁମେ ଜାଣିପାରୁ ନ ଥାଅ, ଠିକ୍ ସେତିକିବେଳେହିଁ ଏହା ତୁମ ଭିତରୁ ହଠାତ୍ ଉପରକୁ ଉଠିଆସେ । ଶବ୍ଦଟିଏ ତୁମ ଭିତରୁ ଛାଏଁ ଛାଏଁ ବାହାରି ଆସେ । ପ୍ରତ୍ୟେକଙ୍କ କ୍ଷେତ୍ରରେ ଅବଶ୍ୟ ଅଲଗା ଅଲଗା କଥା ହୁଏ । କିନ୍ତୁ ତୁମେ ଯଦି ଏଇଟା ଲକ୍ଷ୍ୟ ରଖ – ସବୁ ସମୟରେ ଯେବେ ତୁମେ ଏକ ସଂକଟର ସମ୍ମୁଖୀନ ହୁଅ, ସେତେବେଳେ ତୁମେ ତାକୁ ଜପ କର – ଏହା ଅପ୍ରତିରୋଧ୍ୟ ହୋଇଉଠେ ।... ସବୁଠାରୁ ଭଲ ହେଲା – ଯେତେବେଳେ ଶବ୍ଦ ବା ବାକ୍ୟଟିଏ ତୁମ ଭିତରକୁ ଛାଏଁ ଛାଏଁ ଚାଲି ଆସେ; ତୁମେ ତୁମର ଘୋର ସଂକଟ କାଳରେ (ତାହା ମାନସିକ, ପ୍ରାଣିକ, ଶାରୀରିକ ବା ଆବେଗଗତ ଯାହାକିଛି ସଂକଟ ହୋଇପାରେ) – ଆହ୍ୱାନ କଲ ବା ପ୍ରାର୍ଥନା କଲ – ଏବଂ ହଠାତ୍ ତୁମ ଭିତରକୁ ଶବ୍ଦ ବା ବାକ୍ୟଟିଏ ଛାଏଁ ଛାଏଁ ଆସିଗଲା, ତାହା ଦୁଇଟି ବା ତିନିଟି ଶବ୍ଦ ହୋଇପାରେ, ମାତ୍ର ସେଗୁଡ଼ିକ ନିଶ୍ଚୟ ଗୂଢ଼ ରହସ୍ୟପୂର୍ଣ୍ଣ ଶବ୍ଦ । ତୁମେ ତାହା ସ୍ମରଣ ରଖିବ ଏବଂ ସେହିପରି ବିପଦ ବା ସଂକଟ କାଳରେ ତାକୁ ଜପି ଚାଲିବ । ଯଦି ତୁମେ ଏହା ଅଭ୍ୟାସ କର, ତେବେ ତୁମେ ଦେଖିବ ଯେ ଯେତେବେଳେ ତୁମର କିଛି ଅସୁବିଧା ସମୟ ଆସିଛି – ଠିକ୍ ସେତିକିବେଳେ ମଧ୍ୟ ତୁମ ମନକୁ ତୁମର ସେହି ମନ୍ତ୍ରଟି ସ୍ୱତଃସ୍ଫୂର୍ତ୍ତ ଭାବେ ଆସିଯାଇଛି ।

## ସବୁ ନ ହେଲା ପର୍ଯ୍ୟନ୍ତ ଯେପରି କିଛି ବି ହୋଇ ନ ଥାଏ

ପ୍ରାଚୀନ କାଲ୍‌ଡିଆନ୍ ପରମ୍ପରାରେ ବହୁ ସମୟରେ ନୂତନ ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ଶୁଭ୍ର ପୋଷାକ ଦିଆଯାଉଥିଲା ଓ ସେମାନଙ୍କୁ ଉପମା ଛଳରେ କୁହାଯାଉଥିଲା – ''ଏ ଧଳା ପୋଷାକରୁ ଗୋଟାଏ ପରେ ଗୋଟାଏ କରି ମଇଳା ଦାଗ ସଫା କରିବ ନାହିଁ। ସମଗ୍ର ପୋଷାକଟିକୁ ପରିଷ୍କାର କରିବ।'' ତୁମର ପ୍ରକୃତିରେ ଯେତିକି ଦୋଷ ଅଛି, ତାକୁ ଗୋଟିଏ ଗୋଟିଏ କରି ଦୂର କର ନାହିଁ, ତୁମର ଦୁର୍ବଳତାଗୁଡ଼ିକୁ ଗୋଟିଏ ଗୋଟିଏ କରି ଅତିକ୍ରମ କର ନାହିଁ। ତାହା ତୁମକୁ ବେଶୀ ବାଟ ନେଇପାରିବ ନାହିଁ। ସମଗ୍ର ଚେତନାଟିକୁ ପରିବର୍ତ୍ତନ କରିବାକୁ ପଡ଼ିବ। ଚେତନାକୁ ସଂପୂର୍ଣ୍ଣଭାବେ ଓଲଟାଇ ଦେବାକୁ ହେବ। ତୁମେ ଚେତନାର ଯେଉଁ ସ୍ତରରେ ଅଛ, ସେଠାରୁ ତୁମକୁ ଉଚ୍ଚତର ସ୍ତରକୁ ଉଠି ଯିବାକୁ ହେବ। ଯେଉଁସବୁ ଦୁର୍ବଳତାକୁ ତୁମେ ଦୂର କରିବାକୁ ଚାହୁଁଥିଲ ଏହି ସ୍ତରରୁ ସେଗୁଡ଼ିକ ଉପରେ ପ୍ରଭୁତ୍ୱ ଜାହିର କରି ପାରିବ ଏବଂ ଯେଉଁ କାର୍ଯ୍ୟ ସଂପାଦନ କରିବାକୁ ଅଛି ତା'ର ସମଗ୍ର ଦୃଷ୍ଟି ତୁମେ ଏହି ସ୍ତରରେ ଥାଇ ଲାଭ କରି ପାରିବ।

ମୋର ବିଶ୍ୱାସ, ଶ୍ରୀଅରବିନ୍ଦ କହିଛନ୍ତି : ବିଷୟଗୁଡ଼ିକ ଏପରି ଯେ, କୁହାଯାଇପାରେ, ସବୁ ନ ହୋଇ ସାରିବା ପର୍ଯ୍ୟନ୍ତ କିଛି ବି ଯେପରି ହୋଇ ନାହିଁ। ଗୋଟିଏ ପାହାଚ ଉପରକୁ ଉଠିଗଲେ ବିଶେଷ କିଛି ହେଲା ନାହିଁ – ସାମଗ୍ରିକ ପରିବର୍ତ୍ତନ ଆବଶ୍ୟକ।

# ଆଧ୍ୟାତ୍ମିକ ଜୀବନ – ପ୍ରାଚ୍ୟ ଓ ପାଶ୍ଚାତ୍ୟ

ଆଧ୍ୟାତ୍ମିକ ଜୀବନ ଦୃଷ୍ଟିରୁ ଦେଖିଲେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭିତରେ ଥିବା ପାର୍ଥକ୍ୟ ସେମାନଙ୍କ ଆନ୍ତର-ସତ୍ତା ବା ପ୍ରକୃତି ଭିତରେ ନାହିଁ । ସେଥିରେ ସେମାନେ ଅଭିନ୍ନ ଓ ସ୍ଥିର । କିନ୍ତୁ ପାର୍ଥକ୍ୟ ରହିଛି ସେମାନଙ୍କର ମାନସିକ ଅଭ୍ୟାସରେ, ସେମାନଙ୍କର ବାହ୍ୟ ଅଭିବ୍ୟକ୍ତିର ଭଙ୍ଗୀରେ ଏବଂ ଉପସ୍ଥାପନାରେ । ତା'ର ହେତୁ ହେଲା ସେମାନଙ୍କ ଶିକ୍ଷା ଓ ପରିପାର୍ଶ୍ୱର ପାର୍ଥକ୍ୟ – ଏବଂ ଅନ୍ୟସବୁ ବାହ୍ୟ ଅବସ୍ଥାର ପାର୍ଥକ୍ୟ । ସବୁ ମଣିଷ, ସେ ପ୍ରାଚ୍ୟ ହେଉ ବା ପାଶ୍ଚାତ୍ୟ ହେଉ, ସେମାନଙ୍କର ଗଭୀର ଅନୁଭୂତି କ୍ଷେତ୍ରରେ ସମାନ । କେବଳ ସେମାନେ ସେମାନଙ୍କ ଚିନ୍ତା-ପ୍ରଣାଳୀରେ ପୃଥକ୍ । ଉଦାହରଣସ୍ୱରୂପ ନିଷ୍ଠାପରତା, ଏହା ସବୁଠିଁ ସମାନ । ଯେଉଁମାନେ ପ୍ରକୃତରେ ନିଷ୍ଠାପର, ସେମାନେ ଯେଉଁ ଜାତିର ଲୋକ ହୁଅନ୍ତୁ ନା କାହିଁକି, ସମାନ ଭାବେ ନିଷ୍ଠାପର । କେବଳ ସେମାନଙ୍କ ନିଷ୍ଠାପରତାର ପ୍ରକାଶଭଙ୍ଗୀ ଭିନ୍ନ । ବିଭିନ୍ନ ଲୋକଙ୍କର ମନ ବିଭିନ୍ନ ପ୍ରକାରେ କାର୍ଯ୍ୟ କରୁଥାଏ । କିନ୍ତୁ ହୃଦୟଟି ସର୍ବତ୍ର ସମାନ । ହୃଦୟଟି ହେଲା ସତ୍ୟତର ବାସ୍ତବତା, ପାର୍ଥକ୍ୟଟି ଥାଏ ବାହ୍ୟ ଅଂଶଗୁଡ଼ିକରେ । ଯେତେ ଶୀଘ୍ର ତୁମେ ଖୁବ୍ ଗଭୀରତା ଭିତରକୁ ପ୍ରବେଶ କରିବ, ତୁମେ ଦେଖିବ ସମସ୍ତଙ୍କ ଭିତରେ ସେହି **ଏକ** ଭାବହିଁ ରହିଛି । ସମସ୍ତେ ଓ ସବୁ ଈଶ୍ୱରଙ୍କ ପାଖରେହିଁ ପରସ୍ପରକୁ ଭେଟନ୍ତି ।

# ଗପୁଡ଼ି ମଣିଷ

ଜଣେ ଯେତିକି ବିକଶିତ ହୋଇ ଚାଲିଥାଏ, ତା'ର ବୁଦ୍ଧି ଯେତିକି ବୃଦ୍ଧି ପାଇ ଚାଲିଥାଏ, ସେତିକି ସେତିକି ସେ ନିଜକୁ ପ୍ରକାଶ କରିବାର ଆବଶ୍ୟକତା କମ୍ ଅନୁଭବ କରିଥାଏ । କେବଳ ନିମ୍ନସ୍ତରରେ ଥିଲାବେଳେ ଜଣେ ଗପିବାର ଆବଶ୍ୟକତା ଅନୁଭବ କରେ । ସତକଥା – ଯେଉଁ ବ୍ୟକ୍ତି ବିଶେଷ ସଚେତନ, ମାନସିକତା ଓ ବୌଦ୍ଧିକତାରେ ଖୁବ୍ ବିକଶିତ, ସେ କେବଳ ଆବଶ୍ୟକ ପଡ଼ିଲେ କିଛି କହେ । ସେ ଅନର୍ଥକ ବାକ୍ୟ ଉଚ୍ଚାରଣ କରେ ନାହିଁ । ସାମାଜିକ ପରିମାପରେ କଥାଟି ଏହିପରି ... ମାପକାଠିର ସବୁଠୁ ତଳେ ଥିବା ଲୋକଙ୍କୁ ନିଅ, ଦେଖିବ ସେମାନେ ସବୁଠାରୁ ବେଶୀ ବକର ବକର ହୁଅନ୍ତି, ସେମାନେ ସେମାନଙ୍କ ଅଧିକାଂଶ ସମୟ କେବଳ ଗପିବାରେହିଁ ବ୍ୟୟ କରିଥା'ନ୍ତି । ସେମାନେ କେବେ ମୁହଁ ବନ୍ଦ କରିପାରିବେ ନାହିଁ ! ଯାହା ଯେତେବେଳେ ତାଙ୍କର ହେବ, ସେମାନେ ସାଙ୍ଗେ ସାଙ୍ଗେ ତାକୁ ବାକ୍ୟରେ ପ୍ରକାଶ କରିଦେବେ । କିନ୍ତୁ ଯେଉଁମାନେ ଅଧିକ ବିକଶିତ, ଏବଂ ବିବର୍ତ୍ତନର ଉଚ୍ଚସ୍ତରରେ ଅଛନ୍ତି, ସେମାନେ ଖୁବ୍ କମ୍ କଥା କହିବାର ଆବଶ୍ୟକତା ଅନୁଭବ କରନ୍ତି ...

ଯେଉଁମାନଙ୍କର ଗପିବା ଏକ ପେସା ହୋଇଯାଇଛି, ଯଥା : ଯେଉଁମାନଙ୍କର ବକ୍ତୃତା ଦେବାର ଅଭ୍ୟାସ ଅଛି ବା ଯେଉଁମାନେ ରାଜନୀତିକ ବକ୍ତୃତା ଦିଅନ୍ତି କିଂବା ଯେଉଁମାନେ ବିଦ୍ୟାଳୟରେ ପାଠ ପଢ଼ାନ୍ତି, ସେମାନଙ୍କ କଥା ଛାଡ଼ିଦିଅ । କିନ୍ତୁ ସେମାନଙ୍କ ବ୍ୟତୀତ – କାରଣ ସେମାନେ ଏକାବେଳେକେ ବୌଦ୍ଧିକ ଓ ବାଗ୍ମୀ ହୋଇଥା'ନ୍ତି – ସେମାନଙ୍କ ବ୍ୟତୀତ, ସାଧାରଣତଃ ଦେଖାଯାଏ ଯେ ଯେଉଁମାନେ ଅଯଥାଟାରେ ସବୁବେଳେ ବକ୍‌ବାଜି କରୁଥା'ନ୍ତି, ସେମାନଙ୍କର ବୌଦ୍ଧିକ ବିକାଶ ଖୁବ୍ କମ୍ ।

# ସେତିକି କୁହ, ଯାହା ଅପରିହାର୍ଯ୍ୟ

ମୁଁ କହୁଛି – ଦେଖ୍ ତୁମ୍ଭେମାନେ ସମସ୍ତେ ଗୋଟେ ଚେଷ୍ଟା କର – ଓଃ ! ମୁଁ ବେଶୀ ସମୟ ପାଇଁ କରିବାକୁ କହୁନି, ଦିନକୁ ମାତ୍ର ଗୋଟିଏ ଘଣ୍ଟା – ଚୁପ୍‌ରୁହ – କେବଳ ଯେତିକି ନିତାନ୍ତ ଦରକାର ସେତିକି ବ୍ୟତୀତ ଅନ୍ୟକିଛି କହିବ ନାହିଁ, ଗୋଟିଏ ଶବ୍ଦ ବେଶୀ ନୁହଁ କି ଗୋଟିଏ ଶବ୍ଦ କମ୍ ନୁହଁ ।

ଦୈନନ୍ଦିନ ମାତ୍ର ଘଣ୍ଟାଏ ନିଅ, ଯେଉଁ ସମୟଟି ତୁମ ପାଇଁ ସବୁଠୁ ସୁବିଧା ହେବ, ଏବଂ ସେହି ସମୟତକ ନିଜକୁ ଭଲଭାବେ ନିରୀକ୍ଷଣ କର – ଏବଂ ସେତେବେଳେ ଯାହା ଯେତିକି ନିତାନ୍ତ ଦରକାର ସେତିକିଟି ମାତ୍ର ଶବ୍ଦ ଉଚ୍ଚାରଣ କର ।

ପ୍ରଥମରୁ ତୁମ ପାଇଁ ଏହା ଅବଶ୍ୟ କଷ୍ଟକର ହେବ – ତୁମେ କିପରି ଜାଣିବ ଯେ କେଉଁଟା ନିତାନ୍ତ ଦରକାର ଓ କେଉଁଟା ଦରକାର ନୁହଁ । ସେଟା ତୁମେ ପ୍ରତିଦିନ ନିଜେ ନିଜେ ବିଚାର କରି ଦେଖ୍ ଜାଣିପାରିବ ଏବଂ ପ୍ରତିଦିନ ତୁମେ ଏଥିରେ ଉନ୍ନତି କରିପାରିବ ।

ତା'ପରେ ତୁମେ ଦେଖିବ ଯେ ଯେପର୍ଯ୍ୟନ୍ତ ତୁମେ କିଛି କହୁ ନାହଁ, ସେପର୍ଯ୍ୟନ୍ତ ତୁମେ ସଂପୂର୍ଣ୍ଣ ନୀରବ ରହିବା କଷ୍ଟକର ହେଉ ନାହିଁ । କିନ୍ତୁ ଯେତେବେଳେ ତୁମେ କଥାପଦେ କହିବାକୁ ଆରମ୍ଭ କଲ, ସେତେବେଳେ ତୁମେ ଲକ୍ଷ୍ୟ କରିବ ଯେ ପ୍ରାୟ ସର୍ବଦା ତୁମେ ଆବଶ୍ୟକଠାରୁ ଦୁଇଟି, ତିନୋଟି କିଂବା ଦଶଟି ବା କୋଡ଼ିଏଟି ଅଦରକାରୀ ଶବ୍ଦ କହିସାରିଛ । ସେତେକ ଆଦୌ ଦରକାର ନ ଥିଲା ।

## ନିରର୍ଥକ ବାକ୍ୟାଳାପ ନିମ୍ନଗାମୀ କରେ

ଏପରି ଏକ ଅବସ୍ଥା ଆସିପାରେ ଯେତେବେଳେ ତୁମେ ଅନ୍ୟମାନଙ୍କ ସହିତ ସାଧାରଣ ଗଳ୍ପ କରୁ କରୁ ଅନୁଭବ କଲ ଯେ ତୁମେ ଖୁବ୍ ସାଧାରଣସ୍ତରକୁ ଖସି ପଡୁଛ ଓ ଯଦି ବେଶୀ ସମୟ ତୁମେ ସେହି ବାଜେ ଗଳ୍ପ ଆଳାପରେ ରହିଲ, ତେବେ ତୁମର ମୁଣ୍ଡ ବ୍ୟଥା ଆରମ୍ଭ ହୋଇଯିବ – ତୁମର ପେଟରେ ଅସ୍ୱସ୍ତି ଲାଗିବ – ଏବଂ ଆଉ ବେଶୀ ହେଲେ ତୁମକୁ ଜ୍ୱର ମଧ୍ୟ ହୋଇଯାଇପାରେ । ମୁଁ ଅବଶ୍ୟ ସେଇସବୁ ନିରର୍ଥକ ଅଯଥା ବାକ୍ୟାଳାପ କଥା କହୁଛି । ମୋର ବିଶ୍ୱାସ, ଅଳ୍ପ କେତେଜଣଙ୍କୁ ଛାଡ଼ି ଦେଲେ, ପ୍ରତ୍ୟେକ ଲୋକ ଏଥିରେ ମାତନ୍ତି ଏବଂ ଏପରି ସବୁକଥା ଗପନ୍ତି ଯାହା ସେମାନଙ୍କର ନ କହିବା ଉଚିତ – କିଂବା ଅନ୍ୟକଥା ଗପିବା ଉଚିତ । ଏହା କ୍ରମଶଃ ଏପରି ସ୍ୱାଭାବିକ ହୋଇଯାଏ ଯେ, ତୁମେ ତଦ୍ଦ୍ୱାରା କିଛି ଅସୁବିଧା ଭୋଗ କରି ନ ଥାଅ । କିନ୍ତୁ ତୁମେ ଯଦି ଏହିସବୁ ଅଯଥା ବାକ୍ୟାଳାପରେ ମାତି ରହ, ତେବେ ତୁମର ଚେତନା ଉର୍ଦ୍ଧ୍ୱକୁ ଉଠିବା ପଥରେ ତୁମେ ବାଧା ସୃଷ୍ଟି କର; ତୁମେ ନିଜକୁ ନିମ୍ନ ସାଧାରଣ ଚେତନା ସହିତ ଲୌହ ଶିକୁଳିରେ ବାନ୍ଧିରଖ । ଏବଂ ତୁମର ଅବଚେତନାରେ ଯେଉଁସବୁ କାର୍ଯ୍ୟ କରାଯିବା କଥା ତାହା କରା ହୋଇ ନ ଥାଏ – କିଂବା ତାହା ଆରମ୍ଭ ମଧ୍ୟ ହୋଇ ନାହିଁ । ଯେଉଁମାନେ ଉର୍ଦ୍ଧ୍ୱକୁ ଉଠିବା ଲାଗି ଇଚ୍ଛା କରନ୍ତି, ସେମାନେ ବାହାରୁ କୌଣସି ତାଡ଼ନା ନ ପାଇଥିଲେ ବି, ଅନେକ ଅସୁବିଧା ସେମାନଙ୍କ ଭିତରେ ଆଗରୁ ବି ରହିଥାଏ ...

ତୁମେ କେବେ ବି ତୁମର ମନକୁ ନିମ୍ନଗାମୀ ହେବା ଲାଗି ପ୍ରଶ୍ରୟ ଦେବ ନାହିଁ । ନିରର୍ଥକ ଗପସପ ତୁମକୁ ନିମ୍ନଗାମୀ କରାଏ । ଯଦି ତୁମେ ଯୋଗ କରିବାକୁ ଚାହଁ, ତେବେ ନିଜକୁ ଏଥିରୁ ନିବୃତ୍ତ କରିବା ଉଚିତ । ଏଇ ହେଲା କଥା ।

## ଅନ୍ୟର ଚେତନା ମଧ୍ୟରେ ପ୍ରବେଶ କର

ତୁମେ କେବେ ବି ଅନ୍ୟର ଚେତନା ଭିତରକୁ ପ୍ରବେଶ କରି ସେଠାରେ କ'ଣସବୁ ପ୍ରକୃତରେ ଘଟୁଛି, ସେକଥା ଜାଣିବାକୁ ଚେଷ୍ଟା କରି ନାହିଁ ? ... ଯଦି ଲୋକମାନେ ଟିକିଏ ବିଚାରଶୀଳ ହୁଅନ୍ତେ ତେବେ କେବେ ବି କଳିକଜିଆ କରନ୍ତେ ନାହିଁ । କିନ୍ତୁ ଯେତେବେଳେ ସେମାନଙ୍କର ବିଚାର ବିବେକ ଚାଲିଯାଏ, ସେମାନେ କଳିକଜିଆ କରିବସନ୍ତି । ତେଣୁ ସବୁଠାରୁ ଭଲ କଥା ହୁଅନ୍ତା, ଯଦି କଳହ କରିବା ପରିବର୍ତ୍ତେ ତୁମେ ଅନ୍ୟ ଜଣଙ୍କର ଚେତନା ଭିତରକୁ ପ୍ରବେଶ କରନ୍ତ, ଏବଂ ନିଜକୁ ପ୍ରଶ୍ନ କରନ୍ତ ଯେ ସେହି ଆର ଲୋକଟି ଭିତରେ କ'ଣସବୁ ଅଛି, ଯାହା କି ତାକୁ ଏପରିସବୁ କହିବାକୁ ଓ ଏପରିସବୁ କରିବାକୁ ଉସ୍କାଉ ଅଛି ? ସେହି ଭିତିରି କାରଣଟି କ'ଣ ହୋଇପାରେ ? କେଉଁ ଦୃଷ୍ଟିରୁ ସେ ସବୁ କଥାକୁ ଦେଖୁଛି, ଯାହା ଫଳରେ କି ତା'ର ମନୋଭାବ ଏପରି ହୋଇଛି ? ଏସବୁ ଜାଣିବା ବଡ଼ ମଜାର କଥା । ତୁମେ ଯଦି ଏକଥା କରନ୍ତ, ତେବେ ତୁମେ ଯେପରି ସାଧାରଣତଃ ରାଗିଯାଅ, ଆଉ ସେପରି ରାଗନ୍ତ ନାହିଁ । ପ୍ରଥମ କଥା ହେଲା – ତୁମେ ଆଉ ଜମା ରାଗନ୍ତ ନାହିଁ । ତେଣୁ ତୁମ ପାଇଁ ଏହା ଗୋଟିଏ ଖୁବ୍ ବଡ଼ ଲାଭ ହୁଅନ୍ତା । କିନ୍ତୁ ଅପର ପକ୍ଷରେ ଆର ଲୋକଟି ତୁମ ଉପରେ ଯେତେ ରାଗୁଥିଲେ ବି ତୁମ ଉପରେ ତା'ର କୌଣସି ପ୍ରଭାବ ପଡ଼ିବ ନାହିଁ ।

ଏବଂ ତା'ପରେ ତୁମେ ସେହି ଆର ଲୋକଟି ସହିତ ଅଧିକ ଭାବେ ଏକାତ୍ମ ହୋଇପାରନ୍ତ ଏବଂ ତା' ଭିତରେ ଯେଉଁସବୁ ବିକୃତି ଓ ବିଭାଜନର ଭାବସବୁ ଅଛି ସେସବୁକୁ ତୁମେ ଧୀରେ ଧୀରେ ଦୂର କରିପାରନ୍ତ ଓ ଆଉ ତୁମ ଭିତରେ କଳହ ହୁଅନ୍ତା ନାହିଁ । ଏହା ବହୁତ ଦରକାରୀ ।

# ନିଜ ଚିନ୍ତାକୁ ବିସ୍ତାରିତ କର

ତୁମେ ନିଜକୁ ଏତିକି କୁହ : ''ଟିକିଏ ଅପେକ୍ଷା କର; ମୁଁ ଚେଷ୍ଟା କରୁଛି ଜାଣିବାକୁ ଯେ ସେ ମୋତେ ଏପରି କାହିଁକି କହିଲା । ହଁ; କାହିଁକି ସେ ମୋତେ ଏପରି କହିଲା ?'' ତା'ପରେ ତୁମେ ଟିକିଏ ଏକାଗ୍ର ହୁଅ : ''କାହିଁକି ? କାହିଁକି ? କାହିଁକି ?'' ବାସ୍ ତୁମେ ସେଇଠି ସ୍ଥିର ରହ, ସେହିପରି ଅବିଚଳିତ ରହ – ଚେଷ୍ଟାକର, ଜାଣିବାକୁ ଚେଷ୍ଟାକର । ଆର ଲୋକଟି କହିଚାଲିଛି, କହିଚାଲିନି କି ? – ସେ ବି ବଡ଼ ଖୁସୀ ଯେ ତୁମେ ତାକୁ ଆଉ ବିରୋଧ କରୁ ନାହଁ ! ସେ ବହୁତ କିଛି କହିଯାଉଛି ଏବଂ ସେ ବର୍ତ୍ତମାନ ନିଶ୍ଚିତ ଯେ ତୁମକୁ ସେ ହୃଦ୍‌ବୋଧ କରାଇ ଦେଇପାରିଛି । ତା'ପରେ ତୁମେ ସେ ଯାହାସବୁ କହୁଛି ତା' ଉପରେ ଅଧିକରୁ ଅଧିକ ଏକାଗ୍ର ହୁଅ ଏବଂ ଧୀରେ ଧୀରେ ତା' ବାକ୍ୟଗୁଡ଼ିକ ଭିତର ଦେଇ ତୁମେ ତା'ର ମନ ଭିତରେ ପ୍ରବେଶ କରିଯାଉଛ । ଯେତେବେଳେ ତୁମେ ତା' ମୁଣ୍ଡ ଭିତରକୁ ପ୍ରବେଶ କଲ ସେତେବେଳେ ହଠାତ୍ ତୁମେ ତା'ର ଚିନ୍ତାଧାରାର ପ୍ରଣାଳୀ ଭିତରକୁ ମଧ୍ୟ ପ୍ରବେଶ କରିପାରିଲ । ତା'ପରେ, ଏବେ ଭାବି ଦେଖ, ତୁମେ ବର୍ତ୍ତମାନ ଠିକ୍ ବୁଝିପାରୁଛ ଯେ ସେ କାହିଁକି ତୁମକୁ ଏପରି କହିଲା ! ତା'ପରେ ତୁମର ଯଦି ତୀକ୍ଷ୍ଣ ବୁଦ୍ଧି ଥାଏ, ତେବେ ତୁମେ ଆଗରୁ ତା' କହିବା ସମ୍ବନ୍ଧେ ଯାହା ଭାବିଥିଲ, ତା' ସହିତ ବର୍ତ୍ତମାନର ବୁଝାମଣାକୁ ଏକାଠି ରଖି ତୁଳନା କର । ବର୍ତ୍ତମାନ ତୁମ ଭିତରେ ତୁମେ ତୁମର ପୂର୍ବ ଓ ପରର ଦୁଇଟି ବୁଝାମଣାକୁ ଏକାଠି କରି ତା' ଭିତରୁ ଯଥାର୍ଥ ସତ୍ୟଟିକୁ ଆବିଷ୍କାର କରିପାରିଲ । ଏତେବେଳେ ଯାଇ ବୁଝାଯିବ ଯେ ତୁମର ଚେତନାରେ ପ୍ରକୃତରେ କିଛି ଅଗ୍ରଗତି ହୋଇଛି । ଏବଂ ଏହାହିଁ ତୁମ ଚେତନାକୁ ବିସ୍ତାରିତ କରିବାର ଉତ୍ତମ ଉପାୟ ।

## ଆଉ କାହା ବ୍ୟାପାରରେ ମୁଣ୍ଡ ଖେଳାଅନା – ୧

ଲୋକେ ସବୁବେଳେ ପରସ୍ପରକୁ ପରାମର୍ଶ ଦେଉଥା'ନ୍ତି : ''ଏକଥା କର, ସେକଥା କରନା ।'' ମୁଁ ସବୁ ଦେଖେ : ସେମାନେ ଜାଣନ୍ତି ନାହିଁ ଯେ ତାହା ଦ୍ୱାରା ସେମାନେ କେତେ ଗୋଳମାଳିଆ ଅବସ୍ଥା ସୃଷ୍ଟି କରନ୍ତି, କେତେ ବିଶୃଙ୍ଖଳା ଆଉ ଅବ୍ୟବସ୍ଥା ସୃଷ୍ଟି କରନ୍ତି । ବେଳେବେଳେ ସେମାନେ ବ୍ୟକ୍ତିଟିର ସାଧାରଣ ବିକାଶ ଉପରେ ବାଧା ସୃଷ୍ଟି କରନ୍ତି ।

ମୋ ବିଚାରରେ ଲୋକଙ୍କର ମତାମତଗୁଡ଼ିକ ଖୁବ୍ ଭୟଙ୍କର ଏବଂ ବହୁ ସମୟରେ ଖୁବ୍ ତୁଚ୍ଛ ଆଉ ନିରର୍ଥକ ।

ତୁମର ଅନ୍ୟ ଲୋକର ବ୍ୟାପାରରେ ମୁଣ୍ଡ ପୂରାଇବା ଆଦୌ ଉଚିତ ନୁହେଁ, ତୁମେ ଯଦି ତା'ଠାରୁ ଅନନ୍ତ ଗୁଣରେ ବିଜ୍ଞ ହୋଇ ନ ଥାଅ । ଅବଶ୍ୟ ପ୍ରତି ଲୋକ ନିଜକୁ ଅନ୍ୟଠୁ ଅଧିକ ବିଜ୍ଞ ମନେ କରନ୍ତି ! ମୁଁ କିନ୍ତୁ ଏକଥାକୁ ବାସ୍ତବ ଦୃଷ୍ଟିରୁ ଦେଖେ, ତୁମ ଭାବିବା ଦୃଷ୍ଟିରୁ ନୁହଁ । ଯଦି ତୁମେ ଅନ୍ୟଠାରୁ ଅଧିକ ଦୂର ପର୍ଯ୍ୟନ୍ତ ଦେଖିପାରୁଛ, କଳନା କରିପାରୁଛ, ତୁମର ଦୃଷ୍ଟି ଅଧିକ ପ୍ରଖର, ତୁମେ ସବୁ ପ୍ରକାର ଉତ୍ତେଜନା ଓ କାମନା ବାସନାର ଊର୍ଦ୍ଧ୍ୱରେ ରହିଛ, ଏବଂ ଅନ୍ଧ ପ୍ରତିକ୍ରିୟା ଦ୍ୱାରା ତୁମ ମନ ଆକ୍ରାନ୍ତ ନୁହେଁ, ତେବେ ସେକଥା ଅଲଗା । ଅନ୍ୟ ଜଣଙ୍କର ଜୀବନର ସମସ୍ୟା ଭିତରକୁ ପ୍ରବେଶ କରିବାକୁ ହେଲେ, ତୁମକୁ ସ୍ୱୟଂ ଏସବୁର ବହୁ ଊର୍ଦ୍ଧ୍ୱରେ ରହିଥିବାକୁ ହେବ । ତା' ନ ହେଲେ – ଅନ୍ୟ ଜଣକ ଚାହିଁଲେ ମଧ୍ୟ ତୁମର ସେଥିରେ ପଶିବା ଉଚିତ ନୁହେଁ । ଆଉ ପୁଣି ଅନ୍ୟ ଜଣେ ଯଦି ଚାହୁଁ ନ ଥିବ, ତୁମେ ତୁମ ଆଡୁ ତା' କଥାରେ ଆଦୌ ମୁଣ୍ଡ ପୂରାଇବା ଉଚିତ ନୁହେଁ ।

# ଆଉ କାହା ବ୍ୟାପାରରେ ମୁଣ୍ଡ ଖେଳାଅନା – ୨

କାହା କଥାରେ ହସ୍ତକ୍ଷେପ କରିବା ପୂର୍ବରୁ ତୁମେ ନିଜେ ଆଗ ଠିକ୍ ବୋଲି ନିଶ୍ଚିତ ହେବା ଉଚିତ । ତୁମେ ନିଶ୍ଚିତ ହେବା ଉଚିତ ଯେ ତୁମର ଦୃଷ୍ଟି ଉଚ୍ଚସ୍ତରର, ତୁମେ ନିଶ୍ଚିତ ଭାବେ ଜାଣିବା ଉଚିତ ଯେ ଅନ୍ୟ ଜଣକର ବା ଲୋକଙ୍କର ଦୃଷ୍ଟିସୀମା ଅପେକ୍ଷା ତୁମର ଦୃଷ୍ଟିସୀମା ଖୁବ୍ ବିସ୍ତୃତ । ତେଣୁ ବିଜ୍ଞତା ହେଲା, କାହା ସମସ୍ୟାରେ ମୁଣ୍ଡ ପୂରାଅ ନାହିଁ । ଲୋକେ କୌଣସି କାରଣ ନ ଥାଇ ଅନ୍ୟର ବ୍ୟାପାରରେ ହସ୍ତକ୍ଷେପ କରନ୍ତି । ତା'ର କାରଣ ହେଲା, ବହୁ ଲୋକଙ୍କର ଏହା ଗୋଟିଏ ଅଭ୍ୟାସ ଯେ ସେମାନେ ଅନ୍ୟ ଜଣକୁ ଉପଦେଶ ବା ପରାମର୍ଶ ଦେବେହିଁ ଦେବେ ।

ଏପରିକି ଯଦି ତୁମର କୌଣସି ସମସ୍ୟା ସମ୍ବନ୍ଧେ ସତ୍ୟଦୃଷ୍ଟି ରହିଥାଏ, ତଥାପି ତୁମ ପକ୍ଷରେ ବିଜ୍ଞତା ହେଲା କାହାକୁ ତୁମ ଆଡୁ କିଛି ପରାମର୍ଶ ବା ଉପଦେଶ ନ ଦେବା । ଅବଶ୍ୟ ଜଣେ ଯଦି କୌଣସି ଏକ ବିପଦରେ ପଡ଼ିବ ବୋଲି ଆଶଙ୍କା କରି ତୁମର ପରାମର୍ଶ ମାଗିଲା, ତେବେ ତୁମ ପକ୍ଷରେ ତାହା ଅନିବାର୍ଯ୍ୟ ହୋଇପଡ଼େ । ତା'ହେଲେ ସୁଦ୍ଧା, କାହା ସମସ୍ୟାରେ ପଶିବା (ମା' ସ୍ମିତହାସ୍ୟ କରି କହିଲେ) ସବୁବେଳେ ବିଶେଷ ଫଳପ୍ରଦ ହୁଏ ନାହିଁ ।

ପ୍ରକୃତ କଥା ହେଲା, ହସ୍ତକ୍ଷେପ କରିବା ସେତିକିବେଳେ ସମୀଚୀନ ହେବ, ଯେତେବେଳେ ତୁମେ ନିଶ୍ଚିତ ଥିବ ଯେ ତୁମେ ସେ ସମସ୍ୟାର ସମାଧାନ ଠିକ୍ ଭାବେ ଜାଣିଛ । ସେତିକି କେବଳ ନୁହେଁ, ତା'ର ଫଳାଫଳ ସମ୍ବନ୍ଧେ ବି ତୁମର ସ୍ୱଷ୍ଟ ଦୃଷ୍ଟି ଥିବା ଆବଶ୍ୟକ । ଜଣକ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ହେଲେ ଜଣକୁ ମହାପୁରୁଷ ହେବାକୁ ପଡ଼ିବ, ମହାପୁରୁଷ । ଏବଂ ସେ ମହାପୁରୁଷ ପୁଣି ସଂପୂର୍ଣ୍ଣ ଭାବେ ସାଧୁ ଓ ଅନୁକମ୍ପାଶୀଳ ହୋଇଥିବା ଆବଶ୍ୟକ । ଯେ ହସ୍ତକ୍ଷେପ କରିବ, ତା'ର ଏପରି ଦିବ୍ୟଦୃଷ୍ଟି ଥିବା ଆବଶ୍ୟକ, ଯଦ୍ୱାରା ସେ ଜାଣିପାରିବ ଅନ୍ୟ ଲୋକଟିର ଭାଗ୍ୟରେ ତାହା କି ପ୍ରକାର ଫଳପ୍ରସବ କରିବ ।

# ଅନ୍ୟକୁ ବିଚାର କରିବା

ସବୁ ବିଷୟ ଉପରେ ଏବଂ ସବୁବେଳେ ଯଦି ତୁମର ଦୃଷ୍ଟି ଦିବ୍ୟଦୃଷ୍ଟି ନ ହୋଇଛି ତେବେ ଅନ୍ୟମାନେ କେଉଁ ଅବସ୍ଥାରେ ଅଛନ୍ତି, ସେ ସମ୍ବନ୍ଧେ ତୁମର କୌଣସି ମତାମତ ଦେବାର ଅଧିକାର ତ ନାହିଁ, ତୁମର କ୍ଷମତା ମଧ୍ୟ ସେଥିପାଇଁ ନାହିଁ ବୋଲି ବୁଝିବ । ସ୍ୱତଃସ୍ଫୂର୍ତ୍ତ ଭାବରେ ଓ ଅନାୟାସଭାବେ ଏହି ଦୃଷ୍ଟି ନ ଥାଇ କାହା ବିଷୟରେ ବିଚାର କରିବା ହେଉଛି ଅନୁମାନସର୍ବସ୍ୱ ବିଚାରର ନିଛକ ଉଦାହରଣ, ଶ୍ରୀଅରବିନ୍ଦ ଏବିଷୟରେ ବରାବର କହି ଆସିଛନ୍ତି... କଥାଟି ହେଲା – ଯାହାର ଦିବ୍ୟଦୃଷ୍ଟି ରହିଛି, ଚେତନା ରହିଛି, ଯେ କି ସବୁଠାରେ ସତ୍ୟକୁ ପ୍ରତ୍ୟକ୍ଷ କରିବାରେ ସକ୍ଷମ, ସେ ସ୍ୱଭାବତଃ କେବେ କାହା ଉପରେ କୌଣସି ବିଚାର ବା ସିଦ୍ଧାନ୍ତ କରି ବସେ ନାହିଁ କି ମତାମତ ଦେବାର ଆବଶ୍ୟକତା ଅନୁଭବ କରେ ନାହିଁ । କାରଣ ସେ ସବୁ ବୁଝିପାରେ ଓ ସବୁ ଜାଣେ । ସେଥିପାଇଁ, ସର୍ବଦା ସମସ୍ତଙ୍କ ପାଇଁ ଏହା ଏକ ସତ୍ୟ ଯେ, ତୁମେ ଏକଥାଟି ସବୁବେଳେ ନିଜକୁ କହିବ, ଯେଉଁ ମୁହୂର୍ତ୍ତରେ ତୁମେ କୌଣସି ବିଷୟ, ମଣିଷ କି ପରିସ୍ଥିତି ଉପରେ କିଛି ଗୋଟାଏ ମନ୍ତବ୍ୟ ଦେବାକୁ ଆରମ୍ଭ କର, ସେତେବେଳେ ତୁମେ ସମଗ୍ର ଭାବେ ମାନବୀୟ ଅଜ୍ଞାନ ଭିତରେ ରହିଥାଅ ।

ସଂକ୍ଷେପରେ କଥାଟିକୁ ଏହିପରି କୁହାଯାଇପାରେ – ଯେତେବେଳେ ଜଣେ ବୁଝିପାରେ, ସେତେବେଳେ ସେ ଆଉ ବିଚାର କରେ ନାହିଁ । ଏବଂ ଯେତେବେଳେ ଜଣେ ବିଚାର କରିବସେ, ସେତେବେଳେ ତା'ର ଅର୍ଥ ହେଲା – ସେ ଜାଣି ନାହିଁ ।

## ବିଚାର କରିବା ପାଇଁ ମଣିଷ ଅସମର୍ଥ

ସମସ୍ତଙ୍କ ପାଇଁ ଏକମାତ୍ର ଯଥାର୍ଥ ମନୋଭାବ ହେଲା, ଏକ ବିନୟ ଭାବ, ତୁମେ ଯାହା ଜାଣି ନାହଁ ତା' ପ୍ରତି ଏକ ନୀରବ ସମ୍ମାନଜନକ ଭାବ; ଏବଂ ଅଜ୍ଞାନ ଭିତରୁ ବାହାରି ଆସିବା ପାଇଁ ଏକ ଆନ୍ତର ଆସ୍ପୃହା । ମଣିଷଜାତିର ଅଗ୍ରଗତି ପାଇଁ ଯେତେ ସର୍ତ୍ତ ଅଛି, ତା' ଭିତରୁ ଗୋଟିଏ ସର୍ତ୍ତ ହେଲା, ଜଣେ ଯାହା ନ ଜାଣିଛି, ତାହା ପ୍ରତି ସମ୍ମାନବୋଧ ରଖିବା ଏବଂ ସଂପୂର୍ଣ୍ଣଭାବେ ସମ୍ମତ ହୋଇ ସେ ସ୍ୱୀକାର କରିବ ଯେ ଯେହେତୁ ସେ ଏକଥାଟି ଜାଣି ନାହିଁ, ସେହେତୁ ସେ ସମ୍ବନ୍ଧେ କିଛି ବିଚାର କରି ସେ ମନ୍ତବ୍ୟ ଦେଇପାରିବ ନାହିଁ । କିନ୍ତୁ ଆମେ ଠିକ୍ ଏହାର ବିପରୀତ ଆଚରଣ କରୁ । ଯେଉଁ ବିଷୟ ସମ୍ବନ୍ଧେ ଆମର କିଛି ଜ୍ଞାନ ନାହିଁ ସେ ବିଷୟ ଉପରେ ଆମେ ଶେଷ ସିଦ୍ଧାନ୍ତ ଦେଇପକାଉ, ଏବଂ ଏକ ଚୂଡ଼ାନ୍ତ ନିଷ୍ପତ୍ତି ଦେଲାଭଳି କହିଥାଉ, ''ଏଇଟା ସମ୍ଭବ, ସେଇଟା ଅସମ୍ଭବ ।'' ଅଥଚ ଆମେ ଯାହା ଉପରେ ଏଇ ମନ୍ତବ୍ୟ ଦେଉ, ତାହା କ'ଣ ଆମେ ଜାଣି ନ ଥାଉ । ଆମର ଯେଉଁ ବିଷୟରେ ଜ୍ଞାନ ନ ଥାଏ, ସେ ସମ୍ବନ୍ଧେ ଆମେ ସନ୍ଦେହ ରଖିଥାଉ, ତେଣୁ ସେ ସମ୍ବନ୍ଧେ ମନ୍ତବ୍ୟ ଦେଲାବେଳେ ଆମେ ଏକ ସବ୍‌ଜାନ୍ତା ହାମ୍‌ବଡ଼ା ଭାବ ଭଙ୍ଗୀ ଦେଖାଇଥାଉ ।

ଲୋକଙ୍କର ବିଶ୍ୱାସ ଯେ ସନ୍ଦେହ କରିବା ଏକ ଉଚ୍ଚତର ମାନସିକତାର ଲକ୍ଷଣ । କିନ୍ତୁ ଅସଲ କଥାଟି ହେଲା ଏଇ ଧରଣର ମନୋଭାବ ଏକ ହୀନମନ୍ୟତା ।

ସଂଶୟ ଓ ସନ୍ଦେହ ହେଲା ଜଣକର ଅଗ୍ରଗତି ପାଇଁ ଦୁଇଟି ବିରାଟ ପ୍ରତିବନ୍ଧକ; ଏ ଦୁଇଟିଯାକ ଅଜ୍ଞାନ ସଙ୍ଗେ ଏକ ଉଦ୍ଧତ ଆନୁମାନିକ ସିଦ୍ଧାନ୍ତକୁ ମିଶାଇ ଦିଅନ୍ତି ।

## ମାନସିକ ଦାମ୍ଭିକତା

ମୁଁ ଏପରି ମଣିଷ ଦେଖି ନାହିଁ ଯାହାର ମାନସିକ ଦାମ୍ଭିକତା ନାହିଁ। କେତେକଙ୍କର ହୁଏତ କମ୍ ଅଛି, ଆଉ କେତେକଙ୍କର ବେଶୀ ଅଛି, ଏବଂ ଆଉ କେତେକେ ଅଛନ୍ତି ଯେଉଁମାନେ ସଂପୂର୍ଣ୍ଣଭାବେ ଏହି ମାନସିକ ଦାମ୍ଭିକତାରେ ତିଆରି।... ମଣିଷର ମନ, ତା'ର ମୂଳ ପ୍ରକୃତିଟି ହେଲା ଦାମ୍ଭିକତା। ତା'ର ଧାରଣା ଯେ ସେ ସବୁ ଜାଣିପାରେ, ସେ କଳ୍ପନା କରେ ଯେ ସେ ବିଚାର କରିପାରେ, ଏବଂ ସବୁକଥା ଓ ସମସ୍ତଙ୍କ ଉପରେ ତା'ର ବିଚାରର ସିଦ୍ଧାନ୍ତ ଦେଇ ସେ କାଳ କ୍ଷେପଣ କରୁଥାଏ। ସେ ତୁମ ଭିତରେ ଥାଇ ତୁମ ନିଜର ଉପରେ, ଅନ୍ୟମାନଙ୍କ ଉପରେ ଓ ସବୁକିଛି ଉପରେ ସେ ତା'ର ସୈଦ୍ଧାନ୍ତିକ ମନ୍ତବ୍ୟ ଦେଇଚାଲେ ! ...

କିନ୍ତୁ ତୁମର କେବଳ ତୁମ ନିଜକୁ ଦେଖିବା ଉଚିତ ... ତୁମେ ନିଜକୁ ଦେଖିପାର ଓ ଦିନକୁ ଶହେଥର ତୁମେ ନିଜକୁ ଧରିପାର – କାହା ଦ୍ୱାରା ଧରିପାର ? ନିଜର ମନ ଦ୍ୱାରା; ଯେ କି ସବୁ ସ୍ଥିର ଓ ମୀମାଂସା କରିଦିଏ, ସବୁ ଜାଣିଯାଏ, ସବୁ ବିଚାର କରିପକାଏ – କ'ଣ ଭଲ କ'ଣ ମନ୍ଦ ସବୁ ଜାଣିଯାଏ, କ'ଣ ସତ, କଣ ମିଛ, କ'ଣ ଠିକ୍, ସବୁ ମଧ୍ୟ ବୁଝି ପକାଏ।...

ତୁମେ କେବଳ ତୁମ ନିଜକୁ ଦେଖିବା ଉଚିତ। ତୁମେ ଦେଖିବ, ତୁମେ ଠିକ୍ ସମୟରେ ତୁମକୁ ଠିକ୍ ଧରି ପକାଇଛ ... ସେମାନଙ୍କ କଥା ବା ଆଉ କ'ଣ କହିବା ଯେଉଁମାନେ ବହୁ ଆଗରୁ ଈଶ୍ୱରଙ୍କର ସବୁ ଭୁଲ୍ ଧରିପକାଇ ସାରିଛନ୍ତି ଏବଂ ସେମାନଙ୍କୁ ଯଦି ଏ ସୃଷ୍ଟି ତିଆରି କରିବାକୁ ଦିଆ ଯାଇଥା'ନ୍ତା, ତେବେ ସେମାନେ ଏ ପୃଥିବୀଟିକୁ କେଡ଼େ ସୁନ୍ଦର କରି ଗଢ଼ିଥୋଇ ଥା'ନ୍ତେ ତାହା ମଧ୍ୟ ସେମାନେ ଜାଣି ସାରିଛନ୍ତି !

# ବିଷୟସବୁର ପୂର୍ଣ୍ଣ ସାମଗ୍ରିକତା

ଈଶ୍ୱରଙ୍କୁ ଉପଲବ୍ଧି କରିବାକୁ ହେଲେ, ସବୁବିଷୟର ପୂର୍ଣ୍ଣ ସାମଗ୍ରିକତାକୁ ବୁଝିନେବା ଏକାନ୍ତ ଆବଶ୍ୟକ । ଯଦି ତୁମେ ଏଥିରୁ ଗୋଟିଏ ବାଦ୍ ଦେଇଦେବ, ତେବେ ତୁମର ଉପଲବ୍ଧିରେ ଗୋଟିଏ କଣା ରହିବ । ଅବଶ୍ୟ ମୁଁ କେବଳ ଜଡ଼ବସ୍ତୁ ବା ଜଡ଼ତତ୍ତ୍ୱ ଦୃଷ୍ଟିରୁ ଏକଥା କହୁ ନାହିଁ – ମୁଁ ସବୁକିଛିର ଗଭୀରତାରୁ ଏକଥା କହୁଛି । ସୁତରାଂ ବହୁଲୋକଙ୍କ ପରି ତୁମେ ଯେତେବେଳେ କୁହ – ‘‘ଆଃ ! ପୃଥିବୀରେ ଯଦି ସେ କଥାଟା ବା ସେଇଟା ନ ଥା’ନ୍ତା, ତେବେ ଏ ପୃଥିବୀ କେଡ଼େ ସୁନ୍ଦର ନ ହୋଇ ଥା’ନ୍ତା !’’– ଏକଥା କହିଲା ବେଳେ ତୁମେ କେବଳ ତୁମର ଅଜ୍ଞତାହିଁ ପ୍ରଦର୍ଶନ କରୁଛ ।

ମୁଁ ଜାପାନରେ ଟଲଷ୍ଟୟଙ୍କ (ବିଶ୍ୱ ବିଖ୍ୟାତ ରୁଷୀୟ ଲେଖକ) ପୁଅକୁ ଭେଟିଥିଲି । ସେ ମାନବୀୟ ଏକତା ସ୍ଥାପନ ପାଇଁ ସାରା ବିଶ୍ୱ ଭ୍ରମଣ କରି ପ୍ରଚାର କରୁଥିଲେ । ସେ ଏହି ଭାବଟି ତାଙ୍କ ବାପାଙ୍କଠାରୁ ଲାଭ କରିଥିଲେ ଏବଂ ସାରା ପୃଥିବୀରେ ଘୂରିଘୂରି ସେହି ମାନବ-ଏକତା ଭାବଟିକୁ ପ୍ରଚାର କରୁଥିଲେ । ତାଙ୍କ ସହ ମୋର ଜଣେ ବନ୍ଧୁଙ୍କ ଘରେ ଦେଖାହେଲା, ମୁଁ ତାଙ୍କୁ ପ୍ରଶ୍ନ କଲି – ‘‘ତୁମେ କିପରି ଏହି ମାନବ-ଐକ୍ୟ ପ୍ରତିଷ୍ଠା କରିବାକୁ ଯାଉଛ !’’ ସେ ମୋତେ କ’ଣ ଉତ୍ତର ଦେଲେ ଜାଣିଛ ? ସେ କହିଲେ – ‘‘ଓ ! ଏହା ଅତି ସରଳ କଥା – ଯଦି ପୃଥିବୀର ସବୁଲୋକେ ଗୋଟିଏ ଭାଷା କହନ୍ତେ, ଯଦି ସମସ୍ତେ ଗୋଟିଏ ପ୍ରକାର ପୋଷାକ ପିନ୍ଧନ୍ତେ, ଯଦି ସମସ୍ତେ ଏକା ରୀତିରେ ଚଳନ୍ତେ, ତା’ହେଲେ ସାରାପୃଥିବୀ ଏକ ହୋଇଯା’ନ୍ତା ।’’ ସେଇଠୁ ମୁଁ ତାଙ୍କୁ କହିଲି – ‘‘ତା’ହେଲେ ତୁମର ସେହି ଐକ୍ୟର ପୃଥିବୀଟି ଗୋଟିଏ ଦୀନ ପୃଥିବୀ । ଆଉ ସେଭଳି ଦରିଦ୍ର ପୃଥିବୀରେ ବାସ କରିବାକୁ ଭଲ ଲାଗିବ ନାହିଁ ।’’ ସେ ମୋ କଥା ବୁଝି ପାରିଲେ ନାହିଁ ।

# କିଛି ବା କାହାକୁ ବାଦ୍ ଦିଆଯାଇ ପାରେନା

ଜୀବନରେ ଯାହାକିଛି ଖରାପ ବୋଲି ବିବେଚିତ ହୁଏ, ତାହାକୁ ବାଦ୍ ଦେବାରେ ପୁଣ୍ୟବାଦୀମାନେ ସବୁତକ ସମୟ ଆଜି ପର୍ଯ୍ୟନ୍ତ ନଷ୍ଟ କରି ଆସିଛନ୍ତି । ଯଦି ପୃଥିବୀର ସବୁ ଦେଶର ପୁଣ୍ୟଗୁଡ଼ିକୁ କେବଳ ଏକାଠି ରଖାଯାଇଥା'ନ୍ତା – ତା'ହେଲେ ସଂସାରରେ ଆଉ ଖୁବ୍ ଅଳ୍ପ କିଛି ମାତ୍ର ଅବଶିଷ୍ଟ ରହନ୍ତା ।

ପୁଣ୍ୟ ଦାବିକରେ ଜୀବନର ପୂର୍ଣ୍ଣତା, କିନ୍ତୁ ଏଇ ପୂର୍ଣ୍ଣତା ହେଲା ଏକ ସାମଗ୍ରିକତା । ତେଣୁ ଏହି ଦୁଇଟି କର୍ମ ପରସ୍ପରର ବିରୁଦ୍ଧାଚରଣ କରେ । ପୁଣ୍ୟ କ'ଣ କରେ ନା, ଜୀବନରୁ ଅନେକ ବିଷୟକୁ ବାଦ୍ ଦିଏ, କମାଇ ଦିଏ, ସୀମାୟିତ କରିଦିଏ । ଅନ୍ୟପକ୍ଷରେ ପୂର୍ଣ୍ଣତା କ'ଣ କରେ ନା, ସବୁକୁ ଗ୍ରହଣ କରେ, କିଛିକୁ ବି ବାଦ୍ ଦେଇ ଦିଏନା, କିନ୍ତୁ ପ୍ରତିଟି କଥାକୁ ତା' ନିଜ ଜାଗାରେ ରଖେ , ତେଣୁ ପୁଣ୍ୟ ଓ ପୂର୍ଣ୍ଣତା କେହି କାହାକୁ ମାନି ପାରନ୍ତି ନାହିଁ ।...

ଜୀବନରେ କୌଣସି କିଛିକୁ ବାଦ୍ ଦିଆ ଯାଇ ପାରେନା, କେଉଁ କଥାକୁ ବି ବାଦ୍ ଦିଆଯାଇ ପାରେନା, କିନ୍ତୁ ସବୁକଥାକୁ ଅନ୍ୟସବୁ ସହିତ ସଙ୍ଗତି ରକ୍ଷାକରି ତା'ନିଜ ସ୍ଥାନରେ ରଖିବାକୁ ହେବ ଏବଂ ତା'ପରେ ଯେଉଁସବୁ ବିଷୟ ପୁଣ୍ୟବାଦୀମାନଙ୍କ ମନକୁ ଏତେ 'ମନ୍ଦ', ଏତେ 'ଦୂଷଣୀୟ', ଏତେ 'ଅଗ୍ରାହ୍ୟ' ବୋଲି ମନେ ହେଉଥିଲା ସେହିସବୁ ବିଷୟ ଏକ ପୂର୍ଣ୍ଣ ଦିବ୍ୟଜୀବନରେ (ଆଧ୍ୟାତ୍ମିକ ଜୀବନରେ) ମୁକ୍ତି ଓ ଆନନ୍ଦର ବସ୍ତୁ ହୋଇଯିବ । ଏବଂ ତା'ପରେ ଆମକୁ ଆଉ କିଛି ମଧ୍ୟ ପରମେଶ୍ୱରଙ୍କର ଏହି ଅତ୍ୟାଶ୍ଚର୍ଯ୍ୟ ହାସ୍ୟବିଭବକୁ ଜାଣିବାରେ, ବୁଝିବାରେ, ଅନୁଭବ କରିବାରେ ଓ ବଂଚିବାରେ ବାଧା ସୃଷ୍ଟି କରିପାରିବ ନାହିଁ । କାରଣ ପରମେଶ୍ୱର ତାଙ୍କର ଏହି ସୃଷ୍ଟି ଭିତର ଦେଇ ସର୍ବଦା ନିଜକୁ ଦେଖୁ ଅଛନ୍ତି ଏବଂ ତଦ୍ୱାରା ଅନନ୍ତ ଆନନ୍ଦ ପାଉଛନ୍ତି ଓ ତା'ରି ଭିତରେ ଅନନ୍ତ କାଳ ପର୍ଯ୍ୟନ୍ତ ବାସ କରୁଛନ୍ତି ।

## ଦିବ୍ୟହାସ୍ୟର ସୂର୍ଯ୍ୟ

ଏହି ଆହ୍ଲାଦ, ଏହି ଆଶ୍ଚର୍ଯ୍ୟ ହାସ୍ୟ ଜୀବନର ସମସ୍ତ ଛାୟାକୁ ଦୂରୀଭୂତ କରିଦିଏ – ସବୁ ଯନ୍ତ୍ରଣାକୁ ଉପଶମ କରିଦିଏ – ସମସ୍ତ ଦୁଃଖ ବେଦନାକୁ ପୋଛି ଦିଏ ! ତୁମକୁ କେବଳ ତୁମ ନିଜ ଅନ୍ତରର ଖୁବ୍ ଗଭୀରରେ ପ୍ରବେଶ କରିବାକୁ ହେବ । ସେଇଠାରେ ତୁମେ ଦେଖିବାକୁ ପାଇବ ସେହି ଆନ୍ତର ସୂର୍ଯ୍ୟଙ୍କୁ । ସେହି ସୂର୍ଯ୍ୟଙ୍କ କିରଣରେ ତୁମେ ନିଜକୁ ପ୍ଲାବିତ କରିଦିଅ । ତା'ପରେ ତୁମେ ଅନୁଭବ କରିବ – ତୁମ ଆଗରେ ଆଉ କିଛି ନାହିଁ – ଅଛି କେବଳ ସୁସଙ୍ଗତ ଧାରାରେ ବହିଯାଉଥିବା ଉଜ୍ଜ୍ୱଳ ସୂର୍ଯ୍ୟାଲୋକରେ ଝଲମଲ କରୁଥିବା ହାସ୍ୟର ଝରଣାଟିଏ । ତା'ଛଡ଼ା ଆଉ କୌଣସି ଛାୟା ବା ଯନ୍ତ୍ରଣାର ଚିହ୍ନ ବି ନ ଥିବ ।

ଏବଂ ଏହି ସୂର୍ଯ୍ୟ, ଦିବ୍ୟହାସ୍ୟର ଏହି ସୂର୍ଯ୍ୟ ସବୁ କଥାର କେନ୍ଦ୍ରରେହିଁ ରହିଛନ୍ତି । ତାହାହିଁ ସବୁର ଅସଲ ସତ୍ୟ : ସେହି ସୂର୍ଯ୍ୟଙ୍କୁ ଦେଖିବା ପାଇଁ, ଅନୁଭବ କରିବା ପାଇଁ ଓ ତାଙ୍କ ମଧ୍ୟରେ ବଞ୍ଚିବା ପାଇଁ ଆମକୁ ଶିକ୍ଷା କରିବାକୁ ହେବ ।

ଏବଂ ସେଥିପାଇଁ, ଯେଉଁ ଲୋକମାନେ ଜୀବନକୁ ଖୁବ୍ ଗୁରୁତ୍ୱ ଦେଇ ଗ୍ରହଣ କରନ୍ତି, ଆମେ ସେମାନଙ୍କଠାରୁ ଦୂରେଇ ରହିବା । କାରଣ, ସେମାନେ ଭାରି ବିରକ୍ତିକର ମଣିଷ ।

ଯେତେବେଳେ ଆନ୍ତର ପରିବେଶଟି ଖୁବ୍ ଗମ୍ଭୀର ହୋଇଉଠେ, ତୁମେ ନିଶ୍ଚିତ ଜାଣିବ ଯେ କେଉଁଠି କିଛି ଭୁଲ୍ ହୋଇ ଯାଇଛି । କିଛି ଗୋଟାଏ ଉପଦ୍ରବ କେଉଁଠୁ ପଶି ଆସିଛି, ଏବଂ ଏକ ପୁରାତନ ଅଭ୍ୟାସ ନିଜକୁ ପୁଣି ସାବ୍ୟସ୍ତ କରିବାକୁ ଜିଦ୍ କରୁଛି, କିନ୍ତୁ ତାହାକୁ ସ୍ୱୀକାର କରିବା ଉଚିତ ନୁହେଁ । ଏଇସବୁ ଅନୁତାପ, ଏଇସବୁ ବିମର୍ଷତା ହେଉଛି ନିଜକୁ ମୂଲ୍ୟହୀନ ମନେ କରିବା, ନିଜକୁ ଦୋଷୀ ବୋଲି ଭାବିବା, ଏବଂ ଆଉ ଟିକିଏ ଆଗକୁ ଗଲେ ଦେଖିବ ଯେପରି ଏକ ପାପବୋଧ ତୁମକୁ ଘାରୁଛି । ଓଃ ! ମୋ ମନେହୁଏ ଏଗୁଡ଼ିକ ହେଉଛି ଏକ ଭିନ୍ନ ଯୁଗର କଥା, ଏକ ଅନ୍ଧକାର ଯୁଗର କଥା ।

# ପ୍ରଭୁଙ୍କ ସହିତ ହସ

''କ'ଣ ? ଆଧ୍ୟାତ୍ମିକ ଅନୁଭୂତିର ବିଷୟ ରୂପେ କିପରି ତୁମେ ଏତେ କ୍ଷୁଦ୍ର ଆଉ ମାମୁଲି ବିଷୟସବୁକୁ ଗ୍ରହଣ କରିବ ?''– ଏହି ପ୍ରଶ୍ନ ପଚାରିବେ ଆଧ୍ୟାତ୍ମିକ ଜୀବନ ଅନୁସରଣ କରୁଛନ୍ତି ବୋଲି ଦାବି କରୁଥିବା ସାଧକମାନେ । କିନ୍ତୁ ତଥାପି ଏହି ଅଭିଜ୍ଞତାଟି (ମାନେ, ପ୍ରଭୁଙ୍କ ସହିତ ହସିବା ଅଭିଜ୍ଞତା) ମୋ ପାଖରେ ଅଧିକରୁ ଅଧିକ ବାସ୍ତବ ଓ ସତ୍ୟ ହୋଇ ଉଠିଛି, ଏପରିକି ଅଧିକ ଅଙ୍ଗେ ଲିଭାଇବାର ଅଭିଜ୍ଞତା ହୋଇ ଉଠିଛି । ଏହା ଠିକ୍ ନୁହେଁ ଯେ ''ଏପରି କିଛି ଜିନିଷ'' ଅଛି ଯାହା ଭିତରେ ଭଗବାନ ଅଛନ୍ତି ଏବଂ ''ଏପରି କିଛି ଜିନିଷ'' ଅଛି ଯାହା ଭିତରେ ସେ ନାହାନ୍ତି । ପ୍ରଭୁ ସର୍ବଦା ସର୍ବତ୍ର ରହିଛନ୍ତି । ସେ କୌଣସି ବିଷୟକୁ ଗୁରୁତର ଭାବେ ନିଅନ୍ତି ନାହିଁ । ସବୁ କଥା ତାଙ୍କୁ ଆମୋଦ ଦିଏ । ଏବଂ ତୁମେ ଯଦି ଖେଳି ଜାଣ, ତେବେ ସେ ତୁମ ସହିତ ମଧ୍ୟ ଖେଳିବେ । ତୁମେ କିନ୍ତୁ କିପରି ଖେଳିବାକୁ ହୁଏ ଜାଣ ନାହିଁ, ଲୋକେ ଖେଳି ଜାଣନ୍ତି ନାହିଁ । କିନ୍ତୁ ପ୍ରଭୁ କି ସୁନ୍ଦର ଭାବେ ଖେଳି ପାରନ୍ତି ! କି ଚମତ୍କାର ଖେଳ ସେ ନ ଖେଳନ୍ତି ! ସେ ସବୁ ସହିତ ଖେଳନ୍ତି । ଯେତେ ଛୋଟିଆ ହେଉପଛେ, ତା'ସଙ୍ଗେ ବି ସେ ଖେଳୁଥା'ନ୍ତି । ତୁମେ ତୁମ ଟେବୁଲ ଉପରେ ସବୁ ଜିନିଷ ଯାଥାଯଥ ସଜାଡ଼ି ରଖିଛ ? କେବେ ଭାବ ନାହିଁ ଯେ ତୁମେ ସବୁ କଥା ଠିକ୍ ଭାବରେ ଭାବିଚିନ୍ତି ସଜାଡ଼ି ରଖିବ । ନା – ଆମେ ଗୋଟିଏ ଜିନିଷ ଏଠି ରଖିଥିବା ଏବଂ ଆର ଜିନିଷଟିକୁ ସେଠି ଆଉଠାଏ ରଖିଥିବା ।... ଏବଂ ଆଉ ଗୋଟେବେଳେ ଆମେ ଦେଖିବା ଯେ, ଆମେ ଯେମିତି ସଜାଡ଼ିଥିଲୁ ତାହା ଆଉ ପ୍ରକାରେ ହୋଇ ଗଲାଣି ।... କି ଚମତ୍କାର ଖେଳ ଆଉ କୌତୁକ ତାଙ୍କର !!

ତେଣୁ ମାନିବାକୁ ହେବ ଯେ, ଆମେ କିପରି ପ୍ରଭୁଙ୍କ ସହିତ ହସିପାରିବା, ତାହା ଶିକ୍ଷା କରିବା ନିତାନ୍ତ ଉଚିତ ।

# ଖେଳ, ହସ ଓ ଉପଭୋଗ କର

ବୋଧହୁଏ, ପିଲାମାନଙ୍କର ସ୍ୱତଃସ୍ଫୂର୍ତ୍ତ ଖେଳରେ ଅଧିକ ଦିବ୍ୟତା ଅଛି । ବିଦ୍ୱାନ୍ ବ୍ୟକ୍ତିମାନଙ୍କର ବିଦ୍‌ବତ୍ତା ବା ସାଧୁସନ୍ଥମାନଙ୍କର କଠୋର ସାଧନା ଅପେକ୍ଷା ଏଥିରେ ବେଶୀ ଦିବ୍ୟତା ଅଛି । ମୁଁ ସବୁବେଳେ ଏକଥା ଭାବି ଆସିଛି । କେବଳ (ହସିହସି) ପିଲାମାନଙ୍କ ଖେଳରେ ଯେଉଁ ଦିବ୍ୟତା ଥାଏ, ପିଲାମାନେ ସେ ବିଷୟରେ ସଚେତନ ନ ଥା'ନ୍ତି ।

ମୋ କଥା କହୁଛି – ମୁଁ ଅବଶ୍ୟ ତୁମ ଆଗରେ ସ୍ୱୀକାର କରିବି ଯେ ମୁଁ ଯେତେବେଳେ ବେଶ୍ ହସଖୁସି ଅବସ୍ଥାରେ ଥାଏ, ମୋ ନିଜ ରୀତିରେ ଖେଳି ଚାଲିଥାଏ, ସେତେବେଳେ ଅନେକ ଅଧିକ ପୂର୍ଣ୍ଣ ଭାବରେ ମୁଁ ନିଜେ ହୋଇ ରହିଛି ବୋଲି, ଅର୍ଥାତ୍ ମୋ ନିଜ ସ୍ୱରୂପ ଓ ସତ୍ତା ସହ ଏକ ହୋଇ ରହିଛି ବୋଲି ଅନୁଭବ କରେ । କିନ୍ତୁ ମୁଁ ଯେତେବେଳେ ଖୁବ୍ ଗମ୍ଭୀର ଓ ଖୁବ୍ ଭାରାକ୍ରାନ୍ତ ହୋଇ ରହିଥାଏ ସେତେବେଳେ ସେ ଅବସ୍ଥା ଆଉ ନ ଥାଏ । ଗମ୍ଭୀର ଆଉ ଭାରାକ୍ରାନ୍ତ ଏ ଦୁଇଟା ଅବସ୍ଥାରେ ଥିଲାବେଳେ ମୋର ଆଶଙ୍କା ହୁଏ, ମୁଁ ସତେକି ଏ ସୃଷ୍ଟିର ସମସ୍ତ ଓଜନ ମୋ ଉପରକୁ ଟାଣି ଆଣୁଛି ! ଏବଂ ଏ ଓଜନ ଏତେ ଦୁର୍ଭାର ଆଉ ଏତେ ଅସ୍ୱସ୍ତି ଯେ – ବରଂ ମୁଁ ଯେତେବେଳେ ଖେଳୁଥାଏ – ମୋ ଖେଳିବା ଅବସ୍ଥାରେ – ଯେତେବେଳେ ମୁଁ ହସିପାରେ, ନିଜକୁ ଉପଭୋଗ କରିପାରେ – ସେତେବେଳେ ମୋର ଅନୁଭବ ହୁଏ ଆନନ୍ଦର ଅତି ସୂକ୍ଷ୍ମ ପାତଳ ପାଉଡର୍ ଊର୍ଦ୍ଧ୍ୱରୁ ମୋ ଉପରେ ବୃଷ୍ଟି ହେଉଛି । ଏବଂ ଏହି ସୃଷ୍ଟିକୁ, ଏହି ପୃଥିବୀକୁ ଏକ ବିଶେଷ ରଂଗରେ ରଂଜିତ କରି ଦେଉଛି ଏବଂ ସୃଷ୍ଟିକୁ ଓ ଜୀବନକୁ ତା'ର ମୂଳ ସତ୍ୟ ଆଡ଼କୁ ନିକଟେଇ ଆଣୁଛି ।

# ଶୁଦ୍ଧତା ପାଇଁ ଇଚ୍ଛା

ମୂଳତଃ, ଲୋକମାନଙ୍କ ମଧ୍ୟରେ ଶୁଦ୍ଧ ଓ ଉତ୍ତମ ହେବାର ଏହି ପ୍ରକାର ସଂକଳ୍ପ ସାଧାରଣ ମନ କ୍ଷେତ୍ରରେ ପୁଣ୍ୟବାନ୍ ଧର୍ମପରାୟଣ ହେବାର ଆବଶ୍ୟକତା ରୂପେ ପ୍ରକାଶ ପାଇଥାଏ । ଏହା ପ୍ରକୃତରେ ତୁମର ଆତ୍ମ-ଦାନ ପଥରେ ଏକ ବିରାଟ ପ୍ରତିବନ୍ଧକ ହୋଇ ଠିଆହୁଏ । ଏହାରି ଭିତରୁ ଜନ୍ମ ନିଏ ମିଥ୍ୟା ଏବଂ ଅଧିକନ୍ତୁ ଏହାରି ଭିତରୁହିଁ ଜନ୍ମ ନିଏ କପଟତା – ଏହି ଧରଣର ଲୋକମାନେ ଜଗତର ନାନାଦି ବାଧାବିଘ୍ନ ଓ ଅସୁବିଧାଗୁଡ଼ିକରୁ ଆପଣା ଅଂଶ ଆପଣା କାନ୍ଧକୁ ନିଅନ୍ତି ନାହିଁ ...

କେବେବି ନିଜକୁ ପୁଣ୍ୟବାନ୍ ରୂପେ ଦେଖାଇ ହେବାକୁ ଚେଷ୍ଟାକର ନାହିଁ । ଦେଖ – ତୁମେ କେତେଦୂର ଜଗତର ସେହି ଅଦିବ୍ୟ ବିଷୟଗୁଡ଼ିକ ସହିତ ଯୁକ୍ତ ହୋଇ ରହିଛ, ସଂଶ୍ଳିଷ୍ଟ ଓ ଏକ ହୋଇ ରହିଛ । ଏହି ବିରାଟ ବୋଝରୁ ତୁମେ ତୁମ ଭାଗଟିକୁ ନିଜ ଉପରକୁ ନିଅ, ନିଜ ଭିତରେ ମଧ୍ୟ ତୁମର ଯେଉଁ ଅଶୁଦ୍ଧତା, ମିଥ୍ୟାଚାରାଦି ରହିଛି ତାକୁ ସ୍ୱୀକାର କର ଏବଂ ଏହି ଉପାୟରେ ତୁମେ ସେହି ମିଥ୍ୟା ଓ ଅଶୁଦ୍ଧତାର ଛାୟାକୁ ନିଜ ଉପରକୁ ନେବାକୁ ସକ୍ଷମ ହେବ ଏବଂ ତାହାକୁ ନିଜ ହାତରେ ପ୍ରଭୁଙ୍କୁ ନିବେଦନ କରିପାରିବ । ଏବଂ ଯେଉଁ ପରିମାଣରେ ତୁମେ ଏହାକୁ ଗ୍ରହଣ କରି ପାରିବ, ଓ ପ୍ରଭୁଙ୍କ ପାଖେ ସମର୍ପଣ କରିପାରିବ, ସେହି ପରିମାଣରେ ମଧ୍ୟ ଏ ଜଗତର ସବୁ ମିଥ୍ୟା ଓ ଅଶୁଦ୍ଧତା ପରିବର୍ତ୍ତିତ ହୋଇ ଚାଲିବ ।

ଶୁଦ୍ଧ ପବିତ୍ର ଲୋକମାନଙ୍କ ମଧ୍ୟରେ ସେମାନଙ୍କ ଦଳଭୁକ୍ତ ହୋଇରହିବାକୁ ଚେଷ୍ଟା କର ନାହିଁ । ଯେଉଁମାନେ ଅନ୍ଧକାର ମଧ୍ୟରେ ଅଛନ୍ତି ତୁମେ ସେହି ଦଳରେ ବୋଲି ଗ୍ରହଣ କରିନିଅ ଏବଂ ସେସବୁକୁ (ଅନ୍ଧକାରମୟ ଗତିବୃତ୍ତିକୁ) ପରିପୂର୍ଣ୍ଣ ପ୍ରେମର ସହିତ ଭଗବାନଙ୍କୁ ନିବେଦନ କର ।

# ସାମଗ୍ରିକ ଶୁଦ୍ଧତା

ଜଣେ ସତକୁସତ ସଂପୂର୍ଣ୍ଣଭାବେ ଶୁଦ୍ଧ ହୁଏ, ଯେତେବେଳେ ତା'ର ସମଗ୍ର ସତ୍ତା, ତା'ର ସମସ୍ତ ଉପାଦାନ ଓ ଗତିବୃତ୍ତି ସହିତ ଈଶ୍ୱରଙ୍କ ଇଚ୍ଛାକୁ ସଂପୂର୍ଣ୍ଣଭାବେ ଓ ଏକକ ଭାବେ ଧରିରଖେ ବା ଗ୍ରହଣ କରିନିଏ। ଏହାହିଁ ପ୍ରକୃତରେ ପୂର୍ଣ୍ଣ, ସାମଗ୍ରିକ ଶୁଦ୍ଧତା। ଏହା କୌଣସି ନୈତିକ ବା ସାମାଜିକ ନୀତି ନିୟମ ଉପରେ ନିର୍ଭର କରେ ନାହିଁ କିଂବା କୌଣସି ମାନସିକ ଚଳଣି ଉପରେ ବି ନିର୍ଭର କରେ ନାହିଁ। ଏକକ ଭାବେ ଏହା ନିର୍ଭର କରେ – ଯେତେବେଳେ ସତ୍ତାର ବୃତ୍ତି ସକଳ ଓ ଗତି ସକଳ ସଂପୂର୍ଣ୍ଣ ଭାବେ ଓ ସାମଗ୍ରିକ ଭାବରେ ଈଶ୍ୱରଙ୍କ ଇଚ୍ଛାକୁ ବରଣ କରିନିଏ ...

ଯେତେବେଳେ ତୁମେ ଶୁଦ୍ଧତା ବା ପବିତ୍ରତା କଥା କୁହ, ସେତେବେଳେ ନୈତିକତାର ଏକ କୀର୍ତ୍ତି-ସ୍ତମ୍ଭ ତୁମ ଆଗରେ ଠିଆ ହୋଇଯାଏ ଏବଂ ତୁମର ଧାରଣାକୁ ମିଥ୍ୟାରେ ପରିଣତ କରିଦିଏ। ଏବଂ ମନେରଖ – ସାମାଜିକ ଦୃଷ୍ଟିକୋଣରୁ ନୀତିବାନ୍ ହେବା, ଆଧ୍ୟାତ୍ମିକ ଦୃଷ୍ଟିରୁ ନୀତିବାନ୍ ହେବା ଅପେକ୍ଷା ଅନନ୍ତ ଗୁଣରେ ସହଜତର। ସାମାଜିକ ଦୃଷ୍ଟିରୁ ନୀତିବାନ୍ ହେବା ଅର୍ଥ – ଅନ୍ୟମାନେ ଯାହା ଅନୁମୋଦନ ନ କରନ୍ତି ସେଗୁଡ଼ିକୁ ନ କରିବା। ଏହା ଟିକିଏ କଷ୍ଟକର ମନେ ହୋଇପାରେ। କିନ୍ତୁ ତଥାପି ଏହା ଏପରି କିଛି ଅସମ୍ଭବ ନୁହେଁ। କିନ୍ତୁ ମୁଁ ଯେପରି କହିଲି – ଜଣେ ସାମାଜିକ ଦୃଷ୍ଟିରୁ ନୀତିବାନ୍ ଲୋକ ତା' ନିଜ ଭିତରେ ନିଷ୍ଠାହୀନତାର ଓ ଅଶୁଦ୍ଧତାର ଏକ କୀର୍ତ୍ତିସ୍ତମ୍ଭ ହୋଇ ଥାଇପାରେ। ଅଥଚ ଅନ୍ୟପକ୍ଷରେ, ଆଧ୍ୟାତ୍ମିକ ଦୃଷ୍ଟିରୁ ଶୁଦ୍ଧତା ଅର୍ଜନ କରିଥିବା ବ୍ୟକ୍ତିଟି ସର୍ବଦା ସତର୍କ ରହିଥାଏ – ସଚେତନ ରହିଥାଏ ଏବଂ ଏପରି ନିଷ୍ଠାପର ରହିଥାଏ ଯେ ସେ ସବୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯାଉଥାଏ।

## ମାନ୍ୟଗଣ୍ୟ ଲୋକେ

ମୁଁ ବର୍ତ୍ତମାନ ତୁମକୁ ଗୋଟିଏ ବିଷୟରେ ସତର୍କକରି ଦେଉଛି ... ଅନେକ ଲୋକ ସେମାନଙ୍କର ପ୍ରାଣିକଚେତନା ଭିତରେ ଥାଇ (ଦମ୍ଭର ସହିତ) କହିବାର ଶୁଣାଯାଏ – ''ମୁଁ ତୁମର ଏଇ ସବୁ ନୈତିକ ନୀତି ନିୟମର ଊର୍ଦ୍ଧ୍ୱରେ । ମୁଁ ଏକ ଊର୍ଦ୍ଧ୍ୱତର ନୀତିକୁ ଅନୁସରଣ କରେ, ମୁଁ ତୁମର ଏଇ ସବୁ ଆଦର୍ଶଗତ ନୀତି ନିୟମର ଗଣ୍ଡି ଭିତରୁ ମୁକ୍ତ ।'' ଏଇ ଲୋକମାନେ ଏପରି କହନ୍ତି – କାରଣ ସେମାନେ ଯାବତୀୟ ଅକାର୍ଯ୍ୟରେ ଲିପ୍ତ ହେବାକୁ ଚାହାନ୍ତି । ତେଣୁ ଏହି ଲୋକମାନଙ୍କର ଥାଏ ଦ୍ୱିଗୁଣ ଅଶୁଦ୍ଧତା । ସେମାନେ ଆଧାତ୍ମିକ ଦୃଷ୍ଟିରୁ ଅଶୁଦ୍ଧ ଏବଂ ତା'ସାଙ୍ଗକୁ ମଧ୍ୟ ସାମାଜିକ ଦୃଷ୍ଟିରୁ ଅଶୁଦ୍ଧ ...

ତଥାପି, ସାଧାରଣତଃ ମୁଁ ଦେଖିଛି ଯେଉଁ ଲୋକଙ୍କୁ ପରିବର୍ତ୍ତନ କରିବା କଷ୍ଟକର, ସେମାନେ ହେଲେ ଖୁବ୍ ଗଣ୍ୟମାନ୍ୟ ବ୍ୟକ୍ତି । ମୁଁ ଦୁଃଖିତ । କିନ୍ତୁ ସତରେ ଏଇ ଗଣ୍ୟମାନ୍ୟମାନଙ୍କୁ ପରିବର୍ତ୍ତନ କରିବା ସାଧାରଣ ଲୋକଙ୍କୁ ପରିବର୍ତ୍ତନ କରିବା ଅପେକ୍ଷା ଅଧିକ କଷ୍ଟକର । କାରଣ, ଏହି ମାନ୍ୟଗଣ୍ୟ ଲୋକମାନେ ନିଜ ଉପରେ ଏତେଦୂର ଉଚ୍ଚଧାରଣା ପୋଷଣ କରିଥା'ନ୍ତି ଯେ, ସେମାନଙ୍କୁ ଖୋଲିଦେବା ଅସମ୍ଭବ ମନେହୁଏ । ସତକଥାଟି କରିବା କଷ୍ଟକର ନିଶ୍ଚୟ । ତୁମକୁ ସର୍ବଦା ଖୁବ୍ ସତର୍କ, ଜାଗ୍ରତ, ସଂଯତ, ଧୈର୍ଯ୍ୟବାନ୍ ଓ ନିରବଚ୍ଛିନ୍ନଭାବେ ସଦିଚ୍ଛାପରାୟଣ ହୋଇ ରହିବାକୁ ପଡ଼ିବ । ଏତିକି ଟିକିଏ ବିନମ୍ରତାରେ ଚଳିବ ନାହିଁ, ତୁମକୁ ସଂପୂର୍ଣ୍ଣ ଭାବେ ନମନୀୟ ଓ ନମ୍ର ରହିବାକୁ ପଡ଼ିବ । ତୁମର ଯେତିକି ନିଷ୍ଠା ଅଛି ସେତିକି ନେଇ ମଧ୍ୟ ସନ୍ତୁଷ୍ଟ ରହିବା ଉଚିତ ନୁହେଁ । ତୁମକୁ ଅଧିକରୁ ଅଧିକ ସଂପୂର୍ଣ୍ଣ ନିଷ୍ଠାବାନ୍ ହେବା ପାଇଁ ସର୍ବଦା ଆଗ୍ରହ ପୋଷଣ କରିବାକୁ ପଡ଼ିବ ।

# ମୁକ୍ତ ହେବାର ଅଧିକାର

ମାନବୀୟ ଆବେଗ ପ୍ରବୃତ୍ତିର ଉର୍ଦ୍ଧ୍ୱରେ ରହିଥିବା ଉଚ୍ଚତର ସ୍ତରକୁ ଉଠିଯିବା ଦ୍ୱାରା ଜଣେ ମୁକ୍ତ ହୋଇପାରେ । ଯେତେବେଳେ ପ୍ରକୃତରେ ଜଣେ ଉର୍ଦ୍ଧ୍ୱତର, ନିଃସ୍ୱାର୍ଥ ସ୍ୱାଧୀନତା ଅର୍ଜନ କରିପାରିଛି ଏବଂ ତା'ର କାମନାବାସନାଦି ପ୍ରବେଗଗୁଡ଼ିକୁ ଦୂରୀଭୂତ କରିପାରିଛି – ସେତିକିବେଳେହିଁ ପ୍ରକୃତରେ ସେ ମୁକ୍ତ ହେବାର ଅଧିକାର ପାଇଛି ...

ଯେ ଆଇନ୍ ବା ନୀତି ଭଙ୍ଗ କରିବାକୁ ଚାହେଁ – ତାକୁ ନିଶ୍ଚୟ ଆଇନ୍ ବା ନୀତିର ଉର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ । ଯେକେହି ପରଂପରା ଭାଙ୍ଗିବାକୁ ଚାହେଁ, ତାକୁ ପରଂପରାର ଉର୍ଦ୍ଧ୍ୱକୁ ଯିବାକୁ ପଡ଼ିବ । ଯେ ସବୁ ନିୟମକୁ ନିନ୍ଦା କରୁଛି – ତାକୁ ଆଗ ସବୁନିୟମର ଉର୍ଦ୍ଧ୍ୱରେ ରହିବାକୁ ପଡ଼ିବ । ଏବଂ ଏହି ମୁକ୍ତିପାଇବାର ଉଦ୍ଦେଶ୍ୟ କେବେହେଲେ ବି ବ୍ୟକ୍ତିଗତ ବା ଅହଂକେନ୍ଦ୍ରିକ ହେବା ଉଚିତ ନୁହେଁ : ତୁମର ଉଚ୍ଚାକାଂକ୍ଷାକୁ ଚରିତାର୍ଥ କରିବା ପାଇଁ, ତୁମ ନିଜ ବ୍ୟକ୍ତିତ୍ୱର ଆସ୍ଫାଳନକୁ ଜାହିର କରିବା ପାଇଁ, ନିଜର ଉଚ୍ଚମନ୍ୟତାର ପ୍ରତିଷ୍ଠା ପାଇଁ, ଅନ୍ୟମାନଙ୍କୁ ନିମ୍ନ ଦୃଷ୍ଟିରେ ଦେଖିବା ପାଇଁ, ଗୋଷ୍ଠୀଠାରୁ ନିଜକୁ ଉଚ୍ଚାବୋଲି ପ୍ରତିପାଦନ କରିବା ପାଇଁ ଓ ସମସ୍ତଙ୍କୁ ଅନୁକମ୍ପା ପ୍ରଦର୍ଶନ କରିବା ପାଇଁ କେହି ମୁକ୍ତି ବା ସ୍ୱାଧୀନତା ବାଂଛା କରିବା ଉଚିତ ନୁହଁ । ନିଜକୁ ଜଗିରଖ, ଯେପରି କେବେହେଲେ ବି ତୁମେ ନିଜକୁ ଅନ୍ୟମାନଙ୍କଠାରୁ ଉଚ୍ଚତର ବୋଲି ଭାବିବ ନାହିଁ – ଏବଂ ଆଉ ସମସ୍ତଙ୍କୁ ବିଦ୍ରୂପାତ୍ମକ ଦୃଷ୍ଟିରେ ଛୋଟ ବୋଲି ଭାବିବ ନାହିଁ । କେବେ କହିବ ନାହିଁ – ''ମୁଁ ଏଇସବୁ ନୀଚ ଉପାଦାନ ମାନ ନେଇ ଜନ୍ମ ହୋଇ ନାହିଁ ।'' ଯେତେବେଳେ ତୁମ ଭିତରେ ଏହିପରି ଭାବ ଆସିବ – ତେବେ ଜାଣିବ ଯେ, ତୁମେ ପଥଚ୍ୟୁତ ହେବାକୁ ଆରମ୍ଭ କଲଣି ଓ ଏକ ଗର୍ତ୍ତ ଭିତରେ ପଡ଼ିବାର ବିପଦ ଦେଖାଗଲାଣି ।

# ସ୍ୱାଧୀନତା : ଅମିତାଚାର ନୁହେଁ

ନୈତିକ ପରିପୂର୍ଣ୍ଣତାର ସ୍ତରକୁ ଉତ୍ତୀର୍ଣ୍ଣ ନ ହୋଇ ଯଦି କେହି ଅନ୍ୟପାରିକୁ ଯାଇପାରିବ ବୋଲି କଳ୍ପନା କରୁଥାଏ, ତେବେ ସେ ଏକ ମହାପ୍ରମାଦଜନିତ ବିପଦର ସମ୍ମୁଖୀନ ହେବ । ଏବଂ ତା'ର ନିମ୍ନପ୍ରକୃତିର ତାଡ଼ନାରେ ଜୀବନକୁ ମୁକ୍ତଭାବେ ବଞ୍ଚିବାଟାକୁ ସେ ଭାବିନେବ ଯେ, ଏହାହିଁ ହେଉଛି ଯଥାର୍ଥ ମୁକ୍ତି ।

ମଣିଷର ମାନସିକ ସତ୍ତା ଯେତେ ପୂର୍ଣ୍ଣ ହୋଇଥାଉ, ବା ଯେତେ ବୈଶିଷ୍ଟ୍ୟପୂର୍ଣ୍ଣ ହୋଇଥାଉ ପଛକେ, କିଛି କାଳ ଲାଗି ସେ ଯଦି ଏହି ନୈତିକ ପରିପୂର୍ଣ୍ଣତାର ଆଦର୍ଶକୁ ଉପଲବ୍ଧି ନ କରିଛି, ଯେତେ କମ୍ ସମୟ ପାଇଁ ହେଉ ପଛେ, ତେବେ ସେ ତା'ର ମାନସିକ ସିଦ୍ଧି ବା ଶକ୍ତିବଳରେ କେବେ ବି ଆଧ୍ୟାତ୍ମିକ ଜୀବନ ଭିତରକୁ ସିଧା ପ୍ରବେଶ କରି ପାରିବ ନାହିଁ । ଅନେକ ବ୍ୟକ୍ତି ଚାହାନ୍ତି ସିଧାସଳଖ ଆଧ୍ୟାତ୍ମିକ ଜୀବନ ଭିତରକୁ ପଶିଯିବେ । ଏବଂ ତାଙ୍କ ବାହ୍ୟପ୍ରକୃତିରେ ଥିବା ଦୁର୍ବଳତାଗୁଡ଼ିକୁ ଜୟ ନ କରି ସେମାନଙ୍କର ଆନ୍ତର ସ୍ୱାଧୀନତାକୁ ଜାହିର୍ କରିବେ । ସେମାନେ ନିଶ୍ଚୟ ସେମାନଙ୍କ ଅଧଃପତନର ବିପଦକୁ ଡାକି ଆଣନ୍ତି । ପ୍ରକୃତ ଆଧ୍ୟାତ୍ମିକ ଜୀବନ ଓ ସଂପୂର୍ଣ୍ଣ ମୁକ୍ତି ବା ସ୍ୱାଧୀନତା, ସର୍ବୋଚ୍ଚ ନୈତିକ ଉପଲବ୍ଧି ଅପେକ୍ଷା ବହୁତ ଉଚ୍ଚତର ଜୀବନ ନିଶ୍ଚୟ । କିନ୍ତୁ କେହି ଭାବିବା ଉଚିତ ନୁହେଁ ଏବଂ ସେଥିଲାଗି ଖୁବ୍ ସାବଧାନ ହେବା ମଧ୍ୟ ଉଚିତ ଯେ, ଏହି ତଥାକଥିତ ମୁକ୍ତି ବା ସ୍ୱାଧୀନତା ଅର୍ଥ ନୁହେଁ ଅନାଚାର ବା ଅମିତାଚାରର ସ୍ୱାଧୀନତା କିଂବା ସବୁ ନୀତି-ନିୟମକୁ ଜଳାଞ୍ଜଳି ଦେବାର ସ୍ୱାଧୀନତା ।

# ନିଜ ବାଟରେ ଚାଲ

କେବଳ ଗୋଟିଏ ଜିନିଷ ଅଛି ଯାହାକି **କୌଣସି କିଛିକୁ** ଖାତିର୍ ନ କରି ସିଧା ସଳଖ ତୁମ ନିଜ ବାଟରେ ଚାଲିଯିବାର ଅଧିକାର ତୁମକୁ ଦେଇଥାଏ, ତାହାହେଲା – ଯଦି ତୁମେ ଏକ ଉଚ୍ଚତର ସତ୍ୟ ଦ୍ୱାରା ଅନୁପ୍ରେରିତ ହୋଇ ସେହି ବାଟଟି ଧରିଛ ଓ ସେଇ ବାଟରେ ଚାଲିଛ । କିନ୍ତୁ ତୁମକୁ ସେ ସମ୍ବନ୍ଧେ ଖୁବ୍ **ନିଶ୍ଚିତ** ହେବାକୁ ପଡ଼ିବ । ତୁମେ କେବେ ତୁମର କାମନା ବାସନାକୁ ଉଚ୍ଚତର ସତ୍ୟ ବୋଲି ଗ୍ରହଣ କରିବ ନାହିଁ, ଏକଥାଟି ବୁଝିରଖ, ଯେ ଏସବୁ ବ୍ୟାପାରରେ ଜଣେ ଖୁବ୍ ସହଜରେ ଭୁଲ୍ କରି ବସେ । ତୁମର ଏହା ଜାଣିବା ଉଚିତ ଏବଂ ତୁମେ ସତକୁ ସତ ଉଚ୍ଚତର ସତ୍ୟ ଦ୍ୱାରା ଅନୁପ୍ରାଣିତ ହୋଇଛ ବୋଲି ତା'ର ଯଥାର୍ଥ ପ୍ରମାଣ ମଧ ତୁମ ପାଖେ ଥିବା ଉଚିତ ଏବଂ ଏକଥା ଜାଣି ରଖ ଯେ, ଏପରି ନିଜପଥରେ ଚାଲିବା ପ୍ରେରଣାଟି ତୁମକୁ ବ୍ୟକ୍ତିଗତ ଭାବେ ଆଦୌ ସ୍ପର୍ଶକରୁ ନାହିଁ । ଯଦି ତୁମେ ଏହା ଉପରେ ସାମାନ୍ୟ ମାତ୍ର ଆସକ୍ତ ହୋଇଥିବ, ହୁଏତ ଏ ବାଟରେ ନ ହେଲେ ଅନ୍ୟ ବାଟରେ ହୋଇଥିବ, ତେବେ ନିଜ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖ ଏବଂ ଏହା ଉଚ୍ଚତର ସତ୍ୟ ଏବଂ ସତ୍ୟର ପ୍ରକାଶ ବୋଲି ନିଶ୍ଚିତ ହେବା ପୂର୍ବରୁ ଦୁଇଥର ଚିନ୍ତା କର ।

ଅବଶ୍ୟ – ଏପରି ସବୁ ଉଦାହରଣ ରହିଛି – ''**ଏ କଥାଟା** ନିଶ୍ଚୟ କରାଯିବ; ଏହାହିଁ ଯଥାର୍ଥରେ ସତ୍ୟ'' । ଏହିପରି ଅନ୍ତରାଦେଶ ଯଦି ଜଣେ ପାଇବ, ତେବେ ଜଣେ ତା'ର କୌଣସି ବିରୋଧକୁ ଭ୍ରୂକ୍ଷେପ ନ କରି, ସିଧାସଳଖ ତା' ବାଟରେ ଆଗେଇଯିବ, ସେ ଆଉ କୌଣସି ପରିସ୍ଥିତି ବା ଫଳାଫଳକୁ ଖାତିର୍ କରିବ ନାହିଁ । କିନ୍ତୁ ଜଣଙ୍କର ଏଥିପାଇଁ ଅଧିକାର ଥିଲେ ଯାଇ ସେ ଏହା କରିପାରିବ; ଅର୍ଥାତ୍, ଯେତେବେଳେ ଭଗବାନ ତୁମ ମଧରେ କାର୍ଯ୍ୟ କରୁଥିବେ ସେତେବେଳେ **ଅନ୍ୟ କୌଣସି**କୁ ପରବାୟ ନ କରି କେବଳ ଭଗବାନଙ୍କ ଇଚ୍ଛାକୁ ଗ୍ରହଣ କରିନେବ ।

# ଜଣେ ମୁକ୍ତ ମଣିଷ ହେବା ସଂପର୍କରେ

ଜଣେ କିଛି କାର୍ଯ୍ୟ କରିବା ପାଇଁ ହେଲେ, ତାକୁ ଭଗବତ୍ ପ୍ରେରଣା ଅବଶ୍ୟ ପାଇବାକୁ ହେବ । ଏହା ଆବଶ୍ୟକ । କୌଣସି ଅଭ୍ୟାସର ବଶବର୍ତ୍ତୀ ହୋଇ, ନିଜର ପ୍ରାଣିକ ଆବେଗଗୁଡ଼ିକ ଦ୍ୱାରା ପରିଚାଳିତ ହୋଇ, ସବୁପ୍ରକାର ପ୍ରାଣିକ ପ୍ରବେଗ ଦ୍ୱାରା ପ୍ରଣୋଦିତ ହୋଇ, ଏବଂ ଅନ୍ୟଠାରୁ ଆସିଥିବା ବ୍ୟକ୍ତିଗତ ଇଚ୍ଛାଗୁଡ଼ିକ ଦ୍ୱାରା ପରିଚାଳିତ ହୋଇ, ଯାହା ତାକୁ ସେଇକାମ କରିବାକୁ ପ୍ରବର୍ତ୍ତାଇ ଥାଏ – ତା' ନ ହେଲେ ସେ ତାହା କରି ନ ଥା'ନ୍ତା, ଏହି ଅବସ୍ଥାରେ ଜଣେ କୌଣସି କାର୍ଯ୍ୟରେ ହାତ ଦେବା ଆଦୌ ଉଚିତ ନୁହେଁ ।

ଜଣେ ଏହିସବୁ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବା ଉଚିତ, ଏସବୁକୁ ଏକାଗ୍ର ଭାବେ ପର୍ଯ୍ୟବେକ୍ଷଣ କରି ଏଗୁଡ଼ିକୁ ଗୋଟି ଗୋଟି କରି ଦିବ୍ୟସତ୍ୟ ଆଗରେ ରଖିବା ଉଚିତ । ଅବଶ୍ୟ ସେ ଦିବ୍ୟସତ୍ୟକୁ ଯେତିକି ପରିମାଣରେ ଉପଲବ୍ଧି ବା ଗ୍ରହଣ କରିଥାଏ, ଏହା ସେହି ଅନୁଯାୟୀ ହିଁ ହେବ । କାରଣ ସତ୍ୟର ଏହି ଉପଲବ୍ଧି ସ୍ଥାଣୁ ନୁହେଁ, ଏହା ଗତିଶୀଳ । ତେଣୁ ଜଣେ ଏହାକୁ ଗ୍ରହଣ କରିଥାଏ କ୍ରମଶଃ ଅଧିକରୁ ଅଧିକ ଶୁଦ୍ଧ ରୂପରେ, ଅଧିକରୁ ଅଧିକ ଶକ୍ତିସମ୍ପନ୍ନ ଆକାରରେ, ଅଧିକରୁ ଅଧିକ ସ୍ୱଚ୍ଛ ଦୃଷ୍ଟି ନେଇ । ତୁମର ସବୁ ପ୍ରକାର ଇଚ୍ଛା, ଆବେଗ ଓ ସଂକଳ୍ପାଦିକୁ ଏହା ଆଗରେ ରଖିଦିଅ । ଏବଂ ତୁମେ ଦେଖିବ ଯେ ଏହି ଦିବ୍ୟସତ୍ୟ ତୁମକୁ ଠିକ୍ ପଥ ବତାଇଦେବ – ଆଉ କିଛି ବା କେହି ତୁମର ପଥ ନିରୂପଣ କରିପାରିବେ ନାହିଁ । ଥରକ ପାଇଁ ତୁମେ ଏପରି କର – ତା'ପରେ ଶହେଥର କର – ହଜାରଥର କର – ଲକ୍ଷେଥର କର – ଏବଂ ଏହିପରି ଭାବେ ବର୍ଷ ବର୍ଷ ଧରି ନିରବଚ୍ଛିନ୍ନ ପ୍ରଚେଷ୍ଟା କରି ଚାଲିଲେ ତୁମେ କ୍ରମଶଃ ନିଜେ ବୁଝି ପାରିବ ଯେ ଅବଶେଷରେ ତୁମେ ଜଣେ ମୁକ୍ତ ମଣିଷ ହୋଇଗଲଣି ।

# ମୁକ୍ତିର ସର୍ତ୍ତ

ଯେତେବେଳେ ଜଣେ ସଂପୂର୍ଣ୍ଣଭାବେ ନିଜକୁ ଈଶ୍ୱରଙ୍କ ପାଖେ ସମର୍ପଣ କରିଦିଏ, ସେତେବେଳେ ସେ ସଂପୂର୍ଣ୍ଣ ଭାବେ ମୁକ୍ତ ହୋଇଯାଏ । ଏବଂ ଏହାହିଁ ମୁକ୍ତି ପାଇଁ ପରମ ଓ ଚରମ ସର୍ତ୍ତ । ତୁମେ କେବଳ ଈଶ୍ୱରଙ୍କର ଅଧୀନ ହେବ, ଆଉ କାହାର ନୁହେଁ । ତୁମେ ଏଇ ସମୁଦାୟ ବିଶ୍ୱଠାରୁ ମୁକ୍ତ, କାରଣ ତୁମେ ଏକମାତ୍ର ସେହି ପରମେଶ୍ୱରଙ୍କରହିଁ ଅଧୀନ । ଏବଂ ଏହି ସମର୍ପଣ ହେଲା ପରମ ମୁକ୍ତି । ଏହାପରେ ତୁମେ ମଧ୍ୟ ତୁମର କ୍ଷୁଦ୍ର ବ୍ୟକ୍ତିଗତ ଅହଂରୁ ମୁକ୍ତି ପାଇଯାଅ – ସବୁଠାରୁ ଏହା କଷ୍ଟକର କଥା । କିନ୍ତୁ ସବୁଠାରୁ ସୁଖକର କଥା ମଧ୍ୟ ଏହାହିଁ । ଏକମାତ୍ର ଏହାରି ଦ୍ୱାରାହିଁ ତୁମେ ନିରବଚ୍ଛିନ୍ନ ଶାନ୍ତି ପାଇଥାଅ – ନିରବଚ୍ଛିନ୍ନ ଆନନ୍ଦ ମଧ୍ୟ ପାଇଥାଅ । ଏବଂ ଶେଷରେ ଏହାରି ବଳରେହିଁ, ଯାହାକିଛି ତୁମକୁ ପୀଡ଼ା ଦିଏ, ଯାହାକିଛି ତୁମକୁ ଛୋଟ ବାମନ କରିଦିଏ, ଯାହାକିଛି ତୁମକୁ କ୍ଷୀଣ କରିଦିଏ, ନିଃସ୍ୱ କରିଦିଏ, ଯାହାକିଛି ତୁମ ଭିତରେ ଉଦ୍‌ବେଗାଦି ସୃଷ୍ଟିକରେ ଓ ଭୟ ଆଶଙ୍କାଦି ସୃଷ୍ଟିକରେ, ସେ ସବୁ କବଳରୁହିଁ ତୁମେ ଚିରଦିନ ପାଇଁ ମୁକ୍ତି ପାଇଯାଅ । ତୁମେ ଆଉ କେଉଁ କଥାକୁ ଭୟକର ନାହିଁ, ଆଶଙ୍କା କର ନାହିଁ । ତୁମେ ହୋଇଉଠ ତୁମ ନିୟତିର ପରମକର୍ତ୍ତା । କାରଣ, ସେତେବେଳେ ଭଗବାନହିଁ ତୁମ ଭିତରେ ସଂକଳ୍ପ କରୁଥା'ନ୍ତି ଏବଂ ସବୁକିଛିକୁ ନିର୍ଦ୍ଦେଶିତ କରୁଥା'ନ୍ତି । କିନ୍ତୁ ଏହା ଏକା ରାତିକେ ଘଟିଯାଏ ନାହିଁ : ଟିକିଏ ସମୟ ହୁଏତ ଏଥିପାଇଁ ଲାଗିବ । କିନ୍ତୁ ତୁମ ସଂକଳ୍ପରେ ଉତ୍ସାହ ଭରି ରଖିବ । ଏ ଦିଗରେ କୌଣସି ପ୍ରୟାସ କରିବା ପାଇଁ ଶଙ୍କିଯିବ ନାହିଁ । ସଙ୍ଗେ ସଙ୍ଗେ ସଫଳତା ନ ଆସିଲା ବୋଲି, ହତୋତ୍ସାହ ହୋଇ ଯିବ ନାହିଁ । ଏକଥା ନିଶ୍ଚିତ ଜାଣିରଖିବ ଯେ, ବିଜୟ ସୁନିଶ୍ଚିତ । ଏବଂ ତୁମେ ଯେପରି ଶେଷ ପର୍ଯ୍ୟନ୍ତ ତୁମର ଏହି ପ୍ରୟାସରେ ଲାଗି ରହିବ ।

# ପ୍ରକୃତ ମୁକ୍ତି – ୧

ସର୍ବବିଧ ଆସକ୍ତିରୁ ମୁକ୍ତି କହିଲେ ବୁଝିବା ଉଚିତ ନୁହେଁ ଯେ ଆସକ୍ତିକୁ ଭୟକରି ସବୁକିଛିଠାରୁ ପଳାୟନ କରିବା । ଏହିଭଳି ଲୋକେ, ଯେଉଁମାନେ କୃଚ୍ଛ୍ର-ସାଧନା ଉପରେ ଜୋର୍ ଦିଅନ୍ତି, ସେମାନେ କେବଳ ନିଜେ ପଳାୟନ କରନ୍ତି ନାହିଁ, ବରଂ ଅନ୍ୟମାନଙ୍କୁ ମଧ୍ୟ ସଂସାର ଭିତରେ ରହି ଚେଷ୍ଟା ନ କରିବାକୁ ଚେତାବନୀ ଶୁଣାଇ ଥା'ନ୍ତି !

ଏ କଥାଟି ମୋ ପାଖରେ ବେଶ୍ ସ୍ପଷ୍ଟ ଯେ, ତୁମେ ଯେତେବେଳେ ଗୋଟିଏ ବିଷୟରେ ପ୍ରବେଶ ନ କରି ସେଥିରୁ ପଳାୟନ କରିବାକୁ ବସ, ତାହା ସୂଚାଇ ଦିଏ ଯେ, ତୁମେ ସେ ବିଷୟଟିର ଊର୍ଦ୍ଧ୍ୱକୁ ଉଠିପାରି ନାହଁ – ଏବଂ ତୁମେ ସେ ବିଷୟଟିର ସମାନ ସ୍ତରରେ ରହିଛ ।

ଯାହାକିଛି ତୁମକୁ ଚାପିଦିଏ, ଛୋଟ କରିଦିଏ ଓ କମାଇ ଦିଏ, ତାହା ତୁମକୁ ମୁକ୍ତି ଦେଇ ପାରିବ ନାହିଁ । ତୁମର ସମଗ୍ର ଜୀବନରେ ଏବଂ ସମସ୍ତ ଇନ୍ଦ୍ରିୟବୋଧ ଭିତରେ ତୁମକୁ ମୁକ୍ତିର ଅଭିଜ୍ଞତା ପାଇବାକୁ ହେବ ।

...ସମ୍ଭାବ୍ୟ ଭୁଲ୍ ପ୍ରମାଦ ମାନଙ୍କ ଊର୍ଦ୍ଧ୍ୱରେ ରହିବା ପାଇଁ ଆମେ ଭୁଲ୍ ହେବାର ସବୁପ୍ରକାର ପରିସ୍ଥିତିକୁ ଦୂରେଇ ଦେଉ । ଉଦାହରଣ ସ୍ୱରୂପ, ତୁମେ ଯଦି କୌଣସି ନିରର୍ଥକ ଶବ୍ଦ ଉଚ୍ଚାରଣ କରିବାକୁ ନ ଚାହଁ, ତେବେ ତୁମେ ମୂଳରୁ କଥା କହିବା ବନ୍ଦ କରିଦେଇଥାଅ । ଯେଉଁମାନେ ନୀରବ ରହିବାକୁ ପ୍ରତିଜ୍ଞା କରିଥା'ନ୍ତି ସେମାନେ ଧାରଣା କରନ୍ତି ଯେ ଏହାହିଁ ବାକ୍‌ସଂଯମ କିନ୍ତୁ ଏହା ସତ ନୁହେଁ ! ଏହା କେବଳ କଥା କହିବାର ପରିସ୍ଥିତିଟିଏ ସୃଷ୍ଟି ନ କରିବା ବା ତା'ଠାରୁ ଦୂରେଇ ରହିବା । ତେଣୁ ତ ବଳେ ବଳେ ନିରର୍ଥକ ବାକ୍ୟ କହିବାର ସୁଯୋଗ ଆଉ ନ ଥିବ ! ଖାଦ୍ୟ ବିଷୟରେ ବି ସେଇ ଏକା କଥା : ଯେତିକି ଆବଶ୍ୟକ ସେତିକି ଖାଇବା ଉଚିତ ... କିନ୍ତୁ ସାଧାରଣତଃ ଲୋକଙ୍କର ପ୍ରବୃତ୍ତି ହେଲା ଉପବାସ କରିବା । ଏହା ଭୁଲ କଥା !

# ପ୍ରକୃତ ମୁକ୍ତି– ୨

କୌଣସି କାର୍ଯ୍ୟ କଲେ କାଳେ କିଛି ଭୁଲ ପ୍ରମାଦ ଘଟିଯିବ, ସେଥିପାଇଁ ଆମେ ମୂଳରୁ କାର୍ଯ୍ୟ କରିବା ବନ୍ଦ କରିଦେଉ । କଥା କହିଲେ କାଳେ କିଛି ଭୁଲ୍ କଥା ପାଟିରୁ ବାହାରିଯିବ, ସେଥିପାଇଁ ମୂଳରୁ ଆମେ କଥା କହିବା ମଧ୍ୟ ବନ୍ଦ କରିଦେଉ । କାଳେ ଖାଉ ଖାଉ ଲୋଭରେ ବେଶୀ ଖାଇହୋଇ ଯିବ, ସେଥିପାଇଁ ଆମେ ଆଦୌ ଖାଉ ନାହିଁ – ଏହା କିନ୍ତୁ ମୁକ୍ତି ବା ସ୍ୱାଧୀନତା ନୁହେଁ, ଏହା କେବଳ ପରିପ୍ରକାଶକୁ ସର୍ବନିମ୍ନସ୍ତର ପର୍ଯ୍ୟନ୍ତ କମାଇ ଦେବାକଥା ହୁଏ ଏବଂ ଏହାର ଶେଷ ମୀମାଂସା ହେଲା ନିର୍ବାଣ । କିନ୍ତୁ ଈଶ୍ୱର ଯଦି କେବଳ ନିର୍ବାଣ ଚାହିଁଥା'ନ୍ତେ, ତା'ହେଲେ ନିର୍ବାଣ ବ୍ୟତୀତ ଆଉ କିଛିହିଁ ନ ଥା'ନ୍ତା ! ଏକଥା ସ୍ପଷ୍ଟ ଯେ ଈଶ୍ୱର ପରସ୍ପର ବିରୋଧୀ ବିଷୟଗୁଡ଼ିକୁ ଏକତ୍ର ରହିବାର ପରିକଳ୍ପନା କରିଛନ୍ତି ଏବଂ ତାଙ୍କ ପାଇଁ ଏହା ଏକ ସାମଗ୍ରିକତାର ଆରମ୍ଭ ...

ଜଣେ ଯଦି କିଛି ପ୍ରମାଦ ନ କରିବାକୁ ଆସ୍ପୃହା କରିବ, ତେବେ ସେ ଏହି ପ୍ରମାଦରୁ ଅବ୍ୟାହତି ପାଇବା ଲାଗି ସବୁପ୍ରକାର କାର୍ଯ୍ୟକ୍ରମ ବନ୍ଦ କରିଦେବ – ଏହା କେବେ ରୋଗର ଆରୋଗ୍ୟ କରିପାରେନା ।

କିନ୍ତୁ ଆରବାଟଟି ମଧ୍ୟ ଖୁବ୍ ଖୁବ୍ କଷ୍ଟକର ।

ନା ! ଏହାର ସମାଧାନ ହେଉଛି – ତୁମେ କେବଳ ଦିବ୍ୟପ୍ରଚୋଦନାରେ କଥାବାର୍ତ୍ତା କରିବ, କେବଳ ଦିବ୍ୟପ୍ରଚୋଦନାରେ ଭୋଜନ କରିବ । ଏହା ବଡ଼ କଷ୍ଟକର କଥା । କାରଣ, ସ୍ୱଭାବତଃ ତୁମେ ଯେତେବେଳେ କିଛି ପ୍ରେରଣା ବା ପ୍ରଚୋଦନା ତୁମ ଭିତରେ ଅନୁଭବ କର – ତାହା ତୁମର ବ୍ୟକ୍ତିଗତ ପ୍ରେରଣା କି ଦିବ୍ୟ ପ୍ରେରଣା, ସେକଥା ତୁମେ ଠିକ୍ ଜାଣି ପାରି ନ ଥାଅ । (କାରଣ, ଏହି ଦୁଇଟିଯାକ ପ୍ରେରଣା ତୁମକୁ ଏକ ବୋଲି ମନେ ହୋଇପାରେ ।)

# ପ୍ରକୃତ ମୁକ୍ତି – ୩

ପ୍ରକୃତ ପ୍ରଚୋଦନା ଗ୍ରହଣ କରିବା ପାଇଁ ଜଣେ ନିବିଡ଼ ଭାବେ ଆସ୍ପୃହା କରିବା ଉଚିତ – କିନ୍ତୁ ଏହି ଆସ୍ପୃହା ''ସଂପୂର୍ଣ୍ଣ ମୁକ୍ତି'' ପାଇଁ ନ ହୋଇ ଈଶ୍ୱରଙ୍କ ସହିତ ସକ୍ରିୟ ଭାବେ ଏକାତ୍ମ ହୋଇଯିବା ପାଇଁ ହେବା ଉଚିତ । ତା' ଅର୍ଥ – ଈଶ୍ୱର ଯାହା ଇଚ୍ଛା କରନ୍ତି ତାହାହିଁ ଇଚ୍ଛା କରିବା, ଏବଂ ସେ ଯାହା କରିବାକୁ ଚାହୁଁଛନ୍ତି ତାକୁହିଁ କରି ଚାଲିବା – ସେହି ଏକମାତ୍ର ଈଶ୍ୱରଙ୍କ ଦ୍ୱାରା ବଞ୍ଚିବା ଓ ତାଙ୍କରି ମଧ୍ୟରେ ବଞ୍ଚିବା । ତେଣୁ ଜଣେ ଏ ସଂସାରକୁ ଉପେକ୍ଷା କରି ନିଜେ କଠିନ ତପଶ୍ଚର୍ଯ୍ୟା କରିପାରେ । କିନ୍ତୁ ଏହି କୃଚ୍ଛ୍ର-ସାଧନା କେବଳ ସେହିମାନଙ୍କ ଲାଗି, ଯେଉଁମାନେ ଅନ୍ୟସବୁଠାରୁ ସମସ୍ତ ସଂପର୍କ ଛିଣ୍ଡାଇ ଦେବାକୁ ଚାହାନ୍ତି । କିନ୍ତୁ ଏ କ୍ଷେତ୍ରରେ ପୂର୍ଣ୍ଣାଙ୍ଗତା ରହିପାରେ କି ? ମୋତେ ଏହା ଅସମ୍ଭବ ବୋଲି ମନେ ହୁଏ ।

... ପ୍ରକୃତ ମୁକ୍ତି ହେଲା ସବୁଥିରୁ ମୁକ୍ତ ହେବା – ଏପରିକି ମୁକ୍ତି ପାଇବାର ଉପାୟଗୁଡ଼ିକ ଠାରୁ ମଧ୍ୟ ମୁକ୍ତ ହେବା । ଏହା ଏକ କଟକଣା ପରି ହୋଇଯାଏ, ଏହା ତୁମକୁ ବାନ୍ଧିପକାଏ । ଅନ୍ୟପକ୍ଷରେ ପ୍ରକୃତ ବିଷୟଟି ହେଲା ଏକ ଅବରୁଦ୍ଧତାରୁ ମୁକ୍ତି, ନିଜକୁ ଖୋଲି ଧରିବା, ବିସ୍ତାରିତ ହୋଇଯିବା, ସମଗ୍ର ସହିତ ଏକୀଭୂତ ହୋଇଯିବା ।

ଯେତେବେଳେ ତୁମେ ତୁମ ନିଜକୁ କମାଇ କମାଇ ଚାଲ, ପୁଣି କମାଇ କମାଇ ଚାଲ – କମାଇ କମାଇ ଚାଲ, ସେତେବେଳେ ନିଜକୁ ହରାଇବାର କୌଣସି ଅନୁଭବ ତୁମର ନ ଥାଏ । ଏହା ତୁମକୁ ନିଜକୁ ହରାଇବାର ଭୟରୁ ଦୂରେଇ ରଖେ । ତୁମେ ନିଟୋଳ ହୋଇଯାଅ ଏବଂ ଦୃଢ଼ଭାବେ ସନ୍ନିବଦ୍ଧ ହୋଇଯାଅ । କିନ୍ତୁ ଯେତେବେଳେ ତୁମେ ନିଜକୁ ବିସ୍ତାରିତ କରିବାର ପଥଟି ବାଛିନେଲ – ଯେତେଦୂର ସମ୍ଭବ ବୃହତ୍ ବିସ୍ତାରତା ଭିତରକୁ ମୁହାଁଇ ଯିବାକୁ ବାହାରିଲ – ସେତେବେଳେ କିନ୍ତୁ କେବେ ବି ଭୟକରିବ ନାହିଁ ଯେ ତୁମେ କାଳେ ନିଜକୁ ହରାଇ ବସିବ ।

ଏହା ଅବଶ୍ୟ ଖୁବ୍ କଷ୍ଟକର ବ୍ୟାପାର ।

# ମୁକ୍ତି ଓ ସେବା

ମୁକ୍ତି ଓ ସେବା – ଏ ଦୁଇଟି ସେମାନଙ୍କର ଶୁଦ୍ଧତାରେ ଓ ସତ୍ୟରେ ପରସ୍ପରର ପରିପୂରକ । ସେ ଦୁଇଟି ଆଦୌ ପରସ୍ପରର ବିରୋଧୀ ନୁହନ୍ତି । ସେହି ପରମସତ୍ୟ ସହିତ ସଂପୂର୍ଣ୍ଣ ମିଳନ ଫଳରେହିଁ ସଂପୂର୍ଣ୍ଣ ମୁକ୍ତି ମିଳିଥାଏ । କାରଣ, ସମସ୍ତ ଅଜ୍ଞାନ, ସକଳ ଅଚେତନା ହେଉଛନ୍ତି ବନ୍ଧନ ଏବଂ ଏହି ବନ୍ଧନ ତୁମକୁ ଅସମର୍ଥ, ସୀମିତ ଓ ନିର୍ବଳ କରିଦିଏ । କାହା ଭିତରେ ସାମାନ୍ୟତମ ଅଜ୍ଞାନ ଥିଲେ ମଧ୍ୟ ତାହା ତାକୁ ସୀମାୟିତ କରିଦିଏ । ସେ ଆଉ ମୁକ୍ତ ହୋଇପାରେ ନାହିଁ । ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ଭିତରେ ଅଚେତନାର ସାମାନ୍ୟ ଉପାଦାନଟିଏ ଥିବ, ଏହା ତାହା ପାଇଁ ଏକ ବନ୍ଧନ ଓ ସୀମା ହୋଇ ଉଠୁଥିବ । କେବଳ ପରମସତ୍ୟ ସହିତ ଏକାତ୍ମ ମିଳନହିଁ ପୂର୍ଣ୍ଣମୁକ୍ତି ବା ସ୍ୱାଧୀନତାକୁ ସମ୍ଭବ କରିପାରେ । କିନ୍ତୁ ଜଣେ କିପରି ପରମସତ୍ୟ ସହିତ ଏହି ମିଳନକୁ ଉପଲବ୍ଧି କରିବ, ଯଦି ସେ ନିଜକୁ ସ୍ୱତଃସ୍ଫୂର୍ତ୍ତଭାବରେ ସମର୍ପଣ ନ କରେ ? ତାହାହିଁ ତ ପ୍ରେମର ଉପହାର ! ଏବଂ ମୁଁ ଯାହା ତୁମକୁ କହୁଥିଲି – ଏହି ପ୍ରେମର ପ୍ରଥମ ଇଙ୍ଗିତ ଓ ପ୍ରଥମ ଅଭିବ୍ୟକ୍ତି ହେଲା ସେବା ...

ପ୍ରକୃତରେ ପ୍ରେମହିଁ ଆମକୁ ଦିବ୍ୟ ଐକ୍ୟ ଆଡ଼କୁ ନେଇଯାଏ । ଏବଂ ଏହି ଐକ୍ୟବୋଧହିଁ ହେଲା ମୁକ୍ତିର ଯଥାର୍ଥ ଅଭିବ୍ୟକ୍ତି । ଏବଂ, ତେଣୁ, ଯେଉଁମାନେ ମୁକ୍ତିର ସ୍ୱାଧିକାର ବାହାନାରେ ସ୍ୱାଧୀନତାର ଅଧିକାର ଦାବି କରନ୍ତି, ସେମାନେ ସତକୁ ସତ ବାସ୍ତବ କ୍ଷେତ୍ରରେ ଯଥାର୍ଥ ମୁକ୍ତି ବା ସ୍ୱାଧୀନତାକୁ ପଛ କରିଦେଇଥାନ୍ତି । କାରଣ, ସେମାନେ ପ୍ରେମକୁ ସ୍ୱୀକାର କରି ନାହାନ୍ତି ।

# ଆଗକୁ ଚାଲ

ମଣିଷ ସବୁବେଳେ ତ' କାନ୍ଧରେ ଅନନ୍ତବୋଝ ଲଦି ଲଦି ଆସିଛି । ସେ ଅତୀତର କୌଣସି ଜିନିଷକୁ ଫିଙ୍ଗି ଦେବାକୁ ଚାହେଁ ନାହିଁ ଏବଂ ସେ ତା'ର ଏହି ସବୁ ଅନାବଶ୍ୟକ ସଞ୍ଚୟନଗୁଡ଼ିକର ଭାରରେ ଦିନକୁ ଦିନ ଅଧିକ ନଇଁ ପଡୁଥାଏ ।

ରାସ୍ତାର କେତେଦୂର ପର୍ଯ୍ୟନ୍ତ ତୁମେ ଜଣେ ପଥପ୍ରଦର୍ଶକ ଲୋଡ଼ିଥାଅ କିନ୍ତୁ ଯେତେବେଳେ ତୁମେ ସେତେକ ବାଟ ଅତିକ୍ରମ କରିଗଲ, ସେତେବେଳେ ସେ ବାଟକୁ ଓ ପଥପ୍ରଦର୍ଶକଙ୍କୁ ସେଇଠି ଛାଡ଼ି ଆଗକୁ ଗତିକର ! କିନ୍ତୁ ଏତେକ କରିବା ବହୁ ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼େ । ଯେତେବେଳେ ସେମାନେ କିଛିର ବା କାହାର ସାହାଯ୍ୟ ନିଅନ୍ତି, ତାକୁ ସେମାନେ ଜାବୁଡ଼ି ଧରନ୍ତି, ଆଉ ଆଗକୁ ବଢ଼ିବାକୁ ଚାହାନ୍ତି ନାହିଁ । ଯେଉଁମାନେ ଖ୍ରୀଷ୍ଟଧର୍ମର ସାହାଯ୍ୟ ନେଇ କିଛି ଅଗ୍ରଗତି କରିଥା'ନ୍ତି ସେମାନେ ଆଉ ତାକୁ ଛାଡ଼ନ୍ତି ନାହିଁ । ସେମାନେ ତାକୁ ସେମାନଙ୍କ କାନ୍ଧରେ ବହନ କରିଥାନ୍ତି । ଯେଉଁମାନେ ବୌଦ୍ଧ ଧର୍ମର ସାହାଯ୍ୟ ନେଇ କିଛି ଅଗ୍ରଗତି କରିଛନ୍ତି, ସେମାନେ ଆଉ ତାକୁ ଛାଡ଼ନ୍ତି ନାହିଁ, ତାଙ୍କୁ କାନ୍ଧରେ ଧରି ରହିଥା'ନ୍ତି । ଏଥିରୁ ଜାଣିବ ଯେ ଏହି ମନୋଭାବ ଅଗ୍ରଗତିରେ କିପରି ବାଧା ଦେଇଥାଏ । ଏବଂ ତୁମେ ଅଯଥାରେ ବିଳମ୍ବିତ ହୋଇଥାଅ ।

ଯେତେବେଳେ ତୁମେ ଗୋଟିଏ ଅବସ୍ଥା ବା ସୋପାନ ଅତିକ୍ରମ କରି ସାରିଲ – ତାକୁ ଛାଡ଼ିଦିଅ । ସେ ଯାଉ । ତୁମେ ଆଗକୁ ଗତିକର ।

## ଅତୀତ : ଆରୋହଣର ଏକ ସୋପାନ ।

ଆଉ ଏକ ଉଚ୍ଚତର ଓ ଅଧିକତର ଭଲ ଅବସ୍ଥାକୁ ଯିବା ଲାଗି ସମର୍ଥ ହେବାକୁ ହେଲେ ଯାହାକିଛି ଅଭିଜ୍ଞତା ତୁମେ ପାଇ ସାରିଲଣି, ସେଗୁଡ଼ିକୁ ଅଧିକରୁ ଅଧିକ ପଛରେ ଛାଡ଼ିଦେବା ନିମନ୍ତେ ପ୍ରସ୍ତୁତ ହେବାକୁ ହେବ । ତା'ହେଲେ ତୁମେ ଦ୍ରୁତଗତିରେ ଆଗକୁ ଯାଇ ପାରିବ । ଏବଂ ଅନ୍ୟପକ୍ଷରେ ଅତୀତର ସମସ୍ତ ବୋଝକୁ ଯଦି ତୁମେ ଫିଙ୍ଗି ନ ଦେଇ ସେଗୁଡ଼ିକୁ ତୁମ ସାଥିରେ ଟାଣିଟାଣି ଚାଲିଛ, ତେବେ ତୁମର ଅଗ୍ରଗତି ନିଶ୍ଚୟ ଖୁବ୍ ମନ୍ଥର ହୋଇଯିବ ।

ସମସ୍ତ ଅତୀତ ତୁମ ପାଇଁ ଖୁବ୍ ସରଳଭାବେ ଏକ ସୋପାନ ବା ଶିଡ଼ି ଭଳି ହେବା ଉଚିତ । ତା'ଉପରେ ଚଢ଼ି ତୁମେ ଆଗକୁ ବା ଊର୍ଦ୍ଧ୍ୱକୁ ଉଠିଚାଲିବ । ତୁମକୁ ଆଗକୁ ଠେଲିଦେବା ବ୍ୟତୀତ ଏହି ସୋପାନଗୁଡ଼ିକର ଆଉ କୌଣସି ବ୍ୟବହାର ନାହିଁ । ତୁମେ ଯଦି ଏହା ଅନୁଭବ କରୁଥାଅ, ଏବଂ ସର୍ବଦା ଅତୀତକୁ ପଛକରି ଆଗକୁ କ'ଣ କରିବାକୁ ହେବ ତାହାଆଡ଼େ ଦୃଷ୍ଟି ରଖୁଥାଅ, ତେବେ ତୁମର ଗତି ଖୁବ୍ ଦ୍ରୁତ ହେବ, ତୁମେ ରାସ୍ତାରେ ଆଉ ବେଶୀ କାଳକ୍ଷେପଣ କରିବ ନାହିଁ । ତୁମର ଗତି ମନ୍ଥର ହେବାର କାରଣ ପଛରେ ସେଇ ଗୋଟିଏ କଥା ରହିଛି – ତୁମର ଯାହା ସରିଯାଇଛି ତାକୁ ଧରିରଖିବା, ଅତୀତର ଯାହା କିଛି ତୁମକୁ ଭଲ ବା ସୁନ୍ଦର ମନେ ହୋଇଛି ତାକୁ ଧରି ରଖିବା । ଏହା ଅବଶ୍ୟ ତୁମକୁ ସହାୟତା କରିବ । ତୁମକୁ ଏହା ଛାଡ଼ି ଦେବାକୁ କୁହାଯାଉ ନାହିଁ । କିନ୍ତୁ ଏହା ତୁମକୁ ଅଗ୍ରଗତି କରିବାରେ ସହାୟକ ହେବା ଉଚିତ । ଏହା ଏପରି ହେବା ଉଚିତ, ଯେପରିକି ତୁମେ ତାହା ଉପରେ ନିର୍ଭର କରି ଆଗକୁ ପାଦ ବଢ଼ାଇ ପାରିବ ।

# ନିଜର ସେତୁଗୁଡ଼ିକୁ ନିଜେ ପୋଡ଼ିଦିଅ

ବେଳେ ବେଳେ ବହୁତ ସମୟ ଲାଗେ – କିନ୍ତୁ ନିଜର ସେତୁଗୁଡ଼ିକୁ ନିଜେ ପୋଡ଼ିଦେଇ ଆସିବା ଉଚିତ । ତା' ନ ହେଲେ ତୁମେ ଚକ୍ରାକାରରେ ବୁଲୁଥିବ; ଜୀବନର ଶେଷ ପର୍ଯ୍ୟନ୍ତ ଅନ୍ଧ ଅନ୍ଧ କରି ଆଗଉଥାଅ । ତା'ପରେ ଯେତେବେଳେ ଏ ପୃଥିବୀକୁ ଛାଡ଼ିବା ବେଳ ଆସିଯିବ – ତୁମେ ହଠାତ୍ ଅନୁଭବ କରିବ – ''ଆଃ ! କିନ୍ତୁ ... ଠିକ୍ ଅଛି – ବୋଧହୁଏ ଆଉ ଗୋଟେ ଜନ୍ମରେ ଏ ସବୁ ହେବ ।'' ଏହା ସୁଖକର ନୁହେଁ, କାହିଁକିନା ଏହା ଟିକିଏ ଭୀତିପ୍ରଦ ମଧ୍ୟ ମନେ ହୋଇପାରେ : କାରଣ, ଜଣେ ଯଦି କିଛି ଜାଣି ନାହିଁ, କିଛି ବୁଝି ନାହିଁ, ଯଦି ଜଣେ ଆଦୌ ଚେଷ୍ଟା କରି ନାହିଁ ... ଲୋକେ ଜନ୍ମ ହୁଅନ୍ତି, ବଞ୍ଚନ୍ତି, ମରନ୍ତି, ଆଉଥରେ ଜନ୍ମ ହୁଅନ୍ତି, ପୁଣି ବଞ୍ଚନ୍ତି ଓ ପୁଣି ମରନ୍ତି, ଏବଂ ଏହା ଏହିପରି ଚାଲେ, ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁଥାଏ, କିନ୍ତୁ ଲୋକେ କେବେ ବି ସମସ୍ୟାଟିକୁ ନିଜ ଆଗରେ ରଖନ୍ତି ନାହିଁ । କିନ୍ତୁ ଯଦି ଜଣକର ଏ ବିଷୟରେ ଅନୁଭୂତି ଥିବ – କିଂବା ଜୀବନ କ'ଣ ତାହା ସେ ପୂର୍ବରୁ ତା'ର ସ୍ୱାଦ ପାଇଥିବ, ଏବଂ ସେ କାହିଁକି ଏଠି ଅଛି, ତା'ର ଏଠାରେ କ'ଣସବୁ କରିବାର ଅଛି, ସେ ସବୁ ଚିନ୍ତା କରିଥିବ ଏବଂ ଏଥିସହିତ କିଛି ପ୍ରୟାସ କରିଥିବ ଓ ଉପଲବ୍ଧି କିଛି କରିଥିବ – ଅଥଚ ଯେଉଁସବୁ ଅବାଞ୍ଛିତ ବୋଝ ଏଥିସହ ଚାଲେ ନାହିଁ ଯଦି ସେଗୁଡ଼ିକରୁ ଭାରମୁକ୍ତ ହୋଇ ନ ଥିବ, ତେବେ ତାକୁ ପୁଣିଥରେ ଆରମ୍ଭ କରିବା ଦରକାର ପଡ଼ିପାରେ । କିନ୍ତୁ ଦରକାର ନ ପଡ଼ିବା ଭଲ । ଜଣେ ସେତିକିବେଳେ କର୍ମଟି କରିବା ଭଲ ଯେତେବେଳେ ସେ ତାହା ସଚେତନ ଭାବେ କରିପାରିବ । ଏବଂ ସେଇଥିପାଇଁ କୁହାଯାଇଛି – ''କିଛି ରଖ ନାହିଁ ଆସନ୍ତା କାଲି ପାଇଁ – ଯାହା କରିବ ତାହା ଆଜିହିଁ କର ।''

# ମାନସିକ ଗଠନ ଓ ଅଗ୍ରଗତି

ମୁଁ ଏପରି କିଛି ସୀମା ଅଛି ବୋଲି ବିଶ୍ୱାସକରେ ନାହିଁ ଯାହାକୁ କି ଅତିକ୍ରମ କରାଯାଇ ନ ପାରିବ ।

କିନ୍ତୁ ସ୍ପଷ୍ଟଭାବରେ ମୁଁ ଦେଖିପାରେ – ଯେତେବେଳେ କୌଣସି ଚେଷ୍ଟା ବା ପ୍ରୟାସ ଦରକାର ହୁଏ, ସେତେବେଳେ କିପରି ଲୋକମାନେ ଆଳସ୍ୟରେ ପଡ଼ିରହନ୍ତି କିଂବା ସେମାନଙ୍କ ମାନସିକ ଗଠନଗୁଡ଼ିକୁ ନେଇ ସ୍ଥିର ରହିଥାନ୍ତି । ଏବଂ ଏହି ଆଳସ୍ୟ ଓ ଏହିସବୁ ସୀମାଗୁଡ଼ିକ ହେଲା ରୋଗ ଭଳି । କିନ୍ତୁ ସେ ରୋଗଗୁଡ଼ିକୁ ଆରୋଗ୍ୟ କରିହେବ ... ଯଦି ତୁମେ ଜଣେ ସ୍ୱାଭାବିକ ମଣିଷ ହୋଇଥାଅ – ଏବଂ ଭଲକଥା, ଯଦି ତୁମେ କିଛି କଷ୍ଟ କରିବାକୁ ରାଜିଥାଅ ଏବଂ ଉପାୟଗୁଡ଼ିକ ମଧ୍ୟ ତୁମକୁ ଜଣା ଥାଏ – ତେବେ ବିକାଶ ଲାଗି ତୁମର କ୍ଷମତା ଅସୀମ ବୋଲି ବୁଝିବାକୁ ହେବ ।

ଏପରି ଏକ ଧାରଣା ଅଛି ଯେ ପ୍ରତ୍ୟେକ ବ୍ୟକ୍ତି କୌଣସି ଏକ ଜାତିପ୍ରକାର, ଟାଇପ୍ ବା ଧରଣର ଅନ୍ତର୍ଗତ, ଉଦାହରଣ ସ୍ୱରୂପ – ପାଇନ୍ ଗଛ କେବେ ବି ଓକ୍ ଗଛ ହୋଇପାରିବ ନାହିଁ – ଏବଂ ପାମ୍ ଗଛ କେବେ ଗହମ ଗଛ ହୋଇପାରିବ ନାହିଁ । ଏହା ପରିଷ୍କାର କଥା । କିନ୍ତୁ ଏହାର ଅର୍ଥ ଅନ୍ୟକିଛି : ଏହାର ଅର୍ଥ ହେଲା, ତୁମ ସତ୍ତାର ସତ୍ୟ କେବେ ବି ତୁମ ପଡ଼ୋଶୀର ସତ୍ତାର ସତ୍ୟ ନୁହେଁ । କିନ୍ତୁ ତୁମ ସତ୍ତାର ଯାହା ଅନ୍ତର୍ନିହିତ ସତ୍ୟ, ତୁମର ଯେପରି ଗଠନ, ତଦନୁଯାୟୀ ତୁମର ଅଗ୍ରଗତିର ମଧ୍ୟ କୌଣସି ସୀମା ନାହିଁ । ତୁମର କିପରି ଏକ ଦୃଢ଼ ଧାରଣା ହୋଇଯାଇଛି ଯେ ତୁମର ଗତି ସୀମିତ, (ଓ ତାହା ଏକ ସୀମା ଭିତରେ ରହିବାକୁ ବାଧ୍ୟ) ଏହା କେବଳ ତୁମର ଅଗ୍ରଗତିର ଉପାୟ ସମ୍ବନ୍ଧେ ଅଜ୍ଞତା ହେତୁ, ତା' ନ ହେଲେ ...

ଏପରି କିଛି ନାହିଁ, ଯାହା ଜଣେ ନ କରିପାରିବ, ଅବଶ୍ୟ ତାକୁ କିପରି କରିବାକୁ ହେବ ତାର ଉପାୟ ଜଣାଥିବା ଉଚିତ ।

# ପୂର୍ବକଳ୍ପିତ ଧାରଣାରାଜି

ତୁମ ପାଇଁ ସବୁଠାରୁ ବଡ଼ କାମ ହେବ କୌଣସି ପକ୍ଷ ନ ନେବା, ତୁମ ମନରେ କୌଣସି ପୂର୍ବ କଳ୍ପିତ ଧାରଣାକୁ କିଂବା କୌଣସି ମତବାଦକୁ ଧରି ନ ରଖିବା – ଓଃ ! ସେଇସବୁ ନୈତିକ ତତ୍ତ୍ୱଗୁଡ଼ିକ – ଆଚରଣ ପାଇଁ ସେହିସବୁ ଧରାବନ୍ଧା ନୀତିଗୁଡ଼ିକ, କ'ଣସବୁ କରିବା ଉଚିତ, ଆଉ, କ'ଣ ସବୁ ନ କରିବା ଉଚିତ, ଏବଂ ସେହିସବୁ ନୈତିକ ଦୃଷ୍ଟିକୋଣରୁ ପୂର୍ବ-ପୋଷିତ ଧାରଣାଗୁଡ଼ିକ କିଂବା ଅଗ୍ରଗତି କରିବା ପାଇଁ ସେହିସବୁ ଧରାବନ୍ଧା ନୀତି ନିର୍ଦ୍ଦେଶମାନ, ଏବଂ ସେହିସବୁ ସାମାଜିକ ଓ ମାନସିକ ଲୋକ-ପ୍ରଚଳିତ ପ୍ରଥାସବୁ ... ଏଗୁଡ଼ିକ ତୁମ ଲାଗି କମ୍ ପ୍ରତିବନ୍ଧକ ନୁହନ୍ତି । ଏପରି ସବୁ ଲୋକ ଅଛନ୍ତି, ମୁଁ ଅନେକଙ୍କୁ ମଧ୍ୟ ଜାଣେ, ସେମାନଙ୍କ ପାଇଁ ଏହିପରି ଏକ ମାନସିକ ଗଠନକୁ ଅତିକ୍ରମ କରିବା ପାଇଁ ଅନେକ ଦଶନ୍ଧି ସମୟ ଲାଗିଛି ! ... ଯଦି ଜଣେ ସେପରି ହୋଇପାରେ, ନିଜକୁ ଖୋଲିଧରେ – ସତକୁ ସତ ଖୁବ୍ ସରଳଭାବେ ନିଜକୁ ଖୋଲିଧରେ, ଏପରି ସରଳତା ଦରକାର ଯେମିତିକି ତୁମେ ସରଳଭାବରେ ଜାଣିବ ଯେ ତୁମେ ଅଜ୍ଞାନ, କିଛି ଜାଣି ନାହିଁ – ସେହିପରି ଭାବିବ – (ମା' ନିଜ ହାତ ଦୁଇଟିକୁ ଉପରକୁ ଟେକି ନିଜକୁ ବାଦ୍ ଦେବାର ମୁଦ୍ରା ଦେଖାଇଲେ ।) ପ୍ରସ୍ତୁତ ରହିବ ଯାହାକିଛି ଆସୁଛି ତାକୁ ଗ୍ରହଣ କରିବା ପାଇଁ । ତା'ହେଲେ ଯାଇ କିଛି ଗୋଟେ ଘଟିପାରେ ।

ଏବଂ ସ୍ୱାଭାବିକ କଥା ଯେ, ଅଗ୍ରଗତି ପାଇଁ ତୃଷା, ଜ୍ଞାନ ପାଇଁ ତୃଷା, ରୂପାନ୍ତର ପାଇଁ ତୃଷା ଏବଂ ସର୍ବୋପରି ପ୍ରେମ ଓ ସତ୍ୟ ପାଇଁ ତୃଷା – ଯଦି ଜଣେ ଏହା ରଖିପାରେ, ତେବେ ସେ ଖୁବ୍ ଶୀଘ୍ର ଗତିକରି ପାରିବ । ପ୍ରକୃତରେ କିନ୍ତୁ ତୃଷା ଥିବା ଦରକାର – ତୃଷା – ଅର୍ଥାତ୍ ଏକ ଆବଶ୍ୟକତା – ଆବଶ୍ୟକତା ।

ଆଉ କେଉଁ କଥାର କିଛି ଗୁରୁତ୍ୱ ନାହିଁ । ଜଣେ କେବଳ **ସେଇକଥା**ଟିକୁ ଚାହିଁବା ଦରକାର ।

# ଗୋଟିଏ ସତ ଆନନ୍ଦ

ହଁ, ଏହି ଅନିବାର୍ଯ୍ୟ ଆବଶ୍ୟକତା । ଆଉ କିଛି ଗଣନୀୟ ନୁହେଁ । ସେତିକି ସବୁ । କେବଳ ସେତିକି ।

ଏବଂ, ତେଣୁ, ମୋଟ ଉପରେ କୌଣସି ବାଧାବିଘ୍ନ ବା ଅସୁବିଧାକୁ କାହାର ଧୂଳି ପ୍ରମାଣେ ବି ଖାତିର୍ କରିବା ଉଚିତ ନୁହେଁ । ତାହା ତୁମର କ'ଣଟା କରି ପକେଇବ ? ... ସେଥିରେ କିଛି ଯାଏ ଆସେନା । ବେଳେବେଳେ ଜଣେ ସମୟକୁ ନେଇ ହସିପାରେ ମଧ୍ୟ । ଯଦି କାଳବିଳମ୍ବ ହୁଏ ସେଥିରେ ତୁମର କ'ଣ ଯାଏ ଆସେ ? ତା'ହେଲେ ତ ତୁମକୁ ଲମ୍ବା ସମୟ ମିଳିବ ଆସ୍ପୃହା କରିବାର ଆନନ୍ଦ ପାଇଁ – ସମର୍ପଣ କରିବାର ଆନନ୍ଦ ପାଇଁ – ନିଜକୁ ଦେଇଦେବାର ଆହ୍ଲାଦ ପାଇଁ ।

ଏହାକୁହିଁ କହିବ ସତକୁସତ ଆନନ୍ଦ । ଏବଂ ଯେତେବେଳେ ତୁମ ଭିତରେ କିଛି ଅହଂଗତ କ୍ରିୟା ଆରମ୍ଭ ହୋଇଯାଏ, ତୁମର ଏହି ନିର୍ମଳ ଆହ୍ଲାଦଟି ମିଳାଇଯାଏ । କାରଣ, ଗୋଟେ ଦାବି ଆସିଯାଏ, ତାକୁ ଜଣେ ଆବଶ୍ୟକତା ବୋଲି କହେ, ଯାହାକି ସମର୍ପଣ କ୍ରିୟା ସହିତ ମିଶ୍ରିତ ହୋଇଯାଏ । ତା' ନ ହେଲେ ସେହି ଆନନ୍ଦଟି କେବେ ବି ତିରୋହିତ ହୋଇ ଯାଆନ୍ତା ନାହିଁ ।

ଏଇଟା ହେଉଛି ପ୍ରଥମ କଥା ଯାହାକୁ ତୁମେ ପ୍ରାପ୍ତ ହୁଅ । ଏଇଟା ବି ତୁମ ଉପଲବ୍ଧିର ଶେଷକଥା ଏବଂ ଏହାହିଁ ବିଜୟର ଚିହ୍ନ ।

ଯେତେକାଳ ପର୍ଯ୍ୟନ୍ତ ତୁମେ ଏଇ ଆନନ୍ଦ ଭିତରେ ନାହଁ – ଏଇ ନିରବଚ୍ଛିନ୍ନ, ପ୍ରଶାନ୍ତ, ଶାନ୍ତିପୂର୍ଣ୍ଣ, ଉଜ୍ଜ୍ୱଳ ଆଉ ଅପରିବର୍ତ୍ତିତ ଆନନ୍ଦ ଭିତରେ ନାହଁ, ଠିକ୍ ଅଛି, ଏହାହିଁ ସୂଚନା ଦିଏ ଯେ, ତୁମକୁ ଆହୁରି ବହୁତ କାର୍ଯ୍ୟ କରିବାକୁ ପଡ଼ିବ ତୁମକୁ ଶୁଦ୍ଧ କରିବା ପାଇଁ, ଏପରିକି ବହୁତ କଷ୍ଟ ମଧ୍ୟ କରିବାକୁ ପଡ଼ିବ । କିନ୍ତୁ ଏହାହିଁ ସେହି ନିଦର୍ଶନ ।

# ଅଗ୍ରଗତିର ଆନନ୍ଦ

ଅଗ୍ରଗତି ପାଇଁ ସଂକଳ୍ପ ଏବଂ ଆତ୍ମ-ଶୁଦ୍ଧୀକରଣହିଁ ଅଗ୍ନି ପ୍ରଜ୍ୱଳନ କରେ । ଅଗ୍ରଗତି ପାଇଁ ସଂକଳ୍ପ । ଯେଉଁ ମାନଙ୍କର ଥାଏ ଏକ ଦୃଢ଼ ସଂକଳ୍ପ, ଯେତେବେଳେ ସେମାନେ ଏହାକୁ ଆଧ୍ୟାତ୍ମିକ ଅଗ୍ରଗତି ଏବଂ ଶୁଦ୍ଧୀକରଣ ଦିଗରେ ମୁହାଁଇ ଦିଅନ୍ତି, ସେତେବେଳେ ସ୍ୱତଃ ସେମାନଙ୍କ ଅନ୍ତରାଗ୍ନି ଜଳିଉଠେ ।

ସେତେବେଳେ, ତୁମ ପ୍ରକୃତିର ଯେ କୌଣସି ତ୍ରୁଟିକୁ ଯଦି ତୁମେ ସଂଶୋଧନ କରିବାକୁ ଚାହଁ, କିଂବା ତୁମେ ଯଦି ପ୍ରତି ପଦକ୍ଷେପରେ ଯେଉଁସବୁ ଅଗ୍ରଗତି କରିବାକୁ ଚାହଁ, ସେ ସବୁକୁ ତୁମର ସେହି ଅନ୍ତରାଗ୍ନିରେ ନିକ୍ଷେପକର, ତେବେ ତାହା ଏକ ନୂତନ ତେଜରେ ଜଳିଉଠେ । ଏବଂ ମୁଁ ଏହାକୁ ଏକ ଉପମା ଦେଲାଭଳି କହୁ ନାହିଁ, ଏହା ସୂକ୍ଷ୍ମଜଡ଼ ସ୍ତରରେ ଏକ ବାସ୍ତବତା ବୋଲି ଜାଣିବ । ଜଣେ ଏହି ଅଗ୍ନିର ଉତ୍ତାପକୁ ମଧ୍ୟ ଅନୁଭବ କରି ପାରିବ । ଜଣେ ତା'ର ସୂକ୍ଷ୍ମଶରୀରରେ ଏହି ଅଗ୍ନିର ଆଲୋକକୁ ମଧ୍ୟ ଦେଖି ପାରିବ । ଏବଂ ଯଦି ପ୍ରକୃତି ଭିତରେ ଏପରି କିଛି ଥାଏ, ଯାହା ତୁମ ଅଗ୍ରଗତିରେ ବାଧା ଦେଉଥାଏ, ତେବେ ସେହି ତ୍ରୁଟିବିଚ୍ୟୁତିଟିକୁ ଯଦି ତୁମେ ସେଇ ଅଗ୍ନିରେ ନିକ୍ଷେପ କରିଛ, ତେବେ ଦେଖିବ ଏହା ମଧ୍ୟ ଜଳିବାକୁ ଆରମ୍ଭ କରିଛି ଏବଂ ସେ ଅଗ୍ନିର ଶିଖା ଆହୁରି ପ୍ରଜ୍ୱଳିତ ହୋଇ ଉଠିଛି ।

... ଯେତେବେଳେ ଅସୁବିଧାଟି ତୁମ ଅହଂକାରଗତ କିଂବା ବ୍ୟକ୍ତିଗତ ହୋଇଥାଏ, ଯଦି ତୁମେ ତାକୁ ତାଙ୍କ ପାଇଁ ଏକ ଆହୁତିରେ ପରିଣତ କର ଏବଂ ଏହି ପାବନକାରୀ ଅଗ୍ନିରେ ତାକୁ ନିକ୍ଷେପ କର, ସେତେବେଳେ ତୁମେ ସଙ୍ଗେ ସଙ୍ଗେ ଅଗ୍ରଗତିର ଆନନ୍ଦ ମଧ୍ୟ ଅନୁଭବ କରିବ । ଯଦି ଜଣେ ଏହା ନିଷ୍ଠାର ସହିତ କରେ, ସେତେବେଳେ ସଙ୍ଗେ ସଙ୍ଗେ ତା'ଭିତରେ ଏକ ଆନନ୍ଦ ଉଲ୍ଲାସର ଉତ୍ସ ଖୋଲିଯାଏ ।

# ଅଧୈର୍ଯ୍ୟ ନ ହୋଇ ଆସ୍ପୃହା କର

ଖୁବ୍ ନିବିଡ଼ଭାବେ ଆସ୍ପୃହାକର, କିନ୍ତୁ ଅଧୈର୍ଯ୍ୟ ହୁଅନା । ଏଇଟାହିଁ କଥା । ଜଣେ ସେହି ଅବସ୍ଥାରେ ରହିବା ଉଚିତ ।

ଏବଂ ବହୁକାଳ ପର୍ଯ୍ୟନ୍ତ – ବହୁକାଳ ପର୍ଯ୍ୟନ୍ତ ଜଣକୁ ତା'ର ଅନ୍ତରର ଫଳାଫଳକୁ ନେଇ ସନ୍ତୁଷ୍ଟ ରହିବାକୁ ପଡ଼ିବ – ତା'ମାନେ, ତୁମର ବ୍ୟକ୍ତିଗତ ଓ ନିଜସ୍ୱ ପ୍ରତିକ୍ରିୟାର ଫଳାଫଳରେ – ବାହ୍ୟଜଗତ ସହିତ ତୁମର ଆନ୍ତର ସଂସର୍ଗରେ ତୁମେ ଆଦୌ ଆଗତୁରା କିଛି ଗୋଟାଏ ଭଲ ପରିବର୍ତ୍ତନ ଶୀଘ୍ର ଘଟିଯାଉ ବୋଲି ପ୍ରତ୍ୟାଶା କରି ବସିବ ନାହିଁ । କାରଣ ଆମର ଏହି ତ୍ୱରାନ୍ୱିତ ପ୍ରତ୍ୟାଶା ସବୁକିଛିକୁ ପୁଣି ବିଳମ୍ବ କରିଦିଏ ।

ଯଦି କଥାଟି ଏପରି ହୋଇଥାଏ – ତେବେ ତାହା ଏହିପରିହିଁ ହେବ ।

ଆମ୍ଭେମାନେ – ଅର୍ଥାତ୍ ଏଇସବୁ ମଣିଷମାନେ – ବଡ଼ ନିଗୃହୀତ ଭାବେ ବଞ୍ଚୁଥା'ନ୍ତି । ଏହା ସେମାନଙ୍କ ଜୀବନର କ୍ଷଣସ୍ଥାୟିତ୍ୱ ସମ୍ବନ୍ଧେ ଏକ ଅର୍ଦ୍ଧଜାଗୃତି ଭଳି; ସେମାନେ ଏ ବିଷୟରେ ଚିନ୍ତା କରନ୍ତି ନାହିଁ । କିନ୍ତୁ ଅର୍ଦ୍ଧଚେତନାବସ୍ଥାରେ ସେମାନେ ଏହା ଅନୁଭବ କରୁଥା'ନ୍ତି । ତେଣୁ ସେମାନେ ସବୁବେଳେ ଚାହୁଁଥା'ନ୍ତି – ଶୀଘ୍ର, ଶୀଘ୍ର, ଶୀଘ୍ର – ଗୋଟିଏ କଥାରୁ ଆଉ ଗୋଟିଏ କଥା ଆଡ଼କୁ ଦଉଡ଼ି ଯାଉଥା'ନ୍ତି, ଗୋଟିଏ କାମକୁ ଚଟାପଟ୍ ସାରି ଦେଇ ଆଉ ଗୋଟିଏ କାମରେ ଲାଗି ପଡୁଥାନ୍ତି । ସେମାନେ କେଉଁ କଥାକୁ ତା'ର ଶାଶ୍ୱତ ସ୍ଥିତିରେ ବଂଚିବାକୁ ଦିଅନ୍ତି ନାହିଁ । ସେମାନେ ସର୍ବଦା ଚାହୁଁଥା'ନ୍ତି – (ଅସ୍ଥିର ଉଦ୍‌ବେଗରେ) – ଆଗକୁ ଚାଲ – ଆଗକୁ – ଆଗକୁ ... ଆଉ କାର୍ଯ୍ୟଟି ବିଗିଡ଼ି ଯାଏ ।

## ରାଜସିକ ବ୍ୟଗ୍ରତା

ପ୍ରଶ୍ନ : ''ରାଜସିକ ବ୍ୟଗ୍ରତା''ର ଅର୍ଥ କ'ଣ ?

ଉତ୍ତର : ବ୍ୟଗ୍ରତା ? ଏହା ଏକ ପ୍ରଚଣ୍ଡତା, ଏକ ହିଂସ୍ରତା । ଏହା ଏକ ମାତ୍ରାଧିକତା ଏବଂ ରାଜସିକ – ଏହା ହେଲା ଏକ ଅତ୍ୟଧିକ କ୍ରିୟାଶୀଳତା ଏବଂ ଏକ ହିଂସ୍ର ଉପାଦାନ, ବ୍ୟକ୍ତିର ସତ୍ତାରେ ଏହା ଏକ ଦୁର୍ଦ୍ଦାନ୍ତ ବା ଉଦ୍ଧତ ଉପାଦାନ । ରାଜସିକ – ତାହା ହେଲା ସର୍ବବିଧ ଗତିର ପ୍ରକୃତି, ଉଦ୍ଦାମ ଉତ୍ସାହ, ଜଳିଉଠିବା, ଏବଂ ସବୁପ୍ରକାର ଉତ୍ତେଜନା ଓ ହିଂସ୍ରତା ଏବଂ ସବୁପ୍ରକାର ମାତ୍ରାଧିକ କାର୍ଯ୍ୟକୁ ରାଜସିକ ବୋଲି ବୁଝିବାକୁ ହେବ । ଏହା ତାମସିକର ବିପରୀତ । ତାମସିକ ହେଲା ଯାହାକିଛି ଗତିହୀନ ନିସ୍ପନ୍ଦ । ଏହା ମଧ୍ୟ ସାତ୍ତ୍ୱିକର ବିପରୀତ । ସାତ୍ତ୍ୱିକ ହେଲା – ସବୁକିଛି ଭାରସାମ୍ୟତା । ଏଇ ରାଜସିକ ହେଲା ଏକ ମାତ୍ରାଧିକ କ୍ରିୟାଶୀଳ ଓ ହିଂସ୍ର ଉପାଦାନ । ...

ପ୍ରଶ୍ନ : ମଧୁମୟୀ ମା ! ରାଜସିକ ବ୍ୟଗ୍ରତା ଭିତରୁ ଯେଉଁ ଆସ୍ପୃହା ଆସେ, ତା'ର ପ୍ରଭାବ କ'ଣ ?

ଉତ୍ତର : ... ଦେଖ, ପ୍ରଥମେ ଏହା ତୁମର ଶାନ୍ତ ଅବସ୍ଥାକୁ ନଷ୍ଟ କରିଦିଏ । ଏଇଟା ତା'ର ପ୍ରଥମ କୁଫଳ । ଏହା ତୁମକୁ ଉତ୍ତେଜିତ, ଅସ୍ଥିର, ଅଧୈର୍ଯ୍ୟ ଏବଂ ଅସନ୍ତୁଷ୍ଟ କରିଦିଏ ଯଦି ତୁମେ ଯାହା ଚାହିଁଥିଲ ତାହା ସଙ୍ଗେ ସଙ୍ଗେ ନ ପାଅ । ଏବଂ ସାଧାରଣତଃ ତୁମ ଅଭୀପ୍ସାରେ ଏଗୁଡ଼ିକର ରୂପ ଯେଉଁଭଳି ଉଗ୍ର ଥିଲା, ତୁମର ହତାଶ ଓ ଅସନ୍ତୋଷରେ ମଧ୍ୟ ଏଗୁଡ଼ିକ ସେହିଭଳି ଉଗ୍ର ଓ ପ୍ରଚଣ୍ଡ ହୋଇଉଠନ୍ତି ଓ ତା' ସଙ୍ଗରେ ରହିଥାଏ ତୁମର ଏକ ପ୍ରବଳ ଅସହାୟତାର ବୋଧ ।

## ସମୟ – ବନ୍ଧୁ ନା ଶତ୍ରୁ ?

ପ୍ରଶ୍ନ : ମା ! ସମୟ କେମିତି ବନ୍ଧୁ ହୁଏ ?

ଉତ୍ତର : ତୁମେ କଥାଟିକୁ କିପରି ଦେଖୁଛ, ଏହା ନିର୍ଭର କରେ ତା'ରି ଉପରେ । ସବୁ କଥା ବି ସେହିପରି । ତୁମେ ବିଷୟଟି ସଙ୍ଗେ କିପରି ସମ୍ବନ୍ଧ ରଖୁଛ, ତା'ଉପରେ ସବୁ ନିର୍ଭର କରେ । ତୁମେ ଯଦି ସମୟକୁ ବନ୍ଧୁ ବୋଲି ଭାବିବ, ତା'ହେଲେ ସେ ବନ୍ଧୁ । ଯଦି ତୁମେ ବିଚାରିବ ଯେ ସମୟ ତୁମର ଶତ୍ରୁ – ତେବେ ସେ ଶତ୍ରୁ ହୋଇଯିବ ।

କିନ୍ତୁ ତୁମେ ଅବଶ୍ୟ ସେକଥା ପଚାରୁ ନାହଁ । ତୁମେ ପଚାରୁଛ ଯେ, ସମୟ ଯେତେବେଳେ ଶତ୍ରୁ ହୁଏ ତେବେ ଜଣେ କିପରି ଅନୁଭବ କରେ, ଏବଂ ସମୟ ଯେତେବେଳେ ବନ୍ଧୁ ହୁଏ, ଜଣକୁ କିପରି ଅନୁଭବ ହୁଏ । ଦେଖ – ତୁମେ ଯେତେବେଳେ ଅଧୀର ହୋଇପଡ଼ ଏବଂ ନିଜକୁ କୁହ – ''ଓଃ ! ମୁଁ ନିଶ୍ଚୟ ଏ କାର୍ଯ୍ୟରେ ସଫଳ ହେବା କଥା । କିନ୍ତୁ ମୁଁ କାହିଁକି ସଫଳ ହେଉ ନାହିଁ ?'' ସେଇଠୁ ତୁମେ ଯେତେବେଳେ ଯଥାଶୀଘ୍ର ସେ କାର୍ଯ୍ୟଟିରେ ସଫଳ ନ ହୋଇ ପାରିଲ ଏବଂ ହତାଶା ଭିତରେ ପଡ଼ିଗଲ – ସେତେବେଳେ ସମୟ ତୁମର ଶତ୍ରୁ ହୋଇଗଲା । କିନ୍ତୁ ତୁମେ ଯେତେବେଳେ ନିଜକୁ କହିବ – ''ଠିକ୍ ଅଛି । ମୁଁ ଏଥର ସଫଳ ହେଲି ନାହିଁ । କିନ୍ତୁ ମୁଁ ଆରଥରକୁ ସଫଳ ହେବି ଏବଂ ମୁଁ ନିଶ୍ଚିତ ଯେ ଦିନେ ନା ଦିନେ ମୁଁ ଏ କାର୍ଯ୍ୟରେ ସଫଳତା ପାଇବି,'' ଏତେବେଳେ ସମୟ ତୁମର ବନ୍ଧୁ ହୋଇଗଲା ।

# ଦ୍ରୁତ ଓ ଧୀର

ଚୈତ୍ୟସତ୍ତାହିଁ ଜୀବନକୁ ଶାସନ କରେ, ନିର୍ଦ୍ଦେଶ ଦିଏ, ଏପରିକି ଜୀବନକୁ ସଂଗଠିତ ମଧ୍ୟ କରେ । ଏହା ଚେତନାକୁ ଓ ବ୍ୟକ୍ତିର ବିଭିନ୍ନ ଅଂଶକୁ ମଧ୍ୟ ସଂଗଠିତ କରେ । ଯେତେବେଳେ ଏକଥା ଘଟେ, କାର୍ଯ୍ୟଟି ଖୁବ୍ ଦ୍ରୁତଗତିରେ ଚାଲେ । ବହୁତ ଦ୍ରୁତ ଗତିରେ ଚାଲେ, ମାନେ ... ଆପେକ୍ଷିକ ଭାବେ ଦ୍ରୁତ ଗତିରେ ଚାଲେ ।

ମାନବୀୟ ଚେତନାରେ କିନ୍ତୁ ସବୁକଥା ଖୁବ୍ ଧୀର ଗତିରେ ଚାଲୁଥାଏ । ମଣିଷର ସୀମିତ ଆୟୁକାଳ ଭିତରେ କିଛି ଗୋଟାଏ ଉପଲବ୍ଧି କରିବା ପାଇଁ ଆମେ ଯେତେବେଳେ ଆବଶ୍ୟକ ସମୟର ତୁଳନା କରୁ, ଏହା ମନେ ହୁଏ ସତେକି ଅନନ୍ତ କାଳ ଲାଗିଯିବ । କିନ୍ତୁ ସୁଖର କଥା ଯେ ଏମିତି ଏକ ସମୟ ଆସେ, ଯେତେବେଳେ ଜଣେ ଏହି ଧାରଣାରୁ ରକ୍ଷା ପାଇଯାଏ । ସେତେବେଳେ ସେ ଆଉ ମାନବୀୟ ପରିମାପରେ ସମୟକୁ ମାପେ ନାହିଁ । ଯେତେବେଳେ ଜଣେ ତା'ର ଚୈତ୍ୟସତ୍ତା ସହିତ ସଂଯୁକ୍ତ ହୋଇଯାଏ, ସେତେବେଳେ ତା'ର ସମୟର ଧାରଣାରୁ ସଂକୀର୍ଣ୍ଣତା ଚାଲିଯାଏ ଏବଂ ସମସ୍ତ କ୍ଷୋଭ ଓ ଯନ୍ତ୍ରଣା ମଧ୍ୟ ଚାଲିଯାଏ । ଏହି କ୍ଷୋଭପୂର୍ଣ୍ଣ ଯନ୍ତ୍ରଣା ବହୁତ ଖରାପ – ''ମୋତେ ଖୁବ୍ ତ୍ୱରାନ୍ୱିତ ହେବାକୁ ପଡ଼ିବ, ମୋତେ ଖୁବ୍ ଚଞ୍ଚଳ ହେବାକୁ ପଡ଼ିବ, ଆଉ ବେଶୀ ସମୟ ମୋ ହାତରେ ନାହିଁ, ମୋତେ ନିଶ୍ଚୟ ଶୀଘ୍ର ଶୀଘ୍ର ସବୁ ସାରିଦେବାକୁ ହେବ, ଆଉ ବେଶୀ ସମୟ ବି ନାହିଁ ।'' ଏପରି ଅବସ୍ଥାରେ ଜଣେ କୌଣସି କାର୍ଯ୍ୟ ଭଲ ଭାବେ କରିପାରେ ନାହିଁ । କିଂବା ସେ ଆଦୌ କିଛିକାମ କରିପାରେ ନାହିଁ । କିନ୍ତୁ ଯେତେବେଳେ ଚୈତ୍ୟସତ୍ତା ସହିତ ସଂଯୋଗ ହୋଇଯାଏ, ସେତିକିବେଳେ ଯାଇ ଏ ସବୁ ଅନ୍ତର୍ହିତ ହୋଇଯାନ୍ତି । ସେତେବେଳେ ଯାଇ ସେ ଟିକିଏ ବିଶାଳ ହେବାକୁ, ଧୀର ଓ ଶାନ୍ତ ହେବାକୁ ଆରମ୍ଭ କରେ ଏବଂ ଶାଶ୍ୱତ ଭିତରେ ବାସ କରିବାକୁ ଆରମ୍ଭ କରେ ।

# ଅଗ୍ରଗତି ଲାଗି ପ୍ରୟାସ – ୧

ତୁମେ ପ୍ରକୃତରେ ଅଗ୍ରଗତି କରୁଛ କି ନାହିଁ, ତାହା ଜାଣିବାରେ ତୁମେ ସଂପୂର୍ଣ୍ଣ ଅସମର୍ଥ ବୋଲି ଜାଣିରଖ । କାରଣ, ବହୁ ସମୟରେ ଆମକୁ ଯେଉଁ ଅବସ୍ଥାଟି ଅଚଳ ବା ବଦ୍ଧାବସ୍ଥା ବୋଲି ଜଣାପଡ଼େ, ତାହା ବେଳେବେଳେ ବହୁକାଳ ଧରି ଚାଲିଥିଲେ ବି – ଅବଶ୍ୟ ସେହି ମାନ୍ଦାବସ୍ଥା ଅନନ୍ତ କାଳଯାଏ କେବେ ରହିବ ନାହିଁ – ସେହି ଅବସ୍ଥାଟି ପ୍ରକୃତରେ ହଠାତ୍ ଦିନେ ବହୁ ଦୂରକୁ ଦ୍ରୁତ ଚାଲିଯିବା ପାଇଁ ଏକ ପ୍ରସ୍ତୁତି କାଳ ବୋଲି ଜାଣିବ । ଆମେ ବେଳେବେଳେ ସମୟକୁ ସପ୍ତାହ, ମାସ ଇତ୍ୟାଦିରେ ଚିହ୍ନଟ କରୁଥାଉ – ତା'ପରେ ଦିନେ ଯାହା ସେହି ମାନ୍ଦାବସ୍ଥା ଭିତରେ ନିଜକୁ ପ୍ରସ୍ତୁତ କରୁଥିଲା, ତାହା ହଠାତ୍ ଆତ୍ମପ୍ରକାଶ କରିଦିଏ । ସେତେବେଳେ ଯାଇ ଆମେ ଦେଖୁ ଯେ, ପ୍ରକୃତରେ ବେଶ୍ କିଛି ଏକ ପରିବର୍ତ୍ତନ ହୋଇ ଯାଇଛି – ଏବଂ ଏକ ସମୟରେ ବହୁ ବିଷୟ ଉପରେ ଏ ପରିବର୍ତ୍ତନ ଘଟିଯାଇଛି ।

ଯୋଗମାର୍ଗରେ ଅନ୍ୟାନ୍ୟ କଥା ଭଳି, ଅଗ୍ରଗତି ଲାଗି ଯେଉଁ ପ୍ରୟାସ କରିବାକୁ ପଡ଼େ, ତାହା ଜଣେ ଅଗ୍ରଗତିର ପ୍ରୟାସ ପାଇଁ ଆଗ୍ରହରୁ କରିବା ଉଚିତ । ପ୍ରୟାସର ଆନନ୍ଦ, ଅଗ୍ରଗତି ପାଇଁ ଆସ୍ପୃହା – ଏଗୁଡ଼ିକ ନିଜ ନିଜ ଭିତରେ ସ୍ୱୟଂସଂପୂର୍ଣ୍ଣ ହେବା ଉଚିତ । ଏହା କୌଣସି ଫଳାଫଳକୁ ଅପେକ୍ଷା କରେ ନାହିଁ । ଯୋଗମାର୍ଗରେ ଜଣେ ଯାହା କରେ ତାହା କରିବାର ଆନନ୍ଦ ପାଇଁହିଁ କରେ, କୌଣସି କାମ୍ୟ ଫଳପ୍ରାପ୍ତି ପାଇଁ ନୁହେଁ ।... ପ୍ରକୃତରେ ଜୀବନରେ, ସର୍ବଦା, ସର୍ବ ବିଷୟରେ ଫଳାଫଳରେ ଆମର କୌଣସି ଅଧିକାର ନାହିଁ । ଏବଂ ଆମେ ଯଦି ଯଥାର୍ଥରେ ଠିକ୍ ମନୋଭାବଟି ରଖିପାରୁ, ତେବେ ଆମକୁ ତଦନୁଯାୟୀ କାର୍ଯ୍ୟ କରିବାକୁ ହେବ, ଅନୁଭବ କରିବାକୁ ହେବ, ଚିନ୍ତା କରିବାକୁ ହେବ – ଏବଂ ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରୟାସ କରିବାକୁ ହେବ । କାରଣ, **ତାହାହିଁ** କେବଳ ଆମର କରଣୀୟ । କେବେ ବି କୌଣସି ଫଳ ଉଦ୍ଦେଶ୍ୟରେ ଆମେ କିଛି କରିବୁ ନାହିଁ ।

# ଅଗ୍ରଗତି ଲାଗି ପ୍ରୟାସ – ୨

ଯେତେବେଳେ ଆମେ ଫଳ ବିଷୟ ଚିନ୍ତା କରୁ, ସେତେବେଳେ ଆମର ଦର କଷାକଷି ଆରମ୍ଭ ହୋଇଯାଏ – ଏବଂ ସେତେବେଳେ ଆମ ପ୍ରୟାସରୁ ସମସ୍ତ ନିଷ୍ଠା ଚାଲିଯାଏ । ତୁମେ ଅଗ୍ରଗତି କରିବାକୁ ପ୍ରୟାସ କରୁଛ ମାନେ, ତୁମେ ତୁମ ହୃଦୟରେ ତା'ର ଆବଶ୍ୟକତା ଅନୁଭବ କରୁଛ, ପ୍ରୟାସ ଓ ଅଗ୍ରଗତି ପାଇଁ ଏକ ଅନିବାର୍ଯ୍ୟ ଆବଶ୍ୟକତା ଅନୁଭବ କରୁଛ; ଏବଂ ତୁମର ଏହି ପ୍ରୟାସଟି ହେଲା ତୁମ ଭିତରେ ଥିବା ଦିବ୍ୟଚେତନାଙ୍କୁ ଏକ ଉପହାର, ବିଶ୍ୱରେ ରହିଥିବା ଦିବ୍ୟଚେତନାଙ୍କୁ ମଧ୍ୟ ଏକ ଉପହାର । ଏହି ବାଟରେହିଁ ତୁମେ ତୁମର କୃତଜ୍ଞତା ପ୍ରକାଶ କରିଥାଅ, ନିଜକୁ ଅର୍ପଣ କରିଥାଅ; ଏବଂ ସେଇ ଅଗ୍ରଗତିରେ ତୁମେ କେତେଦୂର ଗତିକଲ, ତାହା ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଯେତେବେଳେ ତୁମର ଅଗ୍ରଗତି ପାଇଁ ନିର୍ଦ୍ଧାରିତ ସମୟ ଆସିବ, ସେତେବେଳେ ତୁମେ ଅଗ୍ରଗତି କରିବ । କିନ୍ତୁ ତୁମେ ଚାହୁଁଚ ବୋଲି ଯେ ତୁମର ଅଗ୍ରଗତି ହୋଇଯିବ, ସେକଥା ଆଦୌ ନୁହେଁ ।

ଯଦି ତୁମେ ଅଗ୍ରଗତି କରିବାକୁ ଇଚ୍ଛା କରୁଥାଅ, ଉଦାହରଣ ସ୍ୱରୂପ, ତୁମେ ଯଦି ନିଜକୁ ସଂଯତ କରିବାକୁ, ତୁମର କେତେକ ଦୋଷତ୍ରୁଟିକୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥାଅ, କେତେକ ଦୁର୍ବଳତାରୁ ମୁକ୍ତ ହେବାକୁ, କେତେକ ଅସଂପୂର୍ଣ୍ଣତାକୁ ପୂରଣ କରିବାକୁ ଚେଷ୍ଟା କରୁଥାଅ – ଏବଂ ତୁମେ ଯଦି ତୁମର ଏହି ପ୍ରୟାସରେ ଖୁବ୍ ଶୀଘ୍ର ଅଳ୍ପ ବା ବେଶୀ ସଫଳ ହୋଇଯିବ ବୋଲି ପ୍ରତ୍ୟାଶା କରୁଥାଅ, ତା'ହେଲେ ଜାଣିବ ଯେ ତୁମର ପ୍ରୟାସ ଭିତରୁ ନିଷ୍ଠା ଚାଲିଯାଉଛି, ଏହା ଏକ ମୂଲ୍‌ଚାଲ୍ ବ୍ୟାପାରରେ ପରିଣତ ହୋଇଗଲାଣି ।

# ସମତଳ ଅଗ୍ରଗତି ଓ ଊର୍ଦ୍ଧ୍ୱମୁଖୀ ଅଗ୍ରଗତି

ଊର୍ଦ୍ଧ୍ୱ ଦିଗରେ ଦ୍ରୁତ ଅଗ୍ରଗତି ଚାଲିଥିବାର ମଝିରେ ଏକ ସମତଳ ଅଗ୍ରଗତି ମଧ୍ୟ ହୁଏ । ଦ୍ରୁତ ଅଗ୍ରଗତି ସମୟରେ ତୁମକୁ କିଛି ଗୋଟାଏ ଦିବ୍ୟ-ଅନୁଭୂତି ପାଇଲା ଭଳି ଲାଗେ ଏବଂ ତୁମ ଅନ୍ତରରେ ଖୁବ୍ ଆନନ୍ଦ ଅନୁଭବ ହୁଏ । କିନ୍ତୁ ଥରେ ଯେବେ ତୁମେ ଊର୍ଦ୍ଧ୍ୱକୁ ଗୋଟିଏ ସୋପାନ ଅତିକ୍ରମ କରି ଆଉ ଏକ ସୋପାନକୁ ଆରୋହଣ କରିଗଲ, ଏବଂ ତା'ପରେ ଯଦି ତୁମେ ଆହୁରି ଊର୍ଦ୍ଧ୍ୱକୁ ଯିବାକୁ ଇଚ୍ଛା କରିବ, ତେବେ ତୁମକୁ ପୁଣିଥରେ ତଳକୁ ଓହ୍ଲାଇବା ପାଇଁ ପଡ଼ିବ । ଆଉ ଗୋଟିଏ ସୋପାନ ଊର୍ଦ୍ଧ୍ୱକୁ ଉଠିବାକୁ ହେଲେ, ତୁମକୁ ଏଇ ନିମ୍ନସ୍ତରରେ ରହି ନିଜକୁ ପ୍ରସ୍ତୁତ କରିବାକୁ ହେବ । ଆରୋହଣଗୁଡ଼ିକ ହଠାତ୍ ତୁମକୁ ଏକ ଗଭୀର ଆନନ୍ଦ ଦେଇଥା'ନ୍ତି । କିନ୍ତୁ ଏହି ଆରୋହଣଗୁଡ଼ିକ ପ୍ରସ୍ତୁତ ହୁଅନ୍ତି ସମତଳ ପ୍ରଗତିର ଧୀର ସାଧନା ମାଧ୍ୟମରେ । ତା' ଅର୍ଥ, ତୁମକୁ ଅଧିକରୁ ଅଧିକ ସଚେତନ ହେବାକୁ ପଡ଼ିବ, ତୁମେ ପ୍ରକୃତରେ ଯାହା, ତାକୁ ଅଧିକ ପୂର୍ଣ୍ଣତାର ସହିତ ପ୍ରତିଷ୍ଠିତ କରିବାକୁ ପଡ଼ିବ, ତାହାରି ଭିତରୁ ସବୁ ଆନ୍ତର ଓ ମନସ୍ତାତ୍ତ୍ୱିକ ସୁଫଳଗୁଡ଼ିକୁ ବାହାର କରି ଆଣିବାକୁ ପଡ଼ିବ ଏବଂ ସବୁତକ ନିଜ କାର୍ଯ୍ୟରେ ମଧ୍ୟ ପ୍ରକାଶ କରିବାକୁ ପଡ଼ିବ । ହଠାତ୍ ଊର୍ଦ୍ଧ୍ୱାରୋହଣର ଫଳକୁ ବହୁଦିନ ଧରି ତଳସ୍ତରରେ ବି ପ୍ରତିଷ୍ଠିତ କରିବାକୁ ହେବ । ଏବଂ ମୁଁ ଯାହା କହିଛି – ଦୁଇପ୍ରକାର ଅଗ୍ରଗତି ରହିଛି, କିନ୍ତୁ ସମତଳ ଅଗ୍ରଗତି ତୁମ ପାଇଁ ଅନିବାର୍ଯ୍ୟ ବୋଲି ଜାଣିଥାଅ ।

ଗତିରୁ କେବେ ବିରତ ହେବ ନାହିଁ । କେବେ ବି ତୁମର ସେହି ଊର୍ଦ୍ଧ୍ୱାରୋହଣକୁ ଧରି ତା'ରି ପାଖେ ବନ୍ଧାପଡ଼ିଯିବ ନାହିଁ । କେବେ ସେଠାରୁ ଘୁଞ୍ଚିବ ନାହିଁ ବୋଲି ଭାବିବ ନାହିଁ । ଊର୍ଦ୍ଧ୍ୱାରୋହଣ ତୁମକୁ ଏକ ଦିବ୍ୟ ଅନୁଭୂତି ଦେଇଛି ବୋଲି ତାକୁଇ ଧରି ସେହି ସୋପାନ ଉପରେ ଠିଆହୋଇ ରହିବ ନାହିଁ । ଆଉ ଏକ ପ୍ରସ୍ତୁତି ଲାଗି ତୁମେ କିପରି ସେହି ଦିବ୍ୟ-ଅନୁଭୂତିକୁ ନିୟୋଜିତ କରିବ, ସେସମ୍ବନ୍ଧେ ତୁମେ ଜାଣିବା ଉଚିତ ।

## ଯଥାର୍ଥ ଅଗ୍ରଗତି ହେଉଛି ସାଧନା

ତୁମେ ଯେତେବେଳେ ଶରୀର ଧାରଣ କରିଛ, ସେହି ଶରୀରର ଧର୍ମ ହେଲା ଆଗକୁ ଗତି କରିବା । ଯେତେବେଳେ ତୁମେ ଏହି ଶରୀରକୁ ଛାଡ଼ିବ, ସେତେବେଳେ ତୁମର ଅଗ୍ରଗତିର ସମୟ ଜାଣ ସରିଗଲା ।

ଏବଂ ଯଥାର୍ଥ ଅଗ୍ରଗତିହିଁ ସାଧନା; ତା'ମାନେ, ସାଧନା ହେଉଛି ଅତ୍ୟନ୍ତ ସଚେତନ ଓ ଦ୍ରୁତ ଅଗ୍ରଗତି । ତା' ନ ହେଲେ, ତୁମେ ପ୍ରକୃତିର ଛନ୍ଦରେ ଧୀରେ ସୁସ୍ଥେ ଅଗ୍ରଗତି କରିବ । କିନ୍ତୁ ପ୍ରକୃତିର ଛନ୍ଦରେ ଗତିକଲେ ତୁମକୁ ସାମାନ୍ୟଟିକିଏ ଆଗକୁ ଯିବା ଲାଗି ଶତାବ୍ଦୀ ଶତାବ୍ଦୀ ଲାଗିପାରେ କିଂବା ହଜାରହଜାର ଶତାବ୍ଦୀ ମଧ୍ୟ ଲାଗିପାରେ । କିନ୍ତୁ ପ୍ରକୃତ ଅଗ୍ରଗତି ହୁଏ ସାଧନା ଦ୍ୱାରା । ସାଧାରଣ ଜୀବନର ଛନ୍ଦକୁ ଅନୁସରଣ କରି ଚାଲିଲେ ତୁମକୁ ଅସଂଖ୍ୟ ବର୍ଷ ଲାଗିପାରେ । ମାତ୍ର ତୁମେ ଯଦି ଯୋଗପଥରେ ଗତି କରିବ ଏହା ତୁମକୁ ଅଳ୍ପସମୟରେ ଅଗ୍ରଗତି କରାଇ ଦେବ । କିନ୍ତୁ ଏହି ଅଗ୍ରଗତି ତୁମକୁ ଏହି ଶରୀରରେ ଏବଂ ଏହି ପୃଥିବୀରେ ରହିବା କାଳ ଭିତରେହିଁ କରିବାକୁ ହେବ – ଆଉ କେଉଁଠାରେ ନୁହେଁ । ସେଥିପାଇଁ ଜଣେ ଯେତେବେଳେ ଶରୀରଟିଏ ଧାରଣ କରିଛି, ସେତେବେଳେ ସେ ତା' ଶରୀରର ସଦୁପଯୋଗ କରିବା ଉଚିତ । କୌଣସି ପ୍ରକାରେ ସମୟ ନଷ୍ଟ କରିବା ଉଚିତ ନୁହେଁ – କେବେ କହିବା ଉଚିତ ନୁହେଁ ଯେ ''ଟିକିଏ ପରେ କରିବା,– ଟିକିଏ ପରେ କରିବା ।'' ଏହି ମୁହୂର୍ତ୍ତରୁହିଁ ଯୋଗ ଅରମ୍ଭ କରିଦେବା ବହୁତ ଭଲ । ଏତେବର୍ଷ ଯେ ତୁମେ କିଛି ମାତ୍ର ଅଗ୍ରଗତି ନ କରି କଟାଇ ଦେଲ, ସେତେକ ସମୟ ତୁମର ଜାଣ ନଷ୍ଟ ହୋଇଗଲା । ଦେଖ, ପରେ ତୁମକୁ ଏଥିପାଇଁ ବହୁ ଅନୁତାପ କରିବାକୁ ପଡ଼ିବ ।

## ''ଏହା ମୋର ଦୋଷ''

ସାଧାରଣ ଜୀବନରେ ଜଣେ କହେ – ''ପରିସ୍ଥିତିରହିଁ ଦୋଷ, ଭାଗ୍ୟ ଦୋଷ, ମୋ ମନ୍ଦ କପାଳ ଦୋଷ, ସେମାନଙ୍କର ଦୋଷ'' କିଂବା ଏମିତି ବି ଲୋକେ କହିଥାନ୍ତି, ''ମୋ ଭାଗ୍ୟରେ ନାହିଁ।'' ଏପରି କହିବା, ବହୁତ ବହୁତ ସୁବିଧା । ଜଣେ ସବୁ ଘୋଡ଼ାଇ ପକାଏ, ଏବଂ ଆଶା କରୁଥାଏ ... ହଁ, କାହାର କେତେବେଳେ ଭଲ ସମୟ ଥାଏ, ତା'ପରେ ଖରାପ ସମୟ ବି ଆସିଯାଏ, ଏବଂ ଶେଷରେ – ଆଃ ! ଶେଷରେ କେହି ଗାତ ଭିତରେ ପଡ଼ିଯାଏ, କାରଣ ସମସ୍ତଙ୍କର ପତନ ଯୋଗ ବି ଥାଏ, ଏବଂ ଶୀଘ୍ର ବା ବିଳମ୍ବରେ ସମସ୍ତେ ବି ଆଶା କରୁଥା'ନ୍ତି । ତେଣୁ ଜଣେ ହୁଏତ ବ୍ୟସ୍ତ ହୁଏ ନାହିଁ, କିଂବା ସବୁବେଳ ପାଇଁ ବ୍ୟସ୍ତ ବିକଳ ହୋଇ ନ ଥାଏ – ତା' ମାନେ, ସବୁକଥା ପୁଣି ସେଇକଥାଟିକୁ ଆସେ । ତାହାହେଲା – ସେ ଅଚେତନ ଥାଏ, ଅଚେତନ ଭାବେ ବଞ୍ଚୁଥାଏ ଏବଂ ଯାହା କିଛି ଖରାପ ଘଟେ, ତା'ପାଇଁ ଅନ୍ୟ ଉପରେ ଦୋଷ ଲଦି ଦିଏ କିଂବା ପରିସ୍ଥିତିକୁ ବି ଦାୟୀ କରେ । କିନ୍ତୁ ସେ କେବେ ବି ନିଜକୁ କହେ ନାହିଁ– ''ଠିକ୍ ଅଛି । ଏସବୁ ମୋରି ଦୋଷ'' । ଏହା ଆବଶ୍ୟକ କରେ ଖୁବ୍ ଅଧିକ ଭାବେ ଏକ ଉଦାର ଚେତନା ଏପରିକି ଯେଉଁମାନେ ନିଜକୁ ଖୁବ୍ ସଚେତନ ବୋଲି କହିବୁଲନ୍ତି, ସେମାନଙ୍କ ଭିତରେ ବି ଖୁବ୍ କମ୍ ଲୋକ ଥିବେ ଯେଉଁମାନେ କି ଏ ବିଷୟରେ ସଚେତନ ହେବା ଭଳି ସ୍ୱଷ୍ଟଭାବରେ ଦେଖି ପାରିବେ, ଯାହାକିଛି ସେମାନଙ୍କ ପାଇଁ ଘଟୁଛି, ତାହାସବୁ ଆସୁଛି, ସେହିମାନେ ଯାହା ହୋଇଛନ୍ତି, ତା'ରି ଭିତରୁ ଏବଂ ଆଉ କେଉଁଠାରୁ ଆସୁ ନାହିଁ। ସେମାନେ ସବୁବେଳେ କହନ୍ତି – ''ଏଇଟା ମୋର ନୁହେଁ, ତାଙ୍କର ଭୁଲ; ପରିସ୍ଥିତିଗୁଡ଼ାକ ବି ପ୍ରତିକୂଳ ହେଲା; ଓଃ ! କାହିଁକି ସେ କଥାଟା ସେପରି ହୋଇଗଲା ?''– କିନ୍ତୁ ଅସଲ କଥାଟି ହେଲା – ତୁମେ ଯାହା ହୋଇଛ, ତାହା ଯଦି ନ ହୋଇ ଥା'ନ୍ତ, ତା'ହେଲେ, ବ୍ୟାପାରଟି ଏପରି ହୋଇ ନ ଥାନ୍ତା । ଏହା ଅନ୍ୟ ପ୍ରକାରହିଁ ହୋଇଥା'ନ୍ତା ।

# ତୁମକୁ ବାଛିନେବାକୁ ହେବ

ତୁମକୁ ବାଛିନେବାକୁ ପଡ଼ିବ; ''ସେହି ଭଳି ଶକ୍ତି'' ବୋଲି ଏପରି କିଛି ନାହିଁ – ଯାହାକି ତୁମ ପାଇଁ ବାଛିଦେବ । ଏପରି କିଛି ଅକସ୍ମାତ୍ ମୁହୂର୍ତ୍ତ ନାହିଁ କିଂବା ଭାଗ୍ୟ କି ନିୟତି ନାହିଁ ଯାହା ତୁମ ପାଇଁ ବାଛିଦେବ – ଏହା ସତ ନୁହେଁ । ତୁମର ସଂକଳ୍ପ ବା ଇଚ୍ଛା ସ୍ୱାଧୀନ । ତୁମକୁ ଜାଣି ଶୁଣି ଏ ସ୍ୱାଧୀନତା ଦିଆଯାଇଛି ଏବଂ ତୁମକୁହିଁ ତୁମ ପାଇଁ ବାଛି ନେବାକୁ ହେବ । ତୁମେ **ଆଲୋକ** ଦେଖିବ କି ନାହିଁ, ତୁମେ ସତ୍ୟର ସେବା କରିବ କି ନାହିଁ, ତାହା ତୁମକୁହିଁ ସିଦ୍ଧାନ୍ତ ନେବାକୁ ପଡ଼ିବ । ଏହା ତୁମର ଦାୟିତ୍ୱ । ତୁମେ ଏଥିପାଇଁ ଆସ୍ପୃହା କରିବ କି ନାହିଁ – ତାହା ତୁମରି ଦାୟିତ୍ୱ – ତାହା ତୁମକୁହିଁ ଠିକ୍ କରିବାକୁ ହେବ । ଏବଂ ଏପରିକି ତୁମକୁ ଯେତେବେଳେ କୁହାଯାଏ ଯେ,– ''ପୂର୍ଣ୍ଣଭାବେ ନିଜକୁ ସମର୍ପଣ କର – ଏବଂ ତୁମ ପାଇଁ ଯାହା କରାଯିବାର କଥା କରାଯିବ''– ଏକଥା ଠିକ୍ ଅଛି, କିନ୍ତୁ ତୁମର ସମର୍ପଣଟି ଯେପରି ସଂପୂର୍ଣ୍ଣ ଓ ସାମଗ୍ରିକ ହୁଏ, ତୁମେ ଯେପରି ପ୍ରତିଦିନ ଓ ପ୍ରତିମୁହୂର୍ତ୍ତରେ ସମର୍ପଣ କରି ପାରିବ, ସେକଥା ତୁମକୁହିଁ ଠିକ୍ କରିବାକୁ ପଡ଼ିବ, ତୁମକୁହିଁ ତୁମର ସମର୍ପଣକୁ ସଂପୂର୍ଣ୍ଣ ଓ ସାମଗ୍ରିକ କରିବାକୁ ପଡ଼ିବ, ଆଉ କେହି ତୁମ ପାଇଁ କରିବେ ନାହିଁ, କିଂବା ତାହା ଛାଏଁ ଛାଏଁ ହୋଇଯିବ ନାହିଁ । ତୁମକୁ ଏହା କରିବା ପାଇଁ ଇଚ୍ଛା କରିବାକୁ ପଡ଼ିବ । ଯେତେବେଳେ ତାହା ସଂପନ୍ନ ହୋଇଯାଏ, ସବୁ ତେଣିକି ଠିକ୍ ଚାଲେ, ତୁମର ଯେତେବେଳେ ଜ୍ଞାନ ହୁଏ, ସେତେବେଳେ ବି ସବୁ ଠିକ୍ ଚାଲେ, ଏବଂ କିନ୍ତୁ ତୁମେ ଯେବେ ଈଶ୍ୱରଙ୍କ ସହିତ ଏକାତ୍ମ ହୋଇଯିବ, ସେତେବେଳେ ସବୁକଥା ସବୁଠାରୁ ଅଧିକ ଭଲ ଭାବରେ ଚାଲେ । କିନ୍ତୁ ସେ ପର୍ଯ୍ୟନ୍ତ ତୁମକୁହିଁ ଇଚ୍ଛାକରିବାକୁ ହେବ, ବାଛିନେବାକୁ ହେବ ଓ ସିଦ୍ଧାନ୍ତ ନେବାକୁ ହେବ । ଅଳସୁଆଙ୍କ ଭଳି ଏମିତି କହି ଶୋଇପଡ଼ ନାହିଁ : ''ଓଃ ! ମୋ ପାଇଁ କାର୍ଯ୍ୟଟି କରାହୋଇଯିବ । ମୋର କିଛି କରିବାକୁ ନାହିଁ । ମୋତେ ସ୍ରୋତ ସହିତ ଭାସି ଯିବାକୁ ଦିଅ ।''

# କେବଳ ଉଚ୍ଚତମ ସତ୍ୟକୁ ପ୍ରକାଶ କର

ସତ୍ୟରେ କାର୍ଯ୍ୟକରିବା ପାଇଁ ମାତ୍ର ଗୋଟିଏ ବାଟ ରହିଛି – ତାହାହେଲା – ପ୍ରତିଟି ମୁହୂର୍ତ୍ତରେ, ପ୍ରତିଟି ସେକେଣ୍ଡରେ, ତୁମର ପ୍ରତିଟି ଗତିବୃତ୍ତିରେ ତୁମେ ଯେପରି ତୁମେ ଜାଣିପାରୁଥିବା ସର୍ବୋଚ୍ଚ ସତ୍ୟଟିକୁ ପ୍ରକାଶ କରିବ ଏବଂ ତା' ସହିତ ଏତେକ ମଧ୍ୟ ଜାଣି ରଖିବ ଯେ, ତୁମର ଏଇ ମୁହୂର୍ତ୍ତର ସତ୍ୟଦୃଷ୍ଟି ଗତିଶୀଳ ହେବା ଉଚିତ । କାରଣ, ବର୍ତ୍ତମାନ ତୁମକୁ ଯାହା ସର୍ବୋଚ୍ଚ ସତ୍ୟ ବୋଲି ମନେ ହେଉଛି, ତାହା ଆସନ୍ତାକାଲି ସେଇଆ ନ ହୋଇପାରେ । ତୁମେ ଏହା ମଧ୍ୟ ବୁଝିବ ଯେ, ଉଚ୍ଚତର ସତ୍ୟ ଅଧିକରୁ ଅଧିକତର ଭାବେ ତୁମରି ମାଧ୍ୟମରେହିଁ ପ୍ରକାଶ ପାଇବ । ତେଣୁ ଏକ ତାମସିକ ନିଦ୍ରାରେ ନିଶ୍ଚିନ୍ତ ଭାବେ ଶୋଇପଡ଼ିବାକୁ ତୁମର ଆଉ ଚାରା ନାହିଁ । ତୁମକୁ ସର୍ବଦା ଜାଗ୍ରତ ରହିବାକୁ ପଡ଼ିବ । ମୁଁ ଅବଶ୍ୟ ତୁମକୁ ଶାରୀରିକ ନିଦ୍ରା କଥା କହୁ ନାହିଁ । ତୁମକୁ ସର୍ବଦା ଜାଗି ରହିବାକୁ ପଡ଼ିବ – ସର୍ବଦା ଚେତା ରହିବାକୁ ପଡ଼ିବ । ଏବଂ ସବୁବେଳେ ତୁମ ଭିତରେ ଏକ ଆଲୋକିତ ଗ୍ରହଣଶୀଳତା ଓ ସଦିଚ୍ଛା ମଧ୍ୟ ଜାଗ୍ରତ ରହିଥିବ । ସବୁବେଳେ ଯାହା ସର୍ବୋତ୍ତମ ତାହାକୁହିଁ ଇଚ୍ଛାକରିବ, ସବୁଠାରୁ ଯାହା ଉତ୍ତମ, ଯାହା ସବୁଠାରୁ ଉଚ୍ଚ, ତାକୁହିଁ ବାଞ୍ଛା କରିବ । କେବେ ବି ଯେପରି ନିଜକୁ ନ କୁହ – ''ଆଃ ! ମୁଁ ବଡ଼ ହାଲିଆ ହୋଇ ଗଲିଣି, ଏଥର ମୁଁ ବିଶ୍ରାମ କରିବି, ଟିକିଏ ନିଜକୁ ହୁଗୁଳା କରିବି ! ଆଃ ! ମୁଁ ଆଉ କୌଣସି ପରିଶ୍ରମ କରିପାରିବି ନାହିଁ;'' ଏପରି ଯଦି ଜଣେ ଭାବିବାକୁ ଆରମ୍ଭ କରିବ, ତେବେ ସେ ନିଶ୍ଚୟ ଖୁବ୍ ଶୀଘ୍ର ଗାତ ଭିତରେ ପଡ଼ିବ ଏବଂ ଏକ ନିର୍ବୋଧ ପ୍ରମାଦ କରି ବସିବ !...

ପ୍ରତି ମୁହୂର୍ତ୍ତରେ ତୁମେ ଯେତେଦୂର ଦେଖିପାରୁଛ, ସେହି ସର୍ବୋତ୍ତମ ସତ୍ୟଟିକୁ ପ୍ରକାଶ କରିବାକୁ ଚେଷ୍ଟା କର । ଏହା ଖୁବ୍ କଷ୍ଟକର, କିନ୍ତୁ ଏହାହିଁ ଏକମାତ୍ର ସମାଧାନ ।

# ''ଅନ୍ୟମାନେ ଏହା କରୁ ନାହାନ୍ତି''

ପ୍ରଶ୍ନ : ଈଶ୍ୱରଙ୍କ ପ୍ରଭାବ ପ୍ରତି ମୁଁ ନିଜକୁ ଖୋଲି ଧରିପାରୁ ନାହିଁ । ତା'ର କାରଣ ହେଲା – କେତେକ ମତେ କହୁଛନ୍ତି – ''କାହିଁକି ଭଲା ଏତେ ତରତର ହେଉଛୁ ? ଏତେ ତଡ଼ବଡ଼ ହେବାରେ କ'ଣ ଅଛି ? ଅନ୍ୟମାନେ ତ କେହି ଏହା କରୁ ନାହାନ୍ତି !!'' (ତୁ ଏତେ ବ୍ୟସ୍ତ କାହିଁକି ?)

ଉତ୍ତର : ଏହା ଏକ ଭୟଙ୍କର ପରାମର୍ଶ !

ଆଚ୍ଛା, ତୁମେ ଯଦି ସାରାସୃଷ୍ଟିରେ ଏକମାତ୍ର ଲୋକ ହୁଅ, ଯେ କି ସମସ୍ତ ପବିତ୍ରତାର ସହିତ ପୂର୍ଣ୍ଣାଙ୍ଗ ଭାବେ ନିଜକୁ ଈଶ୍ୱରଙ୍କ ପାଖରେ ଅର୍ପଣ କର ଏବଂ ତୁମେ ଏ ଦିଗରେ ଏକମାତ୍ର ବୋଲି ଯଦି ସ୍ୱାଭାବିକ ଭାବେ ଅନ୍ୟ ସମସ୍ତେ ତୁମକୁ ଭୁଲ ବୁଝନ୍ତି, ତୁମକୁ ଅବଜ୍ଞା କରନ୍ତି, ବିଦ୍ରୂପ କରନ୍ତି, ଘୃଣା କରନ୍ତି, ତେବେ ତୁମେ ଯଦି ଠିକ୍ ଥାଅ, ଅନ୍ୟମାନଙ୍କ ପାଇଁ ତୁମେ ତୁମ ପଥରୁ ନିବୃତ୍ତ ହେବାରେ କୌଣସି କାରଣ ନାହିଁ ! ଜଣେ ହୁଏତ ଏକ ଉଜ୍ଜ୍ୱଳ କର୍ମୀ ହେବ, ନତୁବା ବୋକାଟିଏ ହେବ । କାରଣ, ଅନ୍ୟମାନେ ଏହା କରୁ ନାହାନ୍ତି ? କିନ୍ତୁ ଅନ୍ୟମାନେ କରନ୍ତୁ ବା ନ କରନ୍ତୁ, ସେଥିରେ କ'ଣ ଯାଏ ଆସେ ? ''ଦେଖ ! ସାରା ପୃଥିବୀ ଗୋଟାଏ ଭୁଲ୍‌ବାଟରେ ଯାଇପାରେ । ମୋର ସେଥିରେ କିଛି ଯାଏ ଆସେ ନାହିଁ । କେବଳ ଗୋଟିଏ କଥା ଅଛି, ଯାହା ସାଙ୍ଗେ ମୁଁ ସଂଲଗ୍ନ, ତା'ହେଲା ସିଧାସଳଖ ଆଗକୁ ଯିବା । ଅନ୍ୟମାନେ କ'ଣ କରୁଛନ୍ତି, ସେଥିରେ ମୋର କି ଯାଏ ଆସେ ? ଏହା ସେମାନଙ୍କ ବ୍ୟାପାର । ମୋର ନୁହେଁ ।''

# ତୁମର ସର୍ବୋତ୍ତମ ବନ୍ଧୁ – ୧

ସେ ତୁମର ବନ୍ଧୁ ନୁହଁ ଯେ ତୁମକୁ ତୁମର ନିମ୍ନତମ ସ୍ତରକୁ ଖସି ଆସିବାକୁ ପ୍ରରୋଚିତ କରେ, ସେ ତୁମର ପ୍ରକୃତ ବନ୍ଧୁ ନୁହଁ ଯେ ତା'ସହିତ ତୁମକୁ ନିର୍ବୋଧ କାର୍ଯ୍ୟ ସବୁ କରିବାକୁ ପ୍ରବର୍ତ୍ତାଏ କିଂବା ତା'ସହିତ ଅପଥରେ ଯିବାକୁ ତୁମକୁ ମତାଏ କିଂବା ତୁମେ ଯାହା ସବୁ ଖରାପ କାର୍ଯ୍ୟକର ତାକୁ ସମର୍ଥନ ଜଣାଏ । ଏଇଟା ଏକଦମ୍ ସ୍ପଷ୍ଟ କଥା ...

ଯାହାର ସଂକ୍ରାମକ ରୋଗ ଥାଏ, ଆମେ ତା'ର ସାନ୍ନିଧ୍ୟରେ ଆସିବାକୁ ଚାହୁଁନା ଏବଂ ସାବଧାନ ହୋଇ ତାକୁ ଆଡ଼େଇ ଯାଉ । ସାଧାରଣତଃ ତାକୁ ଅନ୍ୟଠାରୁ ପୃଥକ୍ କରି ରଖାଯାଏ – କାରଣ, ତା' ନ ହେଲେ ତା'ଠାରୁ ରୋଗ ଅନ୍ୟ ପାଖକୁ ଡେଇଁବ । କିନ୍ତୁ ପାପର ସଂକ୍ରାମକତା, କଦାଚାରର ସଂକ୍ରମଣତା, ଭ୍ରଷ୍ଟତାର ସଂକ୍ରମଣତା, ମିଥ୍ୟାଚାର ଓ ଆଦିମସ୍ୱଭାବଗୁଡ଼ିକର ସଂକ୍ରାମକତା ରୋଗର ସଂକ୍ରମଣ ଅପେକ୍ଷା ଅନନ୍ତଗୁଣରେ ଭୟଙ୍କର । ତେଣୁ ଏସବୁକୁ ଖୁବ୍ ସାବଧାନତାର ସହିତ ପରିହାର କରିବା ଉଚିତ । ତୁମେ ସେହି ବ୍ୟକ୍ତିଟିକୁ ତୁମର ସର୍ବୋତ୍ତମ ବନ୍ଧୁ ବୋଲି ଭାବିବ, ଯେକି ତୁମକୁ ସ୍ପଷ୍ଟ କହିଦେବ ଯେ, ସେ କୌଣସି ପ୍ରକାର ମନ୍ଦ କିଂବା କୁତ୍ସିତ କାର୍ଯ୍ୟରେ ଭାଗ ନେବ ନାହିଁ ଏବଂ ଯେ ତୁମକୁ ନିମ୍ନସ୍ତରୀୟ ପ୍ରଲୋଭନଗୁଡ଼ିକୁ ପ୍ରତିରୋଧ କରିବା ପାଇଁ ଉତ୍ସାହିତ କରିବ, ସେହିଁ ତୁମର ଯଥାର୍ଥ ବନ୍ଧୁ । ସେହି ବନ୍ଧୁ ସହିତ ତୁମେ ସଂପର୍କ ରଖିବ । ଆଉ, ଏପରି ଲୋକ ସହିତ ସମ୍ବନ୍ଧ ରଖିବ ନାହିଁ, ଯାହା ସହିତ ତୁମେ କେବଳ ଖେଳ କୌତୁକ କରୁଥିବ ଏବଂ ସେ ତୁମର ପାପବାସନାଗୁଡ଼ିକୁ ବୃଦ୍ଧି ପାଇବା ଦିଗରେ ସାହାଯ୍ୟ କରୁଥିବ । ବାସ୍ ।

# ତୁମର ସର୍ବୋତ୍ତମ ବନ୍ଧୁ – ୨

ଉଚିତ ହେବ, ତୁମେ ଯଦି ତୁମ ଅପେକ୍ଷା ଅଧିକ ବିଜ୍ଞ ବ୍ୟକ୍ତିଙ୍କୁ ତୁମ ବନ୍ଧୁରୂପେ ବାଛିବ । ତାଙ୍କୁହିଁ ତୁମେ ବନ୍ଧୁରୂପେ ବରଣ କରିବ, ଯାହାଙ୍କ ସାନ୍ନିଧ୍ୟ ତୁମକୁ ମହତ କରିବ, ତୁମ ଉପରେ ତୁମେ ଯେପରି ପ୍ରଭୁତ୍ୱ କରିବ, ସେ ଦିଗରେ ସେ ସାହାଯ୍ୟ କରିବେ, ତୁମକୁ ଅଗ୍ରଗତି କରିବାରେ ସହାୟତା କରିବେ, ଭଲବାଟରେ କାମ କରିବା ପାଇଁ ଓ ସବୁକଥା ସ୍ପଷ୍ଟଭାବେ ଦେଖିବା ପାଇଁ ଯେ ତୁମକୁ ଉତ୍ତମ ପରାମର୍ଶ ଦେଇପାରିବେ । ଏବଂ ପରିଶେଷରେ, ତୁମେ କ'ଣ ତୁମର ସର୍ବୋତ୍ତମ ବନ୍ଧୁ ରୂପେ ଈଶ୍ୱରଙ୍କୁ ବରଣ କରିପାରିବ ନାହିଁ ? ତାଙ୍କୁହିଁ ତୁମେ ତୁମର ସବୁକଥା କହିପାରିବ, ତାଙ୍କରି ଆଗରେହିଁ ତୁମେ ତୁମକୁ ସଂପୂର୍ଣ୍ଣଭାବେ ପ୍ରକାଶ କରିଦେଇ ପାରିବ । କାରଣ, ସେହିଠାରେହିଁ ରହିଛି ସମସ୍ତ କରୁଣାର ଉତ୍ସ, ସମସ୍ତ ଶକ୍ତି ଓ କ୍ଷମତାର ଉତ୍ସ, ସେହିଁ କେବଳ ତାଙ୍କର ଅନନ୍ତଶକ୍ତି ବଳରେ ତୁମର ସମସ୍ତ ପ୍ରମାଦକୁ ସୁଧାରି ଦେଇ ପାରନ୍ତି; ଯାହାଫଳରେ କି ସେହି ଭୁଲତ୍ରୁଟି ସବୁ ପୁନର୍ବାର ତୁମ ପ୍ରକୃତିକୁ ଫେରି ଆସି ପାରନ୍ତି ନାହିଁ । ସେହିଁ କେବଳ ସତ୍ୟ ଉପଲବ୍ଧି ଲାଗି ତୁମ ପାଇଁ ପଥ ଖୋଲି ଦେଇପାରନ୍ତି । ସେହିଁ କେବଳ ସବୁ ବୁଝିପାରନ୍ତି, ସବୁ କିଛି ଆରୋଗ୍ୟ କରିପାରନ୍ତି, ତୁମକୁ ତୁମ ଗତିପଥରେ ସମସ୍ତ ସାହାଯ୍ୟ ଯୋଗାଇ ଦେଇପାରନ୍ତି, ତୁମକୁ ପତନରୁ ରକ୍ଷା କରିପାରନ୍ତି, ବିଫଳତାରୁ ରକ୍ଷା କରିପାରନ୍ତି, ସମସ୍ତ ଦ୍ୱନ୍ଦ୍ୱ ଓ କିଂକର୍ତ୍ତବ୍ୟ ବିମୂଢ଼ତାରୁ ମୁକ୍ତ କରିପାରନ୍ତି ଏବଂ ସେହିଁ କେବଳ ଲକ୍ଷ୍ୟ ଦିଗରେ ତୁମକୁ ସିଧା ସଳଖ ଚଳାଇ ନେଇପାରନ୍ତି । ସେହିଁ ପ୍ରକୃତ ବନ୍ଧୁ । ସେହିଁ ଆମର ଭଲ ଓ ମନ୍ଦ ଦିନଗୁଡ଼ିକର ସାଥୀ । ସେହିଁ ବୁଝିପାରନ୍ତି, ଆରୋଗ୍ୟ କରିଦେଇ ପାରନ୍ତି, ଏବଂ ତୁମର ଆବଶ୍ୟକତା ବେଳେ ତୁମ ପାଖେ ଆସି ପହଞ୍ଚି ଯାଇପାରନ୍ତି । ଯେତେବେଳେ ତୁମେ ତାଙ୍କୁ ନିଷ୍କାପଟ ଭାବେ ଡାକ, ସେତେବେଳେ ସେ ସର୍ବଦା ତୁମ ପାଖକୁ ଆସି ତୁମକୁ ପଥପ୍ରଦର୍ଶନ କରନ୍ତି, ତୁମକୁ ନିରାପଦରେ ଧରି ରଖନ୍ତି – ଏବଂ ସତ୍ୟ ପଥରେହିଁ ତୁମକୁ ଭଲପା'ନ୍ତି ।

## ଭଗବାନଙ୍କ ସମର୍ଥନ ଲୋଡ଼

କେବେହେଲେ ବି ଈଶ୍ୱରଙ୍କ ବ୍ୟତୀତ ଆଉ କାହାଠାରୁ ସମର୍ଥନ, ସାହାଯ୍ୟ, ସୁଖ-ସ୍ୱାଚ୍ଛନ୍ଦ୍ୟ ଲୋଡ଼ିବାକୁ ଆଶାରଖ ନାହିଁ । ଏହାହିଁ ଶେଷ ସତ୍ୟ । ମୁଁ କେବେ, ଥରେହେଲେ ବି କେଉଁ ମଣିଷକୁ ଦେଖିନି ଯେକି ଆଉ କାହାକୁ ସାହାଯ୍ୟ ସହାୟତା ପାଇଁ ଧରିଛି ... ଏବଂ ସେ ତା' ପାଖରୁ ଠକି ଯାଇନି – ଏହା ଭାଙ୍ଗିଯାଏ, ବନ୍ଦ ହୋଇଯାଏ, ଜଣେ ତା'ର ସହାୟତା ହରାଇବସେ । ତା'ପରେ ସେ କହେ – ''ଜୀବନ ବଡ଼ କଷ୍ଟକର''– ଏହା କିନ୍ତୁ କଷ୍ଟକର ନୁହେଁ । ମାତ୍ର ଜଣେ ଜାଣିବା ଉଚିତ ସେ କ'ଣ କରୁଛି । ଈଶ୍ୱରଙ୍କ ବ୍ୟତୀତ ଆଉ କାହାଠାରୁ ସାହାଯ୍ୟ ସହଯୋଗ କେବେ ବି ଲୋଡ଼ ନାହିଁ । ଭଗବାନଙ୍କ ବ୍ୟତୀତ ଆଉ କାହାଠାରୁ ସୁଖ ସନ୍ତୋଷ ବି ଆଶାକର ନାହିଁ । ତୁମର ଆବଶ୍ୟକତାଗୁଡ଼ିକର ପୂରଣ ଲାଗି ସେହି ଏକମାତ୍ର ଈଶ୍ୱରଙ୍କ ବ୍ୟତୀତ ଆଉ କାହା ପାଖେ କିଛି ଯାଚ୍ଞା କର ନାହିଁ – ଆଦୌ କର ନାହିଁ, କୌଣସି ବିଷୟ ପାଇଁ ନୁହେଁ । ଈଶ୍ୱରଙ୍କ ଦ୍ୱାରାହିଁ ତୁମର ସମସ୍ତ ଆବଶ୍ୟକତା ପୂରଣ ହୋଇପାରେ । ଈଶ୍ୱର ତୁମର ସମସ୍ତ ଦୋଷ ଦୁର୍ବଳତାକୁ ନିଜେ ବହନ କରନ୍ତି ଓ ସେଗୁଡ଼ିକୁ ଉପଶମ କରି ଦିଅନ୍ତି । ସବୁ ବିଷୟରେ ତୁମର ସବୁ ଆବଶ୍ୟକତାଗୁଡ଼ିକୁ ପୂରଣ କରିବାରେ ସେହିଁ ଏକମାତ୍ର ସମର୍ଥ, ସବୁବେଳେ ସମର୍ଥ, ଏପରିକି ତୁମେ ଯଦି ତାଙ୍କଠାରୁ କୌଣସି ସୁଖ ସନ୍ତୋଷ, ସାହାଯ୍ୟ ସହଯୋଗ, କିଂବା ଆନନ୍ଦ ମଧ ଚାହୁଁଥାଅ, କିଂବା ... । ଭଗବାନ ଜାଣନ୍ତି – ଆଉ କାହା ପାଖକୁ ଗଲେ, ତୁମେ ନିଶ୍ଚୟ ସର୍ବଦା ତଳେ ମୁହଁମାଡ଼ି ପଡ଼ିବ; ଆଉ ତୁମ ନାକ ଭାଙ୍ଗିବ । ଏକ୍ଷେତ୍ରରେ ତୁମର ଆଘାତ ପାଇବା ଅନିବାର୍ଯ୍ୟ, ଏପରିକି କଠିନ ଆଘାତ ମଧ ପାଇପାର ।

# ଆଗ ଈଶ୍ୱର – ୧

ପ୍ରଶ୍ନ : ''ଈଶ୍ୱର ସବୁବେଳେ ପ୍ରଥମେ ଆସିବା ଉଚିତ''– (ଶ୍ରୀଅରବିନ୍ଦ) ମୁଁ ଏକଥା ବୁଝିପାରୁନି । ''ପ୍ରଥମେ ଆସିବା ଉଚିତ'' ମାନେ କ'ଣ ?

ଉତ୍ତର : ତା' ଅର୍ଥ ହେଲା – ଅନ୍ୟ ସବୁ ବିଚାର ଆସିବା ପୂର୍ବରୁ ପ୍ରଥମେହିଁ ଈଶ୍ୱର ବିଚାର୍ଯ୍ୟ । ଏବଂ ଅନ୍ୟ ସବୁ ବିଚାର, ଯାହା ଈଶ୍ୱର ସଂବନ୍ଧୀୟ ନୁହେଁ, ସେଗୁଡ଼ିକ ହେଲା ଦ୍ୱିତୀୟ ସ୍ତରୀୟ ବିଚାର । ସେଗୁଡ଼ିକର କିଛି ମୂଲ୍ୟ ନାହିଁ ।... ଉଦାହରଣ ସ୍ୱରୂପ, ତୁମକୁ ଯେତେବେଳେ କିଛି ଗୋଟାଏ ବାଛି ନେବାକୁ ପଡୁଛି, ସେତେବେଳେ ତୁମକୁ ଐଶ୍ୱରିକ ପ୍ରେରଣାନୁସାରେ ବାଛି ନେବାକୁ ପଡ଼ିବ । କିଂବା ଯାହା ତୁମକୁ ଈଶ୍ୱରଙ୍କର ଅଧିକ ସନ୍ନିକଟ କରାଇପାରିବ, କିଂବା ଯାହା ତୁମକୁ ଈଶ୍ୱରଙ୍କୁ ପାଇବା ପାଇଁ କ୍ଷେତ୍ର ଯୋଗାଇ ଦେଇପାରିବ, ତାହାହିଁ ତୁମକୁ ବାଛିବାକୁ ହେବ । କାରଣ, ଈଶ୍ୱରହିଁ ପ୍ରଥମେ ଆସନ୍ତି । ଅନ୍ୟସବୁ ବ୍ୟକ୍ତିଗତ ସ୍ୱାର୍ଥ କିଂବା ବ୍ୟକ୍ତିଗତ ସୁଖାଦି ପରେ ଆସିବ । ପ୍ରଥମେ ଈଶ୍ୱର । ଏବଂ ଈଶ୍ୱରଙ୍କ ପାଖରେ ସମର୍ପଣ ପ୍ରଥମେ ହେବା ଉଚିତ । ଆଉ ସବୁକଥା ପରେ ଆସିବ । ଯଦି ଏହା ସବୁ ଆସିଲା ତ ଆସିଲା, ଯଦି ନ ଆସିଲା ବି କିଛି ଯାଏ ଆସେ ନାହିଁ । ଯାହା ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ ତାହା ହେଲା ଈଶ୍ୱରଙ୍କୁ ଇଚ୍ଛା କରିବା । ଏଇଟାହିଁ ପ୍ରଥମ କଥା । ଏହି କଥାଟିହିଁ ସବୁ କଥା ପୂର୍ବରୁ ଆସିବା ଉଚିତ । ଏହାହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା । ଏହାହିଁ ଶ୍ରୀଅରବିନ୍ଦଙ୍କ କଥିତ ସେହି ବାକ୍ୟଟିର ଅର୍ଥ ।

## ଆଗ ଈଶ୍ୱର – ୨

ପ୍ରଥମ କଥା ହେଲା, ଆଗ ଈଶ୍ୱରଙ୍କୁ ଲୋଡ଼ିବା ଏବଂ ଏତିକି ମଧ୍ୟ ସଠିକ କରି ବୁଝିବା ଯେ, ଆଗ ଈଶ୍ୱର, ତା'ପରେ ଯାଇ ଆଉ ଯେଉଁ କଥା । ଏଇଟାହିଁ ହେଲା ଗୁରୁତ୍ୱପୂର୍ଣ୍ଣ । ଏଇଟାହିଁ ପ୍ରଥମ ସର୍ତ୍ତ; ଆଉ ସବୁକଥା ପରେ ଆସିପାରେ, ଏଇଟାହିଁ ସାରସର୍ତ୍ତ । କିନ୍ତୁ ଅନ୍ୟ ପକ୍ଷରେ ଯଦି କେବେ କେବେ ତୁମ ଜୀବନର ସବୁକିଛି ଭିତରେ, କେବେ ଥରେ ହୁଏତ ତୁମର ଜୀବନ ଠିକ୍‌ଠାକ୍ ଚାଲିଛି, ତୁମର କୌଣସି ଜଞ୍ଜାଳ ଉପସ୍ଥିତ ମୁହୂର୍ତ୍ତରେ ନାହିଁ, ତୁମର ହୁଏତ ସେତେବେଳେ ମୁଣ୍ଡରେ ଅନ୍ୟକିଛି ଚିନ୍ତା ନାହିଁ, ହଠାତ୍ ତୁମେ ନିଜକୁ କହିଉଠିଲ – ''ଆଃ ! ବର୍ତ୍ତମାନ ମୋତେ ଈଶ୍ୱରଙ୍କୁ ଲୋଡ଼ିବାକୁ ବହୁତ ଭଲ ଲାଗିବ !''– ଦେଖ ! ଏପରି ଭାବରେ ତା'ହେଲେ ତୁମକୁ ତାଙ୍କୁ ପାଇବା ଲାଗି ହଜାର ହଜାର ବର୍ଷ ଲାଗିବ ।

କିନ୍ତୁ ତୁମ ଜୀବନରେ ଈଶ୍ୱର ଯଦି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହୁଅନ୍ତି, ତାହାହିଁ ଯଦି ତୁମର ଏକମାତ୍ର ଲକ୍ଷ୍ୟ ହୁଏ, ଯଦି ଆଉସବୁ କଥା ଏଇ ଲକ୍ଷ୍ୟର ପଛକୁ ରୁହେ ଏବଂ ତୁମେ ଯଦି ଏହା ବ୍ୟତୀତ ଆଉ କିଛି ଚାହୁଁ ନ ଥାଅ ତା'ହେଲେ, ଈଶ୍ୱରପ୍ରାପ୍ତିହିଁ ତୁମର ସବୁକଥାରେ ପ୍ରଥମ ସର୍ତ୍ତ ହୋଇ ରହିବ । ତୁମକୁ ପ୍ରଥମେ ଏତିକିହିଁ ପ୍ରତିଷ୍ଠା କରିବାକୁ ପଡ଼ିବ, ପରେ ଯାଇ ଆମେ ଆଉ ଅନ୍ୟ ବିଷୟରେ କହିବା । ପ୍ରଥମେ ଈଶ୍ୱର, ବାକୀ ଆଉ ସବୁକଥା ଗଣନୀୟ ନୁହେଁ, କେବଳ ଈଶ୍ୱରହିଁ ଏକମାତ୍ର ପ୍ରାପଣୀୟ ବିଷୟ, ଏବଂ ତାଙ୍କୁ ପାଇବା ଲାଗି ଜଣେ ତା' ଜୀବନର ସବୁକିଛିକୁ ପରିତ୍ୟାଗ କରିବା ଲାଗି ପ୍ରସ୍ତୁତ ହେବା ଉଚିତ । ଜୀବନରେ ଏହାହିଁ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ । ଏତିକି ସ୍ଥିର ହୋଇଗଲେ ତୁମେ ଜୀବନରେ ସେ ଆଡ଼କୁ ଅନ୍ତତଃ ପାଦେମାତ୍ର ଅଗ୍ରସର ହେବା ଲାଗି କ୍ଷେତ୍ର ପ୍ରସ୍ତୁତ କରିପାରିବ ।

# ଈଶ୍ୱରଙ୍କୁ ଜାଣିବାର ଏକମାତ୍ର ବାଟ

ତୁମେ ବୁଝିଲ ତ, ଈଶ୍ୱରଙ୍କୁ ବୁଝିବାର ଏକମାତ୍ର ବାଟ ହେଲା ଈଶ୍ୱରଙ୍କ ସହିତ ଏକାତ୍ମ ହେବା । ଆଉ ଅନ୍ୟ ବାଟ ନାହିଁ, କେବଳ ସେଇ ଗୋଟିଏ ବାଟ, ଏକମାତ୍ର ବାଟ । ଯେତେବେଳେ ତୁମେ ଏହି ଏକାତ୍ମ ହେବାର ଉପାୟଟିକୁ ପାଇଯିବ, ସେତେବେଳେ ଯାଇ ତୁମେ ତାଙ୍କ ସହିତ ଏକାତ୍ମ ହୋଇ ପାରିବ । ତେଣୁ ତୁମକୁ ଆଗ ଏକାତ୍ମ ହେବା ପାଇଁ ତୁମର ଈପ୍ସିତଙ୍କୁ ବାଛିବାକୁ ପଡ଼ିବ – ଈଶ୍ୱରଙ୍କୁହିଁ ବରଣ କରିବାକୁ ପଡ଼ିବ । ଯେପର୍ଯ୍ୟନ୍ତ ତୁମକୁ କିପରି ଏକାତ୍ମ ହେବାକୁ ପଡ଼ିବ ଜଣା ନ ଥିବ, ସେପର୍ଯ୍ୟନ୍ତ ତୁମ ବାଟରେ ଏଣୁ ତେଣୁ ହଜାରେ ଗୌଣ ବିଷୟ ଆସି ପଡ଼ିବେ, ସେଗୁଡ଼ିକ ତୁମକୁ ଏଣିକି ଟାଣିବେ, ସେଣିକି ଟାଣିବେ, ତୁମକୁ ଚାରିଆଡ଼େ ବିଛାଡ଼ି ଦେବେ ଏବଂ ତୁମେ ଆଉ ଈଶ୍ୱରଙ୍କ ସହିତ ଏକାତ୍ମ ହେବାକୁ ସୁଯୋଗ ପାଇବ ନାହିଁ । କିନ୍ତୁ ତୁମକୁ ଯଦି କିପରି ଏକାତ୍ମ ହେବାକୁ ହୁଏ ଜଣାଥିବ, ସେତେବେଳେ ତୁମକୁ ଖାଲି ସେଇ ଏକାତ୍ମତା ଆଡ଼କୁ ମୁହାଁଇ ଦେବାକୁ ପଡ଼ିବ, ଯେଉଁ ଜାଗାରେ ତୁମେ ଅନ୍ୟକିଛି ସବୁ ରଖିବାକୁ ଚାହୁଁଥିଲ ସେଇ ଜାଗାରେ ଈଶ୍ୱରଙ୍କୁହିଁ କେବଳ ରଖିବାକୁ ପଡ଼ିବ, ତା'ପରେ ଫଳପ୍ରାପ୍ତି ପର୍ଯ୍ୟନ୍ତ ସେଇ ମନୋଭାବରେ ସେଇଠାରେ ସ୍ଥିର ରହ, ଯଦି ଏକାତ୍ମତାର ଶକ୍ତି ପାଇଯାଅ ତେବେ ଖୁବ୍ ଶୀଘ୍ର ଫଳ ମିଳିଯିବ । ହଁ, ଏହା ଖୁବ୍ ଶୀଘ୍ର ଘଟିଯିବ । ରାମକୃଷ୍ଣ ପରମହଂସ କହୁଥିଲେ ଯେ ତିନିଦିନ ଭିତରେ ଜଣେ ଈଶ୍ୱରଙ୍କୁ ପାଇଯାଇ ପାରେ । ତିନିଘଣ୍ଟା, ଏପରିକି ତିନି ମିନିଟ ଭିତରେ ବି ଜଣେ ତାଙ୍କୁ ପାଇଯାଇ ପାରେ । ଖୁବ୍ ଧୀରଗତି ଲୋକଙ୍କ ପାଇଁ ତିନିଦିନ, ଆଉ ଟିକିଏ ଦ୍ରୁତଗତି ଲୋକଙ୍କ ପାଇଁ ତିନି ଘଣ୍ଟା, ଏବଂ ଯେଉଁମାନଙ୍କର ଏଇ ଏକାତ୍ମଭାବରେ ଅଭ୍ୟାସ ହୋଇଗଲାଣି; ସେମାନଙ୍କପାଇଁ ମାତ୍ର ତିନି ମିନିଟ୍ ।

## ଈଶ୍ୱରଙ୍କୁ ମାଗ

ପ୍ରଶ୍ନ : ଯଦି, ଉଦାହରଣ ସ୍ୱରୂପ, ଜଣେ ଯଦି କିଛି ଜାଣିବାକୁ ଚାହୁଁଥାଏ, କିଛି ଉପଦେଶ ବା ପରାମର୍ଶ ବା ପଥ-ନିର୍ଦ୍ଦେଶ ପାଇବାକୁ କିଂବା ଅନ୍ୟ କିଛି ଚାହୁଁଥାଏ, ତେବେ ତା'ର ଆବଶ୍ୟକତା ଅନୁସାରେ ସେ କିପରି ତାହା ଈଶ୍ୱରଙ୍କଠାରୁ ପାଇବ ?

ଉତ୍ତର : ଈଶ୍ୱରଙ୍କଠାରୁ ଏହା ଚାହିଁବାକୁ ହେବ । ଯଦି ତୁମେ ତାଙ୍କୁ ନ ମାଗିବ, ତେବେ ତୁମେ ତାହା କିପରି ପାଇବ ?

ଯଦି ତୁମେ ଈଶ୍ୱରଙ୍କ ଆଡ଼କୁ ମୁହଁ ଫେରାଇବ, ତାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବ, ଆଉ ତାଙ୍କଠାରୁ ଚାହିଁବ, ତେବେ ତୁମର ଯାହା ଆବଶ୍ୟକ ତାହା ପାଇବ – କିନ୍ତୁ ତୁମେ ତୁମର ଆବଶ୍ୟକ ବୋଲି ଯାହା କଳ୍ପନା କର ସେହି ଅନୁସାରେ ନୁହେଁ; କିନ୍ତୁ ତୁମର ଯଥାର୍ଥରେ ଯାହା ଆବଶ୍ୟକ ତାହା ତୁମେ ପାଇବ । କିନ୍ତୁ ତୁମେ ତାଙ୍କଠାରୁ ତାହା ଚାହିଁବା ଉଚିତ ।

ତୁମକୁ ନିଷ୍ପାପର ଭାବେ ଏକଥା ପରୀକ୍ଷା କରିବାକୁ ହେବ; ନାନାବିଧ ବାହ୍ୟ ଉପାୟଗୁଡ଼ିକ ଦ୍ୱାରା ତୁମେ ତାହା ପାଇବାକୁ ଚେଷ୍ଟା କରିବ ନାହିଁ ଏବଂ ଏହାର ଅର୍ଥ ନୁହେଁ ତୁମେ ନ ମାଗିଲେ ବି ଈଶ୍ୱର ତୁମକୁ ତାହା ଦେଇଦେବେ । ପ୍ରକୃତ କଥା – ତୁମେ ଯେତେବେଳେ କୌଣସି ଲୋକଠାରୁ କିଛି ପାଇବା ପାଇଁ ଚାହୁଁଥିବ, ତେବେ ତାକୁହିଁ ସେକଥା ମାଗିବ । ନୁହେଁ କି ? ତା'ହେଲେ, ତୁମେ କିପରି ଭାବୁଛ ଯେ, ତୁମେ ଈଶ୍ୱରଙ୍କୁ କିଛି ନ ମାଗିଲେ ସେ ତାଙ୍କ ଆଡୁ ତାହା ଦେଇ ଦେବେ ?

# ପରମେଶ୍ୱରଙ୍କ ରସିକତା

ଜଣେ ମୋତେ ପଚାରିଛନ୍ତି – ''ଈଶ୍ୱରଙ୍କୁ ଅବିଶ୍ୱାସ କରୁଥିବା ମଣିଷ ପାଖରେ ଈଶ୍ୱର କିପରି ନିଜକୁ ପ୍ରକାଶ କରିବା ସମ୍ଭବ ହେବ ?'' ଏ ପ୍ରଶ୍ନ ମୋତେ ବହୁତ କୌତୁକପୂର୍ଣ୍ଣ ଲାଗିଲା । ଆଚ୍ଛା, ଯଦି ଜଣେ ଅବିଶ୍ୱାସୀ ଆଗରେ ଈଶ୍ୱରଙ୍କୁ ଆବିର୍ଭୂତ ହେବାକୁ ଭଲ ଲାଗିବ, ତେବେ ତା'ଙ୍କୁ ସେଥିରେ କିଏ ବା କ'ଣ ଭଲା ବାଧା ଦେଇ ପାରିବ !

ଅନ୍ୟପକ୍ଷରେ, ଈଶ୍ୱର ବଡ଼ ହାସ୍ୟରସିକ – ଶ୍ରୀଅରବିନ୍ଦ ଆମକୁ ବହୁବାର କହନ୍ତି ଯେ ଈଶ୍ୱରଙ୍କର ବେଶ୍ ହାସ୍ୟରସ ବୋଧ ରହିଛି । ଆମେ କିନ୍ତୁ ତାଙ୍କୁ ସର୍ବଦା ଖୁବ୍ ଗମ୍ଭୀର ଓ ସାଂଘାତିକ ଚରିତ୍ରରୂପେ ଗଢ଼ିବାକୁ ଚାହୁଁ । ବରଂ ଈଶ୍ୱର ଜଣେ ଅବିଶ୍ୱାସୀ ପାଖକୁ ଆସି ତାକୁ ଆଲିଙ୍ଗନ କରିବାରେ ଖୁବ୍ ଖୁସୀ ହୋଇପାରନ୍ତି । ଏଇ ଦିନକ ତଳେ କେହି ଜଣେ ଘୋଷଣା କଲା – ''ଈଶ୍ୱର ନାହାନ୍ତି । ମୁଁ ତାଙ୍କୁ ବିଶ୍ୱାସ କରେ ନାହିଁ । ସେସବୁ ବିଶ୍ୱାସ ଘୋର ଅଜ୍ଞାନ ଆଉ ପ୍ରମାଦ ଭିତରୁ ଆସିଥାଏ ।'' ବାସ୍ – ଈଶ୍ୱର ତା'ଆଗରେ ଉପସ୍ଥିତ ହୋଇ ତା'କୁ ନିଜ ବାହୁ ଭିତରକୁ ଟୋଳି ନିଅନ୍ତି, ନିଜ ବକ୍ଷରେ ତା'କୁ ଚାପି ଧରନ୍ତି – ଏବଂ ତା'ମୁହଁକୁ ଚାହିଁ ହୋହୋ ହୋଇ ହସି ଉଠନ୍ତି ।

ସବୁ ସମ୍ଭବ । ଏପରିକି ଆମର ସୀମିତ ବୁଦ୍ଧି ଓ କ୍ଷୁଦ୍ର ମନ ପକ୍ଷରେ ଯାହାସବୁ ଅସଙ୍ଗତ ବୋଧ ହୁଏ, ସେ ସବୁ ମଧ୍ୟ ସମ୍ଭବ ହୋଇ ଯାଇପାରେ ।

# ନାସ୍ତିକ ଓ ଆସ୍ତିକ

ପ୍ରଶ୍ନ : ଶ୍ରୀଅରବିନ୍ଦ ତାଙ୍କର ''ଥଟ୍‌ସ ଆଣ୍ଡ୍ ଆଫୋରିଜିମ୍'' ଗ୍ରନ୍ଥରେ କହିଛନ୍ତି ''ଈଶ୍ୱର ତାଙ୍କ ନିଜ ସହିତ ଲୁଚୁକାଳି ଖେଳ ଖେଳୁଥାନ୍ତି ।'' ଏକଥାର ଅର୍ଥ କ'ଣ ?

ଉତ୍ତର : ଲୁଚୁକାଳି ଖେଳରେ ଜଣେ ଲୁଚେ ଓ ଅନ୍ୟଜଣେ ତାକୁ ଖୋଜେ । ତେଣୁ ଈଶ୍ୱର ନାସ୍ତିକ ପାଖରୁ ଲୁଚିଯାଆନ୍ତି । ସେଥିପାଇଁ ନାସ୍ତିକ କହେ – ''ଈଶ୍ୱର ? ମୁଁ ତ ତାଙ୍କୁ ଦେଖୁ ନାହିଁ ! ସେ କେଉଁଠି ଥା'ନ୍ତି, ମୁଁ ତ ଜାଣି ନାହିଁ ! ତେଣୁ ଈଶ୍ୱର ନାହାନ୍ତି ।'' କିନ୍ତୁ ନାସ୍ତିକଟି ଜାଣେ ନାହିଁ ଯେ, ଈଶ୍ୱର ତା' ଭିତରେ ମଧ୍ୟ ରହିଛନ୍ତି । ସେଥିପାଇଁ ଈଶ୍ୱର ନିଜେହିଁ ନିଜର ଅସ୍ତିତ୍ୱକୁ ଅସ୍ୱୀକାର କରୁଛନ୍ତି । ଏହା ଏକ ଲୁଚୁକାଳି ଖେଳ ନୁହେଁ କି ? କିନ୍ତୁ ଦିନ ଆସିବ, ଯେଉଁ ଦିନ କି, ସେ ନିଜକୁ ନିଜ ପାଖରେ ସାମନା ସାମନି କରି ଉପସ୍ଥିତ କରାଇବେ ଏବଂ ନିଜକୁ ଚିହ୍ନିପାରି କହିବେ ଯେ, ହଁ; ସେ ଅଛନ୍ତି ।

ଆସ୍ତିକ ନିଜକୁ ନାସ୍ତିକଠାରୁ ଖୁବ୍ ବଡ଼ ବୋଲି ଭାବେ । କିନ୍ତୁ ତାକୁ ଜଣା ନ ଥାଏ ଯେ ଈଶ୍ୱର ବୋଲି ସେ ଯାହାକୁ ଧରିଛି, ତାହା କେବଳ ଈଶ୍ୱରଙ୍କର ଛାୟା ମାତ୍ର । ଏବଂ ସେ ସେଇ ଛାୟାମାତ୍ରକୁ ଧରି କଳ୍ପନା କରୁଛି ଯେ ସେ ସ୍ୱୟଂ ଈଶ୍ୱରଙ୍କୁ ଧରିପାରିଛି । କାରଣ ସେ ଯଦି ସତକୁ ସତ ଈଶ୍ୱରଙ୍କୁ ଜାଣିଥା'ନ୍ତା, ତେବେ ସେ ଏହା ମଧ୍ୟ ଜାଣିପାରନ୍ତା ଯେ, ଈଶ୍ୱର ସବୁ ଭିତରେ, ସବୁରି ଭିତରେ ରହିଛନ୍ତି । ତେଣୁ ସେ ଆଉ ନିଜକୁ କାହାଠାରୁ ବଡ଼ ବୋଲି ଭାବିପାରନ୍ତା ନାହିଁ ।

# ଈଶ୍ୱର ଜଣେ ଅପରିଚିତ ଆଗନ୍ତୁକ ନୁହନ୍ତି

ପ୍ରଶ୍ନ : ଏହି ଗୋଳମାଳିଆ ବିଶ୍ୱପ୍ରପଞ୍ଚରେ ଈଶ୍ୱର କାହିଁକି ନିଜକୁ ପ୍ରକାଶ କରିବାକୁ ଚାହାନ୍ତି ?

ଉତ୍ତର : କାରଣ, ସେ ଏ ପୃଥିବୀକୁ ସେଇଥିପାଇଁ ସୃଷ୍ଟି କରିଛନ୍ତି ଆଉ କେଉଁଥିପାଇଁ ନୁହେଁ । ଏ ବିଶ୍ୱ ହେଉଛି ସ୍ୱୟଂ ସେ ନିଜେ ଏବଂ ତାଙ୍କରି ବିକୃତ ପ୍ରକାଶ ମାତ୍ର ଏବଂ ସେ ଚାହାନ୍ତି ପୁନର୍ବାର ସେ ନିଜର ପ୍ରକୃତ ସ୍ୱରୂପକୁ ଏଠାରେ ପ୍ରକାଶ କରିବେ ଓ ପ୍ରତିଷ୍ଠା କରିବେ । ଏହି ବିଶ୍ୱ କିଛି ତାଙ୍କଠାରୁ ପୃଥକ୍ ବସ୍ତୁ ନୁହେଁ – କିଂବା ତା'ଙ୍କ ଲାଗି ଏକ ବିଦେଶ ମଧ୍ୟ ନୁହେଁ । ଏହି ବିଶ୍ୱ ତାଙ୍କର ଏକ ବିକୃତ ରୂପରେ ପ୍ରକାଶିତ ହୋଇଛି । ଏହା ପୁନର୍ବାର ଈଶ୍ୱରଙ୍କର ସତ୍ ସ୍ୱରୂପରେ ନିଜକୁ ପ୍ରକାଶିତ କରିବ ।

ପ୍ରଶ୍ନ : ତା'ହେଲେ ସେ କାହିଁକି ଆମ ପାଖରେ ଏତେ ଅଜ୍ଞାତ ଆଉ ଅପରିଚିତ ମନେ ହୁଅନ୍ତି ?

ଉତ୍ତର : କିନ୍ତୁ ସେ ଆଦୌ ଆମର ଅଜ୍ଞାତ ଅପରିଚିତ ନୁହନ୍ତି, ମୋର ପିଲାମାନେ ! ତୁମେ ଭାବିନେଇଛ ଯେ ସେ ତୁମର ଅଜ୍ଞାତ, ଅପରିଚିତ, କିନ୍ତୁ ସେ ତାହା ନୁହନ୍ତି । ଆଦୌ ନୁହନ୍ତି । ସେ ତୁମର ସତ୍ତାର ସାରବସ୍ତୁ – ତୁମଠାରୁ ବିଚ୍ଛିନ୍ନ ନୁହନ୍ତି । ତୁମେ ତାଙ୍କୁ ନ ଜାଣିପାର – କିନ୍ତୁ ସେ ତୁମ ପାଇଁ ଅଜ୍ଞାତ ନୁହନ୍ତି । ସେ ତୁମ ସତ୍ତାର ମୂଳ ସାରବସ୍ତୁ । ଈଶ୍ୱର ନ ଥିଲେ ତୁମର ଅସ୍ତିତ୍ୱହିଁ ନ ଥାନ୍ତା ।

# ଏହି ଜଡ଼ଜଗତ ବା ଜଡ଼ଲୋକ

ପ୍ରଶ୍ନ : ଯେଉଁସବୁ ଜଗତ ଏହି ସୃଷ୍ଟିର ରୂପ ନେଇଛନ୍ତି ସେସବୁ ତୁଳନାରେ ଆମର ଏଇ ଜଗତ ଖୁବ୍ ତଳେ ନାହିଁ କି ?

ଉତ୍ତର : ଏଇ ଜଡ଼ ପୃଥିବୀଟି ଆମର । କିନ୍ତୁ ଜଡ଼ରେ ନିର୍ମିତ ହୋଇଥିବାରୁ ଯେ ଆମର ଏ ପୃଥିବୀ ନିମ୍ନତର ହେବ, ତା'ର କିଛି କାରଣ ନାହିଁ । ଯଦି ତୁମେ ଏହାକୁ ନିମ୍ନତର ବୋଲି କହିବ, ତାହାର କାରଣ ପାଇଁ ତୁମେ ଏହାର ଅଜ୍ଞାନ ଓ ଅସ୍ୱଚ୍ଛତାକୁ ଦାୟୀ କରିପାର । କିନ୍ତୁ ଜଡ଼ରେ ନିର୍ମିତ ହେବାଟା ତା'ର କାରଣ ନୁହେଁ । ''ଜଡ଼''କୁ ଅଜ୍ଞାନ ଓ ଅସ୍ୱଚ୍ଛତାର ପ୍ରତିଶବ୍ଦ ବୋଲି ଭାବିବା ଭୁଲ୍ । କିନ୍ତୁ ଆମେ ଯେ କେବଳ ଏହି ଜଡ଼ ବିଶ୍ୱରେ ରହିଛୁ ତା' ମଧ୍ୟ ନୁହେଁ । ଅନ୍ୟପକ୍ଷରେ, ଆମେ ଯେଉଁ ଯେଉଁ ବିଶ୍ୱମାନଙ୍କରେ ଏକାବେଳେକେ ରହିଥାଉ, ତା' ମଧ୍ୟରୁ ଏହି ଜଡ଼ ପୃଥିବୀ ଗୋଟିଏ ମାତ୍ର । ଗୋଟିଏ ଦୃଷ୍ଟିରୁ ଦେଖିଲେ ମଧ୍ୟ ଏହି ଜଡ଼ବିଶ୍ୱ ସବୁ ବିଶ୍ୱ ମଧ୍ୟରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ଜଡ଼ଲୋକ ଅନ୍ୟସବୁ ଲୋକ ବା ବିଶ୍ୱମାନଙ୍କର ଏକାଗ୍ରତାର ମଧ୍ୟବିନ୍ଦୁ ବା କେନ୍ଦ୍ରବିନ୍ଦୁ । ଏହି ଜଡ଼ ଲୋକ ଭିତରେହିଁ ଅନ୍ୟସବୁ ଲୋକଗୁଡ଼ିକ ବାସ୍ତବରେ ପରିଣତ ହୁଅନ୍ତି । ଏହାହିଁ ସେହି ସ୍ଥାନ, ଯେଉଁଠାରେ କି ଅନ୍ୟସବୁ ବିଶ୍ୱ ବା ଲୋକଗୁଡ଼ିକୁ ପ୍ରକାଶିତ ହେବାକୁ ପଡ଼ିବ । ବର୍ତ୍ତମାନ ଅବଶ୍ୟ ଏହା ନାନାଦି ଅସଙ୍ଗତି ଓ ଅସ୍ୱଚ୍ଛତାରେ ପୂରି ରହିଛି । କିନ୍ତୁ ଏହା କେବଳ ଏକ ଆକସ୍ମିକତା, ଏକ ଭୁଲ୍ ଆରମ୍ଭ । ଦିନେ କିନ୍ତୁ ଏହା ସୌନ୍ଦର୍ଯ୍ୟ, ସ୍ୱଚ୍ଛନ୍ଦତା ଓ ଆଲୋକରେ ପରିପୂର୍ଣ୍ଣ ହୋଇଉଠିବ । କାରଣ, ସେହି ସୁପରିଣତି ଲାଗି ଏହି ବିଶ୍ୱର ସୃଷ୍ଟି ହୋଇଥିଲା ।

# ଈଶ୍ୱର ଓ ତାଙ୍କ ସୃଷ୍ଟି

''ସୃଷ୍ଟିକର୍ତ୍ତା ଈଶ୍ୱର''– ଏହି ଖ୍ରୀଷ୍ଟିଆନ୍ ଧାରଣାକୁ ଲୋକମାନେ ଏତେ ଗଭୀର ଭାବେ ଜାବୁଡ଼ି ଧରିଛନ୍ତି ଯେ, ସେମାନେ ଭାବିନିଅନ୍ତି, ଈଶ୍ୱର ଗୋଟିଏ ପଟେ ରହିଛନ୍ତି ଓ ତାଙ୍କ ସୃଷ୍ଟି ଆଉ ଗୋଟିଏ ପଟେ ରହିଛି । ତୁମେ ଯେତେବେଳେ ଏ ବିଷୟରେ ଚିନ୍ତାକରିବ, ଏ ଧାରଣାଟିକୁ ତୁମେ ବର୍ଜନ କରିବ । କିନ୍ତୁ ଏହା ଲୋକଙ୍କ ମନ ଓ ଅନୁଭବ ଭିତରେ ଗଭୀର ଭାବେ ପଶିଯାଇଛି । ତେଣୁ, ସ୍ୱତଃସ୍ଫୂର୍ତ୍ତ ଭାବରେ, ପୂର୍ବ ସଂସ୍କାର ବଶରେ, ସର୍ବୋପରି ଅବଚେତନଭାବେ ତୁମେ ଯାହାସବୁ ସର୍ବୋତ୍ତମ ଓ ସୁନ୍ଦରତମ ବୋଲି ଭାବ, ସେସବୁକୁ ଭଗବାନଙ୍କଠାରେ ଆରୋପ କରିଥାଅ, ଏବଂ ସର୍ବୋପରି ଯାହାକିଛି ତୁମେ ପାଇବାକୁ ଚାହଁ ବା ଉପଲବ୍ଧି କରିବାକୁ ଚାହଁ ସେସବୁକୁ ମଧ୍ୟ ତାଙ୍କଠାରେ ଆରୋପ କରିଥାଅ । ସ୍ୱାଭାବିକ କଥା ଯେ, ପ୍ରତ୍ୟେକେ ନିଜ ନିଜ ଚେତନା ଅନୁଯାୟୀ ଈଶ୍ୱରଙ୍କ ଗୁଣମାନ ନିର୍ଦ୍ଧାରଣ କରିଥା'ନ୍ତି ଓ ଏ ବିଷୟରେ ଜଣକର ଧାରଣା ଆଉ ଜଣକ ଧାରଣାଠାରୁ ପୃଥକ୍ ହୋଇଥାଏ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ତା' ବିଚାରରେ ସର୍ବୋତ୍ତମ ଗୁଣଗୁଡ଼ିକୁହିଁ ଈଶ୍ୱରଙ୍କ ଉପରେ ଆରୋପିତ କରିଥାଏ । ସେଇଥିପାଇଁ, ସ୍ୱତଃସ୍ଫୂର୍ତ୍ତ ଭାବରେ, ପ୍ରବୃତ୍ତିଗତ ଭାବେ, ଅବଚେତନ ଭାବରେ ତୁମେ ଆଶ୍ଚର୍ଯ୍ୟ ହୋଇଥାଅ, ଯେତେବେଳେ ତୁମେ ଈଶ୍ୱରଙ୍କ ସଂପର୍କୀୟ ଅନ୍ୟ କିଛି ଧାରଣା ବା ଚିନ୍ତା ବିଷୟରେ ଶୁଣିବାକୁ ପାଅ । ବିଶେଷତଃ, ତୁମେ ସେତିକିବେଳେ ବିଶେଷ ଆଘାତ ପାଅ, ଯେତେବେଳେ ତୁମେ ଶୁଣିବାକୁ ପାଅ ଯେ ତୁମକୁ ଯେଉଁସବୁ ଗୁଣ ଭଲଲାଗେ ନାହିଁ ଈଶ୍ୱର ତାହା ହୋଇପାରନ୍ତି – ତୁମେ ଯେଉଁ କଥା ସମର୍ଥନ ନ କର ଈଶ୍ୱର ତାହା ହୋଇପାରନ୍ତି ବା ତୁମେ ଯାହାସବୁ ସର୍ବୋତ୍ତମ ବୋଲି ଭାବ ନାହିଁ, ଈଶ୍ୱର ତାହା ବି ହୋଇ ପାରନ୍ତି ।...

ଈଶ୍ୱର ସବୁକିଛି । ଯାହାକିଛି ଆମକୁ କଦର୍ଯ୍ୟ ବା କୁତ୍ସିତ ମନେ ହେଉଛି, ଈଶ୍ୱର ମଧ୍ୟ ସେ ସବୁକିଛି – ଆମକୁ ଏହି ଗୋଟିଏ କଥା ବାରଂବାର ନିଜକୁ କହିବାକୁ ପଡ଼ିବ, ସକାଳୁ ସଂଜ ପର୍ଯ୍ୟନ୍ତ ଓ ସଂଜରୁ ସକାଳ ପର୍ଯ୍ୟନ୍ତ ବାରଂବାର ନିଜକୁ କହିବାକୁ ପଡ଼ିବ ।

# ଈଶ୍ୱର ଏବଂ ଏହି ବିଶ୍ୱ

ମୂଳ ଉତ୍ସରେ ଈଶ୍ୱର ଓ ଏହି ବିଶ୍ୱ ଭିତରେ କୌଣସି ପ୍ରଭେଦ ଦେଖିବା ଉଚିତ ନୁହେଁ । ମହାକାଶ ଭିତରେ ଈଶ୍ୱର ନିଜକୁ ପ୍ରକାଶ କରିଛନ୍ତି – ଏବଂ ତାହାହିଁ ବିଶ୍ୱ ହୋଇଛି । ମୂଳରେ ଈଶ୍ୱରହିଁ ସ୍ୱୟଂ ଏହି ବିଶ୍ୱ । ଗୋଟିଏ ଦିଗରୁ ଦେଖ ବା ଅନ୍ୟ ଯେକୌଣସି ଦିଗରୁ ଦେଖ, ଏହା ସେହି ଏକାକଥା । ତୁମେ ସେ ଦୁହିଙ୍କୁ ପୃଥକ୍ କରିପାରିବ ନାହିଁ । ସାଧାରଣ ସ୍ରଷ୍ଟା ଓ ତା'ର ସୃଷ୍ଟି ଭିତରେ ଯେଉଁ ପାର୍ଥକ୍ୟ ଥାଏ, ଏକ୍ଷେତ୍ରରେ ତାହା ବିପରୀତ । ଆମକୁ କେବଳ ସୁବିଧା ହେବ ବୋଲି ଆମେ କେବଳ ସ୍ରଷ୍ଟା ଓ ସୃଷ୍ଟି ବୋଲି ଈଶ୍ୱର ଓ ଏହି ବ୍ୟକ୍ତ ବିଶ୍ୱକୁ ଆଖ୍ୟାତ କରୁଛୁ । ଏହା ବ୍ୟାଖ୍ୟା କରିବାକୁ ସହଜ କରିଦିଏ ଏବଂ ଶିକ୍ଷାକୁ ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ନେଇ ଯାଇଥାଏ । କିନ୍ତୁ ଏହା ସତ୍ୟ ନୁହେଁ । ତା'ପରେ ତୁମେ କହିଥାଅ – ''ଏହା କିପରି କଥା ଯେ, ଈଶ୍ୱର ସର୍ବଶକ୍ତିମାନ୍ ଅଥଚ ତାଙ୍କର ଏହି ବିଶ୍ୱ ଏପରି କାହିଁକି ହୋଇଛି ?'' କିନ୍ତୁ ଏହା ତୁମର ବ୍ୟକ୍ତିଗତ ଧାରଣାମାତ୍ର ! ଏହାର କାରଣ ହେଲା – ତୁମେ ଏପରି କେତେ ଅପ୍ରୀତିକର ପରିସ୍ଥିତିରେ ପଡ଼ିଛ ଯେ ତୁମେ ସେଥିପାଇଁ ଈଶ୍ୱରଙ୍କ ଉପରେ ସବୁତକ ଭାର ଲଦିଦେଇ କହୁଛ – ''ହେ ଭଗବାନ ! ତୁମେ କାହିଁକି ଏପରି ଏକ ବିଶ୍ୱ ତିଆରି କରିଛ ?'' ତୁମର ଏହି କଥା ଶୁଣି ଈଶ୍ୱର କହିବେ ''ମୁଁ ତ ଏ ବିଶ୍ୱ କରି ନାହିଁ ! ତୁମେ ନିଜେ ଏହି ବିଶ୍ୱକୁ କରିଛ । ତୁମେ ଯଦି ଆଉ ଥରେ ମୋ ସ୍ୱରୂପ ହୋଇ ଯା'ନ୍ତ, ତା'ହେଲେ ତୁମେ ଯାହା ଭାବୁଛ, ତାହା ଆଉ ଭାବନ୍ତ ନାହିଁ । ତୁମେ ସେପରି ଭାବିବାର କାରଣ ହେଲା ତୁମେ ଆଉ ବର୍ତ୍ତମାନ ମୁଁ ହୋଇ ରହି ନାହଁ ।''

## ଏକ ଧରଣର ସାମଗ୍ରିକ ନିରାପତ୍ତା

ଯେତେବେଳେ ଜଣେ ନିଶ୍ଚିତରୂପେ ସେହି ଏକ ଏବଂ ଅଦ୍ୱିତୀୟ ପରମଙ୍କୁ ଉପଲବ୍ଧି କରେ, ଏବଂ ଏ ବିଶ୍ୱର ଆଉ ସବୁ କିଛିକୁ ସେହି ପରମେଶ୍ୱରଙ୍କର ତାଙ୍କ ନିଜ ସଙ୍ଗେ ଏକ ଖେଳ ବୋଲି ଉପଲବ୍ଧି କରେ, ସେତେବେଳେ ତାକୁ ଆଉ କିଛି ଅପ୍ରୀତିକର ମନେ ହୁଏ ନାହିଁ, କିଛି ଗୋଳମାଳିଆ ମନେ ହୁଏ ନାହିଁ କିଂବା ସେ ଆଉ କେଉଁଥିରେ ବ୍ୟତିବ୍ୟସ୍ତ ହୁଏ ନାହିଁ। ଏ ଅବସ୍ଥାକୁ ... ଏକ ପ୍ରକାରର ସାମଗ୍ରିକ ନିରାପତ୍ତା ବୋଲି ବୁଝିବାକୁ ପଡ଼ିବ।

ସେହି ପରମେଶ୍ୱରହିଁ ଏକମାତ୍ର ସତ୍ୟ। ଏବଂ ଆଉ ସବୁକିଛି ଏକ ଖେଳ, ସେ ନିଜେ ନିଜ ସହିତ ଖେଳୁଛନ୍ତି। ମୁଁ ଏ ସମ୍ବନ୍ଧେ ଅନ୍ୟ ବିପରୀତ ମତବାଦଟି ଅପେକ୍ଷା ଏହି ମତବାଦଟିକୁ ଅଧିକ ସ୍ୱାଚ୍ଛନ୍ଦ୍ୟକର ବୋଲି ଅନୁଭବ କରେ।

ଏବଂ ସର୍ବୋପରି, ଏହାହିଁ ଏକମାତ୍ର ନିଶ୍ଚିତତା। ଏହି ଉପଲବ୍ଧିଟି ହୋଇଗଲେ ଆଉ ସବୁ କିଛି ଚମତ୍କାର ଲାଗେ ...

ତୁମେ ଦେଖିବ, ଗୋଟିଏ ମୁହୂର୍ତ୍ତ ଆସେ, ଯେତେବେଳେ ଭଗବାନ ଯେ ସବୁକିଛି ଏହି ମନୋଭାବ ଜଣେ ଗ୍ରହଣ ନ କରିବା ପର୍ଯ୍ୟନ୍ତ ସେ ନିଜକୁ କିଂବା ଜୀବନକୁ ବୋହିପାରେ ନାହିଁ। ତୁମେ ଦେଖ, ଏହି ପ୍ରଭୁ, କେତେକଥା ସେ ରଖିଛନ୍ତି ତାଙ୍କ ପାଖରେ, ସବୁରି ସାଙ୍ଗେ ସେ ଖେଳୁଛନ୍ତି। ସେ ଖେଳୁଛନ୍ତି, ସେ ମଧ ପାହି ବଦଳେଇ ଖେଳୁଛନ୍ତି। ତେଣୁ, ତୁମେ ଯେତେବେଳେ ତାଙ୍କର ଏହି ଖେଳକୁ ପ୍ରତ୍ୟକ୍ଷ କରିବ, ଏହି ସମଗ୍ରକୁ, ସେତେବେଳେ ତୁମେ ସେହି ଅସୀମ ଚମତ୍କାରିତାକୁ ବି ଉପଲବ୍ଧି କରିବ – ଏବଂ ସେତେବେଳେ ଆମର ଆଉ ଯାହାସବୁ କିଛି ଚମତ୍କାର ଅନୁଭବମାନ ଅଛି, ସେତେବେଳେ ସେ ସବୁ ଆମକୁ ଖୁବ୍ ସମ୍ଭବ ବା ବାସ୍ତବ ମନେ ହେବ ଏବଂ ଆମର ସବୁ ଆସ୍ପୃହା ମଧ ସଫଳ ବୋଲି ମନେହେବ। ଏବଂ ଏପରିକି ସେଗୁଡ଼ିକୁ ମଧ ଅତିକ୍ରମ କରିଯାଇ ହେବ। ସେତେବେଳେ ଯାଇ ତୁମକୁ ଅସଲ ସାନ୍ତ୍ୱନା ମିଳିବ।

# ଆମେ ସମସ୍ତେ ଏକ ନାଟକ ଅଭିନୟ କରୁଛୁ

ତୁମେ ଦେଖ, ଯେ ନାଟକଟି ଅଭିନୀତ ହେବାର ଦେଖୁଛି, ସେ ଆଦୌ ବ୍ୟସ୍ତ ହେଉ ନାହିଁ । କାରଣ ସେ ନାଟକଟିର ଆରମ୍ଭରୁ ଶେଷପର୍ଯ୍ୟନ୍ତ ସବୁ କଥା ଜାଣେ, ଏହା ପର ଦୃଶ୍ୟମାନଙ୍କରେ କ'ଣ ସବୁ ଘଟିବ, ତାକୁ ସବୁ କଥା ଆମୂଳଚୂଳ ଜଣା ଅଛି – ଯାହାକିଛି ମଞ୍ଚ ଉପରେ ଘଟୁଛି, ଯାହାକିଛି ପୂର୍ବଦୃଶ୍ୟମାନଙ୍କରେ ଘଟିଯାଇଛି, ଏବଂ ଆଉ ସବୁ ଯାହାକିଛି ଘଟିବାକୁ ଯାଉଛି – ସବୁ ତାକୁ ଜଣାଅଛି, ସବୁଥିରେ ସେ **ଗୋଟିଏ** ଉପସ୍ଥିତିକୁ ବୁଝିଛି । ଏବଂ ଅନ୍ୟ ପକ୍ଷରେ – ବିଚରା ସେଇସବୁ ଅଭିନେତା- ଅଭିନେତ୍ରୀମାନେ, ଯେଉଁମାନେ ଜାଣନ୍ତି ନାହିଁ, ଏପରିକି ସେମାନଙ୍କ ନିଜ ନିଜ ଭୂମିକା ବିଷୟରେ ବି ସେମାନଙ୍କୁ ଜଣା ନାହିଁ ! ଏବଂ ସେଇମାନେହିଁ ବହୁତ ବ୍ୟତିବ୍ୟସ୍ତ ହୋଇପଡ଼ନ୍ତି, କାରଣ ସେମାନଙ୍କୁ ଏଥିରେ ଅଭିନୟ କରିବାକୁ ଦିଆଯାଇଛି କିନ୍ତୁ ସେମାନଙ୍କୁ ଜଣା ନାହିଁ ଏ ନାଟକଟି ପ୍ରକୃତରେ କ'ଣ ।... ଆମେ ସମସ୍ତେ ଗୋଟିଏ ନାଟକ ଅଭିନୟ କରୁଛୁ । କିନ୍ତୁ ଆମକୁ ଜଣା ନାହିଁ ନାଟକଟି କ'ଣ, ଅମକୁ ବି ଜଣା ନାହିଁ ଏ ନାଟକର କଥାବସ୍ତୁଟି କେଉଁ ଆଡ଼କୁ ଯିବ କିଂବା ଏହା କେଉଁଠାରୁ ଆରମ୍ଭ ହୋଇଛି ! ଆମେ ବି ଜାଣିନୁ ଯେ, ଏହି ନାଟକଟି ସମୁଦାୟ କ'ଣ । କିଂବା ଆମକୁ ଏଠୁ ସେଠୁ କିଛି କିଛି ସାମାନ୍ୟ ଜଣା ପଡୁଛି – ତା'ମଧ୍ୟ ସଂପୂର୍ଣ୍ଣ ବୁଝାପଡୁ ନାହିଁ – ଗୋଟିଏ ମୁହୂର୍ତ୍ତରୁ ଅନ୍ୟ ମୁହୂର୍ତ୍ତଟି ଭିତରେ ଆମକୁ କ'ଣ କରିବାକୁ ହେବ, ତାହା ଆମେ ଜାଣି ପାରୁନୁ । ଆମ ଜ୍ଞାନ ବଡ଼ ଅସଂପୂର୍ଣ୍ଣ । ତେଣୁ ଆମେ ବ୍ୟସ୍ତ ହୋଇପଡୁଛୁ । କିନ୍ତୁ ଜଣେ ଯେତେବେଳେ ସବୁ ଜାଣିଯାଏ, ସେତେବେଳେ ତାକୁ ଆଉ ବ୍ୟସ୍ତ ଲାଗେ ନାହିଁ । ସେ ବରଂ ହସେ, ସ୍ମିତହାସ୍ୟ କରେ – ତାକୁ ଲାଗେ ଭଗବାନ ଯେପରି ଏକ କୌତୁକ ଉପଭୋଗ କରୁଛନ୍ତି । କିନ୍ତୁ ଆମେ ... ତଥାପି ମଧ୍ୟ, ଆମକୁ ସଂପୂର୍ଣ୍ଣ କ୍ଷମତା ଦିଆଯାଇଛି – ଆମେ ମଧ୍ୟ ଭଗବାନଙ୍କ ଭଳି ସେହି କୌତୁକ ଉପଭୋଗ କରିପାରୁ ।

ସରଳଭାବେ କିନ୍ତୁ ଆମ ବିଷୟରେ ଗୋଟିଏ କଥା କୁହାଯାଇପାରିବ ଯେ, ଆମେ ସେ ଦାୟିତ୍ୱଟିକୁ ନେଉ ନାହୁଁ ।

## ପ୍ରଭୁଙ୍କ ଉପରେ ଛାଡ଼ – ସେ ସବୁ କରନ୍ତୁ ।

ସେହି ସ୍ମିତ ହାସ୍ୟ, ସେହି ଆନନ୍ଦ, ସେହି ହାସ୍ୟ – ସବୁ ଏଠି ରହିଛି । ଆଉ କି ସୁନ୍ଦର ଶାନ୍ତି ! ତାହା ମଧ୍ୟ ଏଠି ରହିଛି । ଏପରି ଶାନ୍ତି ମଧ୍ୟ ରହିଛି – କି ପରିପୂର୍ଣ୍ଣ, ସମୁଜ୍ଜ୍ୱଳ, ସାମଗ୍ରିକ ଶାନ୍ତି ! ତା'ଭିତରେ ଆଉ କିଛି ଦ୍ୱନ୍ଦ୍ୱ ସଂଘର୍ଷ ନାହିଁ, କୌଣସି କିଛି ବାଧା ବିରୋଧ ନାହିଁ । ଆଉ କିଛି ଦ୍ୱନ୍ଦ୍ୱ ନାହିଁ । ଏହା କେବଳ ଏକ ସମୁଜ୍ଜ୍ୱଳ ସୁସଙ୍ଗତି – ଏହା ସତ୍ତ୍ୱେ ବି ଭୁଲ୍, ପ୍ରମାଦ, ଯନ୍ତ୍ରଣା, ପୀଡ଼ନ, ଅସୁଖ ବୋଲି ଆମେ ଯାହାସବୁ କହୁ, ସେଗୁଡ଼ିକ ମଧ୍ୟ ସେଥିରେ ଅଛନ୍ତି **! ଏହା କୌଣସି କିଛିକୁ ବାଦ୍ ଦିଏ ନାହିଁ ।** ଏହା ହେଲା, ସବୁକୁ ଭିନ୍ନ ଏକ ଦୃଷ୍ଟିରେ ଦେଖିବା ।

ଏଥିରେ ସନ୍ଦେହ ନାହିଁ ଯେ, ତୁମେ ଯଦି ନିଷ୍ଠାପର ଭାବେ ଏଥିରୁ ମୁକୁଳି ଯିବାକୁ ଚାହୁଁଥାଅ, ଏହା ପ୍ରକୃତରେ ଏତେ କଷ୍ଟକର କଥା ନୁହେଁ : ତୁମକୁ କିଛି କରିବାକୁ ହେବ ନାହିଁ, ତୁମେ କେବଳ ଈଶ୍ୱରଙ୍କୁ ସବୁକିଛି କରିବାକୁ ଛାଡ଼ିଦିଅ । ଏବଂ ସେ ସବୁ କରନ୍ତି ଓ ସବୁକିଛି କରନ୍ତି । ଏହା ଖୁବ୍ ଆଶ୍ଚର୍ଯ୍ୟ । ଖୁବ୍ ଆଶ୍ଚର୍ଯ୍ୟ !

ସେ ସବୁ ନେଇଯା'ନ୍ତି । ଏପରିକି ଆମେ ଯାହାକୁ ସାମାନ୍ୟ ବୁଦ୍ଧି ବୋଲି କହୁ – ତାକୁ ବି ଆମଠାରୁ ନେଇଯା'ନ୍ତି । ସେ କେବଳ ତୁମକୁ ସରଳ ଭାବେ ଶିକ୍ଷା ଦିଅନ୍ତି ତୁମର ବୁଦ୍ଧିବୃତ୍ତିକୁ ଗୋଟିଏ ପାଖକୁ ଆଡ଼େଇ ଦେଇ ବିଶ୍ରାମ ନେବା ପାଇଁ; ''ସେଇଠି ରୁହ, ସ୍ଥିର ରୁହ, ହଲଚଲ ହୁଅ ନାହିଁ – ମୋତେ ମଧ୍ୟ ବ୍ୟସ୍ତ କର ନାହିଁ – ମୁଁ ତୁମକୁ ଆବଶ୍ୟକ କରେ ନାହିଁ।''... ତା'ପରେ ଦ୍ୱାରଟିଏ ଖୋଲିଯାଏ । ତୁମକୁ ବି ଲାଗିବ ନାହିଁ ଯେ ତୁମକୁ ଦ୍ୱାରଟିଏ ଖୋଲିବାକୁ ହେବ; ଏହା ପୂରା ଖୋଲିଯାଏ, ତୁମକୁ ଆର ପଟକୁ ନେଇ ନିଆହୁଏ । ସବୁକିଛି ଅନ୍ୟ କାହା ଦ୍ୱାରା କରିଦିଆଯାଏ – ତୁମ ଦ୍ୱାରା ନୁହେଁ । ତା'ପରେ ଅନ୍ୟ ବାଟଟି ପାଇଁ ଆଉ ଅମ୍ଭାବନା ନ ଥାଏ ।

# ''ପ୍ରଭୁ, ତୁମେ ଦେଖ, ଏହା ଏହିପରି''

ଏଇସବୁ ... ଆଃ ! ବୁଝିବା ଲାଗି ମନର ଏହି ବିରାଟ ଅନ୍ୱେଷଣ, ମସ୍ତିଷ୍କର ଏହି କଠିନ ଶ୍ରମ ଆଉ ତଜ୍ଜନିତ ମୁଣ୍ଡବ୍ୟଥା ... ଏହା ନିତାନ୍ତ ବୃଥା, ନିତାନ୍ତ ବୃଥା, ଏହାର ଆଦୌ ଆବଶ୍ୟକତା ନାହିଁ। ଏହା କେବଳ ଘୋର ଅବ୍ୟବସ୍ଥା ସୃଷ୍ଟିକରେ ।

ତୁମେ ଗୋଟିଏ ତଥାକଥିତ ସମସ୍ୟାର ସମ୍ମୁଖୀନ ହୋଇଛ । କ'ଣ ତୁମେ କହିବ, କ'ଣ ତୁମର କରିବା ଉଚିତ, କିପରି ତୁମକୁ ସେଇ ଅମୁକ କାର୍ଯ୍ୟଟି କରିବାକୁ ହେବ ? ତା'ହେଲେ ଶୁଣ ତୁମକୁ ଏଥିପାଇଁ କିଛି କରିବାକୁ ହେବ ନାହିଁ। କିଛି କରିବାକୁ ହେବ ନାହିଁ। ତୁମେ କେବଳ ପ୍ରଭୁଙ୍କୁ ଏତିକି କହିବ – ''ପ୍ରଭୁ ! ଆପଣ ଦେଖନ୍ତୁ – କଥାଟି ଏହିପରି ।'' ବାସ୍ – ସେତିକି ଯଥେଷ୍ଟ । ତା'ପରେ ତୁମେ ନିଶ୍ଚଳ ହୋଇ ରୁହ । ଖୁବ୍ ଅବିଚଳିତ ଭାବେ । ତା'ପରେ ତୁମେ ଦେଖିବ, ତୁମର ଯାହା କରିବାର କଥା ତାହା ତୁମେ ଠିକ୍ କରିଯାଉଛ କିନ୍ତୁ ତାହା ଲାଗି ତୁମେ କିଛି ଚିନ୍ତା କରି ନାହଁ, ସେ ବିଷୟରେ କୌଣସି ଭାବଭାବନା କରି ନାହଁ, କିଛି ହିସାବ କିତାବ କରି ନାହଁ, କିଛି କରି ନାହଁ, କିଛି ବୋଲି କିଛି କରି ନାହଁ, ଯାହା ତୁମେ କରିବାର କଥା ତାହା ତୁମ ଦ୍ୱାରା ସ୍ୱତଃସ୍ଫୂର୍ତ୍ତଭାବେ ହୋଇ ଯାଉଛି । ତା'ମାନେ ହେଉଛି, ଈଶ୍ୱରହିଁ ସବୁ କରୁଛନ୍ତି । ତୁମେ ନୁହଁ । ପ୍ରକୃତରେ ଈଶ୍ୱରହିଁ ସବୁ କରିଥା'ନ୍ତି, ସେ ପରିସ୍ଥିତିକୁ ସଜାଡ଼ି ଦିଅନ୍ତି, ସେ ମଧ୍ୟ ଲୋକମାନଙ୍କୁ ସଜାଡ଼ି ଦିଅନ୍ତି, ସେ ତୁମ ମୁହଁରେ ଯାହା କହିବାର କଥା କୁହାଇଦିଅନ୍ତି, ତୁମ କଲମରେ ଯାହା ଲେଖିବା କଥା ଲେଖାଇ ଦିଅନ୍ତି – ସେ ସବୁ କରନ୍ତି, ସବୁ, ସବୁ, ସବୁ ସେହିଁ କରନ୍ତି । ତୁମକୁ କିଛି କରିବାକୁ ମଧ୍ୟ ପଡ଼ିବ ନାହିଁ। ତୁମେ କେବଳ ନିଜକୁ କଲ୍ୟାଣମୟ ଆନନ୍ଦ ଭିତରେ ବଂଚିବାକୁ ଦିଅ ।

# ସେହି ସର୍ବମୟ ଚେତନା ସବୁକିଛି ସ୍ଥିର କରନ୍ତୁ

ଗୋଟିଏ ବିଷୟରେ ମୋର ପୂର୍ଣ୍ଣ ହୃଦ୍‌ବୋଧ ହୋଇଛି ଯେ, ଆମେ ପୃଥିବୀରେ ଏଇ ଯେଉଁସବୁ ଅବ୍ୟବସ୍ଥା ଦେଖୁଛୁ – ସେଥିରୁ ଆମର ଗୋଟିଏ କଥା ଶିକ୍ଷା କରିବାକୁ ଅଛି । ତା'ହେଲା – ଆମକୁ କିପରି ପ୍ରତିଦିନ ବଂଚିବାକୁ ହେବ ! ତା'ମାନେ, କାଲି କ'ଣ ସବୁ ଘଟିପାରେ, ସେ ସମ୍ବନ୍ଧେ ଆଦୌ ମୁଣ୍ଡ ନ ଖେଳାଇ, କ'ଣସବୁ ଘଟିବାକୁ ଯାଉଛି ସେ ସମ୍ବନ୍ଧେ ଚିନ୍ତା ନ କରି – ଆମର କେବଳ ଯାହା କରିବା ଉଚିତ, ତାହାହିଁ ପ୍ରତିଦିନ ଠିକ୍‌ଭାବେ କରିଚାଲିବା । ସବୁ ପ୍ରକାର ଚିନ୍ତା, କଳ୍ପନା ଜଳ୍ପନା, ପୂର୍ବବର୍ତ୍ତୀ ଯୋଜନା ବ୍ୟବସ୍ଥାପନା ଏବଂ ଆଉ ଯାହାକିଛି ତୁମେ କରିବସିବ, ସେ ସବୁ କେବଳ ବିଶୃଙ୍ଖଳାମାନଙ୍କୁ ବଢ଼ାଇଚାଲିବ ।

ମୁହୂର୍ତ୍ତକୁ ମୁହୂର୍ତ୍ତ ବଂଚିବା – ଏବଂ ଏହିପରି ହେବା (ମା' ଉପରକୁ ହାତଟେକି ସମର୍ପଣର ଭଙ୍ଗୀ ଦେଖାଇଲେ) ପ୍ରତି ମୁହୂର୍ତ୍ତରେ, ଯେଉଁ ସମୟରେ ଯେଉଁ କାମଟି କରିବାକୁ ଅଛି କେବଳ ତାହାରି ଉପରେ ମନୋଯୋଗ ଦିଅ ଏବଂ ତା'ପରେ ସବୁକିଛି ଛାଡ଼ିଦିଅ ତାଙ୍କ ହାତରେ – ସେ ସବୁକଥା ସ୍ଥିର କରନ୍ତୁ ।

ଯେତେବେଳେ ତୁମେ ଏଇସବୁ ବିଶୃଙ୍ଖଳା ଓ ଅବ୍ୟବସ୍ଥାଦି ଦେଖି ଆକ୍ରାନ୍ତ ହୋଇଯାଅ, ସେତେବେଳେ ତୁମକୁ କେବଳ ଗୋଟିଏ କଥା କରିବାକୁ ପଡ଼ିବ । ତୁମେ ସେହି ଚେତନା ଭିତରେ ପ୍ରବେଶ କରିବ ଯେଉଁଠାରେ ତୁମେ ଦେଖିବ କେବଳ ଏକହିଁ ଦିବ୍ୟସତ୍ତା, ଗୋଟିଏହିଁ ଦିବ୍ୟଚେତନା, ଗୋଟିଏହିଁ ଦିବ୍ୟଶକ୍ତି, ସେଠାରେ କେବଳ ଏକହିଁ ଐକ୍ୟ ରହିଛି – ଏବଂ ଅନ୍ୟ ସବୁକିଛି ସେହି ଐକ୍ୟ ଭିତରେହିଁ ସ୍ଥାନିତ ହୋଇଛନ୍ତି । ଏବଂ ଆମର ସେହି ସବୁ ଅବାନ୍ତର କଳ୍ପନା, ଦର୍ଶନ, ଜ୍ଞାନ ଓ ବିଚାର ଏବଂ ... ଏ ଗୁଡ଼ାକ ଆଦୌ କିଛି ନୁହେଁ, କିଛି ବି ନୁହେଁ । ଯେଉଁ ଚେତନା ସାରା ବିଶ୍ୱ ଭିତରେ ପ୍ରସାରିତ ହୋଇ ରହିଛି, ତାହା ତୁଳନାରେ ଏସବୁ ଖୁବ୍ ନଗଣ୍ୟ ।

## ସେହି ପରମ ଚେତନା ସହିତ ସଂଲଗ୍ନ ହୁଅ

ଏ ବିଶ୍ୱରେ କାହିଁକି ଏତେ ଭିନ୍ନଭିନ୍ନ ବ୍ୟକ୍ତିସତ୍ତା ବା ବ୍ୟକ୍ତିତ୍ୱ ସବୁ ସମ୍ଭବ ହୋଇଛନ୍ତି, ସେ ବିଷୟରେ ଯାହାର ସମ୍ୟକ୍ ବୋଧ ଥିବ, ସେ ଜାଣିପାରିବ ଯେ ଏହି ବିଭିନ୍ନ ବ୍ୟକ୍ତି-ସତ୍ତାଙ୍କର ସୃଷ୍ଟି ହୋଇଛି କେବଳ ଆସ୍ପୃହା କରିବା ପାଇଁ, ଆସ୍ପୃହାକୁ ସମ୍ଭବ କରିବା ପାଇଁ, ଏହି ନିଜକୁ ଦେଇଦେବା ପାଇଁ, ସମର୍ପଣ କରିବା ପାଇଁ, ନିର୍ଭର ଓ ବିଶ୍ୱାସ ରଖିବା ପାଇଁ । ଏବଂ କେବଳ ଏହି କାରଣରୁହିଁ ବିଭିନ୍ନ ପ୍ରକାର ବ୍ୟକ୍ତିସତ୍ତାଙ୍କର ସୃଷ୍ଟି ହୋଇଛି । ତେଣୁ ତୁମକୁ ଖୁବ୍ ନିଷ୍ଠାର ସହିତ ଓ ଖୁବ୍ ନିବିଡ଼ ଭାବେ ତାହାହିଁ ହେବାକୁ ପଡ଼ିବ ... ଏହାହିଁ ଆବଶ୍ୟକ ।

ଏହାହିଁ ଆବଶ୍ୟକ, କେବଳ ଏତିକିହିଁ କଥା । ଏଇ ଗୋଟିକ କଥାହିଁ ରହେ ; ଏବଂ ଅନ୍ୟ ସବୁ କିଛି ... କେବଳ ମିଥ୍ୟା ଓ ମାୟା, ଅଳୀକ ମାତ୍ର ।

ଏବଂ ଏହାହିଁ ସବୁ କ୍ଷେତ୍ରରେ ଏକମାତ୍ର ଠିକ୍ କଥା । ତୁମେ ଯେବେ କିଛି କରିବାକୁ ଚାହଁ, ଯେତେବେଳେ ତୁମେ କିଛି କରିପାରୁ ନ ଥାଅ, ଯେତେବେଳେ ତୁମେ ଗତି କରୁଥାଅ କିଂବା ଯେତେବେଳେ ତୁମ ଶରୀର ସାମାନ୍ୟ ଭାବେ ମଧ୍ୟ ଚଳିବାକୁ ଶକ୍ତି ନ ପାଏ ... ପ୍ରତି କ୍ଷେତ୍ରରେ, ପ୍ରତିଟି ଘଟଣାରେ, କେବଳ ସେଇ ଗୋଟିଏ କଥା, ସେଇ ଗୋଟିଏ କଥା : ସେହି ପରମ ଚେତନା ସହିତ ସଚେତନ ଭାବେ ଯୁକ୍ତ ଓ ସଂଲଗ୍ନ ହୋଇ ରହିବା, ତାଙ୍କରି ସହିତ ସମ୍ମିଳିତ ହୋଇ ରହିବା ଏବଂ ... ଅପେକ୍ଷା କରି ରହିବା । ବାସ୍ ଏତିକି !

ସେତିକିବେଳେହିଁ ତୁମେ ପ୍ରତିଟି ମୁହୂର୍ତ୍ତରେ କ'ଣ କରିବା ଉଚିତ, ତା'ର ଉତ୍ତର ବା ନିର୍ଦ୍ଦେଶ ସେଠାରୁ ପାଇଯିବ – କରିବ ବା ନ କରିବ, ଗତି କରିବ ବା ପଥର ଭଳି ନିଶ୍ଚଳ ହୋଇ ରହିବ, ସବୁ ପାଇଁ ସେଇଠାରୁହିଁ ନିର୍ଦ୍ଦେଶ ପାଇଯିବ । ବାସ୍, ଏତିକି ମାତ୍ର କଥା ।

# ଦିବ୍ୟପ୍ରେମ ସର୍ବତ୍ର

ଦିବ୍ୟପ୍ରେମ ନିଜର ସମସ୍ତ ପ୍ରବଳତା ନେଇ ସର୍ବଦା ଓ ସର୍ବତ୍ର ବିଦ୍ୟମାନ ରହିଛି, ଏହା ଏକ ଅପରାଜେୟ ଶକ୍ତି । କିନ୍ତୁ ଅଧିକାଂଶ ଲୋକ – ଶତକଡ଼ା ଅନେଶତ ଲୋକ – କିଛି ବୋଲି କିଛି ଅନୁଭବ କରିପାରନ୍ତି ନାହିଁ । ଅଧିକାଂଶ ଲୋକ ସେମାନଙ୍କର ନିଜର ଯୋଗ୍ୟତା ଅନୁଯାୟୀ ଏବଂ କ୍ଷମତା ଅନୁଯାୟୀ ଏବଂ ସେମାନେ ଯାହା ଯେମିତି ଯେତିକି, ସେହି ଅନୁଯାୟୀ ଯେତିକି ମାତ୍ର ସେଥିରୁ ଗ୍ରହଣ କରିପାରନ୍ତି । ଉଦାହରଣ ସ୍ୱରୂପ, କଳ୍ପନା କରି ଦେଖ – ତୁମେ ଦିବ୍ୟପ୍ରେମରେ ସ୍ପନ୍ଦିତ ଏକ ବାୟୁମଣ୍ଡଳରେ ସ୍ନାନ କରୁଛ – କିନ୍ତୁ ତୁମେ ସେ ସମ୍ବନ୍ଧେ ଆଦୌ ଅବଗତ ହୋଇ ନାହଁ । ବେଳେବେଳେ, କଦବା କ୍ୱଚିତ୍, ''କିଛି ଏକ'' ଅନୁଭୂତି ହଠାତ୍ ତୁମ ଭିତରକୁ ଆସିଗଲା । ତା'ପରେ ତୁମେ କହିବ, ''ଆଃ, ଦିବ୍ୟପ୍ରେମ ମୋ ପାଖକୁ ଆସିଗଲା !'' କି ପରିହାସ ! କି କୌତୁକ ! ତୁମେ ସେତେବେଳେ ହୁଏତ, କୌଣସି କାରଣରୁ – କିପରି କେଜାଣି ସାମାନ୍ୟ ଟିକିଏ ନିଜକୁ ଖୋଲି ଦେଇଥିଲ । ଅଥଚ, ସେତିକିରେ ତୁମର ସେ ଅନୁଭବ ଘଟିଗଲା ? ହଁ-ହଁ ! ତାହାହିଁ ହୁଏ । ଦିବ୍ୟପ୍ରେମ ସବୁଠାରେ ଅଛି ଓ ସବୁବେଳେ ମଧ୍ୟ ଅଛି । ସବୁପ୍ରକାର ବ୍ୟାପାରରେ ଏହି ଏକା କଥାହିଁ ଘଟିଥାଏ । ସବୁ ଦିବ୍ୟତା ଏଠି ସର୍ବତ୍ର ରହିଛି, କିନ୍ତୁ ତୁମେ ତାକୁ ଗ୍ରହଣ କର ନାହିଁ । କାରଣ, ତୁମେ ନିଜକୁ ଖୋଲି ଧରି ନ ଥାଅ, ତୁମର ସବୁ ବୁଜି ହୋଇ ଯାଇଥାଏ । ଅଧିକାଂଶ ସମୟରେ ତୁମେ ଏଣୁ ତେଣୁ କଥାରେ ବ୍ୟସ୍ତ ଥାଅ । ଅଧିକାଂଶ ସମୟରେ ମଣିଷ ନିଜ ଦ୍ୱାରା ନିଜକୁ ପୂର୍ଣ୍ଣକରି ରଖିଥାଏ । ତେଣୁ ତୁମେ ଯେତେବେଳେ ତୁମ ଦ୍ୱାରା ତୁମକୁ ଭରି ରଖିଛ – ସେତେବେଳେ ତା'ଭିତରେ ଆଉ କିଛି ପାଇଁ ଜାଗା ନ ଥାଏ । ସମସ୍ତେ ଅନ୍ୟସବୁ କଥାକୁ ନେଇ ସର୍ବଦା ବ୍ୟସ୍ତ ଥା'ନ୍ତି । (ମା' ହସିଲେ) ନାନା ବ୍ୟାପାର ନିଜ ଭିତରେ ପୂରାଇ ରଖିଥା'ନ୍ତି । ତା'ଭିତରେ ଈଶ୍ୱରଙ୍କ ପାଇଁ ଆଉ ଜାଗା ନ ଥାଏ ।

କିନ୍ତୁ ସେ ସେଠାରେ ମଧ୍ୟ ଅଛନ୍ତି ! ସର୍ବଦା ଅଛନ୍ତି ।

# ପ୍ରେମର ଶକ୍ତି

ପ୍ରେମହିଁ ହେଉଛି ସବୁପ୍ରକାର ଶକ୍ତି ଭିତରେ ଅଧିକ ଶକ୍ତିଶାଳୀ ଓ ପୂର୍ଣ୍ଣାଙ୍ଗ ଶକ୍ତି – ଏହାକୁ ପୂର୍ଣ୍ଣାଙ୍ଗ କହିବାର କାରଣ ହେଲା – ଏହା ସବୁ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇଥାଏ । ଏପରିକି ଏହା ପାବନକାରୀ ଶକ୍ତିଠାରୁ ମଧ୍ୟ (ଯେଉଁ ଶକ୍ତି ଶୁଦ୍ଧକରେ) ଅଧିକ ଶକ୍ତିଶାଳୀ । ଏହି ଶୋଧନକାରୀ ଶକ୍ତି ଅବଶ୍ୟ ସମସ୍ତ ଅସତ୍ ଓ ଅଶୁଭ ଇଚ୍ଛାକୁ ମିଳାଇ ନିଶ୍ଚିହ୍ନ କରିଦିଏ, ଏବଂ ସବୁପ୍ରକାର ବିରୋଧୀ ଶକ୍ତିମାନଙ୍କୁ ଦମନ କରିପାରେ । କିନ୍ତୁ ଏହାର ସିଧାସଳଖ ରୂପାନ୍ତର କରିବାର କ୍ଷମତା ନ ଥାଏ । ଏହି ବିଶୋଧନକାରୀ ଶକ୍ତି ପ୍ରଥମେ ମିଳାଇ ନିଶ୍ଚିହ୍ନ କରିଦିଏ ପରେ ରୂପାନ୍ତର ଆଣିବା ପାଇଁ । ଏହା ଗୋଟିଏ ଗଠନକୁ ଭାଙ୍ଗି ଦିଏ, ତା' ସ୍ଥାନରେ ଆଉ ଏକ ଉନ୍ନତତର ଗଠନକୁ ରୂପଦେବା ପାଇଁ । ଅନ୍ୟପକ୍ଷରେ କିନ୍ତୁ ପ୍ରେମ ରୂପାନ୍ତର କରିବା ପାଇଁ କୌଣସି କିଛିକୁ ଲୋପ କରି ଦିଏ ନାହିଁ । ପ୍ରେମର ସିଧା ରୂପାନ୍ତର କରିଦେବାର କ୍ଷମତା ରହିଛି । ପ୍ରେମ ହେଉଛି ଏକ ଅଗ୍ନିଶିଖା ସଦୃଶ ଯାହାକି ଯେ କୌଣସି ଶକ୍ତ କର୍କଶ ବିଷୟକୁ ସୁକୋମଳ ଓ ସୁକୁମାର କରିଦେଇପାରେ । ଏପରିକି ଏହା ଯେକୌଣସି କୁତ୍ସିତ କର୍କଶ ବିଷୟକୁ ଏକ ବିଶୁଦ୍ଧ ବାଷ୍ପରେ ମଧ୍ୟ ପରିଶୋଧିତ କରିଦେଇପାରେ । ପ୍ରେମ ନଷ୍ଟ କରିଦିଏ ନାହିଁ – ଏହା ରୂପାନ୍ତରିତ କରେ ।

ଏହାର ସାରସତ୍ତ୍ୱରେ, ଏହାର ମୂଳ ସ୍ୱରୂପରେ ପ୍ରେମ ହେଉଛି ଏକ ଅଗ୍ନି-ଶିଖା ସଦୃଶ । ଏହା ଏକ ଶୁଭ୍ର ଶିଖା, ଯାହାକି ସବୁ ପ୍ରକାର ପ୍ରତିରୋଧକୁ ଅତିକ୍ରମ କରିପାରେ । ତୁମେ ନିଜେ ମଧ୍ୟ ଏହା ଅନୁଭବ କରିପାର : ତୁମ ସତ୍ତା ଭିତରେ ଯାହା କିଛି ଅସୁବିଧା ଥାଉ ନା କାହିଁକି, ତୁମ ଭିତରେ ବୋଝସ୍ୱରୂପ ଯେତେ ରାଶିରାଶି ଭୁଲ୍ ପ୍ରମାଦ ଗଦା ହୋଇଥାଉ ନା କାହିଁକି, ଯେତେ ଯେତେ ଅଜ୍ଞାନ, ଅସମର୍ଥତା କିଂବା ଅସଦିଚ୍ଛା ଜମା ହୋଇଥାଉ ନା କାହିଁକି, ଗୋଟିଏ ମୁହୂର୍ତ୍ତର ପବିତ୍ର ସାରଭୂତ ଦିବ୍ୟପ୍ରେମର ସ୍ପର୍ଶ ସେସବୁକୁ ତା'ର ସର୍ବଶକ୍ତିଶାଳୀ ଓ ସର୍ବପାବନକାରୀ ଅଗ୍ନିଶିଖା ଭିତରେ କ୍ଷଣକେ ଦ୍ରବୀଭୂତ କରିଦିଏ ।

## ପରମ ପ୍ରେମ

ହଠାତ୍ ରାତିରେ ଦିନେ ''ପୃଥିବୀର ଯୋଗ'' ବିଷୟରେ ପୂର୍ଣ୍ଣଧାରଣାନେଇ ମୁଁ ଜାଗି ଉଠିଲି । ମୁଁ ଅନୁଭବ କଲି ଯେ ପରମପ୍ରେମ ଏ ପୃଥିବୀ ଉପରେ ବିଶାଳ ସ୍ପନ୍ଦନ ମାନଙ୍କ ଭିତର ଦେଇ ଆତ୍ମପ୍ରକାଶ କରୁଛି, ଏବଂ ପ୍ରତ୍ୟେକଟି ସ୍ପନ୍ଦନ ପରମେଶ୍ୱରଙ୍କ ପ୍ରକାଶ ପାଇଁ ପୃଥିବୀକୁ ତା'ର ଅଭିବ୍ୟକ୍ତି ଦିଗରେ ଅଧିକରୁ ଅଧିକ ଆଗେଇ ନେଉଛି । ଏହା ଥିଲା ଶାଶ୍ୱତଙ୍କର ସେହି ଅତି ଅଦ୍ଭୁତ ପ୍ରେମର ଦୁର୍ଜୟ ସ୍ପନ୍ଦନରାଶି – କେବଳ ସେହି ଦିବ୍ୟ ପ୍ରେମର । ପ୍ରେମର ସେହି ସ୍ପନ୍ଦନ ପ୍ରତ୍ୟେକ ବାର ଏହି ବିଶ୍ୱକୁ ଈଶ୍ୱରଙ୍କ ପ୍ରକାଶ ଦିଗରେ ଅଧିକରୁ ଅଧିକତର ଆଗେଇ ନେଉଥିଲା ...

ମିଥ୍ୟା ବା ଅସତ୍‌ର ସମସ୍ତ ପରିଣତି ଅନ୍ତର୍ହିତ ହୋଇଗଲା : ମୃତ୍ୟୁ ଥିଲା ଏକ ମାୟା ବା ପ୍ରହେଳିକା, ସମସ୍ତ ରୋଗ ବା ପୀଡ଼ା ମଧ୍ୟ ଥିଲା ଏକ ପ୍ରହେଳିକା, ଅଜ୍ଞାନ ମଧ୍ୟ ଥିଲା ଏକ ପ୍ରହେଳିକା – ଏସବୁର ଆଉ କୌଣସି ବାସ୍ତବତା ନ ଥିଲା, ଅସ୍ତିତ୍ୱ ମଧ୍ୟ ନ ଥିଲା । କେବଳ ଥିଲା ପ୍ରେମ, ପ୍ରେମ, ପ୍ରେମ ଏବଂ ପ୍ରେମ – ଅପ୍ରତୁଳ ପ୍ରେମ ଅତି ଅଦ୍‌ଭୁତ ପ୍ରେମ, ବିଶାଳ ପ୍ରେମ – ଯାହାକି ସବୁକିଛିକୁ ବହନ କରିଥିଲା ।

ଏବଂ ଆମ୍ଭେମାନେ ପୁନଶ୍ଚ ଆମର ଯାତ୍ରାପଥରେ ଅଗ୍ରସର ହେଲୁ – ଏବଂ ଆମର ବିଜୟ ଉପରେ ନିଶ୍ଚିତ ହେଲୁ ।

ଆକାଶ ଥିଲା ସେହି ମହାବିଜୟର ସଙ୍ଗୀତ-ମୂର୍ଚ୍ଛନାରେ ପରିପୂର୍ଣ୍ଣ ।

କେବଳ ସତ୍ୟହିଁ ରହିଛି । ଏହାହିଁ କେବଳ ପ୍ରକାଶିତ ହେବ । ଆଗେଇ ଚାଲ !

ହେ ପ୍ରଭୁ ! ହେ ପରମ ବିଜୟୀ ପ୍ରଭୁ ! ଆମ୍ଭେମାନେ ଆପଣଙ୍କର ମହିମା କୀର୍ତ୍ତନ କରୁଅଛୁ !

ଚିରନ୍ତନୀ

**ଚିରନ୍ତନୀ**

ଶ୍ରୀମାଙ୍କର The Great Adventure A Diary for All Times
ପୁସ୍ତକର ଅନୁବାଦ ।

ପ୍ରଥମ ମୁଦ୍ରଣ ୧୯୯୦
ତୃତୀୟ ଓ ପୂର୍ଣ୍ଣାଙ୍ଗ ସଂସ୍କରଣ ୧୯୯୯
ନବମ ପ୍ରକାଶନ ୨୦୧୧

ଅନୁବାଦ : ମହାପାତ୍ର ନୀଳମଣି ସାହୁ ଓ ପ୍ରସନ୍ନ କୁମାରୀ ଦେବୀ

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ୧୯୯୦, ୧୯୯୯

ପ୍ରକାଶକ
ନବଜ୍ୟୋତି ପ୍ରକାଶନ
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ, ପଣ୍ଡିଚେରୀ - ୬୦୫ ୦୦୨

**CHIRANTANEE** (Oriya)

A Translation of *The Great Adventure – A Diary for All Times*
by the Mother

First edition 1990
Third complete edition 1999
Ninth impression 2011

Translators: Mahapatra Nilamani Sahoo, Prasanna Kumari Devi

Rs 130

ISBN 978-81-7058-808-5

© Sri Aurobindo Ashram Trust 1990, 1999

Published by Navajyoti Publication
A unit of Sri Aurobindo Ashram Publication Department
Pondicherry - 605 002

Printed at Sri Aurobindo Ashram Press, Pondicherry
PRINTED IN INDIA

# ଚିରନ୍ତନୀ

**ଶ୍ରୀମା**

ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ – ୬୦୫ ୦୦୨

Do not take my words for a teaching. Always they are a force in action, uttered with a definite purpose, and they lose their true power when separated from that purpose.

ମୋ କଥାକୁ କଦାପି ଏକ ଶିକ୍ଷୋପଦେଶ ବୋଲି ଗ୍ରହଣ କରିବ ନାହିଁ । କାରଣ ମୁଁ ସେଗୁଡ଼ିକୁ ସବୁବେଳେ ଏକ କ୍ରିୟାଶୀଳ ଶକ୍ତି ରୂପେ ବ୍ୟବହାର କରିଥାଏ, ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ସେଗୁଡ଼ିକୁ ମୁଁ ବ୍ୟକ୍ତ କରିଥାଏ । ଏବଂ ସେହି ଉଦ୍ଦେଶ୍ୟଟିରୁ ସେଗୁଡ଼ିକୁ ବିଚ୍ୟୁତ କରି ପକାଇଲେ ସେଗୁଡ଼ିକର ଅସଲ ଶକ୍ତିଟି ପ୍ରକୃତରେ ନଷ୍ଟ ହୋଇ ଯାଇଥାଏ ।

— ଶ୍ରୀମା